# ଓଡ଼ିଆ

# ଚତୁର୍ଥ ପାଠ୍ୟ-ପୁସ୍ତକ ।

ଜବଲପୁର ମେଲ ନର୍ମ୍ୟାଲ ସ୍କୁଲର
ସୁପରିଣ୍ଟେଣ୍ଡେଣ୍ଟ ପଣ୍ଡିତ ଶ୍ରୀ ବିନାୟକ ରାଓଙ୍କ କୃତ ହିନ୍ଦୀ
ଚତୁର୍ଥ ପାଠ୍ୟ-ପୁସ୍ତକରୁ

ମଧ୍ୟପ୍ରଦେଶୀୟ ଶିକ୍ଷା-ବିଭାଗର ଇନସ୍ପେକ୍ଟର ଜେନରଲ
ଶ୍ରୀଯୁକ୍ତ ବଣ୍ଡାଡବଙ୍କ ଏଲେକଜାଣ୍ଡ୍ରର ମନରୋ ଏମ୍.ଏ.,
ବି: ସି: ଏଲ; ବେରିଷ୍ଟର. ଏଟ-ଲଙ୍କ
ଆଜ୍ଞାନୁସାରେ ଉତ୍କଳ ଭାଷାରେ
ଭାଷାନ୍ତରିତ ।

ମୁନସି ନେଓଲକିଶୋରଙ୍କ ଦ୍ୱାରା ପ୍ରକାଶିତ ।
୧୯୦୧

ପ୍ରଥମ ସଂସ୍କରଣ

କଟକ ମିଶନ ଯନ୍ତ୍ରାଲୟରେ ମୁଦ୍ରିତ ।
୧୯୦୧

# ସୂଚୀପତ୍ର ।


| ପାଠ | ବିଷୟ | ପୃଷ୍ଠା |
|---|---|---|
| ୧ | ଈଶ୍ୱର ସ୍ତବ (ପଦ୍ୟ) | ୧ |
| ୨ | ଶ୍ରୀମତୀ ମହାରାଣୀ ଭିକ୍ଟୋରିୟା | ୪ |
| ୩ | ସିଂହ ଓ ଶଶା | ୬ |
| ୪ | ଗାଈ ବଳଦ | ୯ |
| ୫ | ଐତିହାସିକ ବିଷୟ (୧) | ୧୧ |
| ୬ | ସ୍ୱାସ୍ଥ୍ୟରକ୍ଷା ୭ମ ଭାଗ | ୧୫ |
| ୭ | କୃଷିବିଦ୍ୟା ୭ମ ଭାଗ । ପୁଷ୍ପ | ୧୭ |
| ୮ | ଗ୍ରୀଷ୍ମ, (ପଦ୍ୟ) | ୧୯ |
| ୯ | ସିକନ୍ଦର ଆଉ ପୌରବଙ୍କ ଯୁଦ୍ଧ | ୨୦ |
| ୧୦ | ଜଣେ ବୃଦ୍ଧ ଲୋକ ଓ ତାହାର ବଳଦ | ୨୩ |
| ୧୧ | ଇଉରୋପୀୟ ଲୋକମାନଙ୍କର ବସତମାନ | ୨୫ |
| ୧୨ | ସ୍ୱାସ୍ଥ୍ୟରକ୍ଷା ୮ମ ଭାଗ । ବାୟୁ ପରିଷ୍କରଣ | ୨୮ |
| ୧୩ | କୃଷିବିଦ୍ୟା ୮ମ ଭାଗ । ଉତ୍ତମ ବୀଜ ବା ବିହନ | ୩୦ |
| ୧୪ | ସଦୁପଦେଶ (ପଦ୍ୟ) | ୩୩ |
| ୧୫ | ପବନ ଆଉ ବୃଷ୍ଟି; ୧ମ ଭାଗ । ପବନ | ୩୫ |
| ୧୬ | ବାଲ୍ୟ ଶାସନ | ୩୯ |
| ୧୭ | ମୁଦ୍ରା | ୪୧ |
| ୧୮ | କଲିକତା, ବୋମ୍ବାଇ ଓ ମାନ୍ଦ୍ରାଜ (୧୧) | ୪୩ |
| ୧୯ | ସ୍ୱାସ୍ଥ୍ୟରକ୍ଷା ୯ମ ଭାଗ । ନିଦ୍ରା | ୪୬ |
| ୨୦ | କୃଷିବିଦ୍ୟା ୯ମ ଭାଗ । ବୃକ୍ଷର ଖାଦ୍ୟ | ୪୮ |

| ପାଠ | ବିଷୟ | ପୃଷ୍ଠା |
|---|---|---|
| ୨୧ | ନୀତି ଉପଦେଶ ୧ମ (ପଦ୍ୟ) .. .. | ୫୨ |
| ୨୨ | ଦୁର୍ଗାବତୀ ରାଣୀ .. .. .. .. | ୫୩ |
| ୨୩ | ଇଂରାଜ ରାଜ୍ୟରୁ ଭାରତବର୍ଷର ଲାଭ .. .. | ୫୪ |
| ୨୪ | ଅଖୁ ବା କୁଶାର .. .. .. | ୫୬ |
| ୨୫ | ମାନ୍ଦ୍ରାଜ କର୍ଣ୍ଣାଟକ ଆଉ ଦକ୍ଷିଣ ଦେଶାଧିକାର .. | ୫୯ |
| ୨୬ | ସ୍ୱାସ୍ଥ୍ୟରକ୍ଷା ୧୦ମ ଭାଗ । ଗୃହ ପରିଷ୍କରଣ .. | ୬୩ |
| ୨୭ | କୃଷିବିଦ୍ୟା ୧୦ମ ଭାଗ । ବୃକ୍ଷର ଖାଦ୍ୟ .. .. | ୬୫ |
| ୨୮ | ନୀତି ଉପଦେଶ ୨ୟ (ପଦ୍ୟ) .. .. .. | ୬୮ |
| ୨୯ | ଘୋଡ଼ା .. .. .. .. | ୬୯ |
| ୩୦ | ପବନ ଏବଂ ବୃଷ୍ଟି ; ୨ୟ ଭାଗ .. .. | ୭୨ |
| ୩୧ | କ୍ରୋଧ ଦମନ .. .. .. .. | ୭୬ |
| ୩୨ | ବଙ୍ଗ ଦେଶ .. .. .. .. | ୭୮ |
| ୩୩ | ସ୍ୱାସ୍ଥ୍ୟରକ୍ଷା ୧୧ଶ ଭାଗ । .. .. .. | ୮୨ |
| ୩୪ | କୃଷିବିଦ୍ୟା ୧୧ଶ ଭାଗ । ଶସ୍ୟର ପୁଷ୍ଟି-ରକ୍ଷା .. | ୮୬ |
| ୩୫ | ପାଠ ନୀତି ଉପଦେଶ ୩ୟ (ପଦ୍ୟ) .. .. | ୮୯ |
| ୩୬ | ଇନ୍ଦ୍ରଧନୁ .. .. .. .. | ୯୦ |
| ୩୭ | ସତ୍ୟତା .. .. .. .. | ୯୨ |
| ୩୮ | ଲବଙ୍ଗ ଓ ଏଲାଇଚ .. .. .. | ୯୫ |
| ୩୯ | ରାଜ୍ୟ ଶାସନ .. .. .. .. | ୯୬ |
| ୪୦ | ସ୍ୱାସ୍ଥ୍ୟରକ୍ଷା ୧୨ଶ ଭାଗ । ରୋଗ .. .. | ୧୦୧ |
| ୪୧ | କୃଷିବିଦ୍ୟା ୧୨ଶ ଭାଗ । କୃଷକର ଅସ୍ତ୍ରଶସ୍ତ୍ର .. | ୧୦୫ |
| ୪୨ | ନୀତି ଉପଦେଶ ୪ର୍ଥ (ପଦ୍ୟ) .. .. | ୧୧୧ |
| ୪୩ | ସ୍ଥିର କାଉଁର ଦ୍ୱାର .. .. .. | ୧୧୨ |

| ପାଠ | ବିଷୟ | ପୃଷ୍ଠା |
|---|---|---|
| ୪୪ | ରାଜମଣ୍ଡଳ ବା ରାଜରାଣୀ ସମ୍ରାଜ୍ଞୀଙ୍କ ଦରବାର .. | ୧୧୪ |
| ୪୫ | ଏକେଶ୍ୱର ଉପାସନା .. .. .. | ୧୧୬ |
| ୪୬ | ଉଏଲସନ୍ .. .. .. .. | ୧୧୯ |
| ୪୭ | ସ୍ୱାସ୍ଥ୍ୟରକ୍ଷା ୧୩ଶ ଭାଗ । ହାଇଜା ବା ଓଲାଉଠା .. | ୧୨୩ |
| ୪୮ | କୃଷିବିଦ୍ୟା ୧୩ଶ ଭାଗ । କୃଷକର ପଶୁରକ୍ଷା .. | ୧୨୬ |
| ୪୯ | ମଧ୍ୟପ୍ରଦେଶର ଆଦିମନିବାସୀ .. .. | ୧୨୯ |
| ୫୦ | ସୌର ଜଗତ .. .. .. .. | ୧୩୧ |
| ୫୧ | ଲର୍ଡ ଉଇଲିୟମ ବେଣ୍ଟିଙ୍କ ଓ ଲର୍ଡ ଡେଲହାଉସୀ .. | ୧୩୩ |
| ୫୨ | ସ୍ୱାସ୍ଥ୍ୟରକ୍ଷା ୧୪ଶ ଭାଗ । ମାତା ବା ବସନ୍ତ ରୋଗ .. | ୧୩୮ |
| ୫୩ | କୃଷିବିଦ୍ୟା ୧୪ଶ ଭାଗ । ଗୌନ୍ତିୟା ଓ ପ୍ରଜା ସମ୍ବନ୍ଧୀୟ ଆଇନ ବା ବ୍ୟବସ୍ଥା .. .. .. | ୧୪୦ |
| ୫୪ | ବିଦ୍ୟା (ପଦ୍ୟ) .. .. .. .. | ୧୪୯ |
| ୫୫ | କୋଲମ୍ବସ .. .. .. .. | ୧୫୨ |
| ୫୬ | ଆକସ୍ମିକ ଘଟଣା .. .. .. | ୧୫୫ |
| ୫୭ | କାଳିଦାସ .. .. .. .. | ୧୫୮ |
| ୫୮ | ସନ ୧୮୫୭ ଇ ର ଯୁଦ୍ଧ ବା ସିପାହୀ ବିଦ୍ରୋହ .. | ୧୬୧ |
| ୫୯ | କପଟର ଫଳ ବିନାଶ .. .. .. | ୧୬୫ |
| ୬୦ | ଅହଲ୍ୟାବାଈ .. .. .. .. | ୧୬୬ |
| ୬୧ | ବଟ ବୃକ୍ଷ .. .. .. .. | ୧୭୦ |
| ୬୨ | ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ . .. | ୧୭୨ |
| ୬୩ | ପତ୍ର ଲେଖନ .. .. .. .. | ୧୭୫ |
| ୬୪ | ଆଦର୍ଶ ପତ୍ରମାନ ୧ମ .. .. .. | ୧୮୦ |
| ୬୫ | ପତ୍ର ଆଦର ଆଦର୍ଶ ୨ୟ .. .. .. | ୧୮୩ |

| ପାଠ | ବିଷୟ | ପୃଷ୍ଠା |
|---|---|---|
| ୬୬ | ବେଦ ଏବଂ ଭାରତବର୍ଷ ଇତିହାସର ବୈଦିକ ସମୟ .. | ୧୮୬ |
| ୬୭ | ମ୍ୟାକ୍ସମୁଲର । ଭୂମିକା .. .. .. | ୧୯୦ |
| ୬୮ | ମ୍ୟାକ୍ସମୁଲର । ୧ମ ଭାଗ । .. .. .. | ୧୯୫ |
| ୬୯ | ମ୍ୟାକ୍ସମୁଲର । ୨ୟ ଭାଗ । .. .. .. | ୧୯୮ |
| ୭୦ | ମ୍ୟାକ୍ସମୁଲର । ୩ୟ ଭାଗ । କପର୍ଦ୍ଦୀ ଓ ସତ୍ୟପରାୟଣ ମିତ୍ର | ୨୦୨ |
| ୭୧ | ପୁରାତନ ବୈଦିକ ଓ ବ୍ରାହ୍ମଣିକ ଯୁଗ .. .. | ୨୦୫ |
| ୭୨ | ବୌଦ୍ଧଧର୍ମ .. .. .. .. | ୨୧୨ |

# ଚତୁର୍ଥ ପାଠ୍ୟ-ପୁସ୍ତକ ।

## ପାଠ ୧ ।

### ଈଶ୍ୱର-ସ୍ତବ ।

ଧନ୍ୟ ୨ ବିଭୋ! ଧନ୍ୟ ତୋ ମହିମା, ଧନ୍ୟ ତୁ ସୃଷ୍ଟି କାରଣ;
ଆମ୍ଭ ହିତ ଅର୍ଥେ, କୃପା କରି ନାଥ କଲୁ ବିଶ୍ୱ ସରଜନ । ୧ ।
ତୋର ଆଦେଶରେ, କ୍ଷିତି, ଜଳ, ନଭ, ପବନ, ପାବକ ଆଦି;
ସୃଷ୍ଟି ହୋଇ କେତେ, ସୁଖ ଦେଉଛନ୍ତି, ନିଜ ୨ କାର୍ଯ୍ୟ ସାଧି । ୨ ।
ତୋହ୍ର କରୁଣାରେ, ଅକିଞ୍ଚନ ହୁଏ, କ୍ଷଣକେ ବିଭବବାନ;
ଦାସ ହୁଏ ନୃପ, ନୃପ ହୁଏ ଦାସ, ତୃଣ ହୁଅଇ ପାଷାଣ । ୩ ।
ତୋର ପରସାଦେ, କେତେ ଚନ୍ଦ୍ର-ସୂର୍ଯ୍ୟ, କୋଟି ତାରା ବ୍ୟୋମଦେଶେ;
ଭ୍ରମି ୨ ନିତ, ପ୍ରଭା ବିକାଶନ୍ତି, ବିରତ ନ ହୋଇ ଲେଶେ । ୪ ।
ହୋଇ ପାରେ ତୋର, ଆଦେଶ ମାତ୍ରକେ, ମହୋଦଧି କ୍ଷୀଣ ସର;
ଧନଦ କୃପଣ, କୃପଣ ଧନଦ, କ୍ରୂରହିଁ ଦୟାଳୁ ବର । ୫ ।
ବୃଷ୍ଟି ବାରି ଧାରା, ବ୍ୟୋମ-ରାଜି ତାରା, ଅତି ସୂକ୍ଷ୍ମ ରଜୋରାଶି;
କଳି ପାରୁ ତୁହି, କ୍ଷଣକ ଭିତରେ, ପାରୁ ତୁ ଏ ବିଶ୍ୱ ନାଶି । ୬ ।
ତୋର ପ୍ରସାଦରେ, ଅଶେଷ ସମ୍ପଦ, ଚରଣ ତଳେ ଲୋଟଇ;
ତୋର କୃପା ବିନା, ଶତ ଉଦ୍ୟମରେ, କପର୍ଦ୍ଦକ ନ ମିଳଇ । ୭ ।
ଯେତେ ବୁଦ୍ଧିମନ୍ତ, ବିଦ୍ୟା କୁଳବନ୍ତ, ହେଉ ନା କାହିଁକି ନର;
ତୋ କୃପା ନୋହିଲେ, ନିତ ଲଭୁ ଥାଇ, ସବୁଠାରେ ଅନାଦର । ୮ ।
ଚରାଚର ତୋର, କୀର୍ତ୍ତି ପଟଳରେ ମୁଗ୍ଧ ହୋଇ ପ୍ରୀତ ମନେ;
ପରଶଂସା ଗୀତ, ଗାଇ ନିତ୍ୟ ୨, ପ୍ରେମେ ବନ୍ଦେ ତୋ ଚରଣେ । ୯ ।

ତୋ କୀର୍ତ୍ତି ପଠଳ, ପକ୍ଷିଚୟ ନିତ, ଗାଆନ୍ତି ମଧୁର ତାନେ ;
ନଦୀ ଝର ସବୁ, କଲ୨ ଶବ୍ଦେ, ମଣ୍ଡିଥାନ୍ତି ତୋର ଗାନେ । ୧୦ ।
ତୋ ଯଶଃ ସୌରଭ, ମଳୟ ପବନ, ସଧୀରେ କରୁ ବହନ ;
ଏ ବିଭୁ-ପ୍ରସାଦ, ବୋଲି ଆନନ୍ଦରେ, କରେ ବିଶ୍ୱେ ବିତରଣ । ୧୧ ।
ନୀଳାକାଶେ ଘନ, ଗରଜନ ଛଳେ, କରେ ତୋ କୀର୍ତ୍ତି ଗାୟନ ;
ତରୁ, ଲତା, ପୁଷ୍ପ, ବିଚିତ୍ର କୀର୍ତ୍ତି ତୋ, କରୁଥାନ୍ତି ପ୍ରକଟନ । ୧୨ ।
ତୋ ଚିତ୍ର କୀରତ, ଶୁଣି୨ ନିତ, ପ୍ରେମ ଭକ୍ତ ହୃଦୟରେ ;
ଭକ୍ତ ଜନମାନେ, ଅବଗାହୁ ଥାନ୍ତି, ମହାନନ୍ଦ-ସରୋବରେ । ୧୩ ।
ତୋ 'ପ୍ରେମେ ଆପ୍ଳୁତ, ହୋଇ ଧନ୍ୟ ଦେଏ, ପୁଷ୍ପାଞ୍ଜଳି ଶ୍ରୀପଦ୍ମରେ ;'
ହେ କରୁଣା ନିଧେ !, ତୋ ପଦ କଞ୍ଜରେ, ନମଇଁ ମୁଁ ଭକ୍ତିଭରେ । ୧୪ ।
ଭଜ ଶିଶୁଗଣ, ବିଭୁ ଶ୍ରୀଚରଣ, ଜୀବନ ସାର୍ଥକ ହେବ ;
ସକଳ ଦୁଷ୍କୃତ, ନାଶନେ ନିପୁଣ, ସେହି ଏକମାତ୍ର ଦେବ । ୧୫ ।
କଲି ସମର୍ପଣ, ଆଜ ଏ ଜୀବନ, ତୋ ପଦେ ବିପଦହାରୀ ;
ରଖ୨ ବିଭୋ ! ଏ ଅଧମ ଜନେ, ପାପ ତାପରୁ ଉଦ୍ଧାରି । ୧୬ ।

## ପାଠ ୨ ।



# ଶ୍ରୀମତୀ ମହାରାଣୀ ଭିକ୍ଟୋରିୟା ।

ଶ୍ରୀମତୀ ମହାରାଣୀ ଭିକ୍ଟୋରିୟା ଇଂଲଣ୍ଡ ରାଜ ତୃତୀୟ ଜର୍ଜଙ୍କ ଚତୁର୍ଥ ପୁତ୍ର ଡ୍ୟୁକ୍ ଅଫ୍ କେଣ୍ଟ୍ ଏଡୱାର୍ଡଙ୍କ ଏକମାତ୍ର ଦୁହିତା ଅଟନ୍ତି । ସେ ସନ ୧୮୧୯ ସାଲର ତା ୨୪ ରଖ ମଯି ମାସରେ ପୃଥିବୀରେ ଅବତୀର୍ଣ୍ଣ ହେଲେ ଏବଂ ତାହାଙ୍କ ପିତୃବ୍ୟ ଚତୁର୍ଥ ଉଇଲିୟମଙ୍କ ଅନ୍ତେ ସନ ୧୮୩୭ ଇସବୀରେ ଇଂଲଣ୍ଡର ରାଜସିଂହାସନୋପରି ବିରାଜିତା ହେଲେ । ତଦ୍‌ବଧି ପ୍ରତିବର୍ଷ ତା ୨୪ ରଖ ମଯି ମାସରେ ତାହାଙ୍କ ଜନ୍ମୋପଲକ୍ଷେ "ଈଶ୍ୱର ମହାରାଣୀଙ୍କୁ ରକ୍ଷା କରନ୍ତୁ" ଏହି ପ୍ରାର୍ଥନା ସମସ୍ତ ଇଂରେଜ ରାଜ୍ୟରେ ଘୋଷିତ ହେଉଅଛି ।

ସନ ୧୮୪୦ ଇସବୀରେ ଗୁଣ ଓ ସ୍ୱଭାବରେ ପ୍ରଶଂସନୀୟ ଜର୍ମନୀ ଦେଶାନ୍ତର୍ଗତ ଗୋଟିଏ ରାଜ୍ୟର ରାଜକୁମାର "ପ୍ରିନ୍‌ସ ଆଲବର୍ଟ" ଏହି ମହାରାଣୀଙ୍କ ପାଣି ଗ୍ରହଣ କଲେ । ଉକ୍ତ ରାଜକୁମାର ରାଜ ନୈତିକ ଦଳରୁ ଅନ୍ତର ଥିଲେହେଁ ମହାରାଣୀଙ୍କୁ କଠିନ୨ ବିଷୟ ସବୁରେ ସଦୁପଦେଶ ଦେବାରେ ତ୍ରୁଟି କରୁ ନ ଥିଲେ ।

ମହାରାଣୀଙ୍କ ନଅ ଗୋଟି ସନ୍ତାନ ମଧ୍ୟରୁ ୪ ଗୋଟି ପୁତ୍ର ଏବଂ ୫ ଗୋଟି ଦୁହିତା ଥିଲେ । ଜ୍ୟେଷ୍ଠ ଦୁହିତା ଭିକ୍ଟୋରିୟା ପ୍ରସିୟା ଯୁବରାଜଙ୍କ ପତ୍ନୀ ହୋଇଅଛନ୍ତି ; ଦ୍ୱିତୀୟ ଦୁହିତା ଏଲିସ୍ ଅକାଳରେ ଇହ ସଂସାର ପରିତ୍ୟାଗ କରି ସ୍ୱର୍ଗାରୋହଣ କରିଅଛନ୍ତି ; ଶେଷ ତିନି ଦୁହିତାଙ୍କ ନାମ କ୍ରମରେ ହେଲେନା, ଲୁଇସୀ, ଏବଂ ବିଯେଟ୍ରିସ୍ ଅଟେ ।

ଓଏଲ୍‌ସ ଯୁବରାଜ ଏଲବର୍ଟ ଏଡୱାର୍ଡ ସିଂହାସନର ଭାବୀ ଉତ୍ତରାଧିକାରୀ ଅଟନ୍ତି । ସେ ସନ ୧୮୪୧ ଇସବୀରେ ଜନ୍ମ ଗ୍ରହଣ କରି ସନ ୧୮୬୩ ଇସବୀରେ ଡେନ୍‌ମାର୍କର ରାଜକନ୍ୟା ଏଲେକଜେଣ୍ଡ୍ରାଙ୍କ ସହିତ ପରିଣୟ ସୂତ୍ରରେ ବଦ୍ଧ ହେଲେ । ଦ୍ୱିତୀୟ ପୁତ୍ରର ନାମ ଡ୍ୟୁକ୍ ଅଫ୍ ଏଡିନ୍‌ବରା ଏବଂ

ଅବଶିଷ୍ଟ ଦୁଇ ପୁତ୍ର ଅର୍ଥର ଓ ଲିଓପୋଲ୍ଡ ନାମରେ ପ୍ରସିଦ୍ଧ । କିନ୍ତୁ ସର୍ବ କନିଷ୍ଠ ପୁତ୍ର ଲିଓପୋଲ୍ଡ ସନ୍ ୧୮୮୪ ଇସବୀରେ ପରଲୋକ ଗମନ କଲେ । ବର୍ତ୍ତମାନ ରାଜକୁମାର ଏଥି ଭାରତବର୍ଷକୁ ଶୁଭାଗମନ କରି ଏହି ଦେଶବାସିଙ୍କୁ କୃତାର୍ଥ କରି ଦେଇଅଛନ୍ତି ।

ଲଣ୍ଡନରେ ମହାରାଣୀଙ୍କ ବାସସ୍ଥାନ ବକିଂହମର ରାଜପ୍ରାସାଦ ; ପରନ୍ତୁ ବିଚାରାଳୟ ରହିବା ସରକାରୀ ସ୍ଥାନ ସେଣ୍ଟ ଜେମ୍ସ ବୋଲି ପ୍ରସିଦ୍ଧ । ତାଙ୍କ ସମସ୍ତ ପ୍ରାସାଦମାନଙ୍କ ମଧ୍ୟରୁ ଉଇଣ୍ଡସର୍ ରାଜଭବନ ସର୍ବୋତ୍କୃଷ୍ଟ ବୋଲି ଗଣ୍ୟ ହୋଇଅଛି ; ତାହା ଲଣ୍ଡନରୁ ୨୩ ମାଇଲ ଦୂରରେ ଅବସ୍ଥିତ । ସ୍କଟଲଣ୍ଡରେ ବାଲମୋରର୍ ନାମକ ମହଲରେ ରାଜଦମ୍ପତି ମହାନନ୍ଦରେ କାଳାତିପାତ କରୁଥିଲେ । "ଉଚ୍ଚ ପ୍ରଦେଶରେ ଆମ୍ଭର ଜୀବନର ରୋଜ-ନାମଚାରୁ କେତେକ ପତ୍ର" ନାମକ ପୁସ୍ତକରେ ମହାରାଣୀ ଏହି ସ୍ଥାନକୁ ସୁଖକର ସ୍ଥାନ ବୋଲି ବର୍ଣ୍ଣନ କରିଅଛନ୍ତି । ଏହି ପୁସ୍ତକ ସୁସଙ୍ଗତ ଥିବା ବଶତଃ ସେ ଜଣେ ଇଂଲଣ୍ଡୀୟ ଗ୍ରନ୍ଥକାର ମଧ୍ୟରେ ଗଣନୀୟ ହୋଇ-ଅଛନ୍ତି । ତାଙ୍କର ପତି ସନ୍ ୧୮୬୧ ଇସବୀରେ ମାନବଲୀଳା ସଂବରଣ କଲେ ।

ଶ୍ରୀମତୀ ମହାରାଣୀ ଈଶ୍ୱରଙ୍କ କୃପାରୁ ଯେତେ କାଳ ରାଜ୍ୟଭୋଗ କରି-ଅଛନ୍ତି, ଏତେ ଦୀର୍ଘକାଳ କୌଣସି ଇଂରେଜ ରାଜା ବା ରାଣୀ ରାଜ୍ୟଭୋଗ କରି ନାହାନ୍ତି । ଜୁନ ସନ୍ ୧୮୯୭ ଇସବୀରେ ଏହାଙ୍କର ରାଜତ୍ୱର ୬୦ ବର୍ଷ ପୂର୍ଣ୍ଣ ହେଲା ।

ସେ କେବଳ କ୍ଷୁଦ୍ର ଇଂଲଣ୍ଡର ଅଧିକାରିଣୀ ଥିଲେ ; କିନ୍ତୁ ବର୍ତ୍ତମାନ ତାଙ୍କର ରାଜ୍ୟ ଏତେ ବୃଦ୍ଧି ହୋଇଅଛି ଯେ ତାଙ୍କ ଅଧିକାର ମଧ୍ୟରେ ସୂର୍ଯ୍ୟ କେବେ ଅସ୍ତମିତ ହେଉ ନାହାନ୍ତି । ଏହି ସବୁ ପ୍ରତାପ ଇଂରେଜମାନଙ୍କ ଶୂରତା, ପ୍ରଖର ବୁଦ୍ଧି, ବିଦ୍ୟା, ନାବିକଶକ୍ତି ଏବଂ ରାଜ୍ୟ ଶାସନର ଯୋଗ୍ୟ-ତାରୁ ଘଟିଅଛି । ବର୍ତ୍ତମାନ ପ୍ରାୟ ୩୩ କୋଟି ନରନାରୀ ମହାରାଣୀଙ୍କ

ଅନ୍ଧକାରରେ ଅଛନ୍ତି । ସେମାନେ ଯେ କପଟ ସୁଖରେ କାଳଯାପନ କରୁଅଛନ୍ତି ତାହା, ଇତିହାସ ସାକ୍ଷ୍ୟ ପ୍ରଦାନ କରୁଅଛି । ଈଶ୍ୱର ଭାରତ-ବାସିଙ୍କୁ ଏପରି ନ୍ୟାୟଶୀଳା ରାଜ୍ଞୀଙ୍କର ଅଧୀନ କରିଅଛନ୍ତି ଏହା ସେମାନଙ୍କର ସୌଭାଗ୍ୟର ବିଷୟ ବୋଲି ବୁଝିବାକୁ ହେବ । ଏଣୁକରି ଭାରତବାସିଙ୍କୁ ଶ୍ରୀମତୀ ମହାରାଣୀଙ୍କ ଆୟୁ ଏବଂ ରାଜ୍ୟ-ବୃଦ୍ଧି ନିମନ୍ତେ ଅହ-ରହ ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଉଚିତ । ଏହି ହିନ୍ଦୁସ୍ଥାନର ରାଜ୍ୟଶାସନ ପ୍ରଥମରେ କୋମ୍ପାନିମାନଙ୍କ ହସ୍ତରେ ନ୍ୟସ୍ତ ଥିଲା । ତଦୁତ୍ତାରେ ସନ୍ ୧୮୫୮ ଇସବୀରେ ମହାରାଣୀ ନିଜ ହସ୍ତରେ ବହନ କଲେ । ସନ୍ ୧୮୭୭ ଇସବୀରେ ଦିଲ୍ଲିରେ ଗୋଟିଏ ବଡ଼ ଦରବାର ହୋଇଥିଲା, ସେହି ସମୟଠାରୁ ସେ ଭାରତବର୍ଷର ରାଜରାଜେଶ୍ୱରୀ ପଦ ଧାରଣ କଲେ ।

ସେ ଅମ୍ଭମାନଙ୍କ ଦେଶକୁ ସୁନିୟମରେ ଚଳାଉଥିବାରୁ ଅମ୍ଭମାନଙ୍କର ଯେ କି ଲାଭ ହୋଇଅଛି ତାହା, ଏହି ପୁସ୍ତକର ୨୪ ଓ ୭୯ ପାଠ ପଠନ କଲେ ସ୍ପଷ୍ଟରୂପେ ଜଣାପଡ଼ିବ ।

---

## ପାଠ ୩ ।


## ସିଂହ ଓ ଶଶ ।

ମନ୍ଦର ନାମକ ପର୍ବତରେ ଗୋଟିଏ ସିଂହ ବାସ କରୁଥିଲା । ସେ ସର୍ବଦା ପଶୁମାନଙ୍କୁ ମାରି ଭକ୍ଷଣ କରୁଥାଏ । ଏକ ସମୟରେ ସିଂହକୁ ପ୍ରସନ୍ନ କରିବା ପାଇଁ ସମସ୍ତ ପଶୁ ଏକତ୍ର ହୋଇ ତାହା ପାଖକୁ ଯାଇ କହିଲେ; "ମହାରାଜ ! ଆପଣ ଅମ୍ଭମାନଙ୍କୁ ଏପରି କାହିଁକି ମାରି ପକାଉଅଛନ୍ତି ? ଯଦ୍ୟପି ଆପଣଙ୍କର ସମ୍ମତି ହୁଏ, ତେବେ ଆପଣଙ୍କର ଖାଦ୍ୟ ନିମନ୍ତେ ପ୍ରତିଦିନ ଗୋଟିଏ ଲେଖାଏଁ ପଶୁ ଦେବୁଁ ।" ସିଂହ ଏହା ଶୁଣି କହିଲା,

ଯେବେ ତୁମ୍ଭମାନଙ୍କର ଏପରି ଇଚ୍ଛା ଥାଏ, ତେବେ ଭଲ । ସେହି ଦିନଠାରୁ ଏହି ନିୟମ ଅନୁସାରେ ପ୍ରତ୍ୟହ ସିଂହର ଆହାର ପାଇଁ ଗୋଟିଏ ୨ ବୃଦ୍ଧ, ଦୁଃଖୀ ବା ସ୍ତ୍ରୀ ପୁତ୍ର ବିହୀନ ପଶୁ ତାହା ନିକଟକୁ ପଠା ଯାଉଥିଲେ । ଦୈବଯୋଗରେ ଦିନେ ଗୋଟିଏ ବୃଦ୍ଧ ଶଶାର ପାଳି ପଡିଲା । ସେ ଅତି ଦୁଃଖିତ ହୋଇ ଆପଣା ମନରେ ଏପରି ବିଚାର କଲା ଯେ ଲୋକେ ପ୍ରାଣ ଭୟରେ ଅନ୍ୟର ଅଧୀନତା ସ୍ୱୀକାର କରି ତାହାଙ୍କର ମିଥ୍ୟା ପ୍ରଶଂସା, ଓ ସେବା କରନ୍ତି; ମାତ୍ର ଯେଉଁମାନେ ମରଣକୁ ଶଙ୍କା କରନ୍ତି ନାହିଁ, ସେମାନେ କାହାକୁ ଭୟ ନ କରି ଆପଣା ୨ ଇଚ୍ଛାନୁସାରେ କାର୍ଯ୍ୟ କରନ୍ତି । ଏଣୁ ଯେବେ ସିଂହ ହସ୍ତରେ ମୋର ମରିବାର ନିଶ୍ଚୟ, ତେବେ ବିଳମ୍ବ କରି ଧୀରେ ୨ ତାହା ପାଖକୁ ନ ଯିବି ବା କାହିଁକି? ପ୍ରସନ୍ନ ହେଲେ ସୁଦ୍ଧା ମୋହୋର ପ୍ରାଣ ରକ୍ଷିତ ହେବ ନାହିଁ । ଅବଶେଷରେ ଶଶା ଏହି ବିଚାର ସ୍ଥିର କରି ବହୁତ ବିଳମ୍ବରେ ସିଂହ ନିକଟରେ ପ୍ରବିଷ୍ଟ ହୋଇ ଦେଖିଲା, ଯେ ପଶୁରାଜ କ୍ଷୁଧାରେ ଅତି ବ୍ୟାକୁଳ । ସିଂହ ଶଶାକୁ ଦେଖିଲାକ୍ଷଣି କ୍ରୋଧଭରରେ କହିଲା, "ରେ ଶଶା! ତୁ କାହିଁକି ଏତେ ବିଳମ୍ବ କଲୁ ? ମୁଁ ଅରଣ୍ୟର ରାଜା ଅଟେଁ; ଏହା କି ତୋତେ ଜଣା ନାହିଁ?" ଶଶା କୃତାଞ୍ଜଳି-ପୁଟରେ ଉତ୍ତର କଲା, "ମହାରାଜ! ଏଥିରେ ମୋର ତିଳେ ମାତ୍ର ଦୋଷ ନାହିଁ । ମୁଁ ବଡ କଷ୍ଟରେ ଏତିକି ଦୂର ଆସିଅଛି, କାରଣ ଆସିବାବେଳେ ମାର୍ଗରେ ଆପଣଙ୍କ ତୁଲ୍ୟ ଗୋଟିଏ ସିଂହ ସହିତରେ ସାକ୍ଷାତ ହେଲା; ସେ କହିଲା, 'ମୁଁ କେବଳ ଅରଣ୍ୟର ରାଜା ଅଟେଁ ।' ସେ ଏପରି କହିଲାରୁ ମୁଁ ତାହାଠାରେ ଏହା ସ୍ୱୀକାର କରି ଏଠାକୁ ଆସିଅଛି କି ଆପଣଙ୍କୁ ସକଳ ବୃତ୍ତାନ୍ତ ଜ୍ଞାତ କରାଇ ତାହା ପାଖକୁ ପୁନଶ୍ଚ ଫେରିଯିବି । ଏ ବିଷୟରେ ଶପଥ କଲାରୁ ସେ ମୋତେ ଏଠାକୁ ଆସିବାକୁ ଦେଲା । ଏଣୁ କରି ଏବେ ମୁଁ ଯାଉଅଛି, କାରଣ ମୋତେ ଆପଣାର ସତ୍ୟପାଳନ କରିବାକୁ ହେବ ।" ଏ କଥାରେ ସିଂହ ଅତ୍ୟନ୍ତ ରାଗାନ୍ୱିତ ହୋଇ

କହିଲା, "ଚାଲ, ମୋତେ ସେହି ସିଂହକୁ ଦେଖାଅ ; ତାହାକୁ ଏପରି ଏକ ଚାପୁଡା ମାରିବି ଯେ ସେହିକ୍ଷଣି ତାହାର ପ୍ରାଣନାଶ ହେବ ।" ଶଶା କହିଲା, "ସେହି ସିଂହ ଆପଣଙ୍କ ସଦୃଶ । ଅତଏବ ଆପଣ ବିଶେଷ ବିଚାର କରି ଚାଲନ୍ତୁ ।" ଏଥିରେ ସିଂହ ପ୍ରତିଜ୍ଞା କରି କହିଲା, "ଚିନ୍ତା କର ନାହିଁ ।" ଶଶା ଏହା ଶୁଣି ସିଂହକୁ ଗୋଟିଏ ଗଭୀର କୂପ ପାଖକୁ ନେଇ ଯାଇ ଠିଆ କରି କହିଲା, ମହାରାଜ ! ଆପଣଙ୍କୁ ଦେଖି ଏହି କୂପ ଭିତରେ ସେହି ସିଂହ ଚୋର ପରି ଲୁଚି ରହିଅଛି । ଏବେ ଆପଣ ଦେଖନ୍ତୁ, ମୁଁ ସତ୍ୟ କହୁଥିଲି କି ମିଥ୍ୟା କହୁଥିଲି । ସିଂହ କୂପ ଭିତରକୁ ଦୃଷ୍ଟି ନିକ୍ଷେପ କଲାକ୍ଷଣି ତାକୁ ତାହାର ପ୍ରତିବିମ୍ବ ସେହି କୂପ ପାଣିରେ ଦୃଶ୍ୟ ହେଲା । ଅନନ୍ତର ସିଂହ ଘୋର ନାଦରେ ତର୍ଜ୍ଜନ ଗର୍ଜ୍ଜନ କରିବାରୁ କୂପ ଭିତରେ ମଧ୍ୟ ସେହିପରି ଶବ୍ଦ ଶୁଣାଗଲା । ଏଥିରୁ ସିଂହ ଜାଣିଲା ଯେ ଅବଶ୍ୟ ଆଉ ଏକ ସିଂହ ଅଛି, ଏହାର ସହିତ ଯୁଦ୍ଧ କରିବା ଉଚିତ ; ଏହି ଅଭି-ପ୍ରାୟରେ ମାନ ମଦରେ ଓ ସ୍ୱୀୟ ଶକ୍ତିର ପ୍ରଭାବରେ କୂପକୁ ଡେଇଁ ପଡିଲା ଏବଂ ତତ୍କ୍ଷଣାତ୍ ପ୍ରାଣତ୍ୟାଗ କଲା । ଏହାର ତାତ୍ପର୍ଯ୍ୟ ଏହି କି ବୁଦ୍ଧି ସମକ୍ଷରେ ଶକ୍ତିର ଆବଶ୍ୟକ ହୁଏ ନାହିଁ । "ବୁଦ୍ଧି ଯାହାର ବଳ ତାହାର ।"

## ପାଠ ୪ ।



### ଗାଈ ବଳଦ ।

ଏହି ପଶୁ ରୋମନ୍ଥକାରୀ ଜୀବନମାନଙ୍କର ଶ୍ରେଣୀଭୁକ୍ତ ଅଟନ୍ତି । ଏମାନେ ଜଙ୍ଗଲରେ ସ୍ୱତନ୍ତ୍ର ଭାବରେ ଅଳ୍ପ ମିଳନ୍ତି । ରୁଶିଆ, ଅଫ୍ରିକା, ଅମେରିକା, କକେଶସ ପର୍ବତ ଓ ଭାରତବର୍ଷର ଅରଣ୍ୟମାନଙ୍କରେ କେତେକ ପ୍ରକାର ଅରଣ୍ୟ ମହିଷ ମିଳନ୍ତି । ପାଳିତ ଗାଈ ବଳଦ ସବୁ ବହୁଧା ଶାନ୍ତସ୍ୱଭାବ ବିଶିଷ୍ଟ ଏବଂ ବିବିଧ ରଙ୍ଗର ଅଟନ୍ତି । ଏମାନଙ୍କର ଦୁଇ ୨ ଗୋଟି ସଳଖ ବା ବକ୍ର ଶୃଙ୍ଗ ଥାଏ । ଏବଂ ଶୃଙ୍ଗର ପଶ୍ଚାଦ୍ଭାଗରେ ଦୁଇଗୋଟି ପ୍ରଶସ୍ତ କର୍ଣ୍ଣ ଥାଏ । ସେମାନଙ୍କର ଗଳଦେଶର ନିମ୍ନଭାଗରେ ଖଣ୍ଡିଏ ପାତଳ ଚର୍ମ ଝୁଲୁଥାଏ; ଏହାକୁ କମଳ କହନ୍ତି । ଏମାନଙ୍କର ପୁଚ୍ଛ ଦୀର୍ଘ ଓ ତାହାର ଶେଷରେ କେଶର ଗୋଟିଏ ଗୁଚ୍ଛ ଥାଏ । ଭାରତବର୍ଷର ବଳଦମାନଙ୍କର ସ୍କନ୍ଧଦେଶରେ ଗୋଟିଏ ମାଂସପିଣ୍ଡ ଥାଏ,

ତାହାକୁ କୁବ୍ଜ ବା କୁଜ କହନ୍ତି । ଏପ୍ରକାର କୁଜ ପ୍ରାୟ ଅନ୍ୟାନ୍ୟ ଦେଶର ବଳଦମାନଙ୍କର ଥାଏ ନାହିଁ ।

ଗାଭିର ଶବ୍ଦକୁ ହମ୍ବାରବାର ଏବଂ ବଳଦର ଶବ୍ଦକୁ ଗୁଗ୍ରାଇବାର କହନ୍ତି । ବନ୍ୟବଳଦ ବଡ଼ ଦୁଷ୍ଟ ସ୍ୱଭାବବିଶିଷ୍ଟ ଅଉ ସବୁବେଳେ ଘାତ କରିବାକୁ ତତ୍ପର ଥାଏ । ଅଧିକ କ୍ରୋଧାବିଷ୍ଟ ହେଲେ ପରସ୍ପରରେ ଅନ୍ୟ ବଳଦ ସହିତ ଯୁଦ୍ଧ କରେ । ଏହି ପଶୁ ଘାସ ଓ ବୃକ୍ଷମାନଙ୍କର ପତ୍ର ଖାଇ ଉଦର ପୋଷଣ କରେ । ଅନ୍ୟାନ୍ୟ ରୋମନ୍ଥକାରୀ ପଶୁ-ମାନଙ୍କ ପରି ଏମାନଙ୍କ ପାକସ୍ଥଳିରେ ମଧ୍ୟ ଚାରିଗୋଟି ମୁଣା ଅଛି । ସେମାନେ ଯେତିକି ତୃଣ ପତ୍ରାଦି ଅଳ୍ପ ଚର୍ବଣ କରି ଗିଳନ୍ତି, ତାହା ଯାଇ ପ୍ରଥମତଃ ସବୁଠାରୁ ବଡ଼ ମୁଣାରେ ପ୍ରବିଷ୍ଟ ହୁଏ । ଏହି ମୁଣାଟି ବଳ-ଦର ବାମ ପାର୍ଶ୍ୱରେ ଥାଏ, ଏବଂ ସେଠାରେ ଖାଦ୍ୟଦ୍ରବ୍ୟ ଦ୍ରବୀଭୂତ ହୁଏ । ପରେ ସେଠାରୁ ଯାଇ ଦକ୍ଷିଣ ପାର୍ଶ୍ୱସ୍ଥ ଦ୍ୱିତୀୟ ମୁଣାରେ ପ୍ରବେଶ କରେ ଏବଂ ସେଠାରେ ଗୋଲା ବାନ୍ଧିଯାଏ । ଯେତେବେଳେ ବଳଦ ବିଶ୍ରାମ କରେ, ତେତେବେଳେ ଦ୍ୱିତୀୟ ମୁଣାରେ ଖାଦ୍ୟଦ୍ରବ୍ୟ ଉଦ୍‌ଗୀର୍ଣ୍ଣ କରି ଅଳ୍ପ ଅଳ୍ପ ଚର୍ବଣ କରେ । ଏହାକୁ ରୋମନ୍ଥ କରିବା ବା ପାକୁଳି କରିବା କହନ୍ତି ।

ରୋମନ୍ଥିତ ଚର୍ବା ସବୁ ତୃତୀୟ ମୁଣା ଦେଇ ଚତୁର୍ଥ ମୁଣାରେ ପ୍ରବିଷ୍ଟ ହୁଏ ଏବଂ ସେଠାରେ ପାକ ହୁଏ । ଗୃହପାଳିତ ବଳଦମାନଙ୍କୁ ଦାନା ଓ ଗାଭିମାନଙ୍କୁ କପା ଅଁଠୀ ଓ ପିଡ଼ିଆ ଖୁଆନ୍ତି । ଏମାନେ ସମୟରେ ଯେଉଁପରି ପାଣି ମିଳୁ ନା କାହିଁକି, ପିଇ ଦିଅନ୍ତି ।

ଗାଭି ଗର୍ଭବତୀ ହେଲେ ଦଶ ମାସରେ ପ୍ରସବ କରେ ଏବଂ ପ୍ରତି ଥରରେ ତାହାର ଗୋଟିଏ ମାତ୍ର ସନ୍ତାନ ହୁଏ । ଅଣ୍ଡିରାକୁ ବଳଦ ଓ ମାଈକୁ ବାଛୁରି କହନ୍ତି । ଛୁଆ ଜନ୍ମ ହେଲା ମାତ୍ରେ ଠିଆ ହୋଇପାରେ ଓ ମାତୃ ସ୍ତନରୁ ଦୁଗ୍ଧ ପାନ କରେ । ଏମାନେ ତିନିବର୍ଷ ପର୍ଯ୍ୟନ୍ତ ବଢ଼ନ୍ତି

ଏବ ୧୪ । ୧୫ ବର୍ଷରୁ ଅଧିକ ବଞ୍ଚନ୍ତି ନାହିଁ । ଏମାନଙ୍କର ବୟସ ଶୃଙ୍ଗ ଓ ଦନ୍ତରୁ ଜଣାପଡ଼େ । ଗାଭୀର ଚାରିଗୋଟି ସ୍ତନବୃନ୍ତ ଥାଏ । ଏମାନଙ୍କର ଦୁଗ୍ଧାଧାରକୁ ଘବା କହନ୍ତି । ବଳଦମାନେ ମନୁଷ୍ୟମାନଙ୍କର ଅନେକ କାର୍ଯ୍ୟରେ ଲାଗନ୍ତି । ଭାରତବର୍ଷରେ, ଲୋକମାନେ ଏମାନଙ୍କ ଦ୍ୱାରା କ୍ଷେତ୍ର କାର୍ଯ୍ୟ ସମ୍ପାଦନ କରନ୍ତି, ଗାଡ଼ିରେ ଯୋଚନ୍ତି ଏବ ସେମାନଙ୍କ ପିଠିରେ ବୋଝ ବୋହାନ୍ତି । ବଳଦଠାରୁ ଗାଭୀ ଲୋକ-ମାନଙ୍କର ଅଧିକ ଉପକାରରେ ଆସେ । ଗାଭୀମାନଙ୍କର ଦୁଗ୍ଧରୁ ଦଧି, ଛେନା, ଲବଣୀ, ଘୃତ, ପ୍ରଭୃତ ପ୍ରସ୍ତୁତ ହୁଏ ଏବ ସେ ସବୁ ମନୁଷ୍ୟ-ମାନଙ୍କର ବହୁ ଉପକାରରେ ଆସେ । ଏହି ପଶୁମାନଙ୍କର ଚର୍ମ, ଅସ୍ଥି, ଶୃଙ୍ଗ ପ୍ରଭୃତ ସକଳ ପଦାର୍ଥ କାର୍ଯ୍ୟରେ ଲାଗେ ।

---

## ପାଠ ୫ ।

### ଐତିହାସିକ ବିଷୟ, ୧ମ ଭାଗ ।

ଭାରତବର୍ଷରେ ଇଂରାଜ ରାଜ୍ୟ ସଂସ୍ଥାପନ ଭାରତ ଇତିବୃତ୍ତରେ ସର୍ବ ପ୍ରସିଦ୍ଧ ଓ ଆଶ୍ଚର୍ଯ୍ୟଜନକ ଘଟଣା ଅଟେ । କିନ୍ତୁ ଯେ ଉତ୍ତମରୂପେ ବିଚାର କରନ୍ତି ନାହିଁ, ତାଙ୍କୁ ଏଥିରେ କୌଣସି ଆଶ୍ଚର୍ଯ୍ୟଜନକ କଥା ଦେଖା ପଡ଼େ ନାହିଁ । ହେତୁ ଏହି ଯେ ଜନ୍ମଠାରୁ ଏହି ରାଜ୍ୟ ଦେଖିଅଛନ୍ତି । ଗ୍ରାମ୍ୟ-ବାସିମାନେ ଯେତେବେଳେ ଜିଲ୍ଲା ଅଧିକାରିଙ୍କୁ ବିଚାରାଳୟରେ ମୋକଦ୍ଦମା କରିବାକୁ ଅଥବା ଦୌରାରେ ଯାଇ ସ୍ଥାନୀୟ ବିବାଦ ନିଷ୍ପତ୍ତି କରିବାକୁ ଆଉ ସାକ୍ଷ୍ୟ ଗ୍ରହଣ କରିବାକୁ ଦେଖନ୍ତି ; ତେତେବେଳେ ଏମାନେ ଏହି ସବୁକୁ ସାଧାରଣ କଥା ମନେ କରନ୍ତି । ଯେବେ କୌଣସି ଲୋକ ଏହି

କଥାକୁ ବିଚାର କରେ, ତେବେ ତାହା ମନରେ ଅନେକ ପ୍ରକାର ତର୍କ ଉତ୍ପନ୍ନ ହେବ । ଯଥା, ପ୍ରଥମତଃ ଇଉରୋପ ମହାଦେଶ ନିବାସିମାନେ ଏତେଦୂର ପର୍ଯ୍ୟନ୍ତ କେମନ୍ତ କରି ଆଉ କେବେ ଆସିଲେ? ଦ୍ୱିତୀୟତଃ ସେହି ମହାଦ୍ୱୀପରୁ ଅନ୍ୟ କେତେକ ଜାତିର ଲୋକ ଭାରତବର୍ଷକୁ ଆସି-ଥିଲେ; ମାତ୍ର ତନ୍ମଧ୍ୟରୁ କେବଳ ଇଂରାଜମାନେ ସ୍ୱକୀୟ ରାଜ୍ୟ ସଂସ୍ଥାପନ କରିବାରେ କାହିଁକି ସମସ୍ତଙ୍କଠାରୁ ଅଧିକ କୃତକାର୍ଯ୍ୟ ହେଲେ? ତୃତୀୟତଃ କେମନ୍ତ ଉଦ୍‌ଯୋଗ କରି ଇଂରାଜମାନେ ଏହି ରାଜ୍ୟକୁ ସଂସ୍ଥାପନ କଲେ? ଚତୁର୍ଥତଃ ଏମାନେ ସହସ୍ର ସହସ୍ର କ୍ରୋଶ ସମୁଦ୍ର ଲଙ୍ଘନ କରି ରାଜକୀୟ କାର୍ଯ୍ୟରେ ସହାୟତା ଦେବାକୁ ଏଠାକୁ କାହିଁକି ଆସନ୍ତି ? ଇତ୍ୟାଦି । ଏହି ପୁସ୍ତକର ଐତିହାସିକ ପାଠମାନ ପଠନ କଲେ ଉକ୍ତ ତର୍କ ସବୁର ସମାଧାନ ହେବ; ମାତ୍ର ସେହି ବିବରଣମାନ ଭଲରୂପେ ବୁଝିବାପାଇଁ ଭାରତବର୍ଷର ପ୍ରାଚୀନ ଇତିହାସ ମଧ୍ୟ ଜାଣିବା ଉଚିତ । ଏହାର ବିଶେଷ ବିବରଣ ତୃତୀୟ ପୁସ୍ତକରେ ପ୍ରଦତ୍ତ ହୋଇଅଛି, ଆଉ ଏଥିରେ ମଧ୍ୟ ଏହାର ସଂକ୍ଷିପ୍ତ ବିବରଣ ଦିଆ ଯାଉଅଛି ।

ଭାରତବର୍ଷରେ ମୂଳ ନିବାସିମାନେ ଆଦିମ ନିବାସି ବୋଲାଯାନ୍ତି । ଏମାନେ ଗଣ୍ଡ, ଭିଲ, କୋଲ୍ଲ ଆଦି ଅଟନ୍ତି । ଏହି ଲୋକମାନେ ବିଶେଷ କରି ମଧ୍ୟପ୍ରଦେଶରେ ଦେଖାଯାନ୍ତି । ଏଥିର ଅର୍ଥ ଏମନ୍ତ ନୁହେ ଯେ ଏହି ମୂଳ ନିବାସିମାନଙ୍କ ପୂର୍ବରେ ଏହି ଦେଶରେ ଆଉ କୌଣସି ଲୋକ ନ ଥିଲେ । କେହି ବା ରହିଥିବେ; ମାତ୍ର ଇତିହାସରେ ସେମାନଙ୍କର କିଛି ତତ୍ତ୍ୱ ମିଳୁ ନାହିଁ । ଏହିହେତୁରୁ ଏହି ମୂଳ ନିବାସିମାନଙ୍କୁ ଏଠାର ଆଦିମ ନିବାସୀ ବୁଝିବାକୁ ହେବ ।

ଅନୁମାନରେ ୩୦୦୦ ବର୍ଷ ପୂର୍ବରେ ଆର୍ଯ୍ୟଜାତୀୟ ହିନ୍ଦୁମାନେ ମଧ୍ୟ ଆସିଆରୁ ଆସି ଏଠାରେ ନିବାସ କଲେ । ଏମାନଙ୍କ ଆସିବାର ଶତ ଶତ ବର୍ଷ ପରେ ମଧ୍ୟ ଆସିଆର ସମଭୂମିରୁ ତାତାର ଦେଶୀୟ ମୁସଲମାନ

ଲୋକମାନେ ଆସିଥିଲେ । ଏମାନେ ପ୍ରଥମତଃ ଅରଣ୍ୟାଶ୍ରୟୀ ପ୍ରବଳ ଯୋଦ୍ଧା ଏବଂ ମୂର୍ତ୍ତି ଉପାସକ ଥିଲେ । ମାତ୍ର ଲେଖା ପଡ଼ା କଲା ପରେ. ମୁସଲମାନ ହୋଇଗଲେ । ବାବର, ଅକବର, ଆଉ ଆରଙ୍ଗଜେବଙ୍କ ସମୟରେ ଏଠାରେ ସେମାନ ର ରାଜତ୍ୱ ଅଧିକ ବଢ଼ିଗଲା । ଏମାନଙ୍କ ରାଜଧାନୀ ଦିଲ୍ଲୀରେ ଥିଲା, ମାତ୍ର ପ୍ରାୟ ସମସ୍ତ ଭାରତବର୍ଷ ଏମାନଙ୍କର ରାଜ୍ୟାଧିକାର ଭୁକ୍ତ ହେଲା । ଏହି ରାଜ୍ୟର ଇତିହାସ ତୃତୀୟ ପୁସ୍ତକରେ କଥିତ ହୋଇଅଛି । ଏହି ମୋଗଲ ବାଦସାହମାନଙ୍କ ସମୟରେ ଇଉରୋପର ଲୋକମାନେ ପ୍ରଥମତଃ ଏଦେଶକୁ ଆସିଲେ । ତୃତୀୟ ପୁସ୍ତକରେ ଏମାନଙ୍କ ବିଷୟରେ ଏତିକି ମାତ୍ର ଲେଖା ହୋଇଅଛି ଯେ ଅକବର ବାଦସାହ ତିନି ଜଣ ଖ୍ରୀଷ୍ଟୀୟ ପାଦ୍ରୀଙ୍କୁ ସ୍ୱୀୟ ରାଜଭବନରେ ବାସ ଦେଇଥିଲେ; ଆଉ ଜାହାଙ୍ଗିର ବାଦସାହଙ୍କ ସଙ୍ଗରେ ସାକ୍ଷାତ କରିବା ପାଇଁ ବିଲାତରୁ ସର୍ ଟାମସ ରୋ ନାମକ ସାହେବ ଆସିଥିଲେ ।

କ୍ରମେ ୨ ଇଉରୋପର ଚାରି ଦେଶରୁ ଲୋକମାନେ ଏଠାକୁ ଆସିଲେ । ୧ମ-ପର୍ତ୍ତୁଗାଲର ଲୋକମାନେ, ୨ୟ-ହଲଣ୍ଡବାସୀମାନେ, ୩ୟ-ଫ୍ରାନସ ଦେଶବାସିମାନେ, ୪ର୍ଥରେ ଇଂରାଜ ଲୋକମାନେ । ଯଦି କେହି ଶଙ୍କା କରେ କି ଇଉରୋପ ମହାଦେଶରୁ ଆଉ ଦେଶର ଲୋକମାନେ ଏଠାକୁ କାହିଁକି ନ ଆସିଲେ? ତେବେ ନିମ୍ନମତେ ଉତ୍ତର ଦେଇ ସେହି ଶଙ୍କା ସମାଧାନ କରାଯାଇ ପାରେ; ଅର୍ଥାତ୍ ଭାରତବର୍ଷ ଏବଂ ଇଉରୋପ ମହାଦେଶ ମଧ୍ୟରେ ସହସ୍ର ୨ କ୍ରୋଶ ସମୁଦ୍ର ବ୍ୟାପି ଥିବାରୁ ଯେଉଁମାନେ ନୌକା ସାଧନାରେ ପ୍ରବୀଣ ଥିଲେ, ଏବଂ ଯେଉଁମାନଙ୍କଠାରେ ବଡ଼ ୨ ପୋତ ଆଉ ସାମୁଦ୍ରିକ ସମର ସାମଗ୍ରୀ ଥିଲା, ସେହିମାନେ କେବଳ ଆସି ପାରୁ ଥିଲେ । ମାନଚିତ୍ରକୁ ଅବଲୋକନ କଲେ ଜଣା ପଡ଼ିବ ଯେ ଇଉରୋପ ମହାଦ୍ୱୀପର ଉକ୍ତ ଚାରି ଦେଶ ପର୍ତ୍ତୁଗାଲ, ହଲଣ୍ଡ, ଫ୍ରାନସ ଏବଂ ଇଂଲଣ୍ଡ ସମସ୍ତ ସମୁଦ୍ରର ନିକଟବର୍ତ୍ତୀ । କାହାର ଏକ ପାର୍ଶ୍ୱରେ, କାହାର ଦୁଇ ପାର୍ଶ୍ୱରେ, କାହାର ବା

ସକଳ ପାର୍ଶ୍ୱରେ ସମ୍ପୁର୍ଣ୍ଣ ଲହରୀ ସଞ୍ଚାଳିତ ହେଉଅଛି । ଏହିହେତୁରୁ ଏଦେଶ ନିବାସୀ ରାଜା ଓ ବଣିକମାନଙ୍କୁ ବାଣିଜ୍ୟ ଓ ଯୁଦ୍ଧ ନିମନ୍ତେ ପୋତ ରଖିବାକୁ ପଡୁଥିଲା; ମଧ୍ୟ ଏହି ବ୍ୟକ୍ତିମାନେ ଅନ୍ୟ ଦେଶବାସୀ ଲୋକ-ମାନଙ୍କଠାରୁ ସାମୁଦ୍ରିକ ଯାତ୍ରା ଓ ଜଳଯୁଦ୍ଧ ବିଦ୍ୟାରେ ଅଧିକତର ନିପୁଣ ଥିଲେ । ଏହି ଚାରିଙ୍କ ମଧ୍ୟରେ କେବଳ ଇଂରାଜମାନେ ଏଠାରେ ଉତ୍ତମରୂପେ କୃତକାର୍ଯ୍ୟ ହେଲେ ଏବଂ ଏହିମାନଙ୍କ ରାଜ୍ୟ ଆଜି ପର୍ଯ୍ୟନ୍ତ ଅପ୍ରତିହତ ହୋଇ ରହିଅଛି । ଏଥିର କାରଣ ଏହି ଯେ ପର୍ତ୍ତୁଗାଲ ଆଉ ହଲଣ୍ଡ ଦେଶକୁ ସ୍ପେନ ଦେଶର ରାଜା ଅତି ଅଳ୍ପ ଦିନରେ ପରାସ୍ତ କରି ବଳହୀନ କରି ଦେଲା, ଆଉ ଫ୍ରାନ୍ସଦେଶର ଅଧିପତି ଇଉରୋପ ମହା-ଦେଶରେ ସ୍ୱୀୟ ରାଜ୍ୟାଧିକାରର ସୀମା ବଢାଇବା ପାଇଁ ପ୍ରୟାସୀ ହୋଇ-ଥିଲେ । ଏହିହେତୁରୁ ସେମାନଙ୍କର ଭାରତବର୍ଷର ବସତି ସବୁ ଇଂରାଜ-ମାନଙ୍କର ହସ୍ତଗତ ହେଲା । ବର୍ତ୍ତମାନକୁ ଭାରତରେ ହଲଣ୍ଡର ଅଧିକାର କୌଣସିଠାରେ ନାହିଁ । ମାତ୍ର ପର୍ତ୍ତୁଗାଲର ଅଧିକାରରେ ଗୋଆ, ଡାମନ, ଡିଉ ଆଉ ଫ୍ରାନସର ଅଧିକାରରେ ମାହି, କାରିକୋଲ, ଚନ୍ଦନନଗର ଓ ପଣ୍ଡିଚେରୀ ଆଜି ପର୍ଯ୍ୟନ୍ତ ରହିଅଛି । ଇଂରାଜମାନଙ୍କ ଏଠାକୁ ଆସି ବାସ କରିବା, ଦେଶ ଜୟ କରିବା, ଓ ସ୍ୱକୀୟ ପ୍ରସିଦ୍ଧ ରାଜତ୍ୱ ସୁଦୃଢ଼ କରିବା ଆଦି ବିଷୟ ପରେ ବର୍ଣ୍ଣିତ ହେଉଅଛି ।

# ପାଠ ୨ ।

## ସ୍ୱାସ୍ଥ୍ୟରକ୍ଷା, ୨ୟ ଭାଗ ।

### ବାୟୁ କିପରି ଦୂଷିତ ହୁଏ ।

ପ୍ରାଚୀନ କାଳରେ ଲୋକମାନଙ୍କର ଏପରି ଜ୍ଞାନ ଥିଲା କି ବାୟୁମଣ୍ଡଳ ଏକ ପ୍ରକାର ପଦାର୍ଥରେ ପ୍ରସ୍ତୁତ ହୋଇଅଛି ; ମାତ୍ର ବର୍ତ୍ତମାନ ଜଣା ପଡ଼ିଅଛି ଯେ ସେଥିରେ ଭିନ୍ନ୨ ଗୁଣର କେତେକ ପ୍ରକାର ବାୟୁ ସମ୍ମିଳିତ ହୋଇଅଛି । ଯେ ପ୍ରକାର ଘୃତ ଓ ଚୋଲ୍ ତୈଲ ଦେଖିବାକୁ ଏକ ପ୍ରକାର ; ପରନ୍ତୁ ପ୍ରଥମଟିକୁ ଖାଇଲେ ସ୍ୱାଦୁ ଲାଗେ, ମାତ୍ର ଅନ୍ୟଟିକୁ ଖାଇଲେ ବମନ ହେବାର ଦେଖାଯାଏ, ସେପରି କୌଣସି ବାୟୁରେ ପ୍ରାଣରକ୍ଷା ହୁଏ, ଆଉ କୌଣସି ବାୟୁରେ ପ୍ରାଣ ନାଶ ହୁଏ । ଯେଉଁ ବାୟୁରେ ପ୍ରାଣିମାନେ ଜୀବଧାରଣ କରନ୍ତି, ଏବଂ ଯାହା ହେତୁ ପ୍ରଦୀପ ଜଳେ, ତାକୁ ଅମ୍ଳଜାନ ବାଷ୍ପ କହନ୍ତି । ଏହି ବାୟୁ ନିତାନ୍ତ ଉଗ୍ର ଅଟେ । ଯେବେ ବାୟୁମଣ୍ଡଳରେ କେବଳ ଏହି ବାୟୁ ଥାନ୍ତା, ତେବେ ପ୍ରାଣୀମାନେ ଶୀଘ୍ର ମରିଯାନ୍ତେ । କାରଣ ତାହାର ଉଗ୍ରତା ସହ୍ୟ କରି ହୁଅନ୍ତା ନାହିଁ । ଏଣୁକରି ଅମ୍ଳଜାନ ବାଷ୍ପ ସହିତରେ ଆଉ ଅନ୍ୟ ପ୍ରକାର ବାଷ୍ପ ମିଶ୍ରିତ ହୋଇଅଛି ; ତାହାର ନାମ ନାଇଟ୍ରୋଜନ ବା ଯବକ୍ଷାରଜାନ । ଯବକ୍ଷାରଜାନ ଓ ଅମ୍ଳଜାନ ମଧ୍ୟରେ ବିଶେଷ ପ୍ରଭେଦ ଅଛି । ଯବକ୍ଷାରଜାନରେ ପ୍ରାଣିମାନେ ବଞ୍ଚି ପାରନ୍ତି ନାହିଁ ଓ ଏଥିରେ ପ୍ରଜ୍ୱଳିତ ଦୀପ ଥୋଇ ଦେଲା କ୍ଷଣି ଲିଭି ଯାଏ । ଏହି ଦୁଇ ବାୟୁବାୟୁ ପଦାର୍ଥ ଏମନ୍ତ ଭାବରେ ମିଶ୍ରିତ ହୋଇଅଛି ଯେ ପ୍ରାଣିମାନେ ଭଲରୂପେ ନିଃଶ୍ୱାସ ନେଇ ପାରିବେ ଓ ପଦାର୍ଥାଦି ଜଳି ପାରିବ । ଏହା ଭିନ୍ନ

ତହିଁରେ ଆଉ ଦୁଇ ପ୍ରକାର ବାଷ୍ପ ମଧ୍ୟ ଅଳ୍ପ ପରିମାଣରେ ରହିଅଛି ମାଏ ସେ ସବୁ ବଡ ଆବଶ୍ୟକୀୟ ଅଟେ ।

ପ୍ରାଣିମାନଙ୍କର ପ୍ରଶ୍ୱାସରୁ ଯେଉଁ ବାଷ୍ପ ନିର୍ଗତ ହୁଏ, ତାକୁ କାର୍ବନିକ ଏସିଡ୍ ବାଷ୍ପ ବା ଅଙ୍ଗାରକାମ୍ଳ ବାଷ୍ପ କହନ୍ତି । ଏହା ବୃକ୍ଷମାନଙ୍କର ପ୍ରଧାନ ଆହାର । କାର୍‌ବୋନିକ ଏସିଡ୍ ବାଷ୍ପ ବିନା ବୃକ୍ଷ ବଢି ନ ପାରେ ; କିନ୍ତୁ ଏହା ଯଦି ନିଃଶ୍ୱାସ ନେବା ସମୟରେ ମନୁଷ୍ୟର ଶରୀର ଭିତରକୁ ପ୍ରବିଷ୍ଟ ହୁଏ ତାହା ହେଲେ ସେ ବଞ୍ଚିଇ ନାହିଁ ଶୀଘ୍ର ମରିଯାଏ । ଏହି ବାଯ୍ୟୁ ଅଧିକ ଭାରି ଅଟେ ।

ବାୟୁରେ ଥିବା ଚତୁର୍ଥ ପଦାର୍ଥ ଜଳୀୟ ବାଷ୍ପ ଅଟେ । ସୂର୍ଯ୍ୟ କିରଣରୁ ଜଳ ବାଷ୍ପ ହୋଇ ନିରନ୍ତର ଉପରକୁ ଉଠୁଥାଏ । ତହିଁରୁ ମେଘ ଜାତ ହୁଏ ଓ ବୃଷ୍ଟି ହୁଏ । ଏହି ଜଳୀୟ ବାଷ୍ପ ନ ଥିଲେ ଆମ୍ଭମାନଙ୍କ ଶରୀର ସରସ ଓ ଚିକ୍କଣ ହୋଇ ପାରନ୍ତା ନାହିଁ । ଆଉ ବୃକ୍ଷ ମଧ୍ୟ ଶୁଷ୍କ ହୋଇ ଯାନ୍ତା । ପ୍ରାଣିମାନଙ୍କ ନିଃଶ୍ୱାସ ନେବାରେ ଅମ୍ଳଜାନ ବାଷ୍ପ ଫୋପସା ଦ୍ୱାରା ଭିତରକୁ ଯାଇ ରକ୍ତକୁ ପରିଷ୍କାର ରଖେ ଓ ଯେଉଁ ବାୟୁ ପ୍ରଶ୍ୱାସ ଦ୍ୱାରା ବହିର୍ଗତ ହୁଏ, ତାହା ବିଷାକ୍ତ ବାୟୁ । ବିଶୁଦ୍ଧ ବାୟୁରେ ଏହା ଅତ୍ୟଳ୍ପ ପରିମାଣରେ ଥାଏ ; କିନ୍ତୁ ଯେଉଁ ବାୟୁ ପ୍ରଶ୍ୱାସ ଦ୍ୱାରା ବହିର୍ଗତ ହୁଏ, ତହିଁରେ ଏହା ଅଧିକ ପରିମାଣରେ ଥାଏ । ଏହି ପ୍ରକାରେ ପ୍ରାଣିମାନଙ୍କ ନିଃଶ୍ୱାସ ନେବାରେ ବାୟୁର ଅଧିକ ଭାଗ ଦୂଷିତ ହେଉଅଛି । ପଦାର୍ଥ ଜଳିବାରେ ମଧ୍ୟ ବିଶେଷ ଅମ୍ଳଜାନ ବାଷ୍ପ ବ୍ୟୟ ହେଉଅଛି । ଅମ୍ଳଜାନ ବାଷ୍ପ ବିନା ଅଗ୍ନି ଜଳି ନ ପାରେ । ଯଦି ତୁମ୍ଭେ କୌଣସି ପାତ୍ରରେ ଜଳୁଥିବା ପ୍ରଦୀପ ରଖି ସେହି ପାତ୍ରର ମୁଖ ବନ୍ଦ କରି ଦେବ, ତେବେ ସେହି ପ୍ରଦୀପ ଶୀଘ୍ର ଲିଭିଯିବ । କାରଣ କି ପାତ୍ରସ୍ଥିତ ସମସ୍ତ ଅମ୍ଳଜାନ ବାଯ଼ୁ ଜ୍ୱଳନରେ ବ୍ୟୟ ହୋଇଯିବ । ଆଉ

ନଳ ଲାଗିଥାଏ । ଯଦି ତୁମ୍ଭେ ତାହାକୁ ବିଦୀର୍ଣ୍ଣ କରି ଦେବ ତାହା ହେଲେ ଜାଣି ପାରିବ ଯେ ଏହାର ମଧ୍ୟରେ ଏକ ଖମ୍ଭ ରହିଅଛି । ତାହା ନିମ୍ନ-ସ୍ଥିତ ବୀଜର ଘରଠାରୁ ଊର୍ଦ୍ଧ୍ୱସ୍ଥ ବଡ଼ ଦାନା ପର୍ଯ୍ୟନ୍ତ ସଂଲଗ୍ନ ହୋଇଅଛି; ତାହାକୁ ଗର୍ଭକେଶର କହନ୍ତି । ନଳର ନିକଟରେ କ୍ଷୁଦ୍ର୨ ପୀତ ବର୍ଣ୍ଣର ଦାନା ମଧ୍ୟ ଲାଗିଥାଏ; ଏହାର ନାମ ପରାଗକେଶର । ଏହାର ରେଣୁ ଉଡ୍ଡୀନ ହୋଇ ବଡ଼ ଦାନାରେ ସଂଲଗ୍ନ ହୋଇଯାଏ; ତାହା ସଂଯୁକ୍ତ ହେବାରୁ ଫଳରେ ବୀଜ ଉତ୍ପନ୍ନ ଓ ପରିପୁଷ୍ଟ ହୁଏ ।

ରମ୍ଭା ଏବଂ ମେଓଆ ପୁଷ୍ପର ସ୍ତମ୍ଭ ପାର୍ଶ୍ୱରେ ନଳ ଥାଏ ନାହିଁ, ତତ୍ପରିବର୍ତ୍ତରେ ପରାଗକେଶରର କ୍ଷୁଦ୍ର୨ ଦାନା ପ୍ରତ୍ୟେକ ଡେମ୍ଫର ଉପର ଭାଗରେ ରହିଥାଏ । ସମସ୍ତ କୁସୁମର ଗର୍ଭକେଶର ଏବଂ ପରାଗକେଶର ଚିହ୍ନିବାର ଉପାୟ, ଏହି କି ବୀଜର ଗୃହକୁ ଯେଉଁ ସ୍ତମ୍ଭ ଲାଗିଥାଏ ତାହା ଗର୍ଭକେଶର ଓ ଶିରା ବା ଦଳର ତଳରେ ଯେଉଁ ନଳ ଅଥବା ଡେମ୍ଫ ଲାଗିଥାଏ, ତାହା ପରାଗକେଶର ଅଟେ । ଦେଖ, ମକା ବୀଜ ଉପରେ ଗର୍ଭକେଶରର ଲମ୍ବ୨ କେଶ ଲାଗିଥାଏ; ଏହା ବାହାରକୁ ବହିର୍ଗତ ହୋଇ ଜଟାସ୍ୱରୂପ ହୁଏ । ମକା ଗଛର ପରାଗକେଶର ବିଶିଷ୍ଟ ପୁଷ୍ପ ମକାଫଳମାନଙ୍କ-ଠାରୁ ଦୂରରେ ଆଉ ଗଛର ଉପରି ଭାଗରେ ରହିଥାଏ । ଏହାର ପରାଗ ପବନ ସହଯୋଗେ ଉଡ୍ଡୀନ ହୋଇ କେଶ ଉପରେ ପଡ଼ୁଥାଏ । କୃଷକ-ମାନଙ୍କ ଉଚିତ ଯେ ଗଛକୁ ହଲାଇ ପରାଗକେଶର ଝାଡ଼ି ଦେଉଥିବେ ।

ବର୍ତ୍ତମାନ କଖାରୁ ପ୍ରଭୃତି ଲତାର ପୁଷ୍ପ ପରୀକ୍ଷା କର । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଏକ ଲତାର କେତେକ ପୁଷ୍ପରେ ଫଳ ଜନ୍ମଇ, ଆଉ କେତେକରେ ଜନ୍ମଇ ନାହିଁ । ଫଳଯୁକ୍ତ ପୁଷ୍ପରେ ଗର୍ଭକେଶର ଏବଂ ଫଳରହିତ ପୁଷ୍ପରେ କେବଳ ପରାଗକେଶର ଥାଏ । ପ୍ରଥମ ପ୍ରକାର ପୁଷ୍ପକୁ ମାଈ କିମ୍ବା ଯଥାଥ ପୁଷ୍ପ ଏବଂ ଦ୍ୱିତୀୟ ପ୍ରକାର ପୁଷ୍ପକୁ ଅଣ୍ଡିରା ଅଥବା ଅଯଥାର୍ଥ ପୁଷ୍ପ କହନ୍ତି । ଏହା କହିବାର ଅଭିପ୍ରାୟ ଏହି ଯେ ଗର୍ଭକେଶରରୁ ପରାଗକେଶର

ଅନେକ ଦୂରରେ ରହୁଅଛି, ତେବେ ତାହାର ସଂଯୋଗ କପରି ହେଉଥିବ ? ପରାଗକେଶର ବାୟୁ ସହକାରେ ଉଡ୍ଡୀନ ଅଥବା ପୁଷ୍ପ ରସ ଚୁମ୍ବନ କରିବା ସମୟରେ ଭ୍ରମର ଆଦ ପତଙ୍ଗ ଦେହରେ ସଂଲଗ୍ନ ହୋଇ ଗର୍ଭକେଶରକୁ ଆସୁଅଛି । ତେବେ ବୀଜ କାହିଁକି ଉତ୍ପନ୍ନ ନ ହେବ? ଏଥିପାଇଁ ତୁମ୍ଭଙ୍କୁ ଉଚିତ ଯେ ଅଯଥାର୍ଥ ପୁଷ୍ପ ଚୟନ କରି ଯଥାର୍ଥ ପୁଷ୍ପ ଉପରେ ଆବୃତ କରିଦଅ ; ଯଦ୍ଦ୍ୱାରା କୌଣସି ଫଳ ନଷ୍ଟ କିମ୍ବା ଶୁଷ୍କ ହୋଇ ନ ପାରିବ । ତୁମ୍ଭେ କହୁଅଛ କି ଅଙ୍ଗୁଳି ଦେଖାଇବାରେ ଫଳ ଶୁଷ୍କ ହୋଇଯାଏ, ଏହା ତୁମ୍ଭର ଭ୍ରମ ଅଟେ ।

ଯେଉଁ ସମୟରେ ବୀଜ ପରିପୁଷ୍ଟ ହୁଏ, ସେତେବେଳେ ତାହାର ପତ୍ର, ଟିକା, ଦଳ ଓ ପରାଗକେଶର ଶୁଷ୍କ ହୋଇ ପତିତ ହୁଏ । ଶୁଷ୍କ ଗର୍ଭକେଶର କେବଳ ଫଳର ଶେଷରେ ଦୃଶ୍ୟ ହୁଅଇ । ପୁଷ୍ପର ଏହି ପାଞ୍ଚ ଭାଗ ମୁଖ୍ୟ ଅଟେ । ତନ୍ମଧ୍ୟରେ ଦୁଇ କେଶରର ମିଳନରେ ବୀଜ ଉତ୍ପନ୍ନ ହୁଏ, ଏବଂ ଶେଷ ଏପ୍ର ଭାଗ ଏହାକୁ ରକ୍ଷା କରେ ।

## ପାଠ ୮ ।

### ଗ୍ରୀଷ୍ମ ।

(ରାଗ ବଙ୍ଗଳା ଶ୍ରୀ ।)

କ୍ରମେ ମଧୁ ଅନ୍ତେ, ଆସଇ ଜଗତେ ଦାରୁଣ ନିଦାଘ କାଳ;
ତୀକ୍ଷ୍ଣ ଶର ପ୍ରାୟ, ବର୍ଷଇ ତପନ, ପ୍ରଚଣ୍ଡ କିରଣ ଜାଲ । ୧ ।
ହୁତାଶନ ସମ, ତପନ ତାପରେ, ତପ୍ତ ମହୀ କଳେବର;
ତପ୍ତ ଧୂଳି ରାଶି, ତପନ ଅନିଳେ, ଉଡ଼ି ଘୋଟଇ ଅମ୍ବର । ୨ ।
ପରିଶୁଷ୍କ ଏବେ, ସରୋବର ଜଳ, ନଦୀ ଦେହ କୃଶ ଅତି;
ଭେକ, ମୀନ ଆଦି, ଜଳଚର ପ୍ରାଣୀ, ମରନ୍ତି ଲଭି ଦୁର୍ଗତି । ୩ ।
ଆତପ ସନ୍ତାପେ, ସନ୍ତାପିତ ସର୍ବେ, ପଶୁ, ପକ୍ଷୀ ଜୀବ କୁଳ;
ଶୁଷ୍କ କଣ୍ଠ ତାଳୁ, ବିକଳ ଅଥୟ, ସରବେ ତୃଷା ଆକୁଳ । ୪ ।
ନୀରବ ନିଶ୍ଚଳ, ବିହଙ୍ଗ ନିକର, ତପତ ତରୁର ଡାଳେ;
ମୃଗ, ବ୍ୟାଘ୍ର, ହସ୍ତୀ, ମହିଷ, ବରାହ, ଲୋଡ଼ନ୍ତି ଜଳ ବ୍ୟାକୁଳେ । ୫ ।
ବହେ ସ୍ୱେଦ ବାରି, ସର୍ବେ ନରନାରୀ, ଗ୍ରୀଷ୍ମ ସନ୍ତାପେ ଅସ୍ଥିର;
ବିଚଣା ପବନେ, କେହି ବା ଚନ୍ଦନେ, ଶୀତଳନ୍ତି ସ୍ୱଶରୀର । ୬ ।
ନିର୍ଜ୍ଜଳ ପ୍ରାନ୍ତରେ, ଚଳନ୍ତେ ପଥିକ, ତୃଷା-ବିଭ୍ରାନ୍ତ-ନୟନେ;
ଦୂରେ ନିରେଖଇ, ରମ୍ୟ ମୃଗ ତୃଷ୍ଣା, ଅତି ଆନନ୍ଦିତ ମନେ । ୭ ।
କଳା ଭ୍ରମରକୁ, ଜିଣି ନୀଳିମାରେ, ଦିଶେ ମୃଗତୃଷ୍ଣା ଜଳ;
ଧାଆନ୍ତେ ପଥିକ, ହୁଅଇ ଅଦୃଶ୍ୟ, ପଥିକ ଆଶା ବିଫଳ । ୮ ।
ପର୍ବତ କାନନେ, ମହା ଭୟଙ୍କର, ସଞ୍ଚରଇ ଦାବାନଳ;
ପ୍ରବଳ ବେଗରେ, ପୋଡ଼ି ବନଦେଶ, ନାଶଇ ଜୀବ ସକଳ । ୯ ।
ନିଦାଘ ସମୟ, ହେଲେହେଁ ଦାରୁଣ, ଅଟେ ଜଗତର ମିତ୍ର;
ଜନମାଇ ମେଘ, ସାଧେ ପ୍ରାଣୀ ହିତ, ବିଧି ବିଧାନ ବିଚିତ୍ର । ୧୦ ।

# ପାଠ ୯ ।

## ସିକନ୍ଦର ଆଉ ପୌରବଙ୍କ ଯୁଦ୍ଧ ।

ସିକନ୍ଦର ବାଦ୍‌ସାହ ମେସିଡୋନିୟା ରାଜ୍ୟାଧିପ ଫିଲିପଙ୍କ ପୁତ୍ର ଥିଲେ । ଏହି ରାଜ ତନୟ ଖ୍ରୀଷ୍ଟ ଜନ୍ମର ୩୫୬ ବର୍ଷ ପୂର୍ବରେ ଜନ୍ମ ଗ୍ରହଣ କରି-ଥିଲେ । ତାଙ୍କ ପିତା ମାନବଲୀଳା ସମ୍ବରଣ କଲା ସମୟରେ ତାଙ୍କର ବୟଃକ୍ରମ କେବଳ ୨୦ ବର୍ଷ ହୋଇଥିଲା । ଏହି ସମୟରେ ୟୁନାନ ଦେଶର ସ୍ଥିତି ବିଶୃଙ୍ଖଲ ଭାବରେ ଅବସ୍ଥାପିତ ଥିବା ଯୋଗୁଁ ସେହି ଦେଶକୁ ଜୟ କରିବା ନିମନ୍ତେ ତାଙ୍କୁ ବିଶେଷ ଆୟାସ ସ୍ୱୀକାର କରିବାକୁ ପଡ଼ି ନ ଥିଲା ।

ସିକନ୍ଦର ସମସ୍ତ ଜଗତକୁ କରକବଳିତ କରିବାକୁ କୃତସଂକଳ୍ପ ହୋଇଥିଲେ । ଅଳ୍ପ ସମୟରେ ସେ ଆସିୟା ଖଣ୍ଡସ୍ଥ ତୁରକ, ସିରିଆ, ମିସର, ଆଉ ପାରସ୍ୟ ଦେଶକୁ କରଗତ କଲେ । ତଦୁତ୍ତରେ ହିନ୍ଦୁ-ସ୍ଥାନ ଜୟ କରିବାକୁ ସଂକଳ୍ପ କଲେ । ନାଇଲ ନଦୀ ଓ ହିନ୍ଦୁକୁଶ ପର୍ବତ ମଧ୍ୟବର୍ତ୍ତୀ ସ୍ଥାନ ସବୁ ଜୟ କରିବାରେ ତାଙ୍କୁ ୯ ବର୍ଷ କାଳ ଲାଗିଥିଲା । ଜୟଲାଭାନନ୍ତର ସେ ହିନ୍ଦୁକୁଶ ପାର ହୋଇ ସିନ୍ଧୁନଦୀ ତଟରେ ଉପନୀତ ହେଲେ ସିନ୍ଧୁ ଦେଶାଧିପତି ତାଙ୍କୁ ବିଶେଷ ଉପଢୌକନାଦି ପ୍ରଦାନ କରି ତାଙ୍କ ସହିତରେ ସନ୍ଧି ସ୍ଥାପନ କଲେ । ତଦନନ୍ତର ସିକନ୍ଦର ଝିଲମ ନଦୀର ଉପକୂଳ ପର୍ଯ୍ୟନ୍ତ ଅଗ୍ରସର ହେଲେ । ଏହି ସ୍ଥାନରେ ପୌରବ ରାଜାଙ୍କ ସହିତ ସଂଗ୍ରାମ ହେଲା । ଉକ୍ତ ଯୁଦ୍ଧର ବର୍ଣ୍ଣନା ସିକନ୍ଦରଙ୍କ ହସ୍ତଲେଖିତ ପତ୍ରମାନଙ୍କରୁ ଜଣା ପଡ଼ଇ । ସେ ଲେଖିଅଛନ୍ତି ଯେ ଉଭୟ ପକ୍ଷର ସୈନ୍ୟମାନଙ୍କ ମଧ୍ୟରେ ସିନ୍ଧୁନଦୀ ବହି ଯାଉଥିଲା । ମହାରାଜ ପୁରୁ ସ୍ୱସୈନ୍ୟ ରକ୍ଷାର୍ଥେ ଶତ୍ରୁସମ୍ମୁଖୀନ ନଦୀର ଅପର ତଟରେ ହସ୍ତି ଦଳ ସବୁ ସଜାଇ ରଖିଥିଲେ । ପ୍ରତ୍ୟହ ସିକନ୍ଦର ଆପଣା ଶିବିରରେ ବିଶେଷ ଗୋଳ-

ମାଲ ଛାଡ କରୁଥିଲେ, ଏହି ଅଣାରେ କି ଶତ୍ରୁପକ୍ଷ ଏହି କୋଳାହଳକୁ ଗୋଟିଏ ସାଧାରଣ କଥା ବୁଝି ଶୀଘ୍ର ଉତ୍ତର ନ ଯିବେ । ଏହିପରି କରୁଁ ୨ ଦିନେ ଅନ୍ଧକାରମୟ ଝଡ଼ପୂର୍ଣ୍ଣ ରାତ୍ରରେ ଅବସର ପାଇ କେତେକ ସିପାହି ଆଉ କେତେକ ବଳିଷ୍ଠ ଅଶ୍ୱାରୋହୀ ସଙ୍ଗରେ ନେଇ ଶତ୍ରୁ ସେନା ନିକଟବର୍ତ୍ତୀ ନଦୀ ମଧ୍ୟସ୍ଥିତ ଗୋଟିଏ କ୍ଷୁଦ୍ରଦ୍ୱୀପ ଉପରେ ପ୍ରବିଷ୍ଟ ହେଲେ : ଇତ୍ୟବସରରେ ଝଡ଼ ବିଶେଷ ବେଗରେ ହେବାକୁ ଲାଗିଲା । ଆକାଶ ମେଘରେ ଆଚ୍ଛାଦିତ ହେଲା । ବିଜୁଳି ଚମକିବାକୁ ଲାଗିଲା ଓ ଘୋର ବୃଷ୍ଟି ଆରମ୍ଭ ହେଲା । ଏହିପରି ଘୋର ଉତ୍ପାତ ସବୁ ଉପସ୍ଥିତ ହେଲେହେ ଏବଂ କେତେକ ଲୋକ ବଜ୍ରଦ୍ୱାରା ମୃତ ହେଲେ ମଧ୍ୟ ସିକନ୍ଦର ଭୀତ ନ ହୋଇ ଅନ୍ୟତଟ ଆଡ଼କୁ ଅଗ୍ରସର ହେଲେ । ସିନ୍ଧୁନଦୀ ପ୍ରବଳରୂପେ ସ୍ଫୀତ ହୋଇଥିବା ଯୋଗୁଁ ତୀରତଟସ୍ଥ ମୃତ୍ତିକା ରାଶି ନଦୀ ବେଗରେ ଭଗ୍ନ ହୋଇ ଗୋଟିଏ କ୍ଷୁଦ୍ର ଆଖାତର ଉତ୍ପତ୍ତି ହୋଇଥିଲା । ଏଥିସକାଶୁଁ ସେ ତଟସମୀପବର୍ତ୍ତୀ ହେବାକାଳେ ତଟ ତାଙ୍କୁ ଛିନ୍ନ ଭିନ୍ନ ଥିବାର ବୋଧ ପଡ଼ିଲା । ଅ· ବୃଷ୍ଟି ଯୋଗୁଁ ଭୂମି ଫୁଲା ଓ ଖସଡ଼ା ହୋଇ ପଡିଥିଲା । ତଥାଚ ଯୋଦ୍ଧାଗଣ ନୌକାରୁ ଅବତୀର୍ଣ୍ଣ ହୋଇ ବକ୍ଷ ପର୍ଯ୍ୟନ୍ତ ଗଭୀର ଜଳରେ ପଶି ହସ୍ତରେ ଅସ୍ତ୍ରଧାରଣ କରି ତଟରେ ପ୍ରବେଶ କଲେ । "ଯଦ୍ୟପି ଶତ୍ରୁପକ୍ଷର ଅଶ୍ୱାରୋହିମାନେ ଆମ୍ଭ ସହିତରେ ଯୁଦ୍ଧ ଆରମ୍ଭ କରନ୍ତି ତେବେ ଆମ୍ଭେମାନେ ସହଜରେ ଜୟୀ ହେବୁଁ ବା ଯଦ୍ୟପି ଶତ୍ରୁ ପଦାତି ଆମ୍ଭ ସହିତ ଯୁଦ୍ଧ କର· ତେବେ ଆମ୍ଭର ସିପାହିମାନେ ଉଚିତ ସମୟରେ ଶତ୍ରୁ ପଦାତିଙ୍କ ସମ୍ମୁଖୀ· ହୋଇ ପାରିବେ" ଏହି କଥା ମନେ ଭାବି ସିକନ୍ଦର ସ୍ୱ ସିପାହିମାନଙ୍କୁ ୯ କ୍ରୋଶ ପଛରେ ରଖି ଆପଣା ଅଶ୍ୱାରୋହିମାନଙ୍କ ସହିତ ଅଗ୍ରସର ହେବା· ଲାଗିଲେ । ତାଙ୍କର ଉକ୍ତ ବିଚାର ଭ୍ରମାତ୍ମକ ଥିଲା ନାହିଁ । ବିପକ୍ଷ ପକ୍ଷ· ୧୦୦୦ ଅଶ୍ୱାରୋହୀ ଓ ହସ୍ତିଯୁକ୍ତ ୬୦ ରଥ ସହିତ ଯୁଦ୍ଧାର୍ଥେ ଅଗ୍ରସ· ହେଲେ । ସିକନ୍ଦର ଏମାନଙ୍କୁ ଅନାୟାସେ ପରାଜିତ କଲେ । ରଥ ସ·

ଅସ୍ୱୀକାର, କରି ଯୁଦ୍ଧ କ୍ଷେତ୍ରରେ, ୪୦୦ ଅଶ୍ୱାରୋହିଙ୍କ ଶିରଃ କର୍ତ୍ତନ କଲେ । ଏ ଆଡ଼େ ପୁରୁ ରାଜା, ସିକନ୍ଦର ସସୈନ୍ୟ ହୋଇ ନଦୀ ପାର ହୋଇ ଆସିଅଛନ୍ତି, ଅବଧାରଣ କରି ଆପଣା ସମସ୍ତ ସୈନ୍ୟ ଆଗକୁ ୨ ବଢ଼ାଇ ଆଣିଲେ । ସିକନ୍ଦର ତାଙ୍କ ହସ୍ତିଦଳ ଓ ବହୁ ସଂଖ୍ୟକ ସୈନ୍ୟ ସନ୍ଦ-ର୍ଶନ କରି ତାଙ୍କ ସମ୍ମୁଖୀନ ହୋଇ ଯୁଦ୍ଧ କରିବାପାଇଁ ଅନିଚ୍ଛୁକ ଥିଲେ, ଏଥିପାଇଁ ସେ ଶତ୍ରୁର ବାମ ପାର୍ଶ୍ୱରେ ଆକ୍ରମଣ କଲେ ଓ ତାଙ୍କ ଆଦେଶା-ମତେ ଅନ୍ୟ ଜଣେ ସେନାପତି ଶତ୍ରୁର ଦକ୍ଷିଣ ପାର୍ଶ୍ୱରୁ ଆକ୍ରମଣ କଲେ । ପୌରବ ସେନା ଉଭୟ ପାର୍ଶ୍ୱରୁ ଆଘାତ ପାଇ ଛିନ୍ନଭିନ୍ନ ହୋଇ ମଧ୍ୟଭାଗରେ ଏକତ୍ରିତ ହେବାକୁ ଲାଗିଲେ । ଏମନ୍ତ ସମୟରେ ଯୁଦ୍ଧ ପ୍ରଥମାପେକ୍ଷା ଅଧିକତର ଭୟଙ୍କର ଆକାର ଧାରଣ କଲା । ଉଭୟ-ପକ୍ଷ ସମାନ ସାହସରେ ସଂଗ୍ରାମ କରିବାକୁ ଲାଗିଲେ ଏବଂ ଦବା ଦୁଇ ଘଟିକା ପର୍ଯ୍ୟନ୍ତ ଯୁଦ୍ଧର କିଛି ପରିଣାମ ଜଣା ପଡ଼ିଲା ନାହିଁ ।

ପୌରବ ୭ ଫୁଟ ଉଚ୍ଚ ଥିଲେ ଅଉ ସର୍ବୋଚ୍ଚ ହସ୍ତି-ପୃଷ୍ଠରେ ଆରୂଢ଼ ହେଲେ ସୁଦ୍ଧା ଆପଣା ସ୍ଥୂଳୋନ୍ନତ କଳେବର ହେତୁରୁ ଅପ୍ରିୟ-ଦର୍ଶନ ନ ଥିଲେ । ଏ ବିଷୟରେ ଅନେକ ଇତିହାସ ଲେଖକମାନେ ଏକମତ ପ୍ରକାଶ କରିଅଛନ୍ତି । ଯୁଦ୍ଧ ସମୟରେ ସେ ଯେଉଁ ମାତଙ୍ଗୋ-ପରି ଆରୂଢ଼ ହୋଇଥିଲେ ସେହି ମାତଙ୍ଗ ତାଙ୍କ ପ୍ରାଣ ରକ୍ଷାର୍ଥେ ଅନେକ ନିପୁଣତାର ପରିଚୟ ପ୍ରଦର୍ଶନ କରିଥିଲା । ଯେତେବେଳ ପର୍ଯ୍ୟନ୍ତ ପୌରବ ରାଜା ଯୁଦ୍ଧ କରି ପାରୁଥିଲେ ତେତେବେଳ ପର୍ଯ୍ୟନ୍ତ ସେହି ହସ୍ତୀ ଅତି ସାହସ ଓ ଧୈର୍ଯ୍ୟ ସହିତ ରାଜାଙ୍କୁ ରକ୍ଷା କଲା । କିନ୍ତୁ ଯେତେ-ବେଳେ ବହୁବାଣ ବିଦ୍ଧ ହୋଇ ରାଜା ପତନୋନ୍ମୁଖ ହେବାର ହସ୍ତୀ ଜାଣି ପାରିଲା ତେତେବେଳେ ତାଙ୍କ ରକ୍ଷାର୍ଥେ ଧୀର ଭାବରେ ଭୂମିରେ ଉପ-ବିଷ୍ଟ ହୋଇ ତାଙ୍କ ଦେହରେ ବିଦ୍ଧ ହୋଇଥିବା ଶରମାନଙ୍କୁ ଶୁଣ୍ଢରେ ଘିଞ୍ଚି ବାହାର କରି ଦେଲା ।

ପୌରବ ରାଜା ଯୁଦ୍ଧରେ ପରାସ୍ତ ହୋଇ ଶତ୍ରୁ ହସ୍ତରେ ବନ୍ଦିସ୍ୱରୂପରେ ପତିତ ହେଲାରୁ ସିକନ୍ଦର ତାଙ୍କୁ ପ୍ରଶ୍ନ କଲେ । "ତୁମ୍ଭର ସହ୍ମାର କପରି କରାଯିବା ବିଧେୟ ?" ସେ ଉତ୍ତର କଲେ "ମୋର ସମ୍ମାନ ରାଜାଙ୍କ ପରି ହେବା ବିଧେୟ ।" ଏହି ଉତ୍ତରରୁ ସିକନ୍ଦର ପଚାରିଲେ, "ଆଉ କିଛି ଆପଣଙ୍କ ବିନତି ଅଛି ?" ସେ ଉତ୍ତର କଲେ, "ରାଜା ଶବ୍ଦରେ ସମସ୍ତ ବିଷୟ ସମାବିଷ୍ଟ ହୋଇଥାଏ ।" ସିକନ୍ଦର ଏହି ସବୁ ଉତ୍ତରରେ ଅତୀବ ସନ୍ତୁଷ୍ଟ ହୋଇ ତାଙ୍କୁ କେବଳ ତାଙ୍କ ରାଜ୍ୟ ଫେରାଇ ଦେଲେ ଏମନ୍ତ ନୁହେ ଆହୁରି ବଡ଼ ବଡ଼ ପ୍ରଦେଶ ସବୁ ତାଙ୍କ ରାଜ୍ୟରେ ଯୋଗ କରି ଦେଲେ ଏବଂ ଗୋଟିଏ ସ୍ୱାଧୀନ ଦେଶକୁ ଜୟ କରି ପୌରବଙ୍କୁ ସମର୍ପଣ କରି ଦେଲେ ।

---

## ପାଠ ୧୦ ।

## ଜଣେ ବୃଦ୍ଧ ଲୋକ ଓ ତାହାର ବଳଦ ।

କୌଣସି ସମୟରେ ଜଣେ ବୃଦ୍ଧ ମନୁଷ୍ୟ ଆପଣାର ପୁତ୍ର ସହିତରେ ବଳଦ ବିକ୍ରୟ କରିବା ନିମନ୍ତେ ବଜାରକୁ ଯାଉଥିଲା । ମାର୍ଗରେ କୌଣସି ପୁରୁଷ ଦେଖି କହିଲା, ଦେଖ ଏ କପରି ମୂର୍ଖ ମନୁଷ୍ୟ । ଆପଣା ପୁତ୍ରକୁ ଚଲାଇ ଚଲାଇ ନେଉଅଛି ଓ ବଳଦ ଖେଦି ଖେଦି ଆପେ ମଧ୍ୟ ଚାଲି ଯାଉଅଛି । ଏହି କଥା ଶୁଣିଲାକ୍ଷଣି ସେହି ବୃଦ୍ଧ ମନୁଷ୍ୟ ପୁତ୍ରକୁ ବଳଦ ଉପରେ ଚଢ଼ାଇ ପୂର୍ବପରି ବଳଦ ଖେଦି ଖେଦି ତାହାର ପଛେ ପଛେ ଗଲା । କିଛିଦୂର ଗଲାପରେ ଆଉ ଜଣେ ମହାଶୟ ସହିତ ତାର ଭେଟ ହେଲା । ବଳଦରେ ଚଢିଥିବା ବାଳକକୁ ସେ କହିଲେ, "ଅରେ, ତୁ କପରି ମୂର୍ଖ । ନିଜେ ଆନନ୍ଦପୂର୍ବକ ବଳଦରେ ବସି ବୃଦ୍ଧ ପିତାକୁ ଚଲାଇ ନେଉଅଛୁ ?

ଘୋଡେ ଲଜ୍ଜା ହେଉନାହିଁ କି?" ଏକଥା ଶୁଣିଲାମାତ୍ରେ ବୃଦ୍ଧ ମନୁଷ୍ୟ ଯୁବକକୁ ବଳଦରୁ ଓହ୍ଲାଇ ସ୍ୱୟଂ ବଳଦ ଉପରେ ଆରୋହଣ କଲା । ପୁନଶ୍ଚ ମାର୍ଗରେ ଯାଉଁ ଯାଉଁ ଅନ୍ୟ ଏକ ମନୁଷ୍ୟ ସଙ୍ଗେ ସାକ୍ଷାତ ହେଲା । ସେ କହିଲା, "ଅହୋ ! ବାଳକଟି ପଥଶ୍ରମରେ କ୍ଳାନ୍ତ ହୋଇ ଗଲାଣି ତଥାପି ଏ ବୃଦ୍ଧ ମନୁଷ୍ୟ ଆନନ୍ଦରେ ବଳଦ ଉପରେ ବସି ଚାଲି ଚାଲି ଯାଉଅଛି ।" ଏହା ଶୁଣି ସେ ବୃଦ୍ଧ ମନୁଷ୍ୟ ଯୁବକକୁ ମଧ୍ୟ ଆପଣା ସଙ୍ଗରେ ବଳଦ ଉପରେ ବସାଇଲା । ଅଳ୍ପଦୂର ନ ଯାଉଣୁ ପୁନର୍ବାର ଅନ୍ତୁର ଏକ ମହାଶୟଙ୍କ ସହିତ ତାଙ୍କର ଭେଟ ହେଲା । ସେ ଉପହାସ କରି ପଚାରିବାକୁ ଲାଗିଲେ, ହେ ବୃଦ୍ଧ ମନୁଷ୍ୟ "ଏହା କି ତୁମ୍ଭର ନିଜର ବଳଦ?" ବୃଦ୍ଧ ଉତ୍ତର କଲା "ହାଁ, ମହାଶୟ !" ତାହା ଶୁଣି ସେ ବୃଦ୍ଧକୁ ପ୍ରତ୍ୟୁତ୍ତର ଦେଲେ "ଯଦ୍ୟପି ତୁମ୍ଭେ ଦୁଇଜଣ ବଳଦ ଉପରେ ବସିଅଛ, ତେବେ କିଏ କହିବ ଯେ ଏହା ତୁମ୍ଭର ନିଜର ବଳଦ ଅଟେ?" ଏହି ସବୁ କଥା ଶୁଣିଲା ପରେ ସେହିକ୍ଷଣି ପିତା ପୁତ୍ର ଦୁହେଁ ବଳଦରୁ ଓହ୍ଲାଇଲେ । ତତ୍ପରେ ବଳଦର ଚାରିଗୋଡ଼ ଦଉଡ଼ିରେ ବାନ୍ଧି ତନ୍ମଧ୍ୟରେ ଗୋଟିଏ ବାଉଁଶ ଲଗାଇ ତାକୁ କାନ୍ଧରେ ବୋହି ଗୋଟିଏ ପୋଲ ଉପର ଦେଇ ସହରକୁ ଯିବାକୁ ଲାଗିଲେ । ଏଥିରେ ଏପରି ଗୋଟିଏ ହାସ୍ୟଜନକ ବିଷୟ ହେଲା ଯେ, ତାହା ଦେଖିବା ନିମନ୍ତେ ପ୍ରାୟ ଶତ ଶତ ମନୁଷ୍ୟ ସେଠାକୁ ଦୌଡ଼ି ଆସିଲେ । ପରିଶେଷରେ ବଳଦ ଭୀତ ହୋଇ ବନ୍ଧନରୁ ମୁକ୍ତ ହେବା ନିମନ୍ତେ ତାହାର ଚାରି ଗୋଡ଼ ଇତସ୍ତତଃ ଛାଟିବାକୁ ଲାଗିଲା । ସେ ଯେଉଁ ଦଉଡ଼ିରେ ବନ୍ଧା ଯାଇଥିଲା, ତାହା ଛିଣ୍ଡି ଯିବାରୁ ବାଉଁଶରୁ ପୃଥକ୍ ହୋଇ ନଦୀରେ ପଡ଼ି ପ୍ରାଣତ୍ୟାଗ କଲା ।

ହାୟ ! କି ଦୁଃଖର ବିଷୟ । ସେ ବୃଦ୍ଧ ମନୁଷ୍ୟ କାୟମନୋବାକ୍ୟରେ ସମସ୍ତଙ୍କୁ ପ୍ରସନ୍ନ କରିବା ନିମନ୍ତେ ଅଭିଳାଷ କରିଥିଲା । ପରନ୍ତୁ ତାହାର

ଅନ୍ତମ ଫଳ ଏପରି ହେଲା ଯେ ଲୋକେତ ତୁଷ୍ଟ ହେଲେ ନାହିଁ, ବରଂ ତାହାକୁ ଅତି ଦୁଃଖ, କ୍ଷତି ଓ ଲଜ୍ଜା ସହିବାକୁ ପଡ଼ିଲା ।

ଏଥିର ତାତ୍ପର୍ଯ୍ୟ ଏହି ଯେ କେହି ଏକାବେଳକେ ସମସ୍ତଙ୍କୁ ପ୍ରୀତ କରି ପାରନ୍ତି ନାହିଁ ।

---

## ପାଠ ୧୧ ।

## ଇଉରୋପୀୟ ଲୋକମାନଙ୍କର ବସତିମାନ ।

ଏହି କଥାକୁ ଉତ୍ତମରୂପେ ବୁଝିବା ଚାହିଁ ଯେ ପ୍ରଥମରୁ ପର୍ତ୍ତୁଗିଜ ଆଦି ଇଉରୋପୀୟ ଲୋକମାନେ ଭାରତବର୍ଷରେ ରାଜ୍ୟସ୍ଥାପନ କରିବା ଉଦ୍ଦେଶରେ ନୁହେ, କେବଳ ଏଠାରେ ବାସ କରି ବ୍ୟାପାର ଦ୍ୱାରା ଧନ ସଞ୍ଚିତ ହେଲାଉତ୍ତାରୁ ଆପଣା୨ ଦେଶକୁ ଫେରି ଯିବା ମାନସରେ ଅସି-ଥିଲେ । ସେମାନେ ଯେଉଁ କୌଣସିଠାରେ ବାଣିଜ୍ୟର ଉତ୍ତମ ସୁବିଧା ଦେଖୁଥିଲେ, ସେଠାକାର ରାଜା, ଅବା ବାଦସାହଙ୍କଠାରୁ ଅନୁମତିପତ୍ର ନେଇ ଆପଣା୨ ଗୋଦାମ ବା କାର୍ଯ୍ୟଶାଳା ଖୋଲି ସେଠାରେ ରାଜା ବା ବାଦସାହଙ୍କୁ ତହିଁର ବାର୍ଷିକ ଶୁଳ୍କ ଦେଉଥିଲେ ।

ଏହି ପ୍ରକାରେ ପର୍ତ୍ତୁଗାଲ ଦେଶର ଲୋକମାନେ ଖ୍ରୀ ୧୫୧୦, ଅବ୍ଦରେ ଗୋଆ ନାମକ ନଗରରେ ସର୍ବ ପ୍ରଥମ ବସତି ସ୍ଥାପନ କଲେ । ଏହି ସ୍ଥାନଟି ପଶ୍ଚିମ ଉପକୂଳରେ ଏବଂ ବୋମ୍ବାଇର ଦକ୍ଷିଣ ଦଗରେ ଅବସ୍ଥିତ ଗୋଟିଏ ଦ୍ୱୀପ ଅଟେ । କାଳକ୍ରମେ ସେମାନେ ଗୁଜରାଟରୁ ଆରମ୍ଭ କରି କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ପଶ୍ଚିମ ଉପକୂଳରେ କେତେକ ବସତି ସ୍ଥାପନ କଲେ ; ଏବଂ କରମଣ୍ଡଳ ଉପକୂଳରେ ସେଣ୍ଟଥୋମୀ ନାମକ

ଗୋଟିଏ ସଦୃଢ଼ ଦୁର୍ଗ ନିର୍ମାଣ କରି ସେହି ସ୍ଥାନରେ ଗୋଟିଏ ନଗର ବସାଇଲେ । ଏହି ସ୍ଥାନରେ ଏବେ ମାନ୍ଦ୍ରାଜ ସହର ଅବସ୍ଥିତ ।

ପଶ୍ଚିମଘାଟ ପର୍ବତ ନିକଟବର୍ତ୍ତୀ ସ୍ଥାନୀୟ ରାଜାମାନଙ୍କ ସହିତ ବୈରଭାବ ହେବା ପ୍ରଯୁକ୍ତ ପୋର୍ତ୍ତୁଗିଜ ଲୋକଙ୍କୁ ବିଶେଷ କରି ଆପଣାର ବସତି ଆଉ ଅଧିକାର ରକ୍ଷା କରିବା ନିମନ୍ତେ ଶସ୍ତ୍ର ଧାରଣ କରିବାକୁ ପଡୁଥିଲା । ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ସ୍ପେନର ରାଜା ପର୍ତ୍ତୁଗିଜମାନଙ୍କୁ ଆକ୍ରମଣ କରି ସେମାନଙ୍କୁ ଯୁଦ୍ଧରେ ପରାସ୍ତ କଲେ ଏବଂ ତାଙ୍କର ସମସ୍ତ ଦେଶ ଜୟ କରି ନେଲେ । ଭାରତବର୍ଷରେ ଏମାନଙ୍କର ଯେଉଁ ସବୁ ବସତି ଥିଲା ସେ ସବୁ ଡଚ୍‌ମାନଙ୍କର ହସ୍ତଗତ ହେଲା । ସେ ସମୟରେ ଇଉରୋପ ମହାଦେଶର ଅନ୍ୟାନ୍ୟ ଜାତିମାନଙ୍କ ଅପେକ୍ଷା ଡଚ୍‌ଲୋକମାନେ ନାବିକ ବିଦ୍ୟାରେ ଅଧିକ ନିପୁଣ ଥିଲେ । ଅନ୍ୟାନ୍ୟ ଦେଶର ଲୋକମାନେ ଏମାନଙ୍କଠାରୁ ଭଡ଼ାରେ ଜାହାଜ ନେଇ ଆପଣା ୨ ବ୍ୟାପାର କରୁଥିଲେ । ଏହି ପ୍ରକାରେ ଡଚ୍‌ମାନଙ୍କର ଜାହାଜ ପୋର୍ତ୍ତୁଗାଲ ରାଜଧାନୀ ଲିସବନକୁ ଆସୁଥିଲା ଆଉ ସେଠାରୁ ଭାରତବର୍ଷର ଦ୍ରବ୍ୟାଦି ନୀତ ହେଉଥିଲା । ମାତ୍ର ୧୫୮୦ ଖ୍ରୀଷ୍ଟାବ୍ଦରେ ଲିସବନ ନଗର ସ୍ପେନ ରାଜାଙ୍କର ଅଧିକାରଭୁକ୍ତ ହେବାରୁ ସେ ଜାହାଜର ଗତାୟାତ ସ୍ଥଗିତ କରି ଦେଲେ । ଯେତେବେଳେ ଡଚ୍‌ମାନେ ସ୍ୱୟଂ ଭାରତବର୍ଷରେ ବ୍ୟାପାର କରିବା ନିମନ୍ତେ କଟିବଦ୍ଧ ହେଲେ ସେତେବେଳେ ଏମାନେ ତାପ୍ତୀତଟବର୍ତ୍ତୀ ସୁରାଟ ନଗରରେ ସ୍ୱକୀୟ କାର୍ଯ୍ୟାଳୟ ଖୋଲିଲେ । ପରେ କରମଣ୍ଡଳ ଉପକୂଳରେ, ମାନ୍ଦ୍ରାଜଠାରୁ ୩୦ ମାଇଲ ଉତ୍ତର ଆଡ଼ରେ ପଲିକୋଟ ଦୁର୍ଗ ନିର୍ମାଣ କରି ନଗର ବସାଇଲେ । ଅବଶେଷରେ ୧୭ ଶ ଶତାବ୍ଦୀର ଶେଷରେ ପର୍ତ୍ତୁଗିଜମାନଙ୍କର ସମଗ୍ର ଭାରତବସତି ସେମାନଙ୍କର ହସ୍ତଗତ ହେଲା ।

ଡଚ୍‌ମାନଙ୍କ ପରେ ଏଠାକୁ ଇଂରେଜମାନେ ଆଗମନ କଲେ । ଦେଶ ଜୟ କରିବା ଏମାନଙ୍କ ଉଦ୍ଦେଶ୍ୟ ଥିଲା ନାହିଁ । ଏଠାକୁ ଆସି ବ୍ୟାପାର

କହିବା ମଧ୍ୟ ଏମାନଙ୍କର ଉଦ୍ଦେଶ୍ୟ ଥିଲା । ସେହି ଅଭିପ୍ରାୟରେ ସେମାନେ ଗୋଟିଏ କୋମ୍ପାନୀ (ବା ଦଳ) ସଂସ୍ଥାପନ କଲେ । ମହାରାଣୀ ଏଲିଜାବେଥ ଏମାନଙ୍କୁ ଗୋଟିଏ ସନନ୍ଦ ପତ୍ର ଦେଇଥିଲେ । ସେହି ସନନ୍ଦର ବଳରେ ଏହି କୋମ୍ପାନୀର ଲୋକମାନଙ୍କ ବ୍ୟତୀତ ଅନ୍ୟ କୌଣସି ଇଂରେଜ କୋମ୍ପାନୀ ଭାରତବର୍ଷରେ କୌଣସି ବ୍ୟାପାର କରି ପାରୁ ନ ଥିଲେ । ଏଣୁକରି ଏହି ଦଳ ଶୀଘ୍ର ଅତି ଧନଶାଳୀ ହୋଇଗଲେ ।

ପ୍ରଥମରେ ଲେଖିତ ହୋଇଅଛି ଯେ ଏହି କୋମ୍ପାନୀର ମୁଖ୍ୟ ଉଦ୍ଦେଶ୍ୟ ବାଣିଜ୍ୟ କରିବାର ଥିଲା । କିନ୍ତୁ ପରିଶେଷରେ ସ୍ୱ ସ୍ୱ ଦ୍ରବ୍ୟ ଓ ବ୍ୟାପାର ରକ୍ଷା ନିମନ୍ତେ କୋମ୍ପାନୀର କର୍ମଚାରୀମାନଙ୍କୁ ସଶସ୍ତ୍ର ହେବାକୁ ଓ ବ୍ୟାପାରର ଉନ୍ନତି ସାଧନ ନିମନ୍ତେ ଯୁଦ୍ଧ ଶିକ୍ଷା କରିବାକୁ ପଡ଼ିଲା । ଏତେଦୂର ହେଲା ଯେ କ୍ରମେ ୨ ସମଗ୍ର ଭାରତବର୍ଷରେ କୋମ୍ପାନୀର ରାଜ୍ୟ ବିସ୍ତୃତ ହୋଇଗଲା । ଏହି କୋମ୍ପାନୀ ୨୫୦ ବର୍ଷ ପର୍ଯ୍ୟନ୍ତ ରହିଥିଲା । ମାତ୍ର ପରିଶେଷରେ ୧୮୫୮ ସାଲରେ, ଇଂଲଣ୍ଡର ମହାସଭା ଏବଂ ମହାରାଣୀ କୋମ୍ପାନୀଙ୍କୁ ପଦଚ୍ୟୁତ କରି ଏହି ରାଜ୍ୟ ଆପଣା ରାଜ୍ୟଭୁକ୍ତ କରି ନେଲେ ।

ଇଂରାଜମାନଙ୍କର ସଙ୍ଗେ ୨ ଅଥବା କିଛି ଦିନପରେ ଫରାସୀ ଲୋକମାନେ ଆଗମନ କଲେ । ଏମାନେ ମଧ୍ୟ ପ୍ରଥମରେ ବ୍ୟାପାରୀ ଥିଲେ । ସେମାନେ ମାନ୍ଦ୍ରାଜଠାରୁ ୧୦୦ ମାଇଲ ଦକ୍ଷିଣରେ ପଣ୍ଡିଚେରୀ ନାମକ ଗୋଟିଏ ନଗର ବସାଇ ତହିଁରେ ଗୋଟିଏ ଦୁର୍ଗ ମଧ୍ୟ ପ୍ରସ୍ତୁତ କଲେ । ପୁନଶ୍ଚ କଲିକତାର ୨୦ ମାଇଲ ଉତ୍ତରରେ ଚନ୍ଦନ ନଗର ନାମକ ଅନ୍ୟ ଏକ ଦୁର୍ଗ ମଧ୍ୟ ନିର୍ମାଣ କରି ସେଠାରେ ଗୋଟିଏ ନଗର ବସାଇଲେ ।

ଏହି ଫରାସୀ ଓ ଇଂରେଜମାନଙ୍କ ମଧ୍ୟରେ ସର୍ବଦା ବଡ଼ ଈର୍ଷାଭାବ ଥିଲା, ଏବଂ ଉଭୟ ମଧ୍ୟରେ ବଡ଼ ବଡ଼ ଯୁଦ୍ଧ ମଧ୍ୟ ହେଉଥିଲା । ପରିଣାମରେ ଏହାର ଫଳ ଏପରି ହେଲା ଯେ କ୍ଷୁଦ୍ର ୨ ତିନି ଚାରି ଖଣ୍ଡ ବସତି ଛଡ଼ା ସବୁ ସ୍ଥାନରୁ ଫରାସୀମାନଙ୍କର ଅଧିକାର ଉଠିଗଲା ।

# ପାଠ ୧୬ ।

## ସ୍ୱାସ୍ଥ୍ୟରକ୍ଷା, ୮ମ ଭାଗ ।

### ବାୟୁ ପରିଷ୍କରଣ ।

ପୃଥିବୀରେ ବାୟୁ ଅନେକ କାରଣରୁ ଦୂଷିତ ହୁଏ । ଯଦି ତାହା ପରିଷ୍କାର ହେବାର ଉପାୟ ନ ଥାନ୍ତା ତେବେ କିଛି ଦିନରେ ଏହି ପୃଥିବୀ ଉପରେ ବାସ କରିବା କଠିଣ ହୁଅନ୍ତା । ବାୟୁ ଯେଉଁ କାରଣରୁ ପରିଶୁଦ୍ଧ ହୁଏ ତାହା ଦୁଇ ପ୍ରକାର ।

ପ୍ରଥମ ଉପାୟ ଏହି ଯେ ତାହା ଆପେ ଆପେ ପରିଷ୍କାର ହୋଇଥାଏ । ଯେପରି ସୂର୍ଯ୍ୟର ଉତ୍ତାପରୁ ବାୟୁ ଉଦ୍ଭାସ ହୋଇଯାଏ; ପୁଣି ସେହି ଉତ୍ତାପରୁ ଝଡ଼ ଜାତ ହୋଇ ଚଳେ । ତହିଁରେ ଦୂଷିତ ପବନ ଏକ ସ୍ଥଳରେ ଜମା ହୋଇ ନ ପାରେ । ବର୍ଷା ଦ୍ୱାରା କୁଟା, କଚରା ଇତ୍ୟାଦି ଭୂମିରେ ବସିଯାଏ, ଆଉ ପାଣିରେ ଦ୍ରବ ହେଉଥିବା ପଦାର୍ଥ ତହିଁରେ ମିଳିକରି ବହିଯାଏ ।

ବାୟୁ ପରସ୍ପର ମିଳନରେ ମଧ୍ୟ ପରିଷ୍କାର ହୋଇଯାଏ । ଅଗ୍ନିରୁ ଯେଉଁ ଧୂଆଁ ଉଠେ ତାହା ଶୀଘ୍ର ବାୟୁ ସଙ୍ଗରେ ଏପରି ଭାବରେ ମିଶିଯାଏ ଯେ ଅଳ୍ପ ମଧ୍ୟ ଦେଖା ପଡ଼େ ନାହିଁ । ଦୂଷିତ ବାୟୁର ମଧ୍ୟ ଏହିପରି ଅବସ୍ଥା । କାରଣ ତାହା ନିର୍ମଳ ବାୟୁ ସଙ୍ଗେ ମିଶିଯାଏ ।

ବାୟୁ ଯେତିକି ପାତଳ ହୁଏ ସେତିକି ହାନି ଅଳ୍ପ ହୁଏ । ବାୟୁ ପରିଷ୍କୃତ ହେବାରେ ବୃକ୍ଷସମୂହରୁ ବିଶେଷ ସାହାଯ୍ୟ ମିଳେ । ପ୍ରାଣୀ ଶ୍ୱାସ ନେବାରେ ଅମ୍ଳଜାନ ବାଷ୍ପ ଭିତରକୁ ଯାଏ ଆଉ ଅଙ୍ଗାରାମ୍ଳ ବାଷ୍ପ ବାହାରକୁ ଆସେ । ସେହି ବହିର୍ଗତ ବାୟୁକୁ ଦିନବେଳେ ବୃକ୍ଷ ସବୁ ଆକର୍ଷଣ କରନ୍ତି; ଏବଂ ତାହା ପରିବର୍ତ୍ତରେ ଅମ୍ଳଜାନ ବାଷ୍ପ ବାହାର କରି ଦିଅନ୍ତି । ରାତ୍ରିକାଳରେ

ପ୍ରାଣପୋଷକ ବାୟୁ ବୃକ୍ଷରେ ପ୍ରବିଷ୍ଟ ହୁଏ, ଅଉ ତହିଁରୁ କାରବୋନିକ ଏସିଡ଼ ବାଷ୍ପ ବାହାରେ, ମାତ୍ର ପ୍ରାଣପୋଷକ ବାୟୁ ଯେଉଁ ପରିମାଣରେ ବୃକ୍ଷ ଭିତରକୁ ଯାଏ, ତାହା ଅପେକ୍ଷା ଅଧିକ ପରିମାଣରେ ତହିଁରୁ ବାହାରେ; ତଥାପି ବୃକ୍ଷ ତଳେ ଶୋଇବା ଭଲ ନୁହେ ।

ଆଉ ଅନ୍ୟାନ୍ୟ କୃତ୍ରିମ ଉପାୟରେ ମଧ୍ୟ ବାୟୁ ପରିଷ୍କାର ହୁଏ । ବାୟୁ ଆପେ୨ ପରିଷ୍କାର ହେବା ବିଷୟରେ ଲୋକମାନଙ୍କର ବାଧା ଦେବା ଉଚିତ ନୁହେ । ଘର, ଗଳି, ଖୁଲ ବଜାର ଆଦି ଖୋଲା ବନାଇବା ଉଚିତ, ଯେପରି ବିନା ବାଧାରେ ବାୟୁ ଯିବା ଆସିବା କରି ପାରିବ । କୋଇଲାରେ ବାୟୁ ପରିଷ୍କାର କରିବା ବିଷୟରେ ଏକ ବଡ଼ ଗୁଣ ଅଛି । ଏଣୁକରି କୋଇଲା ଠୋପାରେ ପରିପୂର୍ଣ୍ଣ କରି ଘରେ ଟାଙ୍ଗି ରଖାଯାଏ; ତହିଁରେ ଏହି ଗୁଣ ୬ ମାସ ପର୍ଯ୍ୟନ୍ତ ଥାଏ; ତହିଁରେ ବାହାରି ଯାଏ । ପରନ୍ତୁ ତାହାକୁ ଉଷ୍ମ କରି ଶୀତଲ କଲେ ପୁନର୍ବାର ସେହି ଗୁଣ ଏଥିରେ ଆସିଯାଏ ।

ସଡ଼ି ଯାଉଥିବା ପଦାର୍ଥ ଉପରେ ଶୁଖିଲା ମାଟି ଢାଙ୍କିଲେ ମାଟି ସେହି ଦୁର୍ଗନ୍ଧକୁ ଆକର୍ଷଣ କରି ଆଣେ, ସୁତରାଂ ବାୟୁ ଦୂଷିତ ହୋଇ ନ ପାରେ । କିନ୍ତୁ ବାଲିଆ ମାଟି ବ୍ୟବହାର କରା ଅନୁଚିତ । ପାଇଖାନାରେ ଏହି ମାଟି ବ୍ୟବହାର କାର୍ଯ୍ୟରେ ଲଗାଇବାର ଆବଶ୍ୟକ । ତପ୍ତଚୂନ ପ୍ରାଣନାଶକ ବାୟୁକୁ ଆକର୍ଷଣ କରି ବାୟୁକୁ ପରିଷ୍କାର କରି ଦିଏ; ଆଉ ପବନରେ ଯେଉଁ କ୍ଷୁଦ୍ର୨ ପୋକ ଥାନ୍ତି ସେମାନେ ଏଥିରେ ମରିଯାନ୍ତି । ଏଣୁକରି ପୋକ ଘରରେ ଚୂନ ଫେରାଇବା ଉପକାରୀ ଅଟେ । ଜଳୁଥିବା କୋଇଲାରେ ଲବଣ ଚୂର୍ଣ୍ଣ କରି ପକାଇଲେ ବା ଗନ୍ଧକ ପକାଇଲେ ବାୟୁ ପରିଷ୍କାର ହୁଅଇ । କିନ୍ତୁ ଗନ୍ଧକ ଜାଳିଲା ସମୟରେ ମନୁଷ୍ୟମାନଙ୍କୁ ଅଲଗା ହୋଇଯିବା ଉଚିତ; ନୋହିଲେ ଏଥିର ଧୂଆଁରେ କାଶ ଜନ୍ମେ, ଆଉ ଆଖିବିଥ ମଧ୍ୟ ହୁଏ । ୯୦୦୦ ଘନଫୁଟ ସ୍ଥାନକୁ ୪ ଛଟାଙ୍କ ଗନ୍ଧକ ପୋଡ଼-

ଶ୍ୟକ । ଯେଉଁ ଦିଗରୁ ମଇଳା ବାୟୁ ଆସୁଥାଏ, ସେ ଦିଗରୁ ରସ କର୍ପୂର ପାଣିରେ ଗୋଳିକରି ସିଞ୍ଚି ଦେଲେ ବାୟୁ ପରିଷ୍କୃତ ହୋଇଯାଏ ।

ଯଦି କୌଣସି ସ୍ଥାନରେ କୌଣସି ଔଷଧ ନ ମିଳେ ତେବେ ଘରେ, ଅଗ୍ନି ଜାଳି ଦେଲେ ମଧ୍ୟ ବିଶେଷ ଲାଭ ହୁଏ । କାରଣ କି ଅଗ୍ନି ଜଳିଲେ ମଇଳା ବାୟୁ ଉଷ୍ଣୋସ ହୋଇ ବାହାରକୁ ବାହାରି ଯାଏ, ଆଉ ତତ୍ପରିବର୍ତ୍ତରେ ନୂତନ ବାୟୁ ପ୍ରବିଷ୍ଟ ହୁଏ । ଦ୍ୱିତୀୟତଃ ବାୟୁରେ ଯେଉଁ କ୍ଷୁଦ୍ର୨ ପୋକ ମିଳିଥାନ୍ତି: ସେମାନେ ଅଗ୍ନି ତେଜରେ ମରିଯାନ୍ତି; କିନ୍ତୁ ଯେଉଁ ଘରେ ବିଶେଷ ଲୋକ ରହନ୍ତି, ଓ ବାୟୁ ଯିବା ନିମନ୍ତେ କୌଣସି ଅଢ଼େ ବାଟ ନ ଥାଏ, ସେ ଘରରେ ଅଗ୍ନି ଜଳାଇଲେ କିଛି ଲାଭ ହୁଏ ନାହିଁ ।

---

## ପାଠ ୧୩ ।

## କୃଷିବିଦ୍ୟା, ୮ମ ଭାଗ ।

### ଉତ୍ତମ ବୀଜ ବା ବିହନ ।

ତୁମ୍ଭମାନଙ୍କୁ ଜଣାଅଛି ଯେ ପ୍ରଜାମାନଙ୍କଠାରେ ଯେଉଁ ପ୍ରକାର ବୀଜ ଥାଏ, ସେମାନେ କ୍ଷେତ୍ରରେ ସେହି ବୀଜକୁ ବହୁତ ଘନଭାବରେ ବପନ କରନ୍ତି; ଏହିହେତୁରୁ ଫସଲ ଉତ୍ତମରୂପେ ଉପାର୍ଜ୍ଜିତହୁଅଇ ନାହିଁ । ଇଉରୋପରେ ମୋଟା୨ ବୀଜ ବାଛି କରି ବପନ କରୁଥିବାରୁ ଶସ୍ୟର ବିଶେଷ ଉନ୍ନତି ହେଉଅଛି । ସାଧାରଣ ଆଳୁ ଯାହା କି ଓଜନରେ ପ୍ରାୟ ଏକ ଛଟାଙ୍କି ହୋଇଥାଏ, ତାହା ସେଠାରେ କ୍ଷୁଦ୍ର ତରଭୁଜର ସଦୃଶ ହେଉଅଛି । ଉତ୍ତମ ଶସ୍ୟ ବହୁମୂଲ୍ୟରେ ମଧ୍ୟ ବିକ୍ରୟ ହେଉଅଛି । ଏଣୁ ହେ କୃଷକମାନେ! ଆପଣା ଶସ୍ୟ ମଧ୍ୟରୁ ଉତ୍ତମ ବୀଜ ବାଛି କରି ବୁଣିବା

ନିମନ୍ତେ ଅବଶ୍ୟ ରଖିଥାଏ । ଇଂଲଣ୍ଡରେ ବୀଜ ପ୍ରସ୍ତୁତ କରିବାର ରୀତି ନିମ୍ନଲିଖିତରୂପେ ପ୍ରଚଳିତ ଅଛି । ହଳରେ ଛଅ ବା ବାର ଇଞ୍ଚ ଅନ୍ତରରେ ଗର୍ତ୍ତକରି ପ୍ରତ୍ୟେକ ଗର୍ତ୍ତରେ ଏକ ବା ଦୁଇ ବୀଜ ବୁଣି ଦିଅନ୍ତି; ଏହି ପ୍ରକାର ଶସ୍ୟ ବିରଳ ବୁଣା ଯୋଗୁଁ ସମଧିକ ପବନ ଅଉ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଉତ୍ତମରୂପେ ପରିପକ୍ୱ ହୁଏ । ଏଥିରୁ ଉପାର୍ଜିତ ଶସ୍ୟ ବିହନର କାର୍ଯ୍ୟରେ ବ୍ୟବହୃତ ହୁଏ ।

ଯଦି ତୁମ୍ଭ ପାଖରେ ଉତ୍ତମ ବୀଜ ନ ଥାଏ, ତେବେ ପ୍ରତିବାସୀ ପ୍ରଜାଠାରୁ କିମ୍ବା ବଜାରରୁ ତାହା କ୍ରୟ କରି ରଖ । ତାହା ବହୁତ ସୁଧ ବା ବଢ଼ାରେ କଦାପି ଗ୍ରହଣ କରିବ ନାହିଁ । କାରଣ ବୁଣିବା ସମୟରେ ଉତ୍ତମ ବୀଜ ହସ୍ତଗତ ହୋଇ ପାରେ ନାହିଁ, ଏହା ବ୍ୟତୀତ ବଢ଼ା ମଧ୍ୟ ଦେବାକୁ ପଡ଼େ । ଯଦି ବୀଜ କ୍ରୟ କରିବାକୁ ତୁମ୍ଭଠାରେ ଟଙ୍କା ନ ଥିବ, ତେବେ ଗଭର୍ଣ୍ଣମେଣ୍ଟ ପରିବର୍ତ୍ତରେ ସରକାରୀ କୋଷରୁ ଋଣ ଗ୍ରହଣ କରିବ । ଯେହେତୁ ଏଠାରେ ବାର୍ଷିକ ଟଙ୍କା ପ୍ରତି ଏକ ଅଣା ସୁଧ ଦେବାକୁ ପଡ଼ଇ । ଏପରି ଋଣକୁ ତକାବି ବୋଲାଯାଏ । ଇଉରୋପରେ ବୀଜ ବିକ୍ରୟ କରିବାର ନିୟମ ଏତେ ଦୂର ପର୍ଯ୍ୟନ୍ତ ଉନ୍ନତି ଲଭିଅଛି ଯେ, ସେ ସ୍ଥାନର ଅନେକ ବ୍ୟାପାରୀ କେବଳ ବୀଜର ବ୍ୟବସାୟ କରୁଅଛନ୍ତି ।

ତୁମ୍ଭେ ବୁଦ୍ଧିମାନ୍ ପ୍ରଜାଠାରୁ ଶୁଣିଥିବ କି ଗୋଟିଏ ହଳରେ ପ୍ରତିବର୍ଷ ସେହି କ୍ଷେତ୍ରର ଶସ୍ୟ ବୁଣିବାରେ ଫସଲ ଭଲ ହୁଏ ନାହିଁ ; କିନ୍ତୁ ତହିଁରେ ଅନ୍ୟ କ୍ଷେତ୍ରର ନୂତନ ବୀଜ ବପନ କଲେ ପୂର୍ବାପେକ୍ଷା ଅଧିକ ଶସ୍ୟ ଉତ୍ପନ୍ନ ହୁଏ; ବୀଜ କ୍ରୟ କରିବାରେ ମଧ୍ୟ ନିଃସଂଶୟରେ ତାହାର ପରିବର୍ତ୍ତନ ହେଉଅଛି । କୌଣସି୨ ଶସ୍ୟର ବୀଜ ଆପଣା ଦେଶରେ ଉତ୍ପନ୍ନ ହୁଏ, ନାହିଁ; ତାହା ସେହି ଦେଶରେ ଉତ୍ପନ୍ନ ହୁଏ, ଯେଉଁଠାରେ କି ଭୂମି, ଜଳ ଓ ବାୟୁ ତାହାର ନିମନ୍ତେ ନିତାନ୍ତ ଉପଯୁକ୍ତ ଥାଏ । ଅତଏବ ତାହା ସେହି ସ୍ଥାନରୁ ମଗାଇବା ବିଧେୟ । ଦେଖ, ଏଲାହାବାଦ ଅଉ କାନପୁରରୁ

ମାଲର ବୀଜ ବେହାର ଓ ବଙ୍ଗପ୍ରଦେଶକୁ ଆସୁଅଛି ; ପାନସମାନେ ଯେଉଁ ସ୍ଥାନରେ ଉତ୍ତମ ପାନ ହୁଏ ସେହି ସ୍ଥାନରୁ ପାନର ଲତା ମଗାନ୍ତି । ଏହିପରି କାର୍ପାସର ବୀଜ ଚହା ଓ ଅର୍ବିରୁ ମଗାଇ ତୁମ୍ଭେମାନେ ଅପଣା କାର୍ପାସ ଶସ୍ୟ କାହିଁକି ଉନ୍ନତି କରୁନାହିଁ? ତୁମ୍ଭଙ୍କୁ ଉଚିତ ଯେ ଭିନ୍ନ ଭିନ୍ନ ପ୍ରକାରର ଉତ୍ତମ ବୀଜ ବାଛି କରି ଅଥବା କ୍ରୟ କରି ଆପଣା କ୍ଷେତ୍ରରେ ବପନ କର, ଏହା କଲେ ତୁମ୍ଭର ପ୍ରଦେଶରେ ସର୍ବବିଧ ବସ୍ତୁ ପ୍ରତ୍ୟେକ ସ୍ଥାନରେ ଯଥେଷ୍ଟ ପରିମାଣରେ ଉତ୍ପନ୍ନ ହେବ ।

ଏହା ବ୍ୟତିରେକେ ଯେଉଁ ନୂତନ ପ୍ରକାରର ଉପଯୁକ୍ତ ବୀଜ ଏ ସ୍ଥାନରେ ମିଳଇ ନାହିଁ, ତାହାକୁ ଅନ୍ୟ ଦେଶରୁ ମଗାଇବା ବିହିତ । ତୁମ୍ଭେ କହି ନ ପାର କି, ଏହା ଆମ୍ଭର ଭୂମି ଆଉ ସ୍ଥାନୀୟ ଜଳ ବାୟୁରେ ଉତ୍ପନ୍ନ ହୋଇ ନ ପାରେ ; ଯେହେତୁ ପ୍ରାଚୀନ କାଳରେ ଅନ୍ୟ ଦେଶରୁ ମକା, ଭାଙ୍ଗ ଓ ତେନ୍ତୁଳି ପ୍ରଭୃତି ଏ ଦେଶକୁ ଅଣା ଯାଇଥିଲା । ଏହିପରି ଭଣ୍ଟି, ଗାଜର ଆଦି ପଦାର୍ଥ ସୁଦ୍ଧା ଅଳ୍ପ ଦିନ ହେଲା ଏଦେଶକୁ ଅଣା ଯାଇଅଛି । ଚହା ଓ ଆଳୁ ଅନ୍ୟ ପ୍ରଦେଶୀୟ ବୀଜ ଥିବାର ତୁମ୍ଭଙ୍କୁ ଜଣା ନାହିଁ କି? ଦେଖ ହିମାଳୟର ଉପତ୍ୟକାରୁ ପ୍ରତିବର୍ଷ କେତେ କ୍ରୋଡ଼ ଟଙ୍କାର ଚହା ଇଉରୋପ ମହାଦେଶକୁ ପ୍ରେରିତ ହେଉଅଛି । ସାଁଗର ଏବଂ ଫରକ୍କାବାଦ ଜିଲ୍ଲାର ଉର୍ଣ୍ଣାସ ଭୂମିରେ ବର୍ତ୍ତମାନ ବିଶେଷ ଆଳୁ ହେଉଅଛି । ଏଣୁକରି ତୁମ୍ଭଙ୍କୁ ଉଚିତ ଯେ ଗିନି ଘାସ ଏବଂ ଆମେରିକାର କାର୍ପାସ ପ୍ରଭୃତି ଉପଯୁକ୍ତ ପଦାର୍ଥ ଆମ୍ଭ ପ୍ରଦେଶରେ ରୋପଣ କରି ଉପାର୍ଜ୍ଜନ କର । ପ୍ରଥମତଃ ପରୀକ୍ଷା ନିମନ୍ତେ ଅଳ୍ପ ଜମିରେ ତାହାକୁ ବପନ କରି ଦେଖ, ସମ୍ଭବ ବିଶେଷରେ ଶସ୍ୟ ଉତ୍ତମରୂପେ ଅଙ୍କୁରିତ ହେବ ନାହିଁ ସତ୍ୟ, ତଥାପି ତହିଁରେ ହତାଶ ନ ହୋଇ ତାହା ରୋପଣ କରିବାକୁ ନୂତନ ଧାରାମାନ ଅନ୍ୱେଷଣ କରୁଥାଅ ; କିଯତ୍କାଳପରେ ସେହି ନୂତନ ବୀଜ ଆପଣାର ଜମି ଆଉ

ଜଳବାୟୁର ଉପଯୁକ୍ତ ହୋଇଯିବ । ଏହି ସବୁ ବିଷୟର ପରୀକ୍ଷା ଏବେ ନାଗପୁରସ୍ଥ ସରକାରୀ କ୍ଷେତ୍ରରେ ହେଉଅଛି ।

---

## ପାଠ ୧୪ ।

### ସଦୁପଦେଶ ।

ମହତ ସଙ୍ଗରେ ହୁଏ ନୀଚହିଁ ମହତ;
ପୁଷ୍ପ ପରସାଦୁଁ ପଟ୍ଟ ବିଭୁ ଶିର ଗତ । ୧ ।
ବିଗ୍ରହର ଆବରଣ ହେବାରୁ ପଥର;
ଆଦର ପାଇଣ ଯାଉଥାଏ ରାଜା କର । ୨ ।
କାଞ୍ଚନ ଯୋଗରେ କାଚ ହୁଏ ମଣିପ୍ରାୟ;
ଅଗ୍ନି ଯୋଗୁଁ ଅଙ୍ଗାରର କାନ୍ତି ହେମ ସମ । ୩ ।
ମଧୁଗନ୍ଧ ଯୋଗୁଁ ହୁଏ ପୁଷ୍ପର ଆଦର;
ମୁକତି ଲଭଇ ଭକ୍ତିଶୀଳ ହେଲେ ନର । ୪ ।
ସୁଗୁଣି ସଜ୍ଜନେ ସଙ୍ଗ ଦୋଷ ନ ଲାଗଇ;
ଗୁଞ୍ଜି ରକ୍ତିମାକୁ ଯେହ୍ନେ ପଙ୍କ ନ ନାଶଇ । ୫ ।
ବିଷଧର ବିଭୂଷିତ ହେଲେହେଁ ଚନ୍ଦନ;
ସୌରଭରେ ପ୍ରମୋଦିତ କରେ ଜନମନ । ୬ ।
ଏକାବାସେ କାକ ସଙ୍ଗ ହେଲେହେଁ ପୋଷିତ;
ପିକ ନ ଛାଡଇ କେବେ ତା ମଧୁର ଗୀତ । ୭ ।
କୃଷ୍ଣବର୍ଣ୍ଣ ଜଳଧର ସଙ୍ଗ କ୍ଷଣପ୍ରଭା;
ଥିଲେ ସୁଦ୍ଧା ନ ହରାଏ ତିଳେ ନିଜ ପ୍ରଭା । ୮ ।

ଚନ୍ଦନ ସୌରଭ ଛଡ଼ି ମକ୍ଷିକା ଯେସନ ;
କରଇ ସଶ୍ରଦ୍ଧଭାବେ ପୁରୀଷ ଆଘ୍ରାଣ । ୯ ।
ଫଳ ପୁଷ୍ପ ପୂର୍ଣ୍ଣ ବନେ ଯେସନେ ଶୂକର ;
କଣ୍ଟା ଖୋଜୁଥାଏ ସଦା ହୋଇ ତତପର । ୧୦ ।
ସେହିପରି ଗୁଣୀ ଗୁଣ ପରିହରି ଖଳ ;
ଦୋଷ ଅନ୍ୱେଷଣେ ଥାଏ ସଦା ତତପର । ୧୧ ।
ନ ଛାଡ଼ଇ ନିଜ ଗୁଣ କଦା ଖଳ ଲୋକ ;
ପୟୋଧରୁ ପୟଃ ଛାଡ଼ି ରକ୍ତ ପିଏ ଜୋକ । ୧୨ ।
ଅଙ୍ଗାରକୁ କ୍ଷୀର ଭାଣ୍ଡେ ବୁଡ଼ାଇ ରଖିଲେ ;
ତା କାଳିମା ଗୁଣ ନାଶ ନ ଯାଏଟି ତଳେ । ୧୩ ।
ଯେହୁ ସଦା ପରବଶ ଅଟଇ କ୍ରୋଧର ;
ପଣ୍ଡିତ ହେଲେହେଁ ତାହା ସଙ୍ଗ ପରିହରି । ୧୪ ।
ମସ୍ତକେ ଥିଲେହେଁ ତାର ଅମୂଲ୍ୟ ରତନ ;
ବିଷଧର ନୁହେ କେବେ ବିଶ୍ୱାସଭାଜନ । ୧୫ ।

# ପାଠ ୧୫ ।

## ପବନ ଆଉ ବୃଷ୍ଟି ।

### ୧ମ ଭାଗ, ପବନ ।

ପୃଥିବୀର ଚାରି ଆଡ଼ରେ ବାୟୁମଣ୍ଡଳ ଅଛି । ସତ୍ୟ କହିବାକୁ ଗଲେ ବାୟୁମଣ୍ଡଳ ଗୋଟିଏ ପଦାର୍ଥ ଅଟେ । ଯଦି ଅମ୍ଭେମାନେ ତାହା ଦେଖି ନ ପାରୁଁ ତଥାପି ତାହା ସ୍ପର୍ଶ କରି ଅନୁଭବ କରି ପାରୁଁ । ଯେତେବେଳେ ଅମ୍ଭେମାନେ ଗମନାଗମନ କରୁଁ ସେତେବେଳେ ତାହା ଅମ୍ଭମାନଙ୍କ ଦେହରେ ଲାଗେ । ଯେଉଁ ସମୟରେ ବୃକ୍ଷର ପତ୍ର ହଲିଲେ କିମ୍ବା ତୃଣ ଦୋଲାୟମାନ ହୁଏ ସେହି ସମୟରେ ଅମ୍ଭେମାନେ ତହିଁର କାର୍ଯ୍ୟ ଦେଖିପାରୁଁ । ମାତ୍ରି ତାହାର କାର୍ଯ୍ୟ ପ୍ରଚଣ୍ଡ ହେଲେ ବିଶେଷ କରି ଦେଖା ପଡ଼େ । ଏତଦ୍ୱାରା ବୃକ୍ଷ ଉତ୍ପାଟିତ ହୁଏ, ଆଉ ଗୃହର ଉପରଭାଗ ଉଡ଼ିଯାଏ । ଏଥିର ବଳ ଭୂମି ଅପେକ୍ଷା ସମୁଦ୍ର ଉପରେ ଅଧିକ ଭୟଙ୍କରରୂପରେ ପ୍ରକାଶିତ ହୁଏ । ହେତୁ କି ତହିଁରେ ସମୁଦ୍ରର ଲହରୀ ବହୁତ ଉଚ୍ଚକୁ ଉଠେ, ଆଉ ତଦ୍ୱାରା ଅନେକ ସ୍ଥଳରେ ବଡ ସୁଦୃଢ଼ ଜାହାଜ ସବୁ ଖଣ୍ଡ ୨ ହୋଇ ଉଡ଼ିଯାଏ ।

ବାୟୁମଣ୍ଡଳ ପୃଥିବୀର ଚତୁଃପାର୍ଶ୍ୱବର୍ତ୍ତୀ ସକଳ ସ୍ଥାନରେ ଅଛି, ଅର୍ଥାତ୍ ଜଳ ଆଉ ସ୍ଥଳରେ, ଉଚ୍ଚରୁ ଉଚ୍ଚତର ପର୍ବତ ଆଉ ନିମ୍ନରୁ ନିମ୍ନତର ଉପତ୍ୟକା ଭୂମିରେ ମଧ୍ୟ ଅଛି । ତାହା ପୃଥିବୀ ତଳରୁ ପ୍ରାୟ ୨୫ କ୍ରୋଶ ପର୍ଯ୍ୟନ୍ତ ଥାଏ; ସମ୍ଭବତଃ ତାହାଠାରୁ ଅଧିକ ଉପରେ ମଧ୍ୟ ଥାଏ । ବାୟୁରେ ଭାର ଅଛି, ଏବଂ ତହିଁର ଉପରସ୍ଥ ସ୍ତର ଉପରେ ନିମ୍ନସ୍ଥ ସ୍ତର ମାଡ଼ି ରହିବା ହେତୁରୁ ଏହା ସଘନ ଅଉ ଭାରବାନ୍ ଅଟେ । ଯେପରି ସନ୍ତରଣ କରିବା ସମୟରେ ଅମ୍ଭମାନଙ୍କୁ ଜଳର ଭାର ବୋଧ ହୁଏ ନାହିଁ, ସେହିପରି ଅମ୍ଭମାନଙ୍କୁ ବାୟୁର ଚାପ ମଧ୍ୟ ଜଣା ପଡ଼େ ନାହିଁ ଏହା ସତ୍ୟ; ତଥାପି

ପବନରେ ସମସ୍ତଙ୍କ ପରମାଣରେ ଭାର ଅଛି । ସେହି ଭାର ସମୁଦ୍ରର ଉପରି ଭାଗରେ ପ୍ରତି ବର୍ଗ ଇଞ୍ଚରେ ପ୍ରାୟ ୭½ ସେର ପରମାଣରେ ଥାଏ । ତଳର ସ୍ତର ଉପର ସ୍ତର ଦ୍ୱାରା ଚାପି ରହିବା ହେତୁରୁ ଅମ୍ଭମାନଙ୍କୁ ଜଣା ପଡ଼େ ଯେ ପର୍ବତ ଉପରିସ୍ଥ ବାୟୁ ଭୂମିର ବାୟୁଠାରୁ ଲଘୁ ଅଟେ ।

ସଂଚଳମାନ ବାୟୁକୁ ପବନ କହନ୍ତି । ବାୟୁ ସ୍ଥିର ରହିବାର ଅତି ଅଳ୍ପ ଦେଖାଅଛି; ତାହାର ପୂର୍ଣ୍ଣ ସ୍ଥିରତା କୌଣସି ସମୟରେ ବଡ଼ ଗଭୀର ଚତୁର୍ଦ୍ଦିଗ ବେଷ୍ଟିତ ସ୍ଥାନ ଭିନ୍ନ ଅନ୍ୟାନ୍ୟ ସ୍ଥାନରେ ଅତି ଅଳ୍ପ ଶୁଣାଯାଏ । ଏବେ ଏହି ପ୍ରଶ୍ନ ହୋଇପାରେ କି ବାୟୁ ଚଳିବାର ହେତୁ କଅଣ ? ଉତ୍ତର ଏହି ଯେ ସୂର୍ଯ୍ୟଙ୍କ ଉତ୍ତାପ ହେତୁରୁ ବାୟୁ ଚଳୁଅଛି । ଏହି କଥା ସ୍ମରଣ ରଖିବା ଉଚିତ; କାରଣ କି ଏଥି ଉପରେ ନିର୍ଭର କରି ପବନ ଆଉ ବୃଷ୍ଟି ସମ୍ବନ୍ଧୀୟ ପାଠମାନ ବୁଝିବାକୁ ହେବ ।

ପରୀକ୍ଷାଦ୍ୱାରା ଏହା ବୁଝାଇବାର ବଡ଼ ସହଜ । କାଷ୍ଠ ବା କୁଇଲାକୁ ଜଳାଇ ଦିଅ କଣ ଦେଖିବାରେ ଆସିବ ? ଧୂଆଁ ସଳଖଭାବରେ ଉପରକୁ ବାହାରି ଯାଏ; ଅର୍ଥାତ୍ ଉତ୍ତପ୍ତ ପବନ ଉପରକୁ ଉଠେ, ଆଉ ଆପଣା ସଙ୍ଗରେ ଧୂଆଁକୁ ମଧ୍ୟ ନେଇଯାଏ । ମାତ୍ର ଉଷ୍ଣ ବାୟୁ କାହିଁକି ଉପରକୁ ଉଠେ ?

ପରୀକ୍ଷାଦ୍ୱାରା ବୁଝାଉଅଛୁଁ, ଖଣ୍ଡେ କାଷ୍ଠ ଆଉ ଖଣ୍ଡେ ପ୍ରସ୍ତର ଆଣି ଉଭୟକୁ ପାଣିରେ ପକାଇ ଦିଅ । ତେବେ କଣ ଦେଖିବ ? ପଥରଟି ବୁଡିଯିବ ମାତ୍ର କାଷ୍ଠଖଣ୍ଡ ଜଳ ଉପରେ ଭାସୁଥିବ । କାହିଁକି ? କାରଣ କାଷ୍ଠ ପାଣିଠାରୁ ଉଣ୍ୱାସ ଆଉ ପଥର ଭାରି ଅଟେ ।

ଦ୍ୱିତୀୟ ପରୀକ୍ଷା ଦେଖ, ଲେମ୍ପର ଚିମ୍ନୀ ଉପରେ ଆପଣା ହସ୍ତ ଦେଇ ଦେଖିଲେ କଣ ବୋଧ ହେବ ? ଯେପରି ଜ୍ୱଳନ୍ତ ଅଗ୍ନି ଉପରେ ବାୟୁ ଉଠୁଥାଏ ଠିକ୍ ସେହିପରି ଉଷ୍ଣ ପବନ ଉପରକୁ ଉଠୁଥିବାର ଜଣା ପଡ଼ିବ । ବର୍ତ୍ତମାନ ଦେଖ, ଉଷ୍ଣତା ହେତୁରୁ ପବନ ବିସ୍ତୃତ ହୋଇଯାଏ ଆଉ

ଏଥିପାଇଁ ଚତୁଃପାର୍ଶ୍ୱର ପବନଠାରୁ ଉଷ୍ଣାସ ହୋଇଯାଏ । ଯେମନ୍ତ ଜଳ ଉପରେ କାଷ୍ଠ ଖଣ୍ଡ ଭାସୁଥାଏ ତେମନ୍ତ ଉଷ୍ଣାସ ବା ଉତ୍ତପ୍ତ ପବନ ଉପରକୁ ଉଠେ । ସ୍ମରଣ ରଖ ଯେ ଉତ୍ତାପ ଦ୍ୱାରା ପବନ ବିସ୍ତାରିତ ହୁଏ । ମାଏ ଯେତେବେଳେ ଉପରକୁ ଉଠେ ତେତେବେଳେ ସେହି ସ୍ଥାନ ଶୂନ୍ୟ ଥିବାରୁ ପୂର୍ଣ୍ଣ କରିବାକୁ ଚତୁଃପାର୍ଶ୍ୱର ଶୀତଳ ପବନ ଆସିଯାଏ । ଏହିପରି ପବନର ସଞ୍ଚାର ହୁଏ ଅର୍ଥାତ୍ ବାୟୁ ଉଷ୍ଣ ହୋଇ ଉପରକୁ ଉଠିଲାରୁ ସେହି ସ୍ଥାନ ଶୀତଳ ବାୟୁ ଅଧିକାର କରେ ।

ସୂର୍ଯ୍ୟ ଅଗ୍ନି ସମାନ । ସେ ଭୂମଣ୍ଡଳର ପବନକୁ ଉତ୍ତପ୍ତ କରି ଦିଅନ୍ତି ; ମାଏ ଯେଉଁଠାରେ ସୂର୍ଯ୍ୟଙ୍କର କିରଣ ସରଳଭାବରେ ପଡ଼େ (ଅର୍ଥାତ୍ ବିଷୁବରେଖା ପାର୍ଶ୍ୱରେ) ସେହିଠାରେ ଉତ୍ତାପ ଅଧିକ ହୁଏ ।

ତୁମ୍ଭମାନଙ୍କୁ ଜଣାଅଛି ଯେ ମଇ ଆଉ ଜୁନ୍ ମାସରେ ସୂର୍ଯ୍ୟ ଠିକ୍ ଆମ୍ଭମାନଙ୍କର ମସ୍ତକ ଉପରେ ରହନ୍ତି; ଏହେତୁରୁ କେବଳ ଏ ପ୍ରଦେଶ କାହିଁକି ସକଳ ଭାରତବର୍ଷ ଉତ୍ତପ୍ତ ହୋଇଯାଏ ।

ପୃଥିବୀର ମାନଚିତ୍ର ଆଣି ଯେଉଁ ସ୍ଥଳରେ ମଇ ଅଉ ଜୁନ୍ ମାସରେ ସୂର୍ଯ୍ୟ କିରଣ ସଳଖଭାବରେ ପଡ଼େ ସେହି ସ୍ଥାନକୁ ଦେଖ; ଏଥି ମଧ୍ୟରେ ଆସିଆର ଦକ୍ଷିଣ ଭାଗ ଆଉ ଅଫ୍ରିକାର ବହୁତ ଅଂଶ ଅନ୍ତର୍ଭୁକ୍ତ ।

ଏହି ସକଳ ସ୍ଥାନର ପବନ ଉଷ୍ଣ ହୋଇ ଉପରକୁ ଉଠେ ଆଉ ସେହି ଶୂନ୍ୟ ସ୍ଥାନକୁ ଶୀତଳ ବାୟୁ ଅଧିକାର କରେ; କିନ୍ତୁ ଭୂମି ଉପରର ପବନ ଜଳ ଉପରର ପବନଠାରୁ ଅଧିକ ଉଷ୍ଣ ଥାଏ । ଭାରତବର୍ଷରେ ହିମାଳୟ ପର୍ବତ ଥିବାରୁ ଉତ୍ତର ଦିଗର ପବନ ଦକ୍ଷିଣକୁ ଆସି ପାରେ ନାହିଁ । ତାହାର ପରିଣାମ ଏମନ୍ତ ହୁଏ ଯେ ଯେଉଁ ମୁଖ୍ୟ ପବନ ଉଷ୍ଣ ଆଉ ଊର୍ଦ୍ଧ୍ୱୋତ୍ଥିତ ପବନର ସ୍ଥାନରେ ମଇ ଆଉ ଜୁନ୍ ଅଉ କ୍ରମଶଃ ଅଗଷ୍ଟ ଆଉ ସେପ୍ଟେମ୍ବରରେ ଅସେ, ତାହା ଅବଶ୍ୟ ଦକ୍ଷିଣରୁ ଅର୍ଥାତ୍ ଭାରତ ମହାସାଗରରୁ ଆସିଥାଏ ।

ତାହାକୁ ନୈରୁତୀୟ ଗ୍ରୀଷ୍ମୀୟ ପବନ "ବା" ଅଯୂନ ବାହୀ ବାୟୁ "ଅଥବା" ସାଉଥ ଉଏଷ୍ଟର୍ନ ମନ୍‌ସୁନ୍ କୋଲ୍ୟାଏ ।

ତୁମ୍ଭମାନଙ୍କୁ ଜଣା ଅଛି ଯେ ପାଞ୍ଚମାଢ଼ୀର ପବନ ନାଗପୁର ବା ଜବଲ-ପୁରର ପବନଠାରୁ ଶୀତଳତର ଅଟେ । ଏଥିର ହେତୁ କି? ହେତୁ ଏହି ଯେ ଅମ୍ଭେମାନେ ଯେତେ ଉଚ୍ଚ ସ୍ଥାନକୁ ପହୁଞ୍ଚିବୁଁ ତେତେ ସେହି-ସ୍ଥାନର ପବନ ଶୀତଳ ଜଣା ପଡବ । ଅତଏବ ପବନ ଯେତେ ଉପ-ରକୁ ଉଠେ ତେତେ ଶୀତଳ ହୋଇଯାଏ ।

ଶୀତ ଦିନରେ ଯେତେବେଳେ ଭୂମିର ଉପରଭାଗ ଜଳର ଉପରଭାଗ-ଠାରୁ ଶୀତଳ ରହେ ତେତେବେଳେ ପବନ ଭୂମିଆଡ଼ୁଁ ସମୁଦ୍ର ଆଡ଼କୁ ବହିବାକୁ ଲାଗେ; ଆଉ ସେହି ଦିନମାନଙ୍କରେ ସୂର୍ଯ୍ୟଙ୍କ କିରଣ ଭାରତ-ବର୍ଷରେ ସଳଖ ଭାବରେ ପଡେ ନାହିଁ । ପୃଥିବୀର ଯେଉଁ ଭାଗ ସବୁଠାରୁ ଅଧିକ ଉତ୍ତପ୍ତ ରହେ ତାହା ବିଷୁବରେଖାର ଦକ୍ଷିଣ ଭାଗ ଅଟେ । ଏଣୁ କରିୟ ପବନ ଭାରତର ଦକ୍ଷିଣକୁ ବହିବାକୁ ଲାଗେ; ଆଉ ସେହି ବାୟୁକୁ "ଐଶାନ୍ୟବାୟୁ" ବା "ନର୍ଥଇଷ୍ଟ ମନସୁନ୍" କୋଲନ୍ତି ।

ଆଟଲାଣ୍ଟିକ ଆଉ ପ୍ରଶାନ୍ତ ମହାସାଗରର ମଧ୍ୟ ଭାଗରେ, ଆଉ ଦକ୍ଷିଣ ହିମ ସାଗରରେ ଯେଉଁଠାରେ ଭୂମି ଆଉ ଜଳର ଭାଗ ସମାନ ନାହିଁ, ପବନ ବର୍ଷଯାକ ଉତ୍ତର ଆଉ ଦକ୍ଷିଣରୁ ଉଷ୍ଣାଂଶ ଆଡକୁ ଅର୍ଥାତ୍ ବିଷୁବରେଖା ପାର୍ଶ୍ୱକୁ ବହୁଥାଏ । ଏହି ବାୟୁକୁ "ବାଣିଜ୍ୟବାୟୁ" ବା "ଟ୍ରେଡ଼ଉଇଣ୍ଡ" କୋଲ୍ୟାଏ ।

---

## ପାଠ ୧୭ ।

## ବାଲ୍ୟ-ଶାସନ ।

ବାଲକମାନେ ଅପରାଧ କଲେ ସେମାନଙ୍କୁ ଶାସନ କରିବା ବିଧେୟ, କିନ୍ତୁ ଅବିବେକ ଓ କ୍ରୋଧ ସହକାରେ ଶାସନ କରିବା ବାଞ୍ଛନୀୟ ନୁହେ । ଶାସନ ଏପ୍ରକାର କରିବା ଉଚିତ କି ଯହିଁରୁ ବାଲକ ଏପରି ବୁଝିବାକୁ ସମର୍ଥ ହେବ କି ମୋତେ ଏହି ତାଡ଼ନା ଦେବା ଯୋଗୁଁ ମୋର ପିତା ମାତା ଦୁଃଖିତ ଅଛନ୍ତି । ଏହି ତାଡ଼ନା ମୋର ମଙ୍ଗଳର ମୂଳ ଅଟେ ।

ବହୁଧା ମାତା ପିତା କହିଥାନ୍ତି ଯେ ବାଲକମାନେ ପ୍ରିୟ ଥିବା ଯୋଗୁଁ ଅମ୍ଭେ ସେମାନଙ୍କୁ ଶାସନ କରି ନ ପାରୁଁ ; କିନ୍ତୁ ଏହା ସେମାନଙ୍କର ମୂର୍ଖତା ଅଟେ । ଲାଡ଼ ହେତୁରୁ ବାଲକମାନେ ନଷ୍ଟ ହୋଇ ବୃଦ୍ଧ ସମୟରେ ଅଧିକ ଦୁଃଖ ଦିଅନ୍ତି । ସେମାନଙ୍କୁ ଯଥାସମୟରେ ଯଥୋଚିତ ଶାସନ କଲେ ବାଲକ-ମାନଙ୍କର ଓ ସେମାନଙ୍କର ମାତା ପିତାଙ୍କର ସୁଖର ଉତ୍ପତ୍ତି ହୁଏ ; କାରଣ କଥାରେ କହନ୍ତି :—

"ପୁତ୍ରପ୍ରୀତି ବଡ ଦୁଃଖ ହେ ତାଡ଼ନାରେ ସୁଖ ଜାଣି ;
ଶିଷ୍ୟ ପୁଏ ଲାଡ଼ ନ କର କଲେ ହୁଅଇ ହାନି ।"

ଶାସନ କରା ଅବଶ୍ୟ କର୍ତ୍ତବ୍ୟ ହେଲେ ସୁଦ୍ଧା ସର୍ବଦା କରିବା ଉଚିତ ନୁହେ । ତୁଚ୍ଛ୨ କଥାରେ ବାଲକମାନଙ୍କୁ ଦୋଷ ଦେବା ଅବିଧି । ଦଣ୍ଡ ଦେବା କାଲ ଯେତିକି ଟେଲି ଯାଏ ସେତିକି ଅଚ୍ଛା, କାରଣ କି କଷ୍ଟର ତାଡ଼ନାରେ ବାଲକମାନେ ଭଲ ହୁଅନ୍ତି ନାହିଁ କିନ୍ତୁ ଭୟ କେବଲ ସେମା-ନଙ୍କ ସୁଧାରକ । ଯଦ୍ୟପି ଦଣ୍ଡ ଦେବା ପାଇଁ ତୁମ୍ଭେ ନିତାନ୍ତ ଅନିଚ୍ଛୁକ ତେବେ ତହିଁର ଭୟ ଦେଖାଇବା ବ୍ୟର୍ଥ ମାତ୍ର । "ତୁମ୍ଭକୁ ଦାଗି ଦେବୁ" ବା "ଚମଡ଼ା ଖୋଲି ଦେବୁଁ" ବା "ତୋପି ଦେବୁଁ" ଏହିପରି ଅନେକ କଥା କହି ମାତା ପିତା ବାଲକଙ୍କୁ ଧମକାଇ ଥାନ୍ତି । କିନ୍ତୁ ମିଥ୍ୟା କହି

ବାଲକମାନଙ୍କୁ ଭୟ ଦେଖାଇବା ଉଚିତ ନୁହେ । କେବେ୨ ମାତା ପିତା କହୁଥାନ୍ତି କି "ତୋତେ ବାଘ ଖାଇ ଯିବ" "ତୋତେ ଭୂତ ନେବାକୁ ଆସିଅଛି", ଏଥିରେ ମିଥ୍ୟା ଭାଷଣ ଦୋଷ ହେଲା ଏବଂ ଏଥି ହେତୁରୁ ବାଳକେ ସୁଦ୍ଧା ମିଥ୍ୟା କହିବାର ଶିଖିଯାନ୍ତି । ଯେବେ ବାଳକେ ଅଜ୍ଞାନ ହେତୁରୁ ଭୁଲ କରନ୍ତି ତେବେ ସେଥିପାଇଁ ସେମାନଙ୍କୁ ଶାସନ କରିବା ଅଯୋଗ୍ୟ ।

"ଆମ୍ଭେ ଉତ୍ତମ ଷ୍ଟାରେ ଚଳିଲେ ଆମ୍ଭର ପିତା ମାତା ବିଶେଷ ଆନନ୍ଦ ହେବେ ;" ଏହି କଥା ବାଲକମାନଙ୍କ ହୃଦୟରେ ଉତ୍ତମରୂପେ ଅଙ୍କିତ କରିବା ବିଧେୟ । ଏହି ଜ୍ଞାନ ଲାଭ କଲେ ସେମାନେ ସର୍ବଦା ଆପଣା ଆଚରଣ ଉତ୍ତମ ରଖିବାପାଇଁ ଯତ୍ନଶୀଲ ହେବେ ।

ଯେଉଁ ପିତା ମାତା ଚତୁର ଅଟନ୍ତି ସେମାନେ ଶାସନ ସମୟ ଠାଲୁଥାନ୍ତି । ଯେତେବେଳେ ବାଲକମାନେ ପରସ୍ପରରେ ଝଗଡ଼ା କରିବାକୁ ପ୍ରସ୍ତୁତ ହୁଅନ୍ତି ; ତେତେବେଳେ ତାଙ୍କ ମାତା ପିତାଙ୍କୁ ଉଚିତ ଯେ ତାହା କୌଣସି ମତେ ସମାଧାନ କରିବେ ।

# ପାଠ ୧୭ ।

## ମୁଦ୍ରା ।

ଏହି ସଂସାରରେ ମୁଦ୍ରା ବଡ଼ ଉପଯୋଗୀ । ଯଦ୍ୟପି ତାହା ନ ଥାନ୍ତା ତେବେ ବାଞ୍ଛିତ ପଦାର୍ଥର ପ୍ରାପ୍ତି କରିବାରେ ସମସ୍ତଙ୍କୁ ବଡ଼ ଅସୁବିଧା ଘଟନ୍ତା । ମନେକର କୌଣସି କୃଷକଠାରେ ଅଧିକ ପରିମାଣରେ ଶସ୍ୟ ଅଛି କିନ୍ତୁ ତାଠାରେ ଗାତ୍ରାଚ୍ଛାଦନ ନିମନ୍ତେ ବସ୍ତ୍ର ନାହିଁ । ଏଣୁ ତାକୁ କପଡ଼ା ପାଇଁ କୁଷ୍ଟା ପାଖକୁ ଶସ୍ୟ ନେଇ ଯିବାର ଆବଶ୍ୟକ । ଆଚ୍ଛା ଯେଉଁ କୁଷ୍ଟାର ଶସ୍ୟରେ ପ୍ରୟୋଜନ ନାହିଁ ତେବେ ତାହାର ଯେଉଁ ବସ୍ତୁ ଆବଶ୍ୟକ ସେ ବସ୍ତୁ ଯେଉଁଠାରେ ମିଳେ ସେହି ସ୍ଥାନକୁ ଯାଇ ଚାଉଳ ପଲଟାଇ ସେହି ପଦାର୍ଥ ଆଣି କୁଷ୍ଟାକୁ ଦେବା ଚାହିଁ । ଦେଲେ କୃଷକ ବସ୍ତ୍ର ପିନ୍ଧିପାରେ । ମନେକର ଯାହା ପାଖକୁ ସେ ଗଲା ତାହାର ସୁଦ୍ଧା ଚାଉଳର ଦରକାର ନାହିଁ କିନ୍ତୁ ସେ ଅନ୍ୟ କୌଣସି ବସ୍ତୁର ଆବଶ୍ୟକ ରଖେ । ଏପରି ସ୍ଥଳେ ଏହି ଲୋକ ଯାହା ଆବଶ୍ୟକ କରେ ତାହା ଯେଉଁଠାରେ ବା ଯାହାଠାରେ ମିଳେ ସେଠାକୁ ଯିବା ଚାହିଁ । ଏପରି ଦେଖାଯାଉ ସେ କୃଷକକୁ କେତେଦୂର ଶ୍ରମ ପଡ଼ିବ ।

କେବେ୨ ଏପରି ହୁଏ କି ଦୁଇ ଜଣଙ୍କ ପାଖକୁ ଗଲେ କାର୍ଯ୍ୟ ସିଦ୍ଧ ହୋଇଯାଏ । କେବେ୨ ଅନେକ ଲୋକଙ୍କ ପାଖକୁ ଗଲେ ସୁଦ୍ଧା କାର୍ଯ୍ୟ ଲାଭ ହୁଏ ନାହିଁ । କାରଣ କି ମୁଦ୍ରା ବିନା ଅନ୍ୟ କୌଣସି ଧନ ସମସ୍ତଙ୍କୁ ନିଜ୨ ଆବଶ୍ୟକୀୟ ବସ୍ତୁ ଅନାୟାସେ ଓ ସୁଲଭରେ ଯୋଗାଇ ପାରେ ନାହିଁ ।

ମୁଦ୍ରା ଯୋଗୁଁ ସକଳ ପଦାର୍ଥର ପ୍ରାପ୍ତି ସହଜ ହୋଇ ଉଠେ । ଟଙ୍କା ଓ ପଇସାର ବିନିମୟରେ ପ୍ରତ୍ୟେକେ ଆପଣା୨ ବସ୍ତୁ ଦେବାକୁ ସ୍ୱୀକୃତ

ଥାନ୍ତି । କାରଣ ପ୍ରତ୍ୟେକେ ଜାଣନ୍ତି ଯେ ଆପଣାକୁ କୌଣସି ବସ୍ତୁର ଆବଶ୍ୟକ ହେଲେ ସେହି ବସ୍ତୁ ଏହି ମୁଦ୍ରାଦ୍ୱାରା ଶୀଘ୍ର ଓ ଅନାୟାସରେ ଲାଭ ହୋଇ ପାରିବ । ମନେକର କାହାରିଠାରେ ଅନେକ ଗୁଡ଼ିଏ ବଳାଢ କପଡ଼ା ଅଛି । କିନ୍ତୁ ପାଣ୍ଡୋଇ ଓ ଶସ୍ୟର ଅଭାବ ଅଛି ତେବେ ସେ ଅକ୍ଳେଶରେ ଆପଣା କପଡ଼ା ବିକ୍ରୟ କରି ଉକ୍ତ ଦୁଇ ବସ୍ତୁ କିଣି-ପାରେ ; ଏଥିରୁ ପ୍ରକାଶ ପାଉଅଛି ଯେ ଯେଉଁକାଳେ ମୁଦ୍ରାର ପ୍ରଚଳର ନ ଥିଲା ସେ କାଳେ ପ୍ରତ୍ୟେକ ବସ୍ତୁ ପ୍ରାପ୍ତି କରିବାରେ ଅଧିକ ଶ୍ରମ ପଡ଼ୁଥିଲା ।

ଈଶ୍ୱର ଯଦି କାହାରିକୁ ଧନ ଦେଇଅଛନ୍ତି ତେବେ ସେହି ଧନ-ଶାଳିକୁ ଉଚିତ ଯେ ସେ ଅପ୍ରମତ୍ତ ହୋଇ ଦୁଃଖିମାନଙ୍କର ଉପକାର ସାଧନ କରନ୍ତୁ । ଦେଖ ଯେତେବେଳେ କୌଣସ ଦରିଦ୍ର ଲୋକ ଆମ୍ଭଠାରେ କୌଣସି ବସ୍ତୁର ଯାଚ୍ଞା କରେ ତେତେବେଳେ ଆମ୍ଭଠାରେ ଉକ୍ତ ବସ୍ତୁ ନ ଥିଲେ ସୁଦ୍ଧା ଯଦି ଅମ୍ଭେ ତାଙ୍କୁ ମୁଦ୍ରା ବିତରଣ କରୁଁ ତେବେ ସେହି ମୁଦ୍ରାଦ୍ୱାରା ତାହାର କେଉଁ ଅଭାବ ମୋଚନ ହୋଇ ନ ପାରିବ ? କାରଣ ଏହି ଟଙ୍କାର ସାହାଯ୍ୟରେ ସେ ଆପଣା ଆବଶ୍ୟକୀୟ ବସ୍ତୁ କ୍ରୟ କରି ପାରିବ ଓ ଆମ୍ଭଙ୍କୁ ସୁଦ୍ଧା ସେହି ବସ୍ତୁ ଦାନର ଫଳ ମିଳିବ । ଭଲ ଲୋକ ସର୍ବଦା ଏପରି କରିଥାନ୍ତି ଓ ଅର୍ଥର ଏରୂପ ବ୍ୟୟକୁ ସଦ୍‌ବ୍ୟୟ ବୋଲାଯାଏ ।

ଫଳତଃ ଧନ ବଳ ହେତୁରୁ ସବୁ ଅଭାବ ମୋଚନ ହୋଇଯାଏ, ଏହା ସତ୍ୟ ଅଟେ ।

# ପାଠ ୧୮ ।

## କଲିକତା ବୋମ୍ବାଇ ଓ ମାନ୍ଦ୍ରାଜ ୧୯ ।

ଏହି ପାଠରେ କଲିକତା, ବୋମ୍ବାଇ ଓ ମାନ୍ଦ୍ରାଜ ନାମକ ଭାରତବର୍ଷର ତିନି ଗୋଟି ନଗରର ବିବରଣ ଲିଖିତ ହେଉଅଛି ।

ଯେଉଁ ସୁରାଟ ନଗର ମୋଗଲମାନଙ୍କ ରାଜତ୍ୱ ସମୟରେ ପ୍ରସିଦ୍ଧ ବନ୍ଦର ଥିଲା ସେହି ସୁରତ ନଗରରେ ୧୬୧୨ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଆସି ପ୍ରଥମେ ବାସ କରିଥିଲେ । ଏହିଠାରୁ ଭାରତବର୍ଷର ମୁସଲମାନ ଯାତ୍ରୀମାନେ ମକ୍କା ନାମକ ମୁସଲମାନ ତୀର୍ଥକୁ ଯାଉଥିଲେ । ଏହି ନଗର ସେ ସମୟରେ ଇଉରୋପ ମହାଦେଶର ବାଣିଜ୍ୟର ମୁଖ୍ୟ ସ୍ଥାନ ଥିଲା । ୧୬୧୫ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡ ସମ୍ରାଟଙ୍କର ଦୂତ ସର୍ ଟାମସ୍ ରୋ ସାହେବ ଜାହାଙ୍ଗୀରଙ୍କ ସଙ୍ଗରେ ସାକ୍ଷାତ ଲାଭ କରି ଇଷ୍ଟ ଇଣ୍ଡିଆ କୋମ୍ପାନୀଙ୍କ ନିମନ୍ତେ ଏଠାରେ ବ୍ୟାପାର କରିବାପାଇଁ ଅନୁମତି ନେଇଥିଲେ । ୧୬୬୪ ସାଲରେ ଯେତେବେଳେ ମହାରାଷ୍ଟ୍ରମାନେ ଏହି ନଗର ଆକ୍ରମଣ କରିଥିଲେ, ତେତେବେଳେ ଇଂରେଜ-ମାନଙ୍କୁ ଆପଣା ୨ ଧନ ପ୍ରାଣ ରକ୍ଷା କରିବା ନିମନ୍ତେ ଯୁଦ୍ଧ କରିବାକୁ ପଡିଥିଲା । ସମସ୍ତ ବସତିରେ ଏହିପରି ଘଟଣା ଘଟିଥିଲା । ଏଣୁ ଉନ୍ନତି-ସାଧନ ନିମନ୍ତେ ସେମାନଙ୍କୁ ଅସ୍ତ୍ରଧାରଣ କରିବା, ଯୁଦ୍ଧ କରିବା ଏବଂ ଦୁର୍ଗ ନିର୍ମାଣ କରିବାକୁ ପଡୁଥିଲା । ଏହି କଥାର ପ୍ରମାଣ କଲିକତା ମାନ୍ଦ୍ରାଜ ଓ ବୋମ୍ବାଇର ଆଦିମ ଇତିହାସ ପାଠ କଲେ ଅନ୍ତର ଦୃଢ଼ୀଭୂତ ହୋଇଯିବ ।

ସନ୍ ୧୬୩୯ ସାଲରେ ଇଂରାଜମାନେ ସେଣ୍ଟ ଜର୍ଜ ନାମକ ଦୁର୍ଗ ନିର୍ମାଣ କଲେ । ତାହାର ଆଶ୍ରୟରେ ମାନ୍ଦ୍ରାଜ ନଗର ଧୀରେ ୨ ବଢିବାକୁ ଲାଗିଲା । ଏହି ନଗର ଯୁଦ୍ଧ କରିବା ନିମନ୍ତେ ଉତ୍ତମ ସୁବିଧାଜନକ ସ୍ଥାନରେ ରହିଅଛି । ଏହାର ଏକ ପାର୍ଶ୍ୱରେ କୌମ ନାମକ ଗୋଟିଏ ନଦୀ ବହି ଯାଉଅଛି ।

ଅନ୍ୟ ପାର୍ଶ୍ୱରେ ସମୁଦ୍ର ଲହରୀ ସଞ୍ଚାଳିତ ହେଉଅଛି । ତାହାର ପାଖରେହିଁ ସେଣ୍ଟ୍ ଜର୍ଜ ନାମକ ଦୁର୍ଗ ଅଛି । ସମୁଦ୍ରର କୂଳେ କୂଳେ ୬ ମାଇଲ ଦୀର୍ଘ ଓ ଏକ ମାଇଲ ପ୍ରସ୍ଥରେ ଏହି ନଗର ଅବସ୍ଥିତ । ୬୦ ବର୍ଷ ମଧ୍ୟରେ ଅର୍ଥାତ୍ ସନ୍ ୧୭୦୦ ଇସବୀରେ ଏହାର ଲୋକସଂଖ୍ୟା ୧୫୦,୦୦୦ ହୋଇ ଯାଇଥିଲା ।

ଯେଉଁ ଭୂମି ଉପରେ ଏହି ନଗର ସ୍ଥାପିତ ତାହା ଇଂରେଜମାନେ କୌଣସି ଦେଶୀୟ ରାଜାଙ୍କଠାରୁ ୧୨୦୦ ସ୍ୱର୍ଣ୍ଣମୁଦ୍ରା ଦେଇ କରି ଘେନଥିଲେ; ଏବଂ ତହିଁ ଉପରେ ପ୍ରତିବର୍ଷ ଏମାନେ କିଛି ବାର୍ଷିକ କର ମଧ୍ୟ ଦେଉଥିଲେ । କର୍ଣ୍ଣାଟର ନବାବ ଯେତେବେଳେ ଏହି ରାଜାଙ୍କର ରାଜ୍ୟ ଛଡାଇ ନେଲେ ତେତେବେଳେ ଇଂରେଜମାନେ ନବାବଙ୍କୁ ମଧ୍ୟ ଏହି କର ଦେବାକୁ ଲାଗିଲେ ।

ଭାରତବର୍ଷର ପ୍ରଦେଶମାନଙ୍କ ମଧ୍ୟରେ ସେହି ସମୟରେ ବଙ୍ଗଦେଶ ସର୍ବାପେକ୍ଷା ଧନାଢ୍ୟ ଓ ଉତ୍ପନ୍ନଶାଳୀ ପ୍ରଦେଶ ବୋଲି ଗଣ୍ୟ ହେଉଥିଲା ପର୍ତ୍ତୁଗେଲର ଲୋକମାନେ ଅକବର ବାଦସାହଙ୍କର ରାଜତ୍ୱ ସମୟରେ ଏହି ପ୍ରଦେଶସ୍ଥ ହୁଗଲି ନଦୀର ତଟରେ ଏବଂ କଲିକତାଠାରୁ ୧୫ ମାଇଲ ଉତ୍ତରରେ ହୁଗଲି ନାମକ ନଗର ସ୍ଥାପନ କରିଥିଲେ, ମାତ୍ର ସାହାଜାହାନ ସହିତ ବିବାଦ ହେବାରୁ ସେ ଏମାନଙ୍କୁ ଏଠାରୁ ବାହାର କରି ଦେଇ ସେହି ନଗରକୁ ସ୍ୱାଧିକାର ଭୁକ୍ତ କଲେ । ସନ୍ ୧୬୪୦ ସାଲରେ ଏହି ବାଦସାହ ଇଷ୍ଟ ଇଣ୍ଡିଆ କୋମ୍ପାନିଙ୍କୁ ହୁଗଲିରେ ଆପଣାର କାର୍ଯ୍ୟାଳୟ ଖୋଲିବାକୁ ଅନୁମତି ଦେଲେ । ମାତ୍ର ଯେତେବେଳେ ମୋଗଲ ବଂଶର ସର୍ବାପେକ୍ଷା ପ୍ରବଳ ପରାକ୍ରମଶାଳୀ ଆରଙ୍ଗଜେବ ସିଂହାସନ ଆରୋହଣ କଲେ ତେତେବେଳେ ସେ ଇଂରେଜମାନଙ୍କଠାରୁ ଜିଜିଆ ନାମକ କର ଚାହିଁଲେ; ମାତ୍ର ସେମାନେ ଏହି କର ଦେବାକୁ ଅସ୍ୱୀକାର କରି ହୁଗଲି ଛାଡ଼ି ବାହାରି ଗଲେ । କିଛି ଦିନ ପରେ ଯେତେବେଳେ ଇଂରେଜମାନେ ଯୁଦ୍ଧ ଜାହାଜ

ନେଇ ଫେରି ଆସିଲେ, ତେତେବେଳେ ବାଦ୍‌ସାହ ବାଧ୍ୟ ହୋଇ ଗୋବିନ୍ଦ-ପୁର, ସୁତାନଟୀ ଓ କଲିକଟ ନାମକ ତିନ ଗୋଟି ଗ୍ରାମ ବିକ୍ରୟ କରି ଦେଲେ। ଏହି ତିନ ଗ୍ରାମ ମିଶି କଲିକତା ସହର ହୋଇଅଛି। ଏହି ନଗର ଏବେ ସମଗ୍ର ଭାରତର ରାଜଧାନୀ ଓ ପୃଥିବୀ ମଧ୍ୟରେ ବୃହତ୍ ନଗରମାନଙ୍କ ମଧ୍ୟରେ ଗଣ୍ୟ ହେଉଅଛି।

ତୃତୀୟ ନଗର ବୋମ୍ବାଇ ଅନ୍ୟ ପ୍ରକାରରେ ଇଂରେଜମାନଙ୍କର ହସ୍ତଗତ ହେଲା। ଏହି ନଗର ପ୍ରଥମତଃ କ୍ଷୁଦ୍ର ଗ୍ରାମ ଥିଲା। ୧୬୬୧ ସାଲରେ ପର୍ତ୍ତୁଗାଲର ସମ୍ରାଟ ଆପଣାର ଜାମାତା ଇଂଲଣ୍ଡର ରାଜା ଚାର୍ଲସଙ୍କୁ ତାହାଙ୍କ କନ୍ୟା ବିବାହର ଯୌତୁକସ୍ୱରୂପ ଦେଇଥିଲେ। ବୋମ୍ବାଇ ଗୋଟିଏ ଦ୍ୱୀପରେ ଅବସ୍ଥିତ; ମାତ୍ର ଦ୍ୱୀପଟି ବଡ ବୃହତ୍ ଅଟେ। ଏହି ଦ୍ୱୀପ ଓ ଭାରତର କୂଳ ମଧ୍ୟରେ ଥିବା ସମୁଦ୍ର ଏତେ ଅପ୍ରଶସ୍ତ ଯେ ଦୂରରୁ ଦେଖିଲେ କିଛି ଦେଖା ପଡ଼େ ନାହିଁ। ଏହିଠାରେ ଇଂରେଜମାନଙ୍କର ପ୍ରତିବାସୀ ମରହଟ୍ଟାମାନେ ବାସ କରୁଥିଲେ। ସେମାନେ ପୋର୍ତ୍ତୁଗାଲମାନଙ୍କର ସମସ୍ତ ଦେଶ ଜୟ କରି ନେଇ ସେମାନଙ୍କୁ ବଡ଼ ତ୍ରାସ ମଧ୍ୟ ଦେଉଥିଲେ। ମାତ୍ର ସେମାନେ ଏମାନଙ୍କୁ ବୋମ୍ବାଇରୁ ଅନ୍ତର କରି ପାରିଲେ ନାହିଁ।

କଲିକତା, ମାନ୍ଦ୍ରାଜ, ବୋମ୍ବାଇ ଏହି ତିନି ନଗର ସମୁଦ୍ର କୂଳରେ ଅଥବା ସମୁଦ୍ରର ଅଳ୍ପ ଦୂରରେ ଅବସ୍ଥାପିତ ହୋଇଥିଲା। ଏହି ସ୍ଥାନମାନଙ୍କୁ ଇଂରେଜମାନଙ୍କର ଜାହାଜ ସୁବିଧାରେ ପହଞ୍ଚି ପାରୁଥିଲା। ଏବଂ ବ୍ୟାପାର ନିମନ୍ତେ ମଧ୍ୟ ସୁବିଧା ମିଳୁଥିଲା। ଏହା ଛଡ଼ା ଅନ୍ୟ ପ୍ରକାର ସୁଖ ମଧ୍ୟ ଥିଲା ଯେ ସଙ୍କଟ ସମୟରେ କୌଣସି ସ୍ଥାନୀୟ ରାଜା, ନବାବ୍ ଅବା ବାଦ୍‌ସାହଙ୍କଠାରେ ବିଦ୍ରୋହୀ ହେଲେ ଆପଣାର ଧନ ଦ୍ରବ୍ୟ ସବୁ ଜାହାଜରେ ପୂର୍ଣ୍ଣ କରି ଏମାନେ ଆପଣା ଦେଶକୁ ଫେରି ଯାଉଥିଲେ।

ଯେତେବେଳ ପର୍ଯ୍ୟନ୍ତ ବଳହୀନ ଥିଲେ ତେତେଦିନ ଯାଏ ସମୁଦ୍ର ନିକଟରେ ବାସ କରିବା ଲାଭଦାୟକ ମଣୁଥିଲେ; ମାତ୍ର ଯେପରି ସେମାନଙ୍କର

ପରାକ୍ରମ ବଢିବାକୁ ଲାଗିଲା ସେପରି ସେମାନେ ଦେଶ ମଧ୍ୟରେ ପ୍ରବେଶ କରିବାକୁ ଲାଗିଲେ ।

---

## ପାଠ ୧୯ ।

## ସ୍ୱାସ୍ଥ୍ୟରକ୍ଷା, ୯ମ ଭାଗ ।

### ନିଦ୍ରା ।

ଶୟନ ବିନା କେହି ବଞ୍ଚି ପାରନ୍ତି ନାହିଁ । ପୂର୍ବ କାଳରେ ଏପରି ଗୋଟି- ନିଷ୍ଠୁର ପ୍ରଥା ଥିଲା ଯେ ଲୋକମାନଙ୍କୁ ଅପରାଧୀ ଶୋଇବାକୁ ନ ଦେଇ ମାରି ପକାଉଥିଲେ ।

ଦିବସଯାକ କର୍ମକରି ଅମ୍ଭେମାନେ ରାତିରେ କ୍ଲାନ୍ତ ହେଉଁ । ସେ ସମୟରେ ଆମ୍ଭମାନଙ୍କ ଶରୀର ଓ ମନ ବିଶ୍ରାମ ଲୋଡଇ । ଅମ୍ଭେମାନେ ଯେ କୌଣସି କାର୍ଯ୍ୟ କରୁଁ ସେଥିରେ ଶରୀରର କିଛି କିଛି କ୍ଷୟ ହୁଏ । ଯଦି ଭୁକ୍ତ ଦ୍ରବ୍ୟ ଉତ୍ତମରୂପେ ପରିପକ୍ୱ ହୁଏ ତେବେ ଭୋଜନରୁ ଏହି କ୍ଷତି- ପୂରଣ ହୋଇ ପାରେ । ମାତ୍ର ଭୁକ୍ତ ଦ୍ରବ୍ୟ ପରିପକ୍ୱ ହେବା ପାଇଁ ନିଦ୍ରା ଆବଶ୍ୟକ । ଯଦି ଲୋକମାନେ ଗୋଟିଏ କୂପରୁ ସମସ୍ତ ଦିନ ଜଳ କାଢ଼- ତେବେ ସେହି କୂପର ଜଳ କ୍ରମଶଃ କମି ଯାଏ, କିନ୍ତୁ ରାତିରେ ପୁଣି ଜଳ ଜମି ଯାଇ ପୂର୍ବପରି ହୋଇଯାଏ । ସେହିପରି ରାତିରେ ଉତ୍ତମରୂପେ ବିଶ୍ରା କଲେ ତହିଁ ଆରଦିନ ସକାଳେ ଅମ୍ଭେମାନେ ନୂଆ ବଳ ପାଇ ଉଠୁଁ କ୍ଲାନ୍ତି ମଧ୍ୟ ଦୂର ହୋଇଯାଏ । ସବଳ ଓ ସୁସ୍ଥ ହେବା ପକ୍ଷରେ ପ୍ରଚୁ ପରିମାଣରେ ନିଦ୍ରା ଆବଶ୍ୟକ ; କିନ୍ତୁ ଅତି ନିଦ୍ରା ମଧ୍ୟ ରୋଗର କାରଣ

ତରୁଣ ଲୋକଙ୍କଠାରୁ ବାଳକମାନଙ୍କର ଅଧିକ ନିଦ୍ରା ଆବଶ୍ୟକ ଦ୍ୱାଦଶ ବର୍ଷ ବୟସର ବାଳକମାନଙ୍କ ପକ୍ଷରେ ୯ ଘଣ୍ଟା, ଆଉ ଯୁବକ

ମାନଙ୍କ ପକ୍ଷରେ ୭ ଘଣ୍ଟା ନିଦ୍ରା ଲାଭଜନକ । ନିରୋଗୀ ମନୁଷ୍ୟଠାରୁ ରୋଗୀ ମନୁଷ୍ୟକୁ ଅଧିକ ନିଦ୍ରା ହେବା ଉତ୍ତମ । ମାତ୍ର ରୋଗୀକୁ ଅଳ୍ପ ନିଦ୍ରା ହୁଏ । ରୋଗୀକୁ ବିଶେଷ ନିଦ୍ରା ହେବା ରୋଗ ଉଣା ହେବାର ଚିହ୍ନ ଅଟେ । ଏଣୁକରି ରୋଗରୁ ମୁକ୍ତ ହେଲେ ମନୁଷ୍ୟକୁ କେତେକ ଦିନ ଅଧିକ ନିଦ୍ରା ମାଡ଼େ; ଆଉ ସେହି ନିଦ୍ରାରୁ ତାହାର ଚାଲି ଯାଇଥିବା ବଳ ପୁନର୍ବାର ପ୍ରାପ୍ତ ହୁଏ ।

ଶୋଇବା ନିମନ୍ତେ ରାତ୍ରି ଉପଯୁକ୍ତ ସମୟ । ରାତ୍ରି ୧୦ ଘଣ୍ଟାଠାରୁ ପ୍ରାତଃ ୫ ଘଣ୍ଟା ପର୍ଯ୍ୟନ୍ତ ଶୋଇବା ଉଚିତ । ଯେଉଁ ମନୁଷ୍ୟ ନିୟମିତ-ରୂପେ ଅଧିକ ରାତ୍ରି ଜାଗରଣ ନ କରି ଶୁଏ ଓ ଅତି ପ୍ରାତଃକାଳରୁ ଉଠେ ସେ ସମୟରେ ସୁସ୍ଥ ଓ ବଳିଷ୍ଠ ହୁଏ । କିନ୍ତୁ ଦିନବେଳେ ଶୋଇବା ନିତାନ୍ତ କ୍ଷତିକାରକ । କାରଣ କି ସେପରି ଅଭ୍ୟାସ କଲେ ଶରୀରରେ ଆଳସ୍ୟ ହୁଏ; ମଧ୍ୟ ସମୟ ବୃଥାରେ ଯାଏ, କେବଳ ମଧ୍ୟାହ୍ନରେ ଭୋଜନ କଲା ପରେ କିଛି ସମୟ ବିଶ୍ରାମ କରିବା ଭଲ ଅଟେ ।

ଉତ୍ତମ ନିଦ୍ରା ପାଇବାର ଗୋଟିଏ ଉତ୍କୃଷ୍ଟ ଉପାୟ ଏହି ଯେ ମନୁଷ୍ୟ ଦିବସରେ ଭଲ କରି ପରିଶ୍ରମ କରିବ । ଶୋଇବାର କିଛି କାଳ ପୂର୍ବେ ପୂର୍ଣ୍ଣ ଭୋଜନ କରିବା ଅନୁଚିତ । ଏପରି କଲେ ମନୁଷ୍ୟକୁ ଅଧିକ ନିଦ୍ରା ହୁଏ ଆଉ ଉଦରର ପାକ କ୍ରିୟାରେ ବିଘ୍ନ ଘଟେ, ମସ୍ତିଷ୍କ ବିଶ୍ରାମ ପାଏ ନାହିଁ ମଧ୍ୟ ମନ୍ଦ ସ୍ୱପ୍ନ ହେବାର ସମ୍ଭବ ।

ଭୂମିରେ ଶୋଇବାଠାରୁ ବିଛଣା, ଖଟ, ପୁଆଲ, ଅବା ଶୁଷ୍କ ପତ୍ର ପକାଇ ଶୋଇବା ଭଲ । ଯେବେ ଭୂମି ଶୁଷ୍କ ଥିବ ଆଉ ଗ୍ରାମରେ ରୋଗ ନ ଥିବ ତେବେ ସେ ସମୟରେ ଭୂମିରେ ଶୋଇଲେ କିଛି କ୍ଷତି ହେବ ନାହିଁ; ମାତ୍ର ସାପ ବିଛୁଆଦି କାମୁଡ଼ିବାର ଭୟ ଥାଏ ।

ପରିଧେୟ ଆଉ ପଲଙ୍କର ବସ୍ତ୍ରାଦି ସର୍ବଦା ପରିଷ୍କାର ରଖିବା ଉଚିତ । ମୁଖଢାଙ୍କି ଶୋଇବା ଭଲ ନୁହେ । କାରଣ ଏପରି କଲେ ସଦ୍ୟ ଓ ପରିଷ୍କୃତ

ବାୟୁ ମିଳି ନ ପାରେ । ଶୋଇବା ଘରକୁ ଉତ୍ତମ ନିର୍ମଳ ପବନ ଆସୁଥିବ ଓ ଯେଉଁ ଗୃହରୁ ଧୂଆଁ ଉତ୍ତମରୂପେ ବାହାରି ନ ପାରେ ସେଥିରେ ଅଗ୍ନି ଓ ପ୍ରଦୀପ ଜଳାଯିବ ନାହିଁ । ଯେଉଁଠାରେ କାକର ପଡ଼େ ଏପରି ଖୋଲା ଯାଗାରେ ଶୋଇବା ଅନିଷ୍ଟକର ଅଟେ । କାରଣ କି ସେପରି ସ୍ଥଳରେ ଶୋଇଲେ ଜ୍ୱର ହେବାର ସମ୍ଭାବନା । ଯେଉଁଠାରେ ପବନ ଶରୀରରେ ପ୍ରବଳରୂପେ ଲାଗୁଥିବ ସେଠାରେ ଶୋଇବା ଭଲ ନୁହେ; କାରଣ ସେଠାରେ ଶୋଇଲେ ଶରୀରର ଉଷ୍ଣତା କମିଯାଏ, ଆଉ ବହୁଧା ରୋଗ ଜନ୍ମେ । ଯେଉଁ ସମୟରେ ହାଇଜା ବା ଜ୍ୱର ଗ୍ରାମରେ ପ୍ରବଳ ଥାଏ ସେହି ସମୟରେ ସର୍ବ କାଳରେ ଶରୀରକୁ ଗରମ ରଖିବା ଅତ୍ୟାବଶ୍ୟକ ।

---

## ପାଠ ୨୦ ।

## କୃଷିବିଦ୍ୟା ୧ମ, ଭାଗ ।

### ବୃକ୍ଷର ଖାଦ୍ୟ ।

### ୧ମ ନିୟମ (ବୃକ୍ଷର ଖାଦ୍ୟ କ୍ରମରେ ପୂର୍ଣ୍ଣରୂପେ ରହିବା ଉଚିତ ।)

ତୁମ୍ଭେମାନେ ଆପଣା ମୁଖରେ ଆହାର ଏବଂ ପାନ କରି ଜୀବିତ ଏବଂ ପରିପୁଷ୍ଟ ହେଉଅଛ, କିନ୍ତୁ ବୃକ୍ଷ ଆପଣା ଚେରଦ୍ୱାରା ଭୂମିରୁ ମୃତ୍ତିକା ପରି ସ୍ଥୂଳ ପଦାର୍ଥର ରସ ଗ୍ରହଣ ଏବଂ ପତ୍ରଦ୍ୱାରା ବାୟୁର * ଅଂଶ ପାନ କରି

---

*ବାୟୁର ଅଂଶ ତ୍ରିବିଧ ଯଥା, ଅମ୍ଳଜାନ, ଯବକ୍ଷାରଜାନ ଓ ଅଙ୍ଗାର ବାଷ୍ପ । ଦହନ ଆଉ ଶ୍ୱାସ ଗ୍ରହଣ ସମୟରେ କାଷ୍ଠ ଓ ପ୍ରାଣିଠାରୁ ଅଙ୍ଗାରକ ବାଷ୍ପ ନିର୍ଗତ ହୋଇ ଅମ୍ଳଜାନ ସହିତ ମିଶ୍ରିତ ହେଲାପରେ ଅଙ୍ଗାରକାମ୍ଳ ବାଷ୍ପ ପ୍ରସ୍ତୁତ ହୁଏ । ଏହା ପବନକୁ ଅପରିଷ୍କାର କରେ । ମାତ୍ର ବୃକ୍ଷ ପତ୍ରଦ୍ୱାରା ଦିବସରେ ସେହି ଅଙ୍ଗାରକ ବାଷ୍ପକୁ ଗ୍ରହଣ କରି ଅମ୍ଳଜାନ ବାଷ୍ପ ତ୍ୟାଗ କରେ, ଏହା ପ୍ରାଣିମାନଙ୍କ ପକ୍ଷରେ ଅତ୍ୟନ୍ତ ହିତକର ଅଟେ । ସଂକ୍ଷେପରେ କହିବାକୁ ଗଲେ ଅଗ୍ନି ଏବଂ ପ୍ରାଣି ଦ୍ୱାରା ବାୟୁ ଦୂଷିତ ହୁଏ ଏବଂ ବୃକ୍ଷ ଦ୍ୱାରା ସେହି ଦୂଷିତ ବାଷ୍ପ ବିଶୁଦ୍ଧ ହୁଏ ।

ସରବର୍ଦ୍ଧିତ ଓ ପରପୁଷ୍ଟ ହେଉଅଛୁ । ଏଣୁକରି ଯଦ୍ୟପି ଗୋଟିଏ ବୃକ୍ଷକୁ କାଚଶ୍ଳାସରେ ବାୟୁ ନ ମିଳିବା ଭଳି ଆବୃତ କରି ରଖାଯାଏ ତେବେ ତାହା ତତ୍କ୍ଷଣାତ୍ ଶୁଷ୍କ ହୋଇଯିବ; ମାତ୍ର ତାହାକୁ ଭୂମି ଆଉ ଜଳରୁ କିଛୁ ଖାଦ୍ୟ ନ ମିଳିଲେ ସୁଦ୍ଧା କିଯତ୍କାଳ ପବନ ସେବନ କରି ବଞ୍ଚି ପାରିବ । ଏଥିରୁ ସ୍ପଷ୍ଟ ଜଣା ଯାଉଅଛୁ ଯେ ବୃକ୍ଷ ବିଶେଷତଃ ପବନ ହେତୁରୁ ପ୍ରାଣ-ଧାରଣ କରୁଅଛୁ ।

ମାତ୍ର ବୃକ୍ଷକୁ ସର୍ବଦା ପୂର୍ଣ୍ଣରୂପେ ପବନ ମିଳୁ ଅଛୁ । ଏହିହେତୁରୁ କ୍ଷେତ୍ରର ଶସ୍ୟ ଶୁଷ୍କ ହୁଏ ନାହିଁ । ପୁରାତନ କ୍ଷେତ୍ରରେ ତାହାକୁ ଅବଶ୍ୟ ବହୁତ ଅଳ୍ପ ଖାଦ୍ୟ ମିଳୁଥିବ, ତେଣୁକରି ତହିଁରେ ଶସ୍ୟ ପତଳା ଓ ଅଳ୍ପ ହୁଅଇ । ଏତଦ୍ଭିନ୍ନ ପୂର୍ବକାଳ ପରି ଏବେ କୃଷକମାନଙ୍କୁ ପୁରାତନ କ୍ଷେତ୍ରର ପରିବର୍ତ୍ତରେ ପତିଆ ଭୂମି କର୍ଷଣ କରିବାକୁ ମିଳୁ ନାହିଁ । ଏପରି ଅବସ୍ଥାରେ ସ୍ୱଳ୍ପ ଉତ୍ପନ୍ନରେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ୁଅଛୁ, ଏଣୁକରି କୃଷକମାନଙ୍କୁ ଉଚିତ ଯେ ସେମାନେ ପ୍ରତିବର୍ଷ ସ୍ୱ ସ୍ୱ କ୍ଷେତ୍ରରେ ଖତ ଦେଇ ତାହାକୁ ନବୀଭୂତ କରୁଥିବେ । ଏତଦ୍ଦେଶରେ ଖତ ଅନାୟାସରେ ମିଳୁ-ଅଛୁ ଅଥଚ ସୁଲଭ ମୂଲ୍ୟରେ ପ୍ରସ୍ତୁତ ହୋଇପାରେ, ତଥାପି କୃଷକମାନେ ତାହା ବ୍ୟବହାର କରୁ ନାହାନ୍ତି; କିନ୍ତୁ ୟୁରୋପର ମନୁଷ୍ୟମାନେ ବହୁତ ଯତ୍ନରେ ଅମେରିକାରୁ ପକ୍ଷି-ବିଷ୍ଠାର ଖତ ଆଣି ଆପଣା ଆପଣା କ୍ଷେତ୍ରରେ ପକାଉ-ଅଛନ୍ତି । ସେହି ଖତର ମୂଲ୍ୟ ମହଣକୁ ୪ ଟଙ୍କା, ସୁତରାଂ ସେମାନଙ୍କୁ ବହୁତ ମହଙ୍ଗା ପଡ଼ୁଅଛୁ ।

ନାନାବିଧ ଖତ ଶସ୍ୟର ଅଧିକ ଉପକାରରେ ଆସଇ । ତୁମ୍ଭେମାନେ ଗୋବର ଅଳିଆ, ଏବଂ ମୂତ୍ରର ଖତ ପ୍ରସ୍ତୁତ କରିବାର ଧାରା ଜାଣି ସାରିଅଛ । ମୂତ୍ର ଜମିରେ ଶୋଷିତ ହୋଇ କୂପ ଆଉ ବନକୁ ହରି ଆସେ ଏବଂ ମୃତ୍ତିକାରେ ସୁଦ୍ଧା ମିଳିତ ହୁଏ । ଏହେତୁରୁ ଖାରିମାଟି ଆଉ ଖାରପାଣିକି ଖତସ୍ୱରୂପ କାର୍ଯ୍ୟରେ ବ୍ୟବହାର କର । ମନ୍ଦର ଖାର, ଯାହାକି ଜମିର

ଉପର ଭାଗକୁ ମଧ୍ୟ ଆସିଥାଏ, ଅଷାଢ଼ ମାସର ପ୍ରଥମ ବୃଷ୍ଟି ଜଳରେ ଗ୍ରାମର ନିମ୍ନ କ୍ଷେତ୍ରକୁ ବହିଯାଏ । ଏପରି ଶସ୍ୟଶାଳିନୀ କ୍ଷେତ୍ରକୁ ଗ୍ରାମର ଖାରଭୂମି କହନ୍ତି । କଞ୍ଚା ଶସ୍ୟର ଖତ ନିମ୍ନମତେ ପ୍ରସ୍ତୁତ କରାଯାଏ । କ୍ଷେତ୍ରରେ କଉଁରିଆ ଅଙ୍କୁରିତ ହେଲାପରେ ଭାଦ୍ରବ ମାସରେ ତାକୁ ଚଷି ପକାନ୍ତି । ପନ୍ଦର ଦିନ ପର୍ଯ୍ୟନ୍ତ ସଡ଼ି ଗଲାପରେ ତାହାକୁ ମୃତ୍ତିକାରେ ପୋତି ଦିଅନ୍ତି, ତତ୍ପରେ ତାହା ଦଶହରା ମାସର ଭାରି ବୃଷ୍ଟି ଯୋଗେ ମିଶିଯାଏ । ଏହି ଖତର ବ୍ୟବହାରରେ ଗ୍ରୀଷ୍ମକାଳୀନ ଶସ୍ୟ ଉତ୍ତମରୂପେ ଉତ୍ପନ୍ନ ହୁଏ । କାରଣ, ବୁଟରା ପ୍ରଭୃତିର ଫସଲ କଉଁରିଆର ଫସଲ ପବନରୁ ଖାଦ୍ୟ ନେଇ ମୃତ୍ତିକାରେ ମିଶ୍ରିତ ହେଲାପରେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି କରିଦିଏ ।

ଚୀନ୍ ଆଉ ଯାପାନ୍ ଦେଶରେ ବିଷ୍ଠାର ଖତକୁ ଅଧିକ ମୂଲ୍ୟବାନ୍ ଜ୍ଞାନ କରନ୍ତି । ଭାରତବର୍ଷରେ ଏହି ଖତକୁ ଘୃଣାବଶତଃ ସବିଶେଷ ପ୍ରସ୍ତୁତ କରନ୍ତି ନାହିଁ । ତଥାପି ଫରକ୍କାବାଦ, କାନପୁର ଓ ପୁନା ଜିଲ୍ଲାରେ ଏଥିରୁ ପ୍ରତିବର୍ଷ ସହସ୍ର ୨ ଟଙ୍କା ଆମଦାନି ହେଉଅଛି । ଏହି ପ୍ରଦେଶର ନାଗପୁର, ଜବଲପୁର ଆଉ ସାଗର ଆଦି ନଗର ସମୂହରେ ବର୍ତ୍ତମାନ ଏହାର କିଛି ୨ ବ୍ୟବହାର ଦେଖା ଯାଉଅଛି । ଏହା ପ୍ରସ୍ତୁତ କରିବାର ଉତ୍ତମ ଧାରା ଏହି କି ପଡ଼ିଆ ଜମିରେ ଏକ ୨ ଫୁଟ ଅନ୍ତରରେ ନାଳ ଖୋଳାଯାଏ । ତହିଁରେ ମଇଲା ଜମା ହେଲା ମାତ୍ରକେ ତଦୁପରେ ମୃତ୍ତିକା ପକାଯାଏ । ଏପରି କଲେ ତହିଁରୁ ଦୁର୍ଗନ୍ଧ ପବନ ଉଠି ପାରେ ନାହିଁ । ମଇଲା ଆଉ ମୃତ୍ତିକା ଛ ମାସରେ ଏକରସ ହେଲେ ଉତ୍ତାରୁ ଖତରୂପରେ ପରିଣତ ହୁଏ । ଏହି ଖତସ୍ଥିତ କ୍ଷେତ୍ରରେ ପାଣି ବଲାଇଲେ ବହୁତ ଶସ୍ୟ ଉତ୍ପନ୍ନ ହୁଏ । ହାଡ଼ର ଖତ ଏହି ଦେଶରେ କୌଣସି ସ୍ଥାନରେ ପ୍ରସ୍ତୁତ ହୁଏ ନାହିଁ । ହାଡ଼ ଢେଙ୍କିରେ କୁଟି ଚୂର୍ଣ୍ଣ କରାଯାଏ । ସେହି ଚୂର୍ଣ୍ଣ ଗଦା ଉପରେ ଜଳ ସେଚନ କରାଯାଏ, ଆଉ ତହିଁରେ ଚୂର୍ଣ୍ଣ ମୃତ୍ତିକା ପକାଯାଏ । ଏହପରେ

କେତେକ ସପ୍ତାହ ପର୍ଯ୍ୟନ୍ତ କଷାଗଲେ ହାଡ଼ର ଚୂର୍ଣ୍ଣ ଅତ୍ୟନ୍ତ କୋମଳ ହୋଇଯାଏ ପୁଣି ତାହାକୁ କ୍ଷେତ୍ରରେ ପକାଇଲେ ସମୟାନୁକ୍ରମେ ଜମିରେ ମିଶ୍ରିତ ହୁଏ ।

ଗନ୍ଧକ ଦ୍ରାବକରେ ପ୍ରସ୍ତୁତ ହେଉଥିବା ହାଡ଼ର ଉତ୍ତମ ଖତ ବହୁତ ଦୁର୍ଲ୍ଲଭ ହେବାରୁ ତାହା ଏପ୍ରଦେଶରେ ହୋଇ ନ ପାରେ । ଯେଉଁ ଖତ କ୍ଷେତ୍ରରେ ପକାଯାଏ ତାହା ମୃତ୍ତିକାରେ ଶୀଘ୍ର ଆବୃତ ହେବା ଉଚିତ । ଯେତେ ଦିନ ପର୍ଯ୍ୟନ୍ତ ତାହା ମୃତ୍ତିକାରେ ମିଶ୍ରିତ ନ ହେବ ତେତେ ଦିନ ପର୍ଯ୍ୟନ୍ତ ତହିଁରେ ପୂର୍ଣ୍ଣରୂପେ ଫସଲ ଆଦାୟ ହୋଇ ନ ପାରେ । ଏହି ସକାଶରୁ ନୂତନ ବିଷ୍ଠା ଖତ ମୃତ୍ତିକାରେ ମିଶ୍ରିତ ନ ହେବାରୁ ଶସ୍ୟକୁ ପୋଡ଼ି ଦିଏ । କଉଁରିଆ ଆଦି କଞ୍ଚା ଶସ୍ୟର ଖତ ମୃତ୍ତିକାରେ ପୂର୍ଣ୍ଣରୂପେ ମିଶ୍ରିତ ହେଲାପରେ ଦ୍ୱିତୀୟ ବର୍ଷ ଗ୍ରୀଷ୍ମ ଋତୁର ଶସ୍ୟ ପକ୍ଷରେ ବିଶେଷ ଲାଭଦାୟକ ହୁଅଇ । ଗୋମୟ ଖତ ଗହମ କ୍ଷେତ୍ରରେ ପକାଯାଏ । ବିଷ୍ଠା ଖତ ଆଳୁ, ମକା, ଭାଙ୍ଗ, ଯବ ଓ କୁଶିଆର କ୍ଷେତ୍ରରେ ଦିଆଯାଏ । ଲବଣାକ୍ତ ଜଳ ଭାଙ୍ଗ କ୍ଷେତ୍ରରେ ଢଳାଯାଏ ; ହାଡ଼ର ଖତ ଗହମ, ଯବ, ମକା କ୍ଷେତ୍ରକୁ କାର୍ଯ୍ୟକାରୀ ଅଟେ । ଉର୍ବର କଳା ଜମିରେ ହାଡ଼ର ଖତ ଆବଶ୍ୟକ ହୁଏ, ଏବଂ ପୁରାତନ କ୍ଷେତ୍ରରେ ଗୋମୟ, ମୂତ୍ର, କଞ୍ଚା ଶସ୍ୟର ଖତ ଓ ଖାରପାଣି ଆବଶ୍ୟକ ହୁଏ । ଯେଉଁ ବିଲରେ ଯେଉଁ ପ୍ରକାର ଖତ ଆବଶ୍ୟକ, ତହିଁରେ ସେହି ପ୍ରକାର ଖତ ପକାଇବାର ବିଧେୟ । କେବେ ୨ ବିଲରେ ଏକ ପ୍ରକାର ଖତ ପକାଉଥିଲେ ଲାଭଦାୟକ ହୁଏ ନାହିଁ ; ତହିଁର କାରଣ ଏହି କି ଉକ୍ତ ଖତର ପରିବର୍ତ୍ତରେ ଅନ୍ୟ ପ୍ରକାର ଖତର ଆବଶ୍ୟକ ହେଉଅଛି । କୃଷକମାନଙ୍କ ଉଚିତ ଯେ ସେମାନେ କ୍ଷେତ୍ର କିମ୍ବା ଶସ୍ୟର ଉପଯୁକ୍ତ ଖତ ପରିଚୟ କରିବାରେ ବହୁତ ଯତ୍ନ କରିବେ । ହେତୁ କି ଏହା ପରୀକ୍ଷା ଓ ଅନୁଭବ ବିନା ସେମାନଙ୍କ ଜଣା ପଡ଼ି ନ ପାରେ ।

# ପାଠ ୨୧ ।

## ନୀତି ଉପଦେଶ ।

ପ୍ରାଣରୁ ଅଧିକେ ପାଳନ୍ତି ସତ୍ୟ ମହତ ଜନ ;
ସତ୍ୟ ରଖି କର୍ଣ୍ଣ କୁମାର ଶିର କଲେ ଛେଦନ । ୧ ।
ପ୍ରାଣାଧିକ ରାମ ଲକ୍ଷ୍ମଣ ପୁଏ ବନ ପଠାଇ ;
ଦଶରଥ ପ୍ରାଣ ହାରିଲେ ସତ୍ୟ ଲଙ୍ଘିଲେ ନାହିଁ । ୨ ।
ପଶ୍ଚିମ ଦିଗରେ ଉଦୟ ଯଦି ହେବେ ଭାସ୍କର ;
ବିକାଶ ଯଦ୍ୟପି ଅଚଳ ଚୂଳେ ତାମରସର । ୩ ।
ତଥାପି ମହତ ବଚନ ଆନ ହୋଇବ ନାହିଁ ;
ଗଜଦନ୍ତ ଯଦି ବାହାରେ ତାହା ଘୁଞ୍ଚିବ କାହିଁ । ୪ ।
ନାରୀ ପୀରତରେ କଦାଚ ଯିବ ନାହିଁ ବିଶ୍ୱାସ ;
ଦଶରଥ ଗଲେ କୈକେୟୀ ଗୁଢ଼ ପ୍ରୀତରେ ନାଶ । ୫ ।
ନ ଭୁଲିବ କେବେ ରମଣୀ ଚନ୍ଦ୍ର ମୁଖ ଲାବଣ୍ୟେ ;
ରାବଣର ଗଲା ଜୀବନ ଏକା ସୀତା ହରଣେ । ୬ ।
ପର ନାରୀ ପ୍ରୀତି ଦିଅଇ ଜନେ ମହାଦୁର୍ଗତି ;
ସହସ୍ରାକ୍ଷ ହେଲେ ଏ ପାପେ ସିନା ଅମର ପତି । ୭ ।

# ପାଠ ୨୨ ।

## ଦୁର୍ଗାବତୀ ରାଣୀ ।

ଏହି ବିଖ୍ୟାତ ପରମ ସୁନ୍ଦରୀ ଗୁଣବତୀ ରାଣୀ ମହୋବା ଦେଶର ରାଜା ଚନ୍ଦେଲ ବଂଶୀୟ ଶାଲିବାହନଙ୍କ ଦୁହିତା ଥିଲେ । ଜବଲପୁର ନିକଟବର୍ତ୍ତୀ ଗଡ଼ ମଣ୍ଡଳର ଅଧିପତି ଦଲପତ ସାହ ଏହାଙ୍କର ପାଣି ଗ୍ରହଣ କରିବା ନିମନ୍ତେ ଇଚ୍ଛା କଲେ । ପରନ୍ତୁ ରାଜପୁତ ବଂଶରେ ଏମନ୍ତ ବ୍ୟବହାର ନିୟମ ନ ଥିଲା । ତଥାପି ଦୁର୍ଗାବତୀଙ୍କ ପିତା ଆତ୍ମ ରକ୍ଷାପାଇଁ ତାଙ୍କଠାରୁ ଅଭୟ ବଚନ ଗ୍ରହଣ ପୂର୍ବକ ଦଲପତ ସାହଙ୍କ ସହିତ ନିଜ ଦୁହିତାଙ୍କୁ ବିବାହ ଦେଲେ । ମହାରାଜ ଦଲପତ ସାହ କିଛି କାଳପରେ ପରଲୋକ ଗମନ କରିବାରୁ ଦୁର୍ଗାବତୀ ରାଜ-ସିଂହାସନରେ ଉପବେଶନ କଲେ ।

ସନ୍ ୧୫୬୪ ଇସବୀରେ କଡ଼ାମାନକପୁର ରାଜ୍ୟର ନବାବ ଆସଫ ଖାଁ ଗଡ଼ମଣ୍ଡଳ ଆକ୍ରମଣ କରିବାରୁ ରାଣୀ ଦୁର୍ଗାବତୀ ୧୫୦୦ ହସ୍ତୀ ୮୦୦ ଅଶ୍ୱାରୋହୀ ଏବଂ କେତେକ ସୈନ୍ୟ ନେଇ ତାଙ୍କ ସଙ୍ଗରେ ଯୁଦ୍ଧ କରିବାକୁ ବହିର୍ଗତ ହେଲେ । ଏହି ସମୟରେ ରାଣୀ କବଚ ଏବଂ ସୁବର୍ଣ୍ଣମୟ ମୁକୁଟ ପରିଧାନ ପୂର୍ବକ ଧନୁର୍ବାଣ ହସ୍ତରେ ଧରି ହସ୍ତି-ଉପରେ ଆରୋହଣ ପୂର୍ବକ ସୈନ୍ୟମାନଙ୍କୁ ଆଦେଶ ଦେଉଥିଲେ । ସୈନ୍ୟମାନେ ଧୈର୍ଯ୍ୟସହକାରେ ମୋଗଲ ସେନାମାନଙ୍କୁ ଦୁଇଥର ପରାସ୍ତ କଲେ । ତୃତୀୟ ବାର ଯୁଦ୍ଧରେ ଦୁର୍ଗାବତୀଙ୍କ ପୁଅ ସେମାନଙ୍କୁ ପଛକୁ ହଟାଇ ଦେଲେ । ମାଏ ସିଂହାର ଗଡ଼ର ଯୁଦ୍ଧରେ ପରାସ୍ତ ହୋଇ ସ୍ୱରାଜ୍ୟକୁ ଫେରି ଆସି କୌଣସି ଗର୍ତ୍ତ ମଧ୍ୟରେ ଲୁଚି ରହିଲେ । ପ୍ରଥମରେ ଆସଫ ଖାଁ ପରାଜିତ ହୋଇଥିବା ସତ୍ୟ କିନ୍ତୁ ଯେତେବେଳେ ତାଙ୍କର ତୋପ ଆସି ପହୁଞ୍ଚିଲା ସେ ସମୟରେ ରାଣୀ ଶତ୍ରୁଠାରୁ ବଞ୍ଚିବାର କୌଣସି ଉପାୟ ନ ଦେଖି ନୈରାଶ୍ୟ ଜର୍ଜ୍ଜରିତ

ହୃଦୟରେ ମହାବତ ଖାଁ ହସ୍ତରୁ ଖଡ୍ଗ ଉତ୍ତୋଳନ ପୂର୍ବକ ସ୍ୱୀୟ ଉଦରରେ ବିଦ୍ଧ କରି ଆତ୍ମଘାତିନୀ ହେଲେ ।

ଗଣ୍ଡମାନଙ୍କ ମଧ୍ୟରେ ବଖ୍ତବଲନ୍ଦ ଯେପରି ବୀର ପୁରୁଷମାନଙ୍କ ମଧ୍ୟରେ ଶୂରପଣ ପାଇଁ ପ୍ରସିଦ୍ଧ ତେମନ୍ତ ଦୁର୍ଗାବତୀ ରାଣୀ ଯଶସ୍ୱିନୀ ବୀରାଙ୍ଗନା-ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟା ଅଟନ୍ତି ।

ଏହି ରାଣୀଙ୍କର ଗୋଟିଏ ପୀଠ ଅଦ୍ୟାବଧି ବିଦ୍ୟମାନ ଅଛି; ତାହାକୁ ଦୁର୍ଗାବତୀ ରାଣୀଙ୍କ ପୀଠ କହନ୍ତି । ଆସଫ ଖାଁ ସହିତ ଦୁର୍ଗାବତୀ ରାଣୀଙ୍କର ଯେଉଁ ଯୁଦ୍ଧ ହୋଇଥିଲା ସେହି ଘଟନାର ବିବରଣ ତହିଁରେ ଖୋଦିତ ହୋଇଅଛି ।

---

## ପାଠ ୨୩ ।

## ଇଂରାଜ ରାଜ୍ୟରୁ ଭାରତବର୍ଷର ଲାଭ ।

ଅଧିକାଂଶ ଲୋକଙ୍କୁ ଭାରତବର୍ଷର ପୂର୍ବଦଶା ଜଣା ନାହିଁ । ପୂର୍ବ-କାଳରେ ପ୍ରାୟ ପ୍ରତ୍ୟେକ ନଗର ଓ ପଲ୍ଲି ସବୁ ପରିଖାରେ ବେଷ୍ଟିତ ଥିଲା । ଲୋକମାନେ ଆପଣା ୨ ଶସ୍ତ୍ରାଦି ସଙ୍ଗେ ୨ ରଖୁଥିଲେ । ଚୋରର ଭୟ ଏତେ ଦୂର ପର୍ଯ୍ୟନ୍ତ ପ୍ରବଳ ଥିଲା ଯେ କୃଷକମାନେ ସୁଦ୍ଧା ଅଣିପତ୍ର, ଢାଲ ଧରି ଆପଣା ୨ କ୍ଷେତ୍ରକୁ ଯାଇ ଶସ୍ୟ ବପନ, କର୍ତ୍ତନ ଓ ତହିଁର ରକ୍ଷା ସମ୍ପାଦନ କରୁଥିଲେ । ତଦ୍ରୂପ ପର୍ଯ୍ୟଟକମାନେ ସୁଦ୍ଧା ଉପଯୁକ୍ତ ଭାବରେ ଦଳବଦ୍ଧ ହୋଇ ଯାତ୍ରା କରୁଥିଲେ ଓ ଲୋକମାନେ ଧନ ଦ୍ରବ୍ୟାଦି ଭୂଗର୍ଭରେ ଲୁଚାଇ ରଖୁଥିଲେ । ଏ ସମସ୍ତ ଉପାୟ ସର୍ଜ୍ଜନା କଲାରୁ ସୁଦ୍ଧା ମନୁଷ୍ୟମାନଙ୍କ ଧନ ପ୍ରାଣର ରକ୍ଷା ଉତ୍ତମ ପ୍ରକାରରେ ହୋଇ ପାରୁ ନ ଥିଲା । ଶତ୍ରୁଦଳ ଅକସ୍ମାତ୍ ଆକ୍ରମଣ କରୁଥିଲେ ଓ ବଡ଼ ୨ ନଗରକୁ କ୍ଷଣକେ

ମଧ୍ୟରେ ନଷ୍ଟ କରି ପକାଉଥିଲେ । ଦସ୍ୟୁମାନଙ୍କ ଆବାସ ସ୍ଥାନ ଆଜିକାଲି ଘୋର ଅରଣ୍ୟରେ ପରିବର୍ତ୍ତିତ ହୋଇ ଭୟଙ୍କର ବ୍ୟାଘ୍ର ହୁଣ୍ଡ୍ରାଦି ହିଂସ୍ରକ ପଶୁ ବର୍ଗଙ୍କୁ ଅଭୟ ବାସସ୍ଥାନ ପ୍ରଦାନ କରିଅଛି । ଡକାଇତମାନେ ରାତ୍ର ସମୟରେ କୌଣସି ଗ୍ରାମକୁ ବେଷ୍ଟନ କରି ତଦ୍ଦେଶ୍ୟ ଭୟ-ଭୀତ ନିବାସି-ବର୍ଗଙ୍କୁ ଗ୍ରାମ ମଧ୍ୟରୁ ଧରିଆଣି, ତାଙ୍କ ସଞ୍ଚିତ ଧନ କେଉଁଠାରେ ଅଛି ଏହି ସମ୍ବାଦ ନ ଦେବା ପର୍ଯ୍ୟନ୍ତ ବହୁବିଧ କଷ୍ଟ ଦେଉଥିଲେ । ସେମାନଙ୍କୁ ବୃକ୍ଷରେ ବାନ୍ଧି ସେମାନଙ୍କ ଶରୀରରେ ଉତ୍ତପ୍ତ ତୈଳ ଢାଳୁଥିଲେ । କେବେ୨ ବା ନାସିକା, କର୍ଣ୍ଣରୁ ଅଳଙ୍କାର ଘିଞ୍ଚି ନେଇ ବା ହସ୍ତ ପଦାଦି କାଟି କଙ୍କଣାଦି ଅପହରଣ କରି ପଳାୟନ କରୁଥିଲେ । ଠଗମାନେ ଯାତ୍ରୀର ଛଦ୍ମବେଶ ଧାରଣ କରି ଚଟିକୁ ଚଟି ସେମାନଙ୍କର ଅନୁସରଣ କରି ନିର୍ଜ୍ଜନ ସ୍ଥାନ ପ୍ରାପ୍ତିମାତ୍ରେ ଯାତ୍ରୀମାନଙ୍କ ଗଳାରେ ପାଶ ଦେଇ, ସେହି ସ୍ଥାନରେ ସେମାନଙ୍କ ପ୍ରାଣ ନଷ୍ଟ କରି, ସେମାନଙ୍କ ପୁଞ୍ଜିକୁ କରଗତ କରୁଥିଲେ ।

ମାତ୍ର ଯେଉଁ ଦିନଠାରୁ ଏ ଦେଶରେ ଇଂରାଜ ରାଜ୍ୟର ସୂତ୍ରପାତ ହେଲା ସେହି ଦିନଠାରୁ ଏଠାକାର ପ୍ରଜାଗଣ ଏତେ ସୁଖ ସ୍ୱଚ୍ଛନ୍ଦରେ କାଳାତିପାତ କରୁଅଛନ୍ତି ଯେ ବହୁ ସ୍ଥାନରେ ଅଧିବାସିମାନେ ପ୍ରାୟ ୧୦୦ ବର୍ଷରୁ ଯୁଦ୍ଧ ଗୋଳାର ଶବ୍ଦ ସୁଦ୍ଧା କର୍ଣ୍ଣରେ ଶ୍ରବଣ କରି ନାହାନ୍ତି, ଅନେକ ଗୃହେ ପରିଖା ସୁଦ୍ଧା ଭଙ୍ଗାଇ ଦିଆ ଯାଇଅଛି । ଲୋକମାନେ ନିଃଶଙ୍କ ମନରେ ଶସ୍ତ୍ରଶୂନ୍ୟ ହସ୍ତରେ ଗତାୟାତ କରି ଆପଣା୨ କାର୍ଯ୍ୟ ସାଧନ କରୁଅଛନ୍ତି । ଡକାୟତି ବିଶେଷରେ କମି ଅଛି ଓ ଠକାୟତମାନଙ୍କ ନାମ ସୁଦ୍ଧା ଶୁଣା ଯାଉ ନାହିଁ ।

ହିନ୍ଦୁ ଓ ମୁସଲମାନ ଶାସନରେ ବିଚାରପତିମାନେ ସମୁଚିତ ବେତନ ପାଉ ନ ଥିଲେ । ଏ ସକାଶୁଁ ପ୍ରଜାମାନେ ଉଚିତ ବିଚାର ପ୍ରାପ୍ତିରୁ ବଞ୍ଚିତ ହେଉଥିଲେ । କିନ୍ତୁ ଇଂରାଜ ରାଜତ୍ୱରେ ସମସ୍ତେ ଉଚିତ ବେତନ ପାଉଅଛନ୍ତି । ଏହିହେତୁରୁ ଲାଞ୍ଚ ନେବା ପ୍ରାୟ ବନ୍ଦ ହୋଇଅଛି ଏବଂ କୌଣସି

ଲୋକ ଅତି ଦୀନହୀନ ହେଲେ ସୁଦ୍ଧା ଲକ୍ଷପତିର ସମତୁଲ୍ୟ ତାହାର ନ୍ୟାୟ ହେଉଅଛି । ଆଜକାଲି କୌଣସି ସରଦାରଙ୍କର ଏପରି ଶକ୍ତି ନାହିଁ ଯେ ସେ ପୂର୍ବପରି କୌଣସି କାରଣବଶରୁ କାହାରିକୁ ଆପଣା ହସ୍ତି-ପଦ ତଳେ ମର୍ଦ୍ଦନ କରାଇ ବା ଅନ୍ୟ କୌଣସିମତେ ତାହାର ପ୍ରାଣ ନାଶ କରି ପାରନ୍ତି

ପ୍ରତ୍ୟେକ ନଗରରେ ଔଷଧାଳୟ ସ୍ଥାପିତ ହୋଇଅଛି । ଏଠାରେ ରୋଗିମାନେ ପ୍ରତ୍ୟହ ବିନା ମୂଲ୍ୟରେ ଔଷଧ ପାନ୍ତି ; ଗ୍ରାମ ଓ ନଗରମାନଙ୍କ ସଫାଇ ପାଇଁ ଓ ଆବର୍ଜ୍ଜନାଜନିତ ରୋଗ ସବୁ ନିବାରଣାର୍ଥେ ଯୋଗ୍ୟ କର୍ମ୍ମଚାରିବର୍ଗ ନିଯୁକ୍ତ ଅଛନ୍ତି । ପୂର୍ବ କାଳରେ ବସନ୍ତ ରୋଗ ହେତୁରୁ ଶତ ସହସ୍ର ପ୍ରାଣି ପ୍ରାଣତ୍ୟାଗ କରୁଥିଲେ ବା ଅଙ୍ଗହୀନ ହୋଇ ଯାଉଥିଲେ । କିନ୍ତୁ ଆଜିକାଲି ପ୍ରତ୍ୟେକ ଗ୍ରାମରେ ସୁଆଁରମାନେ ମାତା ଟିପିବାକୁ ଓ ଏ ରୋଗର ପ୍ରଚାର ବନ୍ଦ କରଣାର୍ଥେ ପ୍ରେରିତ ହୁଅନ୍ତି । ଏଣୁକରି ରୋଗ ପୂର୍ବପରି ପ୍ରବଳଭାବ ଧାରଣ କରି ପାରୁ ନାହିଁ ଏବଂ କୌଣସି ୨ ଠାରେ ଅଳ୍ପମାତ୍ରାରେ ଦେଖା ଦେଲେ ମଧ୍ୟ ପୂର୍ବପରି କଷ୍ଟ-ଦାୟକ ହେଉ ନାହିଁ ।

ପୂର୍ବକାଳରେ ବ୍ରାହ୍ମଣମାନେ ସ୍ୱଜାତୀୟ ଲୋକଙ୍କୁ ବିଦ୍ୟା ଶିଖାଉଥିଲେ ; ଅନ୍ୟ ସମସ୍ତେ ବିଦ୍ୟାହୀନ ହୋଇ ରହୁଥିଲେ । ଇଂରାଜ ରାଜ୍ୟରେ ଜାତି ପଙ୍କ୍ତିର କୌଣସି ବିଚାର ନ କରି ସମସ୍ତଙ୍କୁ ବିଦ୍ୟାଦାନ ହେଉଅଛି । ନଗର-ମାନଙ୍କ କଥା କଣ କହିବା ? କ୍ଷୁଦ୍ର ଗ୍ରାମମାନଙ୍କରେ ମଧ୍ୟ ବିଦ୍ୟାଳୟମାନ ସଂସ୍ଥାପିତ ହୋଇଅଛି ଓ ହେଉଅଛି ।

ଏହିପରି ପ୍ରଜାପୁଞ୍ଜର ସୁଖ ସ୍ୱାଚ୍ଛନ୍ଦ୍ୟ ନିମନ୍ତେ, ନୂତନ ୨ ବିଷୟ ଅନେକ-ସ୍ଥାନରେ ପ୍ରଚାର କରା ହୋଇଅଛି । ହିନ୍ଦୁ ଓ ମୁସଲମାନ ରାଜାମାନଙ୍କର ଶାସନ କାଳରେ କେହି ସେମାନଙ୍କ ଅନ୍ୟାୟ ବିଷୟ ସବୁ ନିର୍ଭୟରେ ପ୍ରକାଶ କରିବାକୁ ସାହସୀ ହେଉ ନ ଥିଲେ । ଆଜକାଲି ସମ୍ବାଦ ପତ୍ର ଦ୍ୱାରା ସରକାରୀ କାର୍ଯ୍ୟମାନଙ୍କର ଗୁଣ ଦୋଷ ପ୍ରଚାର କରା ଯାଉଅଛି ।

ସମ୍ବାଦ ପତ୍ରର ପ୍ରଚାରର ମଧ୍ୟ ଇଂରାଜାଧିକାର କାଳେ ହୋଇଅଛି । ଏଣୁ କୁଶାସନ ସବୁ ମୋଚନ ହେଉଅଛି । ତାର ଦ୍ୱାରା ସମ୍ବାଦ ଦାନ, ଚିଠି ପତ୍ର ପ୍ରେରଣର ସୁନିୟମ, ରେଲ ପଥର ଅସୀମ ଲାଭ, ସ୍ତ୍ରୀଶିକ୍ଷା, ପକ୍କା ସଡ଼କ, ନାଳ, ଜାହାଜ, ଛାପାକଳ, ବସ୍ତ୍ରକଳ, ସିଲାଇ-ଯନ୍ତ୍ର ଆଦି, ନାନା ପ୍ରକାର ଶିଳ୍ପ ନୈପୁଣ୍ୟ ଏବଂ ବ୍ୟାପାରର ସୁଦ୍ଧା ଅନେକ ଉନ୍ନତ ସଂସାଧିତ ହୋଇଅଛି । ଏହାର ଏକ ଏକ କଥାକୁ ବର୍ଣ୍ଣନା କରିବାକୁ ଗଲେ ପ୍ରତ୍ୟେକ ବିଷୟରେ ଅନ୍ତତଃ ଗୋଟିଏ ଗୋଟିଏ ପାଠ ଲେଖିବାକୁ ହେବ । ଅତଏବ ଆମ୍ଭମାନଙ୍କର ଉଚିତ ଯେ ଈଶ୍ୱରଙ୍କୁ କାୟମନୋବାକ୍ୟରେ ଧନ୍ୟବାଦ ଦେଉଁ, କାରଣ ସେ ଆମ୍ଭମାନଙ୍କ ଦେଶକୁ ଏପରି ନ୍ୟାୟଶୀଳ, ପ୍ରଜାପାଳକ, ଶିଳ୍ପ ନିପୁଣ, ଶୂର ଓ ଦୟାଳୁ ଲୋକଙ୍କର ଅଧୀନରେ ରଖିଅଛନ୍ତି ।

---

## ପାଠ ୨୪ ।

### ଆଖୁ ବା କୁଶାର ।

ଆଖୁ ଭାରତବର୍ଷର ଅନେକ ସ୍ଥାନରେ ଉତ୍ପନ୍ନ ହୁଏ । ତାହାର ବୀଜ ଆମେରିକାରୁ ଏ ଦେଶକୁ ନୀତ ହୋଇଥିଲା । ମାତ୍ର ବର୍ତ୍ତମାନ ତାହା ସହସ୍ର ସହସ୍ର ସ୍ଥାନରେ ଲଗା ଯାଉଅଛି ।

ଆଖୁ ଲଗାଇବାର ରୀତି ଏହି ଯେ ପ୍ରଥମତଃ ଭୂମିକୁ ଚଷିକରି କୋମଳ ଓ ଉଣ୍ଟାସ କରାଯାଏ । ତତ୍ପରେ ତହିଁରେ କିଆରୀ ପ୍ରସ୍ତୁତ କରି ତାହାର ଧାରରେ ଆଖୁ ଖଣ୍ଡ ଖଣ୍ଡ କରି ପୋତି ଦିଅନ୍ତି । ଏହି ଆଖୁ ଖଣ୍ଡମାନଙ୍କର ନିମ୍ନରୁ ଚେର ଓ ଉପରକୁ ଅଙ୍କୁର ବାହାରେ । ପରେ ଏହି ଅଙ୍କୁର ଆଖୁ ହୋଇଯାଏ । ବୈଶାଖ ଜ୍ୟେଷ୍ଠ ମାସ ଆଖୁ ଲଗାଇବାର ସମୟ ଅଟେ ।

କାର୍ତ୍ତିକ ମାର୍ଗଶିର ମାସକୁ ପାଚିଯାଏ, ଏବଂ ଅନ୍ୟ ବୈଶାଖ ପର୍ଯ୍ୟନ୍ତ ଥାଏ । ଯେଉଁଠାରେ ବାୟୁ ଭଲ ଥାଏ ସେଠାରେ ଆଖୁ ଭଲରୂପେ ବଢ଼େ । ଚଉଦିଶିର ସ୍ଥାନରେ ଆଖୁ ୫ । ୬ ହାତ ପର୍ଯ୍ୟନ୍ତ ବଢି ବାଉଁଶ ପରି ମୋଟା ହୋଇଯାଏ ; ଏବଂ ଶ୍ୱେତ, କୃଷ୍ଣ, ରକ୍ତ, ପ୍ରଭୃତି ନାନାବିଧ ରଙ୍ଗ-ବିଶିଷ୍ଟ ହୁଏ । ଯେତେବେଳେ ଆଖୁ ବଢିଯାଇ ପକ୍ୱ ହୋଇଯାଏ, ତେତେ-ବେଳେ ଚୋପା ଛଡ଼ାଇ ତାହାକୁ ଲୋକମାନେ ଖାନ୍ତି । ଆଖୁରୁ ଅନେକ ପଦାର୍ଥ ପ୍ରସ୍ତୁତ ହୁଏ । ଅମେରିକା ଚୀନ୍ ଓ ବଙ୍ଗଦେଶରେ ପ୍ରଚୁର ପରି-ମାଣରେ ଆଖୁ ଚାଷ ହୁଏ । ଏଦେଶମାନଙ୍କରେ ଏଥିରୁ ମିଶ୍ରି, ଚିନି, ନବାତ, ଗୁଡ଼ ଓ ଚିଟାଗୁଡ଼ପ୍ରଭୃତି ପ୍ରସ୍ତୁତ ହୁଏ ।

ନବାତ ପ୍ରସ୍ତୁତ କରିବାର ରୀତି ଏହି କି ଆଖୁ ରସ ବାହାର କରି ତାହାକୁ ବଡ଼ ବଡ଼ କରାହିରେ ଅଉଟନ୍ତି । ପରେ ରସରେ ଅଳ୍ପ ଚୂନ ପକାଇ ତାହାକୁ ଏତେ ଦୂର ଗରମ କରନ୍ତି ଯେ ତାହା ଉଛୁଳି ପଡ଼େ ଓ ତହିଁରେ ଯାହା କିଛି ମଇଳା ଥାଏ, ସେ ସବୁ ଉପରକୁ ଆସିଯାଏ । ଏହି ଅପରିଷ୍କୃତ ଅଂଶକୁ ବାହାର କରି ଦେଇ ଉପରର ପତଳା ରସକୁ ଚିଟା ନିମନ୍ତେ ରଖନ୍ତି, ଏବଂ ନିମ୍ନ ଭାଗରେ ଯେଉଁ ଗାଢ ରସ ରହିଥାଏ, ତହିଁରୁ ଗୁଡ଼, ନବାତ, ମିଶ୍ରିପ୍ରଭୃତି ପ୍ରସ୍ତୁତ କରନ୍ତି । ଆଖୁରସ ପାନ କଲେ ତୃଷା ନିବୃତ୍ତ ହୁଏ, ଓ ଏହା ଔଷଧରେ ମଧ୍ୟ ବ୍ୟବହୃତ ହୁଏ ।

ଅଶକ୍ତ ବା ପିତ୍ତ-ରୋଗଗ୍ରସ୍ତ ରୋଗିମାନଙ୍କୁ ଆଖୁ ଖାଇବାକୁ ଦିଅନ୍ତି । ଚିନିରୁ ନାନାବିଧ ମିଷ୍ଟ ପଦାର୍ଥ ପ୍ରସ୍ତୁତ ହୁଏ ଓ ତାହା ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ଏହାର ବ୍ୟବସାୟ ଲକ୍ଷ ଲକ୍ଷ ଟଙ୍କାର ହୋଇଥାଏ । ଦେଖ, ଅମେରିକା ଓ ଚୀନ୍ ଦେଶରୁ ସହସ୍ର ସହସ୍ର ମହଣ ଚିନି ଭାରତବର୍ଷକୁ ଆସୁଅଛି । ଭିନ୍ନ ଭିନ୍ନ ସ୍ଥାନରେ ଆଖୁର ଭିନ୍ନ ଭିନ୍ନ ନାମ ଅଛି । ସାଧୁ ଭାଷାରେ ଏହାକୁ ଇକ୍ଷୁ, ପ୍ରଚଳିତ ଓଡ଼ିଆ ଭାଷାରେ ଆଖୁ ବା କୁଶାର ଏବଂ ଭିନ୍ନ ଭିନ୍ନ ପ୍ରଦେଶରେ ପ୍ରଚଳିତ ହିନ୍ଦୀପ୍ରଭୃତି ଭାଷାମାନଙ୍କରେ ଗନ୍ନା, ଉଖ, ଇଖ,

ସାଁଠା ଇତ୍ୟାଦି କହନ୍ତି । ମଧ୍ୟ ପ୍ରଦେଶରେ ଏହାର ପ୍ରସିଦ୍ଧ ନାମ ସାଁଠା । ଛିନ୍ଦଉଆଡ଼ା ଓ ବେତୁଲ ଜିଲ୍ଲାରେ ଅଧିକ ପରିମାଣରେ ଉତ୍ପନ୍ନ ହୁଏ ।

---

## ପାଠ ୧୫ ।

## ମାନ୍ଦ୍ରାଜ କର୍ଣ୍ଣାଟକ ଆଉ ଦକ୍ଷିଣ ଦେଶାଧିକାର ।

କୌଣସି ପୂର୍ବ ପାଠରେ ଲେଖି ଆସିଅଛୁଁ କି ୟୁରୋପ ଖଣ୍ଡରୁ ବହୁଜାତି ଲୋକ ଭାରତବର୍ଷକୁ ଆସି ବସତି କରିଥିଲେ ; ଆଉ ସେମାନଙ୍କ ମଧ୍ୟରୁ ପୋର୍ତ୍ତୁଗିସ ଓ ଡଚ୍‌ମାନଙ୍କର ବସତି ଅଳ୍ପଦିନରେ ନଷ୍ଟ ହୋଇ ଯାଇଥିଲା । କେବଳ ଫରାସୀ ଆଉ ଇଂରେଜମାନେ ବାକି ରହି ଯାଇଥିଲେ ।

ଦକ୍ଷିଣ ଭାରତବର୍ଷରେ ଆପଣା୨ର ଆଧିପତ୍ୟ ସ୍ଥାପନ କରିବା ପାଇଁ ଏହି ଦୁହିଙ୍କ ମଧ୍ୟରେ ବଡ ଈର୍ଷା ଜାତ ହୋଇଥିଲା, ଆଉ ଅନେକ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ହେଉଥିଲା । ପରିଶେଷରେ ଫରାସିସମାନଙ୍କ ଅଧିକାରରେ ଦୁଇ ପାଞ୍ଚ ବସତି ବ୍ୟତୀତ ଆଉ କିଛି ରହିଲା ନାହିଁ ଆଉ ଏଠାରେ ଇଂରେଜମାନଙ୍କ ବଡ଼ ସାମ୍ରାଜ୍ୟ ସଂସ୍ଥାପିତ ହେଲା ।

ଏହି ପାଠରେ ଏହି ଦୁହିଙ୍କର ପରସ୍ପର ଯୁଦ୍ଧ ତହିଁର କାରଣ ଆଉ ତହିଁର ପରିଣାମର ବିବରଣ ଲେଖା ଯାଉଅଛି । ଏହାକୁ ସମଗ୍ର ଭାରତ-ବର୍ଷର ଇତିହାସ ବୋଲି ବୁଝିବ ନାହିଁ । ଭାରତବର୍ଷ ଏଡ଼େ ବଡ ରାଜ୍ୟ ଆଉ ଏଥିରେ ଏତେ ବଡ଼ ୨ ବିଭାଗମାନ ଅଛି ଯେ ପ୍ରତ୍ୟେକର ଇତିହାସରେ ଗୋଟିଏ ୨ ବଡ଼ ୨ ପୁସ୍ତକ ହୋଇ ପାରିବ । ଏଠାରେ କେବଳ ଉକ୍ତ ଦୁଇ ଜାତିର ମଧ୍ୟରେ ପରସ୍ପର କଳହ ଆଉ ତହିଁର ପରିଣାମ ବର୍ଣ୍ଣନା ଯଥେଷ୍ଟ ହେବ ।

ମାଏ ଏହି କଥାକୁ ଭଲରୂପେ ଜାଣିବା ନିମନ୍ତେ ଏହି ଲୋକଙ୍କର ସ୍ଥିତି ଆଉ ଅବସ୍ଥାର ସଂକ୍ଷେପ ବିବରଣ ଜାଣିବାର ଆବଶ୍ୟକ । ଫରାସିସ୍‌ମାନେ ଇଂରାଜମାନଙ୍କର ପରି ଶୂରବୀର ଅଟନ୍ତି ଏମାନଙ୍କର ଦେଶ ଫ୍ରାନ୍ସ ଅଟେ । ଏହି ଦେଶ ଇଂରାଜମାନଙ୍କର ଦେଶଠାରୁ ବଡ଼ ଅଟେ । ସପ୍ତଦଶ ଶତାବ୍ଦୀ ମଧ୍ୟରେ ଏମାନଙ୍କ ୟୁରୋପୀୟ ରାଜ୍ୟ ଓ ସେନା ଇଂରାଜମାନଙ୍କଠାରୁ ବଳିକରି ଥିଲା ; ତଥାପି ଯେ ଏମାନଙ୍କର ଭିତ୍ତି ଭାରତବର୍ଷରୁ ଉତ୍ପାଟିତ ହେଲା ଆଉ ଭାରତରେ ଇଂରାଜମାନଙ୍କର ରାଜ୍ୟ ବଢିବାକୁ ଲାଗିଲା ଏଥିର ପ୍ରଧାନ ଦୁଇଟି କାରଣ ଅଛି । ୧ମ, ଫ୍ରାନ୍ସଦେଶର ଅଧିପତି ୟୁରୋପ ମହାଦେଶ ଜୟ କରିବାରେ ରତ ଥିବାରୁ ସେ ଭାରତବର୍ଷୀୟ ଫରାସିସ୍ ସୈନ୍ୟମାନଙ୍କୁ ଉପଯୁକ୍ତ ସାହାଯ୍ୟ ଦେଲେ ନାହିଁ ମାଏ ଇଂରେଜମାନଙ୍କୁ ସ୍ୱୀୟ ଦେଶରୁ ସତତ ସାହାଯ୍ୟ ମିଳୁଥିଲା । ୨ୟ, ଇଂରାଜମାନଙ୍କ ମଧ୍ୟରେ ଲର୍ଡକ୍ଲାଇବ, ୱାରନ ହେଷ୍ଟିଂସ ଆଉ ଲର୍ଡ ୱେଲେସଲି ଆଦି ଯେପରି ବୁଦ୍ଧିମାନ ଆଉ ପ୍ରତାପୀ ସେନାପତି ଥିଲେ ଫରାସିସ୍‌ମାନଙ୍କ ମଧ୍ୟରୁ ଯେତେ ଏ ଦେଶକୁ ଆସିଥିଲେ ସେମାନଙ୍କ ମଧ୍ୟରୁ ଡ୍ୟୁପ୍ଲେଙ୍କ ଛଡ଼ା ଆଉ କେହି ସେପରି ଥିଲେ ନାହିଁ ।

ଅଷ୍ଟାଦଶ ଶତାବ୍ଦୀର ମୋଗଲମାନଙ୍କର ରାଜ୍ୟ ଶାସନ ଅବସ୍ଥା ବଡ଼ ଆଶ୍ଚର୍ଯ୍ୟଜନକ ଥିଲା । ଆରଂଜେବଙ୍କର ମୃତ୍ୟୁର ୩୦ ବର୍ଷପରେ ଏହି ରାଜ୍ୟର ସୀମା କାବୁଲଠାରୁ ଆରମ୍ଭ ହୋଇ ମାନ୍ଦ୍ରାଜ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ଅର୍ଥାତ୍ ଏତେ ବଡ ହୋଇଥିଲା ଯେ କେହି ଜଣେ ସମ୍ରାଟ ଏହା ଶାସନ କରି ପାରୁ ନ ଥିଲେ । ଅତଏବ ତହିଁରୁ ଏହି ଫଳ ଘଟିଲା ଯେ ପ୍ରତ୍ୟେକ ପ୍ରଦେଶ ଭିନ୍ନ ୨ ସୁବେଦାରଙ୍କ ଅଧିକାରରେ ଦିଆଗଲା ; ଦିଲ୍ଲୀ ରାଜଧାନୀ ଆଉ ନିକଟବର୍ତ୍ତୀ ଜିଲା ବାଦ୍‌ସାହଙ୍କର ହୋଇ ରହିଲା ; ସେହି ସୁବେଦାରମାନେ କ୍ରମେ ୨ ସ୍ୱାଧୀନ ହୋଇ ଉଠିଲେହେଁ ନାମ ମାଏ ବାଦ୍‌ସାହଙ୍କ ଅଧୀନରେ ଥାଇ ବାର୍ଷିକ କିଛି ୨ କର ଦେଉଥିଲେ ।

ଏହିପରି ଜଣେ ସୁବେଦାର ଅର୍ଥାତ୍ ହାଇଦରାବାଦର ନିଜାମ, ଦକ୍ଷିଣରେ, ଆଉ ଜଣେ ନବାବ୍ କର୍ଣ୍ଣାଟକରେ ଥିଲେ । ଏହି ଦୁହିଙ୍କର ସନ୍ତାନ ମଧ୍ୟରେ ଯେତେବେଳେ ରାଜସିଂହାସନ ପାଇଁ କଳହ ହେଉଥିଲା ତେତେ-ବେଳେ ଇଂରାଜ ଆଉ ଫରାସିମାନଙ୍କୁ ଯୁଦ୍ଧ କରି ସ୍ୱୀୟ ଅଭିମତ ସାଧନ କରିବାର ଯଥାର୍ଥ ସୁଯୋଗ ମିଳୁଥିଲା । ସନ୍ ୧୭୪୪ ଇସବୀରେ ୟୁରୋପରେ ଯେତେବେଳେ ଫ୍ରାନ୍ସ ଆଉ ଇଂଲଣ୍ଡର ସମ୍ରାଟଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା ତେତେବେଳେ ଭାରତବର୍ଷରେ ସେହି ୨ ରାଜ୍ୟର ଯେଉଁ ଲୋକମାନେ ଥିଲେ ସେମାନେ ମଧ୍ୟ ପରସ୍ପର ଯୁଦ୍ଧ କରିବାକୁ ଲାଗିଲେ । ଇଂରାଜମାନେ ପଣ୍ଡିଚେରି ଦୁର୍ଗ ଆକ୍ରମଣ କଲେ । ଫରାସିସ୍‌ମାନେ ଆର୍କଟର ନବାବଙ୍କର ସହାୟତାରେ ସେମାନଙ୍କୁ ଦୂର କରି ଦେଲେ ଆଉ ମାନ୍ଦ୍ରାଜ ଉପରେ ଆକ୍ରମଣ କରି ତାହା ମଧ୍ୟ ଜୟ କରି ନେଲେ । ତେତେବେଳେ ଅର୍କଟରେ ନବାବ ଇଂରାଜମାନଙ୍କର ସହାଇତା ପାଇଁ ୧୦,୦୦୦ ସେନା ପ୍ରେରଣ କଲେ କିନ୍ତୁ ଫରାସିସ୍‌ମାନେ ସେମାନଙ୍କୁ ମଧ୍ୟ ପରାସ୍ତ କଲେ । ଯାହା ହେଉ ୟୁରୋପରେ ସନ୍ଧି ହୋଇ ଯିବାରୁ ଏଠାରେ ମଧ୍ୟ ସେମାନଙ୍କ ମଧ୍ୟରେ ସନ୍ଧି ହୋଇଗଲା ଆଉ ଇଂରାଜମାନଙ୍କୁ ମାନ୍ଦ୍ରାଜ ପୁନରାୟ ମିଳିଲା ।

ସନ୍ ୧୭୪୮ ଇସବୀରେ ଦକ୍ଷିଣ ହାଇଦରାବାଦ ଆଉ କର୍ଣ୍ଣାଟକର ଅଧିପତି-ମାନଙ୍କ ପରଲୋକ ହେଲାରୁ ସେମାନଙ୍କ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ରାଜସିଂହାସନ ପାଇଁ ବିବାଦ ଆରମ୍ଭ ହେଲା । ଫରାସିସ୍ ଆଉ ଇଂରାଜମାନେ ସ୍ୱୀୟ ୨ ସାହାଯ୍ୟଦାତାମାନଙ୍କର ସାହାଯ୍ୟ କଲେ । ପ୍ରଥମରେ ଫରାସିସ୍‌ମାନେ କୃତକାର୍ଯ୍ୟ ହେଲେ । ସେମାନଙ୍କର ବିଖ୍ୟାତ ସେନାଧ୍ୟକ୍ଷ ଡୁପ୍ଲେ ଆପଣା ମିତ୍ର ଚନ୍ଦ ସାହେବଙ୍କୁ କର୍ଣ୍ଣାଟର ନବାବ ଆଉ ସଫଦରଜଙ୍ଗଙ୍କୁ ଦକ୍ଷିଣର ନିଜାମ କଲେ । ଏହିପରି ଫରାସିସ୍‌ମାନଙ୍କ ପ୍ରତାପ ଦୁଇ ରାଜ୍ୟରେ ସୁଦୃଢ଼ ହୋଇ ଉଠିଲା । ଏହି ସହାୟତାର ବଦଳରେ ସେମାନେ ଡୁପ୍ଲେଙ୍କୁ ଉତ୍ତର ସରକାର ନାମକ ରାଜ୍ୟସେନା ବ୍ୟୟ ନିର୍ବାହ ନିମନ୍ତେ ପ୍ରଦାନ କଲେ,

ଆଉ ଫରାସିସ୍‌ମାନେ ଇଂରେଜମାନଙ୍କୁ ମାନ୍ଦ୍ରାଜରୁ ଅନ୍ତର କରି ଦେବାକୁ ଉଦ୍ୟୋଗ କଲେ । ଇତ୍ୟବସରରେ କ୍ଲାଇବ ଅଳ୍ପ ଇଂରାଜ ସେନା ସହିତ କର୍ଣ୍ଣାଟର ରାଜଧାନୀ ଆର୍କଟକୁ ଜୟ କଲାରୁ ନବାବ ଚନ୍ଦ ସାହେବ ଏକ ମହତୀ ସେନା ସଙ୍ଗେ ନେଇ ତାଙ୍କୁ ଆକ୍ରମଣ କଲେ, କିନ୍ତୁ ଯେ ପର୍ଯ୍ୟନ୍ତ କ୍ଲାଇବଙ୍କ ସାହାଯ୍ୟ ନିମନ୍ତେ ଅନ୍ୟରି ଇଂରାଜୀ ସେନା ପହୁଞ୍ଚି ନ ଥିଲେ ସେପର୍ଯ୍ୟନ୍ତ ସେ ଅଳ୍ପ ସେନା ଘେନି ସେମାନଙ୍କର ସମ୍ମୁଖୀନ ହୋଇଥିଲେ । ଯେଉଁ ତ୍ରିଚନାପଲ୍ଲୀଠାରେ ଫରାସିସ୍‌ମାନେ ଇଂରାଜଙ୍କ ସହାୟୀ ମହମ୍ମଦ ଅଲ୍ଲିକୁ ଘେରି ରଖିଥିଲେ, ସେହିଠାକୁ ତେତେବେଳେ କ୍ଲାଇବ ସ୍ୱୀୟ ସେନା ନେଇ ଫରାସିସ୍ ଆକ୍ରମଣ ଭାଙ୍ଗି ଦେଲେ, ଆଉ ତାଙ୍କୁ କର୍ଣ୍ଣାଟର ନବାବ କରାଇଲେ । ଏହି ସମୟରେ ଇଂରାଜ ଆଉ ଫରାସିସ୍‌ମାନଙ୍କ ମଧ୍ୟରେ ୟୁରୋପରେ ମେଲ ହୋଇଗଲା, ଫ୍ରାନ୍ସରୁ ଯୁଦ୍ଧ ବନ୍ଦ କରିବା ନିମନ୍ତେ ଡୁପ୍ଲେଙ୍କ ପାର୍ଶ୍ୱକୁ ଆଦେଶ ଆସିଲା, କିନ୍ତୁ ସେ ମାନିଲେ ନାହିଁ । ତେତେବେଳେ ତାଙ୍କୁ ଫ୍ରାନ୍ସରୁ ପୁନର୍ବାର ଆହ୍ୱାନ କରାଗଲା, ଆଉ ବଡ଼ କୃତଘ୍ନତାରେ ବାଦ୍‌ସାହ ତାଙ୍କୁ କାରାଗାରରେ ବନ୍ଦ କଲେ । ଏହି ଡୁପ୍ଲେ ଭାରତାଗତ ଫରାସିସ୍‌ମାନଙ୍କ ମଧ୍ୟରେ ସମସ୍ତଙ୍କଠାରୁ ବଡ଼ ଦେଶହିତୈଷୀ ଥିଲେ, ଆଉ ସୁବିଧାନ କରୁଥିଲେ । ଏହାଙ୍କୁ ପୁରସ୍କାର ପରିବର୍ତ୍ତେ ଦଣ୍ଡ ମିଳିଲା । ପୁନର୍ବାର ଫରାସିସ୍‌ମାନଙ୍କର ଏଠାରେ କେବେ ୨ ଜୟ ହେଉଥିଲା, ମାତ୍ର କ୍ଲାଇବଙ୍କର ସମ୍ପୂର୍ଣ୍ଣ ବୀରତା ଆଉ ବୁଦ୍ଧିମତ୍ତା ଏହି ଯୁଦ୍ଧରେ ପ୍ରକାଶିତ ହେଲା, ଆଉ ପରିଶେଷରେ ଇଂରାଜମାନେ କୃତକାର୍ଯ୍ୟ ହେଲେ ।

# ପାଠ ୨୬ ।

## ସ୍ୱାସ୍ଥ୍ୟରକ୍ଷା, ୧୦ମ ଭାଗ ।

### ଗୃହ ପରିଷ୍କରଣ ।

ମନୁଷ୍ୟମାନଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ଗୃହରେ ରହିବାକୁ ହୁଏ । ଅତଏବ ଏହାର ପରିଷ୍କରଣ ଉପରେ ବିଶେଷ ଦୃଷ୍ଟି ଦେବା ଉଚିତ । ଖାଲ ଜମିରେ ଅର୍ଥାତ୍ ଯେଉଁଠାରେ ପାଣି ଜମି ଯିବାର ଆଶଙ୍କା ଥାଏ ସେପରି ସ୍ଥଳରେ ଘର ବନାଇବା ଅନୁଚିତ । ଘର ନିମନ୍ତେ ଯେଉଁ ଜମି ମିଳିବ ତହିଁରେ ସର୍ବୋଚ୍ଚ ଅଂଶକୁ ବାଛି ନେବ; ବନ, ନଦୀ, ଝିଲ, ଗାଡ ଆଦି ନିକଟରେ ଘର ବନାଇବ ନାହିଁ; ଶୁଷ୍କ ଭୂମିରେ ଘରର ନେହି ଏକ ହାତ ଉଚ୍ଚ ଥିବ । ତାହା କଲେ ବର୍ଷା ସମୟରେ ଗୃହ ନିକଟରେ ପାଣି ଜମା ହୋଇ ତହିଁ ଉପରକୁ ଜମି ପାରିବ ନାହିଁ । ଛପର ବା ଛାଉଣି ଏପରି ଗଡ଼ାଣିଆଁ ହେବାର ଆବଶ୍ୟକ ଯେ ବର୍ଷାଜଳ ସେଥିରେ ପଡ଼ିଲାକ୍ଷଣି ଯେପରି ସହଜରେ ଗଡି ଚାଲିଯିବ ।

ସଙ୍କୀର୍ଣ୍ଣ ବା ବଙ୍କ ଗଳିରେ ଘର ବନାଇବ ନାହିଁ, ଘରର ବାଟ, ବଡ଼ ଓ ଉଚ୍ଚ ଥିବ; ଯହିଁରେ ପବନ ବିନା ବାଧାରେ ନିୟମିତରୂପେ ଯିବା ଆସିବା କରି ପାରିବ । ଘରେ ଝୁଲୁକା ନିଶ୍ଚୟ ରଖିବା ଉଚିତ, ତଦ୍ଦ୍ୱାରା ଘରର ମଇଳା ବାୟୁ ବହିର୍ଗତ ହେଉଥିବ । କୌଣସି୨ ଘରରେ ଝରକା ଥାଏ ନାହିଁ, କେବଳ ଗୋଟିଏ୨ ଛୋଟ ଦ୍ୱାର ଥାଏ । ଏହି କାରଣରୁ ଯେଉଁ ପବନ ଘର ଭିତରେ ଥିବା ଲୋକେ ଦୂଷିତ କରନ୍ତି ସେହି ମନ୍ଦ ବାୟୁ ସେଠାରେ ପୂର୍ଣ୍ଣରୂପେ ଭରି ରହିଥାଏ । ଶୋଇବା ଘର ଅଧିକ ଦ୍ରବ୍ୟାଦିରେ ପୂର୍ଣ୍ଣ ରଖିବା ଅନୁଚିତ; ଏପରି ହେବାରୁ ପବନ ନିୟମିତରୂପେ ଯିବା ଆସିବା କରି ପାରେ ନାହିଁ । ଘର ପ୍ରତ୍ୟହ ଝାଡି ଭଲ ପରିଷ୍କାର ରଖିବା ଉଚିତ, ଏପରି କଲେ ଅଳିଆ ଜମା ହୋଇ ପାରିବ ନାହିଁ । ଘରର ଅଳିଆ

ଯେଉଁ ସ୍ଥାନରେ ରଖିଲେ ପବନ ଦ୍ୱାରା ଉକ୍ତ ଘରକୁ ପଶି ପାରିବ ନାହିଁ, ସେପରି ସ୍ଥଳରେ ରଖିବା ଉଚିତ । ନାଳ ପକ୍କା କରାଇବା ଉଚିତ, ଆଉ ତାକୁ ପରିଷ୍କାର ରଖିବା ଏବଂ ପ୍ରତ୍ୟହ ତହିଁରେ ଥରେ ପାଣି ଢାଳି ପରିଷ୍କାର କରିବା ବିହିତ । ରୁଷେଇର ପାଣି ସବୁ ଘରେ ବିକ୍ଷିପ୍ତ ହେବାକୁ ଦେବ ନାହିଁ, କୌଣସି ନଳା ଦେଇ ବାହାରକୁ ବାହାର କରି ଦେବ । ଯେଉଁ ପାଣିରେ ସ୍ନାନ କରିବ ବା କପଡ଼ା କାଚିବ ତାହାକୁ ନାଳରେ ବାହାରକୁ ବାହାର କରି ଦେବ, ନତୁବା ପାତ୍ରମାନଙ୍କରେ ଜମା କରି ଫିଙ୍ଗି ଦେବ । ଘର କାନ୍ଥରେ ଛେପ ପକାଇବା ନିତାନ୍ତ ଅନିଷ୍ଟକର, କାରଣ ସେହି ଛେପ ଶୁଷ୍କ ହେଲେ ତହିଁର ଅଣୁ ପବନରେ ମିଳିଯାଏ । ଥୁକିବା ଅଥବା ପିକ ପକାଇବା ନିମନ୍ତେ ଗୋଟିଏ ପିକଦାନୀ ବା କିଛି ପାତ୍ର ରଖିବା, ଆଉ ତାକୁ ପ୍ରତିଦିନ ପରିଷ୍କାର କରି ଦେବା ଉଚିତ । ନତୁବା ଗୋଟିଏ ପାତ୍ରରେ ଖାରି ରଖି ତହିଁରେ ଛେପ ପକାଇଲେ ଅନିଷ୍ଟ ହେବ ନାହିଁ; ମାତ୍ର ଉକ୍ତ ଖାରକୁ ନେଇ ଗ୍ରାମ ବାହାରେ ଫିଙ୍ଗି ଆସୁଥିବ; ଯଦ୍ୟପି ଏହା ହୋଇ ନ ପାରେ ତେବେ ଭୂମିରେ ଥୋକେ ମାଟି ଢାଙ୍କି ଦେବ, ପଶ୍ଚାତ୍ ପରିଷ୍କାର କରି ଦେବ ବା ଲିପି ଦେବ ।

ଘର ଭିତରେ ପାଇଖାନା କରାଇବ ନାହିଁ । ତାହା ଘର ସୀମାରେ ପକ୍କା କରି କରାଇବ । ତାହା ପରିଷ୍କାର ଥିବ, ଆଉ ତହିଁରେ ପବନ ଯଥେଷ୍ଟ ଆସୁଥିବ । ତାହାର ନଳା ମଧ୍ୟ ପକ୍କା କରାଇବ, ଆଉ ତହିଁରେ ଧୂଳି ମାଟି ପୂର୍ଣ୍ଣରୂପେ ଥିବ, ମଳ ତ୍ୟାଗ କରି ଫେରିଲେ ତହିଁରେ ମାଟି ପୂର୍ଣ୍ଣରୂପେ ଦେବା ବିହିତ, ଏବଂ ପାଇଖାନା ପ୍ରତ୍ୟହ ପରିଷ୍କାର କରା ଯାଉଥିବ ।

ଘରେ ଘୋଡ଼ା, ବଳଦ, ଗାଈ, ମହିଷୀଆଦି ପଶୁ ପାଇଁ ଘୋଡ଼ାଶାଳ ଓ ଗୁହାଳ କରାଇବ ନାହିଁ । ସେମାନଙ୍କ ପ୍ରଶ୍ୱାସରେ ବା ଲେଦ ଗୋବର ପିସାବଆଦିରୁ ବାୟୁ ଦୂଷିତ ହୁଏ, ଯେବେ ନିକଟରେ ବନ୍ଧା ଯିବେ,

ତେବେ ତାଙ୍କର ଭେଦ ମଳ ମୂତ୍ରାଦିକୁ ଗୃହରୁ ଫିଙ୍ଗି ଦେବାରେ ଯତ୍ନଶୀଳ ହେବ । ଘର କାନ୍ଥ ଚୂନ ବା ହଳଦିଆ ମୃତ୍ତିକାରେ ଲିପି ଦେବ । ଯଦି ହୋଇ ପାରିବ ତେବେ ଘର ଗୃହ ଅଛେ ଘର ଘେରାଇ ନ ଦେବା ଉଚିତ, ଯେବେ ଷ୍ଟାଇ ନିମନ୍ତେ ବୃକ୍ଷ ଥିବ ତେବେ ହାନି ହେବ ନାହିଁ । ଘର ନିକଟରେ ଝିଲଆଦି ନ ଥିବ, କାରଣ ତହିଁରୁ ଜ୍ୱର ଜାତ ହୁଏ, ଏଣୁ ତାକୁ ଖୋଳି ପକାଇବ ନଚେତ୍ ନାଳ ବନାଇ ଦେଲେ ଏହି ଦୋଷ ମେଣ୍ଟିଯିବ ।

---

## ପାଠ ୨୭ ।

## କୃଷିବିଦ୍ୟା ୧୦ମ ଭାଗ ।

### ବୃକ୍ଷର ଖାଦ୍ୟ ।

୧ମ୍ଭ ନିୟମ । ବୃକ୍ଷର ଖାଦ୍ୟ ଜଳରେ ମିଶିବା ଭଳି ସୂକ୍ଷ୍ମ ହେବା ଉଚିତ । ତୁମ୍ଭେ ଅବଗତ ହୋଇଅଛ କି ଉର୍ବରା ଭୂମିରେ ବୃକ୍ଷର ଖାଦ୍ୟ ଅବଶ୍ୟ ପୂର୍ଣ୍ଣଭାବରେ ରହିଅଛି । "ଲବଣ ଜଳରେ ମିଶିଲା ପରି ଏହା ଜଳରେ ମିଶି ବୃକ୍ଷର କାର୍ଯ୍ୟକୁ ଆସେ, ମାଏ ପ୍ରସ୍ତରମୟ ଭୂମିରୁ ଶସ୍ୟ ପକ୍ଷରେ କୌଣସି ଖାଦ୍ୟ ମିଳଇ ନାହିଁ । ତାପ ଓ ବୃଷ୍ଟିରେ ତାହାର ଧୂଳି ପ୍ରସ୍ତୁତ ହେଉଅଛି, ତାପରେ ବିଦୀର୍ଣ୍ଣ ହେଉଅଛି ଏବଂ ବୃଷ୍ଟିରେ ଆନ୍ଦୋଳିତ ହେଉଅଛି । ପର୍ବତର ଯେଉଁ ଗୁଣ୍ଡିଆ ଲାଲ ମାଟିରେ ଅଳ୍ପ ଶସ୍ୟ ଉତ୍ପନ୍ନ ହୁଏ, ତାହା ପ୍ରୋକ୍ତ ପ୍ରକ୍ରିୟାନୁସାରେ କେତେକ ବର୍ଷରେ ପ୍ରସ୍ତୁତ ହୋଇଥାଏ । ଏହା ନିମ୍ନ ଘାଟୀ ଅଞ୍ଚଳକୁ ପ୍ରବାହିତ ହୋଇ ଅନ୍ୟବିଧ ମୃତ୍ତିକାରେ ମିଶ୍ରିତ ହେବାରୁ ବିଶେଷ ଉତ୍ପନ୍ନକାରୀ କଳା ମାଟିରେ ପରିଣତ ହୋଇଯାଏ ।

ବୃଷ୍ଟି ଆଉ ତାପ ବଲରର ମୃତ୍ତିକାକୁ ସୂକ୍ଷ୍ମ କରୁଅଛୁ । କନ୍ତୁ ତାହାର ଗୁଣ କଠିଣ ମୃତ୍ତିକାର ଉପରେ୨ ରହୁଅଛୁ ଏବଂ ଉଣ୍ଢାସ ମୃତ୍ତିକା ରନମ୍ନ ପର୍ଯ୍ୟନ୍ତ ଭେଦୁଅଛୁ । ଏହିହେଉରୁ ଚଗୁର କୃଷକମାନେ ଧାନ୍ୟ, ବ୍ରୀହ୍ମି, ମୁଗ ପ୍ରଭୃତ ବୁଣା ଯାଉଥିବା କ୍ଷେତ୍ର ସମୂହକୁ ଶସ୍ୟ ଆଦାୟ ପରେ କର୍ଷଣ ଏବଂ ବର୍ଷାକାଳର ବୃଷ୍ଟି ନ ହେବା ଦନରେ ପୁଣି ଦ୍ୱିତୀୟ ଥର କର୍ଷଣ କରନ୍ତି । ଗଭୀର କର୍ଷଣ କଲେ, କମ୍ନର ମୃତ୍ତିକା ଊର୍ଦ୍ଧ୍ୱକୁ ଆସି ବୃଷ୍ଟି ଓ ତାପର ସମ୍ମୁଖକୁ ଆସିଯାଏ । ଏହି କର୍ଷଣ କାର୍ଯ୍ୟ ହିନ୍ଦୁସ୍ଥାନର ହଲ ଅପେକ୍ଷା ୟୁରୋପୀୟ ହଲରେ ଅଳ୍ପ ବ୍ୟୟ ଦ୍ୱାରା ଅନାୟାସରେ ସମାଧା ହୁଏ । ଏଥିରେ ମୃତ୍ତିକା ମଧ୍ୟ ବହୁତ ସୂକ୍ଷ୍ମ ହୋଇଯାଏ ।

ଗଭୀର କର୍ଷଣରୁ ଲାଭ ହୁଏ ସତ୍ୟ ମାତ୍ର ଯେଉଁ ଭୂମିର ନମ୍ନ ଭାଗରେ ପ୍ରସ୍ତର ରହିଅଛୁ ତାହା ପକ୍ଷରେ କ୍ଷତକାରକ ଅଟେ । କାରଣ ଊର୍ଦ୍ଧ୍ୱସ୍ଥ କୋମଲ ମୃତ୍ତିକା ନମ୍ନକୁ ଏବଂ ନମ୍ନସ୍ଥିତ ଗେଙ୍ଗଟା ମାଟି ଉପର ଭାଗକୁ ଆସିଯାଏ । ଯଦ୍ୟପି କଲା-ମାଟିର କ୍ଷେତ୍ରକୁ ବର୍ଷାକାଳରେ ଗଭୀର କର୍ଷଣ କରାଯାଏ ଏବଂ ତାହାର ଅବ୍ୟବହିତ ପରେ ବର୍ଷା ନ ହୁଏ ତାହା ହେଲେ ଏହି ଭୂମି ଏତେଦୂର ଶୁଷ୍କ ହୋଇଯାଏ । ଯେ ବୀଜର ଅଙ୍କୁର ସୁଦ୍ଧା ଉତ୍ତମରୂପେ ବହିର୍ଗତ ହୋଇ ପାରେ ନାହିଁ ।

୭୨ । ନୟମ ଜମିରେ ଖାଦ୍ୟ ଗୋଳି ହେବା ଭଳି ଜଳପୂର୍ଣ୍ଣ ଥିବା ଉଚିତ । ତୁମ୍ଭଙ୍କୁ ଜ୍ଞାତ ଅଛୁ ଯେ ଶସ୍ୟ ଜଳର ବଶେଷ ଆବଶ୍ୟକତା ରଖେ କାରଣ ତଦ୍ୱାରା ଖାଦ୍ୟ ମିଶ୍ରିତ ହୋଇ ତାହା ସହିତରେ ମୂଳଦ୍ୱାରା ବୃକ୍ଷର ମଧ୍ୟକୁ ଆସିଯାଏ । ଏହିହେତୁରୁ ଶୁଷ୍କ ବୃକ୍ଷ ଅପେକ୍ଷା କଞ୍ଚା ବୃକ୍ଷ ଅଧିକ ଭାରି ହୁଅଇ । ଏହାର ଦଶଭାଗର ନଅଭାଗ ଜଳଥାଏ । ଏଣୁ ପ୍ରକାଶ ପାଉଅଛୁ ଯେ ଶସ୍ୟ ନମନ୍ତେ ଜମି ମଧ୍ୟରେ ଜଳ ପୂର୍ଣ୍ଣରୂପେ ରଖିବାର ଅତ୍ୟାବଶ୍ୟକ ।

ପ୍ରତବର୍ଷ ଏତଦ୍ଦେଶରେ ଜଳପୂର୍ଣ୍ଣରୂପେ ବର୍ଷୁଅଛୁ ମାତ୍ର ଜମି ମଧ୍ୟରେ

ସେ ସବୁ ଜଳ ରହି ନ ପାରେ । ଊର୍ଦ୍ଧ୍ୱସ୍ଥ ମୃତ୍ତିକା କଠିଣ ହେତୁରୁ ଅଧି- କାଂଶ ଜଳ ପ୍ରବାହିତ ହୋଇ ଯାଉଅଛି । ଯାହା କିଛି ତହିଁରେ ଶୋଷିତ ହୋଇଥାଏ କିଛି କାଳପରେ ତାହା ସୁଦ୍ଧା ବାଷ୍ପାକାରରେ ଉଡ଼ିଯାଏ । ଏଣୁକରି କୃଷକମାନଙ୍କୁ ଉଚିତ ଯେ ଶସ୍ୟ କର୍ତ୍ତନ କଲାପରେ ବତର ମିଳିଲେ କ୍ଷେତ୍ରକୁ କର୍ଷଣ କରି ଦେଉଥିବେ । ମୃତ୍ତିକା ଉଣ୍ଢାସ ଥିଲେ ନିମ୍ନରେ ଆର୍ଦ୍ରତା ରହିଥିବ ତାହା ହେଲେ ବର୍ଷାପାଣି ଅଧିକ ଶୋଷଣ କରି ରଖି ପାରିବ । ମନୁଷ୍ୟମାନେ ବୋଧ କରନ୍ତି କି ଊର୍ଦ୍ଧ୍ୱସ୍ଥିତ କଠିଣ ମୃତ୍ତିକା ଯୋଗୁଁ ନିମ୍ନରେ ଆର୍ଦ୍ର ଲାଗି ଥାଏ । କିନ୍ତୁ ଏହା ସେମାନଙ୍କ ବୁଝିବାର ଭ୍ରମ ଅଟେ । ଯେହେତୁ ପଥରଆ ମୃତ୍ତିକା ଶୁଷ୍କ ହେବାପରି ତଳର ଆର୍ଦ୍ରତା ଶୋଷଣ କରି ନିଏ ଏହା ତାପର ମୁଖରେ ପଡ଼ିଲେ ବାଷ୍ପାକାରରେ ଉଡ଼ିଯାଏ ।

ଯଥାର୍ଥ ସମୟରେ ଜମି କର୍ଷଣ କରି ବୀଜ ବପନ କଲେ ଏବଂ ବନ୍ଧୁ- ଡ଼ିଲେ ତହିଁରେ ପୂର୍ଣ୍ଣରୂପେ ଜଳ ରହିପାରେ । ଏହି ସୁସମୟ ବର୍ଷ ମଧ୍ୟରେ ଅଳ୍ପଦିନ ପର୍ଯ୍ୟନ୍ତ ଘଟଇ କାରଣ ଚଷିବା କାଳରେ ବର୍ଷାହେଲେ ଏବଂ ବୀଜ ବପନ କାଳରେ ଜମି ଶୁଷ୍କ ହେଲେ ସ୍ଥଗିତ ହେବାକୁ ପଡ଼େ । ଅନୁଭବୀ କୃଷକମାନେ ଏହି କଥାକୁ ଉତ୍ତମରୂପେ ଅବଗତ ହୋଇପାରନ୍ତି ।

କ୍ଷେତ୍ରରେ ପାଣି ଅଟକ କରିବାର ଉତ୍ତମ ଉପାୟ ବନ୍ଧନ ଅଟେ । ଏହା ଜମିର ଗୁଣ ଏବଂ ଜଳର ପରିମାଣ ଅନୁସାରେ ହେଉଅଛି । ତହିଁରେ ଅଧିକ ଖର୍ଚ୍ଚ ହୁଏ ସତ୍ୟ ମାତ୍ର ତାହା ଶସ୍ୟର ଆମଦାନିରୁ ବାହାରି ପଡ଼େ । ଯେହେତୁ ବନ୍ଧନ ହୋଇଥିବା କ୍ଷେତ୍ର ଦୁଇଥର ଶସ୍ୟ ଉତ୍ପନ୍ନ କରୁଅଛି । ଦ୍ୱିତୀୟତଃ କ୍ଷେତ୍ରରୁ ମୃତ୍ତିକାରୂପ ଖାଦ୍ୟ ବାହାରି ଯାଏ ନାହିଁ ଅଥଚ ତହିଁରେ ଖତ ପକାଇଲେ ବିଶେଷ ଲାଭ ହୁଏ । ତୃତୀୟତଃ କ୍ଷେତ୍ର ଚଷିବା ବନ୍ଧୁଡ଼ିବାର ଆବଶ୍ୟକତା ପଡ଼େ ନାହିଁ । ଚତୁର୍ଥତଃ ଶସ୍ୟର ଖାଦ୍ୟ ଜଳ ଭିତରୁ କ୍ଷେତ୍ରକୁ ଆସିଯାଏ । ପଞ୍ଚମତଃ କ୍ଷେତ୍ରରେ ତୃଣାଦି ଜନ୍ମିଇ ନାହିଁ । ଷଷ୍ଠତଃ କ୍ଷେତ୍ରକୁ ଦଶହିବା ମାସର ପାଣିର ଆବଶ୍ୟକତା ରଖେ ନାହିଁ ।

ହିଉଁ ଦେବା ସବୁ ସ୍ଥଳରେ ହୋଇ ନ ପାରେ କୌଣସି୨ କ୍ଷେତ୍ରରେ ଜଳ ରହି ନ ପାରେ ଏବଂ କୌଣସି୨ଠାରେ ହିଉର ଖର୍ଚ୍ଚ ସୁଦ୍ଧା ମିଳଇ ନାହିଁ । ଏତାଦୃଶ କ୍ଷେତ୍ରସମୂହରେ ହିଉ ବ୍ୟତୀତ ଜଳସେଚନ ଦ୍ୱାରା କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ନିର୍ବାହିତ ହୋଇ ପାରେ । ଗଡ଼ଜାତ ଭଣ୍ଡାରା ଆଉ ସମ୍ବଲପୁର ଜିଲ୍ଲାରେ ପୁଷ୍କରଣୀରୁ ଧାନ୍ୟ କ୍ଷେତ୍ରକୁ ପାଣି ବଳାଉଅଛନ୍ତି । ଉତ୍ତର ପଶ୍ଚିମ ଆଉ ପଞ୍ଜାବ ପ୍ରଦେଶରେ କୂପରୁ ଗହମ କ୍ଷେତ୍ରକୁ ପାଣି ବଳାନ୍ତି । ମଧ୍ୟପ୍ରଦେଶର କୃଷକମାନେ କୂପରୁ କେତେକ ଜଳ କୃଶାଇ ଆଦ କ୍ଷୁଦ୍ର୨ କ୍ଷେତ୍ରକୁ ଏବଂ ବଗିଚ୍ଚମାନଙ୍କୁ ପାଣି ବଳାଉଅଛନ୍ତି । ବହୁତ ପାଣି ଶୋଷଣ କରିବାରୁ ଏହି ସ୍ଥାନର ଜଳାଭୂମିର ବହୁବିଧ କ୍ଷେତ୍ରକୁ କୂପର ପାଣି ବଳାଇବାରେ ସମଧିକ ଲାଭଦାୟକ ହୁଏ ନାହିଁ ।

---

## ପାଠ ୨୮ ।

## ନୀତି ଉପଦେଶ ।

ଦିବା ଅବସାନେ ମଣ୍ଡିଳ ଆସେ ଅନ୍ଧାର ମାତ;
ପୁଣି ହୋଇଯାଏ ପ୍ରଭାତ; ତମ ପଳାଏ ଛାଡ଼ି । ୧ ।
ସୁଖ ଦୁଃଖ ଚକ୍ର ଏରୂପେ ଭବେ ହୁଏ ଘୂର୍ଣ୍ଣିତ;
ବୁଧ ଜନମାନେ ନୁହନ୍ତି ତହିଁ ପାଇଁ ଚିନ୍ତିତ । ୨ ।
ନମ୍ରଶୀଳ ଜନ ମହତ ପଦ ଲଭେ ତ୍ୱରିତ;
ମହୋଦଧି ସଙ୍ଗ ଲଭଇ ନୀଚ ଗତି ସରିତ । ୩ ।
ପରିଶ୍ରମ ତିକ୍ତ ଲାଗଇ ତାର ଫଳ ମଧୁର;
ଆପାତ ମଧୁର ଆଲସ୍ୟ, ପରିଣାମ ବଧୁର । ୪ ।

ଜଗତ ମଣ୍ଡଳେ ଅମୂଲ୍ୟ ଦ୍ରବ୍ୟ ଅଟେ ସମୟ ;
ଅକାର୍ଯ୍ୟରେ ଅବା କୁକାର୍ଯ୍ୟେ ତାକୁ ନ କର ବ୍ୟୟ । ୫ ।
ଶରୀରକୁ ନାଶ କରଇ ପାପ ହେଲେହେଁ ସାନ ;
ସାନ ଛିଦ୍ର ଦଏ ବୁଡ଼ାଇ ବଡ଼ ଅର୍ଣ୍ଣବଯାନ । ୬ ।
ପଶା ଖେଳ ଲୋଭ ଆଣଇ ବଳେ ସର୍ବ ବିପଦ ;
ଯୁଧିଷ୍ଠିର ନୃପ ହାରିଲେ ତହିଁ ସର୍ବ ସମ୍ପଦ । ୭ ।

---

## ପାଠ ୨୯ ।

### ଘୋଡ଼ା ।

ସ୍ଥୂଳ କ୍ଷୁରବିଶିଷ୍ଟ ଜନ୍ତୁମାନଙ୍କ ମଧ୍ୟରେ ଘୋଟକ ଗର୍ଦ୍ଦଭପ୍ରଭୃତି ଅନ୍ତର୍ଭୂତ ଅଟନ୍ତି । ଏମାନଙ୍କର ପଦର କ୍ଷୁର ଗୁଡ଼ିକ ଦ୍ୱିଧା ବିଭକ୍ତ ନ ହୋଇ ପୂର୍ଣ୍ଣଭାବରେ ଥାଏ । ଏମାନଙ୍କର ଛଅ୨ ଗୋଟି ସୁତୀକ୍ଷ୍ଣ କର୍ତ୍ତନକାରୀ ଦନ୍ତ ଥାଏ । ମୁଖର ଉପରେ ଓ ତଳେ ଛଅ୨ ଗୋଟି କଲଦନ୍ତ ଥାଏ । ସେହି ସବୁର ଉପର ଭାଗ ଉଜ୍ଜ୍ୱଳ ଥାଏ । ସମସ୍ତ ଚତୁଷ୍ପଦ ଜନ୍ତୁମାନଙ୍କ ମଧ୍ୟରେ ଘୋଡ଼ା ଅତ୍ୟନ୍ତ ସୁନ୍ଦର ଅଟେ ; ଏହି ଜନ୍ତୁ ସୌନ୍ଦର୍ଯ୍ୟ, ଶୀଘ୍ର ଗମନ, ଶକ୍ତି ଓ ସାହସ ପାଇଁ ସବୁଠାରୁ ପ୍ରସିଦ୍ଧ ।

ବରଫ ସ୍ଥାନ ବ୍ୟତିରେକେ ପୃଥିବୀର ଅନେକ ସ୍ଥାନରେ ଅଳ୍ପ ଓ ବହୁତ ଘୋଡ଼ା ଦେଖାଯାନ୍ତି । ଦକ୍ଷିଣ ଅମେରିକାର ବିସ୍ତୀର୍ଣ୍ଣ ତୃଣ କ୍ଷେତ୍ରରେ ଅନେକ ଜଙ୍ଗଲୀ ଘୋଡ଼ା ଦେଖାଯାନ୍ତି । ସାଇବେରିୟାର ଦକ୍ଷିଣ ଭାଗରେ ଚିନ ତାତାର, ଅଫ୍ରିକାଆଦି ଦେଶରେ ଦଳ୨ ଘୋଡ଼ା ଦେଖାଯାନ୍ତି । ଏମାନଙ୍କର ଦଳ ମଧ୍ୟରେ ଗୋଟିଏ ନେତା ଥାଏ, ତାହାର ପଛେ୨

ସମସ୍ତେ ଯାଉଥାନ୍ତି । ଭୟର କାରଣ ଉପସ୍ଥିତ ହେଲେ ସମସ୍ତେ ପଳାୟନ କରନ୍ତି ।

ଆମେରିକାର ବନ୍ୟ ଘୋଡ଼ାମାନେ ଗ୍ରାମ୍ୟ ଘୋଡ଼ାକୁ ଆପଣା ଦଳ ମଧ୍ୟରେ ନେଇ ଯାନ୍ତି; ମାତ୍ର ତାତାର ଦେଶରେ ଜଙ୍ଗଲି ଘୋଡ଼ାମାନଙ୍କ ରୀତି ତାହାର ବିପରୀତ ଅଟେ । ଏମାନେ ଗ୍ରାମ୍ୟ ଘୋଡ଼ାମାନଙ୍କୁ ଆପଣା ଦଳ ମଧ୍ୟକୁ ପ୍ରବେଶ କରି ଦିଅନ୍ତି ନାହିଁ । ଯଦ୍ୟପି କୌଣସି ଘୋଡ଼ା ଦୈବାତ୍ ଦଳ ମଧ୍ୟକୁ ଆସିଯାଏ, ତେବେ ସେମାନେ ତାକୁ ମାରି କରି ବାହାର କରି ଦିଅନ୍ତି । ଅନେକ ପଣ୍ଡିତମାନଙ୍କର ମତ ଏହି କି ଏହି ଜନ୍ତୁକୁ ସର୍ବ ପ୍ରଥମରେ ମିସର ଦେଶର ଲୋକମାନେ ଅଧୀନ କଲେ ।

ଘୋଡ଼ାର ଉଚ୍ଚ ୨୪ ହାତଠାରୁ ୭୪ ହାତ ପର୍ଯ୍ୟନ୍ତ ହୋଇଥାଏ ଏହାର ବଡ଼ ୨ ଉଜ୍ଜ୍ୱଳ ଚକ୍ଷୁ ଓ ଉତ୍ତମ କର୍ଣ୍ଣ ଥିବାରୁ ଏହାର ମୁଖ ଅତି ସୁନ୍ଦର ଦିଶେ । ଏହାର ଗଳା, ଶିର ଓ ପୁଚ୍ଛରେ ଲମ୍ବ ୨ କେଶ ଥାଏ ଓ ସେସବୁର ଶୋଭା ବର୍ଦ୍ଧନ କରେ । ତାହାର ଲମ୍ବ ପୁଚ୍ଛ ଚାମର ପ୍ରାୟ କାର୍ଯ୍ୟ କରେ । ଏହାର ଗୋଡ଼ ସ୍ୱଭାବତଃ ସୁନ୍ଦର ଦିଶେ, ପୁଣି ତହିଁରେ ଖୁର ହେବାରୁ ତାହା ସମଧିକ ସୁନ୍ଦର ଦିଶଇ । ଶୁକ୍ଳ, ପିତ, କୃଷ୍ଣ, ଲୋହିତ ବାଦାମୀଆଦି ନାନା ବର୍ଣ୍ଣର ଘୋଡ଼ା ଦେଖାଯାନ୍ତି । କୌଣସି ୨ ଘୋଡ଼ାର ଦେହରେ ମଧ୍ୟ ନାନା ରଙ୍ଗର ଦାଗ ଥାଏ । ଏମାନେ ବଡ଼ ଆଜ୍ଞାବହ ଅଟନ୍ତି, ଏମାନଙ୍କର ସ୍ମରଣଶକ୍ତି ମଧ୍ୟ ଉତ୍ତମ ଥାଏ । ସେମାନଙ୍କୁ ଯେଉଁ-ପରି ଶିକ୍ଷା ଦିଆଯାଏ ସେମାନେ ଠିକ୍ ସେହିପରି ଶିଖିଯାନ୍ତି ।

ଘୋଡ଼ାର ସ୍ୱାଭାବିକ ଚାଲି ତିନି ପ୍ରକାର ଯଥା, ସାଧାରଣ, ଦୁଲ୍କି ଓ ସରପଟ । ଏହାର ସରପଟ ଚାଲି ବିଶେଷ ବେଗବାନ୍ ହୁଏ । ଏହା ବ୍ୟତି-ରେକେ ଏହାକୁ ଶିଖାଇଲେ ଏ ଅନେକ ପ୍ରକାର ଚାଲି ଶିଖଇ, ଯେମନ୍ତ କଦମ, ଇତ୍ୟାଦି ।

ଘୋଡ଼ାର ନିଦ୍ରା ଅତି ଅଳ୍ପ ହୁଅଇ । ଏହି ପଶୁ କୌଣସି ୨ ସମୟରେ

ଠିଆ ହୋଇ ନିଦ୍ରା ଯାଏ । ଏହାର ପ୍ରକୃତ ଖାଦ୍ୟ ତୃଣ; ମାଏ ତୃଣ ନ ମିଳିଲେ ବୃକ୍ଷର କୋମଳ ପତ୍ର ମଧ୍ୟ ଖାଏ । ଯେଉଁଠାରେ ଅତି ସାନ ସାନ ଘାସ ଜନ୍ମଇ ସେଠାରେ ରହିଲେ ଅନ୍ୟାନ୍ୟ ପଶୁ ପକ୍ଷେ ମରିଯିବେ; ମାଏ ଘୋଡ଼ା ନିମନ୍ତେ ତାହା ଉତ୍ତମ ଖାଦ୍ୟ ଅଟେ । ଈଶ୍ୱର ଏହାର ଓଷ୍ଠ ଏବଂ ଦନ୍ତ ସାନ ସାନ ଘାସ ଖାଇବାକୁ ଯୋଗ୍ୟ କରିଅଛନ୍ତି । ଏହି ପଶୁ ବହୁତ ଜଳପାନ କରେ ଅଉ ଆପଣା ଖାଦ୍ୟକୁ କଲଦାନ୍ତରେ ଚୁବାଇ ଉଦରସ୍ଥ କରେ । ଗୃହ ପାଳିତ ଘୋଡ଼ା ଦାନା ମଧ୍ୟ ଖାଏ; ମାଏ ଏହା ଘୋଡ଼ାର ପ୍ରକୃତ ଖାଦ୍ୟ ନୁହେ ।

ଘୋଡ଼ାର ବୟସ ଦାନ୍ତରୁ ଜଣାଯାଏ; ଏ ପାଞ୍ଚ ବର୍ଷ ବୟସ ପର୍ଯ୍ୟନ୍ତ ବଢଇ । ଏହି ପଶୁ ମନୁଷ୍ୟର ବଶେଷ କାର୍ଯ୍ୟରେ ଆସଇ । ଚଢିବା, ଗାଡି ଟାଣିବା ଆଉ ବୋଝ ବୋହିବାରେ ଅନ୍ୟ କୌଣସି ପଶୁ ଘୋଡ଼ା ପରି ସମର୍ଥ ନୁହନ୍ତି ।

## ପାଠ ୩୦ ।

## ପବନ ଏବଂ ବୃଷ୍ଟି ୨ୟ ଭାଗ ।

ଆମ୍ଭେ ପ୍ରଥମ ଭାଗରେ କହି ସାରିଅଛୁଁ ଯେ ବାୟୁ ମଣ୍ଡଳ ଗୋଟିଏ ପଦାର୍ଥ ଅଟେ । ଏହା ପୃଥିବୀର ଚତୁର୍ଦ୍ଦିଗରେ ଆଉ ଉଚ୍ଚରେ ପ୍ରାୟ ୫୦ ମାଇଲ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଅଛି । ଏହାର ଭାର ଅଛି । ସୂର୍ଯ୍ୟର ଉତ୍ତାପରୁ ଏହାର ସଞ୍ଚାର ହୁଏ ଏବଂ ବହୁଥିବା ବାୟୁକୁ ପବନ ବୋଲି-ଯାଏ । ସୂର୍ଯ୍ୟର ଉତ୍ତାପରୁ ବାୟୁ ବିସ୍ତାରିତ ହୁଏ । ଏହିରୂପେ ଏହା କ୍ରମେ୨ ଲଘୁ ହୋଇ ଉପରକୁ ଉଠଇ ଓ ଏହି ସ୍ଥାନରେ ଶୀତଳ ଓ ଘନବାୟୁ ଆସି ରହେ । ବିଷୁବରେଖାର ନିକଟବର୍ତ୍ତୀ ପବନ ଅଧିକ ଉଷ୍ଣ ଥାଏ । ତହିଁ ନିମନ୍ତେ ଭାରତବର୍ଷରେ ଚାତୁର୍ମାସ୍ୟ ପବନ ବହଇ । ଯେତେବେଳେ ପୃଥିବୀ ଏବଂ ଜଳ ଯଥୋଚିତ ବିଭକ୍ତ ହୋଇଥାନ୍ତି; ତେତେବେଳେ ବାଣିଜ୍ୟ ବାୟୁ ବହଇ । ଏହି ପାଠରେ ବୃଷ୍ଟିର ବିବରଣ ଲେଖୁଅଛୁଁ ।

ସ୍ୱାସ୍ଥ୍ୟରକ୍ଷାର ପାଠରେ ତୁମ୍ଭେମାନେ ପଢିଅଛ ଯେ ବାୟୁର ମୁଖ୍ୟ ଦୁଇଭାଗ ଅଛି । ଗୋଟିଏ ଅମ୍ଳଜାନ ଅନ୍ୟଟି ଯବକ୍ଷାର ଜାନ । ଏହା ବ୍ୟତୀତ ବାୟୁରେ ବାଷ୍ପ ମଧ୍ୟ ପୂର୍ଣ୍ଣଥାଏ । ଶୁକ୍ଳ ଆର୍ଦ୍ର ବସ୍ତ୍ର ଖଣ୍ଡିଏ ଟାଣି ଦେଲେ ଏହା ଶୀଘ୍ର ଶୁଷ୍କ ହୋଇଯାଏ । ଆର୍ଦ୍ର ଭୂମି ମଧ୍ୟ ବୃଷ୍ଟି ଉତ୍ତାରୁ ଶୁଖିଯାଏ । ଆଶ୍ୱିନ ମାସ ପର୍ଯ୍ୟନ୍ତ ପୂର୍ଣ୍ଣ ହେଉଥିବା କ୍ଷୁଦ୍ର ସରୋବର କ୍ରମେ୨ ହ୍ରାସ ହେବାକୁ ଲାଗଇ ଏବଂ ବୈଶାଖ, ଜ୍ୟେଷ୍ଠ ମାସ ଆଉକୁ ଶୁଷ୍କ ହୋଇ-ଯାଏ । ତେବେ ବସ୍ତ୍ର, ଭୂମି ଓ ସରୋବରର ଜଳ କେଉଁଆଡେ ଚାଲିଯାଏ? ତାହା ବାଷ୍ପ ହୋଇ ବାୟୁ ମଣ୍ଡଳରେ ମିଳିତ ହୋଇଯାଏ । ତୁମ୍ଭେମାନେ ଦେଖିଅଛ, ଉତ୍ତାପ ଦ୍ୱାରା ବାୟୁ ବିସ୍ତାରିତ ହୁଏ । ତାହା ଏହିରୂପେ ଉଷ୍ଣ ଜଳକୁ ମଧ୍ୟ ବିସ୍ତାର କରେ ଅର୍ଥାତ ଜଳକୁ ବାଷ୍ପରୂପରେ ପରିଣତ

କରେ । ଏହି ବାଷ୍ପ ଅର୍ଥାତ୍ ଜଳର ବିସ୍ତୀର୍ଣ୍ଣ କଣିକା ବାୟୁ ଅପେକ୍ଷା ଉଣ୍ଣାସ ଥିବା ଯୋଗୁଁ ଉପରକୁ ଉଠେ । ଏହି କାରଣରୁ ବସ୍ତ୍ର ଓ ଭୂମି ଶୁଷ୍କ ହୁଏ ଏବଂ ପୁଷ୍କରିଣୀର ଜଳ କମିଯାଏ । ବାୟୁ ଯେତେ ଉଷ୍ଣ ହେଲେ ମଧ୍ୟ ତହିଁରେ ବାଷ୍ପ ଥାଏ । ହିଁ; ଆମ୍ଭେମାନେ ତାହା ଦେଖି ନ ପାରୁଁ । ଆମ୍ଭେମାନେ ଆମ୍ଭମାନଙ୍କର ଉଚ୍ଛ୍ୱସିତ ବାୟୁ ମଧ୍ୟ ଦେଖି ପାରୁଁ ନାହିଁ; ମାତ୍ର ଯେବେ ଆମ୍ଭେମାନେ କୌଣସି ଶୀତଳ ସ୍ଲେଟ ଖଣ୍ଡିକ ଉପରେ ମୁଖ ଦ୍ୱାରା ବାଷ୍ପ ତ୍ୟାଗ କରୁଁ, ତେବେ କ୍ଷୁଦ୍ର ୨ ଜଳକଣା ଗୁଡ଼ିଏ ଏଥି ଉପରେ ଦେଖା ପଡ଼ଇ । ଯେଉଁରୂପେ ଉତ୍ତାପ ହେତୁରୁ ଜଳ ବାଷ୍ପାକାର ଧାରଣ କରେ, ସେହିରୂପେ ତହିଁର ବିପରୀତ ଶୀତଳତା ଦ୍ୱାରା ବାଷ୍ପ ଜଳ ହୋଇଯାଏ ଯେତେବେଳେ ବାଷ୍ପ ଭୂମି ସନ୍ନିକଟରେ ଏକତ୍ର ହୋଇ ଦେଖାପଡ଼େ, ତେତେବେଳେ ତାହାକୁ କୁହୁଡ଼ି କହନ୍ତି ଓ ଯେତେବେଳେ ତାହା ବାୟୁରେ କିଛି ଉଚ୍ଚରେ ଏକତ୍ରିତ ହୋଇ ଥିବାର ଦେଖାଯାଏ, ତେତେବେଳେ ତାହାକୁ ମେଘ କିମ୍ବା ବାଦଲ ବୋଲାଯାଏ । ଶୀତ ଋତୁରେ ଆମ୍ଭେମାନେ ସରୋବର ଏବଂ ନଦୀମାନଙ୍କର ଉପରି ଭାଗରେ କୁହୁଡ଼ି ଦେଖୁଁ । ମେଘ ଏବଂ କୁହୁଡ଼ି ମଧ୍ୟରେ ଏତିକି ମାତ୍ର ପ୍ରଭେଦ ଯେ ମେଘ ବାୟୁରେ ଅତି ଉପରି ଭାଗରେ ଥାଏ । ତାହା ବାଷ୍ପରୁ ପ୍ରସ୍ତୁତ ହୁଏ ଏବଂ ବାଷ୍ପ ଅତି କ୍ଷୁଦ୍ର ୨ ଜଳକଣାମାନ ଅଟଇ । ଯେତେବେଳେ ଦୁଇଗୋଟି ବା ତତୋଽଧିକ ମେଘ ଏକତ୍ର ହୁଏ ଏବଂ ବାଷ୍ପର କ୍ଷୁଦ୍ର ୨ କଣା ସମୂହ ମିଳିତ ହୋଇ ଭାରି ହୋଇଯାଏ, ତେତେବେଳେ ତାହା ବୃଷ୍ଟି ରୂପରେ ବର୍ଷିବାକୁ ଲାଗଇ । ମେଘ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ ଯେ ତାହା ସର୍ବଦା ତହିଁର ଆକୃତି ବଦଳାଉ ଥାଏ କାରଣ କି ବାଷ୍ପର କ୍ଷୁଦ୍ର ୨ କଣିକା ଘନୀଭୂତ ଅବା ବିରଳୀଭୂତ ହେଉଥାଏ ।

ନିର୍ମଳ ରଜନୀରେ ଯେତେବେଳେ ଭୂମିର ଉପରିଭାଗ ଶୀଘ୍ର ଶୀତଳ ହୋଇଯାଏ, ତେତେବେଳେ ବାଷ୍ପକଣା ସମୂହ ଭୂମି ସମୀପରେ ଜମିଯାଏ

ଏବଂ ବୃକ୍ଷର ପତ୍ର ଏବଂ ତୃଣ ଉପରେ ଶିଶିରରୂପେ ପତିତ ହୁଏ । ଯେବେ ଶୀତଳତାର ଆଧିକ୍ୟ ହେତୁ ଶିଶିର ଜମିଯାଏ ତେବେ ତାହାକୁ ତୁଷାର ବୋଲାଯାଏ । ଏହିରୂପେ ଯେଉଁ ବାଷ୍ପକଣା ଉର୍ଦ୍ଧ୍ୱରେ ପବନରେ ଜମିଯାଏ ତାହା ବରଫରୂପରେ ପଡ଼ିବାକୁ ଲାଗଇ । ଭାରତବର୍ଷର ମଇଦାନମାନଙ୍କରେ ବରଫ ପଡ଼େ ନାହିଁ, ତାହା ହିମାଳୟ ପର୍ବତ ଉପରେ ଓ ଶୀତଳ ଦେଶମାନଙ୍କରେ ପଡ଼ଇ । ଯଦ୍ୟପି ଭାରତବର୍ଷ ମଇଦାନମାନଙ୍କରେ ଥିବା ବାୟୁରେ ବରଫ ଜମିଯାଏ, ତେବେ ତାହା ଭୂମି ଉପରକୁ ଆସୁଁ ୨ ଜଳ ହୋଇଯାଏ । ଫାଲ୍‌ଗୁନ ଓ ଚୈତ୍ର ମାସରେ ଜମି ଯାଇଥିବା ବାଷ୍ପ କେବେ ୨ କରକାରୂପେ ଦେଖା ପଡ଼େ ଅର୍ଥାତ୍ ଯେତେବେଳେ ଜଳ ଉପରସ୍ଥ ବାୟୁରେ ଜମିଯାଏ, ତେତେବେଳେ କରକା ପତିତ ହୁଏ । ବର୍ତ୍ତମାନ ଆମ୍ଭେମାନେ ଏହା ଜାଣିଲୁଁ ଯେ ବାୟୁରେ ବାଷ୍ପ ଥାଏ ଏବଂ ସେହି ବାଷ୍ପ ଭିନ୍ନ ୨ ନିୟମରେ କୁହୁଡ଼ି, ଶିଶିର, ତୁଷାର, ମେଘ, ବରଫ ଏବଂ କରକାରୂପରେ ପରିଣତ ହୁଏ । ଆମ୍ଭେମାନେ ବୁଝିଅଛୁଁ ଯେ ସୂର୍ଯ୍ୟର ଉତ୍ତାପ ଦ୍ୱାରା ଜଳ ବାଷ୍ପ ହୋଇଯାଏ ଏବଂ ବାଷ୍ପ ସର୍ବଦା କୌଣସି ୨ ସମୟରେ ଅଦୃଶ୍ୟ ଭାବରେ ଓ କୌଣସି ୨ ସମୟରେ ମେଘରୂପରେ ବାୟୁରେ ରହିଥାଏ । ବାଷ୍ପ ହେବା କାର୍ଯ୍ୟ ସବୁ ପୃଥିବୀରେ ଘଟେ କିନ୍ତୁ ଯେଉଁ ଠାରେ ସୂର୍ଯ୍ୟର ଉତ୍ତାପ ଅଧିକ ଥାଇ ଆର୍ଦ୍ରଭାବ ଅଧିକ ଥାଏ, ବିଶେଷତଃ ସେହି ସ୍ଥାନମାନଙ୍କରେ ହୁଏ । ବିଶେଷତଃ ସୂର୍ଯ୍ୟ, ମହାସାଗର ମଧ୍ୟରୁ ଅଧିକ ଜଳ ବାଷ୍ପରେ ପରିଣତ କରେ ଏବଂ ଆମ୍ଭେ ପୂର୍ବେ ଲେଖିଅଛୁଁ ଯେ ବୈଶାଖ ଏବଂ ଜ୍ୟେଷ୍ଠ ମାସରେ (ମଇ, ଆଉ ଜୁନ) ନୈଋତ ପବନ ଭାରତବର୍ଷରେ ବହଇ । ଏହି କାରଣରୁ ତାହା ତହିଁ ସଙ୍ଗେ ଅଧିକ ଜଳୀୟ ବାଷ୍ପ ନେଇଯାଏ ଏବଂ ଯେଉଁ ଉଷ୍ଣ ବାୟୁ ଭାରତବର୍ଷର ମଇଦାନରୁ ଉଚ୍ଛ୍ୱାସ ହୋଇ ଉପରକୁ ଉଠୁଥାଏ ତାହା ସେହି ବାଷ୍ପକୁ ତହିଁ ସଙ୍ଗେ ଉଡ଼ାଇ ନିଏ । ଯେଉଁ କଣାମାନ ଉପରକୁ ଉଡ଼ିଯାଏ ସେହି ସବୁ ଉପରସ୍ଥ

ବାୟୁରେ ଘନ ହୋଇଯାଏ ; କାରଣ କି ଆମ୍ଭେ ବୁଝି ସାରିଅଛୁଁ ଯେ ଆମ୍ଭେମାନେ ଯେତିକି ଉପରକୁ ଉଠୁଁ ତେତିକି ଅଧିକ ଶୀତଳତା ଅନୁଭବ କରୁଁ । ସୁତରାଂ ଉଷ୍ଣ ପବନ ଉଚ୍ଚ ସ୍ଥାନରେ ପ୍ରବେଶ ହେଲେ ଅଧିକ ଥଣ୍ଡା ହୋଇଯାଏ । ଏଣୁକରି ଭାରତ ମହାସାଗରର ବାଷ୍ପ-ପୂର୍ଣ୍ଣ ବାୟୁ ଯେତେବେଳେ ଭାରତବର୍ଷ ଉପରେ ବ୍ୟାପ୍ତ ହୋଇଯାଏ, ତେତେବେଳେ ତାହା ଶୀତଳ ହୋଇ ଘନୀଭୂତ ହୋଇଯାଏ । ଶୀତଳତା ଦ୍ୱାରା ବାଷ୍ପ ଜମିଯାଏ ଏବଂ ପରେ ବୃଷ୍ଟି ରୂପରେ ପଡ଼ିବାକୁ ଲାଗଇ । ଏତେବେଳେ ତୁମ୍ଭେମାନେ ବୁଝି ପାରିଲ କେଉଁ କାରଣରୁ ୪ ମାସ ପର୍ଯ୍ୟନ୍ତ ଜଳ ବୃଷ୍ଟି ହୁଅଇ । ନୈଋତରୁ ବହୁଥିବା ପବନ ଭାରତ ମହାସାଗରରୁ ଅଧିକ ଜଳୀୟ ବାଷ୍ପ ନେଇଯାଏ । ତାହା ଘନ ହୋଇ ଭାରତବର୍ଷ ଉପରେ ଉଡୁଥାଏ ପୁଣି ବୃଷ୍ଟିରୂପରେ ବର୍ଷିବାକୁ ଲାଗଇ । ଯେତେବେଳେ ଏହି ପବନ ପରିବର୍ତ୍ତନ ହେବାକୁ ଲାଗଇ ତେତେବେଳେ ଜଳ ବୃଷ୍ଟି ବନ୍ଦ ହୋଇଯାଏ ।

## ପାଠ ୩୧ ।

## କ୍ରୋଧ ଦମନ ।

କୌଣସି ନଗରରେ ଗୋଟିଏ ସ୍ତ୍ରୀ ଥିଲା । ତାହାର ପତି ଏମନ୍ତ କ୍ରୋଧୀ ଓ କ୍ରୂର ଯେ ତାହାକୁ ପୀଡ଼ିତାବସ୍ଥାରେ ମଧ୍ୟ ମାଡ଼ ମାରଇ । ସେହି ମନୁଷ୍ୟର ଘର ନିକଟରେ ଗୋଟିଏ ବିଚକ୍ଷଣା ବୁଦ୍ଧିମତୀ ବୃଦ୍ଧା ସ୍ତ୍ରୀ ଥିଲା । ତାହାର ଏପରି ସ୍ୱଭାବ ଥିଲା ଯେ ସେ ଯେ କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରେ ତାହାକୁ ସମ୍ପୂର୍ଣ୍ଣ ନ କରି ଛାଡ଼େ ନାହିଁ ଆଉ ଗମ୍ଭୀର ବୁଦ୍ଧି ଥିବା ଯୋଗୁଁ ସେ ସମସ୍ତଙ୍କ ସ୍ୱଭାବ ଶୀଘ୍ର ଜାଣି ପାରେ । ସେ ପୂର୍ବରୁ ନ ଭାବି କୌଣସି କାର୍ଯ୍ୟ କରେ ନାହିଁ । ଦିନକରେ ସେହି କ୍ରୋଧୀ ମନୁଷ୍ୟ ଆପଣା ସ୍ତ୍ରୀକୁ ଅଧିକ ମାଡ଼ ମାରିବାରୁ ସେ ସ୍ତ୍ରୀ ଦୁଃଖିତ ହୋଇ ପଡ଼ୋଶୀ ପାଖକୁ ଯାଇ କହିଲା, "ଅଗୋ ବୁଢୀ ଦେଖ, ମୋହୋର ସ୍ୱାମୀ ପ୍ରତ୍ୟହ ମୋତେ ମାଡ଼ ମାରୁଅଛନ୍ତି, ଓ ଗୃହରେ ସୁଖରେ ରହି ଦିଅନ୍ତି ନାହିଁ । ସର୍ବଦା ମାଡ଼ ଖାଇ ଖାଇ ମୁଁ ପୀଡ଼ିତା ହୋଇ ଗଲିଣି; ମୁଁ କି ଉପାୟ କଲେ ଏହି ମହାକଷ୍ଟରୁ ପରିତ୍ରାଣ ପାଇବି ? ତାହା ମୋତେ କହ ।" ତାହାର ଏହି ପ୍ରାର୍ଥନା ଶୁଣି ବୁଦ୍ଧିମତୀ ବୃଦ୍ଧା କହିଲା, ଏଥିର ଉପାୟ ବିଚାରି କରି କହିବି । ଏହି ଚତୁରା ବୃଦ୍ଧା ସ୍ତ୍ରୀକୁ ସେହି ସ୍ତ୍ରୀ-ପୁରୁଷ ଉଭୟଙ୍କ ସ୍ୱଭାବ ଉତ୍ତମରୂପେ ଜଣାଥିଲା, ସେ ଆପଣାର କୌଣସି ଦାସ ହସ୍ତରେ ଏକ କୁମ୍ଭ ଜଳ ଅଣାଇ ସେହି ସ୍ତ୍ରୀର ଅଜ୍ଞାତରେ ସେଥିରେ କିଛି ଲବଣ ମିଶ୍ରିତ କଲା । ତହିଁରୁ ଏକ ବୋତଲ ପାଣି ତାକୁ ଦେଇ, କହିଲା, ଏହା ତୋହୋର ମାଡ଼ର ନିମନ୍ତେ ଔଷଧ ଅଟେ ।

ଯେତେବେଳେ ତୋର ସ୍ୱାମୀର କ୍ରୋଧ ତୋହୋଠାରେ ହେବ ସେହି ସମୟରେ ଏହି ବୋତଲର ପାଣି ମୁଖରେ ପୂରାଇ ମୌନଭାବରେ ବସିଥିବୁ ଏତିକି କଲା ମାତ୍ରକେ ତାହାର କ୍ରୋଧ ଶାନ୍ତ ହୋଇ ଯିବ ଓ ତୋତେ

ସେ କଦାପି ମାରିବ ନାହିଁ । ସେହି ଦୁଃଖିତା ସ୍ତ୍ରୀ ତାହାର ଉପକାର ଜାଣି କହିଲା, ଏହା ବିସ୍ମରଣ ନ କରି ତୁମ୍ଭର ଆଜ୍ଞା ଅବଶ୍ୟ ପାଳନ କରିବି । ଅନନ୍ତର ସେ ଆଠ ଦିନ ପର୍ଯ୍ୟନ୍ତ ଏହି ନିୟମ ପାଳନ କରିବାରୁ ତାହାର ସ୍ୱାମୀ ତାକୁ ଆଉ ମାଡ଼ ମାରିଲା ନାହିଁ ।

ଉପଚାର କରିବା ନିମନ୍ତେ ଔଷଧ ଶେଷ ହେଲା; ତଦନନ୍ତର ପଡ଼ୋଶୀ ପାଖକୁ ଯାଇ ପୁନର୍ବାର କହିବାକୁ ଲାଗିଲା, "ମାତଃ ଏବେ ମୁଁ କି କରିବି ?" କଅଣ, ଔଷଧ ଶେଷ ହେଲା ? ଯେତେବେଳ ପର୍ଯ୍ୟନ୍ତ ଔଷଧ ମୋଠାରେ ଥିଲା ତେତେବେଳ ପର୍ଯ୍ୟନ୍ତ ମାଡରୁ ରକ୍ଷା ପାଇ ସୁଖରେ ଥିଲି । ଏଥିର ଅନ୍ତୁର ଔଷଧ ଦିଅ ଯେ, ଆଗକୁ ମୋର ଭଲ ହେବ । ଏହା ଶୁଣି ପଡ଼ୋଶୀ କହିଲା, ଔଷଧର ଆବଶ୍ୟକତା ନାହିଁ । ମୁଁ କ୍ରୋଧଦମନ ନିମନ୍ତେ ଯେଉଁ ଔଷଧ ଦେଇଥିଲି ତାହା ଜଳ ଭିନ୍ନ ଆଉ କିଛି ନୁହେ । ପାଣିର ଗୁଣରେ ଯେ, ତୋହୋର ସ୍ୱାମୀର ରାଗ ଶାନ୍ତ ହେଲା, ଏପରି ବିଚାର କର ନାହିଁ । ସେ ସ୍ତ୍ରୀ କହିଲା, ଯେତେ ଦିନ ପର୍ଯ୍ୟନ୍ତ ଔଷଧ ଆମ୍ଭର ଘରରେ ଥିଲା, ତେତେ ଦିନ ପର୍ଯ୍ୟନ୍ତ ସ୍ୱାମୀ ଦିନେ ସୁଦ୍ଧା ମାରି ନାହାନ୍ତି । ତାହାର ଏହି କଥା ଶ୍ରବଣ କରି ପଡ଼ୋଶୀ ଈଷତ୍ ହାସ୍ୟ କରି କହିଲା, "ଏହାର କାରଣ କଣ ତୁ ଜାଣୁ କି ?" ଯେତେବେଳ ପର୍ଯ୍ୟନ୍ତ ତୁ ମୁଖରେ ପାଣି ପୂରାଇ ଥାଉ ତେତେବେଳ ପର୍ଯ୍ୟନ୍ତ ତୋହୋର ତୁଣ୍ଡରୁ ବାକ୍ୟ ସ୍ଫୁରୁ ନ ଥିଲା । ମୁହଁ ଖାଲି ଥିଲା ସମୟରେ ତୁ କଳହ କରୁଥିବାରୁ ତୋହୋର ପତିର ଅଧିକ କ୍ରୋଧ ହେଉଥିଲା, ଏଣୁ ତୋତେ ସେ ମାରୁଥିଲା । ଅଦ୍ୟଠାରୁ ତୁ ଏପରି କରିବୁ, ଯେବେ ତାହାର କ୍ରୋଧ ଜନ୍ମିବ, ତେବେ ମୌନ ହୋଇ ରହି ଯିବୁ, ଆଉ ସେହି ସମୟରେ ଯାହା ହେଉ ପଛକେ ତାହାର ପ୍ରତି କୌଣସି ବିରୁଦ୍ଧ ସମ୍ଭାଷଣ କରିବୁ ନାହିଁ । ଏହି ନିୟମ ପ୍ରତିପାଳନରେ ତାହାର କ୍ରୋଧ ଅକ୍ଳେଶରେ ଶାନ୍ତ ହୋଇ ଯିବ ଓ ତୋତେ ସେ କଦାପି ମାରିବ ନାହିଁ ।

## ପାଠ ୩୨ ।

## ବଙ୍ଗ ଦେଶ ।

କୌଣସି ପୂର୍ବବର୍ତ୍ତୀ ଅଧ୍ୟାୟରେ ମାନ୍ଦ୍ରାଜ, କର୍ଣ୍ଣାଟକ ଓ ଦାକ୍ଷିଣାତ୍ୟ ରାଜ୍ୟସମୂହର ବିବରଣ ଲିଖିତ ହୋଇଅଛି । ଏହି ପାଠରେ ବଙ୍ଗଦେଶର ଇତିହାସ ଲେଖା ଯାଉଅଛି । ଅନ୍ୟାନ୍ୟ ରାଜ୍ୟ ପରି ବଙ୍ଗ, ବିହାର ଆଉ ଓଡ଼ିଶାରେ ମଧ୍ୟ ଜଣେ ନବାବ ରାଜତ୍ୱ କରୁଥିଲେ । ସେ ନାମକୁ ଦିଲ୍ଲୀର ବାଦସାହଙ୍କ ଅଧୀନରେ ଥିଲେ ଆଉ କିଛି ଟଙ୍କା କର ସ୍ୱରୂପରେ ଦେଉ-ଥିଲେ, ମାତ୍ର ବସ୍ତୁତଃ ସର୍ବପ୍ରକାରରେ ସ୍ୱତନ୍ତ୍ର ଥିଲେ । ସନ ୧୭୫୬ ଇସବୀରେ ଅଲ୍ଲି ବର୍ଦ୍ଦିଖାଁଙ୍କର ମୃତ୍ୟୁ ପରେ ତାହାଙ୍କର ପୌତ୍ର ସିରାଜୁଦ୍ଦୌଲା ଏ ଦେଶର ସିଂହାସନାରୂଢ଼ ହେଲେ । ସେ ବଡ ବୁଦ୍ଧିହୀନ ଆଉ କ୍ରୂର ଥିଲେ, ଏ ହେତୁରୁ ସମସ୍ତ ଲୋକେ ତାଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ଇଂରାଜ ଲୋକମାନେ ମୋତେ ରାଜସିଂହାସନରୁ ଚ୍ୟୁତ କରିବାକୁ ଇଚ୍ଛା କରୁଅଛନ୍ତି, ଏହା ବୁଝି ସେ ଅଧିକ ସେନା ସମଭିବ୍ୟାହାରରେ କଲିକତା ଆକ୍ରମଣ କଲେ, ଆଉ ଦୁର୍ଗ ଜୟ କରି ପକାଇଲେ । ଅନେକ ଇଂରାଜ ପଲାୟନ କଲେ, ମାତ୍ର ଯେଉଁ ୧୪୬ ଜଣ ବାଦସାହଙ୍କ ହସ୍ତରେ ପଡ଼ିଲେ ସେମାନଙ୍କୁ ସେ (ବ୍ଲ୍ୟାକ୍-ହୋଲ୍) ଅନ୍ଧକୂପରେ ରାତ୍ରଯାକ ରଖିଲେ । ପ୍ରାତଃକାଳରେ କେବଳ ୨୩ ଜଣ ଦରମରା ହୋଇ ବାହାରିଲେ । ଅବଶିଷ୍ଟ ଲୋକ ଜ୍ୟେଷ୍ଠ ମାସର ଉଷ୍ଣତାରୁ ଆଉ ବାୟୁର ଅଭାବରୁ ପଞ୍ଚତ୍ୱ ପ୍ରାପ୍ତ ହେଲେ । ଯେତେବେଳେ ଏହି ଅତ୍ୟାଚାରର ସମ୍ବାଦ ମାନ୍ଦ୍ରାଜରେ ପହୁଞ୍ଚିଲା, ତେତେବେଳେ ସେଠାର ଇଂରେଜମାନେ ବଡ କ୍ରୋଧିତ ହୋଇ ପ୍ରତିଶୋଧ ନେବା ପାଇଁ ବଡ ୨ ଯୁଦ୍ଧ ଜାହାଜ କେତେକ ଦୃଢ଼ ଯୋଦ୍ଧା ସହିତ କଲିକତାକୁ ପ୍ରେରଣ କଲେ । ଶୁଣିବାମାତ୍ର ସିରାଜୁଦ୍ଦୌଲା ସେଠାରୁ ବାହାରି ଯାଇ ପ୍ଲାସି ଯୁଦ୍ଧ-ଭୂମିରେ ସ୍ୱୀୟ ସେନା ଏକତ୍ର କଲେ ।

କଲିକତା ଅଧିକାର କଲାରୁ ୧୭୫୭ ସାଲରେ କ୍ଲାଇବ ସାହେବ ପ୍ଲାସିଠାରେ ନବାବଙ୍କ ସହିତ ଯୁଦ୍ଧ କରି ଏକାବେଳକେ ତାଙ୍କୁ ପରାସ୍ତ କରି ଦେଇ ତାଙ୍କୁ ସିଂହାସନ ବିଚ୍ୟୁତ କରି ମିରଜାଫରଙ୍କୁ ବଙ୍ଗ ଦେଶର ନବାବ ନିଯୁକ୍ତ କଲେ । ଭାରତବର୍ଷର ଇଂରେଜୀ ଇତିହାସରେ ପ୍ଲାସି ଯୁଦ୍ଧ ସବୁଠାରୁ ଅତି ପ୍ରସିଦ୍ଧ ଅଟେ । ହେତୁ କି ବଙ୍ଗ ଦେଶରେ ଆଉ ପରିଶେଷରେ ସମଗ୍ର ଭାରତବର୍ଷରେ ଇଷ୍ଟ ଇଣ୍ଡିଆ କମ୍ପାନି ରାଜ୍ୟର ଭିତ୍ତି ଏଥିରୁ ସଂସ୍ଥାପିତ ହୋଇଥିଲା ।

ସନ ୧୭୫୭ ଇସବୀରେ ଯେତେବେଳେ ୟୁରୋପ ମହାଦେଶରେ ଫ୍ରାନ୍ସ ଆଉ ଇଂଲଣ୍ଡର ଯୁଦ୍ଧାରମ୍ଭ ହୋଇଥିଲା ସେ ସମୟରେ ଭାରତବର୍ଷରେ ମଧ୍ୟ ଏହି ଲୋକମାନଙ୍କ ମଧ୍ୟରେ ଯୁଦ୍ଧ ହେବାକୁ ଲାଗିଲା । କ୍ଲାଇବ ସାହେବ ବଙ୍ଗ ଦେଶରେ ସମସ୍ତ ଫ୍ରାନ୍ସ ଦେଶୀୟ ବସତି ଜୟ କରି ନେଲେ ଆଉ ଅନ୍ୟ ବର୍ଷରେ ସେମାନଙ୍କୁ ଉତ୍ତର ସରକାରରୁ ମଧ୍ୟ ଅନ୍ତର କରି-ଦେଲେ । ମାତ୍ର କାହାର ପରାଜୟ ବା ଜୟ ନିଶ୍ଚୟରୂପେ ଜଣା ନ ପଡି ଅନେକ କାଳ ପର୍ଯ୍ୟନ୍ତ କର୍ଣ୍ଣାଟକରେ ଯୁଦ୍ଧ ଚଳିଲା । ଇତ୍ୟବସରରେ କାଉଣ୍ଟଲାଲି ଫରାସିମାନଙ୍କର ଗଭର୍ଣ୍ଣର ଜେନରଲ ନିଯୁକ୍ତ ହୋଇ ଆଗମନ କଲେ । ସେ ଆସିବା ମାତ୍ରେ ମାନ୍ଦ୍ରାଜକୁ ଅବରୋଧ କଲେ ; ମାତ୍ର ଦୁଇମାସ ପରେ ରସଦ ନ ମିଳିବା ହେତୁରୁ ତାଙ୍କୁ ମାନ୍ଦ୍ରାଜର ଅବରୋଧ ଉଠାଇବାକୁ ହେଲା । ତହିଁର ଅଳ୍ପଦିନ ପରେ ସର୍ ଆୟାର୍‌କୁଟ୍ ନାମକ ଇଂରେଜୀ ସେନାପତି ୱାଣ୍ଡିଉଆସ ଯୁଦ୍ଧରେ ତାଙ୍କୁ ପୂର୍ଣ୍ଣରୂପେ ପରାଭବ କଲେ । ତତ୍ପରେ ତାଙ୍କୁ ପାଣ୍ଡିଚେରକୁ ପ୍ରତ୍ୟାବୃତ ହେବାକୁ ପଡିଲା ।

ଏଠାରେ ମଧ୍ୟ ରସଦ୍ ନ ମିଳିବାରୁ ଏହି ଦୁର୍ଗ, ନଗର ଆଉ ସେନାକୁ ଇଂରାଜମାନଙ୍କ ହସ୍ତରେ ଦେବାକୁ ପଡିଲା । ଇଂରାଜମାନେ ତାଙ୍କୁ ଫ୍ରାନ୍ସ ଫେରି ଯିବାକୁ ଅନୁମତି ଦେଲେ । ହେଲେହେଁ ଫରାସିମାନେ ସେ ରାଜ୍ୟ ହରାଇ ଦେବା ହେତୁରୁ ବିଚାରଦ୍ୱାରା ତାଙ୍କୁ ପ୍ରାଣଦଣ୍ଡ ଦେଲେ । ଏବେ

ଦାକ୍ଷିଣାତ୍ୟରେ ମଧ୍ୟ ବଙ୍ଗଦେଶ ପରି ଇଂରେଜମାନଙ୍କ ଅଧିକାର ଓ ପ୍ରଭାବ ସୁଦୃଢ଼ ହୋଇଗଲା ।

ପ୍ଲାସି ଯୁଦ୍ଧ ପରେ ଆଉ ଚନ୍ଦ୍ର ନଗର ଜୟ ହେଲା ପରେ ଯେତେବେଳେ ବଙ୍ଗଦେଶରେ ଯଥାର୍ଥ ସୁନିୟମ ହୋଇଗଲା, ତେତେବେଳେ କ୍ଲାଇବ ବିଲାତକୁ ପ୍ରତ୍ୟାବୃତ୍ତ ହେଲେ । ତାଙ୍କର ଅନୁପସ୍ଥିତରେ ସନ ୧୭୬୧ ସାଲରେ ପାନିପଥରେ ତୃତୀୟ ପ୍ରସିଦ୍ଧ ଯୁଦ୍ଧ ହେଲା । ତହିଁରେ ଦୁରାନୀମାନେ ମହାରାଷ୍ଟ୍ରମାନଙ୍କୁ ବଡ ପରାଭବ ଦେଲେ । ଏହି ଯୁଦ୍ଧ ନିମ୍ନଲିଖିତମତେ ହେଲା ।

ନାଦିରସାହଙ୍କର ପରଲୋକ ହେଲା ଉତ୍ତାରେ ଅହମଦ୍‌ସାହ ଦୁରାନୀ, ଆଫଗାନସ୍ଥାନ ଅଧିକାର କରି ଭାରତବର୍ଷ ଉପରେ ଚଢ଼ାଉ କଲେ, ଆଉ ଦିଲ୍ଲୀ ଜୟ କରି ମୋଗଲ ବାଦ୍‌ସାହଙ୍କୁ ଅନ୍ତର କରି ଦେଲେ । ପଦଚ୍ୟୁତ ବାଦ୍‌ସାହ ମହାରାଷ୍ଟ୍ରମାନଙ୍କ ସହାୟତା ନେଇ ଦିଲ୍ଲୀ ସିଂହାସନ ପୁନରଧିକାର କଲେ । କିନ୍ତୁ ଅହମଦ୍‌ସାହଁ ତାହାଙ୍କୁ ହତ କଲେ । ମହାରାଷ୍ଟ୍ରମାନଙ୍କ ଅଧ୍ୟକ୍ଷ ହୁଲକର, ସିନ୍ଧିଆ, ଗାୟକବାଡ଼ ଆଉ ପେଶବା ଏମାନେ ଜାଣିଲେ ଆଫଗାନମାନେ ସମସ୍ତ ଭାରତବର୍ଷରେ ସ୍ୱୀୟ ଆଧିପତ୍ୟ ସ୍ଥାପନ କରିବେ ଏହି ଭୟରେ ସ୍ୱ ୨ ସେନା ଏକତ୍ର କରି ଅହମଦ-ସାହ ସହିତ ଯୁଦ୍ଧ ଆରମ୍ଭ କଲେ । ମାତ୍ର ସନ ୧୭୬୧ ଇସବୀରେ ପାନିପଥ ରଣକ୍ଷେତ୍ରରେ ଏମାନଙ୍କର ପୂର୍ଣ୍ଣ ପରାଜୟ ହେଲା ।

ଏହି ଯୁଦ୍ଧ ଇଂରେଜମାନଙ୍କ ପକ୍ଷରେ ବଡ଼ ଲାଭଦାୟକ ହେଲା । କାରଣ ଏଥିରେ ସେମାନଙ୍କର ଏକ ମାତ୍ର ପ୍ରବଳ ପରାକ୍ରାନ୍ତ ଜୀବିତ ଶତ୍ରୁଙ୍କ ବଳ ଭାଙ୍ଗି ଗଲା । ଏଠାରେ ରାଜ୍ୟ ଦୃଢ଼ ନ କରି ଆଫଗାନମାନେ କେବଳ ଲୁଟି ଜୁଟି କରିବାକୁ ଆସୁଥିବାରୁ ଏମାନଙ୍କ ପ୍ରତି ଇଂରେଜମାନଙ୍କର କୌଣସି ଭୟ ନ ଥିଲା । ଯଦି ସେମାନେ ଦେଶରେ ରହିଥାନ୍ତେ ତାହା ହେଲେ ବଳୀୟାନ ଶତ୍ରୁ ହୋଇଥାନ୍ତେ । କ୍ଲାଇଭ ସାହେବଙ୍କ ଅନୁପସ୍ଥିତରେ ବଙ୍ଗଦେଶରେ ପୁନର୍ବାର ବିଦ୍ରୋହ ହେବାକୁ ଲାଗିଲା । ଇଂରେଜମାନେ ନବାବ

ମିରଜାଫରଙ୍କୁ ସିଂହାସନ ଚ୍ୟୁତ କରି ତାଙ୍କର ଜାମାତା ମିରକାସିମଙ୍କୁ ନବାବ ନିଯୁକ୍ତ କଲେ ମାତ୍ର ସେ ମିରଜାଫରଙ୍କଠାରୁ ମଧ୍ୟ ମନ୍ଦତର ହୋଇ ଉଠିଲେ । ଇଂରେଜମାନଙ୍କ ସହିତ ବିରୋଧ କରି ଏକ ବଡ଼ ସେନା ଏକତ୍ର କଲେ । ପାଟଣା ନଗର ହସ୍ତଗତ କରି ଯେଉଁ ସାହେବ ତାଙ୍କର ହସ୍ତଗତ ହେଲେ ତାଙ୍କୁ ଶିରଚ୍ଛେଦନ କରି ପକାଇଲେ ।

ସେତେବେଳେ ସନ ୧୭୬୪ ଇସବୀରେ ଇଂରେଜମାନେ ମିରକାସିମଙ୍କୁ ଓ ତାଙ୍କର ମିତ୍ର ଅଯୋଧ୍ୟାର ନବାବଙ୍କୁ ଅମୂଳ ପରାଜୟ କଲେ । ପ୍ଲାସି ଯୁଦ୍ଧ ଜୟ କରିବା ହେତୁରୁ ଇଂରେଜମାନେ ଯେପରି ବଙ୍ଗଦେଶରେ ଆଧିପତ୍ୟ ସ୍ଥାପନ କଲେ, ବକ୍ସର ଯୁଦ୍ଧ ତଦ୍ରୂପ ସେମାନଙ୍କୁ ଉତ୍ତର ପଶ୍ଚିମ ପ୍ରଦେଶର ବଡ ଅଂଶ ଅଧିକାର ଦେଲା ।

ସନ ୧୭୬୫ ଇସବୀରେ କ୍ଳାଇଭ ସାହେବ ଭାରତବର୍ଷକୁ ପୁନରାଗମନ କଲେ । ପ୍ରଥମରୁ ସେ ବାଦସାହିଙ୍କଠାରୁ କମ୍ପାନିଙ୍କ ନିମନ୍ତେ ବଙ୍ଗ ବିହାର ଆଉ ଓଡ଼ିଶା ପ୍ରଦେଶର ଦେବାନି ଅଧିକାର ଆଣାଇ ଥିଲେ । ତଦ୍ଦ୍ୱାରା ସେହି ୨ ପ୍ରଦେଶର କରାଦାୟ କରିବାର ଅଧିକାର ମିଳିଲା । ଏହି ଆଦାନରେ କ୍ଳାଇଭ ସାହେବ ୩୦ ଲକ୍ଷ ଟଙ୍କା ନବାବଙ୍କୁ ଆଉ ୨୫ ଲକ୍ଷ ଟଙ୍କା ବାଦସାହିଙ୍କୁ ଦେଉଥିଲେ । ଅବଶିଷ୍ଟ ଟଙ୍କା ସେନାର ବ୍ୟୟ ହେଲାରୁ ବିଲାତସ୍ଥ ଡାଇରେକ୍ଟରମାନଙ୍କ ପାର୍ଶ୍ୱକୁ ପ୍ରେରଣ କରୁଥିଲେ । ଏହି ନିୟମରେ ଇଷ୍ଟ ଇଣ୍ଡିଆ କମ୍ପାନିର ପ୍ରତାପ ଉତ୍ତର ଭାରତରେ ସର୍ବାପେକ୍ଷା ପ୍ରବଳତର ହୋଇ ଉଠିଲା । ଅତଃପର କ୍ଳାଇଭ ସାହେବଙ୍କ ଅନୁପସ୍ଥିତରେ ଇଂରେଜମାନେ ପ୍ରଜାଙ୍କ ଉପରେ ଯେଉଁ ଅତ୍ୟାଚାର କରୁଥିଲେ ତାହା ସେ ନିଷେଧ କରି ଦେଲେ । ସନ ୧୭୬୭ ଇସବୀରେ କ୍ଳାଇଭ ସାହେବ ବିଲାତକୁ ପ୍ରତ୍ୟାବୃତ୍ତ ହେଲେ । ଯେଉଁମାନେ ଭାରତବର୍ଷରେ କ୍ଳାଇଭଙ୍କ ପ୍ରତି ଅସନ୍ତୁଷ୍ଟ ହୋଇଥିଲେ ଆଉ କ୍ଳାଇଭ ଅନେକ ଧନ ସଞ୍ଚୟ କରିଥିଲେ ବୋଲି ଈର୍ଷାନ୍ୱିତମାନେ ବୁଝୁଥିଲେ ଭାରତରୁ ସେମାନଙ୍କ ଲେଖା ଉପରେ ସେତେବେଳେ କ୍ଳାଇଭଙ୍କ

ଉପରେ ଅନେକ ପ୍ରକାର ଦୋଷାରୋପ କରାଗଲା । ମାତ୍ର ପରିଶେଷରେ ସେ ନିର୍ଦ୍ଦୋଷୀ ପ୍ରମାଣିତ ହେଲେ । ଯେଉଁମାନେ ସ୍ୱୀୟ ବଳ ଆଉ ବୁଦ୍ଧିମତ୍ତାର ହେତୁରୁ ନିତାନ୍ତ ନ୍ୟୂନ ଶ୍ରେଣୀରୁ ଅତି ଉଚ୍ଚତମ ପଦ ପାଇଥାନ୍ତି ସେମାନଙ୍କୁ ଈର୍ଷା କରିବା ଆଉ ତାଙ୍କର ନିନ୍ଦା ଓ ଅନିଷ୍ଟ କରିବା ଲୋକ ସବୁ ଦେଶରେ ଥାନ୍ତି । ଏହିପରି କ୍ଲାଇଭ୍ ସାହେବଙ୍କର ଦେଶବାସିମାନେ ଓ୍ୱାରନ୍ ହେଷ୍ଟିଂସଙ୍କ ବିରୁଦ୍ଧରେ ମନ୍ଦ ପରାମର୍ଶ କରିଥିଲେ ।

---

## ପାଠ ୩୩ ।

## ସ୍ୱାସ୍ଥ୍ୟରକ୍ଷା, ୧୧ଶ ଭାଗ ।

### ନଗର ଆଉ ଗ୍ରାମର ପରିଷ୍କରଣ ।

ଆଜି କାଲି ସରକାର ଇଂରେଜ ବାହାଦୁରଙ୍କର ରାଜ୍ୟରେ ଗ୍ରାମର ସଫାଇ ନିମନ୍ତେ ସରକାର ଅଡରୁ ମୁକଦମ ଆଉ ନଗରରେ ମ୍ୟୁନିସିପାଲ କର୍ମଚାରୀ ଓ ସଫାଇ ଦେଖିବା ନିମନ୍ତେ ଭୃତ୍ୟମାନେ ନିଯୁକ୍ତ ଅଛନ୍ତି ; ଏହି ବ୍ୟକ୍ତିମାନେ, ଅଳ୍ପ ଦୃଷ୍ଟି ଦେଲେ ଗ୍ରାମ ଓ ନଗର ପରିଷ୍କରଣ ଯଥାର୍ଥରୂପେ ହୋଇପାରେ । ଗ୍ରାମ ଆଉ ନଗରମାନଙ୍କୁ ପରିଷ୍କାର କରିବାର ସହଜ ଉପାୟ ଏହି ଯେ ପ୍ରତ୍ୟେକ ବ୍ୟକ୍ତି ଆପଣା ୨ର ଘର ଓ ହତା ପରିଷ୍କାର ରଖିବେ । ସଫାଇ କର୍ମଚାରୀମାନଙ୍କୁ ଉଚିତ ଯେ ସେମାନେ ବଜାରରେ ଲୁହା ପୁଖୁରା ଶସ୍ୟ ଫଳ ଆଉ ପଚି ଯାଉଥିବା ଶାକ ଶବଜି ଓ ସଢ଼ା ମାଂସ ବିକ୍ରୟ କରାଇ ଦେବେ ନାହିଁ ।

ନାଳ ପକ୍କା ହେବା ଉଚିତ ଆଉ ଗଳି ବଜାରରେ ଲେଦ, ଗୋବର କୁଠାଦି ଅଳିଆ ଜମା ହୋଇ ପାରିବ ନାହିଁ । ସଡକର ଅଳିଆ ଜମା କରି

ଦୂରକୁ ନେଇ ଯାଇ ତାକୁ ପୋଡ ପକାଇବ କମ୍ବା ପୋଡ ଦେବ । ଯେଉଁ ଦଗରୁ ପବନ ଆସୁଥିବ ସେ ଦଗରେ ଅଳିଆ ଫିଙ୍ଗିବ ନାହିଁ । ଘରର ନାଳ ଇଟା ବା କ୍ଷୁଦ୍ର ୨ ପଥର ଦ୍ୱାରା ଏପରି ଭାବରେ ପକ୍କା ବନାଇବା ଉଚିତ, ଯେପରି କି ପାଣିରେ ଘର କାଦୁଅ ହୋଇ ପାରିବ ନାହିଁ । ସୁବିଧା ଅନୁସାରେ ବଙ୍କା ବଙ୍କା ଗଲିମାନଙ୍କୁ ସିଧା କରି ଦେଇ ପାରିଲେ ବାୟୁ ନିର୍ବିଘ୍ନରେ ଗତାୟାତ କରିବ ।

ଚଉର୍ଦ୍ଦିଗ ଖୋଲା ସ୍ଥାନ ଆଉ ବଗିଚା ବଡ ଉପକାରରେ ଆସଇ । ବର୍ଷା କାଳରେ କୌଣସି ବାଟରେ କାଦୁଅ ଯେପରି ନ ହେବ ଆଉ ବର୍ଷା ପାଣିରେ ଯେଉଁ ସ୍ଥାନ କୁଡ଼ାଇ ନେଉଥିବ ତାହା ପ୍ରସ୍ତର ଆଦରେ ପାଟି ଦେଇ ସମାନ କରିବ ।

କଶାଇ, ଚମାର, ରଙ୍ଗାଇବା ଲୋକମାନେ ଆପଣା ୨ କାର୍ଯ୍ୟ ଗ୍ରାମ ଭିତରେ କରିବେ ନାହିଁ; କାରଣ ଏମାନଙ୍କ ଜୀବିକାରେ ବାୟୁ ଦୂଷିତ ହୁଏ । ଏମାନଙ୍କପାଇଁ ଉତ୍ତମ ଉପାୟ ଏହି ଯେ ଏମାନଙ୍କୁ ଗ୍ରାମର ବାହାରେ ରଖାଇବା ଉଚିତ ଅଥବା ଏମାନଙ୍କ ଜୀବିକା ଗ୍ରାମର ବାହାରେ ସମ୍ପନ୍ନ କରାଇବା ଉଚିତ ।

କୌଣସି ପ୍ରାଣିର ଶବ ପଡିବା ପୂର୍ବରୁ ତାକୁ ନେଇ ଗ୍ରାମ ବାହାରେ ୨୦୦ ଗଜ ଅନ୍ତରରେ ପୋତି ଦେବ; ଏହିପରି ଶବ ପୋତିବାର ସ୍ଥାନ ଗ୍ରାମ ବାହାରେ ନିଯୁକ୍ତ ହେବାର ଉଚିତ । ଏଥିପାଇଁ ଭୂମିକୁ ଅନ୍ତତଃ ୫ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳି ଏବଂ ତହିଁରେ ପୂର୍ଣ୍ଣରୂପେ ମୃତ୍ତିକା ଦେଇ ଢାଙ୍କି ଦେବା ଉଚିତ । ଶବ ପୋଡାଇବା ସ୍ଥାନ ମଧ୍ୟ ଗ୍ରାମରୁ ଦୂରରେ ହେବା ଉଚିତ । ଯେଉଁ ଶବ ପୋଡାଇବ ତାହା ସମ୍ପୂର୍ଣ୍ଣରୂପେ ପୋଡ଼ି ପକାଇବ, ବାକି ରଖିବ ନାହିଁ ।

ଗ୍ରାମରେ କୌଣସି ୨ ସ୍ଥଳରେ ଭଗ୍ନ ଗୃହମାନ ଥାଏ । ସେଥିରେ ମନୁଷ୍ୟମାନେ ଗୋପନରେ ମଳତ୍ୟାଗ କରନ୍ତି ଅଥବା ମଇଳା ପଦାର୍ଥ

ପକାନ୍ତି; ଏଣୁକରି ଅଳ୍ପ ଦିନରେ ସେ ସ୍ଥାନମାନ ନାନାଦି ଅଳିଅଦ୍ୱାରା ପୂର୍ଣ୍ଣ ହୋଇ ଯାଏ । ଏହା ଦୂର କରିବା ନିମନ୍ତେ ଭଗ୍ନ ଗୃହମାନ ମରାମତି କରାଇ ଦେବା ଉଚିତ ବା ତାହାକୁ ଭାଙ୍ଗି ଦେଇ ଭୂମିର ସମାନ କରି ଦେବା ଉଚିତ । କ୍ଷୁଦ୍ର୨ ଗ୍ରାମମାନଙ୍କରେ ପାଇଖାନା ଥାଏ ନାହିଁ; ସେ ସ୍ଥାନର ଲୋକେ ଗ୍ରାମ ନିକଟରେ ବା କ୍ଷେତରେ ଅଥବା ଘର ହତାରେ ମଳତ୍ୟାଗ କରନ୍ତି । ଶୁଖିଲା ମଳର ଅଣୁ ପବନରେ ମିଶିଯାଏ ଆଉ ତାହା ଉଡ଼ି ଖାଇବା ପିଇବା ପଦାର୍ଥରେ ଆସି ମିଳିଯାଏ ଏବଂ ତଦ୍ଦ୍ୱାରା କ୍ଷତି ହୁଏ । ଏଣୁ ନଗରଠାରୁ ୨୦୦ ଗଜ ଦୂରେ ସୀମା ନିର୍ଦ୍ଧାରିତ କରି ଦେବ । ସୀମା ବାହାରେ ମଇଲା ଫିଙ୍ଗା ଯିବ ଆଉ ସୀମା ଭିତରେ କୌଣସି ଲୋକ ମଳତ୍ୟାଗ କରିବେ ନାହିଁ । ନଗରର ପାଇଖାନା ସବୁ ଅତି ପରିଷ୍କାର ଥିବ ଓ ତହିଁରେ ନିର୍ମଳ ପବନ ଗତାୟାତ କରୁଥିବ । ଯେଉଁ ନଗର ବା ଗ୍ରାମରେ ନଦୀ ଥାଏ ସେଥିର ଜଳ ବସ୍ତ୍ର ଧୋଇବାରେ ଆଉ ପଶୁମାନଙ୍କ ସ୍ନାନାଦିରେ ଦୂଷିତ ହୁଏ । ଏଣୁକରି ଯେଉଁଠାରୁ ପାଣି ପିଇବା ନିମନ୍ତେ ଅଣାଯାଏ, ସେ ସ୍ଥଳରେ ଏପରି ମଇଲା କରିବାକୁ ଦେବ ନାହିଁ । ଗ୍ରାମ ତଳଭାଗର ନଦୀ ଜଳରେ ବସ୍ତ୍ରାଦି ଧୋଇଲେ ହାନି ହେବ ନାହିଁ । କୌଣସି୨ ଲୋକେ ନଦୀ କୂଳରେ ବା ତହିଁର ଶୁଷ୍କ ବାଲି ଉପରେ ପାଇଖାନା ଯାନ୍ତି । ବର୍ଷାକାଳରେ ସେ ସବୁ ମଇଳା ଧୋଇ ଯାଇ ନଦୀ ଜଳରେ ମିଶିଯାଏ । ଶବ ଏବଂ ଯେଉଁ ଲୋକ ହାଇଜା ବା ମାତା ରୋଗରେ ମୃତ୍ୟୁ ହୋଇ ଥାଏ, ତାହାର ମୃତ ଶରୀରକୁ ମଧ୍ୟ ନଦୀର କୌଣସି୨ ସ୍ଥାନରେ ଫିଙ୍ଗି ଦିଅନ୍ତି; ବହୁତ ମଇଲା, ଘୃଣାକର ପଚି ଯାଉଥିବା ପଦାର୍ଥ ମଧ୍ୟ ଫୋପାଡି ଦିଅନ୍ତି; ଏହି କାରଣରୁ ନଦୀର ଜଳ ଦୂଷିତ ହୁଏ । ଅତଏବ ସର୍ବ ସାଧାରଣଙ୍କୁ ଉଚିତ ଯେ ନଦୀର ପାଣି ପରିଷ୍କାର ରଖିବା ନିମନ୍ତେ ଉପରୋକ୍ତ ବିଷୟମାନ ହେବାକୁ ଦେବେ ନାହିଁ । ପୁଷ୍କରିଣୀ ଜଳରେ ସ୍ନାନ କରିବା, ଧୋଇବା, କାଟି କରିବା,

ପାଇଖାନା ଯିବା, ଅଇଁଠାପାଏ ମାଜିବା, ଶୂକର, ଅଉ ଗାଈ ବଳଦଙ୍କୁ ପଶିବାକୁ ଦେବା, ଅଉ ପାଚିବା ନିମନ୍ତେ କଉଁଇଥ, କଞ୍ଚା କାଠ ନିକ୍ଷେପ କରିବା ଏହି ସମସ୍ତ କାରଣରୁ ପୁଷ୍କରିଣୀର ଜଳ ଦୂଷିତ ହୁଏ । ଏଣୁ କରି ସ୍ନାନାଦି ନିମନ୍ତେ ଅନ୍ୟ ଏକ ପୁଷ୍କରିଣୀ ହେବା ଉଚିତ । ଯେଉଁଠାରେ ନଦୀ ଓ ପୁଷ୍କରିଣୀ ଥିବ ତହିଁର ନିକଟରେ କୂପ ଖୋଳିଲେ ସେଥିରୁ ଅନେକ ସମୟରେ ଉତ୍ତମ ଜଳ ମିଳିପାରେ ; ଯେହେତୁ ମାଟି ବାଟେ ଜଳ କୂପ ତଳକୁ ଯାଉଁ ବିଶୁଦ୍ଧ ହୋଇ ଯାଏ । କୂଅଁ ମୁହଁରେ ଗୋଟିଏ ପକ୍କା କାନ୍ଥ ବା ନନ୍ଦ ରହିବା ଉଚିତ ପୁଣି ଏହି କାନ୍ଥ ମୂଳ ଉଚ୍ଚ ହୋଇ ଗୃହଅଡକୁ ଏମନ୍ତ ଗଡ଼ାଣିୟା ହୋଇ ରହିବ ଯେ ଯେମନ୍ତ ଜଳ ପଡ଼ିଲା ମାତ୍ରକେ ବାହାରକୁ ଗଡିଯିବ ଆଉ କୁଟା କାଠି ଓ ପତ୍ରାଦି ପଡି ପାରିବ ନାହିଁ । କୂପ ମୁହଁ ବନ୍ଦ ରଖିଲେ ବଡ଼ ଭଲ ହୁଏ । କୂଅରୁ ପାଣି ଉଠାଇଲାବେଳେ ପରିଷ୍କାର ଦଉଡ଼ି ଓ ଜଳପାତ୍ର ବ୍ୟବହାର କରିବ । ସମୟ ସମୟରେ କୂଅଁକୁ ଉଚ୍ଛାଳି ଦେଇ ତହିଁ ମଧ୍ୟରେ ପଡିଥିବା ଭଙ୍ଗା ମାଠିଆ ଅଳିଆପ୍ରଭୃତି ଉଠାଇ ବାହାର କରି ଦେବ । ଯେପରି ପରିଷ୍କାର ଜଳ କୂପରେ ରହେ ତହିଁପ୍ରତି ବିଶେଷ ଦୃଷ୍ଟି ଆବଶ୍ୟକ ।

କୂପ ଗଭୀର ହେବା ଉଚିତ ଆଉ ତହିଁର ଚତୁଃପାର୍ଶ୍ୱ ପରିଷ୍କାର ଥିବା ବିହିତ । ଯଦ୍ୟପି ମଇଲା ଥାଏ ତେବେ ତହିଁର ଦୁର୍ଗନ୍ଧ କୂଅଁ ପାଣିରେ ମିଳି ଜଳକୁ ଦୂଷିତ କରି ଦିଏ ।

# ପାଠ ୩୪ ।

## କୃଷିବିଦ୍ୟା, ୧୧ଶ ଭାଗ ।

### ଶସ୍ୟର ପୂର୍ଣ୍ଣ-ରକ୍ଷା ।

ତୁମ୍ଭେ ଏହା ଉତ୍ତମରୂପେ ଅବଗତ ହୋଇ ସାରିଅଛ ଯେ ଦୁଇ ଗୋଟି କାରଣରୁ ଶସ୍ୟ ଉତ୍ତମରୂପେ ହେଉଅଛି । ପ୍ରଥମତଃ କ୍ଷେତ୍ରରେ ଉତ୍ତମ ବୀଜ ବପନ କରିବାରୁ ; ଦ୍ୱିତୀୟତଃ ତହିଁରେ ପୂର୍ଣ୍ଣରୂପେ ଜଳ ଓ ଖାଦ୍ୟ ରହି-ବାରୁ ଏବଂ ଖତ ପକାଇବାରୁ ଉତ୍ପନ୍ନ ହେଉଅଛି । ମାତ୍ର ଶସ୍ୟର ଉନ୍ନତ ହେବାର ଯେଉଁ ତୃତୀୟ କାରଣ ଅଛି ତାହା ଏହି ଯେ ଶସ୍ୟ ମଧ୍ୟରେ ଥିବା ତୃଣାଦି ବଛାଇ ତାହାକୁ ରୋଗରୁ ଓ ପଶୁ ପକ୍ଷିମାନଙ୍କଠାରୁ ରକ୍ଷା କଲେ ବହୁତ ଲାଭପ୍ରଦ ହୁଏ । ତୃଣାଦି, କ୍ଷେତ୍ରର କେତେକାଂଶ ଖାଦ୍ୟ ଆହାର କରଇ ।

ଏପରି ଅବସ୍ଥାରେ ଶସ୍ୟକୁ ପୂର୍ଣ୍ଣରୂପେ ଖାଦ୍ୟ ଆହାର କରିବାକୁ ମିଳିବାର ଦୁଷ୍କର । ଅତଏବ ସେ ସବୁ ତୃଣ ବଛାଇ ନେଉଥିବା ବିଧେୟ । ବିଶେଷତଃ ହସ୍ତରେ ତୃଣାଦି ବଛାଯାଏ । ମାତ୍ର କେତେକ ତୃଣ ବହୁତ ବଳ ପ୍ରୟୋଗରେ ଉତ୍ପାଟନ କରିବାକୁ ପଡ଼ଇ । ଦେଖ କାଶତୃଣ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଆଚ୍ଛାଦନ କରିଥାଏ । ଏହାର ମୂଳ ଜମି ମଧ୍ୟରେ ଦୁଇ ତିନି ଫୁଟ ଗଭୀରକୁ ଯାଇ ଥାଏ । ଏଣୁକରି ତାହା ଉତ୍ପାଟନ କରିବା ସକାଶେ ଅଧିକ ବ୍ୟୟ, ସମୟ ଓ ପରିଶ୍ରମ ଲାଗେ । କ୍ରମାଗତଃ ବା ପୁନଃପୁନଃ ଚଷି ଓ ବହୁଡ଼ିବାରେ ତହାର ଅଙ୍କୁର ଶୁଷ୍କ ହୋଇ ଯାଏ । ଅଗିଆ, କୁଶାରିର ମୂଳରେ ଉତ୍ପନ୍ନ ହୁଏ ଓ ତାହାର ଖାଦ୍ୟ ନିଜେ ଆହାର କରି ଦିଏ । ଏଣୁକରି କୁଶାରି ପୃଥୁଳ ହୋଇ ନ ପାରେ । କ୍ଷେତ୍ରରେ ଖତ ପକାଇଲେ ଅନ୍ୟ ବର୍ଷ ଅଗିଆ ଜନ୍ମେ ନାହିଁ ; କ୍ଷେତ୍ର ପଡ଼ିଆ ପଡ଼ିଥିଲେ ସୁଦ୍ଧା ତାହାର

ଓ ଆଡ଼ିର ତୃଣାଦି ଉତ୍ପାଟନ କରିବା ଉଚିତ । କାରଣ ତାହା ଫଳିତ ହେଲେ ବିଶେଷ ବିସ୍ତାରିତ ହୋଇଯାଏ । କ୍ଷେତ୍ରରେ ବୀଜ ଶ୍ରେଣୀବଦ୍ଧ-ରୂପେ ବପନ କରାଗଲେ ଓ ପ୍ରତ୍ୟେକ ଧାଡ଼ିର ମଧ୍ୟରେ ତୃଣ ଉତ୍ପାଟନ କରିବା ଯନ୍ତ୍ର ପ୍ରୟୋଗ କରି ତୃଣ ପତ୍ରାଦି ଉପାଡ଼ି ଦେଲେ ବଗ୍ଗଇ କାର୍ଯ୍ୟ ସହଜରେ ସମ୍ପନ୍ନ ହୁଏ । ଏହି ପ୍ରଦେଶରେ କାର୍ପାସ ଏବଂ ଯୁଆରି କ୍ଷେତ୍ରରେ ସେହି ଯନ୍ତ୍ର ବ୍ୟବହୃତ ହୁଏ । ଏହି ରୀତି ଉତ୍ତମ ଅଟେ ।

ବାୟୁ ଏବଂ ତାପ ଘନୀଭୂତ ଶସ୍ୟ ଉପରେ ଭଲରୂପେ ପତିତ ହୋଇ ନ ପାରିବାରୁ ତାହା ପରିବର୍ଦ୍ଧିତ ହୋଇ ପାରେ ନାହିଁ । ଏଥିପାଇଁ ତନ୍ମଧ୍ୟସ୍ଥିତ ଶସ୍ୟର କେତେକାଂଶ ତୃଣବତ୍ ଉତ୍ପାଟନ କରିବା ଉଚିତ; ନତେତ୍ ପ୍ରଥମରୁ ସତର୍କ ହୋଇ ତହିଁରେ ବୀଜ ବିରଳଭାବରେ ବପନ କରିବା ବିଧେୟ । ତାହା ହେଲେ ଅର୍ଥ ଓ ସମୟର ଅପବ୍ୟୟ ହୁଏ ନାହିଁ । ଯଦି ଉର୍ବରା ଭୂମିରେ ନିକ୍ଷିପ୍ତ ବୀଜ ସବୁ ଅଙ୍କୁରିତ ହୁଏ । ତେବେ ଏକ ଏକର ଜମିରେ ୫୦ ସେର ଶସ୍ୟର ପରିବର୍ତ୍ତରେ ଦଶ ସେର ଖର୍ଚ୍ଚ ଲାଗଇ ।

ଅଡ଼ି ଦିଆ ହୋଇଥିବା ଧାନ୍ୟ କ୍ଷେତ୍ରରେ ପାଣି ରହିବା ଯୋଗୁଁ ତୃଣାଦି ଜନ୍ମେ ନାହିଁ । ହାତ ବୁଣା ଅପେକ୍ଷା ଶସ୍ୟ ଅପେକ୍ଷା ବିରଳ ଭାବରେ ରୋପିତ ହୋଇଥିବା କ୍ଷେତ୍ରରେ ସମଧିକ ଶସ୍ୟ ଉତ୍ପନ୍ନ ହୁଏ । ଏହା ଛଡ଼ା ହାତ ବୁଣାଠାରୁ ଏଥିରେ ବୀଜ ମଧ୍ୟ ଅଳ୍ପ ଅର୍ଥାତ୍ ପଞ୍ଚମାଂଶ ଲାଗଇ । ରାୟପୁର ଆଉ ବିଲାସପୁର ଜିଲ୍ଲାରେ ଅଟ୍ଟର ଧାନର ଗୃଷକୁ ବିଦାରେ ବିରଳ କରୁଅଛନ୍ତି । ଏହି ସହଜ ରୀତିକୁ ବିହୁଡ଼ା ବୋଲାଯାଏ । ଯଦିଚ ଏଥିରେ ବହୁତ ବିହନ ବ୍ୟର୍ଥ ଯାଉଅଛି ତଥାପି ସେ ସ୍ଥାନରେ ରୋପି-ବାର ଆବଶ୍ୟକତା ହୁଏ ନାହିଁ । କୃଷକକୁ ଆପଣା ଦୂରସ୍ଥିତ ଜମିକୁ ରୋପଣ କରିବାରେ ବହୁତ ପରିଶ୍ରମ ପଡ଼େ । ଦ୍ୱିତୀୟରେ ଅଟ୍ଟର ଧାନରେ ପାଣି ନ ବଳାଇଲେ ଅଳ୍ପ ସମୟରେ ପକ୍ୱ ହୋଇଯାଏ । ଏପରି ଅବସ୍ଥାରେ

କେବଳ ବାହାଲି ଭୂମିରେ ରୋପଣ କରିବା ନିତାନ୍ତ ଆବଶ୍ୟକ । ବହୁଳ ବୃଷ୍ଟି ଓ ସ୍ୱଳ୍ପ ବୃଷ୍ଟି ଭିନ୍ନ ଶସ୍ୟ ହାନିର ଅନ୍ୟାନ୍ୟ କାରଣ ସୁଦ୍ଧା ଅଛି ; ଯଥା ହିମ, କରକା ଓ ଗେରୁଆ । ହିମ ଖାଦ୍ୟ ପରିପୂର୍ଣ୍ଣ କ୍ଷେତ୍ର ସମୂହରେ ଅତ୍ୟଳ୍ପ ଭାବରେ ପଡ଼େ ; ଶିଳା ପତନରେ ପରିପକ୍ୱ ଶସ୍ୟ କ୍ଷେତ୍ର ସୁଦ୍ଧା ନଷ୍ଟ ହୋଇ-ଯାଏ । କିନ୍ତୁ ଗେରୁଆ ପୌଷ ଓ ମାଘ ମାସରେ ବାଦଲ ଓ ଶୀତଳ ହେତୁରୁ ବୃକ୍ଷରେ ଲାଗିଯାଏ, ଅଉ ତ୍ର ସପ୍ତାହରେ ଗହମ, ଅଳସି ଆଦି ଶସ୍ୟକୁ ନଷ୍ଟ କରି ପକାଏ । ତହିଁରୁ ରକ୍ଷା ପାଇବାର ଅନ୍ୟ ଉପାୟ ନାହିଁ । ମାତ୍ର ସରୁ ବିହନ ଅପେକ୍ଷା ପୁଷ୍ଟ ଶସ୍ୟ ବପନ କଲେ ଗେରୁଆ ପ୍ରାୟ ଲଗା ପଡ଼ିବାର ସମ୍ଭବ ।

ବିଶେଷତଃ ବନ୍ୟ ପଶୁ, ପକ୍ଷୀ କ୍ଷେତ୍ରର ଅଧିକାଂଶ ଶସ୍ୟ ବିନାଶ କରନ୍ତି । ତାହା ନିବାରଣ କରିବାପାଇଁ ବିଲର ଚତୁର୍ଦ୍ଦିଗରେ କଣ୍ଟାର ବାଡ ଦେବାର ଅଥବା ମୃତ୍ତିକାର ଉଚ୍ଚ ଆଡ ଦେବା ଉଚିତ । କେତେକ କୃଷକ ଆପଣା କ୍ଷେତ୍ର ରକ୍ଷାର୍ଥେ କୃତ୍ରିମ ପୁରୁଷ ଦଣ୍ଡାୟମାନ କରିଥାନ୍ତି । ଅଥବା କେହି କେହି ରକ୍ଷକ ନିଯୁକ୍ତ କରନ୍ତି । ଗୟା ଜିଲ୍ଲାରେ ଯୁଆରି ପ୍ରଭୃତି ଶସ୍ୟ ହିମ ଋତୁରେ ହୁଏ ; ତାହାର ରକ୍ଷା ନିମନ୍ତେ ଶସ୍ୟ କ୍ଷେତ୍ର ମଧ୍ୟରେ ମଞ୍ଚା ନିର୍ମାଣ କରି କିୟଦ୍ଦୂରରେ ଏକ ଏକ ସ୍ତମ୍ଭ ପୋତି ତହିଁରେ ଘଣ୍ଟି ଅଥବା ଟିଣ ରଖି ସ୍ତମ୍ଭରୁ ମଞ୍ଚା ପର୍ଯ୍ୟନ୍ତ ଏକ ଏକ ରଜ୍ଜୁ ଲମ୍ବାଇ ଥାନ୍ତି । ରକ୍ଷକ ମଞ୍ଚାରେ ବସି ରଜ୍ଜୁ ହଲାଇ ଦେଲେ ତାହାର ଶବ୍ଦରେ ପଶୁ, ପକ୍ଷୀ ଆଦି ପଳାଇ ଯାନ୍ତି । ଏହା ସର୍ବୋତ୍କୃଷ୍ଟ ଉପାୟ ଅଟେ ।

## ପାଠ ୩୪ ।

ମୂଢ଼ ଜନ ସଙ୍ଗ କଲେ ଜ୍ଞାନ ହୁଏ ନାଶ,
ଧଇର୍ଯ୍ୟ ବର୍ଜ୍ଜନେ ବୁଦ୍ଧି ହୋଇଯାଏ ହ୍ରାସ ।
ଯାଚଞ୍ଚାରେ ନାଶ ହୁଏ ମାନବର ମାନ,
ନିତ ଅତିଥିର ନାଶ ହୁଅଇ ସମ୍ମାନ ।
ଅବଚ୍ଛିନ୍ନ ସହବାସେ ନାଶ ହୁଏ ପ୍ରୀତ,
ନୀଚ ପଥ ଗାମୀ ହେଲେ ନାଶ ହୁଏ ଖ୍ୟାତ ।
ଦରିଦ୍ରତା ନାଶ ହୁଏ ଉଦ୍ୟମ ବଳରେ,
ପାପ ନାଶ ହୁଏ ବିଭୁ ଗୁଣ ଗାୟନରେ ।
ବିଭୁ ଯହିଁ ପରସନ୍ନ ସେହି ଜ୍ଞାନ ଜ୍ଞାନ,
ଜ୍ଞାନ ଯହିଁ ଲଭ ହୁଏ ସେହି ଧ୍ୟାନ ଧ୍ୟାନ ।
ଚିର ଅବିକୃତ ଯାହା ସେହି ପ୍ରୀତ ପ୍ରୀତ,
ସ୍ୱାର୍ଥହୀନ ପ୍ରେମ ଏକା ଶୁଦ୍ଧପ୍ରେମ ଖ୍ୟାତ ।
କୋଟି ମିତ୍ର ମିଳି ଥାନ୍ତି ଜଗତେ ସମ୍ପଦେ,
ସେହି ମିତ୍ର ମିତ୍ର ଯେଣୁ ସହାୟ ବିପଦେ ।
ମୋହ ଅଭିମାନ କରେ ମାନବକୁ ସାନ,
ବିନୟ କରଇ ମହା ଗଉରବ ଦାନ ।
ନଇଁ ଥାନ୍ତି ଗୁଣିଜନ, ଫଳବନ୍ତ ବୃକ୍ଷ,
ଭାଙ୍ଗି ଯାନ୍ତି ନ ନଇଁନ୍ତି ଶୁଷ୍କ କାଷ୍ଠ ମୂର୍ଖ ।

## ପାଠ ୩୭ ।

# ଇନ୍ଦ୍ରଧନୁ ।

ଆଲୋକ ଏକ ପ୍ରକାର ଦୃଷ୍ଟ ହେଲେହେଁ ତାହା ମିଶ୍ରିତ ଓ ବିବିଧ ରଙ୍ଗରେ ଗଠିତ ଅଟେ । ଯେବେ ତାହା ଏପରି କୌଣସି ପଦାର୍ଥ ଉପରେ ପଡ଼େ କି ଯହିଁରେ କିରଣମାନ ବିଶ୍ଳେଷିତ ହୋଇ ଭିନ୍ନ ୨ ହୋଇ ଯାଏ, ତେବେ ତହିଁରୁ ବିବିଧ ପ୍ରକାରର ରଙ୍ଗ ଦୃଷ୍ଟିଗୋଚର ହୁଏ । ଏହି କାରଣରୁ ମେଘ ବୃଷ୍ଟି ହେଉଥିବା ସମୟରେ ସୂର୍ଯ୍ୟ ପ୍ରକାଶିତ ହେଲେ କେବେ ୨ ଇନ୍ଦ୍ରଧନୁ ଦୃଷ୍ଟିଗୋଚର ହୁଏ । ସୂର୍ଯ୍ୟୋଦୟର କିୟତ୍କାଳ ପରେ କିମ୍ବା ସୂର୍ଯ୍ୟାସ୍ତର କିୟତ୍କାଳ ପୂର୍ବରେ ତାହାର ଆକୃତି ଅର୍ଦ୍ଧ ଗୋଲାକାର ଧାରଣ କରେ । ସୂର୍ଯ୍ୟ ଯେତିକି ଶିଖର ଦେଶକୁ ଯାଉଥାନ୍ତି ତାହା ସେତିକି ତଳକୁ ୨ ଯାଉଥିବାର ଦେଖାଯାଏ । ଯେବେ ସୂର୍ଯ୍ୟ ଶିଖର ଦେଶର ଅର୍ଦ୍ଧାଂଶ ପର୍ଯ୍ୟନ୍ତ କିମ୍ବା ତତୋଽଧିକ ପହୁଞ୍ଚି ଥାନ୍ତି, ତେବେ ତାହା କଦାଚ ନୟନ ଗୋଚର ହୁଏ ନାହିଁ । ଏଥିରୁ ସ୍ପଷ୍ଟରୂପେ ପ୍ରତୀୟମାନ ହେଉଅଛି ଯେ ଇନ୍ଦ୍ରଧନୁ ପ୍ରଭାତ ଓ ସନ୍ଧ୍ୟା ସମୟ ବ୍ୟତିରେକେ ଅନ୍ୟାନ୍ୟ ସମୟରେ କେବେହେଁ ଦୃଶ୍ୟ ହୁଏ ନାହିଁ ।

ଯେବେ ସୂର୍ଯ୍ୟଙ୍କ କିରଣଜାଲ ଜଳକଣା ମଧ୍ୟରେ ପ୍ରବେଶ କରି ବହିର୍ଗତ ହୋଇଯାଏ ତେବେ ତହିଁରେ ଭିନ୍ନ ୨ ପ୍ରକାରର ରଙ୍ଗ ଦେଖା ପଡ଼ଇ । ଇନ୍ଦ୍ରଧନୁ ପୂର୍ଣ୍ଣ ଆକୃତିରେ ଦେଖା ପଡ଼ିଲେ ତହିଁରେ ଦୁଇ ଗୋଟି ଧନୁ ଦେଖାଯାଏ; ତନ୍ମଧ୍ୟରୁ ଗୋଟିକୁ ଅନ୍ତଃସ୍ଥ ଓ ଅନ୍ୟଟିକୁ ବହିଃସ୍ଥ ଧନୁ ବୋଲାଯାଏ । ଅନ୍ତଃସ୍ଥ ଧନୁଟି ଅଧିକ ଆଭାଯୁକ୍ତ ଓ ବହିଃସ୍ଥ ଧନୁଟି ଅଧିକ ପରିମାଣରେ ବିସ୍ତୃତ ଥାଏ । ଗୋଟିକରେ ଯେଉଁ କ୍ରମରେ ରଙ୍ଗମାନ ଦୃଷ୍ଟ ହୁଏ, ଅନ୍ୟଟିରେ ତାହାର ବିପରୀତ ଭାବରେ ଉକ୍ତ ରଙ୍ଗମାନଙ୍କର

କ୍ରମ ଦୃଷ୍ଟ ହୋଇଥାଏ । ଉକ୍ତ ଇନ୍ଦ୍ରଧନୁ ଅନ୍ତର୍ହିତ ହେଲେ ସେହି ସ୍ଥାନଟି ଉଜ୍ଜ୍ୱଳ ନୀଳବର୍ଣ୍ଣର ଗୋଟିଏ ଗମ୍ବୁଜର ଆକାର ଧାରଣ କରେ ।

ପ୍ରାଚୀନ କାଳରେ ୟୁନାନୀ ଓ ରୋମାନ୍ ଜାତୀୟ ଲୋକମାନେ ଇନ୍ଦ୍ରଧନୁ ଉତ୍ପତ୍ତି ହେବାର କାରଣ ବୁଝି ପାରୁ ନ ଥିଲେ । ସେହି ସମୟରେ ପୁରୋହିତମାନେ ଇନ୍ଦ୍ରଧନୁକୁ ପରମ ପୂଜନୀୟ ବୋଲି ଜ୍ଞାନ କରୁଥିଲେ ଓ ଯେଉଁ ଦେଶରେ ଇନ୍ଦ୍ରଧନୁ ଦୃଶ୍ୟ ହେଉଥିଲା ସେହି ଦେଶକୁ ଅଧିକ ପବିତ୍ର ଜ୍ଞାନ କରି ତହିଁରେ ଯଜ୍ଞାଦି କ୍ରିୟାର ଅନୁଷ୍ଠାନ କରୁଥିଲେ । ଯେବେ ଜଳର ଧାରା ବା ପ୍ରବାହ ପଡୁଥାଏ ଓ ସୂର୍ଯ୍ୟ ସେହି ସମୟରେ ଦୃଶ୍ୟ ହୁଅନ୍ତି ତେବେ ଜଳ ଏବଂ ସୂର୍ଯ୍ୟ ମଧ୍ୟରେ ଦଣ୍ଡାୟମାନ ହେଲେ ଜଳ-କଣାମାନଙ୍କରେ ଇନ୍ଦ୍ରଧନୁ ଦୃଷ୍ଟିଗୋଚର ହୁଏ । ରାତିର ଚନ୍ଦ୍ର କିରଣରେ ମଧ୍ୟ କେବେ୨ ଇନ୍ଦ୍ରଧନୁ ଦୃଶ୍ୟ ହୁଅଇ । ମାତ୍ର ସେ ସମୟରେ ତହିଁର ଭିନ୍ନ୨ ରଙ୍ଗ ସ୍ପଷ୍ଟଭାବରେ ଦୃଶ୍ୟ ହୁଏ ନାହିଁ । ଏହିପରି ଯେବେ ସାନ୨ ଜଳ କୁଣ୍ଡରୁ ଫଉଆର ଉଠୁଥାଏ ଏବଂ ଯଦି ପ୍ରାତଃକାଳରେ କିମ୍ବା ସାୟଂ-କାଳରେ ସୂର୍ଯ୍ୟ ପୃଷ୍ଠ ଭାଗରେ ଥାନ୍ତି ତେବେ ତେତେବେଳେ ମଧ୍ୟ ଇନ୍ଦ୍ରଧନୁ ଦୃଷ୍ଟିଗୋଚର ହୁଏ ।

---

# ପାଠ ୩୭ ।

## ସତ୍ୟତା ।

ସତ୍ୟତା ଏପରି ଏକ ଉତ୍ତମ ଗୁଣ ଯେ ତାହାର ସାହାଯ୍ୟରେ ଅତି ମୂର୍ଖ ଲୋକ ମଧ୍ୟ ଆପଣାର ସମସ୍ତ ଜୀବନ ସହଜରେ ଅତିବାହିତ କରି ପାରେ । ସତ୍ୟବାଦୀ ମନୁଷ୍ୟ ସନ୍ମାର୍ଗରେ ଚଳଇ ; ଏବଂ ଆପଣା ଦୃଷ୍ଟା-ନ୍ତରେ ଅନ୍ୟକୁ ସତ୍‌ଶିକ୍ଷା ଦିଅଇ । ସତ୍ୟବାଦୀ ସର୍ବଦା ଆଦରଣୀୟ ଓ ସକଳ ଲୋକଙ୍କର ବିଶ୍ୱାସପାତ୍ର ହୁଏ । ଯେଉଁ ଲୋକ ସତ୍ୟବ୍ରତ ସେ ଶ୍ରେଷ୍ଠ ଆଦି ପାପକର୍ମରୁ ଅନ୍ତର ଥାଏ । ସତ୍ୟ ହେତୁରୁ ଲୋକମାନଙ୍କର ସାଂସାରିକ ସମସ୍ତ ବ୍ୟବହାର ଚଳୁଅଛି । ଯେଉଁ ବ୍ୟାପାରିମାନେ ଦ୍ରବ୍ୟାଦି କ୍ରୟ ବିକ୍ରୟରେ ସତ୍ୟ ବ୍ୟବହାର କରନ୍ତି, ସେମାନଙ୍କ ଦୋକାନର କାରବାର ବୃଦ୍ଧି ହୋଇ ବହୁପରିମାଣରେ ଚଳଇ, ଆଉ ଯେଉଁମାନେ କାରବାର ସମୟରେ ଯଥାର୍ଥ ମୂଲ୍ୟ ନ କହି ଅନ୍ୟକୁ ପ୍ରବଞ୍ଚନା କରନ୍ତି ସେମାନଙ୍କ ଦୋକାନର ବ୍ୟବହାର କାଷ୍ଠର ହାଣ୍ଡି ତୁଲ୍ୟ ଅତି ଅଳ୍ପ ପରି-ମାଣରେ ଚଳଇ । ଏଣୁକରି ଏପରି ଲୋକେ ସଂସାରରେ ସନ୍ତପ୍ତ, ଧନ ଓ ସମ୍ପତ୍ତିବିହୀନ ଦେଖାଯାନ୍ତି ଓ ସେମାନେ ଅଯୌକ୍ତିକ ବ୍ୟାପାରରେ ପ୍ରବୃତ୍ତ ଥାଇ ଅନ୍ୟର ଧନ ଓ ସମୟ ନଷ୍ଟ କରି ପାପର ଫଳ ଭୋଗୀ ହୁଅନ୍ତି । ସତ୍ୟବାଦୀ ଲୋକର ମନ ସଦା ପ୍ରଫୁଲ୍ଲ ଥାଏ । ସତ୍ୟତା ଧର୍ମର ଲକ୍ଷଣ, ମନୁଷ୍ୟର ସର୍ବୋତ୍ତମ ଭୂଷଣ, ଭଲ ମନ୍ଦ ପରୀକ୍ଷାର କଷ୍ଟି ସାଂସାରିକ ବ୍ୟବହାରର ଚାଳକ ଯନ୍ତ୍ର, ଓ ଲୋକଙ୍କୁ ବିଶ୍ୱାସ କରାଇବାର ମୂଳ କାରଣ ଅଟେ । ସତ୍ୟ କହିବା ନିମନ୍ତେ ବେଦ, ବାଇବଲ, କୋରାଣ-ଆଦି ସବୁ ଧର୍ମପୁସ୍ତକରେ ଉଲ୍ଲେଖ ଅଛି । କବିବର କବିର ଦାସ କହି-ଅଛନ୍ତି :—

ନ ଭୁଞ୍ଜଇ ସତ୍ୟବାଦୀ କେବେହେଁ ଶାପକୁ,
ଲଭଇ ସେ ଏକମାତ୍ର ସତ୍ୟ ମହାତ୍ମ୍ୟକୁ ।
ନ ପଡ଼ଇ କଦାପି ସେ ଶମନ ବଶରେ,
ହୁଅଇ ବିଲୀନ ଅନ୍ତେ ଏକଇ ଈଶ୍ୱରେ ।

ପ୍ରତ୍ୟେକ ଧର୍ମରେ ସତ୍ୟତାର ପୁଷ୍ଟି ନିମନ୍ତେ ନାନା ପ୍ରକାର ସଦ୍ବାକ୍ୟ ଦେଖାଯାଏ । ସତ୍ୟବାଦୀ ବ୍ୟକ୍ତିର ବଚନ ଅନ୍ୟର ପ୍ରତି ଲାଭଦାୟକ ହୁଏ । ବ୍ୟସନାଶକ୍ତ ଲୋକର ମୁଖରେ କୁକର୍ମର ନିନ୍ଦା ଯେପରି, ମିଥ୍ୟାବାଦୀ ମୁଖରେ ସତ୍ୟଶିକ୍ଷା ସେହିପରି ଲାଗେ ।

ଏକ ସମୟରେ ଶ୍ରୀ ତୁଳସି ଦାସ ଗୋସ୍ୱାମୀ ମୈନପୁରୀ ନଗର ଦେଇ କୌଣସି ଏକ ସ୍ଥାନକୁ ଯାଉଥିଲେ । ବାଟରେ କେତେକ ଖଣ୍ଟ ଲୋକ ତାଙ୍କୁ ଆକ୍ରମଣ କରିବାରୁ ଗୋସ୍ୱାମୀ କହିଲେ, ଆମ୍ଭ ପାଖରେ ଏତକ ଦ୍ରବ୍ୟ ଓ ବସ୍ତ୍ର ଅଛି ଏହା ନେଇ ଯାଅ; କିନ୍ତୁ ଦେବମୂର୍ତ୍ତି ନେବା ପାଇଁ ଲାଳସା କର ନାହିଁ । ଦୂରରୁ ଦେଖି ନିଅ, ଏଥିରେ ଯେତେକ ମୂର୍ତ୍ତି ଅଛନ୍ତି, କେହି ସ୍ୱର୍ଣ୍ଣ ନିର୍ମିତ ନୁହନ୍ତି । ଯାହାକିଛି ଆମ୍ଭ ପାଖରେ ଥିଲା ତାହା ସରଳଭାବରେ ପ୍ରତିଜ୍ଞାନୁଯାୟୀ ପ୍ରଦାନ କଲୁଁ ।

ଖଣ୍ଟମାନେ ଆପଣା କାର୍ଯ୍ୟ ସାଧନ କରି ଲେଉଟି ଗଲେ । ଏମାନେ ଅଳ୍ପଦୂର ଯାଇ ନ ଥିବେ ଏହି ସମୟରେ ସରଳ-ସ୍ୱଭାବ ଗୋସ୍ୱାମୀ ତାଙ୍କର ଅନୁଚରକୁ କହିଲେ, ମୁଁ ପ୍ରତିଜ୍ଞାନୁସାରେ ସବୁ ପଦାର୍ଥ ଦେଲି; ପରନ୍ତୁ ଯଷ୍ଟିରେ ଜଡ଼ିତ ପ୍ରାୟ ଦୁଇ ଟଙ୍କାର ରୌପ୍ୟ ଅଛି । ତାହା ବାହାର କରି ଖଣ୍ଟମାନଙ୍କୁ ଦେବାର ଉଚିତ । ଏତକ ସମ୍ପତ୍ତି ନିମନ୍ତେ ମୁଁ ମିଥ୍ୟା-ବାଦୀ ହେବାକୁ ଚାହେଁ ନାହିଁ । ତାଙ୍କର ଏ ବାକ୍ୟରେ ଭୃତ୍ୟ ଦୌଡ଼ି ସେମାନଙ୍କ ପାଖକୁ ଯାଇ କହିଲା, ତୁମ୍ଭଙ୍କୁ କିଛି ପଦାର୍ଥ ଦେବାକୁ ଆହୁରି ବାକି ରହି ଯାଇଅଛି, ଚାଲ, ତାହା ନେଇ ଆସିବ । ଖଣ୍ଟମାନେ ଅତି ଆନନ୍ଦରେ ଲେଉଟି ଆସିଲେ । ଗୋସ୍ୱାମୀ ଯଷ୍ଟିସ୍ଥିତ ରଜତ ତାହାଙ୍କୁ

ଦେଇ "କ୍ଷମା କର, କ୍ଷମା କର" ବୋଲି କହିବାକୁ ଲାଗିଲେ । ଏତକ ମାତ୍ର ମୋହର ଦୋଷ ହେଲା କାରଣ ତୁମରେ ଅସତ୍ୟ କହିବାକୁ ପଡ଼ିଲା । ଏଥିରେ ଖଣ୍ଡମାନଙ୍କ ଚିତ୍ତରେ ଏମନ୍ତ ଜ୍ଞାନ ଉଦୟ ହେଲା ଯେ ସେମାନେ ଗୋସ୍ୱାମିଙ୍କ ମାହାତ୍ମ୍ୟ ଦେଖି ଅତିବ ଲଜ୍ଜିତ ହେଲେ ଏବଂ ଗୋସ୍ୱାମିଙ୍କ ପଦାର୍ଥ ପ୍ରତ୍ୟର୍ପଣ କରି ଦେବାକୁ ଆଗ୍ରହ କଲେ । ପୁନଶ୍ଚ ତାଙ୍କ ସଙ୍ଗରେ ବୃନ୍ଦାବନ ଯାଇ ଉପଦେଶ ଗ୍ରହଣ କଲେ ।

ଥରେ ମହମ୍ମଦ କାଦର ଗୀଲାନ ବୋଗଦାଦ ନଗରକୁ ଯାଉଥିଲେ । ତାହାଙ୍କଠାରେ ଚାଳିଶ ଗୋଟି ସୁନାର ମୋହର ଥିଲା । ତାଙ୍କର ଜନନୀ ଅନ୍ତିମ ସମୟ ମନେ କରି ସେହି ମୋହର ଗୁଡ଼ିକ ଦେଇଥିଲେ । କୌଣସି ନଗର ନିକଟରେ ପହଞ୍ଚିଲାବେଳେ ଖଣ୍ଡମାନେ ତାଙ୍କୁ ବେଷ୍ଟନ କଲେ । ଓ କହିଲେ ତୁମ୍ଭଠାରେ କଃ ପଦାର୍ଥ ଅଛି? କାଦର ସାହେବ ଉତ୍ତର ଦେଲେ 'କେବଳ ଚାଳିଶ ଗୋଟି ସ୍ୱର୍ଣ୍ଣମୁଦ୍ରା ଆମ୍ଭ ନିକଟରେ ଅଛି ।" ଖଣ୍ଡମାନେ ବିଚାର କଲେ ଏ ମିଥ୍ୟା କହୁଅଛି । ଆପଣାର ପଦାର୍ଥକୁ ଅଛି ବୋଲି କେହି କହନ୍ତି ନାହିଁ । ଏହାର ପଶ୍ଚାତ୍ ଆଉ ଜଣେ ଖଣ୍ଡ, ସେହିରୂପରେ ପଚାରିବାକୁ ତାଙ୍କୁ ମଧ୍ୟ ସେହିପରି ପ୍ରତ୍ୟୁତ୍ତର ଦେଲେ । ସେ ଏହାଙ୍କୁ ଆପଣା ସରଦାରଙ୍କ ନିକଟକୁ ଧରି ନେଇଯିବାରୁ ସରଦାର କହିଲେ, "ମୋହର ସବୁ କେଉଁଠାରେ ଅଛି, ତାହା ଆମ୍ଭଙ୍କୁ ଦେଖାଅ ।" କାଦର ସାହେବ କନ୍ଥା ଭିତରରୁ ସ୍ୱର୍ଣ୍ଣ ବାହାର କରି ଦେଖାଇ ଦେଲେ । ତାହା ଦେଖି ସରଦାର ବିସ୍ମିତ ହୋଇ କହିଲେ, ତୁମ୍ଭେ କାହିଁକି ସତ୍ୟ ପ୍ରକାଶ କଲ ତୁମ୍ଭ ପାଖରେତ ଏହା ସହଜରେ ଲୁଚି ରହିଥିଲା । ଏଥିରେ କାଦର ସାହେବ କହିଲେ କଣ ମୁଁ ଅସତ୍ୟ କହନ୍ତି ଯାହା କି ପରମେଶ୍ୱରଙ୍କ ଆଦେଶ ଓ ପିତା ମାତାଙ୍କ ଶିକ୍ଷାର ନିୟମ-ବିରୁଦ୍ଧ ଅଟେ । ଏକଥାରେ ଦଳପତି ଓ ଖଣ୍ଡମାନେ ଅତି ଲଜ୍ଜାରେ ପଡ଼ିଲେ ଓ ସରଦାର ପୁନଃ କହିବାକୁ ଲାଗିଲେ, ତୁମ୍ଭେ ଏତେ ଅଳ୍ପ ବୟସରେ ସତ୍ୟ କହୁଅଛ ।

ମୋର ବୟସ ଅତୀତ ହୋଇ ବାର୍ଦ୍ଧକ୍ୟ ଦଶା ଉପସ୍ଥିତ ହେଲଣି, ତଥାପି ସୁଦ୍ଧା ଈଶ୍ୱର ନିକଟରେ ଅପରାଧ କରୁଅଛୁ । ପରଶେଷରେ ସେମାନେ ମହାଲଜ୍ଜାରେ ପଡ଼ି ସେହିକ୍ଷଣି ଖଣ୍ଡାବୃତ୍ତି ପରିତ୍ୟାଗ କଲେ । କାଦର ସାହେବ ଅଭ୍ୟାନନ୍ଦରେ ବୋଗଦାଦ ସହରରେ ଉପନୀତ ହେଲେ ।

---

## ପାଠ ୩୮ ।

## ଲବଙ୍ଗ ଓ ଏଲାଇଚ ।

### ଲବଙ୍ଗ ।

ଏହି ବୃକ୍ଷ ପ୍ରଥମତଃ କେବଳ ମଲକ୍କା ଦେଶରେ ଉତ୍ପନ୍ନ ହେଉଥିଲା । ପରେ ସେଠାରୁ ଏହାର ବୀଜ ନୀତ ହୋଇ ବୋର୍ଣ୍ଣିଓ ଓ ଦକ୍ଷିଣ ଆମେରିକାରେ ପହଞ୍ଚିଥିଲା । ବର୍ତ୍ତମାନ ଏଦେଶରେ ମଧ୍ୟ ଏହାର ଚାଷ କରିବାକୁ ଲାଗିଲେଣି । ମାତ୍ର ସେଥିରେ ଫଳ ହୁଏ ନାହିଁ । ଏହି ବୃକ୍ଷ ବଡ଼ ଉଚ୍ଚ ହୁଏ ଏବଂ ଆଠ ନଅ ବର୍ଷ ହେଲେ ଫଳିବାକୁ ଲାଗେ ।

ଅମ୍ବୋୟ୍ନା ଦ୍ୱୀପରେ ଉତ୍ତମ ଲବଙ୍ଗ ଜନ୍ମେ । ଗୋଟିଏ୨ ବୃକ୍ଷରେ ପ୍ରତିବର୍ଷ ଲକ୍ଷ୨ ଲବଙ୍ଗ ଫଳେ । ପୂର୍ବ କାଳରେ ମଲକ୍କା ଦେଶ, ଯେତେବେଳେ ଡଚ୍‌ମାନଙ୍କ ଅଧୀନରେ ଥିଲା ତେତେବେଳେ ସେମାନେ ଅନ୍ୟ କାହାରିକୁ ଲବଙ୍ଗ ବ୍ୟବସାୟ କରିବାକୁ ନ ଦେଇ ନିଜେ ଯଥେଚ୍ଛା ଦରରେ ବିକ୍ରୀ କରୁଥିଲେ ।

ଲବଙ୍ଗ ବଡ଼ ଉପକାରୀ ପଦାର୍ଥ । ଏଥିରୁ ତେଲ ବାହାର କରନ୍ତି ଏବଂ ଶର୍ଦ୍ଦି ଛଡ଼ାଇବାପାଇଁ ଏହାକୁ ଭାଜି କରି ଅବା ସେହିପରି ଖାନ୍ତି ।

ପୂର୍ବକାଳରେ ଲବଙ୍ଗ ଏତେଦୂର ମହାର୍ଘ ଥିଲା ଯେ ଏକ ତୋଲା ଲବଙ୍ଗର ମୂଲ୍ୟ ଗୃ ଅଣା ପଡୁଥିଲା । ବର୍ତ୍ତମାନ ଏକ ଅଣାରେ ପାଞ୍ଚ ଛଅ ତୋଲା ମିଳୁଅଛି ।

ଏଲାଇଚ ।

ଏଲାଇଚ ବିଶେଷତଃ ଭାରତବର୍ଷ ଓ ତାହା ନିକଟବର୍ତ୍ତୀ ଉଷ୍ଣ ପ୍ରଧାନ ଦେଶମାନଙ୍କରେ ଉତ୍ପନ୍ନ ହୁଏ । ଏହି ବୃକ୍ଷ ଶୀତ ପ୍ରଧାନ ଦେଶରେ ଉତ୍ପନ୍ନ ହୁଏ ନାହିଁ । ମଲବାର, କୋଚିନ, ମେଙ୍ଗାଲୋର ଆଉ କର୍ଣ୍ଣାଟରେ ଏଲାଇଚ ଉତ୍ପନ୍ନ ହୁଏ । ଏହାର ଗଛ ହଳଦୀ ଗଛପରି । ମଲବାର ପ୍ରଦେଶରେ ଏ ସବୁ ଆପେ ଆପେ ଉଠେ ଆଉ କୌଣସି କୌଣସି ସ୍ଥାନରେ ମଧ୍ୟ ଲଗାଯାଇଥାଏ । ବର୍ଷା କାଳରେ ଏହାର ବୀଜ ବୁଣାଯାଏ । ପରେ କାର୍ତ୍ତିକ ମାସରେ ଭୂମି ତଳୁ ଏଲାଇଚ ବାହାର କରନ୍ତି । ଏହାର ଫସଲ ଦୁଇ ତିନ ମାସ ପର୍ଯ୍ୟନ୍ତ ଥାଏ । ଏଲାଇଚ ବାହାରକୁ ଅଣା ଗଲାପରେ ଯଦି ଆର୍ଦ୍ର ଥାଏ, ତେବେ ତାହାକୁ ଶୁଖାଇ ଦିଅନ୍ତି । ପରେ ତାହାକୁ ବନ୍ଧା ବାନ୍ଧି କରି ଅନ୍ୟ ଦେଶକୁ ପଠାଇ ଦିଅନ୍ତି । ମଲବାରରୁ ପ୍ରତିବର୍ଷ ଶତ ଶତ ମହଣ ଏଲାଇଚ ଇଂଲଣ୍ଡ ପ୍ରଭୃତି ଦେଶମାନଙ୍କୁ ଯାଉଅଛି । ଏଲାଇଚ ସୁସ୍ୱାଦୁ ଅଟେ । ଏହାକୁ ସର୍ବଦା ଖାଦ୍ୟ ପଦାର୍ଥରେ ପକାନ୍ତି ଏବଂ ଏହାର ସ୍ଥଳ ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ମଲବାର ଦେଶର କୌଣସି କୌଣସି ଅଂଶରେ ଏପରି ରୀତିଅଛି ଯେ ଯେଉଁ କ୍ଷେତ୍ରରେ ଏଲାଇଚ ଉତ୍ପନ୍ନ ହୁଏ, ତାହାର ନିକଟବର୍ତ୍ତୀ ଭୂମିରେ ଆଉ ଯେଉଁ ଯେଉଁ ବୃକ୍ଷମାନ ଥାଏ, ସେ ସବୁକୁ କାଟି ପକାନ୍ତି । ଏହି ହେତୁରୁ ବିନା ପ୍ରଯତ୍ନରେ ଏଲାଇଚ ଉତ୍ପନ୍ନ ହେବାକୁ ଲାଗେ ।

---

## ପାଠ ୩୯ ।

### ରାଜ୍ୟ-ଶାସନ ।

ପ୍ରଥମତଃ କମ୍ପାନିର କର୍ମଚାରୀମାନେ ଏହି ଦେଶକୁ କେବଳ ବାଣିଜ୍ୟ କରିବା ନିମନ୍ତେ ଆସିଥିଲେ । ପରନ୍ତୁ ବ୍ୟାପାରର ରକ୍ଷା, ଉନ୍ନତି ଏବଂ ଶତ୍ରୁମାନଙ୍କଠାରୁ ରକ୍ଷା ପାଇବା ନିମନ୍ତେ ଯେତେବେଳେ ସେମାନେ କଲିକତା, ବୋମ୍ବାଇ ଏବଂ ମାନ୍ଦ୍ରାଜ ନଗର ସ୍ଥାପନ କଲେ, ତେତେବେଳେ ପ୍ରତ୍ୟେକ ନଗରରେ ତହିଁର ତତ୍ତ୍ୱାବଧାନ ନିମନ୍ତେ ସେମାନଙ୍କୁ ଗୋଟିଏ ଗବର୍ଣ୍ଣର ଓ ସଭା ନିଯୁକ୍ତ କରିବାକୁ ପଡ଼ିଲା । ଏମାନଙ୍କ ଦ୍ୱାରା ନଗରରେ ଶାସନ ଆଉ ବିଚାର କାର୍ଯ୍ୟ ଚଳୁଥିଲା । ସେମାନେ ପରସ୍ପର ସ୍ୱାଧୀନ ଥିଲେ । ମାତ୍ର ଯେତେବେଳେ ପଲାଶୀ ଓ ବକ୍ସରର ଯୁଦ୍ଧରେ କୃତକାର୍ଯ୍ୟ ହେବାରୁ କମ୍ପାନିର ରାଜ୍ୟ ଦୂରକୁ ବିସ୍ତୃତ ହୋଇଗଲା ତେତେବେଳେ ସେମାନେ ବଙ୍ଗରେ ସନ ୧୭୭୩ ଇସବୀରେ ୱାରେନ୍ ହେଷ୍ଟିଂସଙ୍କୁ ଗବର୍ଣ୍ଣର ଜେନେରଲ ପଦରେ ନିଯୁକ୍ତ କରି ପଠାଇଲେ ଓ ତାଙ୍କୁ ମାନ୍ଦ୍ରାଜ ଏବଂ ବୋମ୍ବାଇର ଗବର୍ଣ୍ଣରଙ୍କ ଉପରେ ଅଧିକାର ଦେଲେ । ଗବର୍ଣ୍ଣର ଜେନେରଲ ସାହେବଙ୍କୁ ମତ ଏବଂ ସାହାଯ୍ୟ ଦେବା ନିମନ୍ତେ କଲିକତାରେ ଗୋଟିଏ ସଭା ମଧ୍ୟ ଗଠିତ ହେଲା ।

ୱାରେନ୍ ହେଷ୍ଟିଂସ ଜଣେ ପ୍ରସିଦ୍ଧ ବ୍ୟକ୍ତି ଥିଲେ । ତାହାଙ୍କୁ ଭାରତବର୍ଷର ଅନେକ ବିଷୟ ଜଣାଥିଲା । ସେ ସନ ୧୭୫୦ ଇସବୀରେ ଇଷ୍ଟ ଇଣ୍ଡିଆ କମ୍ପାନିର କାର୍ଯ୍ୟରେ ପ୍ରବେଶ କଲେ । ସେ ପଲାଶୀ ଯୁଦ୍ଧରେ ଉପସ୍ଥିତ ଥିଲେ ଓ ବଙ୍ଗ ଓ ମାନ୍ଦ୍ରାଜ ଉଭୟ ସ୍ଥଳରେ କାର୍ଯ୍ୟ କରି ସାରିଥିଲେ । ଏହା ବ୍ୟତୀତ ଅଦାଲତ, ଲଗା ଯାଇଥିବା ଜମି ଓ ସରକାରୀ କର ଆଦାୟ ସମ୍ବନ୍ଧରେ ସେ ବଙ୍ଗ ପ୍ରଦେଶରେ ଯେଉଁ ୨ ଅତି ମହତ୍ତ୍ୱ ଓ ନୂତନ ବନ୍ଦୋବସ୍ତମାନ କରି ଯାଇଥିଲେ ସେ ସବୁ ନିମ୍ନରେ ଲେଖା ଯାଉଅଛି ।

(୧) ସୁପ୍ରିମ କୋର୍ଟ ଅର୍ଥାତ୍ ନ୍ୟାୟସଭା ଗଠିତ ହେଲା; ଏବଂ ଏହି ସଭାକୁ ପ୍ରଦେଶର ସମସ୍ତ ଅଦାଲତ ପରିଦର୍ଶନ କାର୍ଯ୍ୟରେ ଅଧିକାର ଦିଆଗଲା । ଏଥିର ଜଜ୍ ଅଥବା ନ୍ୟାୟାଧୀଶ ବିଲାୟତରୁ ନିଯୁକ୍ତ ହୋଇ ଆସୁଥିଲେ । ଏରୂପ ନ୍ୟାୟସଭା ସମ୍ପ୍ରତି ଭାରତବର୍ଷର ପ୍ରତ୍ୟେକ ପ୍ରଦେଶରେ ଅଛି । କେବଳ ନାମ ଭିନ୍ନ ୨ ଅଟେ ।

ତାହା କୌଣସିଠାରେ ହାଇ କୋର୍ଟ, କେଉଁଠାରେ ଚିଫ୍ କୋର୍ଟ ବା ଜୁଡିସିଆଲ କମିସନରଙ୍କ ଅଦାଲତ ନାମରେ କଥିତ ହୁଏ ।

(୨) ଭାରତବର୍ଷରେ ସମସ୍ତ ଭୂମିର ଅଧିକାରୀ ରାଜା ବିବେଚିତ ହୁଅନ୍ତି । ତାହାଙ୍କ ଅଧୀନସ୍ଥ ଗ୍ରାମମାନଙ୍କ ଉପରେ ଜମିଦାରମାନଙ୍କର ଏବଂ ପରିଶେଷରେ କ୍ଷେତ୍ରମାନଙ୍କ ଉପରେ ପ୍ରଜାମାନଙ୍କର ସତ୍ତ୍ୱ ଥାଏ । ମାତ୍ର ଏଥିର କୌଣସି ଲିଖିତ କାଗଜ ପତ୍ର ଥିଲା ନାହିଁ । ରାଜାଙ୍କ ପକ୍ଷରୁ ଜମିଦାରମାନଙ୍କ ଉପରେ ଓ ଜମିଦାରମାନଙ୍କ ପକ୍ଷରୁ ରୟତମାନଙ୍କ ଉପରେ ଘୋର ଅତ୍ୟାଚାର ହେଉଥିଲା । ଜଣେ ଅନ୍ୟର ଉପରେ ଇଚ୍ଛାନୁରୂପ କର ହ୍ରାସ, ବୃଦ୍ଧି କରି ପାରୁଥିଲେ । ହେଷ୍ଟିଂସ ଜମିଦାର-ମାନଙ୍କଠାରୁ ସରକାରୀ ଉଚିତ କର ଆଦାୟ କରିବା ନିମନ୍ତେ ବନ୍ଦୋବସ୍ତ କଲେ । ଏହା ହେବାରୁ ଜମିଦାରମାନେ ଆପଣାର ରୟତମାନଙ୍କ ଉପରେ ଅତ୍ୟାଚାର କରି ପାରିଲେ ନାହିଁ । ମାତ୍ର ସେହି ସମୟରେ ଇଂରେଜମାନେ ଭୂମି ସମ୍ବନ୍ଧୀୟ ବିଷୟମାନ ଅବଗତ ନ ଥିଲେ । ଏଥିପାଇଁ ବନ୍ଦୋବସ୍ତ ସନ୍ତୋଷଜନକ ନ ଥିଲା ।

(୩) ଉଆରେନ୍ ହେଷ୍ଟିଂସ ପ୍ରଥମରେ ମାଜିଷ୍ଟ୍ରେଟ ଓ କଲେକ୍ଟରମାନ ନିଯୁକ୍ତ କଲେ । ଏରୂପ କରିବାରେ ତାହାଙ୍କ ଅଭିଳାଷ ଏହା ଥିଲା କି ସରକାରର ଉଚିତ କର ଆଦାୟ ହେଉ; ଜମିଦାରମାନେ ରୟତମାନଙ୍କୁ ଉତ୍ପୀଡନ କରି ନ ପାରନ୍ତୁ; ଆଉ ସୁବିଚାର ମଧ୍ୟ ହେଉ । ଏହି

ପ୍ରଦେଶରେ ମାଜିଷ୍ଟ୍ରେଟ ଓ କଲେକ୍ଟରମାନେ ଡେପୁଟି କମିସ୍ନର ଅର୍ଥାତ୍ ଜଜ୍ ସାହେବ ବୋଲାଯାନ୍ତି ।

ୱାରେନ୍ ହେଷ୍ଟିଂସଙ୍କର ରାଜତ୍ୱରେ ତିନିଗୋଟି ବଡ ଯୁଦ୍ଧ ହୋଇଥିଲା ୧ମ ମରହଟ୍ଟାମାନଙ୍କର ସହିତ ; ୨ୟ ମୈସୁରର ହୈଦର ଅଲି ସହିତ ।

ତୃତୀୟ ପୁସ୍ତକରେ ଲିଖିତ ହୋଇଅଛି ଯେ ମର୍ହଟ୍ଟାମାନେ, ଏକଦଳ ଲୁଣ୍ଠନକାରୀ ଥିଲେ । ସେମାନେ ନିକଟବର୍ତ୍ତୀ ପ୍ରଦେଶ ଓ ରାଜାମାନଙ୍କଠାରୁ ଚୌଥ ଆଦାୟ କରୁଥିଲେ । ଶିବାଜୀ ସେମାନଙ୍କ ମଧ୍ୟରୁ ଅତ୍ୟନ୍ତ ପ୍ରସିଦ୍ଧ ଏବଂ ବଳବାନ ରାଜା ଥିଲେ । ତାଙ୍କ ମୃତ୍ୟୁ ପରଠାରୁ ତାଙ୍କ ଉତ୍ତରାଧିକାରୀ ରାଜାମାନେ ଦୁର୍ବଳ ହୋଇ ଗଲେ ଏବଂ ତହିଁ ନିମନ୍ତେ ତାହାଙ୍କ ମନ୍ତ୍ରୀ ପେଶବାମାନଙ୍କର ପରାକ୍ରମ ବୃଦ୍ଧି ହେଲା । କ୍ରମେ୨ ପେଶବାମାନଙ୍କର ପରାକ୍ରମ ମଧ୍ୟ ହ୍ରାସ ହେବାକୁ ଲାଗିଲା ଏବଂ ପରିଶେଷରେ ସେମାନେ ନାମ ମାତ୍ରଧାରୀ ମରହଟ୍ଟାମାନଙ୍କର ରାଜା ରହିଗଲେ ।

ମରହଟ୍ଟାମାନଙ୍କର ଚାରି ଗୋଟି ବଡ଼୨ ସରଦାର ଥିଲେ ଯଥା ସିନ୍ଧିଆ, ହୋଲକାର, ଗାୟକବାଡ଼ ଓ ଭୋଁସଲା । ସେମାନେ ପରସ୍ପରରେ ଏହି ବିଷୟ ଘେନି ବିବାଦରେ ପ୍ରବୃତ୍ତ ହେଲେ ଯେ ପେଶବା କିଏ ହେବ ? ଏବଂ ଏଥି ନିମନ୍ତେ ସେମାନେ ଇଂରେଜମାନଙ୍କ ସାହାଯ୍ୟ ଇଚ୍ଛା କଲେ ; ମାତ୍ର ପଶ୍ଚାତ୍ ସେ ସମସ୍ତେ ମିଳିତ ହୋଇ ଇଂରେଜମାନଙ୍କ ସହିତ ଯୁଦ୍ଧ କଲେ । ଏମାନଙ୍କୁ ସେମାନେ ପୁନା ସମୀପରେ ପରାଜିତ କଲେ କିନ୍ତୁ ୧୭୮୨ ଇସବୀରେ ୱାରେନ୍ ହେଷ୍ଟିଂସ ଏକ ଦଳ ସେନା ବୋମ୍ବାଇକୁ ପ୍ରେରଣ କଲେ । ସେମାନେ ଗୁଜରାଟର ଅନେକ ଅଂଶ ଜୟ କରି ନେଲେ ଆଉ ଏକ ସେନା ମଧ୍ୟ ହିନ୍ଦୁସ୍ଥାନକୁ ପ୍ରେରଣ କଲେ । ଏମାନେ ଗୁଆଲି-ଅରକୁ ପରାଜୟ କଲେ ।

ହୈଦର ଅଲି ମୈସୁରର ପୁରାତନ ହିନ୍ଦୁରାଜାଙ୍କୁ ସିଂହାସନ ଚ୍ୟୁତ କରି ସ୍ୱୟଂ ସେଠାରେ ନବାବ ହୋଇଥିଲେ ଏବଂ କ୍ରମରେ ଅତ୍ୟନ୍ତ ବଳବାନ୍

ହେଲେ । ସେ କର୍ଣ୍ଣାଟ ଆକ୍ରମଣ କରି ମାନ୍ଦ୍ରାଜ ନେବା ନିମନ୍ତେ ଇଚ୍ଛା କରିଥିଲେ ; କିନ୍ତୁ ଭୀତ ଇଂରାଜମାନେ କିଛି ମୁଦ୍ରା ପ୍ରଦାନ କରି ତାଙ୍କ ସହିତ ସନ୍ଧି କଲେ । ସନ ୧୭୮୨ ଇସବୀରେ ଯେତେବେଳେ ହୈଦର ଅଲି ପରଲୋକ ଯାତ୍ରା କଲେ ସେତେବେଳେ ତାଙ୍କ ପୁତ୍ର ଟିପୁ ସୁଲତାନ୍ ମଇସୁରର ନବାବ ହେଲେ ।

ବାର ବର୍ଷ ଏଠାରେ ଶାସନ କରି ସାରିଲା ଉତ୍ତାରୁ ସନ ୧୭୮୫ ଇସବୀରେ ୱାରେନ୍ ହେଷ୍ଟିଂସ୍ ଇଂଲଣ୍ଡକୁ ଫେରି ଗଲେ । କ୍ଲାଇବଙ୍କ ପରି ଏହାଙ୍କର ମଧ୍ୟ ଅନେକ ଗୁଡ଼ିଏ ଶତ୍ରୁ ହୋଇ ଯାଇଥିଲେ । ଏମାନେ ବିଲାତରେ ଏଥିନିମନ୍ତେ ମୋକଦ୍ଦମା ଉପସ୍ଥିତ କଲେ ; କିନ୍ତୁ ଅବଶେଷରେ ସେ ନିରପରାଧୀ ବିବେଚିତ ହେଲେ । ଭାରତବର୍ଷରେ ୱାରେନ୍ ହେଷ୍ଟିଂସ୍ କେତେକ ଅତ୍ୟାଚାର ଓ ଉତ୍ପୀଡ଼ନ ଅବଶ୍ୟ କରିଥିଲେ । ପ୍ରଦେଶକୁ ତାହାଙ୍କ ଶାସନଦ୍ୱାରା ଯେଉଁ ଲାଭ ହେଲା ଏବଂ ହୈଦର ଅଲି ଓ ମରହଟ୍ଟାମାନଙ୍କ ଉପରେ ସେ ଯେଉଁ ବିଜୟ ଲାଭ କଲେ ଏହି ସବୁ ମିଶ୍ରିତ କଲେ ତାହାଙ୍କ ରାଜ୍ୟ ଶାସନର ଦୋଷ ତୁଚ୍ଛ ଜଣା ପଡ଼ଇ । ୱାରେନ୍ ହେଷ୍ଟିଂସଙ୍କ ଉତ୍ତାରୁ ଲର୍ଡ କର୍ଣ୍ଣୱାଲିସ୍ ଗବର୍ଣ୍ଣର ଜେନରଲ ନିଯୁକ୍ତ ହୋଇ ଆସିଲେ । ସେହି ସମୟରେ ଇଂରେଜ ଓ ଟିପୁ ସୁଲତାନଙ୍କ ମଧ୍ୟରେ ଯୁଦ୍ଧ ହେଉଥିଲା । ସନ ୧୭୮୯ ଇସବୀରେ ଟିପୁ ସୁଲତାନ ଇଂରେଜମାନଙ୍କ ମିତ୍ର ତ୍ରିବାଙ୍କୋରର ରାଜାଙ୍କୁ ଆକ୍ରମଣ କଲେ, ଏଣୁକରି ଲର୍ଡ କର୍ଣ୍ଣୱାଲିସ୍ ହାଇଦରାବାଦର ନିଜାମ ଓ ପେଶବାଙ୍କ ସହିତ ମିଶ୍ରିତ ହୋଇ ମଇସୁର ଆକ୍ରମଣ କଲେ । ତହିଁରେ ଟିପୁ ପରାଜିତ ହେବାରୁ ତାଙ୍କୁ ଆପଣାର ଅର୍ଦ୍ଧ ରାଜ୍ୟ ଦେଇ ଇଂରେଜମାନଙ୍କ ସହିତ ସନ୍ଧି କରିବାକୁ ପଡ଼ିଲା । ଏଥିଉତ୍ତାରୁ ମରହଟ୍ଟା ଓ ନିଜାମଙ୍କ ମଧ୍ୟରେ ଦ୍ୱେଷ ବୃଦ୍ଧି ହେବାରୁ କରଦଲାର କ୍ଷେତ୍ରରେ ମରହଟ୍ଟାମାନେ ତାହାଙ୍କୁ ପୂର୍ଣ୍ଣରୂପେ ପରାଜୟ କଲେ । ବର୍ତ୍ତମାନ ଏମାନେ ଇଂରେଜମାନଙ୍କ ହେତୁରୁ ବଳବାନ୍ ଶତ୍ରୁ ରହିଗଲେ ।

ସର୍ବାପେକ୍ଷା ପ୍ରସିଦ୍ଧ ବିଷୟ ଏହି ଯେ ଲର୍ଡ କର୍ଣ୍ଣୱାଲିସଙ୍କ ସମୟରେ ବଙ୍ଗପ୍ରଦେଶରେ ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିଲା । ତଦନୁସାରେ ସେଠାର ଭୂମିର କର ସର୍ବଦା ନିମନ୍ତେ ଧାର୍ଯ୍ୟ ହୋଇଅଛି । ଏହି ବନ୍ଦୋବସ୍ତ ୱାରେନ୍ ହେଷ୍ଟିଂସଙ୍କର ବନ୍ଦୋବସ୍ତରୁ ମଧ୍ୟ ମନ୍ଦତର ହେଲା । କାରଣ ଏତଦ୍ଦ୍ୱାରା ସରକାରର କୋଟି୨ ଟଙ୍କା କ୍ଷତି ଓ ବଙ୍ଗର ଜମିଦାରମାନଙ୍କର ତଦନୁରୂପ ଲାଭ ହେଲା ।

ବଙ୍ଗର ଜମିଦାରମାନଙ୍କ ଉପରେ ଯେଉଁ କର ନିର୍ଦ୍ଦିଷ୍ଟ ଅଛି ତାହା ଭାରତବର୍ଷର ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ନିତାନ୍ତ ନ୍ୟୂନ ଅଟେ । ଏଥି ନିମନ୍ତେ ସେଠାର ଜମିଦାରମାନେ ଅତ୍ୟନ୍ତ ଧନାଢ୍ୟ ହେଉଅଛନ୍ତି ମାତ୍ର ସେମାନଙ୍କର ରୟତମାନଙ୍କର କିଛି ଲାଭ ନାହିଁ ।

---

## ପାଠ ୪୦ ।

### ସ୍ୱାସ୍ଥ୍ୟରକ୍ଷା, ୧୨ଶ ଭାଗ ।

#### ରୋଗ ।

କୌଣସି୨ ଲୋକ କହନ୍ତି ଯେ ରୋଗ କର୍ମ ଦୁର୍ଘଟନା ଯୋଗୁଁ ହେଲା; ଏଥିରେ ଆମ୍ଭର କିଛି ଆୟତ୍ତ ନାହିଁ । ଏହା ସେମାନଙ୍କର ଭ୍ରମ ଅଟେ । ରୋଗ ଉତ୍ପନ୍ନ ହେବାର କାରଣ ଅବଶ୍ୟ ଥିବ; କାରଣ କୌଣସି କର୍ମ ବିନା କାରଣରୁ ହୋଇ ନ ପାରେ । ବିଶେଷତଃ ମଇଳା ଯୋଗୁଁ ଓ ଅପଥ୍ୟ ଭୋଜନରୁ ମନୁଷ୍ୟଙ୍କୁ ପୀଡ଼ା ହୋଇଥାଏ ।

ପୀଡ଼ିତ ହେଲେ ମନୁଷ୍ୟ ଦୁର୍ବଳ ହୋଇ ନିଜର ଓ କୁଟୁମ୍ବର

ପ୍ରତିପୋଷଣ କରିବାରେ ଅପାରଗ ହୋଇ ଉଠେ । ଗୃହର ଲୋକଙ୍କୁ ଏକ ବୋଝ ମାତ୍ର ବସିଲେ ପରି ବୋଧ ହୁଏ । ମନୁଷ୍ୟ ଭଲଥିଲେ ନିଜେ ଅପଣା କାର୍ଯ୍ୟ କରି ଅନ୍ୟର ମଧ୍ୟ ସହାୟତା କରିପାରେ । ଯେବେ ଧନାଢ୍ୟ ଲୋକ ମଧ୍ୟ ପୀଡ଼ିତ ହେଲେ ଦୁଃଖିତ ଥାନ୍ତି ; ତେବେ ଦୁଃଖିଲୋକ ପୀଡ଼ିତ ହେଲେ କେତେ ଦୂର ଏବା ଦୁଃଖିତ ନ ହେବ ? ଘରବର ଖାଇବାକୁ ନିଅଣ୍ଟ ସେ କିପରି ଔଷଧ କ୍ରୟ କରି ବୈଦ୍ୟକୁ ଟଙ୍କା ଦେଇ ପାରିବ ? ଏପରି ଅବସ୍ଥାରେ ଗରିବ ଲୋକଙ୍କୁ ଋଣ କରିବାକୁ ପଡ଼େ ଏବଂ ଏଥିରେ ତାହାକୁ ଆଉ ତାହାର କୁଟୁମ୍ବ ଲୋକଙ୍କୁ ବିଶେଷ ଦୁଃଖ ଭୋଗିବାକୁ ହୁଏ ।

ରୋଗୀ ଉତ୍ତମରୂପେ ସୁପକ୍ୱ ପଦାର୍ଥ ଭୋଜନ କଲେ ଆଉ ନିୟମିତରୂପେ ବିଶ୍ରାମ କଲେ ପୀଡ଼ା ବିଶେଷତଃ ଦୂରୀଭୂତ ହୁଏ । ଯେବେ କୌଣସି ଲୋକ ପୀଡ଼ିତ ହେବ, ତେବେ ତାହାକୁ କର୍ତ୍ତବ୍ୟ କର୍ମ ପରିତ୍ୟାଗ ପୂର୍ବକ ବିଶ୍ରାମ କରିବାକୁ ହେବ ଓ ଏପରି ବସ୍ତ୍ର ଦ୍ୱାରା ଶରୀରକୁ ଆବୃତ ରଖିବାକୁ ହେବ ଯେପରି ଶରୀର ନିରନ୍ତର ଗରମ ରହିବ ଆଉ ଆରାମ ବୋଧ ହେବ । ମାଂସ ପ୍ରଭୃତି ଯେଉଁ ଆହାର କଷ୍ଟେ ଯାଏ ତାହା ନ କରି ଲଘୁପାକ ପଦାର୍ଥ ଭୋଜନ କଲେ ପୀଡ଼ା ଶମିଯାଏ ।

ଦେଶରେ ପୀଡ଼ା ଆସିବାକାଳେ ଲୋକମାନଙ୍କର ଉଚିତ ଯେ ଜଳ ଓ ବାୟୁ ପରିଷ୍କାର ପକ୍ଷରେ ବିଶେଷ ଦୃଷ୍ଟି ଦେବେ । ଯେଉଁ ପଚା, ସଢ଼ା, ପଦାର୍ଥରୁ ଦୁର୍ଗନ୍ଧ ବାୟୁ ନିର୍ଗତ ହେଉଥାଏ ସେପରି ପଦାର୍ଥ ଗ୍ରାମରେ ନ ରଖି ଶୀଘ୍ର ଅପସାରିତ କରି ଦେଉଥିବେ, ଅଥବା ଶୁଖିଲା ମାଟିରେ ପୋତି ପକାଉଥିବେ । ପୀଡ଼ା ହେବା କାଳେ ନିର୍ମଳ ବାୟୁ ସେବନ କରିବା ନିତାନ୍ତ ଆବଶ୍ୟକ । ପୀଡ଼ିତ ଲୋକମାନଙ୍କର ଦେହରୁ ଅନେକ ଅନିଷ୍ଟକର ମଇଳା ପଦାର୍ଥ ବାହାରି ଆସେ ; ତାହା ବହୁଧା ଦୁର୍ଗନ୍ଧବିଶିଷ୍ଟ ଥାଏ । କୌଣସି୨ ସମୟରେ ରୋଗୀ ଗୋଟିଏ କ୍ଷୁଦ୍ର କୋଠରୀରେ ପଡ଼ିଥାଏ ଆଉ ଅନେକ ଲୋକ ତାହାକୁ ଦେଖିବା ପାଇଁ ସେହି କୋଠରୀ

ଭିତରକୁ ଯାଇ କୋଠରୀର ବାୟୁକୁ ଘଣ୍ଟାସରେ ଅଧିକ ଦୂଷିତ କରି ଦିଅନ୍ତି ।

ରୋଗୀ ପକ୍ଷରେ, ଆଉ ଯେଉଁମାନେ ସେହି କୋଠରୀରେ ଥାନ୍ତି ସେମାନଙ୍କର ପକ୍ଷରେ ସେହି ଦୂଷିତ ବାୟୁ କ୍ଷତିକାରକ । ରୋଗୀ ବିଶେଷରୂପେ ପୀଡ଼ିତ ହୋଇ ନ ଥିଲେ, ଅଳ୍ପ ଗରମ ଜଳରେ ଖଣ୍ଡେ ଲୁଗା ବୁଡ଼ାଇ ସେଥିରେ ତାହାର ଦେହକୁ ଥରକୁଥର ଧୀରେ ଧୀରେ ପୋଛି ଦେଉଥିବ । ପାନୀୟ ଜଳ ମଧ୍ୟ ଉତ୍ତମରୂପେ ପରିଷ୍କାର ଥିବା ଆବଶ୍ୟକ । ଯେଉଁ ପୁଷ୍କରିଣୀ ବା କୂପରେ କୁଟା, କାଠି ଓ ପତ୍ରାଦି ପଡ଼ିଥାଏ ବା ବସ୍ତ୍ରାଦି ଧୌତ କରାଯାଏ ଅଥବା ଯେଉଁ ପୁଷ୍କରିଣୀ ନିକଟରେ ରୋଗୀ ଥାଏ, ସେଥିର ଜଳ ପାନ-କାର୍ଯ୍ୟରେ ବ୍ୟବହାର କରିବା ଅନୁଚିତ ।

ବଣ୍ଟୁ ଦଦ୍ରୁ ଓ ବିସର୍ପାଦି ରୋଗ ନିବାରଣ କରିବା ନିମନ୍ତେ ସ୍ନାନ ଆବଶ୍ୟକ । ଶରୀରରେ କ୍ଷୁଦ୍ର କ୍ଷୁଦ୍ର ଅସଂଖ୍ୟ ଛିଦ୍ର ଅଛି । ସେ ସବୁ ସ୍ୱେଦ ନିର୍ଗତ ହେବାର ଦ୍ୱାର ଅଟେ । ସ୍ନାନ କରିବାକାଳେ ଉକ୍ତ ଛିଦ୍ରର ମୁଖ ଖୋଲା ହୋଇ ଶରୀରର ମଇଳା ଅଂଶ ଝାଳ ସହିତରେ ସେହି ଛିଦ୍ର ଦ୍ୱାରା ବହିର୍ଗତ ହୁଏ । ମଇଳା ପଦାର୍ଥ ଦ୍ୱାରା ଛିଦ୍ରସମୂହର ମୁଖ ବନ୍ଦ ହୋଇ ଯାଏ । ଏଣୁ ମଇଳା ପଦାର୍ଥ ଭିତରୁ ବହିର୍ଗତ ହୋଇ ପାରେ ନାହିଁ । ଶରୀର ପରି ପିନ୍ଧିବା ଉଡ଼ିବା କପଡ଼ାକୁ ମଧ୍ୟ ପରିଷ୍କାର ରଖିବା ବିହିତ । କାରଣ ଶରୀରରୁ ବାହାରି ଥିବା ଅନିଷ୍ଟକର ପଦାର୍ଥ ବସ୍ତ୍ରରେ ଲାଗିଥାଏ ଆଉ ପୁନଶ୍ଚ ଶରୀରରେ ଘର୍ଷଣ ହୋଇ ବିବିଧ ବିକାରଜାତ କରେ । ସର୍ବଦା ପରିଷ୍କାର ବସ୍ତ୍ର ପରିଧାନ ଓ ଲଘୁପାକ ପଦାର୍ଥ ଭୋଜନ କରିବା ଉଚିତ । ରୋଗୀ ମନୁଷ୍ୟ ନିକଟରେ ଜ୍ଞାତି, ଭାଇ, ଭୃତ୍ୟ ଆଦି ଯେତେ ଆବଶ୍ୟକ ତହିଁରୁ ଅଧିକ ରଖିବ ନାହିଁ । କୌଣସି କୌଣସି ମନୁଷ୍ୟ ଉତ୍ତମ ଅବସ୍ଥାରେ ଥିବାକାଳେ ରୋଗ ଭବିଷ୍ୟତକୁ ଆସିବ ନାହିଁ ବୋଲି କୁପଥ୍ୟ ଖାଇ ଯାଉଛନ୍ତି ଏହା ଅନୁଚିତ ଓ ହାନିକାରକ ଅଟେ । କାରଣ


ଏହା ଶରୀରକୁ ଦୁର୍ବଳ କରି ପକାଏ । ଏଥିର ଯେ ଉତ୍ତମ ଔଷଧ ବର୍ତ୍ତମାନ ଜଣା ପଡ଼ିଅଛି ତାହା କୁଇନାଇନ ଅଟେ । ଏହା ଏକ ବୃକ୍ଷ ବକଳରୁ ପ୍ରସ୍ତୁତ । ଗରିବ ଲୋକଙ୍କ ସୁବିଧା ପାଇଁ ଏକ୨ ପଇସାର ପୁଡ଼ିଆ ପ୍ରସ୍ତୁତ ହୋଇ ଅନେକ ଡାକଘରେ ବିକ୍ରୟ ହେଉଅଛି । ଏଥିରେ ବିଶେଷ ଲୋକ ଶୀଘ୍ର ଆରାମ ହେଉଅଛନ୍ତି ।

ଆମ୍ବ ଅଉ ଝାଡ଼ା ରୋଗମଧ୍ୟ ଲୋକଙ୍କୁ ନିତାନ୍ତ ଦୁର୍ବଳ କରିଦଏ । ଏହି ରୋଗ ବଢିଗଲେ ଗ୍ରହଣୀ ଅଉ ଅତିସାର ହୋଇଯାଏ; ଏ ସବୁ ଅସାଧ୍ୟ ରୋଗ ଅଟେ; କାରଣ ଏ ରୋଗମାନଙ୍କରୁ ବଞ୍ଚିବା ସୁକଠିଣ । ଯେଉଁ୨ ଉପାୟରେ ଲୋକେ ଜ୍ବରରୁ ନିସ୍ତାର ପାଉଅଛନ୍ତି ସେହି ଉପାୟରେ ଏହି ରୋଗମାନଙ୍କରୁ ମଧ୍ୟ ବଞ୍ଚି ପାରନ୍ତି । ଭୋଜନ ବିଷୟରେ ସାବଧାନ ଥିବ; ଅଉ କଞ୍ଚା ଓ ସଢ଼ା ଫଳ ବା ଗୁରୁପାକ ପଦାର୍ଥ କଦାଚ ଭୋଜନ କରିବ ନାହିଁ । ସର୍ବଦା ଶରୀରକୁ ଗରମ ରଖିଥିବ ଅଉ ପେଟରେ ଅନ୍ତ୍ରରେ ବାୟୁ ଯେପରି ଲାଗି ନ ପାରିବ ତଦ୍ବିଷୟରେ ସାବଧାନ ଥିବ ।

# ପାଠ ୪୯ ।

## କୃଷିବିଦ୍ୟା ୨ୟ ଭାଗ ।

### କୃଷକର ଅସ୍ତ୍ରଶସ୍ତ୍ର ।



ଲଙ୍ଗଳ ଚିତ୍ର ।


ଯନ୍ତ୍ର ମନୁଷ୍ୟ ଅଥବା ପଶୁମାନଙ୍କ ସ୍ଥଳରେ କାର୍ଯ୍ୟଦାୟକ ହୁଏ; ଏତଦ୍ଦ୍ୱାରା ଅଳ୍ପ ମନୁଷ୍ୟ ବିଶେଷ ମନୁଷ୍ୟର କାର୍ଯ୍ୟ ସମ୍ପାଦନ କରି ପାରନ୍ତି । ଏହେତୁରୁ ଯନ୍ତ୍ର ଅଧିକ ପରିଶ୍ରମରୁ ବଞ୍ଚାଇ ଦିଏ । ବଞ୍ଚିତ ପରିଶ୍ରମରେ ଭୃତି ଯେତକ ହୁଇଲ ତେତକ ଅଳ୍ପ ଲଭ ହେବ । ଭାରତବର୍ଷରେ ଜଣେ ବ୍ୟକ୍ତିର ଦୈନିକ ଭୃତି ଟ ୦ ୵ ଓ ଆମେରିକାରେ ଟ ୧୨ ଙ୍କା ଅଟେ । ଏଥିରୁ ବୋଧ ହୁଏ, ଆମେରିକାରେ ଯନ୍ତ୍ରର ବ୍ୟବହାର ଅଧିକ ଏବଂ ଭାରତବର୍ଷରେ ଅଳ୍ପ ଅଟେ । ତଥାପି ଏସ୍ଥାନରେ ଯେଉଁ୨ କଳ କାର୍ଯ୍ୟରେ ଆସି ପାରେ, ତାହା ନିମ୍ନରେ ଲେଖା ଯାଉଅଛି ।

## ୧ । ଭୂମି ଚଷିବା ହଳ ।


'ଦେଶୀ ହଳ ଭୂମିରେ ଅଧିକ ପରିମାଣରେ କର୍ଷଣ କରିପାରେ ନାହିଁ; ତହିଁରେ ମୃତ୍ତିକା ପରିବର୍ତ୍ତିତ ହୁଏ ନାହିଁ । ଏହା ଦ୍ୱାରା ମୃତ୍ତିକା କେବଳ ଫାଟି ଯାଏ, କିନ୍ତୁ ଚୂର୍ଣ୍ଣ ହୁଏ ନାହିଁ । ଏଥିରେ ବଳଦକୁ ଅଧିକ ପରିଶ୍ରମ ପଡେ; କିନ୍ତୁ ଇଉରୋପର ଲଙ୍ଗଳ ଗଭୀରକୁ ଯାଇ ଉତ୍ତାସ ଭାବରେ ଟାଣେ, ତହିଁରେ ମୃତ୍ତିକା ପରିବର୍ତ୍ତିତ ହୋଇ ଧୂଳି ପରି ହୋଇଯାଏ । ସେହି ଲଙ୍ଗଳରେ ଉପର ପରିବର୍ତ୍ତରେ ଲୌହ ନିର୍ମିତ ରକ୍ତୁ ଲାଗିଥାଏ

ଏବଂ ସେହି ଲଙ୍ଗଳ ଲୌହରେ ନିର୍ମିତ ଥାଏ। ଉକ୍ତ ଲଙ୍ଗଳର ମୂଲ୍ୟ ଟ ୬୦ ଙ୍କା।

ବର୍ତ୍ତମାନ ହିନ୍ଦୁସ୍ଥାନୀ ହଳ।



ପ୍ରାଚୀନ ବଙ୍ଗୀୟ ହଳ।



## ୨ । ଜଳ ଉଠାଇବା ବମ୍ବା

ଯେଉଁ ସ୍ଥାନରେ ପାଣି ବଲାଇବା ଆବଶ୍ୟକ, ସେହି ସ୍ଥାନରେ ଜଳ ଉଠାଇବା ଯନ୍ତ୍ର କାର୍ଯ୍ୟକାରୀ ହୁଏ । ଦୁଇ ଜଣ ଲୋକ ଫୁ° ୧୦ ଟି ଗଭୀର କୂପର ଜଳ ଢେଣ୍ଡାରେ ଉଠାଇ ପାରନ୍ତି ; ମାଏ ଜଣେ ଲୋକ ଓ ଏକ ହଳ ବଳଦ ଫୁ° ୨୦ ଟିରୁ ଅଧିକ ଗଭୀର କୂପରୁ ମୋଟ ଚଳାନ୍ତି ; ଆଉ ତଦପେକ୍ଷା ଅଳ୍ପ ଗଭୀର ସ୍ଥଳରେ ରହଁଟ ଓ ଦୋହରା ଚରଷା ଲଗାନ୍ତି ରହଁଟର ପାଏ କୂପର ଜଳ ଉପରକୁ ଉଠାଏ; ଦୋହରା ଚରଷାର ଖାଲି ମୋଟ କୂପ ଭିତରକୁ ଯାଏ ଓ ଜଳପୂର୍ଣ୍ଣ ମୋଟ ଉପରକୁ ଉଠେ । କିନ୍ତୁ କାନପୁରୀ ବମ୍ବା ଫୁ° ୧୨ ଟିରୁ ଫୁ° ୨୦ ଟି ପର୍ଯ୍ୟନ୍ତ ଗଭୀର କୂପରେ ବିଶେଷ କାର୍ଯ୍ୟକାରୀ ହେଉଅଛି । ଏଥିରେ ଲୁହାର ଏକ ନଳ ଥାଏ, ଯାହାର ଏକ ଟିପି ଜଳରେ ଓ ଅନ୍ୟ ଟିପି ଜମିର ଉପର ପର୍ଯ୍ୟନ୍ତ ରହୁଥାଏ । ଏତଦ୍ଭିନ୍ନ ପାଞ୍ଚ୨ ଫୁଟ ଅନ୍ତରରେ ଏକ୨ ଇଟୁ ଲାଗିଥିବା ଶୃଙ୍ଖଳାମାଳ ଥାଏ । ଜଳର ଭିତର ଓ ଚକର ଉପର ଭାଗରେ ରହୁଥିବାରୁ ଚକ ଘୂରାଇଲେ ଇଟୁ ନଳ ଭିତରରୁ କିଛି ଜଳ ଉପରକୁ ଆସେ । ପ୍ରତ୍ୟହ ତହିଁରେ ୪ ଜଣ ନୌକର ଲଗାଇବା ଆବଶ୍ୟକ । ଦୁଇଜଣ ଲେଖାଏଁ ପାଳି କରି ଚକ ଘୂରାଉ ଥାନ୍ତି । ଢେଣ୍ଡା ଆଉ ମୋଟର ଅପେକ୍ଷା ବମ୍ବା ଦ୍ୱାରା ଜଳ ଉଠାଇବା ସୁଲଭ ମୂଲ୍ୟରେ ଶୀଘ୍ର ସମ୍ପନ୍ନ ହୁଏ; ଏହାର ମୂଲ୍ୟ ଟ ୬୦ ଙ୍କା ।

## ୩ ଶସ୍ୟ ଉଡ଼ାଇବା ପଙ୍ଖାଯନ୍ତ୍ର ।


ଏ ପ୍ରଦେଶରେ ମଡ଼ା ଯାଉଥିବା ଶସ୍ୟ ବାୟୁ ସମ୍ମୁଖରେ ଉଡ଼ାଇ ପୃଥକ୍ କରା ଯାଉଅଛି । ପ୍ରବଳ ବାୟୁରେ ଧାନ୍ୟ ଉଡ଼ାଯାଇ ନ ପାରେ, ମଧ୍ୟ ବାୟୁର ଗତି ବନ୍ଦ ହୋଇଗଲେ ବହୁଦିନର ପବନରେ ଉଡ଼ାଇବାକୁ

ପଡ଼େ; କିନ୍ତୁ ଏଥିରେ ବହୁତ ପରିଶ୍ରମ ଓ ଖର୍ଚ୍ଚ ପଡୁଅଛି । ଇଦୃଶାବସ୍ଥାରେ କୃଷକଙ୍କୁ ପଙ୍ଖାଯନ୍ତ୍ର ବ୍ୟବହାର କରିବା ବିଧେୟ । ଏଥିରେ ଦୁଇ ତିନ ଚାଲୁଣୀ ବାମ ଦକ୍ଷିଣରେ ହଲଇ । ମଡ଼ା ଯାଇଥିବା ଶସ୍ୟ ଉପର ଚାଲୁଣୀରେ ପଡ଼ି ତାହାର ଛିଦ୍ର ବାଟରେ ବହିର୍ଗତ ହୁଏ । ପୋଲ ସବୁ ଅଗରେ ଉଡ଼ିଯାଏ, ଶସ୍ୟ ନିମ୍ନସ୍ଥ ଚାଲୁଣୀରେ ପଡ଼ଇ । ତହିଁରୁ କ୍ଷୁଦ୍ର ବୀଜ ସବୁ ଛିଦ୍ର ବାଟେ ନିମ୍ନକୁ ଖସି ଯାଏ ଓ ବଡ଼ ବୀଜ ସବୁ ତହିଁରେ ରହିଯାଏ । ନାଗପୁରରେ ଏହି ପଙ୍ଖା ଟ ୭୫ ଙ୍କାରେ ମିଳୁଅଛି । ଏହା ଦ୍ୱାରା ଜଣେ ବାଳକ ଓ ଦୁଇ ଜଣ ମନୁଷ୍ୟ ଦିନକରେ ୨୪ ମହଣ ଗହମ ଉଡାଇ ପାରନ୍ତି ।

## ୪ କୁଶାର ପେଡ଼ିବା ଘଣା ।

ଘଣା ଏବଂ ଖୁଣ୍ଟଘଣାରେ କୁଶାର ପେଡ଼ାଯାଏ; କିନ୍ତୁ ଖୁଣ୍ଟଘଣାରେ ଅଘାତ ହେବାର ଭୟ ଥାଏ । କୁଶାର ଖଣ୍ଡ ୨ କରିବାରେ ବହୁତ ପରିଶ୍ରମ ପଡ଼ଇ ଓ ତାହାର ରସ ମଧ୍ୟ ମଳିନ ହୁଏ; ମାତ୍ର ଘଣାରେ ଏହି ଦୋଷ ଥାଏ ନାହିଁ । ଏଥିରେ ତିନ ଗୋଟି ମୁଷଳ ଥାଏ, ତହିଁରେ କୁଶାର ପଗ ଲଗାଯାଏ । ଖୁଣ୍ଟଘଣା ଅପେକ୍ଷା ଘଣାରେ ଅଧିକ ପରିଶ୍ରମ ପଡୁଥିଲେହେଁ ଏହାର ରସର ଚିନି ପରିଷ୍କାର ଓ ଦାନାଯୁକ୍ତ ହୁଅଇ । ଖୁଣ୍ଟଘଣାରେ ଦୁଇ ବଳଦ ଆଉ ତିନ ମନୁଷ୍ୟ, ଏବଂ ଘଣାରେ ଏହା ଅପେକ୍ଷା ଅଧିକ ଲାଗେ । ଏହି ଯନ୍ତ୍ର ଅପେକ୍ଷା ଲୁହାର ଚର୍ଖି ଅର୍ଥାତ୍ ଇଂରାଜୀ ଘଣା ସର୍ବୋତ୍କୃଷ୍ଟ ଅଟେ । ଏଥିରେ ଏକ ବଳଦ ଓ ଦୁଇ ମନୁଷ୍ୟ ଲାଗନ୍ତି ଏବଂ ପରିଶ୍ରମ ଢେର୍ଣା ପଡ଼େ । ଲୁହାର ଦୁଇ ବେଲନାର ମଧ୍ୟରେ ଏକା ଥରକେ ତିନ ଖେଣ୍ଡା କୁଶାର ଲଗା ଯାଏ । ଏହି ଘଣାର ମୂଲ୍ୟ ଟ ୮୫ ଙ୍କାରୁ ଟ ୧୦୦ ଙ୍କା ପର୍ଯ୍ୟନ୍ତ । ବେହାର ଓ ପଶ୍ଚିମୋତ୍ତର

ପ୍ରଦେଶରେ ଏବଂ ମଧ୍ୟ ପ୍ରଦେଶର ବୈତୁଲ ଜିଲ୍ଲାରେ ଏହି ଯନ୍ତ୍ର ବହୁତ ବ୍ୟବହୃତ ହେଉଅଛି ।



ଆଖୁର ରସ ବାହାର କରିବାର କଲ ।

## ପାଠ ୪୨ ।

## ଉପଦେଶ ।

ସୁକୁମାରମତି ବାଳକେ ଘେନ ମୋର ବଚନ;
ପ୍ରତ୍ୟୁଷରୁ ଉଠି ପ୍ରତ୍ୟହ କର ବିଭୁ ସ୍ମରଣ । ୧ ।
ପ୍ରତିକ୍ଷଣ ପ୍ରତି କାର୍ଯ୍ୟରେ କର ଈଶ୍ୱର ଧ୍ୟାନ;
ସୁଖ ହେବ ତହୁଁ ଅପାର, ଜାତ ହେବ ସଦ୍‌ଜ୍ଞାନ । ୨ ।
ଶତ୍ରୁ ହେଉ ପଛେ ତାହାକୁ କେବେ କଟୁ ବଚନ;
କହିବ ନାହିଁଟି; ସେ ଅଟେ ମୂଢ଼ ଜନ ଲକ୍ଷଣ । ୩ ।
କହିଣ ସର୍ବଦା ଅମୃତମୟୀ ମଧୁର ବାଣୀ;
ତୋଷିବ ପ୍ରାଣୀଙ୍କି ଜାଣ ଏ ଶାସ୍ତ୍ର ଏହା ବଖାଣି । ୪ ।
ବିଦ୍ୟାଭ୍ୟାସେ ଧୀର ବାଳକେ ଅବହେଳା ନ କର;
ବିଦ୍ୟାହୀନ ହେଲେ ତାହାର ଭବେ ନାହିଁ ଆଦର । ୫ ।
ନ କରିବ ଲୋଭ ବଶରେ ପରଦ୍ରବ୍ୟ ହରଣ;
କଲେଟି ଅର୍ଜିବ ପାପକୁ ତହୁଁ ବହୁ କଷଣ । ୬ ।
ପ୍ରେମଭରେ ସର୍ବଜନଙ୍କୁ ଭାଷି ନମ୍ର ଭାରତୀ;
ବିଭୁଙ୍କ ଉଦ୍ଦେଶ୍ୟ ପାଳନ କର ଶିଶୁ ସୁମତି । ୭ ।
ସର୍ବକାର୍ଯ୍ୟେ ସଦାଚରଣ କରି ବାଳକଗଣ;
ହୁଅ ସଦା ପିତାମାତାଙ୍କ ଆନନ୍ଦର କାରଣ । ୮ ।
ଖଳ ଦୁର୍ବିନୀତ ହୋଇଲେ କ୍ରୋଧେ ତୁମ୍ଭର ପ୍ରତି;
ଜନକ ଜନନୀ ଉଭୟେ ଦେଖାଇବେ ବିରକ୍ତି । ୯ ।
ଦ୍ୱେଷ ପରବଶ ହୋଇଣ ଯେହୁ ପରର ହିତେ;
ହୁଅଇ କାତର ନ ଲଭେ କେବେ ଶାନ୍ତି ତା ଚିତ୍ତେ । ୧୦ ।

ବନ୍ଧୁ ଇଷ୍ଟଙ୍କର ପ୍ରସ୍ତାବ ଚିତ୍ତେ ସ୍ମର ସତତ;
କୌଣସି କାଳରେ ନ ହେବ ପାପ କାର୍ଯ୍ୟରେ ରତ । ୧୧ ।
ସଜ୍ଜନେ ବିଜନେ ଦବସେ ଜବା ରଜନୀ ଗତେ;
ବନ୍ଧୁ ଆମ୍ଭ କାର୍ଯ୍ୟକଲାପ ଦେଖୁଛନ୍ତି ସତତେ । ୧୨ ।
ଦୁର୍ଜନ କୁବାଣୀ ଶ୍ରବଣେ ଖେଦ ନ ଭର ମନେ;
ଦୁର୍ଜନ ପାଶରୁ ଅନ୍ତର ହୋଇଯିବ ବହନେ । ୧୩ ।

---

## ପାଠ ୪୩ ।

## ସ୍ଥିର କୀର୍ତ୍ତିର ଦ୍ୱାର ।

ପୃଥିବୀରେ ଏପରି କୌଣସି ବ୍ୟକ୍ତି ନାହିଁ ଯେ ଆପଣା ଯଶଃ ବାଞ୍ଛା କରେ ନାହିଁ । ମାତ୍ର ଯେଉଁ ପଥ ଅବଲମ୍ବନ କଲେ ମନୁଷ୍ୟର ସ୍ମୃତି ଓ କୀର୍ତ୍ତି ସଦା ରହିବ, ସେହି ପଥର ଆଶ୍ରିତ କେବଳ ଅଳ୍ପସଂଖ୍ୟକ ଲୋକ ଦେଖା ପଡ଼ନ୍ତି ।

ଶାସ୍ତ୍ରରେ ଲେଖାଅଛି ଯେ ଯେପର୍ଯ୍ୟନ୍ତ ମନୁଷ୍ୟର କୀର୍ତ୍ତି ଏ ଜଗତରେ ବିଦ୍ୟମାନ ଥାଏ, ତେତେଦିନ ପର୍ଯ୍ୟନ୍ତ ସେହି ମନୁଷ୍ୟର ବାସସ୍ଥାନ ସ୍ୱର୍ଗ ହୋଇ ଥାଏ । ପୁରାଣରେ ଗୋଟିଏ କଥାର ଉଲ୍ଲେଖ ଅଛି; ଦିନେ ଇନ୍ଦ୍ର ଯଯାତି ରାଜାଙ୍କୁ ସ୍ୱର୍ଗରୁ ବହିଷ୍କୃତ କରିବାକୁ ଲାଗିଲେ । ସେ ଇନ୍ଦ୍ରଙ୍କୁ ପ୍ରଶ୍ନ କଲେ, "କେଉଁ କାରଣରୁ ମୋତେ ଦୂର କରୁଅଛ?" ଇନ୍ଦ୍ର ଉତ୍ତର କଲେ କି "ଆଉ ତୁମ୍ଭର ଯଶଃ ପୃଥିବୀରେ ବାକି ନାହିଁ," ଏଣୁ ତୁମ୍ଭଙ୍କୁ ଏଠାରୁ ଦୂର କରୁଅଛୁଁ । ଏହା ଶ୍ରବଣ କରି ରାଜା କହିଲେ, "ଆପଣ

ଅମୁକ ପୁଷ୍କରଣୀର କଚ୍ଛପମାନଙ୍କୁ ମୋର ବୃତ୍ତାନ୍ତ ପ୍ରଶ୍ନ କରନ୍ତୁ । ପ୍ରଶ୍ନ କଲାରୁ ଆପଣଙ୍କୁ ଯାହା ଉଚିତ ବୋଧ ହେବ, ତାହା କରିବେ ।" କଚ୍ଛପମାନେ ରାଜା ଯଯାତିଙ୍କ ନାମ ଶ୍ରବଣ ମାତ୍ରକେ ତାଙ୍କର ସ୍ତୁତିବାଦ କରିବାକୁ ଲାଗିଲେ । ଏହେତୁରୁ ରାଜାଙ୍କୁ ପୁନର୍ବାର ସ୍ୱର୍ଗପ୍ରାପ୍ତି ହେଲା ଓ ସେ ସେଠାରେ ଚିରକାଳ ରହିବା ପାଇଁ ଆଦିଷ୍ଟ ହେଲେ । ପଶୁମାନଙ୍କ ପ୍ରତି ଉପକାର କଲେ ସୁଦ୍ଧା ଉତ୍ତମ ଫଳ ମିଳେ, ସନ୍ଦେହ ନାହିଁ ।

ଯେଉଁମାନେ ଆପଣା କୀର୍ତ୍ତି ରଖି ଯିବାକୁ ଇଚ୍ଛା ରଖନ୍ତି ସେମାନେ ଭଲ ଭଲ କାର୍ଯ୍ୟ କରନ୍ତି । କେହିବା ଉଦ୍ୟାନ, ମନ୍ଦିର, ପୁଷ୍କରଣୀ, ମସଜିଦ୍, ପାଠଶାଳା, ଓ ପୁଲ ଆଦି ବନାନ୍ତି; କେହି ଅବା ଆପଣା ଆପଣା ଧନ ଅନାଥ-ମାନଙ୍କ ଭୋଜନ ପାନାର୍ଥେ ଓ ପାଳନାର୍ଥେ ଖର୍ଚ୍ଚ କରନ୍ତି । କେହି କେହି ବା ନାମ ନିମନ୍ତେ ହାତୀ, ଘୋଡ଼ା ଆଦି ରଖି ଶୋଭା ବଢ଼ାଇଥାନ୍ତି, ଅବା ଦେଶମାନଙ୍କୁ ଜୟ କରି ଆପଣା ଅଧିକାର ବଢ଼ାଇଥାନ୍ତି । ଏହି କାର୍ଯ୍ୟ-ମାନଙ୍କ ମଧ୍ୟରୁ ଅନେକ କାର୍ଯ୍ୟ ଭଲ ଓ ଯଶସ୍କର । କିନ୍ତୁ ଦେଖିବା ଚାହିଁ ଯେ ଏ ସବୁ କଲେ ମନୁଷ୍ୟମାନଙ୍କର କୀର୍ତ୍ତି କେତେ ଦିନ ପର୍ଯ୍ୟନ୍ତ ସଂସାରରେ ରହିଥାଏ ? ଅଟ୍ଟାଳିକା ନିର୍ମାତାମାନଙ୍କର ସ୍ମୃତି ସେହି ଗୃହ ବିଦ୍ୟମାନ ଥିବା ପର୍ଯ୍ୟନ୍ତ ବିଦ୍ୟମାନ ଥାଏ । ପୁଷ୍କରଣୀ ଥିବା ପର୍ଯ୍ୟନ୍ତ ସେହି କୀର୍ତ୍ତି ଥାଏ । ଏହି ୨୦୦୦ ବର୍ଷ ମଧ୍ୟରେ କେତେ ପ୍ରତାପୀ ରାଜାମାନେ ଜନ୍ମଗ୍ରହଣ କରି ପ୍ରାଣାନ୍ତ ହୋଇଅଛନ୍ତି; କିନ୍ତୁ ବିକ୍ରମାଦିତ୍ୟ ଓ ଭୋଜରାଜାଙ୍କ ପରି କାହାରି ନାମ ବିଖ୍ୟାତ ନାହିଁ । ଏ ଦୁଇ ମହାତ୍ମାଙ୍କୁ ଆବାଲ ବୃଦ୍ଧ ସମସ୍ତେ ଜାଣନ୍ତି । ଏହାଙ୍କ କୀର୍ତ୍ତି-ଗାନ ମୂର୍ଖ ଓ ବିଦ୍ୱାନ୍ ଉଭୟେ କରିଥାନ୍ତି । ଏଥିରୁ ଏହାହିଁ ପ୍ରତିପନ୍ନ ହେଉଅଛି ଯେ ମନୁଷ୍ୟର କୀର୍ତ୍ତି ବିଦ୍ୟା ଓ ବିଦ୍ୱାନ୍ ଲୋକଙ୍କ ସତ୍କାର କଲେ ଯେମନ୍ତ ରକ୍ଷିତ ହୁଏ; ସେପରି ଆଉ କାହିଁରେ ହୁଏ ନାହିଁ ।

ଅତଏବ ବିଚାର କରି ଉଚିତ ଯେ ଯଦି ଗୋଟିଏ ଗ୍ରନ୍ଥ ରଚନା କଲେ

ଗ୍ରନ୍ଥକର୍ତ୍ତାଙ୍କ ନାମ ଚିରକାଲ ପୃଥିବୀରେ ଦେଦୀପ୍ୟମାନ ହୋଇଥାଏ; ତେବେ ଯେଉଁମାନେ ବିଦ୍ୟା ବୁଦ୍ଧିର ଯତ୍ନ କରନ୍ତି ଓ ସଦା ପଣ୍ଡିତ ସଙ୍ଗରେ କାଳାତିପାତ କରନ୍ତି; ଏବଂ ନୂତନ ୨ ଗ୍ରନ୍ଥ ସବୁ ରଚନା କରନ୍ତି; ସେମାନଙ୍କ କୀର୍ତ୍ତି ଇହ ସଂସାରରେ ସଦା ଚନ୍ଦ୍ର ଓ ସୂର୍ଯ୍ୟ ସମାନ ଅହୋରାତ୍ର କାହିଁକି ପ୍ରକାଶ ପାଇବ ନାହିଁ ?

---

## ପାଠ ୪୪ ।

## ତାଜମହଲ ବା ତାଜବୀବୀ ।

### ସମ୍ରାଜ୍ଞୀଙ୍କ କବର ।

ତାଜବୀବୀ ସମ୍ରାଜ୍ଞୀଙ୍କର ସମାଧି ବା ତାଜମହଲ ଆଗ୍ରା ନଗରର ପ୍ରାୟ ଦୁଇ ମାଇଲ ଦୂରରେ ଅଗ୍ନେୟ କୋଣରେ ଏବଂ ଯମୁନା ନଦୀର ଦକ୍ଷିଣ ତଟରେ ଅବସ୍ଥିତ । ମାତ୍ର ନଗର ମଧ୍ୟରୁ ଦେଖିଲେ ଏପରି ବୋଧ ହୁଏ ଯେପରି ତାହାର ବାମ ତଟରେ ବିଦ୍ୟମାନ ରହିଅଛି । ଏହି ବିଚିତ୍ର ଓ ଦର୍ଶନୀୟ ସ୍ଥାନ ଭାରତବର୍ଷରେ ଅନୁପମ ଓ ଅଦ୍ୱିତୀୟ ଅଟେ । ଏହା ପ୍ରସ୍ତୁତ କରିବାର କାରଣ ଏହି କି ୧୬୩୪ ଖ୍ରୀଷ୍ଟାବ୍ଦରେ ଯେତେବେଳେ ସାହାଜାନ୍ ସମ୍ରାଟଙ୍କ ରାଣୀ "ମୁମତାଜୁଲ ନିସା" ପରଲୋକ ଗମନ କଲେ ତେତେବେଳେ ସେ ସମ୍ରାଟଙ୍କଠାରେ ଏହି ସତ୍ୟ କରାଇ ନେଇଥିଲେ ଆମ୍ଭର ମରଣ ପରେ ଆମ୍ଭର ସମାଧି ଅତ୍ୟୁତ୍କୃଷ୍ଟ କରି ପ୍ରସ୍ତୁତ କରାଯିବ ସମ୍ରାଟ ଏହି ରାଣୀଙ୍କୁ ଅତି ପ୍ରଗାଢ଼ ପ୍ରେମ କରୁଥିବାରୁ ତାହାଙ୍କର ସତ୍ୟାନୁସାରେ ଏହି ସମାଧି ନିର୍ମାଣ କରିବାରେ ବିଶେଷ ଇଚ୍ଛା ପ୍ରକାଶ କଲେ

ତେଣୁକରି ସେ ଏଥିର ନିର୍ମାଣ ସକାଶେ ନାନା ଦେଶରୁ ବିବିଧ ପ୍ରକାରର ବହୁମୂଲ୍ୟ ପ୍ରସ୍ତର ଯଥା; ଅକୀକ, ସଙ୍ଗମର୍ମର, ସଙ୍ଗମୂଷା, ଫୀରୋଜା, ଲାଜବର୍ଦ୍ଦ ଆଦି ଅଣାଇଲେ ଓ ପ୍ରଧାନ ୨ ନିପୁଣ ଶିଳ୍ପକାରମାନଙ୍କୁ ସିରାଜ, ବାଗଦାଦ୍, ଲାହୋର ଆଦି ସ୍ଥାନମାନଙ୍କରୁ ଡକାଇ ଅଣାଇଲେ ।

ଏହି ସମାଧି ସମ୍ପୂର୍ଣ୍ଣରୂପେ ପ୍ରସ୍ତରରେ ନିର୍ମିତ । ଏଥିର ଦ୍ୱାର ଦେଶରେ ସଙ୍ଗମର୍ମର (ମାର୍ବୁଲ) ପ୍ରସ୍ତର ଉପରେ ସଙ୍ଗମୂଷାରେ କୋରାନ୍ ଶ୍ଳୋକର ଅକ୍ଷର ଗୁଡ଼ିକ ଏପରି ଭାବରେ ଖଚିତ ହୋଇଅଛି କି ଦେଖିଲେ କୌଣସି ଲୋକ ଧୋବ କାଗଜ ଉପରେ ସ୍ୟାହୀରେ ଆରବୀ ଭାଷାର ଅକ୍ଷର ଲିଖିତ ହୋଇଅଛି ବୋଲି ବୋଧ କରିବ । ଆଉ ଏହା ମଧ୍ୟ ଗୋଟିଏ ଆଶ୍ଚର୍ଯ୍ୟର କଥା ଯେ ତଳରୁ ଉପର ପର୍ଯ୍ୟନ୍ତ ସମୁଦାୟ ଅକ୍ଷର ଏକ ଆକାରରେ ଗଠିତ ହୋଇଅଛି । କେତେ ୨ ରଙ୍ଗର ପଥରରେ ଲତାଦିଙ୍କାରୁ କାର୍ଯ୍ୟ କରା ହୋଇଅଛି । ଲତା ଏପରି ନିର୍ମିତ ହୋଇଅଛି କି ଧୋବ କପଡ଼ାରେ ଛପା ହୋଇଅଛି ବୋଲି ପ୍ରତୀୟମାନ ହୁଏ ।

ସମାଧି ଓ ବଡ଼ ଫାଟକ ମଧ୍ୟରେ ଗୋଟିଏ ରମଣୀୟ ଉଦ୍ୟାନ ଅଛି ଓ ଏଥିରେ ଚନ୍ଦନ, ଏଲାଇଚ, ଗୁବାକ ଆଦି ନାନା ପ୍ରକାରର ସୁନ୍ଦର ୨ ଫଳ ମୂଳର ବୃକ୍ଷ ରହିଅଛି ।

ସମାଧି ମଧ୍ୟରେ ମାର୍ବୁଲ ପ୍ରସ୍ତରର ଗୋଟିଏ ବଡ଼ ଜଳାଧାର ନିର୍ମିତ ହୋଇଅଛି, ଏଥିର ଚତୁର୍ଦ୍ଦିଗରେ ଶ୍ୱେତ ପ୍ରସ୍ତରର ଗୋଟିଏ ଚୌରା ଓ ଅଙ୍ଗଣା ଅଛି । ସେହି ବେଦିର ଦୁଇ ପାର୍ଶ୍ୱରେ ଦୁଇ ଗୋଟି ନଳ ଅଛି । ତହିଁରେ ପାଣି ସବୁବେଳେ ପୂର୍ଣ୍ଣ ଥାଏ ଓ ତହିଁରୁ ପିଚ୍‌କାରୀ ପରି ଜଳଧାର ବାହାରୁ ଥାଏ ।

ସମାଧି ଉଦ୍ୟାନ ଭୂମିଠାରୁ ଅଧିକ ଉଚ୍ଚରେ ମାର୍ବୁଲ ପ୍ରସ୍ତରରେ ନିର୍ମିତ । ତାହାର ତିନ ଗୋଟି ବିଭାଗ ଅଛି । ପ୍ରଥମ ବିଭାଗରେ ମୁମତାଜ୍ ମହଲ ଓ ସାହାଜାହାନ୍ ସମ୍ରାଟଙ୍କ ସମାଧି ଅଛି । ତହିଁ ଉପରେ

ସ୍ୱର୍ଣ୍ଣମୟ ଅକ୍ଷରରେ ତାହାଙ୍କର ମୃତ୍ୟୁର ତାରିଖ ଓ ସାଲ ଲେଖାଅଛି । ଦ୍ୱିତୀୟ ବିଭାଗରେ ମାର୍ବୁଲ ପଥରର ଛାଲି ସବୁ କବରର ଚତୁର୍ଦ୍ଦିଗରେ ଲାଗିଅଛି ଓ ସେଥିର ଛାନମାନଙ୍କରେ ନାନା ରଙ୍ଗର ଇଟାଦ କାରୁକାର୍ଯ୍ୟ ନିର୍ମିତ ହୋଇଅଛି । ତୃତୀୟ ଭାଗରେ ଗୋଟିଏ ଗୁମ୍ବଜ ଓ ତହିଁ ଉପରେ ସ୍ୱର୍ଣ୍ଣ ନିର୍ମିତ ଗୋଟିଏ କଳଶ ଅର୍ଦ୍ଧଚନ୍ଦ୍ର ସହିତ ଲାଗି ରହିଅଛି ।

ଏହି ସମାଧିର ଚାରି କୋଣରେ ଚାରିଗୋଟି ମୀନାର ଅଛି । ପ୍ରତ୍ୟେକର ପରିଧି ୭୦ ଫୁଟ ଓ ଉଚ୍ଚତା ୧୫୦ ଫୁଟ ଅଟେ । କଥିତ ଅଛି କି ଏହି ସମାଧି ନିର୍ମାଣ କରିବା ପାଇଁ କୋଡିଏ ହଜାର ଲୋକ ୮ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତ ଥିଲେ ଓ ସବୁ ମୋଟରେ ତିନ କୋଡି ସତର ଲକ୍ଷ ଅଠଚାଳିଶ ହଜାର ଟଙ୍କା ବ୍ୟୟ ହୋଇଥିଲା ।

---

## ପାଠ ୪୫ ।

## ଏକେଶ୍ୱର ଉପାସନା ।

ସବୁ ପ୍ରଥମରେ ଏହି ସଂସାରରେ ଲୋକମାନେ ପଶୁ ପ୍ରକୃତିବିଶିଷ୍ଟ ହୋଇ ବାସ କରୁଥିଲେ । ସେମାନଙ୍କ ପରିଧାନ କରିବା ନିମନ୍ତେ କୌଣସି ବସ୍ତ୍ର, ରହିବା ନିମନ୍ତେ କୌଣସି ବାସଗୃହ କିମ୍ବା ଜୀବନ ରକ୍ଷା କରିବା ନିମନ୍ତେ ଅସ୍ତ୍ରାଦି କୌଣସି ପଦାର୍ଥ ସେମାନଙ୍କ ନିକଟରେ ଥିଲା ନାହିଁ । ସେମାନେ ସ୍ୱୀୟ ମନୋଗତ-ଭାବ ଗୁଡିକ କେବଳ ସଙ୍କେତ ଦ୍ୱାରା ବ୍ୟକ୍ତ କରୁଥିଲେ, ଓ କନ୍ଦମୂଳ, ଫଳ ଓ ଶିକାର ଅନ୍ୱେଷଣ କରି ଜୀବନଯାତ୍ରା ନିର୍ବାହ କରୁଥିଲେ । ଯେତେବେଳେ ଭୋଜନ ପଦାର୍ଥ ଅଳ୍ପ

ପରିମାଣରେ ପ୍ରାପ୍ତ ହେଉଥିଲା, ସେତେବେଳେ ବଳବାନ୍ ଲୋକଙ୍କୁହିଁ ତହିଁର ଅଧିକାଂଶ ପ୍ରାପ୍ତ ହେଉଥିବାରୁ ସେମାନେ ବନ୍ୟପଶୁ ଓ ଶତ୍ରୁ-ମାନଙ୍କଠାରୁ ଆତ୍ମରକ୍ଷା କରି ପାରୁଥିଲେ । ଏଣୁକରି ପ୍ରାଚୀନ କାଳରେ ଲୋକମାନେ ଯେ ବଳବାନ୍ ଲୋକମାନଙ୍କୁ ପୂଜା କରୁଥିଲେ ଓ ସର୍ବାପେକ୍ଷା ଅଧିକ କ୍ଷତିକାରକ ବସ୍ତୁ ବା ପ୍ରାଣିମାନଙ୍କୁ ଭୟ କରୁଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ ।

ମାତ୍ର ଯେତେବେଳେ ସେମାନଙ୍କର ବିଦ୍ୟା ଓ ବୁଦ୍ଧି କ୍ରମେ, ବୃଦ୍ଧି ହେବାକୁ ଲାଗିଲା ସେତେବେଳେ ସେମାନେ ସର୍ବୋତ୍ତମ ଲୋକଙ୍କୁ ପୂଜା କରିବାକୁ ଲାଗିଲେ । ସେମାନେ ବିଚାର କଲେ କି ବଳବାନ୍ ଲୋକ ବ୍ୟତିରେକେ ସମସ୍ତଙ୍କ ଉପରେ ଅଧିକାର ରଖିବା ଭଳି ଅନ୍ୟ କୌଣସି ମହାପୁରୁଷ ଅବଶ୍ୟହିଁ ବିଦ୍ୟମାନ ରହିଅଛନ୍ତି ।

ଆମ୍ଭେ ପୂର୍ବରେ ଉଲ୍ଲେଖ କରିଅଛୁଁ, କି ପ୍ରାଚୀନ କାଳରେ ଲୋକମାନଙ୍କୁ ନାନାପ୍ରକାର କଷ୍ଟ ଓ ଅବସ୍ଥା ପରିବର୍ତ୍ତନ ସହ୍ୟ କରିବାକୁ ପଡୁଥିଲା ଓ ସେହି ସମୟରେ ଲୋକମାନେ "ଜୋର ଯାହାର ରାଜ୍ୟ ତାହାର" ଏହି ରୀତି ଅନୁସରଣ କରି କାର୍ଯ୍ୟ କରୁଥିଲେ ।

ଯେବେ କେହି ଲୋକ କୌଣସି ବସ୍ତୁ ପ୍ରାପ୍ତ ହୋଇ ତହିଁର ରକ୍ଷା କରୁଥିଲା, ତେବେ ସେ ତହିଁର ଅଧିକାରୀ ହେଉଥିଲା । ଧୂର୍ତ୍ତତା କିମ୍ବା ବଳ ଦେଖାଇ କରି ରକ୍ଷା କରିବା ବ୍ୟତୀତ ତାହାର କ୍ଷତି କରିବା କିମ୍ବା ଦୁଃଖ ଦେବାର ଶକ୍ତି ମଧ୍ୟ ଥିଲା । ଇତିହାସରେ ଲେଖା ହୋଇଅଛି କି ଏପରି ଲୋକମାନେ ଏହି ଶକ୍ତିର ଅଧିକ ଅସଦ୍‌ବ୍ୟବହାର କରିଅଛନ୍ତି । ପଶୁମାନେ ନିଜର ଆହାର ନିମନ୍ତେ ଅନ୍ୟାନ୍ୟ ପଶୁମାନଙ୍କୁ ବଧ କରନ୍ତି; ମାତ୍ର ମନୁଷ୍ୟ ନିଜର ମନସ୍କାମନା ପୂର୍ତ୍ତି କରିବା ଅଭିପ୍ରାୟରେ ଲୋକମାନଙ୍କୁ ମଧ୍ୟ ବଧ କରୁଥିଲେ ଓ ଏପରି ଭାବରେ ମାରପିଟି ହୋଇ ଯାଉଥିଲେ ଯେ ତାହା ବର୍ଣ୍ଣନାତୀତ ଅଟେ । ପରନ୍ତୁ ଯେଉଁପରି ମନୁଷ୍ୟର ସନ୍ତାନସନ୍ତତି ବୃଦ୍ଧି

ପାଇବାକୁ ଲାଗିଲେ, ସେହିପରି ଏପ୍ରକାର ଲୁଠପାଠ, ଡାକୁ ହତ୍ୟା କାର୍ଯ୍ୟ-ମାନ ହ୍ରାସ ହେବାକୁ ଲାଗିଲା । ଓ ଏକଏ ରହି ଉନ୍ନତି ସାଧନ କରିବା ନିମନ୍ତେ ସେମାନେ ପ୍ରତ୍ୟେକେ ସ୍ୱ ଅଧିକାର ବୁଝିବାକୁ ଲାଗିଲେ ; କାରଣ କି "ତୁମ୍ଭେ ଯେପରି କର, ସେପରି ମୁଁ କରେଁ" ଏହି ନୀତି ଅନୁସରଣରେ ତୁମ୍ଭେ ଯେଉଁପରି ଅନ୍ୟ ଲୋକର ପ୍ରତି ବ୍ୟବହାର କରିବ, ସେହିପରି ସେ ମଧ୍ୟ ତୁମ୍ଭ ପ୍ରତି ଆଚରଣ କରିବ ।'

ଯେବେ କେହି ଏହି ନିୟମାନୁସାରେ କାର୍ଯ୍ୟ କରୁ ନ ଥିଲା ଓ ଦୁଃଖରେ ପଡ଼ି ଅନ୍ୟ ଲୋକର କ୍ଷତି ଘଟାଉଥିଲା ତେବେ ତାହାକୁ ସମୁଚିତ ଦଣ୍ଡ ଦିଆ ଯାଉଥିଲା । ମାଏ ଅନ୍ୟ ଲୋକର ଅଧିକାର ପ୍ରତି ବିଚାର କରିବା ଛଡ଼ା ଆଉ ଏକ କାରଣ ଥିଲା । ତାହାଁକୁ ମନୁଷ୍ୟ ବୁଝି ପାରୁଥିଲା ଯେ ଅନ୍ୟ ପ୍ରତି କ୍ଷତି ଘଟାଇବା ନ୍ୟାୟସଂଗତ ନୁହେ । ପ୍ରତ୍ୟେକ ମନୁଷ୍ୟର ହୃଦୟରେ ଏପରି ଗୋଟିଏ ଶକ୍ତି ନିହିତ ଅଛି ଯେ ତଦ୍ୱାରା ଭଲ ଓ ମନ୍ଦ ପାର୍ଥକ୍ୟ ସ୍ପଷ୍ଟ ଜଣା ପଡ଼ଇ । ଯେବେ ଆମ୍ଭେ କୌଣସି ଅନ୍ୟାୟ କାର୍ଯ୍ୟ କରୁଁ ଓ ନ୍ୟାୟ ଅନ୍ୟ ରୀତିରେ ହୋଇପାରେ ବୋଲି ଜାଣୁଁ, ତେବେ ଏହି ଜ୍ଞାନଟି ଆମ୍ଭମାନଙ୍କର କାହୁଁ ଆସିଲା? କୌଣସି ଲୋକର ପ୍ରତି ଦୟା କରି ଅଥବା ନିଜର କର୍ତ୍ତବ୍ୟ କର୍ମ ସମୁଚିତ ନ୍ୟାୟ ସହକାରେ ସମ୍ପାଦନ କରି ସାରିଲା ପରେ ଯେଉଁ ସୁଖାନୁଭବ ହୁଏ, ତାହା ବା କେଉଁଠାରୁ ଜାତ ହୁଏ? ସେହି ଜ୍ଞାନୋଦୟର କାରଣ ଈଶ୍ୱର ଓ ତାହାଙ୍କ ବ୍ୟତୀତ ଆଉ କେହି ନାହିଁ । ସେହି ହିତାହିତ ଜ୍ଞାନ ଆମ୍ଭମାନଙ୍କୁ ଅସତ୍‌ପଥରୁ ନିବୃତ୍ତ କରି ଆମ୍ଭମାନଙ୍କ ଭୟ ନିବାରଣ କରେ ଓ ଅପରାଧ କ୍ଷମା କରାଏ ।

ଆମ୍ଭେ ସବୁ ଲୋକମାନଙ୍କୁ ଏହି ପ୍ରାର୍ଥନା କରୁଅଛୁଁ କି ସେହି ସତ୍‌ଅସତ୍ ବିବେକ ଶକ୍ତିକୁ କଦାପି ଅବରୋଧ କରି ରଖ ନାହିଁ । କାରଣ କି ଯେତେବେଳେ ଏହି ହିତାହିତ ଜ୍ଞାନ ତୁମ୍ଭମାନଙ୍କୁ ଅସତ୍‌ପଥରୁ ନିବୃତ୍ତ କରେ ତେତେବେଳେ ଆମ୍ଭେ କୁମାର୍ଗଗାମୀ ହେବାକୁ ଇଚ୍ଛା କରୁଅଛୁଁ ବୋଲି ବୁଝିବା

ଉଚିତ, ଆଉ ଯେବେ ସ୍ଥିର ହୋଇ ରହେ, ତେବେ ପ୍ରୋକ୍ତ କାର୍ଯ୍ୟକୁ ଉତ୍ତମ ବୋଲି ବୁଝି ନେବା ଉଚିତ ।

---

## ପାଠ ୪୨ ।

## ଉଏଲସଲି ।

ଲର୍ଡ କର୍ଣ୍ଣଉଆଲସଙ୍କ ଉତ୍ତାରୁ ଯେଉଁ ୨ ବଡ ପ୍ରସିଦ୍ଧ ଗବର୍ଣ୍ଣର ଜେନରଲ-ମାନେ ହୋଇ ଯାଇଅଛନ୍ତି, ସେମାନଙ୍କ ମଧ୍ୟରୁ ଲର୍ଡ ଉଏଲସଲି ଜଣେ ଥିଲେ ତାହାଙ୍କ ଭ୍ରାତା ଆର୍ଥର ଉଏଲସଲି ଯାହାଙ୍କୁ ଡ୍ୟୁକ ଅଫ ଉଏଲିଙ୍ଗ୍‌ଟନ ପଦବୀ ମିଳିଥିଲା ; ସେ ଇଂରାଜୀ ସୈନିକ ଶାଳାରେ ସର୍ବ ପ୍ରଥମ ଥିଲେ । ଯେତେବେଳେ ଲର୍ଡ ଉଏଲସଲି ସନ୍ ୧୭୯୮ ଇସବୀରେ ଗବର୍ଣ୍ଣର ଜେନରଲ ନିଯୁକ୍ତ ହୋଇ ଏଠାକୁ ଆସିଲେ, ତେତେବେଳେ ଇଂରାଜ ଆଉ ଫରାସିସମାନଙ୍କ ମଧ୍ୟରେ ଯୁଦ୍ଧ ହେଉଥିଲା ; ତାଙ୍କୁ ସମ୍ବାଦ ମିଳିଲା ଯେ ମୈସୂରର ନବାବ ଟିପୁ ସୁଲତାନ ଫରାସିସମାନଙ୍କଠାକୁ ଚିଠି ପତ୍ର ଲେଖୁଥିଲେ । ଏଥିପାଇଁ ସେ ନିଜାମର ସାହାଯ୍ୟରେ ମୈସୂର ଆକ୍ରମଣ କରି ସେହି ଦେଶ ଜୟ କରି ନେଲେ ; ଟିପୁ ଯୁଦ୍ଧରେ ହତ ହେଲେ ଏବଂ ତାହାଙ୍କ ରାଜ୍ୟ ସବୁ ତିନି ଅଂଶରେ ବାଣ୍ଟି କିଆଗଲା । ପ୍ରଥମ ଅଂଶ କମ୍ପାନିର ରାଜ୍ୟରେ ମିଳିତ ହେଲା, ଦ୍ୱିତୀୟ ନିଜାମଙ୍କୁ ଏବଂ ତୃତୀୟ ମୈସୂରର ପୁରାତନ ରାଜବଂଶଙ୍କୁ ପ୍ରଦତ୍ତ ହେଲା । ଏହି ବଂଶରେ ଅଦ୍ୟାବଧି ମୈସୂର ରାଜ୍ୟ ଚଳି ଆସୁଅଛି । ସନ୍ ୧୭୯୯ ଇସବୀରେ ଶେଷ ହୋଇଥିବା ଯୁଦ୍ଧ ମୈସୂରର ତୃତୀୟ ଯୁଦ୍ଧ ନାମରେ ପ୍ରସିଦ୍ଧ ଅଟେ ।

ଉଲ୍ଲେଖ କରିଅଛୁଁ ଯେ ମରହଟ୍ଟାମାନେ ନିଜାମଙ୍କୁ ଖରଦଲାର ମଇଦାନରେ ପରାସ୍ତ କଲେ ଏବଂ ଏଥିର ପରିଣାମ ଏହା ହେଲା ଯେ ନିଜାମ ଦୁର୍ବଳ ଓ ମରହଟ୍ଟା ପ୍ରବଳ ହୋଇପଡ଼ିଲେ । ବର୍ତ୍ତମାନ ସରକାର କମ୍ପାନିଙ୍କର କେବଳ ମରହଟ୍ଟାମାନଙ୍କ ପକ୍ଷରୁ ଅଧିକ ସଂଶୟ ଥିଲା । ଏଥିପାଇଁ ସେ ନିଜାମଙ୍କୁ ପ୍ରତ୍ୟେକ ପ୍ରକାରରେ ସାହାଯ୍ୟ ଦେବାକୁ ଉଚିତ ବୋଧ କଲେ । ଟିପୁର ତୃତୀୟାଂଶ ରାଜ୍ୟ ତାହାଙ୍କୁ ପୁରସ୍କାରସ୍ୱରୂପ ଦେଲା ଉତ୍ତାରୁ ଲର୍ଡ ଓଏଲସଲି ତାହାଙ୍କଠାରୁ ସ୍ୱୀକୃତ କରାଇ ନେଲେ ଯେ ସେ ଏକଦଳ ସେନାର ଧୃତିବ୍ୟୟ ନିମନ୍ତେ ବିରାର ରାଜ୍ୟ ଇଂରାଜମାନଙ୍କୁ ଦାନ କରିବେ ଆଉ ଇଂରାଜମାନେ ତାହାଙ୍କୁ ମରହଟ୍ଟାମାନଙ୍କ ବିରୁଦ୍ଧରେ ଯୁଦ୍ଧର ସାହାଯ୍ୟ ଦେବାକୁ ସ୍ୱୀକାର କଲେ ।

ପ୍ରସିଦ୍ଧ ରାଜା ଶିବାଜୀ ମରହଟ୍ଟା ରାଜ୍ୟର ସ୍ଥାପୟିତା ଥିଲେ । ଦୁଇ ତିନି ପୁରୁଷ ଉତ୍ତାରୁ ତାହାଙ୍କ ପେଶବା ଅର୍ଥାତ୍ ମନ୍ତ୍ରିର ପରାକ୍ରମ ଏତେ ବଢ଼ିଗଲା ଯେ ରାଜା ସ୍ୱୟଂ କଏଦସ୍ୱରୂପ ସିତାରାରେ ରହିଲେ ଓ ମନ୍ତ୍ରିମାନେ ଯଥାର୍ଥରେ ପୁନାରେ ରାଜ୍ୟ କରିବାକୁ ଲାଗିଲେ । ଧୀରେ୨ ପେଶବାମାନଙ୍କର ବଳ ମଧ୍ୟ ହ୍ରାସ ପାଇବାକୁ ଲାଗିଲା ଏବଂ ଅନ୍ୟ ମରହଟ୍ଟା ସେନାପତିମାନେ ଅର୍ଥାତ୍ ଗୁଆଲିଅରର ସିନ୍ଧିଆ, ଇନ୍ଦୋରର ହୁଲ୍କାର, ନାଗପୁରର ଭୋଁସଲା ଓ ବରୋଦାର ଗାୟକବାଡ଼ ବଳବାନ୍ ହେବାକୁ ଲାଗିଲେ ଏହି ମରହଟ୍ଟାମାନଙ୍କ ସରଦାରମାନେ ଅତ୍ୟନ୍ତ ବଳବାନ୍ ହୋଇ ଯାଉଥିଲେ; ସେମାନଙ୍କ ରାଜ୍ୟ ହିନ୍ଦୁସ୍ଥାନର ମଧ୍ୟ ଓ ପଶ୍ଚିମ ଭାଗରେ ଅଧିକ ବିସ୍ତୃତ ହୋଇ ଯାଉଥିଲା ଏବଂ ସେମାନେ ସମୟେ୨ ଇଂରାଜ ସୈନ୍ୟମାନଙ୍କୁ ପରାଜୟ କରୁଥିଲେ । ଏହେତୁରୁ ଲର୍ଡ ଓଏଲସଲି ତାହାଙ୍କୁ ପରାସ୍ତ କରିବାକୁ ଆବଶ୍ୟକ ବୋଧ କଲେ । ନଚେତ୍ ସେ ଇଂରାଜମାନଙ୍କୁ କୌଣସି ସମୟରେ ତଡ଼ି ଦେଇ ଥାଆନ୍ତେ, ଅଥବା ସେମାନଙ୍କ ପ୍ରତି ଅତ୍ୟାଚାର କରିଥାଆନ୍ତେ । ସେହି ମରହଟ୍ଟାମାନଙ୍କ ଉପରେ

ବିଜୟ ପାଇବାର କିଛି କଠିନ ନ ଥିଲା ; କାରଣ କି ତାହାଙ୍କର ସର-ଦାରମାନେ ପରସ୍ପରରେ ଯୁଦ୍ଧ ଓ କଳହ କରୁଥିଲେ ।

ସନ୍ ୧୮୦୨ ଇସବୀରେ ଯେତେବେଳେ ହୋଲକାରଙ୍କର ମୃତ୍ୟୁ ହେଲା, ସେତେବେଳେ ସିନ୍ଧିଆ ତାହାଙ୍କ ରାଜ୍ୟ ଅକ୍ରମଣ କରି ଗୋଟିଏ ମିତ୍ରଙ୍କୁ ଇନ୍ଦୋରର ରାଜ୍ୟାସନ ଉପରେ ବସାଇଲେ । ତହିଁ ଉତ୍ତାରୁ ଯେଉଁ ଯଶୋବନ୍ତ ରାଓ ଏହି ରାଜ୍ୟର ପ୍ରକୃତ ସ୍ୱତ୍ୱାଧିକାରୀ ଥିଲେ ; ସେହି ଯଶୋ-ବନ୍ତ ରାଓ ସିନ୍ଧିଆ ଓ ପେଶବାଙ୍କର ସେନାଙ୍କୁ ଜୟ କରି ପୁନା ଅଧିକାର କଲେ । ପେଶବା ବାଜୀ ରାଓ ଭୟ କରି ଇଂରାଜମାନଙ୍କର ଆଶ୍ରୟ ନେଲେ ଏବଂ ବେସିନର ସନ୍ଧିପତ୍ର ଲେଖି ଦେଇ ଇଂରାଜମାନଙ୍କର ଅଧୀନସ୍ଥ ହୋଇଗଲେ । ଇଂରାଜମାନେ ମଧ୍ୟ ତାହାଙ୍କଠାରୁ ସେନା ବ୍ୟୟ ନିମନ୍ତେ କିଛି ରାଜ୍ୟ ନେଇ ତାହାଙ୍କୁ ରକ୍ଷାର ସମ୍ମତ ଦେଲେ । ଏହିରୂପେ ଗାୟକବାଡ଼ ସେହି ସନରେ ଅର୍ଥାତ୍ ୧୮୦୨ ଇସବୀରେ ଇଂରାଜମାନଙ୍କଠାରେ ସନ୍ଧି କରି ନେଲେ ।

ସିନ୍ଧିଆ ଓ ନାଗପୁରର ଭୋଁସଲା ରାଜା ଇଂରାଜମାନଙ୍କଠାରେ ଏରୂପ ସନ୍ଧି କରିବାର ଅସ୍ୱୀକାର କଲେ । ଏଣୁ କରି ତାଙ୍କ ସଙ୍ଗରେ ଯୁଦ୍ଧାରମ୍ଭ ହେଲା । ୱେଲସଲି ଦୁଇ ରାଜାଙ୍କର ମିଳିତ ସେନାଙ୍କୁ ଅସାଇ ଓ ଆରଗାଁଓ ଯୁଦ୍ଧରେ ପରାସ୍ତ କଲେ । ପୁଣି ଜେନରଲ ଲେକ୍ ସିନ୍ଧିଆର ଶିକ୍ଷିତ ସେନାଙ୍କୁ ଆଲିଗଡ଼ ଓ ଲସୱାରୀ ଯୁଦ୍ଧରେ ନଷ୍ଟ କରି ଦିଲ୍ଲୀ ଓ ଆଗ୍ରା ଜୟ କଲେ ଆଉ ମୁଗଲ ବାଦସାହ "ସାହଆଲମ" ଙ୍କୁ ଆପଣା ଆଶ୍ରୟକୁ ଧରି ଆଣିଲେ ।

ହୋଲକାର ସହିତ ଯୁଦ୍ଧରେ ଇଂରାଜମାନଙ୍କର ଅଧିକ ବିରକ୍ତି ହେଲା । ପ୍ରଥମତଃ ଇଂରାଜ ସେନା ତାହାଙ୍କ ସମ୍ମୁଖରୁ ପଳାୟନ କରି ନଷ୍ଟ ହୋଇ ଗଲେ । ପରନ୍ତୁ ଶେଷରେ ହୁଲ୍‌କାର ମଧ୍ୟ ପରାଜିତ ହୋଇ ପଞ୍ଜାବକୁ

ପଳାୟନ କଲେ । ଏହିରୂପେ ମରହଟ୍ଟାମାନଙ୍କ ଦ୍ୱିତୀୟ ଯୁଦ୍ଧ ଶେଷ ହେଲା ଏବଂ ପୁନଶ୍ଚ ୧୨ ବର୍ଷ ପର୍ଯ୍ୟନ୍ତ ଦେଶରେ ଶାନ୍ତି ବିରାଜ କଲା ।

ସନ୍ ୧୮୧୦ ଖ୍ରୀଷ୍ଟାବ୍ଦରେ ୩ୟ ମହାରାଷ୍ଟ୍ର ଯୁଦ୍ଧ ସଂଗଠିତ ହୋଇଥିଲା । ପୁନାର ପେଶବା ଓ ନାଗପୁରର ଭୋସଁଲା ଇଂରାଜମାନଙ୍କ ଅଧୀନରେ ସନ୍ତୁଷ୍ଟ ନ ହୋଇ ସେମାନଙ୍କ ସହିତ ଯୁଦ୍ଧ କଲେ ମାତ୍ର ପରାଜିତ ହେଲେ, ହୋଲକାରଙ୍କ ମଧ୍ୟ ଏରୂପ ଅବସ୍ଥା ହେଲା । ପେଶବା ସିଂହାସନ ଚ୍ୟୁତ ହେଲେ ଏବଂ ତାହାଙ୍କ ରାଜ୍ୟ ଇଂରାଜ ରାଜ୍ୟ ସହିତ ମିଳିତ କରି ଦିଆଗଲା । ନାଗପୁର ରାଜ୍ୟ କିଛି ସମୟ ପର୍ଯ୍ୟନ୍ତ ଦୂତ ରହିଲା ମାତ୍ର ପୂର୍ଣ୍ଣ ଅଧିକାର ରେସିଡେଣ୍ଟ ସାହେବଙ୍କୁ ଦିଆଗଲା । ଲର୍ଡ ଡ଼ଏଲସଲିଙ୍କ ଶାସନ ସମୟରେ ନେପାଲ ଓ ବ୍ରହ୍ମାର ଯୁଦ୍ଧ ଅନ୍ୟତମ ଦୁଇ ଗୋଟି ପ୍ରଧାନ ଘଟଣା ଅଟେ । ଇଂରାଜମାନେ ନେପାଲିମାନଙ୍କୁ ପରାଜୟ କରି ତରାଇ ଜିଲ୍ଲା ଅଧିକାର କଲେ, ଓ ଅନ୍ୟ ଯୁଦ୍ଧରେ କାଚ୍ଛାର, ଆସାମ, ଏବଂ ଦକ୍ଷିଣ ବ୍ରହ୍ମା ସେମାନଙ୍କ ଅଧୀନସ୍ଥ ହେଲା । ଏହିରୂପେ ସିନ୍ଧୁ ଏବଂ ପଞ୍ଜାବ ପ୍ରଦେଶ ବ୍ୟତୀତ ହିନ୍ଦୁସ୍ଥାନର ସମସ୍ତ ପ୍ରଦେଶ ଇଂରାଜ ରାଜ୍ୟ ହୋଇଗଲା ।

# ପାଠ ୪୭ ।

## ସ୍ୱାସ୍ଥ୍ୟରକ୍ଷା, ୧୬ଶ ଭାଗ ।

### ହଇଜା ବା ଉଲାଉଠା ।

ଏହି ରୋଗକୁ ସାଧୁ ଭାଷାରେ ମହାମାରୀ, ମାରୀଭୟ କହନ୍ତି । ଏହି ରୋଗ ଯେ କେଉଁ୨ କାରଣରୁ ହେଉଅଛି, ତାହା ଅଦ୍ୟାବଧି ଜଣା ପଡି ନାହିଁ । ମାତ୍ର ବର୍ତ୍ତମାନ ଡାକ୍ତରମାନଙ୍କ ମତରେ ଏହି ରୋଗର ବିଷାକ୍ତ ବୀଜ ବାୟୁ ସଙ୍ଗରେ ମିଶ୍ରିତ ଥାଏ ଆଉ ଅନୁକୂଳ ଦଶା ପାଇ ତହିଁରୁ ରୋଗ ଜାତ କରାଏ । ଏହି ଭୟାନକ ରୋଗର ବୀଜ ମଇଳା କାରଣରୁ, ଅପଥ୍ୟ ଭୋଜନରୁ, ଅଥବା ରାତି ଜାଗରଣ କରି ଇତସ୍ତତଃ ଭ୍ରମଣରୁ ଲୋକମାନଙ୍କ ଶରୀରରେ ଚେର ବାନ୍ଧି ନିଏ ।

ଏହି ରୋଗରେ ପ୍ରଥମେ ଗୋଟିଏ ଝାଡା ହେଲା ପରେ ଶୀଘ୍ର ବାନ୍ତି ହୁଏ; ଏହି ରୋଗ ଆରମ୍ଭ ହେଲାବେଳେ ଚିକିତ୍ସା କଲେ ଭଲ ହୋଇଯାଏ; କିନ୍ତୁ ଚିକିତ୍ସାରେ ହେଲା କରି ପଶ୍ଚାତ୍ ଔଷଧ ଭକ୍ଷଣ କଲେ ସେଥିରେ ବିଶେଷ ଫଳ ଫଳେ ନାହିଁ; ରୋଗରୁ ବଞ୍ଚିବା କଠିନ ହୋଇ ଉଠେ ।

ଏହି ରୋଗରୁ ବଞ୍ଚିବାର ଉପାୟ କେବଳ ପରିଷ୍କାର, ପରିଚ୍ଛନ୍ନ ରହିବା; ଏହି ରୋଗ ଶୀଘ୍ର ବ୍ୟାପୀ ଯାଏ ଆଉ ଜଳ ଓ ବାୟୁ ଦୂଷିତ ହେଲେ ଅନେକ ଦେଶ ପର୍ଯ୍ୟନ୍ତ ଯାଇ ପହୁଞ୍ଚେ; ଭୟ କଲେ ଏହି ରୋଗ ଅଧିକ ବଢ଼େ । ଯେବେ ଏ ରୋଗ ପ୍ରବେଶ କରେ, ତେବେ ମୁଣ୍ଡ ବୁଲା ଆସି ପହୁଞ୍ଚେ; ହସ୍ତ ପଦ ଖୋଳି ହୁଅଇ । ତହୁଁରେ ବାନ୍ତି ଓ ଚାଉଳ ଧୁଆପାଣି ପରି ବିଶେଷ ଝାଡା ହୁଏ । ତୃଷା ଆଉ ଦାହ ବିଶେଷ ଦେଖାଯାଏ । ପରେ ଶରୀରରୁ ଶୀତଳ ସ୍ୱେଦ ନିର୍ଗତ ହୁଏ । ତହୁଁରେ ରୋଗୀ ଅଚେତନ ହୋଇ ପଡେ ଏବଂ ଶେଷରେ ମରିଯାଏ ।

ଯେବେ ହାଇଜା ରୋଗ ଗୃହରଆଡ଼େ ବ୍ୟାପୀଥିବ, ତେବେ ବିଶେଷ ଲୋକ ଏକତ୍ର ହୋଇ ଜମା ହେବ ନାହିଁ । ଆଉ ରୋଗିକୁ ଉଲ୍ଲଉଠାଠାରୁ ଗ୍ରାମର ଅନ୍ତରରେ ରଖିଲେ ଉପକାର ହେବ । ଯେଉଁ ସ୍ଥାନରେ ରୋଗିକୁ ରଖିବ, ସେ ସ୍ଥାନ ପରିଷ୍କାର ଥିବ ଆଉ ସେଠାରେ ପ୍ରଚୁରରୂପେ ନିର୍ମଳ ପବନ ବହୁଥିବ । ରୋଗିର ବାନ୍ତି ଓ ଝାଡ଼ା ମାଟି-ପୂର୍ଣ୍ଣ ବର୍ତ୍ତନରେ ରଖିବ ; ତାହା ଭୂମିରେ ଯେପରି ପଡ଼ି ପାରିବ ନାହିଁ , ତଦ୍ବିଷୟରେ ସତର୍କ ଥିବ । ଯଦ୍ୟପି ଅକସ୍ମାତ୍ ପଡ଼ିଯାଏ, ତେବେ ଭୂମିକୁ ଖୋଳି ମୃତ୍ତିକା ପ୍ରାଟି ଚୂନ ଲିପି ଦେବ । ସେପରି କଲେ ତହିଁର ବିଷ ଦୂର ହୁଏ । ଏବଂ ଯେଉଁ ବାନ୍ତି ଝାଡ଼ା ମାଟିପୂର୍ଣ୍ଣ ବାସନରେ ରଖା ଯାଇଥିବ, ତାକୁ ଗ୍ରାମ ବାହାରକୁ ନେଇ ପୋତି ପକାଇବ ; ଯେପରି ଜଳ ପବନ ଉକ୍ତ ଦୁର୍ଗନ୍ଧରେ ଦୂଷିତ ହୋଇ ପାରିବ ନାହିଁ । ରୋଗିର ବସ୍ତ୍ର ଅନ୍ୟ ବସ୍ତ୍ର ସଙ୍ଗରେ ମିଶାଇବ ନାହିଁ । ରୋଗିର ବସ୍ତ୍ରକୁ ଗରମ ପାଣିରେ ପରିଷ୍କାର କରିବା ଉଚିତ । ଆଉ ବସ୍ତ୍ର ଧୋଇଥିବା ମଇଳାକୁ ଏକ ଗର୍ତ୍ତ ଭୂମି ଖୋଳି ତହିଁରେ ପୋତି ଦେବ ।

ଯେଉଁ ସ୍ଥାନରେ ଏହି ରୋଗ ପ୍ରବେଶ କରେ, ସେ ସ୍ଥାନ ଭୟଙ୍କର ବୋଧ ହୁଏ । ଏଣୁ କିଛି ଦିନ ନିମନ୍ତେ ସେ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ରହିଲେ ଭଲ ହୁଏ । ପୁନଶ୍ଚ ସେ ସ୍ଥାନର କାନ୍ଥଆଦିରେ ଚୂନ ଫେରାଇ ପରିଷ୍କାର କରି ତହିଁରେ ଗନ୍ଧକ ଜାଳି ଦେଲେ ବିଷ ଦୂରୀଭୂତ ହୁଅଇ । ଯେଉଁ ଦିନରେ ଉଲ୍ଲଉଠା ଲାଗିଥିବ, ସେ ସମୟରେ କଞ୍ଚା ଓ ଗୁରୁପାକ ପଦାର୍ଥ ଆଉ କଦଳି, କାକୁଡ଼ି, ମେଉଆ, କଖାରୁ, ତରବୁଜ ଓ ଶାକାଦି ଭକ୍ଷଣ କରିବା ଅନୁଚିତ । ଏହି ସମୟରେ ପାଣିକୁ ଉଷ୍ମ କରି ଶୀତଳ ହେଲା ପରେ ପିଇବା ଉଚିତ । ହୋଇ ପାରିଲେ ନହର, ପୁଷ୍କରିଣୀ ଆଦିର ଜଳ ପାନ କାର୍ଯ୍ୟରେ ବ୍ୟବହାର କରି ନ ଦେବ ଓ ବଜାରରୁ ଦୁଧ ଓ ମିଠାଇ ବ୍ୟବହାର ନ କରି ଦୂର ରହିବା ଉଚିତ ।

ସର୍ବସାଧାରଣଙ୍କୁ ଉଚିତ ଯେ ଉଲ୍ଲଉଠା ରୋଗ ବ୍ୟାପୀ ଥିବା ସ୍ଥାନକୁ

କଦାପି ଯିବା ଆସିବା କରିବେ ନାହିଁ । ଯଦ୍ୟପି ଜ୍ଞାତି ଭାଇ ଓ ପରିବାର ଆଦିଙ୍କ ଆବଶ୍ୟକ କାର୍ଯ୍ୟରେ ଯିବାକୁ ପଡ଼ିବ, ତେବେ ରୋଗିର ନିକଟରେ ବସି ରୋଗୀ ଛୁଇଁ ଥିବା ପଦାର୍ଥ ଖାଇବ ନାହିଁ ଆଉ ବେମାରି ନିକଟରୁ ଆସି ହସ୍ତ, ମୁଖ, ନାସିକା ଜଳରେ ଧୋଇ ପରିଷ୍କାର କରି ନେବ ।

ଏହି ଦେଶର ଅନେକ ଭାଗରେ ଲୋକେ କହନ୍ତି ଯେ ଓଲାଉଠାକୁ ଦେବୀମାଈ ଜାତ କରନ୍ତି ଏବଂ ତାଙ୍କୁ ବଶୀଭୂତ କରିବା ନିମନ୍ତେ ନାଚ କୀର୍ତ୍ତନ ପୂଜାଦି ସବୁ ଶେଷ ପର୍ଯ୍ୟନ୍ତ କରନ୍ତି । ସମସ୍ତ ସବୁ ବାହାରେ ରହି ପରିଶ୍ରମ କରିବାରୁ ଓଲାଉଠା ଅଧିକ ପ୍ରବଳ ହୋଇଯାଏ । ଏଣୁକରି ଏହା ମନରେ ରଖିବା ଉଚିତ ଯେ ଦେବୀ କଦାପି ଓଲାଉଠା ଉତ୍ପନ୍ନ କରନ୍ତି ନାହିଁ । ଏହି ରୋଗ ବହୁଧା ମଇଳା, ଅପରିଷ୍କାର ବାୟୁ ଓ ଜଳର ବିକାରରୁ ଉତ୍ପନ୍ନ ହୁଅଇ ।

# ପାଠ ୪୮ ।

## କୃଷିବିଦ୍ୟା, ୧୩ଶ ଭାଗ ।

### କୃଷକର ପଶୁରକ୍ଷା ।

କୃଷକର ହଳ ବହିବା ପ୍ରଭୃତି କାର୍ଯ୍ୟ ପଶୁମାନଙ୍କଦ୍ୱାରା ଚଳଇ । ଏମାନେ କ୍ଷେତ୍ରରେ ଶସ୍ୟ ଉତ୍ପନ୍ନ ହେବା ପାଇଁ ବହୁତ ଖତ ଦେଉଅଛନ୍ତି ଏବଂ ଦ୍ୱିତୀୟ ତୃତୀୟ ବର୍ଷଟରେ ଗହମ କ୍ଷେତ୍ରକୁ ଉର୍ବର କରିବା ନିମନ୍ତେ ତହିଁରେ ଯେଉଁ ଶସ୍ୟ ଲଗାଯାଏ, ସେହି କଞ୍ଚା ଶସ୍ୟକୁ ଖାଇଯାନ୍ତି । ଏହେତୁରୁ କୃଷିର କାର୍ଯ୍ୟରେ ପଶୁ ଦ୍ୱାରା ବହୁତ କାର୍ଯ୍ୟ ସମ୍ପାଦିତ ହେଉଅଛି । ଯଦି ତୁମ୍ଭେ ପଶୁମାନଙ୍କଦ୍ୱାରା ଉତ୍ତମ କାର୍ଯ୍ୟ ନେବାକୁ ଅଭିଲାଷ କର ତେବେ ନିମ୍ନୋକ୍ତ ଚାରି ଗୋଟି ବିଷୟରେ ସମଧିକ ଦୃଷ୍ଟି ଦେବା ଉଚିତ ।

(୧) ପଶୁ ଚରାଇବା ଓ ଉତ୍ତମରୂପେ ପାଳନ କରିବା ଉଚିତ ।

(୨) ପ୍ରୟୋଜନରୁ ଅଧିକ ପଶୁ ରଖିବା ଅନାବଶ୍ୟକ ।

(୩) ସର୍ବୋତ୍କୃଷ୍ଟ ପଶୁ ପାଳନ କର ।

(୪) ସେମାନଙ୍କୁ ରୋଗରୁ ବଞ୍ଚାଇବା ନିମନ୍ତେ ଉପାୟ କର ।

ପଶୁକୁ ପୂର୍ଣ୍ଣରୂପେ ଖାଦ୍ୟ ଦେଲେ ସେମାନଙ୍କଦ୍ୱାରା ବହୁତ କାର୍ଯ୍ୟ ସାଧିତ ହୁଏ; ଉଦର ପୂର୍ତ୍ତି କର ଉତ୍ତମ ପଦାର୍ଥ ଖାଇବାକୁ ଦେଲେ କେବଳ ସେମାନେ ପାଳିତ ହେଉଅଛନ୍ତି ଏମନ୍ତ ନୁହେ; କେତେକ ବର୍ଷ ପରେ ସେମାନଙ୍କ ସନ୍ତାନମାନେ ସୁଦ୍ଧା ସବଳ ହେଉଅଛନ୍ତି । ଓର୍ଦ୍ଧା, ନାଗପୁର ଓ ନିମାଡ଼ ଜିଲ୍ଲାରେ ପଶୁମାନଙ୍କୁ କପାଅଁଠୀ ଆଉ ଜୁଆରି ଖୁଆଉଥିବାରୁ ସେମାନେ ଉତ୍ତମ ପୁଷ୍ଟ ହେଉଅଛନ୍ତି । ଉତ୍ତର ଦିଗସ୍ଥ ପଶୁକୁ ଗହମର ଭୂସା ଖୁଆଇବାରୁ ମଧ୍ୟଭଲି ହୁଅନ୍ତି; କିନ୍ତୁ ଛତିଶଗଡ଼ ଓ ଅନ୍ୟାନ୍ୟ ଧାନ କମାଉଥିବା ଜିଲ୍ଲା ସମୂହରେ ପଶୁକୁ କେବଳ ପୁଆଳ ଖୁଆଇବା ହେତୁରୁ ସେମାନେ ଅପେକ୍ଷାକୃତ କ୍ଷୁଦ୍ର ଓ ଦୁର୍ବଳ ହୋଇଯାନ୍ତି ।

କୃଷକମାନଙ୍କୁ ଉଚିତ ଯେ ସେମାନଙ୍କ ଖାଇବା ନିମନ୍ତେ ଧାନ କମାଉ-
ଥିବା କଳା ମୃତ୍ତିକାରେ ଦ୍ୱିତୀୟ ଥର ବୁଟବୁଣ୍ଟ ଓ ଖୁଡ଼ିୟା ଚଣା କମାଇବେ
ଏବଂ ହିଡ଼ରେ ହରଡ଼ ଆଦି ଲଗାଇବେ । ପ୍ରତ୍ୟେକ ଋତୁରେ ବଳଦମାନଙ୍କୁ
ସର୍ବଦା ଲବଣ ଖୁଆଇବା ବିଧେୟ ।

ଗ୍ରୀଷ୍ମ ଋତୁରେ ପଶୁ ନିମନ୍ତେ କଞ୍ଚା ଘାସ ମିଳେ ନାହିଁ, ତାହା ଗୋଟିଏ
ଉପାୟରେ ସେହି ସମୟ ପର୍ଯ୍ୟନ୍ତ ମିଳିପାରେ । ଏକ ଉଚ୍ଚ ଶୁଷ୍କ ଭୂମିରେ
୮ ହାତ ଲମ୍ବା ଓ ୬ ହାତ ଚଉଡ଼ା ଏବଂ ୫ ହାତ ଗଭୀର ଏକ ଗର୍ତ୍ତ
ଖୋଳିବ; ତହିଁରେ ଦଶହରା ମାସର ପାକଳ ଘାଁସ ଠେସି ୨ ପୂର୍ତ୍ତି କରିବ ।
ଯେତେବେଳେ ଉପରକୁ ଏକ ହସ୍ତ ଖାଲି ରହିବ, ସେତେବେଳେ ତାର
ଉପରେ ଏକ ବାଉଁଶ ଚାଲ ପକାଇ ତଦୁପରି ଶୁଷ୍କ ଘାସ ଦେବ, ଏବଂ
ତହିଁ ଉପରେ ୪ ଦିନ ପର୍ଯ୍ୟନ୍ତ ଚୂର୍ଣ୍ଣ ମାଟି ଠେସି ୨ ଭରିବ; ଯେ ପର୍ଯ୍ୟନ୍ତ
ଭୂମି ଉପରେ ଗୋଟିଏ ଟିକରି ପରି ନ ହୁଏ । ଏହାର ଉପରେ ଏକ
ଛାଉଣି ଏବଂ ଚଉପାର ଚତୁର୍ଦ୍ଦିଗରେ ପାଣି ବୋହି ଯିବା ଭଳି ନାଳ କରି
ଦେବ । ଫାଟ ବାହାରିଲେ ତହିଁରେ ମାଟି ଭରି ଦେଉଥିବ । ୮ ମାସ
ପରେ ଖୋଳିଲେ ଦେଖାଯିବ ଯେ ତହିଁରେ ଥିବା ଘାସ ନିସଡ଼ି ରସଯୁକ୍ତ ଓ
ରୁଚିକର ହୋଇଥିବ । ଗୋରୁମାନେ ଏହି ଘାସକୁ ଆନନ୍ଦରେ ଆହାର
କରନ୍ତି । ଉଲ୍ଲିଖିତ ଘାସ ଦୁଇ ବଳଦର ଛଅମାସର ଖାଦ୍ୟ ଅଟେ ।

କୃଷକମାନେ ଅନେକ ପଶୁଙ୍କୁ ଗ୍ରାମର ଗୋଚରକୁ ଚରିବା ପାଇଁ ଅଡ଼ାଇ
ଦିଅନ୍ତି; ଏହିହେତୁରୁ ସେମାନେ ସେ ସବୁର ଆହାର, ପାନ ଓ ଯତ୍ନ
ବିଷୟରେ ବିଶେଷ ତତ୍ତ୍ୱ ନେଇ ପାରନ୍ତି ନାହିଁ; ଏଣୁ ସେ ସବୁ ଆଷାଢ଼
ମାସ ଅଡ଼କୁ ଦୁର୍ବଳ ହୋଇ ମରିଯାନ୍ତି; ଏଣୁକରି କୃଷକଙ୍କୁ ଉଚିତ ଯେ
ବାଛି ୨ କେତେକ ଅଳ୍ପ ପଶୁଙ୍କୁ ଗୃହରେ ରଖି ପ୍ରତ୍ୟହ ଆହାର ପାନ
ଦେଉଥିବେ । ଗ୍ରାମର ଗୋଚର କର୍ଷଣ ହେଲା ପରେ ଅଗତ୍ୟା ସେପରି
କରିବାକୁ ପଡ଼େ ।

ଗୋଚରରେ ଘାସ ନ ମିଳିବାରୁ ଓ ଗୋମୟ ଅବ ମଇଳା ଲାଗିବାରୁ ପଶୁମାନେ ରୋଗୀ ହୋଇ ମରଯାନ୍ତି । ସେ ସବୁର ଦେହରେ ଚାରି ପ୍ରକାର

ରୋଗ ହୁଏ; ଯଥା, ୧ମାଡ଼ି, ୨ଘଟସରପ, ୩ଫାଙ୍ଗସିୟା, ୪ପାଦ ଖୁରା । ଏଥିରୁ ଚତୁର୍ଥ ରୋଗ ଔଷଧ ପ୍ରୟୋଗ କଲେ ଉତ୍ତମ ହୋଇ ଯାଏ; ମାତ୍ର ପ୍ରଥମ ତିନ ରୋଗ ସଂକ୍ରାମକ ଅଟେ । ଏଣୁକରି ଏହା ବୃଦ୍ଧି ନ ହେବା ପକ୍ଷରେ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ । ନୀରୋଗୀ ପଶୁଠାରୁ ରୋଗୀ ପଶୁମାନଙ୍କୁ ବହୁତ ଦୂରରେ ରଖିବା ଓ ପୃଥକ୍‌ ଚରାଇବା ଉଚିତ । ରୋଗ ପଡ଼ିଥିବା ଗ୍ରାମର ନୀରୋଗୀ ବଳଦମାନଙ୍କୁ ଅନ୍ୟ ଗ୍ରାମର ନୀରୋଗୀ ବଳଦ ସଙ୍ଗରେ ମଧ୍ୟ ମିଶାଇବ ନାହିଁ । ରୋଗ ନ ହେବାର କିଛି ଉପାୟ ସୁଦ୍ଧା ଅଛି । ଗୃହର ଲୋକ ଚରାଉ ଥିବା ବଳଦ ବହୁବାର ରୋଗରୁ ମୁକ୍ତ ହେଉଅଛନ୍ତି । ରୋଗ ହେବା ସମୟରେ ନୀରୋଗୀ ପଶୁମାନଙ୍କୁ ଏକ ଗୁହାଳରେ ଅର୍ଦ୍ଧ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ କରି ପ୍ରତ୍ୟେକ ପାର୍ଶ୍ୱରେ ଗନ୍ଧକର ଧୂଆଁ ଦେବ; ଏଥିରେ ରୋଗ ନ ହେବାର ପୂର୍ଣ୍ଣ ଭରସା ନ ଥିଲେହେଁ ହେବାର ଭୟ ଊଣା ପଡ଼େ ।

---

(୧) ଏହାକୁ ଦେବୀ, ମାଈ, ମହାମାଈ, ଶୀତଳା ଓ ଇଂରାଜୀରେ ରିଣ୍ଡର ପେଷ୍ଟ କହନ୍ତି ।

(୨) ଏହାକୁ ଗୋଲ୍‌, ମଣ୍ଡିରଦର୍ପ ଓ ଇଂରାଜୀରେ ଏନ୍‌ ଥ୍ରାକ୍ସ କହନ୍ତି ।

(୩) ଫୋପସା, ଫେଫଡ଼ିୟା, ଫାଙ୍ଗଡ଼ା ଓ ଇଂରାଜୀରେ ପ୍ଲୁରୋ ନ୍ୟୁମୋନିୟା କହନ୍ତି ।

(୪) ପାଦଖୁରା, ବୈଦ୍ୟ, ବେଗୀ ଆଉ ଇଂରାଜୀରେ ଫୁଟ ଏଣ୍ଡ ମାଉଥଡିଜିଜ କହନ୍ତି ।

(୫) ଏହି ସବୁ ରୋଗ ଚିହ୍ନିବା ଆଉ ଔଷଧ କରିବା କୃଷିବିଦ୍ୟା ୨ମ ପୁସ୍ତକର ପରିଶିଷ୍ଟରେ ଲେଖାଅଛି ।

## ପାଠ ୪୮ ।

## ସନ୍ ୧୮୫୭ ର ଯୁଦ୍ଧ ବା ସିପାହି-ବିଦ୍ରୋହ ।

ପୂର୍ବ ଐତିହାସିକ ପାଠମାନଙ୍କରେ ଲେଖାଅଛି ଯେ ଇଂରାଜ ରାଜ୍ୟ ସମସ୍ତ ଭାରତବର୍ଷରେ ହୋଇଗଲା । ଭାରତବର୍ଷର ଅଧିକାଂଶ, ଯାହାକୁ ସରକାରୀ ରାଜ୍ୟ କହନ୍ତି, ଏମାନେ ନିଜେ ଶାସନ କରି ଆସୁଅଛନ୍ତି । ଯେଉଁ ରାଜ୍ୟମାନ ଏମାନେ ଜୟ କରି ନାହାନ୍ତି, ସେ ସବୁକୁ ସ୍ୱାଧୀନ ରାଜ୍ୟ ବୋଲାଯାଏ ; ଯଥା, ନେପାଲ, ଭୁଟାନ । ଅନେକ ରାଜା ସରକାରର ଅଧୀନରେ ରହିବାକୁ ସ୍ୱୀକାର କଲେ ; ଯଥା, ମୈସୁର ଓ ହାଇଦରାବାଦ । ଏହି ରାଜ୍ୟମାନ ରାଜାମାନଙ୍କର ଅଧିକାରରେ ଅଦ୍ୟାବଧି ଚଳି ଆସୁଅଛି ଏବଂ ଏସବୁକୁ ରକ୍ଷିତ ରାଜ୍ୟ ବୋଲାଯାଏ ; କାରଣ କି ସରକାର ଇଂରାଜ ଏସବୁକୁ ରକ୍ଷା କରନ୍ତି ।

ଯାହା ହେଉ ସରକାରର ରାଜ୍ୟ ଓ ପ୍ରଭାବ ସମଗ୍ର ଭାରତବର୍ଷରେ ପ୍ରସ୍ଥାରିତ ହେଲା ଆଉ ଇଂରାଜମାନଙ୍କ ନିମନ୍ତେ କଲହ ବିବାଦର କାରଣ ଅବଶିଷ୍ଟ ନାହିଁ ବୋଲି ଅନୁମିତ ହେଉଥିଲା । ଏତିକିରେ ଏକାବେଳକେ ସନ୍ ୧୮୫୭ ଇସିବୀରେ ବିଦ୍ରୋହ ଆରମ୍ଭ ହେବାରୁ ସମଗ୍ର ଦେଶରେ ହୁଲସ୍ଥୁଲ ପଡ଼ିଗଲା ।

ଏହି ଯୁଦ୍ଧଟି ନିମ୍ନଲିଖିତରୂପେ ଘଟିଥିଲା । ବଙ୍ଗଳା ହତାର ସେନା ମଧ୍ୟରେ ବିଶେଷତଃ ଅଯୋଧ୍ୟାନିବାସୀ ସିପାହି ପୂର୍ଣ୍ଣଥିଲେ । ସେମାନଙ୍କର ଆପଣା୨ ସୈନିକତାରେ ବିଶେଷ ଗର୍ବ ଥିଲା ଆଉ ସେମାନେ ବୋଧ କରୁଥିଲେ ଯେ କେବଳ ସେମାନେହିଁ ସରକାର କମ୍ପାନିକୁ ଭାରତବର୍ଷ ଜୟ କରାଇ ଦେଇଅଛନ୍ତି । ଅଯୋଧ୍ୟା ରାଜ୍ୟ ଲୁପ୍ତ ହେବାରୁ ଅଥବା ଅନ୍ୟ କୌଣସି କାରଣରୁ ସେମାନେ ମନରେ ସନ୍ତପ୍ତ ଥିଲେ । ତହିଁରେ କୌଣସି ନୃଶଂସ ଏହି ଜନରବ ଉଠାଇ ଦେଲା ଯେ ସିପାହିମାନଙ୍କୁ ବଣ୍ଟା ଯାଉଥିବା

ନୂତନ ବନ୍ଧୁକମାନଙ୍କରେ ଗୋରୁ ଓ ଶୂକରର ଚର୍ବୀ ଲାଗି ଥାଏ; ଏଥିର ବ୍ୟବହାରଦ୍ୱାରା ସରକାର ହିନ୍ଦୁ ଓ ମୁଶଲମାନ ସିପାହିମାନଙ୍କର ଧର୍ମ ନାଶ କରିବାକୁ ଉଦ୍ୟତ ହୋଇ ଅଛନ୍ତି। ଏହି କାରଣରୁ ଅଥବା ଆଉ କୌଣସି ଗୁଢ଼ କାରଣରୁ ବଙ୍ଗଳା ହତାର ହିନ୍ଦୁସ୍ଥାନୀ ସେନା ମଧ୍ୟରେ ସ୍ଥାନେ୨ ବିଦ୍ରୋହ ଆରମ୍ଭ ହେଲା । ପ୍ରଥମତଃ କଲିକତା ନିକଟବର୍ତ୍ତୀ ବାରକପୁରରେ, ପରେ ଉତ୍ତର ପଶ୍ଚିମ ପ୍ରଦେଶସ୍ଥ ସୁବୃହତ୍ ମିରଟ ଛାଉଣିରେ ଏହି ବିଦ୍ରୋହ ଆରମ୍ଭ ହେଲା । ଏଠାରେ ସେନାମାନେ ଆପଣାର ପ୍ରଧାନ କର୍ମଚାରୀମାନଙ୍କୁ ମାରି ସେମାନଙ୍କ କୋଠି ଦାହ କରି ଦେଇ ଏବଂ ସରକାରୀ କୋଷାଗାର ଲୁଣ୍ଠନ କରି ଦିଲ୍ଲୀ ଆଡ଼କୁ ଅଗ୍ରସର ହେଲେ ଏବଂ ସେଠାରେ ପ୍ରବେଶ କରି ପେନ୍‌ସନ ଭୋଗୀ ମୋଗଲ ରାଜକୁମାରଙ୍କୁ ବାଦସାହ କରି ତାହାଙ୍କ ନାମରେ ପତାକା ଉଡ଼ାଇଲେ । ଏହି ପ୍ରକାରେ ଅଯୋଧ୍ୟାର ସେନା ବିଦ୍ରୋହୀ ହୋଇ ପଡ଼ିଲେ; କାନପୁର ହସ୍ତଗତ କରି ସେଠାର ପ୍ରଧାନ କର୍ମଚାରୀମାନଙ୍କୁ ନଷ୍ଟ କଲେ ଓ ଲକ୍ଷ୍ନୌ ବେଷ୍ଟନ କଲେ । ଏହି ବିଦ୍ରୋହ ବନ୍ଦ କରି ଦେବା ନିମନ୍ତେ କଲିକତାଠାରୁ ଇଂରାଜମାନେ ସେନା ପ୍ରେରଣ କଲେ । ସେମାନଙ୍କୁ ଆସିବାକୁ ଦୁଇ ମାସ କାଳ ଲାଗିଲା; କାରଣ ସେ ସମୟରେ ରେଲ ଥିଲା ନାହିଁ । ସେମାନେ ଆସିବା ସମୟରେ ପ୍ରଥମତଃ ବିଠୁରର ନାନାପନ୍ଥ, ଯେ କି ନାନାସାହେବ ନାମରେ ଖ୍ୟାତ ହୋଇଅଛନ୍ତି, ଆପଣା ହସ୍ତରେ ପଡ଼ିବା ଇଂରାଜ ସ୍ତ୍ରୀ ଓ ବାଳକମାନଙ୍କୁ ନାଶ କରି ସେମାନଙ୍କ ମୃତ ଶରୀର କୂପରେ ପକାଇ ଦେଉଥିଲେ । ଏହି ନାନାସାହେବ ପୁନାର ଅନ୍ତିମ ପେଶବା ବାଜିରାଓଙ୍କର ଦତ୍ତପୁତ୍ର ଥିଲେ । ସରକାର ଏହାଙ୍କ ପେନ୍‌ସନ ଅସ୍ୱୀକାର କରିଥିଲେ । ଏଥିନିମନ୍ତେ ଯୁଦ୍ଧ ହେବା ମାତ୍ରେ ସେ ବିଦ୍ରୋହୀମାନଙ୍କର ନେତା ହୋଇଗଲେ । ଇଂରାଜ ସେନା ଆସି ଯେତେବେଳେ କାନପୁର ଜୟ କରି ନେଲେ ଆଉ ଲକ୍ଷ୍ନୌର

ବିଦ୍ରୋହିମାନଙ୍କୁ ମାରି ତଡ଼ି ଦେଲେ, ସେତେବେଳେ ଏହି ନାନାସାହେବ କୌଣସି ଜଙ୍ଗଲକୁ ପଳାୟନ କଲେ । ଅଦ୍ୟାବଧି ତାହାଙ୍କ ପତ୍ତା ନାହିଁ ।

ଏହି ପ୍ରକାରେ ପଞ୍ଜାବ ସେନା ଶିଖ ଓ ଗୋରଖାମାନଙ୍କର ସହାୟତାରେ ଦିଲ୍ଲୀରେ ମିଳିତ ହୋଇଥିବା ବିଦ୍ରୋହିମାନଙ୍କୁ ପରାସ୍ତ କଲେ ଏବଂ ଦିଲ୍ଲୀ ଜୟ କଲେ; ଆଉ ବାଦସାହଙ୍କୁ କଏଦ କରି ରେଙ୍ଗୁନକୁ ପଠାଇଦେଲେ ଓ କୋମ୍ପାନିର ସେନା ମଧ୍ୟ-ହିନ୍ଦୁସ୍ଥାନରେ ଶାନ୍ତି ସ୍ଥାପନ କଲେ । ବଙ୍ଗଳା-ହତାର ସିପାହିମାନେ ଏହି ବିଦ୍ରୋହ କରିଥିଲେ; ମାଏ ମାନ୍ଦ୍ରାଜ ଓ ବୋମ୍ବାଇ ହତାର ସେନାମାନେ ବିଶ୍ୱାସୀ ରହିଲେ । ଯେଉଁ ଶିଖମାନେ ସରକାରଙ୍କ ଅଧୀନରେ ଥିଲେ, ସେମାନେ ଯେ କେବଳ ବିଶ୍ୱାସ ଭାଜନ ହୋଇ ରହିଲେ ଏପରି ନୁହେ, ବିଦ୍ରୋହ ରହିତ କରିବା ବିଷୟରେ ସେମାନେ ବିଶେଷ ସାହାଯ୍ୟ ଦେଇଥିଲେ । କେବଳ ଉତ୍ତର-ପଶ୍ଚିମ ପ୍ରଦେଶ, ଅଯୋଧ୍ୟା, ବେହାର, ଆଉ ବଙ୍ଗଳାରେ ଏହି ଗୋଳମାଳ ହେଲା । ପରନ୍ତୁ ସେଠାର ଜମିଦାର ଅବା ପ୍ରଜା ସେହି ସିପାହିମାନଙ୍କ ସଙ୍ଗୀ ହେଲେ ନାହିଁ । କାରଣ ସମସ୍ତେ ପ୍ରାଚୀନକାଳ ଅପେକ୍ଷା କୋମ୍ପାନିର ରାଜ୍ୟରେ ସୁଖୀ ଥିଲେ । ତଥାପି ଏହି ବିଦ୍ରୋହ ଏରୂପ ଭୟଙ୍କର ଥିଲା ଯେ ଇଂରାଜମାନଙ୍କୁ ଏଠାର ସୁଶାସନ ସମ୍ବନ୍ଧରେ ଅଧିକ ପରିବର୍ତ୍ତନ କରିବାକୁ ପଡ଼ିଲା ।

(୧) ଗୋରା ପଲଟନ ବୃଦ୍ଧି କରାଗଲା ଆଉ ହିନ୍ଦୁସ୍ଥାନୀ ପଲଟନ ସଂଖ୍ୟା ନ୍ୟୁନ କରାଗଲା ।

(୨) ହିନ୍ଦୁସ୍ଥାନୀ ପଲଟନରେ ଏହି ଅଯୋଧ୍ୟାବାସୀ ସୈନ୍ୟ ଅଳ୍ପ ଆଉ ଶିଖ ଓ ଗୋରଖା ଅଧିକ ଭର୍ତ୍ତି କରାଗଲେ ।

(୩) ଇଂଲଣ୍ଡର ମହାରାଣୀ ଓ ପାର୍ଲିଆମେଣ୍ଟ ଇଷ୍ଟଇଣ୍ଡିଆ କୋମ୍ପାନିଙ୍କୁ ଅଧିକାର ଚ୍ୟୁତ କରି ଏଠାର ରାଜ୍ୟ ଆପଣାର ଅଧୀନକୁ ନେଇଗଲେ ।

(୪) ସମଗ୍ର ଦେଶରେ ରେଲ ସଡ଼କ ତାର ଯନ୍ତ୍ର ଏବଂ ପକ୍କା ସଡ଼କ ସ୍ଥାନେ୨ ପ୍ରସ୍ତୁତ ହେଲା ।

ଏହି ଗୋଲମାଲ ଉପରୁ ଭାରତବର୍ଷର ଲୋକମାନଙ୍କୁ ଆଉ ତିନ ଗୋଟି ଯୁଦ୍ଧ କରିବାକୁ ପଡ଼ିଲା । ପ୍ରଥମ, ସିନ୍ଧୁ ପାର୍ଶ୍ୱର ଯେଉଁ ପାର୍ବତୀୟ ଲୋକମାନେ ଇଂରାଜ ରାଜ୍ୟକୁ ଆସି ଲୁଣ୍ଠନ ଓ ମାରଣ କରୁଥିଲେ, ସେମାନଙ୍କ ସହିତ ଯୁଦ୍ଧ ହେଲା । ଏ ସମସ୍ତ ଲୋକ କ୍ରମେ ୨ ଇଂରାଜ-ମାନଙ୍କ ଅଧୀନ ହୋଇଗଲେ ଏବଂ ଇଂରାଜ ରାଜ୍ୟ ପେଶୋଆରଠାରୁ କୁଇଟା ପର୍ଯ୍ୟନ୍ତ ବଢ଼ିଗଲା । ଦ୍ୱିତୀୟ ଯୁଦ୍ଧ ଅଫଗାନମାନଙ୍କ ସହିତ ହେଲା । ଏଥିରେ ପ୍ରଥମ ଯୁଦ୍ଧଠାରୁ ସରକାରର ଅଧିକ ଜୟ ହେଲା; ବର୍ତ୍ତମାନ ଏଠାର ଅମୀର ଅବଦୁଲ ରହମାନ ଖାଁ ସରକାରର ମିତ୍ର ଅଟନ୍ତି । ତୃତୀୟ ଯୁଦ୍ଧରେ ବ୍ରହ୍ମାର ରାଜା ଥିବଙ୍କୁ ବନ୍ଦି କରି, ବ୍ରହ୍ମା ସରକାର ରାଜ୍ୟରେ ମିଳିତ କରାଗଲା ।

ଏହିରୂପେ ବର୍ତ୍ତମାନ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଆଉ ବ୍ରହ୍ମା-ଠାରୁ ବେଲୁଚିସ୍ଥାନ ପର୍ଯ୍ୟନ୍ତ ସମସ୍ତ ଦେଶରେ ଶ୍ରୀମତୀ ମହାରାଣୀଙ୍କର ଯଶଃପତାକା ଉଡ଼ୁଅଛି ।

# ପାଠ ୫୯ ।

## କପଟର ଫଳ ବିନାଶ ।

ଏକ ସମୟରେ ଚାରିଜଣ ଚୋର ଏକ ବୃହତ୍ ନଗରକୁ ଚୋରି କରିବା ନିମନ୍ତେ ଗଲେ ଆଉ ସେଠାରେ ଜଣେ ଧନବାନ୍ ସାହୁକାରର ଅନେକ ଧନ ସମ୍ପତ୍ତି ଚୋରାଇ ଆଣିଲେ । ସେହି ସବୁ ପଦାର୍ଥ ବିଭାଗ କରିବା ପାଇଁ ଗୋଟିଏ ଅରଣ୍ୟରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, "ହେ ସଖେ ! ଚୋରି ବୃତ୍ତି କରିବାରୁ ଆମ୍ଭମାନଙ୍କୁ ଚିରକାଳ କ୍ଷୁଧା ପିପାସା ସହ୍ୟ କରିବାକୁ ହେଉଅଛି । ଅତଏବ ଯାହା ହେଉ, ଅଜ ଆନନ୍ଦରେ ସମସ୍ତେ ଉତ୍ତମରୂପେ ଭୋଜନ କରିବା ଉଚିତ ।" ଏଥିରେ ସମସ୍ତଙ୍କର ସମ୍ମତି ହେଲା । ତନ୍ମଧ୍ୟରୁ ଦୁଇଜଣ ଚୋର କିଛି ଚୋରି ଦ୍ରବ୍ୟ ନେଇ ମିଠାଇ କିଣିବା ନିମନ୍ତେ ନଗରକୁ ଗଲେ । ବାଟରେ ଯାଉଁ ଯାଉଁ ପରସ୍ପର ଏପରି ବିଚାର କଲେ କି ଚୋରି କରି କରି ଏତେ ଦୀର୍ଘକାଳ ଅତୀତ ହେଲା; ତଥାପି ଆପଣା ଆପଣା ଜୀବନ ସୁଖ ସ୍ୱଚ୍ଛନ୍ଦରେ କଟିଲା ନାହିଁ । ଯେଉଁ ପଦାର୍ଥ ବର୍ତ୍ତମାନ ହସ୍ତଗତ ହୋଇଅଛି ତାହା ଚାରି ଭାଗ କଲେ ପ୍ରତ୍ୟେକକୁ ଅଳ୍ପ ଅଳ୍ପ ମିଳିବ; ଆଉ ଚୋରି କରିବା ଆପଣା କର୍ମାର୍ଜ୍ଜିତ ଫଳ ବୋଲି କହିବାକୁ ହେବ । ଏଣୁକରି ଆମ୍ଭେ ଯେବେ ଆମ୍ଭର ଉଭୟ ସଖାଙ୍କୁ ଉପାୟ ଦ୍ୱାରା ବଧ କରି ପାରିବା, ତେବେ ତୁମ୍ଭେ ଆମ୍ଭେ ଦ୍ୱିଗୁଣ ଲେଖାଁଏ ସମ୍ପତ୍ତି ଭାଗ ନେବା । ଏହି ବିଚାର ସ୍ଥିର କରି ସେହି ଦୁଇ ଜଣ କିଛି ମିଠାଇ କିଣି ତହିଁରେ ବିଷ ମିଶ୍ରିତ କରିଦେଲେ । ଏଆଡେ ସୁଦ୍ଧା ଏହି ଦୁଇ ଚୋରଙ୍କ ହୃଦୟରେ ସେମାନଙ୍କ ତୁଲ୍ୟ ପାପ ଉଦୟ ହେଲା ଆଉ ପରସ୍ପର ଏପରି କୁହାକୁହି ହେଲେ । "ସେମାନେ ମିଠାଇ ଆଣି ପ୍ରବିଷ୍ଟ ହେବା ମାତ୍ରକେ ତୀକ୍ଷ୍ଣଧାର ସେ ଦୁହିଙ୍କୁ ଖଡ୍ଗରେ ବଧ କରି ଏ ସମସ୍ତ ଧନ ଉଭୟେ ବାଣ୍ଟି ନେବା" ଏହା ସ୍ଥିର କଲେ । ସେ ମିଠାଇ

କଣି ଯାଇଥିବା ଲୋକେ ନଗରରୁ ଏହି ଅବସରରେ ଫେରୁ ଆସିଲେ । ସେମାନେ, ତାଙ୍କ ସମ୍ମୁଖରେ ମିଠାଇ ଥୋଇଲା ସମୟରେ ସେହି ଦୁଇ ଜଣଙ୍କୁ ବଧ କଲେ । ତଦନନ୍ତର ଆନନ୍ଦିତ ମନରେ ବିଷ ମିଶ୍ରିତ ମିଠାଇ ଭୋଜନ କରି ଆପଣା୨ ଜୀବନ ବିସର୍ଜ୍ଜନ କଲେ । ଦେଖ, ସେହି ଚୋରଜଣ ଚୋରଙ୍କ ମନରେ କପଟ ଭାବ ପ୍ରବେଶ କରିବାରୁ ଏକାବେଳକେ ସମସ୍ତଙ୍କର ମୃତ୍ୟୁ ହେଲା । ଚୋରି ଦ୍ରବ୍ୟ ସବୁ ଅରଣ୍ୟର ଯେଉଁ ସ୍ଥାନରେ ଥିଲା, ସେହି ସ୍ଥାନରେ ପଡ଼ି ରହିଲା । ଅବଶେଷରେ ସେମାନଙ୍କ ମୃତ ଶରୀରକୁ କାକ, କୁକ୍କୁର ଓ ଗୃଧ୍ର ଖଣ୍ଡ୨ କରି ଭକ୍ଷଣ କଲେ ।

ପ୍ରମାଣ ଅଛି, ଚୋରର ପଦାର୍ଥ ଚଣ୍ଡାଳ ଖାଏ, ପାପୀ ଶୂନ୍ୟ ହସ୍ତରେ ରହିଯାଏ ।

---

## ପାଠ ୭୦ ।

## ଅହିଲ୍ୟାବାଈ ।

ଭାରତବର୍ଷରେ, ହିମାଳୟଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ଏମନ୍ତ କୌଣସି ଲୋକ ନାହିଁ ଯେ ଅହଲ୍ୟାବାଈଙ୍କ ନାମ ଶ୍ରବଣ ଓ ତାହାଙ୍କ କୃତ ଘାଟ, ସେତୁ ଧର୍ମ୍ମଶାଳା ଓ ପୁଷ୍କରିଣୀ ଇତ୍ୟାଦି ଦର୍ଶନ କରି ନାହାନ୍ତି । ହିନ୍ଦୁସ୍ଥାନରେ ଏପରି କୌଣସି ତୀର୍ଥସ୍ଥାନ ନାହିଁ, ଯେଉଁଠାରେ କି ତାଙ୍କର ଭୂତଦୟା, ଉଦାରତା ଓ ଧାର୍ମିକତାର ଚିହ୍ନ ଲକ୍ଷିତ ହୁଅଇ ନାହିଁ । ବୋଧ ହୁଏ, ଏହି ସୁପ୍ରସିଦ୍ଧା ରମଣୀଙ୍କର ଜୀବନ ଚରିତ ଅଦ୍ୟାବଧି କେହି୨ ଶ୍ରବଣ କରି ନ ଥିବେ । ଅତଏବ ଏଠାରେ ତାହାଙ୍କ ସଂକ୍ଷିପ୍ତ ବିବରଣ ଉଲ୍ଲେଖ କରା ଯାଉଅଛି ।

ମହାରାଜ ମଲ୍ଲହରରାଓ ହୋଲକର ମାରୁ-ନଦୀ ତଟବର୍ତ୍ତୀ ହୋହନ ଗ୍ରାମ ନିକଟରେ ଶୁଦ୍ର ବଂଶରେ ଜାତ ହୋଇଥିଲେ । ସେ ଭାଗ୍ୟବଶରୁ ପେଶବା ବାହାଦୁରଙ୍କର ସୈନ୍ୟାଧ୍ୟକ୍ଷ ହୋଇ ଅନେକ ଯୁଦ୍ଧରେ ଜୟ ଲାଭ କଲେ । ମାଲବା ରାଜ୍ୟ ତାଙ୍କର ଜାଇଗିର ଥିଲା ; ତେଣୁ ତାଙ୍କୁ ମାଲବାଧି-ପତି ବୋଲନ୍ତି । ତାହାଙ୍କର ଖଣ୍ଡେରାଓ ନାମକ ଗୋଟିଏ ମାତ୍ର ପୁତ୍ର ଥିଲେ । ଖଣ୍ଡେରାଓ ଭରତପୁର ନିକଟରେ କୁମ୍ଭେର ଯୁଦ୍ଧରେ ଜାଟମା-ମାନଙ୍କ ଦ୍ୱାରା ହତ ହେଲେ ଏବଂ ତାହାଙ୍କର ରାଣୀ ଅହଲ୍ୟାବାଈଙ୍କୁ ବିଧବାବସ୍ଥାରେ ରଖିଗଲେ । ସନ ୧୭୬୬ ଖ୍ରୀଷ୍ଟାବ୍ଦରେ ମଲ୍ଲହରରାଓ ମୃତ ହେବାରୁ ଅହଲ୍ୟାବାଈଙ୍କ ପୁତ୍ର ମାଲିରାଓ ରାଜା ହେଲେ ; ଅଉ ମା ୯ ସ ପର୍ଯ୍ୟନ୍ତ ରାଜତ୍ୱ କରି ସେ ସୁଦ୍ଧା ପରଲୋକ ଗମନ କଲେ । ତହିଁରେ ଅହଲ୍ୟାବାଈଙ୍କୁ ସ୍ୱୟଂ ରାଜକାର୍ଯ୍ୟ ଚଳାଇବାକୁ ପଡ଼ିଲା । ତାହାଙ୍କର ପୁରୋହିତ ଗଙ୍ଗାଧର ଯଶୋବନ୍ତ ତାହାଙ୍କୁ ଗୋଟିଏ ପୋଷ୍ୟପୁତ୍ର ରଖିବା ନିମନ୍ତେ ଉପଦେଶ ଦେଲେ ଏବଂ ପୋଷ୍ୟପୁତ୍ର ନ ରଖିଲେ ରାଜ୍ୟ ଅନ୍ୟର ହସ୍ତଗତ ହୋଇଯିବା ବିଷୟ ମଧ୍ୟ ତାଙ୍କୁ ବୁଝାଇ ଦେଲେ ; ମଧ୍ୟ ପାର୍ଶ୍ୱବର୍ତ୍ତୀ ରାଜାମାନଙ୍କୁ ତାଙ୍କ ବିରୁଦ୍ଧରେ ଉଠିବାକୁ ଉତ୍ତେଜିତ କଲେ । ରାଣୀ ଉତ୍ତର ଦେଲେ, ଦେଖ ଗଙ୍ଗାଧର, ଆମ୍ଭେ ଜଣେ ରାଜା-ଙ୍କର ଭାର୍ଯ୍ୟା ଓ ଜଣେ ରାଜାଙ୍କର ମାତା ସୁଦ୍ଧା ହୋଇଥିଲୁଁ । ବର୍ତ୍ତମାନ ଈଶ୍ୱର ଉଭୟଙ୍କୁ ନେଇ ଗଲେ । ମଲ୍ଲହରରାଓଙ୍କ ବଂଶ ଲୋପ ହୋଇ-ଗଲା । ଏବେ ଆମ୍ଭେ କଦାପି କାହାକୁ ପୁତ୍ରରୂପେ ଗ୍ରହଣ କରି ସିଂହା-ସନରେ ବସାଇବୁଁ ନାହିଁ । ଏହା କହି ସେ ଯୁଦ୍ଧର ଆୟୋଜନ ମଧ୍ୟ କରି ରଖିଲେ ; ମାତ୍ର ତାଙ୍କର ବଳଶାଳିତା ଦୃଷ୍ଟି କରି କୌଣସି ଶତ୍ରୁ ତାଙ୍କ ସହିତ ଯୁଦ୍ଧ କରିବାକୁ ସାହସୀ ହେଲେ ନାହିଁ । କିୟତ୍କାଳପରେ ଅହଲ୍ୟାବାଈ ଗଙ୍ଗାଧରଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଦେଓ୍ୱାନ ପଦରେ ଓ ତୁକୋଜିହୋଲକରଙ୍କୁ ସେନାପତି ପଦରେ ନିଯୁକ୍ତ କଲେ ।

ଉକ୍ତ ଦୁଇ ଜଣଙ୍କ ମଧ୍ୟରେ ରାଜକାର୍ଯ୍ୟ ଏପରି ଭାବରେ ବର୍ଣ୍ଣନ କଲେ ଯେ ସେମାନଙ୍କ ମଧ୍ୟରେ କେବେ କଳହ ହେଲା ନାହିଁ ।

ଅହଲ୍ୟାବାଈ ରାଜ୍ୟଭାର ଗ୍ରହଣ କଲା ସମୟରେ ରାଜକୋଷରେ ନଗଦ ଦୁଇ କୋଟି ମୁଦ୍ରା ଥିଲା । ଜାଇଗିରିରୁ ତାଙ୍କର ୪ । ୫ ଲକ୍ଷ ମୁଦ୍ରା ଆୟ ହେଉଥିଲା । ସେ ରାଜ୍ୟଭାର ଗ୍ରହଣ କରିବା ପୂର୍ବରେ ସବୁ ମୁଦ୍ରା ସତ୍କାର୍ଯ୍ୟରେ ବ୍ୟୟ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ; ରାଜ୍ୟଭାର ଗ୍ରହଣ କରିବା ପରେ ଉକ୍ତ ପ୍ରତିଜ୍ଞା ପାଳନ କଲେ । ଅହଲ୍ୟାବାଈ ବିଚାରାଳୟରେ ଉପସ୍ଥିତ ହୋଇ ରାଜକାର୍ଯ୍ୟ ଆଲୋଚନା କରନ୍ତି ଏବଂ ସ୍ୱୟଂ ପ୍ରଜାମାନଙ୍କର ନ୍ୟାୟାନ୍ୟାୟ ବିଚାର କରନ୍ତି । ଏପରି କୌଣସି ଆବେଦନକାରୀ ନ ଥିଲେ ଯେ ସ୍ୱୟଂ ଯାଇ ତାଙ୍କଠାରେ ଆବେଦନ କରି ନ ପାରନ୍ତି । ସେ ସର୍ବଦା ନ୍ୟାୟପଥରେ ଚଳୁଥିଲେ । ତହିଁପାଇଁ ତାହାଙ୍କର ପ୍ରଜାଗଣ ତାଙ୍କ ଉପରେ ବଡ଼ ସନ୍ତୁଷ୍ଟ ଥିଲେ । ସେ ଅନ୍ତଃକରଣରେ ଈଶ୍ୱରଙ୍କୁ ଭକ୍ତି କରନ୍ତି ଓ ସର୍ବଦା କହୁଥାନ୍ତି, ସର୍ବଶକ୍ତିମାନ୍ ସର୍ବାନ୍ତର୍ଯ୍ୟାମୀ ଈଶ୍ୱରଙ୍କ ସମୀପରେ ନିଜର କ୍ରିୟାକଳାପ ନିମନ୍ତେ ଉତ୍ତର ଦେବାକୁ ହେବ । ଅହଲ୍ୟାବାଈ ରାତ୍ର ଏକ ଘଟିକା ଥାଉଁ ଶଯ୍ୟା ତ୍ୟାଗ କରନ୍ତି ଓ ପ୍ରାତଃକୃତ୍ୟ ଶେଷ କରି ଗ୍ରନ୍ଥ ପଠନ କରନ୍ତି; ପରେ ସ୍ୱହସ୍ତରେ କିଛି ଦାନ ଦିଅନ୍ତି ଓ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ପରେ ଭୋଜନ କରନ୍ତି । ସେ ଭୋଜନ କରିବା ପରେ କିୟତ୍କାଳ ବିଶ୍ରାମ କରି ରାଜବେଶ ଧାରଣପୂର୍ବକ ରାଜସଭାକୁ ଗମନ କରନ୍ତି ଓ ସନ୍ଧ୍ୟା ପର୍ଯ୍ୟନ୍ତ ରାଜକାର୍ଯ୍ୟରୁ ବିରତ ହୁଅନ୍ତି ନାହିଁ । ତତ୍ପରେ ସନ୍ଧ୍ୟା ବନ୍ଦନା କରି ପୁନର୍ବାର ରାତ୍ରର ଘ ୯ ଘଣ୍ଟା ଠାରୁ ଘ ୧୧ ଘଣ୍ଟା ପର୍ଯ୍ୟନ୍ତ ରାଜକାର୍ଯ୍ୟରେ ବ୍ୟସ୍ତ ହୁଅନ୍ତି ।

ଇନ୍ଦୋର ପ୍ରଥମରେ ଗୋଟିଏ ଗ୍ରାମଥିଲା, ତାହାଙ୍କ ସମୟରେ ତାହା ନଗରରୂପରେ ପରିଣତ ହେଲା । ସେ ପ୍ରଜାମାନଙ୍କ ସମ୍ପତ୍ତି ଉପରେ ଲୋଭ କରୁ ନ ଥିଲେ; ବରଂ କାହାର ଉନ୍ନତି ଦେଖିଲେ ନିଜର ଉନ୍ନତି

ହେଲା ବୋଲି ବିଚାର କରୁଥିଲେ । ସେ ଗ୍ରୀଷ୍ମକାଳରେ ସ୍ଥାନେ୨ ଜଳ-ଛତ୍ର ବସାଉଥିଲେ ଆଉ ଶୀତକାଳରେ କମ୍ବଳ ଓ ଶୀତ ବସ୍ତ୍ରାଦି ବଣ୍ଟନ କରୁଥିଲେ ଏବଂ କ୍ଷୁଧାର୍ତ୍ତମାନଙ୍କୁ ଖାଦ୍ୟ ଦାନ କରୁଥିଲେ । ସେ ଏତେଦୂର ଦୟାଳୁ ଥିଲେ ଯେ ନଦୀର ମତ୍ସ୍ୟମାନଙ୍କୁ ଖାଦ୍ୟ ଦେବା ନିମନ୍ତେ ଲୋକ ନିଯୁକ୍ତ କରୁଥିଲେ ଓ ପକ୍ଷୀମାନଙ୍କ ଭୋଜନ ନିମନ୍ତେ ଶସ୍ୟପୂର୍ଣ୍ଣ କ୍ଷେତ୍ର କିଣି ଦେଉଥିଲେ । ତାଙ୍କର ବୁଦ୍ଧିବଳ ଓ ରାଜ୍ୟ ସୁଶାସନ କୌଶଳ ନିମ୍ନ-ଲିଖିତ କଥାରୁ ସ୍ପଷ୍ଟ ଜଣା ଯାଇପାରେ ଯେ ପୂର୍ବରେ ଭିଲମାନେ ଲୁଣ୍ଠନ ମାରଣ କରୁଥିବାରୁ ବ୍ୟାପାରୀମାନଙ୍କର ଗତାୟାତ କରିବା ବଡ଼ କଷ୍ଟକର ହେଉଥିଲା; ମାତ୍ର ଯେଉଁ ସମୟରୁ ସେ ଏପରି ନିୟମ କରିଦେଲେ ଯେ ଭିଲମାନେ ଆପଣା୨ ଜୀବନ ଯାତ୍ରା ନିର୍ବାହ ପାଇଁ ବ୍ୟାପାରୀମାନଙ୍କଠାରୁ କିଛି ଅଂଶ ପାଇବେ ଏବଂ ତତ୍ପରିବର୍ତ୍ତରେ ମାର୍ଗର ତତ୍ତ୍ୱାବଧାନ କରିବେ । ଯଦି ସେମାନଙ୍କ ସୀମା ମଧ୍ୟରେ କାହାରି କିଛି ଚୋରି ଯାଏ, ତେବେ ସେମାନେ ପୂର୍ଣ୍ଣ କ୍ଷତି ପୂରଣ କରି ଦେବେ; ନୋହିଲେ ସମୁଚିତ ଦଣ୍ଡ ପାଇବେ । ସେହି ଦିନଠାରୁ ଏହି ପଦ୍ଧତିରେ ଚୋରି ହ୍ରାସ ହେବାକୁ ଲାଗିଲା ।

ଅହଲ୍ୟାବାଈ ଅଧିକ ସୁନ୍ଦରୀ ସ୍ତ୍ରୀ ନ ଥିଲେହେଁ ଧର୍ମବଳରେ ତାଙ୍କର ମୁଖମଣ୍ଡଳ ତେଜୋପୂର୍ଣ୍ଣ ଦିଶୁଥିଲା । ସେ ସର୍ବଦା ପ୍ରଫୁଲ୍ଲ ଥାନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ସ୍ୱଭାବର ଅନ୍ୟଥା ଦେଖା ଯାଇ ନାହିଁ । ଅହଲ୍ୟାବାଈ ବିଧବା ହେବା ଦିନରୁ କେବେ ରଙ୍ଗ ବସ୍ତ୍ର ପରିଧାନ କରି ନାହାନ୍ତି । ସଦା ହସ୍ତରେ ଗୋଟିଏ ମାଳା ଧାରଣ କରିଥାନ୍ତି; ମାତ୍ର ତାହାଛଡ଼ା ଅନ୍ୟ କୌଣସି ଅଳଂକାର ଧାରଣ କରୁ ନ ଥିଲେ । ଦିନକରେ ଜଣେ ପଣ୍ଡିତ ତାହାଙ୍କ ପ୍ରଶଂସା ବିଷୟରେ ଗୋଟିଏ ଗ୍ରନ୍ଥ ରଚନା କରି ତାହାଙ୍କ ସମ୍ମୁଖରେ ପାଠ କଲେ । ଉକ୍ତ ଗ୍ରନ୍ଥ ଶ୍ରବଣ କରିବା ପରେ ସେ ଆଦେଶ ଦେଲେ, ଏହି କ୍ଷଣି ଏହି ଗ୍ରନ୍ଥ ନର୍ମ୍ମଦା ନଦୀରେ ବୁଡ଼ାଇ ଦିଅ ।

ସେ ତିରିଶ ବର୍ଷ ଏପରି ଶାସନ କରି ସନ୍ ୧୭୯୫ ସାଲରେ ପରଲୋକ ଗମନ କଲେ । ସେହି ସମୟରେ ତାଙ୍କର ବୟସ ବ ୬୦ ର୍ଷ ହୋଇଥିଲା । ହୋଲକର ପ୍ରଦେଶର ପ୍ରାଚୀନ ରାଜଧାନୀ ମହେଶ୍ୱର ନିକଟରେ ଅହଲ୍ୟା-ବାଈଙ୍କ ପ୍ରତିମୂର୍ତ୍ତି ଆଜି ପର୍ଯ୍ୟନ୍ତ ବିଦ୍ୟମାନ ଅଛି । ଲୋକମାନେ ଏହି ମୂର୍ତ୍ତିକୁ ଦେବୀ ବୋଲି ପୂଜା କରୁଅଛନ୍ତି ।

---

## ପାଠ ୨୯ ।

## ବଟ ବୃକ୍ଷ ।

ବଟ ବୃକ୍ଷର ଉତ୍ପତ୍ତି ବୃତ୍ତାନ୍ତ ଶୁଣିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ବୋଧ ହୁଏ । କାରଣ ଏହି ବୃକ୍ଷ ଯେଉଁ ବୀଜରୁ ଉତ୍ପନ୍ନ ହେଉଅଛି ତାହା ଶୋରିଷଠାରୁ ମଧ୍ୟ କ୍ଷୁଦ୍ରତର ଅଟେ । ଏହାର ଫଳ କାକ ଆଦି ପକ୍ଷିମାନେ ଖାନ୍ତି । ସେମାନଙ୍କ ମଳ ଯେଉଁ କାନ୍ଥ ଇତ୍ୟାଦି ସ୍ଥାନରେ ପଡ଼େ ତହିଁରୁ ଅଙ୍କୁର ଜାତ ହୁଏ । ଜଳ ସେଚନ ନ କଲେ ମଧ୍ୟ ପତିତ ସ୍ଥାନରେ ଅଙ୍କୁରିତ ହୁଏ । ଏହି ବଟ ବୃକ୍ଷ ପକ୍କା ଭିତ୍ତିରେ ଜାତ ହେଲେ ମଧ୍ୟ ତାହାର ଚେର ଦୃଢ଼ ହୋଇ କାନ୍ଥକୁ ଭାଙ୍ଗି ପକାଏ । ପିପ୍ପଳ ବୃକ୍ଷ ସଦୃଶ ଏହାକୁ ମଧ୍ୟ ମନ୍ଦିର ପାର୍ଶ୍ୱରେ ରୋପଣ କରି ତଳରେ ବେଦି ପ୍ରସ୍ତୁତ କରି ଦିଅନ୍ତି । ଭାରତବର୍ଷରେ ବଟ ବୃକ୍ଷ ବିଶେଷ ଜାତ ହେଉଅଛି । ଏହି ବୃକ୍ଷ ଡୁମ୍ବୁର ଜାତୀୟ ବୃକ୍ଷ ଅଟେ । ଏହାର ଫଳ ଡିମିରି ଫଳ ପରି ଲାଲ ଅଟେ । ଲୋକମାନେ ଏହାକୁ ଖାଇବାରେ ବ୍ୟବହାର ନ କଲେ ମଧ୍ୟ ପକ୍ଷିମାନେ ଭକ୍ଷଣ କରି ଏଥିରେ ପାଳିତ ହୁଅନ୍ତି । ବଟ ଓ ପିପ୍ପଳର ଛାୟା ଘନ ଥିବାରୁ ପଥଶ୍ରାନ୍ତ ପଥିକମାନଙ୍କ ପକ୍ଷରେ ସୁଖକର ବୋଧ ହୁଏ ।

ବର ପର୍ବରେ ଖଳି ଚଉକୋଣି ପର୍ବ ପୁଡ଼ା ଆଦ ପ୍ରସ୍ତୁତ ହୁଏ; ଏବଂ ଔଷଧ ନିମନ୍ତେ ମଧ୍ୟ ଏହି ବୃକ୍ଷ ଉପକାରୀ ଅଟେ । ଏହାର ଦୁଗ୍ଧ ମଲମ ପଇ କାର୍ଯ୍ୟରେ ଲାଗଇ । ଏଥିରୁ ଏପରି ଅଠା ବାହାରେ ଯେ ଯଦ୍ୟପି ଏହାର ଲେପ ଲଗାଯାଏ ତେବେ ତାହା ସହଜରେ ଛାଡ଼େ ନାହିଁ ।

ଉକ୍ତ ବୃକ୍ଷ ଏପରି ସ୍ଥୂଳ ଓ ବିସ୍ତୃତ ହୁଏ ଯେ ଶୁଣିଲେ ମନରେ ଆଶ୍ଚର୍ଯ୍ୟ ଜାତ ହୁଏ । ନର୍ମ୍ମଦା ନଦୀ ତୀରରେ ଗୋଟିଏ ବଡ଼ ବୃକ୍ଷ ଅଛି । ତାହାର ୩୫୦ ଗୋଟି ଗଣ୍ଡି ଅଛି ଆଉ ମଧ୍ୟ ନୂତନ ନୂତନ ଓହଳ ବାହାରୁ ଅଛି । ଏହାର ପରିଧି ଫୁଟ ୨୦୦୦ ଟି ଅଟେ । ତାହାର ସହସ୍ର ସହସ୍ର ଶାଖା ଅଛି ଏବଂ ତହିଁର ଛାୟାରେ ପାଞ୍ଚ ସହସ୍ର ଲୋକ ସ୍ୱଚ୍ଛନ୍ଦଭାବରେ ରହି ପାରନ୍ତି । ଦୂରରୁ ଦେଖିଲେ ତାହା ଗୋଟିଏ ସାମାନ୍ୟ ଅରଣ୍ୟବତ୍ ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ! ଏପରି ଅତି କ୍ଷୁଦ୍ର ବୀଜରୁ କେଡ଼େ ପ୍ରକାଣ୍ଡ ତରୁ ଉତ୍ପନ୍ନ ହେଉଅଛି । ଦୟାଶୀଳ ପରମେଶ୍ୱର ପରମ ଏହି ଉଷ୍ଣ ପ୍ରଦେଶସ୍ଥ ମନୁଷ୍ୟ ଏବଂ ପଶୁମାନଙ୍କ ଉପକାରାର୍ଥେ ଏବମ୍ଭୂତ ବୃକ୍ଷ ଛାୟା ଦାନ ପାଇଁ ଉତ୍ପାଦନ କରି ଦେଇଅଛନ୍ତି । ଏହାର କାଷ୍ଠ ବଢ଼ାଇମାନଙ୍କର କୌଣସି କାର୍ଯ୍ୟରେ ଆସୁ ନ ଥିବାରୁ ତାହା ସ୍ଥୂଳ ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହୁଅଛି ।

ଏହି ମଧ୍ୟପ୍ରଦେଶସ୍ଥ ଛିନ୍ଦୁଆଡ଼ା ଜିଲ୍ଲାର ଚିଗ୍ୱେଲ ନାମକ ଗୋଟିଏ ଗ୍ରାମରେ ଏକ ବୃହଦାକୃତିର ବଡ଼ ବୃକ୍ଷ ଅଛି । ତାହାର ତଳରେ ଏକ ବୃହତ୍ ବାଉଳି କୂପ ଅଛି; ଉକ୍ତ ବୃକ୍ଷ କେତେକ ବାଧା ଭୂମିକୁ ଆବୃତ କରିଅଛି ଓ ତାହାର ଛାୟାରେ ନିର୍ବିଘ୍ନରେ ୫୦୦ ଘୋଡ଼ା ବନ୍ଧା ହୋଇ ପାରିବାର ସ୍ଥାନ ଅଛି । ସେଠାରେ ଜଣେ ଫକୀର ବାସ କରନ୍ତି ଏବଂ ସେ ସରକାର ପକ୍ଷରୁ କିଛି ବେତନ ପାଇ ସେ ସ୍ଥାନକୁ ପରିଷ୍କାର ରଖିଥାନ୍ତି ।

# ପାଠ ୬୨ ।

## ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ ।

ଇଂରାଜମାନଙ୍କୁ ଏଠାରେ ସେମାନଙ୍କ ରାଜ୍ୟ ଦୃଢ଼ କରିବା, ଧୀରେ୨ ସମସ୍ତ ଶତ୍ରୁଙ୍କୁ ପରାସ୍ତ କରିବା ଏବଂ ଶେଷରେ ସମଗ୍ର ଭାରତବର୍ଷ ଓ ବ୍ରହ୍ମା ମଧ୍ୟ ଆପଣାର ଅଧୀନସ୍ଥ କରି ନେବା ବିଷୟ ପୂର୍ବ ପାଠମାନଙ୍କରେ ଲେଖି ଆସିଅଛୁଁ । ବର୍ତ୍ତମାନ କେବଳ ଏହା ଲେଖିବାକୁ ବାକି ଅଛି ଯେ ଏଡେ ବିଶାଳ ଦେଶରେ ସରକାର ଇଂରାଜ ବାହାଦୂର କେଡେ ସହଜରେ ଓ ସଫଳତା ସହିତ ରାଜ୍ୟ ଶାସନ କରୁଅଛନ୍ତି ।

ଏ ସମୟରେ ହିନ୍ଦୁସ୍ଥାନର ରାଜ୍ୟ ଶାସନ ଇଂଲଣ୍ଡର ମହାରାଣୀ ଓ ପାର୍ଲିୟାମେଣ୍ଟର ଅଧୀନରେ ଅଛି ପରନ୍ତୁ ପ୍ରକୃତରେ ସମସ୍ତ କାର୍ଯ୍ୟ ଏଠାରେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ହେଉଅଛି । ଏହି ଗଭର୍ଣ୍ଣମେଣ୍ଟର ମଧ୍ୟ ଦୁଇ ବିଭାଗ ଅଛି ।

(୧) ମୁଖ୍ୟ ଅର୍ଥାତ୍ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ।

(୨) ଲୋକାଲ ଅର୍ଥାତ୍ ସ୍ଥାନୀୟ ଗଭର୍ଣ୍ଣମେଣ୍ଟ ।

ଗଭର୍ଣ୍ଣର ଜେନେରେଲ ସାହେବ ବାହାଦୁର ଏଠାରେ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି । ସେ, ତାଙ୍କର ଦୁଇ କାଉନ୍ସିଲ ଓ କେତେକ ସେକ୍ରେଟେରୀ ଏ ସମସ୍ତ ମିଳିତ ହୋଇ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ବୋଲାଯାନ୍ତି । ସମଗ୍ର ଦେଶ ନିମନ୍ତେ ବିଧିବିଧାନ କରିବା, କର ଧାର୍ଯ୍ୟ ବା କ୍ଷମା କରିବା, ଯୁଦ୍ଧ କରିବା ଆଦି ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆର ଅଧିକାରରେ ଅଛି, କିନ୍ତୁ ଗଭର୍ଣ୍ଣର ଜେନେରେଲ ସାହେବଙ୍କର ମଧ୍ୟ ଏପରି କାର୍ଯ୍ୟମାନଙ୍କରେ ପୂର୍ଣ୍ଣ ଅଧିକାର ନାହିଁ । ତାହାଙ୍କୁ ପ୍ରତ୍ୟେକ ମହତ୍ କାର୍ଯ୍ୟରେ ମହାରାଣୀଙ୍କର ଅନୁମତି ନେବାକୁ ପଡେ ଏବଂ ଶ୍ରୀମତୀ ମହାରାଣୀ ମଧ୍ୟ ଆପଣା ମନ୍ତ୍ରୀ ଉପାଧିଧାରୀ ସେକ୍ରେଟେରୀ ଅଫ୍ ଷ୍ଟେଟ୍ ଓ ପାର୍ଲିଆମେଣ୍ଟର ମତ ବିନା

ଏପରି ଅନୁମତି ଦଅନ୍ତି ନାହିଁ । ସମସ୍ତଙ୍କ ମତ ଐକ୍ୟ ହେଲାରୁ ମହାରାଣୀ ପ୍ରତ୍ୟେକ ନୂତନ ଆଇନ ଆଦର ମଞ୍ଜୁରି ଦଅନ୍ତି ଆଉ ତହିଁରୁ ତାହା ଦେଶରେ ପ୍ରଚଳିତ କରାଯାଏ । କେବେ୨ ବଡ଼୨ ଲର୍ଡ ସାହେବମାନଙ୍କର ମତ ଖଣ୍ଡନ କରି ଦିଆଯାଏ ଏବଂ କେବେ୨ କିଛି ପରିବର୍ତ୍ତନ ସହିତ ମଞ୍ଜୁର କରାଯାଏ ।

ପ୍ରତ୍ୟେକ ପ୍ରଦେଶର ପ୍ରଧାନ କର୍ମଚାରିଙ୍କୁ ଲୋକାଲ ଗଭର୍ଣ୍ଣମେଣ୍ଟ କହନ୍ତି । ମାତ୍ର ଭିନ୍ନ ଭିନ୍ନ ପ୍ରଦେଶର ପ୍ରଧାନ କର୍ମଚାରିମାନେ ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଅନ୍ତି । ମାନ୍ଦ୍ରାଜ, ବୋମ୍ବାଇର ଶାସନ-କର୍ତ୍ତାମାନେ ଗଭର୍ଣ୍ଣର ; ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ, ପଞ୍ଜାବ ପ୍ରଭୃତିର ପ୍ରଧାନ କର୍ମଚାରିମାନେ ଲେଫ୍ଟନେଣ୍ଟ ଗଭର୍ଣ୍ଣର ; ଆଉ ମଧ୍ୟପ୍ରଦେଶ, ଆସାମ, ବ୍ରହ୍ମଦେଶ ଓ ଆଣ୍ଡେମାନ୍ ଓ ନକୋବର ଦ୍ୱୀପର ପ୍ରଧାନ କର୍ମଚାରିମାନେ ଚିଫ୍ କମିଶନର ବୋଲନ୍ତି ।

କୌଣସି୨ ପ୍ରଦେଶରେ ସେଠାର ପ୍ରଧାନ କର୍ମଚାରିଙ୍କ ସାହାଯ୍ୟ ନିମନ୍ତେ କାଉନ୍ସିଲ ବା ସଭା ମଧ୍ୟ ନିଯୁକ୍ତ କରା ଯାଇଅଛି । ଯଥା, ବୋମ୍ବାଇ, ମାନ୍ଦ୍ରାଜ, ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ ପ୍ରଭୃତି । ମାନ୍ଦ୍ରାଜ ହତାରେ କମିଶନର ନାହାନ୍ତି । ସେଠାରେ କଲେକ୍ଟର ସାହେବଙ୍କ ଅଧୀନରେ ରାଜସ୍ୱ ବିଭାଗର ତତ୍ତ୍ୱାବଧାରଣ ଓ ପରିଦର୍ଶନ ନିମନ୍ତେ ବୋର୍ଡ ନାମକ ଗୋଟିଏ ସଭା ଅଛି । ଅନ୍ୟ ସମସ୍ତ ପ୍ରଦେଶରେ କଲେକ୍ଟର ବା ଡେପୁଟି କମିଶନର ସାହେବଙ୍କ ଉପରସ୍ଥ କର୍ମଚାରୀ କମିଶନର ନିଯୁକ୍ତ ଅଛନ୍ତି । ଅନ୍ୟାନ୍ୟ ବନ୍ଦୋବସ୍ତ ସମସ୍ତ ପ୍ରଦେଶରେ ଏକ ପ୍ରକାର ଅଟେ । ପ୍ରତ୍ୟେକ ପ୍ରଦେଶ କେତେକ ଜିଲ୍ଲାରେ ବିଭକ୍ତ ହୋଇଅଛି । ଏବଂ ପ୍ରତ୍ୟେକ ଜିଲ୍ଲାରେ କଲେକ୍ଟର ବା ଡେପୁଟି କମିଶନର ନିଯୁକ୍ତ ଅଛନ୍ତି । ସେମାନେ ଇଂରେଜ ଏବଂ ହିନ୍ଦୁ କର୍ମଚାରିମାନଙ୍କର ମତ ଏବଂ ସାହାଯ୍ୟରେ ଆପଣା୨ର ଜିଲ୍ଲାମାନ ଶାସନ କରନ୍ତି । ସେ ସମସ୍ତ ବିଷୟ ନିମନ୍ତେ ଦାୟୀ ଅଟନ୍ତି । ମନେ କର ମଧ୍ୟପ୍ରଦେଶରେ ଜିଲ୍ଲା ସାହେବଙ୍କୁ ଡେପୁଟୀ କମିଶନର ବୋଲନ୍ତି । ସେ ସମସ୍ତ ବିଭାଗ

ତତ୍ତ୍ୱାବଧାରଣ ଓ ପରିଦର୍ଶନ କରନ୍ତି । ମାତ୍ର ଯେତେ ସୁନିପୁଣ ହେଉନ୍ତୁ ନା କାହିଁକି ସମସ୍ତ କାର୍ଯ୍ୟ ସେ ଏକାକୀ କରି ପାରନ୍ତି ନାହିଁ । ଏଥିପାଇଁ ସରକାରୀ ରାଜସ୍ୱ ଆଦାୟ ନିମନ୍ତେ, ଦେଵାନୀ ଫୌଜଦାରୀ ଓ ରାଜସ୍ୱର ବିବାଦ ନିଷ୍ପତ୍ତି କରିବାରେ ସାହାଯ୍ୟ ଦେବା ନିମନ୍ତେ ଆସିଷ୍ଟାଣ୍ଟ କମିଶନର, ଏକଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଏବଂ ତହସିଲଦାର ନିଯୁକ୍ତ କରା ଯାଇ ଅଛନ୍ତି । ଚୋର, ଡକାଏତ ଓ ଦୁଷ୍ଟମାନଙ୍କର ଦମନ ଏବଂ ପ୍ରଜାମାନଙ୍କର ଜୀବନ ସମ୍ପତ୍ତି ରକ୍ଷା ନିମନ୍ତେ ଜିଲ୍ଲା ପରିଦର୍ଶକ ବା ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ ଇନସ୍ପେକ୍ଟର ଆଦି ନିଯୁକ୍ତ ଅଛନ୍ତି । ବିଦ୍ୟା ବୃଦ୍ଧି ଓ ବିଦ୍ୟାଳୟମାନଙ୍କର ପରିଦର୍ଶନ ନିମନ୍ତେ ଶିକ୍ଷକ, ଡେପୁଟୀ ଇନସ୍ପେକ୍ଟର ଆଉ ସେମାନଙ୍କ ଉପରେ ସର୍କଲ ଇନସ୍ପେକ୍ଟର ଓ ସମସ୍ତଙ୍କ ଉପରେ ଇନସ୍ପେକ୍ଟର ଜେନେରଲ ନିଯୁକ୍ତ ଅଛନ୍ତି । ସଫାଇ, ରୋଗ ଚିକିତ୍ସା ଏବଂ ଉପଶମ ନିମନ୍ତେ ହାସପାତାଲ ଡାକ୍ତର ଏବଂ ସିଭିଲ ସର୍ଜନ ନିଯୁକ୍ତ ଅଛନ୍ତି ।

ସମସ୍ତ ବିଭାଗର ଶାସନ ନିମନ୍ତେ ପୃଥକ୍ ୨ କର୍ମଚାରୀ ଅଛନ୍ତି । ମାତ୍ର ସମସ୍ତେ ଜିଲ୍ଲାର ହାକିମଙ୍କ ଅଧୀନରେ ରହନ୍ତି; ଆଉ ତାହାଙ୍କର ସମ୍ମତି ଏବଂ ଆଦେଶଦ୍ୱାରା ଆପଣା ୨ କାର୍ଯ୍ୟ କରନ୍ତି । ଜିଲ୍ଲା ହାକିମଙ୍କୁ ବଡ ଭାରୀ କର୍ମଚାରୀ ଜ୍ଞାନ କରିବା ଉଚିତ । ତାହାଙ୍କୁ ଆପଣା ଜିଲ୍ଲାର ରାଜା ବୋଲି ବିଚାର କରିବାକୁ ହେବ । ମାତ୍ର ଅନେକ କାର୍ଯ୍ୟରେ ତାହାଙ୍କର କ୍ଷମତାର ସୀମା ନିର୍ଦ୍ଦିଷ୍ଟ ଅଛି ଏବଂ ତାହାଙ୍କୁ ଆପଣା ଉପରିସ୍ଥ କର୍ମଚାରୀ କମିଶନର ଏବଂ ତାଙ୍କଦ୍ୱାରା ସ୍ଥାନୀୟ ଗଭର୍ଣ୍ଣମେଣ୍ଟଙ୍କର ଅନୁମତି ନେବାକୁ ପଡଇ । ଦୁର୍ଭିକ୍ଷ, ରୋଗ, ଡକାଇତି ପ୍ରଭୃତି ବୃଦ୍ଧି ପାଇବା ସମୟରେ ଏପରି କରିବାକୁ ପଡଇ । ଏଥିର ସାରାଂଶ ଏହି ଯେ ପ୍ରାଚୀନ ସମୟାପେକ୍ଷା ବର୍ତ୍ତମାନ ସମୟର ଶାସନ ପ୍ରଣାଳୀ ଅତ୍ୟୁତ୍ତମ ଅଟେ, ଏବଂ ପ୍ରଜାମାନେ ଏ ସମୟରେ ସନ୍ତୁଷ୍ଟ ଓ ସୁଖୀ ଅଛନ୍ତି ।

# ପାଠ ୭୩ ।

## ପତ୍ର ଲେଖନ ।

ପତ୍ର ସ୍ଥୁଳତଃ ତିନ ପ୍ରକାରରେ ଲେଖା ହୋଇ ଥାଏ । ପ୍ରଥମ ଗୁରୁଜନମାନଙ୍କଠାକୁ ଲଘୁଜନମାନଙ୍କର; ଦ୍ୱିତୀୟ ଲଘୁଜନମାନଙ୍କଠାକୁ ଗୁରୁଜନମାନଙ୍କର; ତୃତୀୟ ସମସ୍କନ୍ଧ ଲୋକମାନଙ୍କ ମଧ୍ୟରେ । ଏହି ଗୁରୁତା, ଲଘୁତା ଓ ସମତାଭାବ ଅବସ୍ଥା ଭେଦରେ ଦ୍ୱିବିଧ ଅଟେ । ପତ୍ର ଲେଖକ ଓ ଲେଖ୍ୟ ମଧ୍ୟରେ ସମ୍ବନ୍ଧ ଥିଲେ ତାହା ଏକ ପ୍ରକାର ଏବଂ ମିତ୍ରତା ଓ ପରିଚୟ ଥିଲେ ତାହା ଅନ୍ୟ ପ୍ରକାର ଅଟେ; ପୁନଶ୍ଚ ସମ୍ବନ୍ଧ ଥିବା ସ୍ଥଳେ ଜ୍ୟେଷ୍ଠ, କନିଷ୍ଠ ଓ ସମବୟସ୍କ ଏହି ତ୍ରିବିଧ ଅବସ୍ଥା ଭେଦରେ ପତ୍ର ମଧ୍ୟ ଭିନ୍ନ ପ୍ରକାରରେ ଲିଖିତ ହୋଇ ଥାଏ । ମିତ୍ରତା ଓ ପରିଚୟ ସ୍ଥଳରେ ପ୍ରଭୁତ୍ୱ, ଧନ ଓ ଗୁଣ ଭେଦରେ ପାର୍ଥକ୍ୟ ମଧ୍ୟ ଦ୍ରଷ୍ଟବ୍ୟ ଅଟେ । ପତ୍ର ଲେଖକ ଯେତେଦୂର ଧନୀ, ଅଧିକାର ସମ୍ପନ୍ନ, ବିଦ୍ୱାନ୍ ବା ଜ୍ଞାନବାନ୍ ହେଉନ୍ତୁନା କାହିଁକି ସେ ଯଦି ଆପଣାଠାରୁ କୌଣସି ବୟୋଜ୍ୟେଷ୍ଠ ଜ୍ଞାତି ନିକଟକୁ ପତ୍ର ଲେଖନ୍ତି ତେବେ ସେହି ଜ୍ଞାତିଙ୍କୁ ଅବଶ୍ୟ ବଡ଼ ଓ ମାନ୍ୟପାତ୍ର ବିଚାର କରି ପତ୍ର ଲେଖିବାକୁ ହେବ । ଏହିପରି ମିତ୍ରତା, ପରିଚୟ ସ୍ଥଳେ ଦେଖାଯାଏ ଯେ ଓ ଯାହାଙ୍କଠାକୁ ପତ୍ର ଲେଖାଯାଏ ସେ ବୟସରେ କନିଷ୍ଠ ହେଲେହେଁ ପ୍ରଭୁତ୍ୱ ଧନ ବା ବିଦ୍ୟାରେ ଲେଖକଙ୍କଠାରୁ ଶ୍ରେଷ୍ଠ ଥିଲେ ତାହାଙ୍କୁ ବଡ଼ କରି ଲେଖିବାକୁ ପଡ଼େ । ପତ୍ର ଲେଖିବା ସମୟରେ ଯେଉଁ ୨ ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ତାହା ନିମ୍ନରେ ଲେଖା ଯାଉଅଛି ।

(୧) ପତ୍ର ମଧ୍ୟରେ କୌଣସି ପ୍ରକାର ବ୍ୟର୍ଥ ଶବ୍ଦ ଥିବ ନାହିଁ ।

(୨) ଓଡ଼ିଆ ସଂସ୍କୃତ ବା ହିନ୍ଦି ଯେଉଁ କୌଣସି ଭାଷାରେ ପତ୍ର ଲେଖନା କାହିଁକି ତହିଁରେ ସମସ୍ତଙ୍କ କହିବା ବୁଝିବା ଭଳି ସୁଗମ ଶବ୍ଦ ବ୍ୟବହାର ହୋଇଥିବ ।

କଣି ଯାଇଥିବା ଲୋକେ ନଗରରୁ ଏହି ଅବସରରେ ଫେରୁ ଆସିଲେ । ସେମାନେ, ତାଙ୍କ ସମ୍ମୁଖରେ ମିଠାଇ ଥୋଇଲା ସମୟରେ ସେହି ଦୁଇ ଜଣଙ୍କୁ ବଧ କଲେ । ତଦନନ୍ତର ଅନନ୍ଦିତ ମନରେ ବିଷ ମିଶ୍ରିତ ମିଠାଇ ଭୋଜନ କରି ଆପଣା୨ ଜୀବନ ବିସର୍ଜ୍ଜନ କଲେ । ଦେଖ, ସେହି ଚୋରଜଣ ଚୋରଙ୍କ ମନରେ କପଟ ଭାବ ପ୍ରବେଶ କରିବାରୁ ଏକାବେଲକେ ସମସ୍ତଙ୍କର ମୃତ୍ୟୁ ହେଲା । ଚୋରିର ଦ୍ରବ୍ୟ ସବୁ ଅରଣ୍ୟର ଯେଉଁ ସ୍ଥାନରେ ଥିଲା, ସେହି ସ୍ଥାନରେ ପଡ଼ି ରହିଲା । ଅବଶେଷରେ ସେମାନଙ୍କ ମୃତ ଶରୀରକୁ କାକ, କୁକ୍କୁର ଓ ଗୃଧ୍ର ଖଣ୍ଡ୨ କରି ଭକ୍ଷଣ କଲେ ।

ପ୍ରମାଣ ଅଛି, ଚୋରର ପଦାର୍ଥ ଚଣ୍ଡାଳ ଖାଏ, ପାପୀ ଶୂନ୍ୟ ହସ୍ତରେ ରହିଯାଏ ।

---

## ପାଠ ୭୦ ।

## ଅହିଲ୍ୟାବାଈ ।

ଭାରତବର୍ଷରେ, ହିମାଳୟଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ଏମନ୍ତ କୌଣସି ଲୋକ ନାହିଁ ଯେ ଅହଲ୍ୟାବାଈଙ୍କ ନାମ ଶ୍ରବଣ ଓ ତାହାଙ୍କ କୃତ ଘାଟ, ସେତୁ ଧର୍ମ୍ମଶାଳା ଓ ପୁଷ୍କରିଣୀ ଇତ୍ୟାଦି ଦର୍ଶନ କରି ନାହାନ୍ତି । ହିନ୍ଦୁସ୍ଥାନରେ ଏପରି କୌଣସି ତୀର୍ଥସ୍ଥାନ ନାହିଁ, ଯେଉଁଠାରେ କି ତାଙ୍କର ଭୂତଦୟା, ଉଦାରତା ଓ ଧାର୍ମିକତାର ଚିହ୍ନ ଲକ୍ଷିତ ହୁଅଇ ନାହିଁ । ବୋଧ ହୁଏ, ଏହି ସୁପ୍ରସିଦ୍ଧା ରମଣୀଙ୍କର ଜୀବନ ଚରିତ ଅଦ୍ୟାବଧି କେହି୨ ଶ୍ରବଣ କରି ନ ଥିବେ । ଅତଏବ ଏଠାରେ ତାହାଁର ସଂକ୍ଷିପ୍ତ ବିବରଣ ଉଲ୍ଲେଖ କରା ଯାଉଅଛି ।

ମହାରାଜ ମଲ୍ଲହରରାଓ ହୋଲକର ମାରୁ-ନଦୀ ତଟବର୍ତ୍ତୀ ହୋହନ ଗ୍ରାମ ନିକଟରେ ଶୁଦ୍ର ବଂଶରେ ଜାତ ହୋଇଥିଲେ । ସେ ଭାଗ୍ୟବଶରୁ ପେଶବା ବାହାଦୁରଙ୍କର ସୈନ୍ୟାଧ୍ୟକ୍ଷ ହୋଇ ଅନେକ ଯୁଦ୍ଧରେ ଜୟ ଲାଭ କଲେ । ମାଲବା ରାଜ୍ୟ ତାଙ୍କର ଜାଗିର ଥିଲା ; ତେଣୁ ତାଙ୍କୁ ମାଲବାଧି-ପତି ବୋଲନ୍ତି । ତାହାଙ୍କର ଖଣ୍ଡେରାଓ ନାମକ ଗୋଟିଏ ମାତ୍ର ପୁତ୍ର ଥିଲେ । ଖଣ୍ଡେରାଓ ଭରତପୁର ନିକଟରେ କୁମ୍ଭେର ଯୁଦ୍ଧରେ ଜାଟମା-ମାନଙ୍କ ଦ୍ୱାରା ହତ ହେଲେ ଏବଂ ତାହାଙ୍କର ରାଣୀ ଅହଲ୍ୟାବାଈଙ୍କୁ ବିଧବାବସ୍ଥାରେ ରଖିଗଲେ । ସନ୍ ୧୭୬୬ ଖ୍ରୀଷ୍ଟାବ୍ଦରେ ମଲ୍ଲହରରାଓ ମୃତ ହେବାରୁ ଅହଲ୍ୟାବାଈଙ୍କ ପୁତ୍ର ମାଲରାଓ ରାଜା ହେଲେ ; ଆଉ ମା ୯ ସ ପର୍ଯ୍ୟନ୍ତ ରାଜତ୍ୱ କରି ସେ ସୁଦ୍ଧା ପରଲୋକ ଗମନ କଲେ । ତହୁଁରେ ଅହଲ୍ୟାବାଈଙ୍କୁ ସ୍ୱୟଂ ରାଜକାର୍ଯ୍ୟ ଚଳାଇବାକୁ ପଡ଼ିଲା । ତାହାଙ୍କର ପୁରୋହିତ ଗଙ୍ଗାଧର ଯଶୋବନ୍ତ ତାହାଙ୍କୁ ଗୋଟିଏ ପୋଷ୍ୟପୁତ୍ର ରଖିବା ନିମନ୍ତେ ଉପଦେଶ ଦେଲେ ଏବଂ ପୋଷ୍ୟପୁତ୍ର ନ ରଖିଲେ ରାଜ୍ୟ ଅନ୍ୟର ହସ୍ତଗତ ହୋଇଯିବା ବିଷୟ ମଧ୍ୟ ତାଙ୍କୁ ବୁଝାଇ ଦେଲେ ; ମଧ୍ୟ ପାର୍ଶ୍ୱବର୍ତ୍ତି ରାଜାମାନଙ୍କୁ ତାଙ୍କ ବିରୁଦ୍ଧରେ ଉଠିବାକୁ ଉତ୍ତେଜିତ କଲେ । ରାଣୀ ଉତ୍ତର ଦେଲେ, ଦେଖ ଗଙ୍ଗାଧର, ଆମ୍ଭେ ଜଣେ ରାଜା-ଙ୍କର ଭାର୍ଯ୍ୟା ଓ ଜଣେ ରାଜାଙ୍କର ମାତା ସୁଦ୍ଧା ହୋଇଥିଲୁଁ । ବର୍ତ୍ତମାନ ଈଶ୍ୱର ଉଭୟଙ୍କୁ ନେଇ ଗଲେ । ମଲ୍ଲହରରାଓଙ୍କ ବଂଶ ଲୋପ ହୋଇ-ଗଲା । ଏବେ ଆମ୍ଭେ କଦାପି କାହାକୁ ପୁତ୍ରରୂପେ ଗ୍ରହଣ କରି ସିଂହା-ସନରେ ବସାଇବୁଁ ନାହିଁ । ଏହା କହି ସେ ଯୁଦ୍ଧର ଆୟୋଜନ ମଧ୍ୟ କରି ରଖିଲେ ; ମାତ୍ର ତାଙ୍କର ବଳଶାଳିତା ଦୃଷ୍ଟି କରି କୌଣସି ଶତ୍ରୁ ତାଙ୍କ ସହିତ ଯୁଦ୍ଧ କରିବାକୁ ସାହସୀ ହେଲେ ନାହିଁ । କିୟତ୍କାଳପରେ ଅହଲ୍ୟାବାଈ ଗଙ୍ଗାଧରଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଦେୱାନ ପଦରେ ଓ ତୁକୋଜିହୋଲକରଙ୍କୁ ସେନାପତି ପଦରେ ନିଯୁକ୍ତ କଲେ ।

ଉକ୍ତ ଦୁଇ ଜଣଙ୍କ ମଧ୍ୟରେ ରାଜକାର୍ଯ୍ୟ ଏପରି ଭାବରେ ବଣ୍ଟନ କଲେ ଯେ ସେମାନଙ୍କ ମଧ୍ୟରେ କେବେ କଳହ ହେଲା ନାହିଁ ।

ଅହଲ୍ୟାବାଈ ରାଜ୍ୟଭାର ଗ୍ରହଣ କଲା ସମୟରେ ରାଜକୋଷରେ ନଗଦ ଦୁଇ କୋଟି ମୁଦ୍ରା ଥିଲା । ଜାଇଗିରିରୁ ତାଙ୍କର ୪ । ୫ ଲକ୍ଷ ମୁଦ୍ରା ଆୟ ହେଉଥିଲା । ସେ ରାଜ୍ୟଭାର ଗ୍ରହଣ କରିବା ପୂର୍ବରେ ସବୁ ମୁଦ୍ରା ସତ୍କାର୍ଯ୍ୟରେ ବ୍ୟୟ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ; ରାଜ୍ୟଭାର ଗ୍ରହଣ କରିବା ପରେ ଉକ୍ତ ପ୍ରତିଜ୍ଞା ପାଳନ କଲେ । ଅହଲ୍ୟାବାଈ ବିଚାରାଳୟରେ ଉପସ୍ଥିତ ହୋଇ ରାଜକାର୍ଯ୍ୟ ଆଲୋଚନା କରନ୍ତି ଏବଂ ସ୍ୱୟଂ ପ୍ରଜାମାନଙ୍କର ନ୍ୟାୟାନ୍ୟାୟ ବିଚାର କରନ୍ତି । ଏପରି କୌଣସି ଆବେଦନକାରୀ ନ ଥିଲେ ଯେ ସ୍ୱୟଂ ଯାଇ ତାଙ୍କଠାରେ ଆବେଦନ କରି ନ ପାରନ୍ତି । ସେ ସର୍ବଦା ନ୍ୟାୟପଥରେ ଚଳୁଥିଲେ । ତହିଁପାଇଁ ତାହାଙ୍କର ପ୍ରଜାଗଣ ତାଙ୍କ ଉପରେ ବଡ଼ ସନ୍ତୁଷ୍ଟ ଥିଲେ । ସେ ସାନ୍ତଃକରଣରେ ଈଶ୍ୱରଙ୍କୁ ଭକ୍ତି କରନ୍ତି ଓ ସର୍ବଦା କହୁଥାନ୍ତି, ସର୍ବଶକ୍ତିମାନ୍ ସର୍ବାନ୍ତର୍ଯ୍ୟାମୀ ଈଶ୍ୱରଙ୍କ ସମୀପରେ ନିଜର କ୍ରିୟାକଳାପ ନିମନ୍ତେ ଉତ୍ତର ଦେବାକୁ ହେବ । ଅହଲ୍ୟାବାଈ ରାତ୍ରି ଏକ ଘଟିକା ଥାଉଁ ଶଯ୍ୟା ତ୍ୟାଗ କରନ୍ତି ଓ ପ୍ରାତଃକୃତ୍ୟ ଶେଷ କରି ଗ୍ରନ୍ଥ ପଠନ କରନ୍ତି; ପରେ ସ୍ୱହସ୍ତରେ କିଛି ଦାନ ଦିଅନ୍ତି ଓ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ପରେ ଭୋଜନ କରନ୍ତି । ସେ ଭୋଜନ କରିବା ପରେ କିୟତ୍କାଳ ବିଶ୍ରାମ କରି ରାଜବେଶ ଧାରଣପୂର୍ବକ ରାଜସଭାକୁ ଗମନ କରନ୍ତି ଓ ସନ୍ଧ୍ୟା ପର୍ଯ୍ୟନ୍ତ ରାଜକାର୍ଯ୍ୟରୁ ବିରତ ହୁଅନ୍ତି ନାହିଁ । ତତ୍ପରେ ସନ୍ଧ୍ୟା ବନ୍ଦନା କରି ପୁନର୍ବାର ରାତ୍ରର ଘ ୯ ଘଣ୍ଟା ଠାରୁ ଘ ୧୧ ଘଣ୍ଟା ପର୍ଯ୍ୟନ୍ତ ରାଜକାର୍ଯ୍ୟରେ ବ୍ୟସ୍ତ ହୁଅନ୍ତି ।

ଇନ୍ଦୋର ପ୍ରଥମରେ ଗୋଟିଏ ଗ୍ରାମ ଥିଲା, ତାହାଙ୍କ ସମୟରେ ତାହା ନଗରରୂପରେ ପରିଣତ ହେଲା । ସେ ପ୍ରଜାମାନଙ୍କ ସମ୍ପତ୍ତି ଉପରେ ଲୋଭ କରୁ ନ ଥିଲେ; ବରଂ କାହାରି ଉନ୍ନତି ଦେଖିଲେ ନିଜର ଉନ୍ନତି

ହେଲା ବୋଲି ବିଚାର କରୁଥିଲେ । ସେ ଗ୍ରୀଷ୍ମକାଳରେ ସ୍ଥାନେ ୨ ଜଳ-କ୍ଷେତ୍ର ବସାଉଥିଲେ ଆଉ ଶୀତକାଳରେ କମ୍ବଳ ଓ ଶୀତ ବସ୍ତ୍ରାଦି ବଣ୍ଟନ କରୁଥିଲେ ଏବଂ କ୍ଷୁଧାର୍ତ୍ତମାନଙ୍କୁ ଖାଦ୍ୟ ଦାନ କରୁଥିଲେ । ସେ ଏତେଦୂର ଦୟାଳୁ ଥିଲେ ଯେ ନଦୀର ମତ୍ସ୍ୟମାନଙ୍କୁ ଖାଦ୍ୟ ଦେବା ନିମନ୍ତେ ଭୃତ୍ୟ ନିଯୁକ୍ତ କରିଥିଲେ ଓ ପକ୍ଷୀମାନଙ୍କ ଭୋଜନ ନିମନ୍ତେ ଶସ୍ୟପୂର୍ଣ୍ଣ କ୍ଷେତ୍ର କିଣି ଦେଇଥିଲେ । ତାଙ୍କର ବୁଦ୍ଧିବଳ ଓ ରାଜ୍ୟ ସୁଶାସନ କୌଶଳ ନିମ୍ନ-ଲିଖିତ କଥାରୁ ସ୍ପଷ୍ଟ ଜଣା ଯାଇପାରେ ଯେ ପୂର୍ବରେ ଭିଲମାନେ ଲୁଣ୍ଠନ ମାରଣ କରୁଥିବାରୁ ବ୍ୟାପାରୀମାନଙ୍କର ଗତାୟାତ କରିବା ବଡ଼ କଷ୍ଟକର ହେଉଥିଲା; ମାତ୍ର ଯେଉଁ ସମୟରୁ ସେ ଏପରି ନିୟମ କରିଦେଲେ ଯେ ଭିଲମାନେ ଆପଣା ୨ ଜୀବନ ଯାତ୍ରା ନିର୍ବାହ ପାଇଁ ବ୍ୟାପାରୀମାନଙ୍କଠାରୁ କିଛି ଅଂଶ ପାଇବେ ଏବଂ ତତ୍ପରିବର୍ତ୍ତରେ ମାର୍ଗର ତତ୍ତ୍ୱାବଧାନ କରିବେ । ଯଦି ସେମାନଙ୍କ ସୀମା ମଧ୍ୟରେ କାହାରି କିଛି ଚୋରି ଯାଏ, ତେବେ ସେମାନେ ପୂର୍ଣ୍ଣ କ୍ଷତି ପୂରଣ କରି ଦେବେ; ନୋହିଲେ ସମୁଚିତ ଦଣ୍ଡ ପାଇବେ । ସେହି ଦିନଠାରୁ ଏହି ପର୍ବତରେ ଚୋରି ହ୍ରାସ ହେବାକୁ ଲାଗିଲା ।

ଅହଲ୍ୟାବାଈ ଅଧିକ ସୁନ୍ଦରୀ ସ୍ତ୍ରୀ ନ ଥିଲେହେଁ ଧର୍ମବଳରେ ତାଙ୍କର ମୁଖମଣ୍ଡଳ ତେଜୋପୂର୍ଣ୍ଣ ଦିଶୁଥିଲା । ସେ ସର୍ବଦା ପ୍ରଫୁଲ୍ଲ ଥାନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ସ୍ୱଭାବର ଅନ୍ୟଥା ଦେଖା ଯାଇ ନାହିଁ । ଅହଲ୍ୟାବାଈ ବିଧବା ହେବା ଦିନରୁ କେବେ ରଙ୍ଗ ବସ୍ତ୍ର ପରିଧାନ କରି ନାହାନ୍ତି । ସର୍ବଦା ହସ୍ତରେ ଗୋଟିଏ ମାଳା ଧାରଣ କରିଥାନ୍ତି; ମାତ୍ର ତାହାଛଡ଼ା ଅନ୍ୟ କୌଣସି ଅଳଙ୍କାର ଧାରଣ କରୁ ନ ଥିଲେ । ଦିନକରେ ଜଣେ ପଣ୍ଡିତ ତାହାଙ୍କ ପ୍ରଶଂସା ବିଷୟରେ ଗୋଟିଏ ଗ୍ରନ୍ଥ ରଚନା କରି ତାହାଙ୍କ ସମ୍ମୁଖରେ ପାଠ କଲେ । ଉକ୍ତ ଗ୍ରନ୍ଥ ଶ୍ରବଣ କରିବା ପରେ ସେ ଆଦେଶ ଦେଲେ, ଏହି କ୍ଷଣି ଏହି ଗ୍ରନ୍ଥ ନର୍ମ୍ମଦା ନଦୀରେ ବୁଡ଼ାଇ ଦିଅ ।

ସେ ତ୍ରିଶ ବର୍ଷ ଏପରି ଶାସନ କରି ସନ୍ ୧୭୯୫ ସାଲରେ ପରଲୋକ ଗମନ କଲେ । ସେହି ସମୟରେ ତାଙ୍କର ବୟସ ବ ୬୦ ର୍ଷ ହୋଇଥିଲା । ହୋଲକର ପ୍ରଦେଶର ପ୍ରାଚୀନ ରାଜଧାନୀ ମହେଶ୍ୱର ନିକଟରେ ଅହଲ୍ୟା-ବାଈଙ୍କ ପ୍ରତିମୂର୍ତ୍ତି ଆଜି ପର୍ଯ୍ୟନ୍ତ ବିଦ୍ୟମାନ ଅଛି । ଲୋକମାନେ ଏହି ମୂର୍ତ୍ତିକୁ ଦେବୀ ବୋଲି ପୂଜା କରୁଅଛନ୍ତି ।

---

## ପାଠ ୭୯ ।

## ବଟ ବୃକ୍ଷ ।

ବଟ ବୃକ୍ଷର ଉତ୍ପତ୍ତି ବୃତ୍ତାନ୍ତ ଶୁଣିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ବୋଧ ହୁଏ । କାରଣ ଏହି ବୃକ୍ଷ ଯେଉଁ ବୀଜରୁ ଉତ୍ପନ୍ନ ହେଉଅଛି ତାହା ଶୋରିଷଠାରୁ ମଧ୍ୟ କ୍ଷୁଦ୍ରତର ଅଟେ । ଏହାର ଫଳ କାକ ଆଦି ପକ୍ଷିମାନେ ଖାନ୍ତି । ସେମାନଙ୍କ ମଳ ଯେଉଁ କାନ୍ଥ ଇତ୍ୟାଦି ସ୍ଥାନରେ ପଡ଼େ ତହିଁରୁ ଅଙ୍କୁର ଜାତ ହୁଏ । ଜଳ ସେଚନ ନ କଲେ ମଧ୍ୟ ପତିତ ସ୍ଥାନରେ ଅଙ୍କୁରିତ ହୁଏ । ଏହି ବଟ ବୃକ୍ଷ ପକ୍କା ଭିତ୍ତିରେ ଜାତ ହେଲେ ମଧ୍ୟ ତାହାର ଚେର ଦୃଢ଼ ହୋଇ କାନ୍ଥକୁ ଭାଙ୍ଗି ପକାଏ । ପିପ୍ପଳ ବୃକ୍ଷ ସଦୃଶ ଏହାକୁ ମଧ୍ୟ ମନ୍ଦିର ପାର୍ଶ୍ୱରେ ରୋପଣ କରି ତଳରେ ବେଦି ପ୍ରସ୍ତୁତ କରି ଦିଅନ୍ତି । ଭାରତବର୍ଷରେ ବଟ ବୃକ୍ଷ ବିଶେଷ ଜାତ ହେଉଅଛି । ଏହି ବୃକ୍ଷ ଡୁମ୍ବୁର ଜାତୀୟ ବୃକ୍ଷ ଅଟେ । ଏହାର ଫଳ ଡମିରି ଫଳ ପରି ଲାଲ ଅଟେ । ଲୋକମାନେ ଏହାକୁ ଖାଇବାରେ ବ୍ୟବହାର ନ କଲେ ମଧ୍ୟ ପକ୍ଷିମାନେ ଭକ୍ଷଣ କରି ଏଥିରେ ପାଳିତ ହୁଅନ୍ତି । ବଟ ଓ ପିପ୍ପଳର ଛାୟା ଘନ ଥିବାରୁ ପଥଶ୍ରାନ୍ତ ପଥିକମାନଙ୍କ ପକ୍ଷରେ ସୁଖକର ବୋଧ ହୁଏ ।

ବର ପତ୍ରରେ ଖଲି ଚଉକୋଣି ପତ୍ର ପୁଡ଼ା ଆଦି ପ୍ରସ୍ତୁତ ହୁଏ; ଏବଂ ଔଷଧ ନିମନ୍ତେ ମଧ୍ୟ ଏହି ବୃକ୍ଷ ଉପକାରୀ ଅଟେ । ଏହାର ଦୁଗ୍ଧ ମଲମ ପଟି କାର୍ଯ୍ୟରେ ଲାଗଇ । ଏଥିରୁ ଏପରି ଅଠା ବାହାରେ ଯେ ଯଦ୍ୟପି ଏହାର ଲେପ ଲଗାଯାଏ ତେବେ ତାହା ସହଜରେ ଛାଡ଼େ ନାହିଁ ।

ଉକ୍ତ ବୃକ୍ଷ ଏପରି ସ୍ଥୂଳ ଓ ବିସ୍ତୃତ ହୁଏ ଯେ ଶୁଣିଲେ ମନରେ ଆଶ୍ଚର୍ଯ୍ୟ ଜାତ ହୁଏ । ନର୍ମ୍ମଦା ନଦୀ ତୀରରେ ଗୋଟିଏ ବଟ ବୃକ୍ଷ ଅଛି । ତାହାର ୩୫୦ ଗୋଟି ଗଣ୍ଡି ଅଛି ଆଉ ମଧ୍ୟ ନୂତନ ୨ ଓହଳ ବାହାରୁ ଅଛି । ଏହାର ପରିଧି ଫୁ ୨୦୦୦ ଟ ଅଟେ । ତାହାର ସହସ୍ର ସହସ୍ର ଶାଖା ଅଛି ଏବଂ ତହିଁର ଛାୟାରେ ପାଞ୍ଚ ସହସ୍ର ଲୋକ ସ୍ୱଚ୍ଛନ୍ଦଭାବରେ ରହି ପାରନ୍ତି । ଦୂରରୁ ଦେଖିଲେ ତାହା ଗୋଟିଏ ସାମାନ୍ୟ ଅରଣ୍ୟବତ୍ ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ! ଏପରି ଅତି କ୍ଷୁଦ୍ର ବୀଜରୁ କେଡ଼େ ପ୍ରକାଣ୍ଡ ତରୁ ଉତ୍ପନ୍ନ ହେଉଅଛି । ଦୟାଶୀଳ ପରମେଶ୍ୱର ପରମ ଏହି ଉଷ୍ଣ ପ୍ରଦେଶସ୍ଥ ମନୁଷ୍ୟ ଏବଂ ପଶୁମାନଙ୍କ ଉପକାରାର୍ଥେ ଏକମୂର୍ତ୍ତି ବୃକ୍ଷ ଛାୟା ଦାନ ପାଇଁ ଉତ୍ପାଦନ କରି ଦେଇଅଛନ୍ତି । ଏହାର କାଷ୍ଠ ବଢ଼ାଇମାନଙ୍କର କୌଣସି କାର୍ଯ୍ୟରେ ଆସୁ ନ ଥିବାରୁ ତାହା ସ୍ଥୂଳ ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହୁଅଛି ।

ଏହି ମଧ୍ୟପ୍ରଦେଶସ୍ଥ ଛିନ୍ଦୁଆଡ଼ା ଜିଲ୍ଲାର ଚିଶ୍ୱେଲ ନାମକ ଗୋଟିଏ ଗ୍ରାମରେ ଏକ ବୃହଦାକୃତିର ବଟ ବୃକ୍ଷ ଅଛି । ତାହାର ତଳରେ ଏକ ବୃହତ୍ ବାଉଲି କୂପ ଅଛି; ଉକ୍ତ ବୃକ୍ଷ କେତେକ ବିଘା ଭୂମିକୁ ଆବୃତ କରିଅଛି ଓ ତାହାର ଛାୟାରେ ନିର୍ବିଘ୍ନରେ ୫୦୦ ଘୋଡ଼ା ବନ୍ଧା ହୋଇ ପାରିବାର ସ୍ଥାନ ଅଛି । ସେଠାରେ ଜଣେ ଫକୀର ବାସ କରନ୍ତି ଏବଂ ସେ ସରକାର ପକ୍ଷରୁ କିଛି ବେତନ ପାଇ ସେ ସ୍ଥାନକୁ ପରିଷ୍କାର ରଖିଥାନ୍ତି ।

## ପାଠ ୭୨ ।

## ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ ।

ଇଂରାଜମାନଙ୍କୁ ଏଠାରେ ସେମାନଙ୍କ ରାଜ୍ୟ ଦୃଢ କରିବା, ଧୀରେ୨ ସମସ୍ତ ସତ୍ରୁଙ୍କୁ ପରାସ୍ତ କରିବା ଏବଂ ଶେଷରେ ସମଗ୍ର ଭାରତବର୍ଷ ଓ ବ୍ରହ୍ମା ମଧ୍ୟ ଆପଣାର ଅଧୀନସ୍ଥ କରି ନେବା ବିଷୟ ପୂର୍ବ ପାଠମାନଙ୍କରେ ଲେଖି ଆସିଅଛୁଁ । ବର୍ତ୍ତମାନ କେବଳ ଏହା ଲେଖିବାକୁ ବାକି ଅଛି ଯେ ଏଡେ ବିଶାଳ ଦେଶରେ ସରକାର ଇଂରାଜ ବାହାଦୂର କେଡେ ସହଜରେ ଓ ସଫଳତା ସହିତ ରାଜ୍ୟ ଶାସନ କରୁଅଛନ୍ତି ।

ଏ ସମୟରେ ହିନ୍ଦୁସ୍ଥାନର ରାଜ୍ୟ ଶାସନ ଇଂଲଣ୍ଡର ମହାରାଣୀ ଓ ପାର୍ଲିୟାମେଣ୍ଟର ଅଧୀନରେ ଅଛି ପରନ୍ତୁ ପ୍ରକୃତରେ ସମସ୍ତ କାର୍ଯ୍ୟ ଏଠାରେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ହେଉଅଛି । ଏହି ଗଭର୍ଣ୍ଣମେଣ୍ଟର ମଧ୍ୟ ଦୁଇ ବିଭାଗ ଅଛି ।

(୧) ମୁଖ୍ୟ ଅର୍ଥାତ୍ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ।

(୨) ଲୋକାଲ ଅର୍ଥାତ୍ ସ୍ଥାନୀୟ ଗଭର୍ଣ୍ଣମେଣ୍ଟ ।

ଗଭର୍ଣ୍ଣର ଜେନେରେଲ ସାହେବ ବାହାଦୁର ଏଠାରେ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି । ସେ, ତାଙ୍କର ଦୁଇ କାଉନ୍ସିଲ ଓ କେତେକ ସେକ୍ରେଟେରୀ ଏ ସମସ୍ତ ମିଳିତ ହୋଇ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ବୋଲା-ଯାନ୍ତି । ସମଗ୍ର ଦେଶ ନିମନ୍ତେ ବିଧିବିଧାନ କରିବା, କର ଧାର୍ଯ୍ୟ ବା କ୍ଷମା କରିବା, ଯୁଦ୍ଧ କରିବା ଆଦି ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆର ଅଧିକାରରେ ଅଛି, କିନ୍ତୁ ଗଭର୍ଣ୍ଣର ଜେନେରେଲ ସାହେବଙ୍କର ମଧ୍ୟ ଏପରି କାର୍ଯ୍ୟମାନ-ଙ୍କରେ ପୂର୍ଣ୍ଣ ଅଧିକାର ନାହିଁ । ତାହାଙ୍କୁ ପ୍ରତ୍ୟେକ ମହତ୍ କାର୍ଯ୍ୟରେ ମହା-ରାଣୀଙ୍କର ଅନୁମତି ନେବାକୁ ପଡେ ଏବଂ ଶ୍ରୀମତୀ ମହାରାଣୀ ମଧ୍ୟ ଆପଣା ମନ୍ତ୍ରୀ ଉପାଧିଧାରୀ ସେକ୍ରେଟେରୀ ଅଫ୍ଷ୍ଟେଟ୍ ଓ ପାର୍ଲିଆମେଣ୍ଟର ମତ ବିନା

ଏପରି ଅନୁମତି ଦିଅନ୍ତି ନାହିଁ । ସମସ୍ତଙ୍କ ମତ ଐକ୍ୟ ହେଲାରୁ ମହାରାଣୀ ପ୍ରତ୍ୟେକ ନୂତନ ଆଇନ ଆଦର ମଞ୍ଜୁରି ଦିଅନ୍ତି ଆଉ ତହିଁକୁ ତାହା ଦେଶରେ ପ୍ରଚଳିତ କରାଯାଏ । କେବେ୨ ବଡ଼୨ ଲର୍ଡ ସାହେବମାନଙ୍କର ମତ ଖଣ୍ଡନ କରି ଦିଆଯାଏ ଏବଂ କେବେ୨ କିଛି ପରିବର୍ତ୍ତନ ସହିତ ମଞ୍ଜୁର କରାଯାଏ ।

ପ୍ରତ୍ୟେକ ପ୍ରଦେଶର ପ୍ରଧାନ କର୍ମଚାରିଙ୍କୁ ଲୋକାଲ ଗଭର୍ଣ୍ଣମେଣ୍ଟ କହନ୍ତି । ମାଏ ଭିନ୍ନ ଭିନ୍ନ ପ୍ରଦେଶର ପ୍ରଧାନ କର୍ମଚାରିମାନେ ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଅନ୍ତି । ମାନ୍ଦ୍ରାଜ, ବୋମ୍ବାଇର ଶାସନ-କର୍ତ୍ତାମାନେ ଗଭର୍ଣ୍ଣର ; ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ, ପଞ୍ଜାବ ପ୍ରଭୃତିର ପ୍ରଧାନ କର୍ମଚାରିମାନେ ଲେଫ୍ଟନେଣ୍ଟ ଗଭର୍ଣ୍ଣର; ଆଉ ମଧ୍ୟପ୍ରଦେଶ, ଆସାମ, ବ୍ରହ୍ମଦେଶ ଓ ଆଣ୍ଡେମାନ୍ ଓ ନିକୋବର ଦ୍ୱୀପର ପ୍ରଧାନ କର୍ମଚାରିମାନେ ଚୀଫ୍ କମିଶନର ବୋଲାନ୍ତି ।

କୌଣସି୨ ପ୍ରଦେଶରେ ସେଠାର ପ୍ରଧାନ କର୍ମଚାରିଙ୍କ ସାହାଯ୍ୟ ନିମନ୍ତେ କାଉନ୍ସିଲ ବା ସଭା ମଧ୍ୟ ନିଯୁକ୍ତ କରା ଯାଇଅଛି । ଯଥା, ବୋମ୍ବାଇ, ମାନ୍ଦ୍ରାଜ, ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ ପ୍ରଭୃତି । ମାନ୍ଦ୍ରାଜ ବ୍ୟତୀତ କମିଶନର ନାହାନ୍ତି । ସେଠାରେ କଲେକ୍ଟର ସାହେବଙ୍କ ଅଧୀନରେ ରାଜସ୍ୱ ବିଭାଗର ତତ୍ତ୍ୱାବଧାରଣ ଓ ପରିଦର୍ଶନ ନିମନ୍ତେ ବୋର୍ଡ ନାମକ ଗୋଟିଏ ସଭା ଅଛି । ଅନ୍ୟ ସମସ୍ତ ପ୍ରଦେଶରେ କଲେକ୍ଟର ବା ଡେପୁଟି କମିଶନର ସାହେବଙ୍କ ଉପରିସ୍ଥ କର୍ମଚାରୀ କମିଶନର ନିଯୁକ୍ତ ଅଛନ୍ତି । ଅନ୍ୟାନ୍ୟ ବନ୍ଦୋବସ୍ତ ସମସ୍ତ ପ୍ରଦେଶରେ ଏକ ପ୍ରକାର ଅଟେ । ପ୍ରତ୍ୟେକ ପ୍ରଦେଶ କେତେକ ଜିଲ୍ଲାରେ ବିଭକ୍ତ ହୋଇଅଛି । ଏବଂ ପ୍ରତ୍ୟେକ ଜିଲ୍ଲାରେ କଲେକ୍ଟର ବା ଡେପୁଟି କମିଶନର ନିଯୁକ୍ତ ଅଛନ୍ତି । ସେମାନେ ଇଂରେଜ ଏବଂ ହିନ୍ଦୁ କର୍ମଚାରିମାନଙ୍କର ମତ ଏବଂ ସାହାଯ୍ୟରେ ଆପଣା୨ର ଜିଲ୍ଲାମାନ ଶାସନ କରନ୍ତି । ସେ ସମସ୍ତ ବିଷୟ ନିମନ୍ତେ ଦାୟୀ ଅଟନ୍ତି । ମନେ କର ମଧ୍ୟପ୍ରଦେଶରେ ଜିଲ୍ଲା ସାହେବଙ୍କୁ ଡେପୁଟୀ କମିଶନର ବୋଲନ୍ତି । ସେ ସମସ୍ତ ବିଭାଗ

ତତ୍ତ୍ୱାବଧାରଣ ଓ ପରିଦର୍ଶନ କରନ୍ତି । ମାତ୍ର ସେତେ ସୁନିପୁଣ ହେଉନ୍ତୁ ନା କାହିଁକି ସମସ୍ତ କାର୍ଯ୍ୟ ସେ ଏକାକୀ କରି ପାରନ୍ତି ନାହିଁ । ଏଥିପାଇଁ ସରକାରୀ ରାଜସ୍ୱ ଆଦାୟ ନିମନ୍ତେ, ଦେବାନୀ ଫୌଜଦାରୀ ଓ ରାଜସ୍ୱର ବିବାଦ ନିଷ୍ପତ୍ତି କରିବାରେ ସାହାଯ୍ୟ ଦେବା ନିମନ୍ତେ ଆସିଷ୍ଟାଣ୍ଟ କମିଶନର, ଏକଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଏବଂ ତହସିଲଦାର ନିଯୁକ୍ତ କରା ଯାଇଅଛନ୍ତି । ଚୋର, ଡକାଏତ ଓ ଦୁଷ୍ଟମାନଙ୍କର ଦମନ ଏବଂ ପ୍ରଜାମାନଙ୍କର ଜୀବନ ସମ୍ପତ୍ତି ରକ୍ଷା ନିମନ୍ତେ ଜିଲ୍ଲା ପରିଦର୍ଶକ ବା ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ ଇନସ୍ପେକ୍ଟର ଆଦି ନିଯୁକ୍ତ ଅଛନ୍ତି । ବିଦ୍ୟା ବୃଦ୍ଧି ଓ ବିଦ୍ୟାଳୟମାନଙ୍କର ପରିଦର୍ଶନ ନିମନ୍ତେ ଶିକ୍ଷକ, ଡେପୁଟୀ ଇନସ୍ପେକ୍ଟର ଆଉ ସେମାନଙ୍କ ଉପରେ ସର୍କଲ ଇନସ୍ପେକ୍ଟର ଓ ସମସ୍ତଙ୍କ ଉପରେ ଇନସ୍ପେକ୍ଟର ଜେନେରଲ ନିଯୁକ୍ତ ଅଛନ୍ତି । ସଫାଇ, ରୋଗ ଚିକିତ୍ସା ଏବଂ ଉପଚାର ନିମନ୍ତେ ହାସପାତାଲ ଡାକ୍ତର ଏବଂ ସିଭିଲ ସର୍ଜନ ନିଯୁକ୍ତ ଅଛନ୍ତି ।

ସମସ୍ତ ବିଭାଗର ଶାସନ ନିମନ୍ତେ ପୃଥକ୍ ୨ କର୍ମଚାରୀ ଅଛନ୍ତି । ମାତ୍ର ସମସ୍ତେ ଜିଲ୍ଲାର ହାକିମଙ୍କ ଅଧୀନରେ ରହନ୍ତି; ଆଉ ତାହାଙ୍କର ସମ୍ମତି ଏବଂ ଆଦେଶଦ୍ୱାରା ଆପଣା ୨ କାର୍ଯ୍ୟ କରନ୍ତି । ଜିଲ୍ଲା ହାକିମଙ୍କୁ ବଡ ଭାରି କର୍ମଚାରୀ ଜ୍ଞାନ କରିବା ଉଚିତ । ତାହାଙ୍କୁ ଆପଣା ଜିଲ୍ଲାର ରାଜା ବୋଲି ବିଚାର କରିବାକୁ ହେବ । ମାତ୍ର ଅନେକ କାର୍ଯ୍ୟରେ ତାହାଙ୍କର କ୍ଷମତାର ସୀମା ନିର୍ଦ୍ଦିଷ୍ଟ ଅଛି ଏବଂ ତାହାଙ୍କୁ ଆପଣା ଉପରସ୍ଥ କର୍ମଚାରୀ କମିଶନର ଏବଂ ତାଙ୍କଦ୍ୱାରା ସ୍ଥାନୀୟ ଗଭର୍ଣ୍ଣମେଣ୍ଟଙ୍କର ଅନୁମତି ନେବାକୁ ପଡଇ । ଦୁର୍ଭିକ୍ଷ, ରୋଗ, ଡକାଇତି ପ୍ରଭୃତି ବୃଦ୍ଧି ପାଇବା ସମୟରେ ଏପରି କରିବାକୁ ପଡଇ । ଏଥିର ସାରାଂଶ ଏହି ଯେ ପ୍ରାଚୀନ ସମୟାପେକ୍ଷା ବର୍ତ୍ତମାନ ସମୟର ଶାସନ ପ୍ରଣାଳୀ ଅତ୍ୟୁତ୍ତମ ଅଟେ, ଏବଂ ପ୍ରଜାମାନେ ଏ ସମୟରେ ସନ୍ତୁଷ୍ଟ ଓ ସୁଖୀ ଅଛନ୍ତି ।

# ପାଠ ୭୩ ।

## ପତ୍ର ଲେଖନ ।

ପତ୍ର ସ୍ଥୂଳତଃ ଛଅ ପ୍ରକାରରେ ଲେଖା ହୋଇ ଥାଏ । ପ୍ରଥମ ଗୁରୁଜନମାନଙ୍କଠାରୁ ଲଘୁଜନମାନଙ୍କର; ଦ୍ୱିତୀୟ ଲଘୁଜନମାନଙ୍କଠାରୁ ଗୁରୁଜନମାନଙ୍କର; ତୃତୀୟ ସମସ୍ଥନ ଲୋକମାନଙ୍କ ମଧ୍ୟରେ । ଏହି ଗୁରୁତା, ଲଘୁତା ଓ ସମତାଭାବ ଅବସ୍ଥା ଭେଦରେ ଦ୍ୱିବିଧ ଅଟେ । ପତ୍ର ଲେଖକ ଓ ଲେଖ୍ୟ ମଧ୍ୟରେ ସମ୍ବନ୍ଧ ଥିଲେ ତାହା ଏକ ପ୍ରକାର ଏବଂ ମିତ୍ରତା ଓ ପରିଚୟ ଥିଲେ ତାହା ଅନ୍ୟ ପ୍ରକାର ଅଟେ; ପୁନଶ୍ଚ ସମ୍ବନ୍ଧ ଥିବା ସ୍ଥଳେ ଜ୍ୟେଷ୍ଠ, କନିଷ୍ଠ ଓ ସମବୟସ୍କ ଏହି ତ୍ରିବିଧ ଅବସ୍ଥା ଭେଦରେ ପତ୍ର ମଧ୍ୟ ଭିନ୍ନ ପ୍ରକାରରେ ଲିଖିତ ହୋଇ ଥାଏ । ମିତ୍ରତା ଓ ପରିଚୟ ସ୍ଥଳରେ ପ୍ରଭୁତ୍ୱ, ଧନ ଓ ଗୁଣ ଭେଦରେ ପାର୍ଥକ୍ୟ ମଧ୍ୟ ଦ୍ରଷ୍ଟବ୍ୟ ଅଟେ । ପତ୍ର ଲେଖକ ଯେତେଦୂର ଧନୀ, ଅଧିକାର ସମ୍ପନ୍ନ, ବିଦ୍ୱାନ୍ ବା ଜ୍ଞାନବାନ୍ ହେଉନ୍ତୁନା କାହିଁକି ସେ ଯଦି ଆପଣାଠାରୁ କୌଣସି ବୟୋଜ୍ୟେଷ୍ଠ ଜ୍ଞାତି ନିକଟକୁ ପତ୍ର ଲେଖନ୍ତି ତେବେ ସେହି ଜ୍ଞାତିଙ୍କୁ ଅବଶ୍ୟ ବଡ଼ ଓ ମାନ୍ୟପାତ୍ର ସ୍ୱୀକାର କରି ପତ୍ର ଲେଖିବାକୁ ହେବ । ଏହିପରି ମିତ୍ରତା, ପରିଚୟ ସ୍ଥଳେ ଦେଖାଯାଏ ଯେ ଓ ଯାହାଙ୍କଠାରୁ ପତ୍ର ଲେଖାଯାଏ ସେ ବୟସରେ କନିଷ୍ଠ ହେଲେହେଁ ପ୍ରଭୁତ୍ୱ ଧନ ବା ବିଦ୍ୟାରେ ଲେଖକଙ୍କଠାରୁ ଶ୍ରେଷ୍ଠ ଥିଲେ ତାହାଙ୍କୁ ବଡ଼ କରି ଲେଖିବାକୁ ପଡ଼େ । ପତ୍ର ଲେଖିବା ସମୟରେ ଯେଉଁ ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ତାହା ନିମ୍ନରେ ଲେଖା ଯାଉଅଛି ।

(୧) ପତ୍ର ମଧ୍ୟରେ କୌଣସି ପ୍ରକାର ବ୍ୟର୍ଥ ଶବ୍ଦ ଥିବ ନାହିଁ ।

(୨) ଓଡ଼ିଆ ସଂସ୍କୃତ ବା ହିନ୍ଦୀ ଯେଉଁ କୌଣସି ଭାଷାରେ ପତ୍ର ଲେଖନ୍ତୁ ନା କାହିଁକି ତହିଁରେ ସମସ୍ତଙ୍କ କହିବା ବୁଝିବା ଭଳି ସୁଗମ ଶବ୍ଦ ବ୍ୟବହାର ହୋଇଥିବ ।

(୩) ବର୍ଣ୍ଣିତ ବସ୍ତୁତ ସଂକ୍ଷେପ ଓ ଯଥାର୍ଥ ଥିବ ; କୌଣସି କଥା ଆପଣା-ଠାରୁ ବଢ଼ା ନ ଥିବ ।

(୪) "ଆପଣଙ୍କର ବଡ଼ କୃପା ହେବ" ଅଥବା "ମୁଁ କୃତଜ୍ଞ ହେବି" ଏପରି ବାକ୍ୟ ମାତା ପିତାଙ୍କଠାରୁ ଲେଖା ଯିବ ନାହିଁ ; କାରଣ ଏପରି ବାକ୍ୟରୁ ଏକ ପ୍ରକାର ଭିନ୍ନତା ଓ ଅମାନ୍ୟ ଜଣାଯାଏ ।

(୫) ପ୍ରାର୍ଥନା ପତ୍ର, ପରବାନାଆଦି ସରକାରୀ କାଗଜରେ କୌଣସି ପ୍ରକାର କଠିଣ ଶବ୍ଦ ବ୍ୟବହାର କରିବା କା ବନାଇ ବା ସଜାଡ଼ି ଲେଖିବା ଉଚିତ ନୁହେଁ ; କେବଳ ସ୍ପଷ୍ଟ ଅଭିପ୍ରାୟ ମାତ୍ର ଥିବ ।

ଓଡ଼ିଆ ଭାଷାରେ ଜ୍ୟେଷ୍ଠମାନଙ୍କଠାରୁ ଲେଖିଲେ "ଶ୍ରୀଲ ଶ୍ରୀଯୁକ୍ତ" ଓ କନିଷ୍ଠମାନଙ୍କଠାରୁ ଲେଖିଲେ "ଶ୍ରୀମାନ୍" ନାମ ପୂର୍ବରେ ବସାଇ ଲେଖିବାକୁ ହୁଏ । ବ୍ରାହ୍ମଣମାନଙ୍କ ମଧ୍ୟରେ ବୟୋଽଧିକଙ୍କୁ "ନମସ୍କାର" ଅଳ୍ପ ବୟସ୍କଙ୍କୁ ଅଥବା ଅନ୍ୟ ବର୍ଣ୍ଣର ଶ୍ରେଷ୍ଠ, ବଡ଼ ଓ ସମବୟସ୍କଙ୍କୁ "ଆଶୀର୍ବାଦ" କରି ଲେଖିବାକୁ ହୁଏ । ଆଉ ଯଦ୍ୟପି କ୍ଷତ୍ରିୟ, ବୈଶ୍ୟ ଅଥବା ଶୂଦ୍ର, ବ୍ରାହ୍ମଣମାନଙ୍କୁ ଲେଖନ୍ତି ତେବେ "ପ୍ରଣାମ, ଦଣ୍ଡବତ" ଲେଖିବେ । ପରସ୍ପରରେ ଲେଖିଲେ କେହି୨ "ରାମ ରାମ" "ସୀତାରାମ" "ଜୁହାର" ଓ ଜୟଗୋପାଳ ଆଦି ଲେଖନ୍ତି ।

ଗୁରୁଜନମାନଙ୍କୁ ଅର୍ଥାତ୍ ପିତା, ଗୁରୁ, ଶିକ୍ଷକ ଶ୍ୱଶୁର, ପିତୃବ୍ୟ ଓ ଜ୍ୟେଷ୍ଠ ଭ୍ରାତା ଆଦିଙ୍କୁ ଲେଖିବାକୁ ହେଲେ "ପରମାର୍ଚ୍ଚନୀୟ" "ଶ୍ରଦ୍ଧାସ୍ପଦ" "ଭକ୍ତିଭାଜନ" ବା "ବହୁମାନ୍ୟାସ୍ପଦ" ଲେଖିଲା ପରେ ନାମ ପୂର୍ବରେ "ଶ୍ରୀଲ ଶ୍ରୀଯୁକ୍ତ" ଲେଖିବାକୁ ହେବ । ପତ୍ର ଆରମ୍ଭ ପୂର୍ବରୁ "ମହାଶୟ" ଆଦି ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ ।

ପତ୍ର ଶେଷରେ ସ୍ୱନାମ ଉପରେ ସେବକ "ଆଜ୍ଞାକାରୀ" ଲେଖିବା ଉଚିତ । ଗୁରୁଜନ ଯଦ୍ୟପି ପୁତ୍ର, ଶିଷ୍ୟ ଆଦିଙ୍କୁ ଲେଖନ୍ତି ତେବେ "ପ୍ରାଣାଧିକ, ପରମ କଲ୍ୟାଣୀୟ" ଲେଖିଲା ପରେ ଶ୍ରୀମାନ୍ ବାବୁ ନାମ

ଦେଲେ ତାହାର କ୍ଷେତ୍ରର ଅଧିକାର ପୁନଃପ୍ରାପ୍ତ ହୋଇପାରେ । ନିମ୍ନଲିଖିତ କାରଣରୁ ତାହାଙ୍କୁ ଅଧିକାର ଚ୍ୟୁତ ହେବାର ଆଦେଶ ଦିଆଯାଇ ପାରେ ଯେ ତାହାର ଅଧିକାରରେ ଭୋଗରା ଜମି ଅଛି, ତାହା ଉପରେ ବକେୟା ରାଜସ୍ୱ ଡିକ୍ରୀ ହୋଇଅଛି ବା ସେ ବର୍ଦ୍ଧିତ ରାଜସ୍ୱ ଯାହାକୁ ଅଦାଲତ ଉପଯୁକ୍ତ ବୋଲି ମନେ କରନ୍ତି ତାହା ଦେବାକୁ ଅସ୍ୱୀକୃତ ଅଛି । ଯଦି କୃଷକ ଗୌନ୍ତିଆର ଇଚ୍ଛାନୁସାରେ ବର୍ଦ୍ଧିତ ରାଜସ୍ୱ ଦେବାକୁ ଅଙ୍ଗୀକାର କରେ ତେବେ ରାଜସ୍ୱ ବୃଦ୍ଧି ହୋଇ ପାରେ । ମାତ୍ର କୃଷକ ଯଦି ଅଙ୍ଗୀକୃତ ନ ହୁଏ ତେବେ ଗୌନ୍ତିଆ ମାଲ୍ ଅଦାଲତଦ୍ୱାରା ତାହାଙ୍କୁ ନୋଟିସ୍ ଦେବେ । ଏପରି ଅବସ୍ଥାରେ କୃଷକ ଅଦାଲତରେ ପ୍ରାର୍ଥନା କରି ପାରେ ଯେ ଯଥାର୍ଥ ବୃଦ୍ଧି ନିର୍ଦ୍ଧାରିତ ହେଉ । ଏହା ନ କରି ଯଦି ଗୌନ୍ତିଆ ଅଦାଲତର ସାହାଯ୍ୟ ନ ନେଇ ଅନ୍ୟ କୌଣସି ପ୍ରକାରରେ କୃଷକର ଦେୟ ରାଜସ୍ୱ ବୃଦ୍ଧି କରନ୍ତି ତେବେ ବକେୟା ରାଜସ୍ୱର ଆବେଦନ କରାଗଲେ କୃଷକ ଆବେଦନ କରି ପାରେ କି ବର୍ଦ୍ଧିତ ରାଜସ୍ୱ ଅତ୍ୟଧିକ ହୋଇଅଛି । ତାହା ହେଲେ ଅଦାଲତ ରାଜସ୍ୱ ହ୍ରାସ କରି ପାରନ୍ତି । ମାତ୍ର ଯଦି ଅଦାଲତଙ୍କୁ ଜଣା ପଡ଼େ ଯେ ବର୍ତ୍ତମାନ ଧାର୍ଯ୍ୟ ରାଜସ୍ୱ, ଯାହାକୁ କୃଷକ ଅଧିକ ବୋଲି ମନେ କରୁଅଛି, ତାହା ପ୍ରକୃତରେ ଅତ୍ୟଳ୍ପ ଅଟେ, ତେବେ ସେ ହ୍ରାସ ନ କରି ବୃଦ୍ଧି ମଧ୍ୟ କରି ପାରନ୍ତି । ସାଧାରଣ କୃଷକ ନିଜ ଭୂମି ବିକ୍ରୟ କରି ବା ବନ୍ଧକ ଦେଇ ନ ପାରେ । ଯଦି ସେ ଏପରି କରେ ତେବେ ତାହାର କୌଣସି ଉତ୍ତରାଧିକାରୀ ଦୁଇ ବର୍ଷ ମଧ୍ୟରେ ବିକ୍ରୟ ବା ବନ୍ଧକ ଅସିଦ୍ଧ କରିବା ପାଇଁ ଏବଂ ଉକ୍ତ ଭୂମିରେ ଦଖଲ ପାଇବା ପାଇଁ ଆବେଦନ କରି ପାରେ । ସାଧାରଣ କୃଷକର ବିଧବା ସ୍ତ୍ରୀ ବା ପୁତ୍ର ତାହା ସ୍ୱତ୍ୱର ଉତ୍ତରାଧିକାରୀ ଅଟନ୍ତି । ମାତ୍ର ଯଦି ତାହାର ପିତୃବ୍ୟ, ପିତୃବ୍ୟ ପୁତ୍ର ଭ୍ରାତା ବା ସହୋଦର ପ୍ରଥମରୁ କ୍ଷେତ୍ରରେ ସହାଂଶଭାଗୀ ନ ଥାନ୍ତି ତେବେ ସେମାନେ ତାହାର ଉତ୍ତରାଧିକାରୀ ହୋଇ

ପାରନ୍ତି ନାହିଁ । ସାଧାରଣ କୃଷକଙ୍କର ଭୂମି ଭୋଗରା ନ ଥିଲେ, ସେ ମଧ୍ୟ ପୂର୍ବ କଥିତରୂପେ ଗୌନ୍ତିଆଙ୍କୁ ଆପଣା ଦେୟ ରାଜସ୍ୱର ଅଢ଼ାଇ ଗୁଣ ଟଙ୍କା ଦେଇ ଯେବେ ଇଚ୍ଛା ତେବେ ମୌରସୀ ହୋଇ ପାରେ ।

ଯଦି କୃଷକଠାରେ ରାଜସ୍ୱ ବାକି ରହି ଯାଇ ଥାଏ ତେବେ ଗୌନ୍ତିଆ ଫସଲ ନ କାଟିବା ଓ ବିକ୍ରୀ ନ କରିବା ପାଇଁ ଲିଖିତ ନୋଟିସ୍ ଦେଇ ତାହାଙ୍କୁ ରୋଧ କରି ପାରନ୍ତି । ଏହି ନୋଟିସ୍ ୩୫ ଦିନ ପର୍ଯ୍ୟନ୍ତ ବା ତହିଁ ମଧ୍ୟରେ ଯେତେ ଦିନ ପର୍ଯ୍ୟନ୍ତ ଗୌନ୍ତିଆ ବାକି ରାଜସ୍ୱର ମୋକଦ୍ଦମା ଦାଏର ନ କରନ୍ତି ତେତେ ଦିନ ପର୍ଯ୍ୟନ୍ତ ବଳବତ୍ତର ଥାଏ । ଇତି ମଧ୍ୟରେ ନୋଟିସ୍ ବଳବତ୍ତର ଥାଉଁ୨, କୃଷକ ଯଦି ଫସଲ କର୍ତ୍ତନ କରି ନିଏ ବା ବିକ୍ରୟ କରି ଦିଏ ତେବେ ତାହାଙ୍କୁ ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ଅର୍ଥ-ଦଣ୍ଡ ହୋଇ ପାରେ । ମାତ୍ର ସ୍ୱୟଂ ଗୌନ୍ତିଆ ବଳପୂର୍ବକ ଫସଲ କର୍ତ୍ତନ ବା ବିକ୍ରୟ କରି ନ ପାରନ୍ତି; କଲେ ତାହାଙ୍କୁ ମଧ୍ୟ ସେହି ପରିମାଣରେ ଦଣ୍ଡ ହୋଇପାରେ । ଯଦି କୃଷକ ଉପରେ ବାକିଆ ରାଜସ୍ୱ ଡିକ୍ରୀ ହୋଇ ଯାଇ ଥାଏ ଏବଂ କୃଷକ ଯଦି କଡ଼ୟୀ ମୌରସୀ ଥାଏ, ତେବେ ଡିକ୍ରୀ ଜାରି କରି ସେ ତାହାର ଜମି ନିଲାମ କରି ପାରନ୍ତି; ମାତ୍ର ଯେବେ ମୌରସୀ ବା ସାଧାରଣ କୃଷକ ହୋଇଥାଏ, ତେବେ ଗୌନ୍ତିଆ ଅଦାଲତରେ ଆବେଦନପତ୍ର ଦେଇ ଚାରି ମାସ ମଧ୍ୟରେ ତାହାଙ୍କୁ କ୍ଷେତ୍ରରୁ ବେଦଖଲ କରି ପାରନ୍ତି ।

କୃଷକମାନଙ୍କର ରକ୍ଷା ନିମିତ୍ତ ବିଧିରେ ଏହି ବିଧାନ ଅଛି ଯେ କୃଷକ ଗୌନ୍ତିଆଠାରୁ ବିହନ କରଜ ନେଇ ବା ଅନ୍ୟ ଯେଉଁ କୌଣସି କାରଣରୁ ଅଧମର୍ଣ୍ଣ ହୋଇଥିଲେ ମଧ୍ୟ ଯଦି ତାହାଠାରେ ରାଜସ୍ୱ ବାକି ଥାଏ ତେବେ ସେ ଗୌନ୍ତିଆଙ୍କୁ କୌଣସି ପ୍ରକାରେ ଯାହା କିଛି ଆଦାୟ ଦିଏ ତାହା ରାଜସ୍ୱରେ ଅସୁଲ ଦିଆଯାଏ । ଯଦି ଗୌନ୍ତିଆ ଯଥାର୍ଥ ରାଜସ୍ୱରୁ

ଅଧିକ ଅସୁଲ କରନ୍ତି ତେବେ ତାହାଙ୍କୁ ପାଞ୍ଚ ଶତ ଟଙ୍କା ପର୍ଯ୍ୟନ୍ତ ଅର୍ଥ-ଦଣ୍ଡ ହୋଇପାରେ ।

ରାଜସ୍ୱ ଆଦାୟ ଦେବାର ବିବାଦ ହ୍ରାସ କରିବା ଉଦ୍ଦେଶ୍ୟରେ ଗୌନ୍ତି-ଯାଙ୍କୁ କୃଷକ ଦେଇଥିବା ସବୁ ଟଙ୍କାର ରସିଦ ଦେବାକୁ ପଡ଼େ । କୃଷ-କକୁ ଉଚିତ ଯେ ସେ ଆପଣା ରସିଦ ବହିରେ ଏହି ବିଷୟମାନ ଲେଖାଇ ଗୌନ୍ତିଆର ସ୍ୱାକ୍ଷର ନେଉଥିବ । ଯଦି ଗୌନ୍ତିଆ ରସିଦ ଦେବାକୁ ଅସ୍ୱୀ-କାର କରେ ତେବେ ତାହାଙ୍କଠାରୁ ତହସିଲବର୍ତ୍ତିରେ ଧାର୍ଯ୍ୟ ହୋଇଥିବା ରାଜସ୍ୱର ଦୁଇ ଗୁଣ କୃଷକକୁ ଦିଆଇ ଦିଆଯାଇ ପାରେ ।

ଗୌନ୍ତିଆ ଓ କୃଷକମାନଙ୍କୁ କ୍ଷେତ୍ର ଉନ୍ନତ କରିବା ପାଇଁ ଉତ୍ତେଜନା ଦେବା ନିମନ୍ତେ ମଧ୍ୟ ବିଧିରେ ବିଶେଷ ନିୟମ ଅଛି । ଗୌନ୍ତିଆ ଆପଣା ଗ୍ରାମର ଭୂମିରେ ପ୍ରଥମ ଅଧିକାରୀ ଅଟନ୍ତି । ଏଣୁକରି ତାହାଙ୍କର ଅଧି-କାର ଅଛି କି ସେ ଯେଉଁ କୌଣସି କ୍ଷେତ୍ରକୁ ଶୁଧାରି ପାରନ୍ତି । ମାତ୍ର କୃଷକର ଅଧିକାରରେ ଭୋଗରା ଛଡ଼ା ଅନ୍ୟ ଭୂମି ଥିଲେ, ଗୌନ୍ତିଆ ପ୍ରଥମତଃ କୃଷକକୁ କ୍ଷେତ୍ର ଶୁଧାରିବାର ସୁବିଧା ଦେବେ । ଯଦି କୃଷକ ଅସ୍ୱୀ-କୃତ ହୁଏ, ତେବେ ଗୌନ୍ତିଆ ସ୍ୱୟଂ ସେହି କ୍ଷେତ୍ର ଶୁଧାରିବେ । ଯେଉଁ ଗୌନ୍ତିଆ ବିଧି ଅନୁସାରେ କୃଷକର କ୍ଷେତ୍ର ଶୁଧାରି ଅଛନ୍ତି, ସେ ଜମା ବଢାଇବା ପାଇଁ ଆବେଦନପତ୍ର ଦେଇ ପାରନ୍ତି । କଦମୀ ମୌରସୀ ହେଉ ବା ସାଧାରଣ ହେଉ, ସବୁ ପ୍ରକାର କୃଷକର, ଯାହାର ଭୂମିକ ଭୋଗରା ନୁହେଁ, ଗୌନ୍ତିଆର ବିନା ଅନୁମତିରେ ଆପଣା ଜମି ଶୁଧାରିବାର ଅଧି-କାର ଅଛି । ଯଦି ସେମାନେ କୌଣସି ସମୟରେ ବେଦଖଲ ହୋଇଯାନ୍ତି ତେବେ ସେମାନେ ଯାହା କିଛି ଉନ୍ନତିର କାର୍ଯ୍ୟ କରିଥିବେ ତାହାର କ୍ଷତିପୂରଣ ଦାବୀ କରି ପାରିବେ । କ୍ଷେତ୍ର ଶୁଧାରିବାରେ ଅଧିକ ଉତ୍ତେ-ଜନା ଦେବା ପାଇଁ ବିଧିରେ ଏହା ମଧ୍ୟ ନିର୍ଦ୍ଧାରିତ ହୋଇଅଛି ଯେ

ଶୁଧାରିବାର ପରେ ଯେଉଁ ପ୍ରଥମ ବନ୍ଦୋବସ୍ତ ହେବ ତହିଁରେ ଭୂମି ଉନ୍ନତ ଲଭିଥିବା ହେତୁରୁ ରାଜସ୍ୱ ବୃଦ୍ଧି ହେବ ନାହିଁ ।

ବର୍ତ୍ତମାନ ଏଥିରୁ ପ୍ରକାଶ ପାଉଅଛି ଯେ ଗୌନ୍ତିଆର ହକୟୃତୀ ସ୍ୱତ୍ୱ ଉପରେ ପୂର୍ଣ୍ଣ ବିଚାର କରା ଯାଇଅଛି । କିନ୍ତୁ ତହିଁ ସଙ୍ଗରେ ତାଙ୍କର ସ୍ୱତ୍ୱ ଏପରି ଭାବରେ ନିର୍ଦ୍ଧାରିତ ହୋଇଅଛି କି ଯେପରି କୃଷକମାନଙ୍କ ଉପରେ ଅନ୍ୟାୟ ନ ହୁଏ । ସୁତରାଂ ସେମାନେ ଯଥାସାଧ୍ୟ ଶ୍ରମ ଓ ଯତ୍ନ କରି ଆପଣା୨ କ୍ଷେତ୍ରର ଉନ୍ନତିସାଧନ ବା କର୍ଷଣ କରି ପାରିବେ । ସରକାରଙ୍କର ଅଭିପ୍ରାୟ ଏହି ଯେ କୃଷକ ଓ ଗୌନ୍ତିଆ ଉଭୟ ସନ୍ତୁଷ୍ଟ ଓ ସୁଖରେ ରହନ୍ତୁ । କୃଷକକୁ ବେଦଖଲ କରିବାରେ ବା ତାହାର ଦେୟ ରାଜସ୍ୱ ବୃଦ୍ଧି କରିବାରେ ସରକାର ଗୌନ୍ତିଆର ଯେଉଁ ଅଧିକାର ହ୍ରାସ କରି ଦେଇ ଅଛନ୍ତି ତାହା ଦେଶର ପ୍ରାଚୀନ ଧାରା ଓ ଲୋକମାନଙ୍କର ଇଚ୍ଛାନୁସାରେ ହୋଇଅଛି ।

## ପାଠ ୫୪ ।

## ବିଦ୍ୟା ।

ମନ ଦେଇ ଶୁଣ, ଅହେ ଶିଶୁ ଗଣ,
ସମସ୍ତ ଧନର, ସାର ବିଦ୍ୟାଧନ । ୧ ।
ରତ୍ନାକରେ ଯେତେ, ଅଛନ୍ତି ରତନ,
ତହୁଁ ଶ୍ରେଷ୍ଠତମ, ବିଦ୍ୟା ମହାଧନ । ୨ ।
ହୀରା ନୀଳା, ମୋତି, ବୈଦୁର୍ଯ୍ୟ, ପ୍ରବାଳ,
ମାଣିକ୍ୟ, କାଞ୍ଚନ, ବିଭବ ଅଟଳ । ୩ ।
ଅସତ୍ ପାତ୍ର ଦାନେ, ହୋଇଯାଏ କ୍ଷୟ,
ଏକା ବିଦ୍ୟାଧନ ସତତ ଅକ୍ଷୟ । ୪ ।
ସଦସତ୍ ପାତ୍ରେ, ଇଚ୍ଛା ଅନୁଯାୟୀ,
ସତତ ସର୍ବଦା, ଦାନ କର ଭାଇ । ୫ ।
ବୃଦ୍ଧି ବିନା ତାର, କ୍ଷୟ ହେବ ନାହିଁ,
ଏଧନ ଅର୍ଜ୍ଜନେ, ହେଳା କାହିଁପାଇଁ । ୬ ।
ମୁଦ୍ରିକା ହାରାଦି, ଯେତେକ ଭୂଷଣ,
ବ୍ୟବହାରେ ହୋଇ, ଶରୀରେ ଘର୍ଷଣ । ୭ ।
କାଳକ୍ରମେ ସବୁ, ଗୁରୁତାରେ ନିତ,
ହ୍ରାସ ହେଉଥାଏ, ଅହେ ଧୀର ମତି । ୮ ।
ଏକା ବିଦ୍ୟାଧନ, ଭୂଷଣରେ ସାର,
ନୁହଇଟି ହ୍ରାସ, କଲେ ବ୍ୟବହାର । ୯ ।
ଘରଷଣେ ତାହା, ହୁଏ ପ୍ରଜ୍ୱଳିତ,
ଯହିଁରେ ସତତ, ପଣ୍ଡିତେ ଭୂଷିତ । ୧୦ ।

ସେ ବିଦ୍ୟା ଭୂଷଣ, ଅଛି ସମ୍ପଦରେ,
ଧର ଶିଶୁବୃନ୍ଦ ସଦା, ହୃଦୟରେ । ୧୧ ।
ବିଦ୍ୟାଧନ ହୀନ, ଅଟଇଟି ଯେହୁ,
ପୁଚ୍ଛ ଶୃଙ୍ଗ ହୀନ, ପଶୁ ସନା ସେହୁ । ୧୨ ।
ତୃଣ ନ ଖାଇ ସେ, ଅନ୍ନ ଯା ଭୁଞ୍ଜଇ,
ପଶୁ ପକ୍ଷେ ବଡ, ଭାଗ୍ୟ ଏ ଅଟଇ । ୧୩ ।
ବିଦ୍ୟା ପଢି ଯେହୁ, ହୁଅଇ ପଣ୍ଡିତ,
ବିବିଧ ଗୁଣରେ, ହୁଅଇ ମଣ୍ଡିତ । ୧୪ ।
ଯାହା ପରସାଦୁଁ, ଅତି ନୀଚ ନର,
ରାଜ ସଭା ମଧ୍ୟେ, ଲଭଇ ଆଦର । ୧୫ ।
କରେ ସେହୁ ଜନ, ସଂଶୟ ଛେଦନ, ।
ହେଉଥାଏ ସର୍ବା, ଆଦର ଭାଜନ । ୧୬ ।
ଏମନ୍ତ ବିଦ୍ୟାକୁ, ଅହେ ଶିଶୁଗଣ,
ସତତ ଅଭ୍ୟାସ, କର ଦେଇ ମନ । ୧୭ ।
ବିଦ୍ୟାବଳେ କେତେ, ବିଚିତ୍ର କୌଶଳ,
ହୋଇ ସାଧୁଅଛି, ଜଗତ ମଙ୍ଗଳ । ୧୮ ।
ବ୍ୟୋମଯାନ ପୁଣି, ଟେଲିଗ୍ରାଫ ତାର,
କରଇ ପ୍ରାଣିର, ବହୁ ଉପକାର । ୧୯ ।
ବାଷ୍ପୀୟ ଜାହାଜ, ବାଷ୍ପୀୟ ସ୍ୟନ୍ଦନ,
କରୁଛନ୍ତି କେତେ, ମଙ୍ଗଳ ସାଧନ । ୨୦ ।
କଳ ଘଡ଼ି ପ୍ରତି, ଦେଖ କନା ଥରେ,
କଣ୍ଟା ତାର ଚଳେ, କେତେ କୌଶଳରେ । ୨୧ ।
ବିଦ୍ୟାରୁ ଏସବୁ, ସିନା ଉତପନ୍ନ,
ହୋଇ ଉପକାର, ସାଧେ ପ୍ରତିକ୍ଷଣ । ୨୨ ।

ତେଣୁ କହେଁ ଅହେ, ଧୀର ଶିଶୁଗଣ,
ମନ ଦେଇ କର, ବିଦ୍ୟା ଅଧ୍ୟୟନ । ୨୩ ।
ବିଦ୍ୟାରୁ ବିନୟ, ହୋଇ ଉତପନ୍ନ,
କରାଏ ପ୍ରାଣିଙ୍କି, ଆଦର ଭାଜନ । ୨୪ ।
ବିନୟରୁ ଜାତ, ହୁଅଇ ସମ୍ମାନ,
ସମ୍ମାନରୁ ଲୋକ, ପାଏ ବହୁ ଧନ । ୨୫ ।
ଧନରୁ ବଢଇ, ସୁଖ ମାନବର,
ଦାନ ଧରମରେ, ହୁଏ ତତପର । ୨୬ ।
ଆଜୀବନ ତାଙ୍କୁ, ଦୁଃଖ ନ ମିଳଇ,
ଜୀବାନ୍ତେ ପରମ, ପଦବୀ ଲଭଇ । ୨୭ ।
ବିଦ୍ୟା ଅଭ୍ୟାସରେ, ସଦା ତତପର,
ହୋଇ ନିଜ ନିଜ, ଜୀବ ସାର୍ଥ କର । ୨୮ ।
ଉଦ୍‌ଯୋଗ କଲେ, ମିଳଇ ରତନ,
ତେଣୁ କର ବିଦ୍ୟା, ପଠନେ ଯତନ । ୨୯ ।
ବିଦ୍ୟା ପଢି ନିଜ, କୁଳକୁ, ଉଦ୍ଧାର,
କରଅହେ ଶିଶୁ, ଚନ୍ଦ୍ର ପରକାର । ୩୦ ।
ଶାସ୍ତ୍ର ଆଲୋଚନା, କରି ବୁଧେ ନିତ,
ନିଜ ଜୀବନକୁ, ସୁଖରେ ହରନ୍ତି । ୩୧ ।
ନିଦ୍ରା ବ୍ୟସନରେ, ସଦା ମୂର୍ଖ ଜନ,
ରତ ଥାଇ କେତେ, ଲଭନ୍ତି କଷଣ । ୩୨ ।
ସ୍ୱଦେଶରେ ରାଜା, ପାଅନ୍ତି ଆଦର,
ସବୁଠାରେ ସମାଦର ପଣ୍ଡିତର । ୩୩ ।

## ପାଠ ୫୫ ।

## କୋଲମ୍ବସ ।

ସୁବିଖ୍ୟାତ ମହାତ୍ମା କୋଲମ୍ବସ ସନ୍ ୧୪୩୬ ଈସବୀରେ ଜେନୋଆ ନଗରରେ ଜନ୍ମ ଗ୍ରହଣ କରିଥିଲେ । ସେ ବାଲ୍ୟକାଳରୁ ଭୂଗୋଲ ବିଦ୍ୟାର ପୁସ୍ତକ ଅବଲୋକନ କରୁଥିଲେ । ସେ କେବଳ ଅଳ୍ପ ସମୟ ପର୍ଯ୍ୟନ୍ତ ସ୍କୁଲରେ ବିଦ୍ୟାଶିକ୍ଷା କରିଥିଲେ । ୧୪ ବର୍ଷ ବୟଃକ୍ରମ କାଳରେ ପାଠଶାଳା ପରିତ୍ୟାଗ କରି ଉକ୍ତ ନଗରର ପୋତପାଳ କାର୍ଯ୍ୟରେ ନିଯୁକ୍ତ ହେଲେ । ସେହି ସମୟରେ ମେଡିରା ଆଉ କାନାରୀ ଦ୍ୱୀପର ଅନ୍ୟ ପାର୍ଶ୍ୱକୁ ଯିବାର କାହାର ଶକ୍ତି ନ ଥିଲା । ଲୋକମାନେ ଅନୁମାନ କରୁଥିଲେ କି ଦ୍ୱୀପର ଅନ୍ୟ ପାର୍ଶ୍ୱରେ ଜଳ ବ୍ୟତୀତ ଆଉ କିଛି ନ ଥିବ; ମାତ୍ର କୋଲମ୍ବସ ପୃଥିବୀର ଆକାର ବିବେଚନା କରି କହିଲେ, ଯେବେ କେହି ଆଟଲାଣ୍ଟିକ ମହାସାଗରର ପଶ୍ଚିମ ଦିଗକୁ ପ୍ରସ୍ଥାନ କରିବ; ତେବେ ଅନେକାନେକ ନୂତନ ଦ୍ୱୀପ ଦେଖି ଶେଷରେ ନିଃସନ୍ଦେହରେ ସ୍ଥଳ ମାର୍ଗ ଦେଇ ଭାରତବର୍ଷରେ ପ୍ରବେଶ କରି ପାରିବ । ସେ ପୋର୍ଟୁଗେଲରେ ଥିବା କାଳରେ ଗିନି ଓ କାନାରୀ ଦ୍ୱୀପକୁ ଅନେକ ଥର ଗତାୟାତ କରି ନାବିକ ବିଦ୍ୟାରେ ପାରଗତା ଲାଭ କରିଥିଲେ ।

ସେ କୃତନିଶ୍ଚୟ ହୋଇଥିଲେ କି ଅମ୍ଭେ ଆଟଲାଣ୍ଟିକ ମହାସାଗରରେ ଅନେକାନେକ ନୂତନ ଦ୍ୱୀପ ଓ ଦେଶ ଅନ୍ୱେଷଣ କରି ବାହାର କରି ପାରିବୁଁ । ଏହି ଅଭିପ୍ରାୟରେ କୋଲମ୍ବସ ପୋର୍ଟୁଗେଲ ଓ ଇଂଲଣ୍ଡ ସ୍ଥାନର ସମ୍ରାଟ୍‌ମାନଙ୍କୁ ସାହାଯ୍ୟ ପ୍ରାର୍ଥନା କଲେ ; କିନ୍ତୁ କେହି ତାଙ୍କର ଜ୍ଞାନ ଓ ବିନୟ ପ୍ରାର୍ଥନା ଗ୍ରାହ୍ୟ କଲେ ନାହିଁ । ତଦନନ୍ତର ସ୍ପେନର ରାଣୀଙ୍କଠାକୁ ସବିନୟରେ ପତ୍ର ଲେଖିଲେ, ଉକ୍ତ ରାଣୀ ସ୍ୱୀକାର କରିବାରୁ ସନ୍ ୧୪୯୨ ଈସବୀ ଅଗସ୍ତ ମାସ ତା ୩ ରିଖରେ କୋଲମ୍ବସ ପୋତାରୋହଣ

ପୂର୍ବକ କେନାରୀ ଦ୍ୱୀପାଭିମୁଖେ ଅଗ୍ରସର ହେଲେ । ତଦୁତ୍ତରୁ ଉକ୍ତ ଦ୍ୱୀପରେ ପହୁଞ୍ଚି ସେପ୍ଟେମ୍ବର ତା ୬ ରିଖରେ କାମରୀ ବନ୍ଦରରୁ ବହିର୍ଗତ ହେଲେ । ସେ ସମୟରେ ତାଙ୍କଠାରେ ଅତ୍ୟଳ୍ପ ମାଏ ଖାଦ୍ୟ ସାମଗ୍ରୀ ଥିବା ପ୍ରଯୁକ୍ତ ତାଙ୍କ ପ୍ରତି ଅନୁଚରଗଣ ଦିନକୁଦିନ ନିତାନ୍ତ ଅପ୍ରସନ୍ନ ହେବାକୁ ଲାଗିଲେ ଏବଂ ସେମାନେ ମନରେ ସ୍ଥିର କରିଥିଲେ କି ଅମ୍ଭେ-ମାନେ କୋଲମ୍ବସଙ୍କୁ ସମୁଦ୍ରରେ ନିକ୍ଷେପ କରି ସ୍ୱଦେଶକୁ ପ୍ରତ୍ୟାଗମନ କରିବା କିନ୍ତୁ କୋଲମ୍ବସ ଅନୁଚରମାନଙ୍କୁ ସାନ୍ତ୍ୱନା ଦେଇ ମିଷ୍ଟାଳାପ ଦ୍ୱାରା ସେମାନଙ୍କ ହୃଦ କ୍ଷେତ୍ରକୁ ପ୍ରଫୁଲ୍ଲିତ କରାଉଥିଲେ । ଇତି ମଧ୍ୟରେ ସେ ସ୍ଥଳଚର ପକ୍ଷିମାନଙ୍କୁ ପଂକ୍ତିବଦ୍ଧ ହୋଇ ଉଡ୍ଡୀୟମାନ ହେଉଥିବାର ଦେଖି ଜାଣି ପାରିଲେ ଯେ କୌଣସିନା କୌଣସି ଦ୍ୱୀପରେ ଅବଶ୍ୟ ଉପନୀତ ହେବୁଁ । ଏମନ୍ତ ଲକ୍ଷଣମାନ ଦୃଶ୍ୟ ହେଉଥିଲେ ମଧ୍ୟ ସେମାନେ ଉଦାସୀନ ହୋଇ ବଞ୍ଚିବାର ଆଶା ପରିତ୍ୟାଗ କରି ଦେଲେ । କୋଲମ୍ବସ ସେମାନଙ୍କୁ ଧୈର୍ଯ୍ୟ ଦେଇ କହିଲେ, ଆମ୍ଭମାନଙ୍କୁ ଅନେକ ଲାଭ ହେବ ଏବଂ ପରମେଶ୍ୱରଙ୍କ କୃପାରୁ ଅମ୍ଭେମାନେ ଶୀଘ୍ର ଭାରତବର୍ଷରେ ପହୁଞ୍ଚି ପାରିବା । ପରନ୍ତୁ ତଳେ ଜଳ ଓ ଉପରେ ଆକାଶ ବ୍ୟତୀତ ଅନ୍ୟ କିଛି ଦୃଶ୍ୟ ହେଉ ନ ଥିଲା । ଅକ୍ଟୋବର ମାସର ଦିନକରେ ସେମାନେ ହଠାତ୍ ବେତବାଡି ଓ ହରିତ୍ ବର୍ଣ୍ଣର ପତ୍ର, ସମୁଦ୍ରରେ ଭାସି ଆସୁଥିବାର ଦେଖି ସ୍ଥଳ ନିକଟରେ ଥିବାର ଜାଣି ପାରିଲେ । ଭାଗ୍ୟ ବଶରୁ ରାତ୍ର ଘ ୧୦ ଟିକା ସମୟରେ କୋଲମ୍ବସ ଗୋଟିଏ ପ୍ରଜ୍ୱଳିତ ପ୍ରଦୀପର ଆଲୋକ ଅବଲୋକନ କଲେ, ମାଏ ତାହା ନିଶ୍ଚୟ କରି ନ ପାରି ତାହାଙ୍କର ଦୁଇଜଣ ବନ୍ଧୁଙ୍କୁ ସମ୍ବୋଧନ କରି କହିଲେ, ବନ୍ଧୋ ! ଦେଖ, କି ଦୃଶ୍ୟ ହେଉଅଛି ? ତନ୍ମଧ୍ୟରୁ ଜଣେ ନିଶ୍ଚୟ କରି କହିଲା, ତାହା ପ୍ରଦୀପର ଆଲୋକ ବ୍ୟତୀତ ଅନ୍ୟ କିଛି ନୁହେ । ଏହା ଶୁଣି ସେମାନେ ଏତେ ଆନନ୍ଦିତ ହେଲେ ଯେ ତାହା ବର୍ଣ୍ଣନା କରାଯାଇ ନ ପାରେ । ପୁନର୍ବାର

ଦୁଇ ଘଣ୍ଟା ପରେ ଜଣେ ନାବିକ ସ୍ଥଲ ଦେଖି ଆପଣା ସଙ୍ଗିମାନଙ୍କୁ କହିଲା ରଜନୀ ପ୍ରଭାତ ହେଲାରୁ ଦେଖିଲେ ସେମାନେ ଗୋଟିଏ ବୃହତ୍ ଦ୍ୱୀପରେ ଉପନୀତ ହୋଇଅଛନ୍ତି । କୋଲମ୍ବସ ଜାହାଜରୁ ଅବତୀର୍ଣ୍ଣ ହୋଇ ତଟକୁ ଗମନ କଲେ ଏବଂ ସେହି ଦ୍ୱୀପରେ ସ୍ପେନ ସମ୍ରାଟଙ୍କ ଚିହ୍ନ ରଖି ତାହାର ନାମ ସେଣ୍ଟ ସାଲଭେଡର ଦେଲେ । ପରେ ଦ୍ୱୀପସ୍ଥ ଲୋକଙ୍କୁ କେତେକ ଲାଲ ଟୋପି ଏବଂ ଅଳ୍ପ ମୂଲ୍ୟର ପଦାର୍ଥ ପୁରସ୍କାର ଦେବାରୁ ସେମାନେ ପରମ ସନ୍ତୋଷରେ ଗ୍ରହଣ କଲେ । ଅନନ୍ତର ସେମାନେ ବାୟୁବ୍ୟ ଦିଗକୁ ଗମନ କରି ମାର୍ଗରେ ଅନେକ ଦ୍ୱୀପ ସନ୍ଦର୍ଶନ କଲେ ; ତନ୍ମଧ୍ୟରୁ କ୍ୟୁବା ନାମକ ଟାପୁ ଅତି ବୃହତ୍ ଥିଲା । ତାହାର ଆକୃତି ଇଂଲଣ୍ଡର ତୁଲ୍ୟ ଅଟେ ।

ଅଶେଷରେ କୋଲମ୍ବସ ଆଉ ଅନେକ ଦ୍ୱୀପ ଅବଲୋକନ କରି ସ୍ପେନକୁ ପ୍ରତ୍ୟାଗମନ କଲେ ଏବଂ ବାଦସାହଙ୍କୁ ସ୍ୱୀୟ ପ୍ରବାସର ଆଦ୍ୟୋପାନ୍ତ ଅବଗତ କରାଇବାରୁ ବାଦସାହ ତାଙ୍କୁ ଅଧିକ ସମାଦର ପୂର୍ବକ ଅନେକ ପାରିତୋଷିକ ପ୍ରଦାନ କଲେ ଆଉ ଆବିଷ୍କୃତ ଦ୍ୱୀପ ପୁଞ୍ଜ ସବୁ ସ୍ପେନ ରାଜ୍ୟର ଅଧିକାର ଭୁକ୍ତ କଲେ । କିଛି କାଳ ପରେ ବାଦସାହ ତାହାଙ୍କୁ ଆଉ ଅନେକ ଜାହାଜ ଦେଇ ନୂତନ୨ ଦ୍ୱୀପର ଅନ୍ୱେଷଣାର୍ଥ ପୁନର୍ବାର ପ୍ରେରଣ କଲେ । ସେ ସେହି ସମୟରେ ମଧ୍ୟ ଅନେକ ଦ୍ୱୀପ ଦେଖି ପରିଶେଷରେ ସନ୍ ୧୪୯୮ ଇସବୀରେ ଆମେରିକା ଆବିଷ୍କାର କଲେ । ସନ୍ ୧୫୦୬ ଇସବୀରେ ଏହି ସୁପ୍ରସିଦ୍ଧ ମାହାତ୍ମା କୋଲମ୍ବସ ପରଲୋକ ଗମନ କଲେ ।

## ପାଠ ୫୨ ।

## ଆକସ୍ମିକ ଘଟଣା ।

ପ୍ରାଣିମାନେ କେବେ୨ ଅକସ୍ମାତ୍ ଦୁଃଖରେ ପତିତ ହୁଅନ୍ତି ଏହାକୁ ଆକସ୍ମିକ ଘଟଣା ବୋଲାଯାଏ । ଏଥିରେ ଲୋକମାନଙ୍କୁ ଅଧିକ୨ ଦୁଃଖ ସହ୍ୟ କରିବାକୁ ପଡ଼ଇ ଏବଂ କେବେ୨ ଏଥିରେ ମୃତ୍ୟୁ ମଧ୍ୟ ଘଟିବାର ସମ୍ଭାବନା । ପାଣିରେ ବୁଡ଼ି ମରିବା, ବଡ଼ ଅଘାତ ପାଇବା, ଅଗ୍ନିରେ ପୋଡ଼ି ମରିବା, ସର୍ପ ବିଛୁଆଦି ଦଂଶନ କଲେ କଷ୍ଟ ପାଇବା ପ୍ରଭୃତି ଆକସ୍ମିକ ଘଟଣାର ଉଦାହରଣ ସ୍ୱରୂପ । ଯେବେ କୌଣସି ଲୋକ ଦୈବାତ୍ ଏହିପରି ସଙ୍କଟରେ ଆସି ପଡ଼ଇ ତେବେ ତାହାର ଭୀତ ହେବା ଉଚିତ ନୁହେ; ମାତ୍ର ଧୈର୍ଯ୍ୟ ଅବଲମ୍ବନ କରି ସେହି ଦୁଃଖ ମୋଚନ କରିବା ପାଇଁ ଉପାୟ ରଚନା କରିବା ବିଧେୟ ।

ମନୁଷ୍ୟ ପାଣିରେ ବୁଡ଼ି ଗଲେ ତାହାର ନାସିକା, ମୁଖ, କଣ୍ଠ ଆଦି ଜଳରେ ପୂର୍ଣ୍ଣ ହୋଇଯିବାରୁ ସେ ନିଃଶ୍ୱାସ ପ୍ରଶ୍ୱାସ କ୍ରିୟା ସମ୍ପାଦନ କରି-ପାରେ ନାହିଁ । ଯଦ୍ୟପି ମନୁଷ୍ୟକୁ ବୁଡ଼ି ଯିବାର ଅଳ୍ପ ସମୟ ପରେ ଉଦ୍ଧାର କରାଯାଏ, ତେବେ ତାହାର ଅଳ୍ପ୨ ଶ୍ୱାସ ଚଳୁଥିବାରୁ ତାହାର ବଞ୍ଚିଯିବାର ସମ୍ଭାବନା ଥାଏ । ପ୍ରଥମରେ ତାହାର ମୁଖ ନାସିକା ଓ କଣ୍ଠ ପରିଷ୍କାର କର । ତତ୍ପରେ ମୁଖ ଖୋଲି କରି ଜିହ୍ୱାକୁ କ୍ରମେ୨ ଆଗକୁ ଟାଣି ଆଣ, ଏପରି କଲେ ବାୟୁ ପ୍ରବେଶ କରି ପାରିବ । ଗଳା ଓ ବକ୍ଷସ୍ଥଳର ବସ୍ତ୍ର ବାହାର କରି ନିଅ ଓ ତାହାକୁ ଚେତ୍‌କା କରି ଶୁଆଇ ତାହାର ମୁଣ୍ଡ ଓ ସ୍କନ୍ଧ ତଳରେ ଏପରି ଭାବରେ ମୁଚୁଳା ରଖ, ଯେପରି କି ତାହାର ଶରୀର କିୟତ୍ପରିମାଣରେ ଉଠି ରହିବ । ଫୁସ୍‌ଫୁସ୍ ବା ଫେଫଡ଼ାରେ ବାୟୁ ପ୍ରବେଶ କରିବା ପାଇଁ ତାହାର ବାହୁଦ୍ୱୟକୁ ଧରି ଆଉ ଟିକିଏ ଉପରକୁ ଉଠାଅ, କି ଯହିଁରେ ତାହାର ହସ୍ତ ମସ୍ତକ ଉପରେ ମିଳି ରହିବ । ପୁଣି ଦୁଇ ସେକେଣ୍ଡ ଗଲା

ପରେ ପୁନର୍ବାର ବାହୁଦ୍ୱୟକୁ ମୋଡ଼ି କରି ପଞ୍ଜରା ପାଖରେ ଭଲ କରି ଛାଡ଼ି ଦିଅ । କିଛି ସମୟ ପର୍ଯ୍ୟନ୍ତ ଏହିପରି କଲେ ସେହି ଲୋକର ନିଃଶ୍ୱାସ କ୍ରମେ୨ ଚଳିବାକୁ ଲାଗଇ । ଏଥିଉତ୍ତାରୁ ତାହାର ଶରୀରରେ ରକ୍ତ ପରିଚାଳନା କରିବା ସକାଶେ ଓ ଉତ୍ତାପ ରକ୍ଷା କରିବା ପାଇଁ ସେହି ଲୋକକୁ ଗରମ ବସ୍ତ୍ରରେ ଆଚ୍ଛାଦିତ କରି ମର୍ଦ୍ଦନ କରୁଥାଅ । ଗରମ ବାଲିରେ ପୂର୍ଣ୍ଣ ଥୈଲୀ କିମ୍ବା ଗରମ ପାଣିରେ ପୂର୍ଣ୍ଣ ବୋତଲକୁ ତାହା ଶରୀର ଉପରେ ରଖିଲେ ମଧ୍ୟ ଉପକାର ହୋଇ ପାରିବ ।

ଯେବେ କାହାରିକୁ ଅଳ୍ପ ଘା ହୋଇଥାଏ, ତେବେ ତହିଁ ଉପରେ ମଲମ ପଟ୍ଟୀ ଲଗାଇଲେ ଭଲ ହୁଏ ; ମାତ୍ର ଘା ବଡ଼ ଥିଲେ ଓ ତହିଁରେ ମାଟି ଆଦି ପଶି ଯାଇଥିଲେ ତାହାକୁ ଈଷତ୍ ଗରମ ଜଳର ସରୁ ଧାରରେ ପ୍ରଥମରେ ଉତ୍ତମରୂପେ ପରିଷ୍କାର କରି ତହିଁରେ ଔଷଧ ଲଗାଇଲେ ଭଲ ହୁଏ । ଘାକୁ ଢାଙ୍କି ରଖିବା ଉଚିତ । ନ ହେଲେ ତହିଁରେ ମାଛି ବସି ଯାଆନ୍ତି ଓ ଏଥିରେ କୀଡ଼ା ପଡ଼ିଯିବାର ଭୟ ହୁଏ । ଯେବେ କୌଣସି ଅଙ୍ଗରେ ଆଘାତ ଲାଗି ରକ୍ତ ବହୁଥାଏ ତେବେ ସେହି ଆଘାତର ଟିକିଏ ଉପରେ ଗୋଟିଏ ବନ୍ଧନ ବାନ୍ଧି ଉପରକୁ ଉଠାଇ ଦିଅ ; ତାହା କଲେ ରକ୍ତସ୍ରାବ ବନ୍ଦ ପଡ଼ିଯିବ ।

ଯେବେ ହାଡ଼ ସ୍ୱସ୍ଥାନରୁ ଖସଡ଼ି ଯାଏ, ତେବେ ତାହାକୁ ହାଡ଼ ଖସଡ଼ ଗଲା ବୋଲି କହନ୍ତି । ଯେଉଁ ଲୋକର ହାଡ଼ ଖସଡ଼ ଯାଇଥିବ, ତାହାକୁ ଶୀଘ୍ର କୌଣସି ଡାକ୍ତର ଅଥବା ହାଡ଼ ବସାଇ ଜାଣୁଥିବା ଲୋକ ନିକଟକୁ ନେଇ ସଙ୍କୋଡ଼ କରି ବସାଇ ନେବା ଉଚିତ ; ଆଉ ତକ୍ଷଣାତ୍ କପଡ଼ାରେ ବହୁତ ଶକ୍ତ କରି ଏପରି ଭାବରେ ବାନ୍ଧି ଦେବ ଯେପରି ଆଉ ଥରେ ତାହା ଖସଡ଼ ନ ଯିବ ।

ଯେଉଁ ଲୋକର କୌଣସି ଅଙ୍ଗ ଉଚକ୍କି ଯାଇଥାଏ, ସେ ଲୋକ ବିଶ୍ରାମ କଲେ ଭଲ ହୋଇଯାଏ । ଉଚକ୍କି ଯାଇଥିବା ସ୍ଥାନ ଉପରେ ଗରମ ବା

ଥଣ୍ଡା ପାଣିରେ କପଡ଼ା ଭିଜାଇ କରି ବାନ୍ଧି ଦେଲେ ମଧ୍ୟ ଉପକାର ହୁଏ; ଅଳ୍ପ୨ ପରିମାଣର ତଣା ବାନ୍ଧି କରି ତହିଁରେ ପାଣି ଦେଉଥିଲେ ସେହି ରଡକା ଅତି ଶୀଘ୍ର ଆରାମ ହୁଅଇ ।

ବସ୍ତ୍ରରେ ଅଗ୍ନି ଲାଗି ଗଲେ ସେହି ଲୋକକୁ ଇତସ୍ତତଃ ଦୌଡ଼ିବା ଉଚିତ ନୁହେ; କାରଣ କି ଦୌଡ଼ିଲେ ପବନ ଲାଗି କରି ଅଗ୍ନି ଆହୁରି ଅଧିକ ପ୍ରବଳ ଭାବରେ ଜଳି ଉଠଇ । ଏପରି ସମୟରେ ଶୀଘ୍ର ଭୂମି ଉପରେ ଶୋଇ ଗଡ଼ି୨ ଯିବା କିମ୍ବା କପଡ଼ାକୁ ଶୀଘ୍ର ଫିଙ୍ଗି ଦେବା ଉଚିତ ।

ଯେବେ କୌଣସି ଲୋକକୁ ବିଷାକ୍ତ ସର୍ପ କିମ୍ବା କୁକ୍କୁର ଦଂଶନ କରେ, ତେବେ ଆଘାତର ଟିକିଏ ଉପରେ ଗୋଟିଏ ବନ୍ଧନ ଶକ୍ତ କରି ବାନ୍ଧିଦେବା ଉଚିତ । କାରଣ କି ଏପରି କଲେ ବିଷ ଶରୀରରେ ଆଉ ଅଧିକ ଉପରକୁ ଉଠି ପାରିବ ନାହିଁ । ବର୍ତ୍ତମାନ ସେ ଆଘାତକୁ ଏପରି ଭାବରେ କାଟି ପକାଅ ଯେ ଦାନ୍ତରେ ଯେତେ ଦୂର ପର୍ଯ୍ୟନ୍ତ ଆଘାତ ଚାଲି ଯାଇଅଛି, ତାହା ମୂଳରୁ କଟି ଯିବ; କିମ୍ବା ଲୁହାକୁ ବହୁତ ଉତ୍ତପ୍ତ କରି ସେହି ଆଘାତକୁ ଜଳାଇ ପକାଅ; ନ ହେଲେ ତାହାକୁ କଟୁ ବା ଅଲସି ତେଲ ଏକ ପା ପିଆଇ ଦିଅ; ଏପରି କଲେ ବିଷ କୌଣସି ଫଳ ଦେଖାଇ ପାରିବ ନାହିଁ । ଆଘାତ ସ୍ଥାନକୁ ଚୁମ୍ବି ନେଲେ ମଧ୍ୟ ଭଲ ହୁଏ; ମାତ୍ର ଚୁମ୍ବିବା ଲୋକର ମୁଖ ଓ ଓଷ୍ଠରେ ଘା ହୋଇ ନ ଥିବା ଉଚିତ ।

ଆଫୁ ଓ ଦୁଦୁରା ଫଳ ଅଧିକ ପରିମାଣରେ ଖାଇଲେ ମନୁଷ୍ୟ ଅଚେତନ ହୋଇ ସମୟ ସମୟରେ ମୃତ ହୋଇଯାଏ । ଏଥିପାଇଁ ସୋରିଷ କିମ୍ବା ଲୁଣକୁ ଗରମ ପାଣିରେ ମିଶାଇ ପିଆଇ ଦେଲେ ଶୀଘ୍ର ବାନ୍ତି ହୋଇଯିବାରୁ ଏଥିର ଆଉ ଅଧିକ ଫଳ ଦେଖାଯାଏ ନାହିଁ । ଏହି ପ୍ରକାରରେ ଯେବେ କେହି ବିଷ ଭକ୍ଷଣ କରେ, ତେବେ ତାହାକୁ ବାନ୍ତି କରାଇଲେ ଭଲ ହୋଇଯାଏ ।

---

# ପାଠ ୬୭ ।

## କାଳି ଦାସ ।

ମାଳବର ରାଜା ହର୍ଷ ବିକ୍ରମାଦିତ୍ୟଙ୍କ ସମୟରେ ଷଷ୍ଠ ଖ୍ରୀଷ୍ଟାବ୍ଦରେ କାଳି ଦାସ କବି ବିଦ୍ୟମାନ ଥିଲେ । ଉକ୍ତ ରାଜାଙ୍କ ରାଜଧାନୀ ଉଜ୍ଜୟିନୀ ନଗରୀରେ ଥିଲା । ଏହି କାରଣରୁ କାଳି ଦାସ ମଧ୍ୟ ସେହିଠାରେ ବାସ କରୁଥିଲେ । ରାଜାଙ୍କ ସଭାରେ ନବରତ୍ନ ପଣ୍ଡିତ ଥିଲେ, ତନ୍ମଧ୍ୟରୁ କାଳି ଦାସ ଜଣେ ଅଟନ୍ତି । କଥିତ ଅଛି ଯେ ବାଲ୍ୟକାଳରେ କାଳି ଦାସ କିଛି ଲେଖା ପଢା ଶିଖି ନ ଥିଲେ । କେବଳ ଜଣେ ସ୍ତ୍ରୀ ଯୋଗୁଁ ସେ ଏପରି ଅମୂଲ୍ୟ ବିଦ୍ୟାଧନର ଅଧିକାରୀ ହେଲେ । ଏହାଙ୍କ ବିଷୟରେ ନିମ୍ନଲିଖିତ କଥାଟି ପ୍ରସିଦ୍ଧ ଅଛି ।

ରାଜା ଶାରଦାନନ୍ଦଙ୍କ ଦୁହିତା ବିଦ୍ୟୋତ୍ତମା ବଡ଼ ପଣ୍ଡିତା ଥିଲେ । ସେ ଏହି ପ୍ରତିଜ୍ଞା କରିଥିଲେ କି "ମୋତେ ଶାସ୍ତ୍ରାର୍ଥରେ ଯେ ଜୟ କରିବ, ତାହାର ସହିତ ବିବାହ ହେବ ।"

ସେହି ରାଜକୁମାରୀଙ୍କ ରୂପ ଯୌବନ ଏବଂ ବିଦ୍ୟାରେ ପ୍ରଶଂସା ଶ୍ରବଣ କରି ଦୂର ଦୂରାନ୍ତରରୁ ପଣ୍ଡିତମାନେ ଆସି ଶାସ୍ତ୍ରାର୍ଥରେ ପରାଜୟ ସ୍ୱୀକାର କରି ଅକୃତକାର୍ଯ୍ୟ ହେଉଥିଲେ । ଯେତେବେଳେ ପଣ୍ଡିତମାନେ ଦେଖିଲେ ଯେ ଏହି ବାଳିକା କୌଣସିରୂପେ ଅଧୀନସ୍ଥ ହେଉନାହିଁ ଆଉ ସମସ୍ତଙ୍କୁ ଜୟ କରି ଲଜ୍ଜିତ କରାଉଅଛି, ତେତେବେଳେ ସେ ସମସ୍ତେ ଏକମତ ହୋଇ ବିଚାର କଲେ କି ଏପରି ମୂର୍ଖର ସହିତ ବିଦ୍ୟୋତ୍ତମାଙ୍କର ବିବାହ କରାଇ ଦେବା, ଯେପରି ସେ ଆଜନ୍ମ ଆପଣାର ଏହି ଗର୍ବ ବିଷୟରେ ପଶ୍ଚାତ୍ତାପ କରୁଥିବ । ସେମାନେ ଏହା ନିଶ୍ଚୟ କରି ମୂର୍ଖର ଅନ୍ୱେଷଣରେ ବହିର୍ଗତ ହେଲେ ; ଆଉ ଯାଉଁ୨ ବାଟରେ ଦେଖିଲେ ଜଣେ ଲୋକ ବୃକ୍ଷ ଉପରର ଯେଉଁ ଶାଖାରେ ଉପବିଷ୍ଟ ଅଛି, ସେହି ଶାଖାର ମୂଳରୁ ଛେଦନ

କରୁଅଛୁ । ଏହା ଦେଖି ପଣ୍ଡିତମାନେ ଏହାଠାରୁ ଆଉ ମହାମୂର୍ଖ କେହି ନ ଥିବେ ଜାଣି ତାକୁ ସ୍ନେହସୂଚକ ବାକ୍ୟରେ ତଳକୁ ଆହ୍ୱାନ କଲେ, ଏବଂ କହିଲେ "ଆମ୍ଭମାନଙ୍କ ସଙ୍ଗରେ ଚାଲ, ତୁମ୍ଭଙ୍କୁ ରାଜାଙ୍କ ଦୁହିତା ସଙ୍ଗରେ ବିବାହ କରାଇ ଦେବୁଁ । ଦେଖ, ରାଜସଭାରେ ମୌନାବସ୍ଥାରେ ଥିବ; କିଛିହେଁ କଥାବାର୍ତ୍ତା କହିବ ନାହିଁ । ଯାହା କହିବାର ଆବଶ୍ୟକ ହେବ, ଇଙ୍ଗିତରେ କହିବ ।" ଏପରି କରିବାକୁ ପଣ୍ଡିତମାନେ ପୂର୍ବରୁ ସତର୍କ କରାଇ ଥିଲେ । ଯେତେବେଳେ କାଳି ଦାସ ରାଜସଭାରେ ପ୍ରବେଶ କଲେ, ସେତେବେଳେ ତତ୍ରତ୍ୟ ପଣ୍ଡିତଗଣ ଦଣ୍ଡାୟମାନ ହୋଇ ତାହାଙ୍କୁ ଅଭ୍ୟର୍ଥନା କଲେ ଏବଂ ଉଚ୍ଚାସନରେ ଉପବେଶନ କରାଇ ବିଦ୍ୟୋତ୍ତମାଙ୍କୁ କହିଲେ "ଏ ବୃହସ୍ପତିଙ୍କ ତୁଲ୍ୟ ବିଦ୍ୱାନ୍ ଓ ଆମ୍ଭମାନଙ୍କ ଗୁରୁ ଅଟନ୍ତି; ଆପଣଙ୍କ ପାଣି ଗ୍ରହଣ କରିବା ପାଇଁ ଆସିଅଛନ୍ତି । କିନ୍ତୁ ବର୍ତ୍ତମାନ ତପସ୍ୟାରେ ମଗ୍ନ ଥିବାରୁ ମୌନବ୍ରତ ଧାରଣ କରିଅଛନ୍ତି । ଆପଣଙ୍କର ଯାହା କିଛି ଶାସ୍ତ୍ରାର୍ଥ ପ୍ରଶ୍ନ କରିବାର ଅଭିପ୍ରାୟ ଥାଏ, ଇଙ୍ଗିତରେ ପଚାରନ୍ତୁ" ରାଜକୁମାରୀ "ଈଶ୍ୱର ଏକ କି ଅନେକ" ଠିକ ଏହି ଆଶୟରେ ଗୋଟିଏ ଅଙ୍ଗୁଳି ଦେଖାଇଲେ । ସେହି ମୂର୍ଖ ତହିଁରୁ ଏହି କଥା ବୁଝିଲା କି ଗୋଟିଏ ଅଙ୍ଗୁଳି ଦେଖାଇ ଏକ ଚକ୍ଷୁ ଉତ୍ପାଟନ କରିବା ନିମନ୍ତେ ଇଙ୍ଗିତରେ ଭୟ ପ୍ରଦର୍ଶନ କରୁଅଛନ୍ତି । ଏଣୁ ସେ ଏହି ଅଭିପ୍ରାୟରେ ଦୁଇ ଅଙ୍ଗୁଳି ଉଠାଇ କହିଲା କି ମୁଁ ତୁମ୍ଭର ଦୁଇ ଚକ୍ଷୁ ଉପାଡି ଦେବି । ଅନନ୍ତର ପଣ୍ଡିତମାନେ ସେହି ଦୁଇ ଅଙ୍ଗୁଳିର ଏପରି ଅର୍ଥ ବାହାର କଲେ ଯେ ରାଜକୁମାରୀଙ୍କୁ ତହିଁରେ ପରାଜୟ ସ୍ୱୀକାର କରିବାକୁ ହେଲା ଆଉ ବିବାହ ମଧ୍ୟ ତତ୍କ୍ଷଣାତ୍ ସମ୍ପନ୍ନ ହୋଇ ଗଲା । ପଶ୍ଚାତ୍ ପ୍ରତାରିତ ହେଲା-ଉତ୍ତାରେ ବିଦ୍ୟୋତ୍ତମା ପଣ୍ଡିତମାନଙ୍କର ଶଠତା ଜ୍ଞାତ ହୋଇ ଉଚ୍ଚୈଃ-ସ୍ୱରରେ ରୋଦନ କରିବାକୁ ଲାଗିଲେ । ସେହି ମୂର୍ଖ ମଧ୍ୟ ମନେ ମନେ ଅତ୍ୟନ୍ତ ଲଜ୍ଜିତ ହୋଇ ପ୍ରଥମରେ ଆତ୍ମଘାତୀ ହେବାକୁ ଇଚ୍ଛା କଲା; ମାତ୍ର ପୁନଶ୍ଚ

ଉତ୍ତମରୂପେ ବୁଝିପାରୁ ଘରୁ ବାହାରି ଗଲା ଓ ବିଦ୍ୟୋପାର୍ଜ୍ଜନରେ ଯଥୋଚିତ ଦିବାରାତ୍ରି ପରିଶ୍ରମ କରି ଅଳ୍ପ ସମୟ ମଧ୍ୟରେ ସେ ଏପରି ପଣ୍ଡିତ ହେଲା ଯେ ତାହାର ନାମ ଆଜି ପର୍ଯ୍ୟନ୍ତ ସୁଦ୍ଧା ବର୍ତ୍ତମାନ ରହିଅଛି । ଯେତେବେଳେ ସେ ବିଦ୍ୱାନ୍ ହୋଇ ଗୃହକୁ ପ୍ରତ୍ୟାଗମନ କଲା, ତେତେବେଳେ ବିଦ୍ୟୋତ୍ତମା ଏପରି ଆନନ୍ଦିତା ହେଲେ ଯେ ତାହା ବର୍ଣ୍ଣନାତୀତ । ପ୍ରକୃତତଃ ପରିଶ୍ରମର ଅସାଧ୍ୟ କିଛି ନାହିଁ । ପରିଶ୍ରମଦ୍ୱାରା ସମସ୍ତ କାର୍ଯ୍ୟ ଶୀଘ୍ର ନିର୍ବାହିତ ହୋଇ ପାରେ ।

କାଳି ଦାସଙ୍କ ସମୟରେ ଘଟକର୍ପୂର, ବରରୁଚି ଇତ୍ୟାଦି କବିମାନେ ବିଦ୍ୟମାନ ଥିଲେ । କାଳି ଦାସ ସଂସ୍କୃତ ଭାଷାରେ କାବ୍ୟ, ନାଟକ ପ୍ରଭୃତି ଅନେକ ଗ୍ରନ୍ଥ ଲେଖିଅଛନ୍ତି । ତାହାଙ୍କ କାବ୍ୟ-ରଚନା ଅଧିକ ସରଳ, ମଧୁର ଓ ବିଷୟାନୁସାରିଣୀ ଅଟେ ।

କାଳି ଦାସ ସାରସ୍ୱତ ବ୍ରାହ୍ମଣ ଥିଲେ । ସେ ଅତ୍ୟନ୍ତ ମୃଗୟା-ପ୍ରିୟ ଥିଲେ । ଏପରି ଖେଳରୁ ପରିଣାମରେ ମନୁଷ୍ୟମାନଙ୍କର କେଉଁ ଉପକାର ସଂସାଧିତ ହୁଏ, ତାହା ତାଙ୍କ ରଚିତ ଗ୍ରନ୍ଥରେ ବର୍ଣ୍ଣିତ ହୋଇଅଛି ।

ବିକ୍ରମାଦିତ୍ୟ ତାଙ୍କୁ କାଶ୍ମୀର ରାଜସିଂହାସନ ପ୍ରଦାନ କରିଥିଲେ । ସେ ସେହି ରାଜ୍ୟ ବ ୪-୯ ମାସ ପର୍ଯ୍ୟନ୍ତ ଶାସନ କଲେ ।

କାଳି ଦାସଙ୍କ ବାସସ୍ଥାନ ଉଜ୍ଜୟିନୀ; କିନ୍ତୁ ତାଙ୍କର ଜନ୍ମଭୂମି କାଶ୍ମୀର ଥିଲା । ଦେଶାନ୍ତର ହେଲାରୁ ସେ ସ୍ତ୍ରୀ ବିରହରେ ଯେଉଁ ଦୁଃଖାନୁଭବ କରିଥିଲେ ତାହାର ବିବରଣ ମେଘ-ଦୂତ ନାମକ କାବ୍ୟରେ ଲିଖିତ ହୋଇଅଛି । ତାଙ୍କ ରଚିତ ଗ୍ରନ୍ଥ ମଧ୍ୟରୁ ଶକୁନ୍ତଳା, ବିକ୍ରମୋର୍ବଶୀ, ମାଳବିକାଗ୍ନିମିତ୍ର, କୁମାର ସମ୍ଭବ, ରଘୁବଂଶ ଓ ମେଘ-ଦୂତ ପ୍ରଧାନ ଅଟେ । ତନ୍ମଧ୍ୟରୁ ଶକୁନ୍ତଳା ଉତ୍କୃଷ୍ଟତମ ଗ୍ରନ୍ଥ ଅଟେ । ଇଉରୋପର ସବୁଦେଶୀୟ ଭାଷାରେ ଏହାର ଅନୁବାଦ କରା ଯାଇଅଛି ।

## ପାଠ ୪୮ ।

## ସନ୍ ୧୮୫୭ ର ଯୁଦ୍ଧ ବା ସିପାହି-ବିଦ୍ରୋହ ।

ପୂର୍ବ ଐତିହାସିକ ପାଠମାନଙ୍କରେ ଲେଖାଅଛି ଯେ ଇଂରାଜ ରାଜ୍ୟ ସମସ୍ତ ଭାରତବର୍ଷରେ ହୋଇଗଲା । ଭାରତବର୍ଷର ଅଧିକାଂଶ, ଯାହାକୁ ସରକାରୀ ରାଜ୍ୟ କହନ୍ତି, ଏମାନେ ନିଜେ ଶାସନ କରି ଆସୁଅଛନ୍ତି । ଯେଉଁ ରାଜ୍ୟମାନ ଏମାନେ ଜୟ କରି ନାହାନ୍ତି, ସେ ସବୁକୁ ସ୍ୱାଧୀନ ରାଜ୍ୟ ବୋଲାଯାଏ; ଯଥା, ନେପାଳ, ଭୂଟାନ । ଅନେକ ରାଜା ସରକାରର ଅଧୀନରେ ରହିବାକୁ ସ୍ୱୀକାର କଲେ; ଯଥା, ମହୀସୂର ଓ ହାଇଦରାବାଦ । ଏହି ରାଜ୍ୟମାନ ରାଜାମାନଙ୍କର ଅଧିକାରରେ ଅଦ୍ୟାବଧି ଚଳି ଆସୁଅଛି ଏବଂ ଏସବୁକୁ ରକ୍ଷିତ ରାଜ୍ୟ ବୋଲାଯାଏ; କାରଣ କି ସରକାର ଇଂରାଜ ଏସବୁକୁ ରକ୍ଷା କରନ୍ତି ।

ଯାହା ହେଉ ସରକାରର ରାଜ୍ୟ ଓ ପ୍ରଭାବ ସମଗ୍ର ଭାରତବର୍ଷରେ ପ୍ରବର୍ତ୍ତିତ ହେଲା ଆଉ ଇଂରାଜମାନଙ୍କ ନିମନ୍ତେ କଲହ ବିବାଦର କାରଣ ଅବଶିଷ୍ଟ ନାହିଁ ବୋଲି ଅନୁମିତ ହେଉଥିଲା । ଏତିକିରେ ଏକାବେଳକେ ସନ୍ ୧୮୫୭ ଇସବୀରେ ବିଦ୍ରୋହ ଆରମ୍ଭ ହେବାରୁ ସମଗ୍ର ଦେଶରେ ହୁଲସ୍ଥୁଲ ପଡ଼ିଗଲା ।

ଏହି ଯୁଦ୍ଧଟି ନିମ୍ନଲିଖିତରୂପେ ଘଟିଥିଲା । ବଙ୍ଗଳା ହତାର ସେନା ମଧ୍ୟରେ ବିଶେଷତଃ ଅଯୋଧ୍ୟାନିବାସୀ ସିପାହି ପୂର୍ଣ୍ଣଥିଲେ । ସେମାନଙ୍କର ଆପଣା ୨ ସୈନିକତାରେ ବିଶେଷ ଗର୍ବ ଥିଲା ଆଉ ସେମାନେ ବୋଧ କରୁଥିଲେ ଯେ କେବଳ ସେମାନେହିଁ ସରକାର କମ୍ପାନିଙ୍କୁ ଭାରତବର୍ଷ ଜୟ କରାଇ ଦେଇଅଛନ୍ତି । ଅଯୋଧ୍ୟା ରାଜ୍ୟ ଜବ୍ତ ହେବାରୁ ଅଥବା ଅନ୍ୟ କୌଣସି କାରଣରୁ ସେମାନେ ମନରେ ସନ୍ତପ୍ତ ଥିଲେ । ତଦ୍ୱାରା କୌଣସି ନୃଶଂସ ଏହି ଜନରବ ଉଠାଇ ଦେଲା ଯେ ସିପାହିମାନଙ୍କୁ ବଣ୍ଟା ଯାଉଥିବା

ନୂତନ ବନ୍ଧୁକମାନଙ୍କରେ ଗୋରୁ ଓ ଶୂକରର ଚର୍ବୀ ଲାଗି ଥାଏ; ଏଥିର ବ୍ୟବହାରଦ୍ୱାରା ସରକାର ହିନ୍ଦୁ ଓ ମୁଶଲମାନ ସିପାହିମାନଙ୍କର ଧର୍ମ ନାଶ କରିବାକୁ ଉଦ୍ୟତ ହୋଇ ଅଛନ୍ତି। ଏହି କାରଣରୁ ଅଥବା ଆଉ କୌଣସି ଗୂଢ଼ କାରଣରୁ ବଙ୍ଗଳା ହତାର ହିନ୍ଦୁସ୍ଥାନୀ ସେନା ମଧ୍ୟରେ ସ୍ଥାନେ୨ ବିଦ୍ରୋହ ଆରମ୍ଭ ହେଲା । ପ୍ରଥମତଃ କଲିକତା ନିକଟବର୍ତ୍ତୀ ବାରକପୁରରେ, ପରେ ଉତ୍ତର ପଶ୍ଚିମ ପ୍ରଦେଶସ୍ଥ ସୁବୃହତ୍ ମିରଟ ଛାଉଣିରେ ଏହି ବିଦ୍ରୋହ ଆରମ୍ଭ ହେଲା । ଏଠାରେ ସେନାମାନେ ଆପଣାର ପ୍ରଧାନ କର୍ମଚାରିମାନଙ୍କୁ ମାରି ସେମାନଙ୍କ କୋଠି ଦାହ କରି ଦେଇ ଏବଂ ସରକାରୀ କୋଷାଗାର ଲୁଣ୍ଠନ କରି ଦିଲ୍ଲୀ ଆଡ଼କୁ ଅଗ୍ରସର ହେଲେ ଏବଂ ସେଠାରେ ପ୍ରବେଶ କରି ପେନ୍‌ସନ ଭୋଗୀ ମୋଗଲ ରାଜକୁମାରଙ୍କୁ ବାଦସାହ କରି ତାହାଙ୍କ ନାମରେ ପତାକା ଉଡ଼ାଇଲେ । ଏହି ପ୍ରକାରେ ଅଯୋଧ୍ୟାର ସେନା ବିଦ୍ରୋହୀ ହୋଇ ପଡ଼ିଲେ; କାନପୁର ହସ୍ତଗତ କରି ସେଠାର ପ୍ରଧାନ କର୍ମଚାରିମାନଙ୍କୁ ନଷ୍ଟ କଲେ ଓ ଲକ୍ଷ୍ନୌ ବେଷ୍ଟନ କଲେ । ଏହି ବିଦ୍ରୋହ ବନ୍ଦ କରି ଦେବା ନିମନ୍ତେ କଲିକତାଠାରୁ ଇଂରାଜମାନେ ସେନା ପ୍ରେରଣ କଲେ । ସେମାନଙ୍କୁ ଆସିବାକୁ ଦୁଇ ମାସ କାଳ ଲାଗିଲା ; କାରଣ ସେ ସମୟରେ ରେଲ ଥିଲା ନାହିଁ । ସେମାନେ ଆସିବା ସମୟରେ ପ୍ରଥମତଃ ବିଠୁରର ନାନାପନ୍ଥ, ଯେ କି ନାନାସାହେବ ନାମରେ ଖ୍ୟାତ ହୋଇଅଛନ୍ତି, ଆପଣା ହସ୍ତରେ ପଡ଼ିବା ଇଂରାଜ ସ୍ତ୍ରୀ ଓ ବାଳକମାନଙ୍କୁ ନାଶ କରି ସେମାନଙ୍କ ମୃତ ଶରୀର କୂପରେ ପକାଇ ଦେଉଥିଲେ । ଏହି ନାନାସାହେବ ପୁନାର ଅନ୍ତିମ ପେଶବା ବାଜିରାଓଙ୍କର ଦତ୍ତପୁତ୍ର ଥିଲେ । ସରକାର ଏହାଙ୍କ ପେନ୍‌ସନ ଅସ୍ୱୀକାର କରିଥିଲେ । ଏଥିନିମନ୍ତେ ଯୁଦ୍ଧ ହେବା ମାତ୍ରେ ସେ ବିଦ୍ରୋହୀମାନଙ୍କର ନେତା ହୋଇଗଲେ । ଇଂରାଜ ସେନା ଆସି ଯେତେବେଳେ କାନପୁର ଜୟ କରି ନେଲେ ଆଉ ଲକ୍ଷ୍ନୌର

ବିଦ୍ରୋହିମାନଙ୍କୁ ମାରି ଘଉ ଦେଲେ, ତେତେବେଲେ ଏହି ନାନାସାହେବ କୌଣସି ଜଙ୍ଗଲକୁ ପଲାୟନ କଲେ । ଅଦ୍ୟାବଧି ତାହାଙ୍କ ପତ୍ତା ନାହିଁ ।

ଏହି ପ୍ରକାରେ ପଞ୍ଜାବ ସେନା ଶିଖ ଓ ଗୋରଖମାନଙ୍କର ସହାୟତାରେ ଦିଲ୍ଲୀରେ ମିଳିତ ହୋଇଥିବା ବିଦ୍ରୋହିମାନଙ୍କୁ ପରାସ୍ତ କଲେ ଏବଂ ଦିଲ୍ଲୀ ଜୟ କଲେ; ଆଉ ବାଦସାହଙ୍କୁ କଏଦ କରି ରେଙ୍ଗୁନକୁ ପଠାଇ ଦେଲେ ଓ ବୋମ୍ବାଇର ସେନା ମଧ୍ୟ-ହିନ୍ଦୁସ୍ଥାନରେ ଶାନ୍ତି ସ୍ଥାପନ କଲେ । ବଙ୍ଗଲା-ହତାର ସିପାହିମାନେ ଏହି ବିଦ୍ରୋହ କରିଥିଲେ; ମାଏ ମାନ୍ଦ୍ରାଜ ଓ ବୋମ୍ବାଇ ହତାର ସେନାମାନେ ବିଶ୍ୱାସୀ ରହିଲେ । ଯେଉଁ ଶିଖମାନେ ସରକାରଙ୍କ ଅଧୀନରେ ଥିଲେ, ସେମାନେ ଯେ କେବଳ ବିଶ୍ୱାସ ଭାଜନ ହୋଇ ରହିଲେ ଏପରି ନୁହେ, ବିଦ୍ରୋହ ରହିତ କରିବା ବିଷୟରେ ସେମାନେ ବିଶେଷ ସାହାଯ୍ୟ ଦେଇଥିଲେ । କେବଳ ଉତ୍ତର-ପଶ୍ଚିମ ପ୍ରଦେଶ, ଅଯୋଧ୍ୟା, ବେହାର, ଆଉ ବଙ୍ଗଲାରେ ଏହି ଗୋଲମାଲ ହେଲା । ପରନ୍ତୁ ସେଠାର ଜମିଦାର ଅବା ପ୍ରଜା ସେହି ସିପାହିମାନଙ୍କ ସଙ୍ଗୀ ହେଲେ ନାହିଁ । କାରଣ ସମସ୍ତେ ପ୍ରାଚୀନକାଳ ଅପେକ୍ଷା କୋମ୍ପାନିର ରାଜ୍ୟରେ ସୁଖୀ ଥିଲେ । ତଥାପି ଏହି ବିଦ୍ରୋହ ଏରୂପ ଭୟଙ୍କର ଥିଲା ଯେ ଇଂରାଜମାନଙ୍କୁ ଏଠାର ସୁଶାସନ ସମ୍ବନ୍ଧରେ ଅଧିକ ପରିବର୍ତ୍ତନ କରିବାକୁ ପଡିଲା ।

(୧) ଗୋରା ପଲଟନ ବୃଦ୍ଧି କରାଗଲା ଆଉ ହିନ୍ଦୁସ୍ଥାନୀ ପଲଟନ ସଂଖ୍ୟା ଉଣା କରାଗଲା ।

(୨) ହିନ୍ଦୁସ୍ଥାନୀ ପଲଟନରେ ଏହି ଅଯୋଧ୍ୟାବାସୀ ସୈନ୍ୟ ଅଳ୍ପ ଆଉ ଶିଖ ଓ ଗୋରଖା ଅଧିକ ଭର୍ତ୍ତି କରାଗଲେ ।

(୩) ଇଂଲଣ୍ଡର ମହାରାଣୀ ଓ ପାର୍ଲିଆମେଣ୍ଟ ଇଷ୍ଟଇଣ୍ଡିଆ କୋମ୍ପାନୀଙ୍କୁ ଅଧିକାର ଚ୍ୟୁତ କରି ଏଠାର ରାଜ୍ୟ ଆପଣାର ଅଧୀନକୁ ନେଇଗଲେ ।

(୪) ସମଗ୍ର ଦେଶରେ ରେଲ୍ ସଡ଼କ ତାର ଯନ୍ତ୍ର ଏବଂ ପକ୍କା ସଡ଼କ ସ୍ଥାନେ୨ ପ୍ରସ୍ତୁତ ହେଲା ।

ଏହି ଗୋଲମାଲ ଉତ୍ତାରୁ ଭାରତବର୍ଷର ଲୋକମାନଙ୍କୁ ଆଉ ତିନ ଗୋଟି ଯୁଦ୍ଧ କରିବାକୁ ପଡ଼ିଲା । ପ୍ରଥମ, ସିନ୍ଧୁ ପାର୍ଶ୍ୱର ଯେଉଁ ପାର୍ବତୀୟ ଲୋକମାନେ ଇଂରାଜ ରାଜ୍ୟକୁ ଆସି ଲୁଣ୍ଠନ ଓ ମାରଣ କରୁଥିଲେ, ସେମାନଙ୍କ ସହିତ ଯୁଦ୍ଧ ହେଲା । ଏ ସମସ୍ତ ଲୋକ କ୍ରମେ୨ ଇଂରାଜ-ମାନଙ୍କ ଅଧୀନ ହୋଇଗଲେ ଏବଂ ଇଂରାଜ ରାଜ୍ୟ ପେଶୋଆରଠାରୁ କୁଇଟା ପର୍ଯ୍ୟନ୍ତ ବଢିଗଲା । ଦ୍ୱିତୀୟ ଯୁଦ୍ଧ ଅଫଗାନମାନଙ୍କ ସହିତ ହେଲା । ଏଥିରେ ପ୍ରଥମ ଯୁଦ୍ଧଠାରୁ ସରକାରର ଅଧିକ ଜୟ ହେଲା ; ବର୍ତ୍ତମାନ ଏଠାର ଅମୀର ଅବଦୁଲ ରହମାନ ଖାଁ ସରକାରର ମିତ୍ର ଅଟନ୍ତି । ତୃତୀୟ ଯୁଦ୍ଧରେ ବ୍ରହ୍ମାର ରାଜା ଥିବଙ୍କୁ ବନ୍ଦି କରି, ବ୍ରହ୍ମା ସରକାର ରାଜ୍ୟରେ ମିଳିତ କରାଗଲା ।

ଏହିରୂପେ ବର୍ତ୍ତମାନ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଆଉ ବ୍ରହ୍ମା-ଠାରୁ ବେଲୁଚିସ୍ଥାନ ପର୍ଯ୍ୟନ୍ତ ସମଗ୍ର ଦେଶରେ ଶ୍ରୀମତୀ ମହାରାଣୀଙ୍କର ଯଶଃପତାକା ଉଡୁଅଛି ।

---

## ପାଠ ୫୯ ।

## କପଟରେ ଫଳ ବିନାଶ ।

ଏକ ସମୟରେ ଗୃହଜଣ ଚୋର ଏକ ବୃହତ୍ ନଗରକୁ ଚୋରି କରିବା ନିମନ୍ତେ ଗଲେ ଆଉ ସେଠାରେ ଜଣେ ଧନବାନ୍ ସାହୁକାରର ଅନେକ ଧନ ସମ୍ପତ୍ତି ଚୋରାଇ ଆଣିଲେ । ସେହି ସବୁ ପଦାର୍ଥ ବିଭାଗ କରିବା ପାଇଁ ଗୋଟିଏ ଅରଣ୍ୟରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରୁ ଜଣେ କହିଲା, "ହେ ସଖେ! ଚୋରି ବୃତ୍ତି କରିବାରୁ ଆମ୍ଭମାନଙ୍କୁ ଚିରକାଳ କ୍ଷୁଧା ପିପାସା ସହ୍ୟ କରିବାକୁ ହେଉଅଛି । ଅତଏବ ଯାହା ହେଉ, ଆଜି ଆନନ୍ଦରେ ସମସ୍ତେ ଉତ୍ତମରୂପେ ଭୋଜନ କରିବା ଉଚିତ ।" ଏଥିରେ ସମସ୍ତଙ୍କର ସମ୍ମତ ହେଲା । ତନ୍ମଧ୍ୟରୁ ଦୁଇଜଣ ଚୋର କିଛି ଚୋରି ଦ୍ରବ୍ୟ ନେଇ ମିଠାଇ କିଣିବା ନିମନ୍ତେ ନଗରକୁ ଗଲେ । ବାଟରେ ଯାଉଁ ଯାଉଁ ପରସ୍ପର ଏପରି ବିଚାର କଲେ କି ଚୋରି କରି କରି ଏତେ ଦୀର୍ଘକାଳ ଅତୀତ ହେଲା; ତଥାପି ଆପଣା ଆପଣା ଜୀବନ ସୁଖ ସ୍ୱଚ୍ଛନ୍ଦରେ କଟିଲା ନାହିଁ । ଯେଉଁ ପଦାର୍ଥ ବର୍ତ୍ତମାନ ହସ୍ତଗତ ହୋଇଅଛି ତାହା ଗୃହ ଭାଗ କଲେ ପ୍ରତ୍ୟେକକୁ ଅଳ୍ପ ଅଳ୍ପ ମିଳିବ; ଆଉ ଚୋରି କରିବା ଆପଣା କର୍ମାର୍ଜ୍ଜିତ ଫଳ ବୋଲି କହିବାକୁ ହେବ । ଏଣୁକରି ଆମ୍ଭେ ଯେବେ ଆମ୍ଭର ଉଭୟ ସଖାଙ୍କୁ ଉପାୟ ଦ୍ୱାରା ବଧ କରି ପାରିବା, ତେବେ ତୁମ୍ଭେ ଆମ୍ଭେ ଦ୍ୱିଗୁଣ ଲେଖାଁଏ ସମ୍ପତ୍ତି ଭାଗ ନେବା । ଏହି ବିଚାର ସ୍ଥିର କରି ସେହି ଦୁଇ ଜଣ କିଛି ମିଠାଇ କିଣି ତହିଁରେ ବିଷ ମିଶ୍ରିତ କରିଦେଲେ । ଏଆଡେ ସୁଦ୍ଧା ଏହି ଦୁଇ ଚୋରଙ୍କ ହୃଦୟରେ ସେମାନଙ୍କ ତୁଲ୍ୟ ପାପ ଉଦୟ ହେଲା ଆଉ ପରସ୍ପର ଏପରି କୁହାକୁହି ହେଲେ । "ସେମାନେ ମିଠାଇ ଆଣି ପ୍ରବିଷ୍ଟ ହେବା ମାତ୍ରକେ ତତ୍କ୍ଷଣାତ୍ ସେ ଦୁହିଙ୍କୁ ଖଡ୍ଗରେ ବଧ କରି ଏସମସ୍ତ ଧନ ଉଭୟେ ବାଣ୍ଟି ନେବା" ଏହା ସ୍ଥିର କଲେ । ସେ ମିଠାଇ

କଣି ଯାଉଥିବା ଲୋକେ ନଗରରୁ ଏହି ଅବସରରେ ଫେରି ଆସିଲେ । ସେମାନେ, ତାଙ୍କ ସମ୍ମୁଖରେ ମିଠାଇ ଥୋଇଲା ସମୟରେ ସେହି ଦୁଇ ଜଣଙ୍କୁ ବଧ କଲେ । ତଦନନ୍ତର ଆନନ୍ଦିତ ମନରେ ବିଷ ମିଶ୍ରିତ ମିଠାଇ ଭୋଜନ କରି ଆପଣା ଆପଣା ଜୀବନ ବିସର୍ଜ୍ଜନ କଲେ । ଦେଖ, ସେହି ଚୋରଜଣ ଙ୍କ ମନରେ କପଟ ଭାବ ପ୍ରବେଶ କରିବାରୁ ଏକାବେଳକେ ସମସ୍ତଙ୍କର ମୃତ୍ୟୁ ହେଲା । ଚୋରି ଦ୍ରବ୍ୟ ସବୁ ଅରଣ୍ୟର ଯେଉଁ ସ୍ଥାନରେ ଥିଲା, ସେହି ସ୍ଥାନରେ ପଡ଼ି ରହିଲା । ଅବଶେଷରେ ସେମାନଙ୍କ ମୃତ ଶରୀରକୁ କାକ, କୁକ୍କୁର ଓ ଗୃଧ୍ର ଖଣ୍ଡ ଖଣ୍ଡ କରି ଭକ୍ଷଣ କଲେ ।

ପ୍ରମାଣ ଅଛି, ଚୋରର ପଦାର୍ଥ ଚଣ୍ଡାଲ ଖାଏ, ପାପୀ ଶୂନ୍ୟ ହସ୍ତରେ ରହିଯାଏ ।

---

## ପାଠ ୨୦ ।

## ଅହିଲ୍ୟାବାଈ ।

ଭାରତବର୍ଷରେ, ହିମାଳୟଠାରୁ ସେତୁବନ୍ଧ ପର୍ଯ୍ୟନ୍ତ ସ୍ଥାନ ମଧ୍ୟରେ ଏମନ୍ତ କୌଣସି ଲୋକ ନାହିଁ ଯେ ଅହଲ୍ୟାବାଈଙ୍କ ନାମ ଶ୍ରବଣ ଓ ତାହାଙ୍କ କୃତ ଘାଟ, ସେତୁ ଧର୍ମ୍ମଶାଳା ଓ ପୁଷ୍କରିଣୀ ଇତ୍ୟାଦି ଦର୍ଶନ କରି ନାହାନ୍ତି । ହିନ୍ଦୁସ୍ଥାନରେ ଏପରି କୌଣସି ତୀର୍ଥସ୍ଥାନ ନାହିଁ, ଯେଉଁଠାରେ କି ତାଙ୍କର ଭୂତଦୟା, ଉଦାରତା ଓ ଧାର୍ମିକତାର ଚିହ୍ନ ଲକ୍ଷିତ ହୁଅଇ ନାହିଁ । ବୋଧ ହୁଏ, ଏହି ସୁପ୍ରସିଦ୍ଧା ରମଣୀଙ୍କର ଜୀବନ ଚରିତ ଅଦ୍ୟାବଧି କେହି କେହି ଶ୍ରବଣ କରି ନ ଥିବେ । ଅତଏବ ଏଠାରେ ତାହାଁର ସଂକ୍ଷିପ୍ତ ବିବରଣ ଉଲ୍ଲେଖ କରା ଯାଉଅଛି ।

ମହାରାଜ ମଲ୍ଲହରରାଓ ହୋଲକର ମାର୍-ନଦୀ ତଟବର୍ତ୍ତୀ ହୋହନ ଗ୍ରାମ ନିକଟରେ ଶୁଦ୍ର ବଂଶରେ ଜାତ ହୋଇଥିଲେ । ସେ ଭାଗ୍ୟବଶରୁ ପେଶଵା ବାହାଦୁରଙ୍କର ସୈନ୍ୟାଧ୍ୟକ୍ଷ ହୋଇ ଅନେକ ଯୁଦ୍ଧରେ ଜୟ ଲାଭ କଲେ । ମାଲଵା ରାଜ୍ୟ ତାଙ୍କର ଜାଗିର ଥିଲା ; ତେଣୁ ତାଙ୍କୁ ମାଲଵାଧିପତି ବୋଲନ୍ତି । ତାହାଙ୍କର ଖଣ୍ଡେରାଓ ନାମକ ଗୋଟିଏ ମାତ୍ର ପୁତ୍ର ଥିଲେ । ଖଣ୍ଡେରାଓ ଭରତପୁର ନିକଟରେ କୁମ୍ଭେର ଯୁଦ୍ଧରେ ଜାଟମାମାନଙ୍କ ଦ୍ୱାରା ହତ ହେଲେ ଏବଂ ତାହାଙ୍କର ରାଣୀ ଅହଲ୍ୟାବାଈଙ୍କୁ ବିଧବାବସ୍ଥାରେ ରଖିଗଲେ । ସନ ୧୭୬୬ ଖ୍ରୀଷ୍ଟାବ୍ଦରେ ମଲ୍ଲହରରାଓ ମୃତ ହେବାରୁ ଅହଲ୍ୟାବାଈଙ୍କ ପୁତ୍ର ମାଲିରାଓ ରାଜା ହେଲେ; ଅଉ ମା ୯ ସ ପର୍ଯ୍ୟନ୍ତ ରାଜତ୍ୱ କରି ସେ ସୁଦ୍ଧା ପରଲୋକ ଗମନ କଲେ । ତହୁଁରେ ଅହଲ୍ୟାବାଈଙ୍କୁ ସ୍ୱୟଂ ରାଜକାର୍ଯ୍ୟ ଚଳାଇବାକୁ ପଡ଼ିଲା । ତାହାଙ୍କର ପୁରୋହିତ ଗଙ୍ଗାଧର ଯଶୋବନ୍ତ ତାହାଙ୍କୁ ଗୋଟିଏ ପୋଷ୍ୟପୁତ୍ର ରଖିବା ନିମନ୍ତେ ଉପଦେଶ ଦେଲେ ଏବଂ ପୋଷ୍ୟପୁତ୍ର ନ ରଖିଲେ ରାଜ୍ୟ ଅନ୍ୟର ହସ୍ତଗତ ହୋଇଯିବା ବିଷୟ ମଧ୍ୟ ତାଙ୍କୁ ବୁଝାଇ ଦେଲେ; ମଧ୍ୟ ପାର୍ଶ୍ୱବର୍ତ୍ତି ରାଜାମାନଙ୍କୁ ତାଙ୍କ ବିରୁଦ୍ଧରେ ଉଠିବାକୁ ଉତ୍ତେଜିତ କଲେ । ରାଣୀ ଉତ୍ତର ଦେଲେ, ଦେଖ ଗଙ୍ଗାଧର, ଆମ୍ଭେ ଜଣେ ରାଜାଙ୍କର ଭାର୍ଯ୍ୟା ଓ ଜଣେ ରାଜାଙ୍କର ମାତା ସୁଦ୍ଧା ହୋଇଥିଲୁଁ । ବର୍ତ୍ତମାନ ଈଶ୍ୱର ଉଭୟଙ୍କୁ ନେଇ ଗଲେ । ମଲ୍ଲହରରାଓଙ୍କ ବଂଶ ଲୋପ ହୋଇଗଲା । ଏବେ ଆମ୍ଭେ କଦାପି କାହାକୁ ପୁତ୍ରରୂପେ ଗ୍ରହଣ କରି ସିଂହାସନରେ ବସାଇବୁଁ ନାହିଁ । ଏହା କହି ସେ ଯୁଦ୍ଧର ଆୟୋଜନ ମଧ୍ୟ କରି ରଖିଲେ; ମାତ୍ର ତାଙ୍କର ବଳଶାଳିତା ଦୃଷ୍ଟି କରି କୌଣସି ଶତ୍ରୁ ତାଙ୍କ ସହିତ ଯୁଦ୍ଧ କରିବାକୁ ସାହସୀ ହେଲେ ନାହିଁ । କିୟତ୍କାଳପରେ ଅହଲ୍ୟାବାଈ ଗଙ୍ଗାଧରଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ଦେୱାନ ପଦରେ ଓ ତୁକୋଜିହୋଲକରଙ୍କୁ ସେନାପତି ପଦରେ ନିଯୁକ୍ତ କଲେ ।

ଉକ୍ତ ଦୁଇ ଜଣଙ୍କ ମଧ୍ୟରେ ରାଜକାର୍ଯ୍ୟ ଏପରି ଭାବରେ ବଣ୍ଟନ କଲେ ଯେ ସେମାନଙ୍କ ମଧ୍ୟରେ କେବେ କଳହ ହେଲା ନାହିଁ ।

ଅହଲ୍ୟାବାଈ ରାଜ୍ୟଭାର ଗ୍ରହଣ କଲା ସମୟରେ ରାଜକୋଷରେ ନଗଦ ଦୁଇ କୋଟି ମୁଦ୍ରା ଥିଲା । ଜାଇଗିରିରୁ ତାଙ୍କର ୪ । ୫ ଲକ୍ଷ ମୁଦ୍ରା ଆୟ ହେଉଥିଲା । ସେ ରାଜ୍ୟଭାର ଗ୍ରହଣ କରିବା ପୂର୍ବରେ ସବୁ ମୁଦ୍ରା ସତ୍କାର୍ଯ୍ୟରେ ବ୍ୟୟ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ; ରାଜ୍ୟ-ଭାର ଗ୍ରହଣ କରିବା ପରେ ଉକ୍ତ ପ୍ରତିଜ୍ଞା ପାଳନ କଲେ । ଅହଲ୍ୟାବାଈ ବିଚାରାଳୟରେ ଉପସ୍ଥିତ ହୋଇ ରାଜକାର୍ଯ୍ୟ ଆଲୋଚନା କରନ୍ତି ଏବଂ ସ୍ୱୟଂ ପ୍ରଜାମାନଙ୍କର ନ୍ୟାୟାନ୍ୟାୟ ବିଚାର କରନ୍ତି । ଏପରି କୌଣସି ଆବେଦନକାରୀ ନ ଥିଲେ ଯେ ସ୍ୱୟଂ ଯାଇ ତାଙ୍କଠାରେ ଆବେଦନ କରି ନ ପାରନ୍ତି । ସେ ସର୍ବଦା ନ୍ୟାୟପଥରେ ଚାଲୁଥିଲେ । ତହିଁପାଇଁ ତାହା-ଙ୍କର ପ୍ରଜାଗଣ ତାଙ୍କ ଉପରେ ବଡ଼ ସନ୍ତୁଷ୍ଟ ଥିଲେ । ସେ ଅନ୍ତଃକରଣରେ ଈଶ୍ୱରଙ୍କୁ ଭକ୍ତି କରନ୍ତି ଓ ସର୍ବଦା କହୁଥାନ୍ତି, ସର୍ବଶକ୍ତିମାନ୍ ସର୍ବାନ୍ତ-ର୍ଯ୍ୟାମୀ ଈଶ୍ୱରଙ୍କ ସମୀପରେ ନିଜର କ୍ରିୟାକଳାପ ନିମନ୍ତେ ଉତ୍ତର ଦେବାକୁ ହେବ । ଅହଲ୍ୟାବାଈ ରାତ୍ର ଏକ ଘଟିକା ଥାଉଁ୨ ଶଯ୍ୟା ତ୍ୟାଗ କରନ୍ତି ଓ ପ୍ରାତଃକୃତ୍ୟ ଶେଷ କରି ଗ୍ରନ୍ଥ ପଠନ କରନ୍ତି; ପରେ ସ୍ୱହସ୍ତରେ କିଛି ଦାନ ଦିଅନ୍ତି ଓ ବ୍ରାହ୍ମଣମାନଙ୍କୁ ଭୋଜନ କରାଇବା ପରେ ଭୋଜନ କରନ୍ତି । ସେ ଭୋଜନ କରିବା ପରେ କିୟତ୍କାଳ ବିଶ୍ରାମ କରି ରାଜବେଶ ଧାରଣପୂର୍ବକ ରାଜସଭାକୁ ଗମନ କରନ୍ତି ଓ ସନ୍ଧ୍ୟା ପର୍ଯ୍ୟନ୍ତ ରାଜକାର୍ଯ୍ୟରୁ ବିରତ ହୁଅନ୍ତି ନାହିଁ । ତତ୍ପରେ ସନ୍ଧ୍ୟା ବନ୍ଦନା କରି ପୁନର୍ବାର ରାତ୍ରର ଘ ୯ ଣ୍ଟା ଠାରୁ ଘ ୧୧ ଣ୍ଟା ପର୍ଯ୍ୟନ୍ତ ରାଜକାର୍ଯ୍ୟରେ ବ୍ୟସ୍ତ ହୁଅନ୍ତି ।

ଇନ୍ଦୋର ପ୍ରଥମରେ ଗୋଟିଏ ଗ୍ରାମ ଥିଲା, ତାହାଙ୍କ ସମୟରେ ତାହା ନଗରରୂପରେ ପରିଣତ ହେଲା । ସେ ପ୍ରଜାମାନଙ୍କ ସମ୍ପତ୍ତି ଉପରେ ଲୋଭ କରୁ ନ ଥିଲେ; ବରଂ କାହାରି ଉନ୍ନତି ଦେଖିଲେ ନିଜର ଉନ୍ନତି

ହେଲା ବୋଲି ବିଚାର କରୁଥିଲେ । ସେ ଗ୍ରୀଷ୍ମକାଳରେ ସ୍ଥାନେ୨ ଜଳ-ଛତ୍ର ବସାଉଥିଲେ ଆଉ ଶୀତକାଳରେ କମ୍ବଳ ଓ ଶୀତ ବସ୍ତ୍ରାଦି ବଣ୍ଟନ କରୁଥିଲେ ଏବଂ କ୍ଷୁଧାର୍ତ୍ତମାନଙ୍କୁ ଖାଦ୍ୟ ଦାନ କରୁଥିଲେ । ସେ ଏତେଦୂର ଦୟାଳୁ ଥିଲେ ଯେ ନଦୀର ମତ୍ସ୍ୟମାନଙ୍କୁ ଖାଦ୍ୟ ଦେବା ନିମନ୍ତେ ଭୃତ୍ୟ ନିଯୁକ୍ତ କରିଥିଲେ ଓ ପକ୍ଷୀମାନଙ୍କ ଭୋଜନ ନିମନ୍ତେ ଶସ୍ୟପୂର୍ଣ୍ଣ କ୍ଷେତ୍ର କିଣି ଦେଉଥିଲେ । ତାଙ୍କର ବୁଦ୍ଧିବଳ ଓ ରାଜ୍ୟ ସୁଶାସନ କୌଶଳ ନିମ୍ନ-ଲିଖିତ କଥାରୁ ସ୍ପଷ୍ଟ ଜଣା ଯାଇପାରେ ଯେ ପୂର୍ବରେ ଭିଲମାନେ ଲୁଣ୍ଠନ ମାରଣ କରୁଥିବାରୁ ବ୍ୟାପାରୀମାନଙ୍କର ଗତାୟାତ କରିବା ବଡ଼ କଷ୍ଟକର ହେଉଥିଲା ; ମାତ୍ର ଯେଉଁ ସମୟରୁ ସେ ଏପରି ନିୟମ କରିଦେଲେ ଯେ ଭିଲମାନେ ଆପଣା୨ ଜୀବନ ଯାତ୍ରା ନିର୍ବାହ ପାଇଁ ବ୍ୟାପାରୀମାନଙ୍କଠାରୁ କିଛି ଅଂଶ ପାଇବେ ଏବଂ ତତ୍ପରିବର୍ତ୍ତରେ ମାର୍ଗର ତତ୍ତ୍ୱାବଧାନ କରିବେ । ଯଦି ସେମାନଙ୍କ ସୀମା ମଧ୍ୟରେ କାହାରି କିଛି ଚୋରି ଯାଏ, ତେବେ ସେମାନେ ପୂର୍ଣ୍ଣ କ୍ଷତି ପୂରଣ କରି ଦେବେ ; ନୋହିଲେ ସମୁଚିତ ଦଣ୍ଡ ପାଇବେ । ସେହି ଦିନଠାରୁ ଏହି ପଦ୍ଧତିରେ ଚୋରି ହ୍ରାସ ହେବାକୁ ଲାଗିଲା ।

ଅହଲ୍ୟାବାଈ ଅଧିକ ସୁନ୍ଦରୀ ସ୍ତ୍ରୀ ନ ଥିଲେହେଁ ଧର୍ମବଳରେ ତାଙ୍କର ମୁଖମଣ୍ଡଳ ତେଜୋପୂର୍ଣ୍ଣ ଦିଶୁଥିଲା । ସେ ସର୍ବଦା ପ୍ରଫୁଲ୍ଲ ଥାନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ସ୍ୱଭାବର ଅନ୍ୟଥା ଦେଖା ଯାଇ ନାହିଁ । ଅହଲ୍ୟାବାଈ ବିଧବା ହେବା ଦିନରୁ କେବେ ରଙ୍ଗ ବସ୍ତ୍ର ପରିଧାନ କରି ନାହାନ୍ତି । ସର୍ବଦା ହସ୍ତରେ ଗୋଟିଏ ମାଳା ଧାରଣ କରିଥାନ୍ତି ; ମାତ୍ର ତାହାଛଡ଼ା ଅନ୍ୟ କୌଣସି ଅଳଂକାର ଧାରଣ କରୁ ନ ଥିଲେ । ଦିନକରେ ଜଣେ ପଣ୍ଡିତ ତାହାଙ୍କ ପ୍ରଶଂସା ବିଷୟରେ ଗୋଟିଏ ଗ୍ରନ୍ଥ ରଚନା କରି ତାହାଙ୍କ ସମ୍ମୁଖରେ ପାଠ କଲେ । ଉକ୍ତ ଗ୍ରନ୍ଥ ଶ୍ରବଣ କରିବା ପରେ ସେ ଆଦେଶ ଦେଲେ, ଏହି କ୍ଷଣି ଏହି ଗ୍ରନ୍ଥ ନର୍ମ୍ମଦା ନଦୀରେ ବୁଡ଼ାଇ ଦିଅ ।

ସେ ତ୍ରିଶ ବର୍ଷ ଏପରି ଶାସନ କରି ସ୍ନ ୧୭୬୫ ସାଲରେ ପରଲୋକ ଗମନ କଲେ । ସେହି ସମୟରେ ତାଙ୍କର ବୟସ ବ ୬୦ ର୍ଷ ହୋଇଥିଲା । ହୋଲକର ପ୍ରଦେଶର ପ୍ରାଚୀନ ରାଜଧାନୀ ମହେଶ୍ୱର ନିକଟରେ ଅହଲ୍ୟା-ବାଈଙ୍କ ପ୍ରତିମୂର୍ତ୍ତି ଆଜି ପର୍ଯ୍ୟନ୍ତ ବିଦ୍ୟମାନ ଅଛି । ଲୋକମାନେ ଏହି ମୂର୍ତ୍ତିକୁ ଦେବୀ ବୋଲି ପୂଜା କରୁଅଛନ୍ତି ।

---

## ପାଠ ୭୯ ।

## ବଟ ବୃକ୍ଷ ।

ବଟ ବୃକ୍ଷର ଉତ୍ପତ୍ତି ବୃତ୍ତାନ୍ତ ଶୁଣିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ବୋଧ ହୁଏ । କାରଣ ଏହି ବୃକ୍ଷ ଯେଉଁ ବୀଜରୁ ଉତ୍ପନ୍ନ ହେଉଅଛି ତାହା ଶୋରଷଠାରୁ ମଧ୍ୟ କ୍ଷୁଦ୍ରତର ଅଟେ । ଏହାର ଫଳ କାକ ଆଦି ପକ୍ଷିମାନେ ଖାନ୍ତି । ସେମାନଙ୍କ ମଳ ଯେଉଁ କାନ୍ଥ ଇତ୍ୟାଦି ସ୍ଥାନରେ ପଡ଼େ ତହିଁରୁ ଅଙ୍କୁର ଜାତ ହୁଏ । ଜଳ ସେଚନ ନ କଲେ ମଧ୍ୟ ପତିତ ସ୍ଥାନରେ ଅଙ୍କୁରିତ ହୁଏ । ଏହି ବଟ ବୃକ୍ଷ ପକ୍କା ଭିତ୍ତିରେ ଜାତ ହେଲେ ମଧ୍ୟ ତାହାର ଚେର ଦୃଢ଼ ହୋଇ କାନ୍ଥକୁ ଭାଙ୍ଗି ପକାଏ । ପିପ୍ପଳ ବୃକ୍ଷ ସଦୃଶ ଏହାକୁ ମଧ୍ୟ ମନ୍ଦିର ପାର୍ଶ୍ୱରେ ରୋପଣ କରି ତଳରେ ବେଦି ପ୍ରସ୍ତୁତ କରି ଦିଅନ୍ତି । ଭାରତବର୍ଷରେ ବଟ ବୃକ୍ଷ ଅନେକ ଜାତ ହେଉଅଛି । ଏହି ବୃକ୍ଷ ଡୁମୁର ଜାତୀୟ ବୃକ୍ଷ ଅଟେ । ଏହାର ଫଳ ଡିମିରି ଫଳ ପରି ଲାଲ ଅଟେ । ଲୋକମାନେ ଏହାକୁ ଖାଇବାରେ ବ୍ୟବହାର ନ କଲେ ମଧ୍ୟ ପକ୍ଷିମାନେ ଭକ୍ଷଣ କରି ଏଥିରେ ପାଳିତ ହୁଅନ୍ତି । ବଟ ଓ ପିପ୍ପଳର ଛାୟା ଘନ ଥିବାରୁ ପଥଶ୍ରାନ୍ତ ପଥିକମାନଙ୍କ ପକ୍ଷରେ ସୁଖକର ବୋଧ ହୁଏ ।

ବର ପର୍ବରେ ,ଖଲ ଚଉକୋଣି ପର୍ଣ ପୁଡ଼ା ଆଦ ପ୍ରସ୍ତୁତ ହୁଏ; ଏବଂ ଔଷଧ ନିମନ୍ତେ ମଧ୍ୟ ଏହି ବୃକ୍ଷ ଉପକାରୀ ଅଟେ । ଏହାର ଦୁଗ୍ଧ ମଇମ ପତ୍ର କାର୍ଯ୍ୟରେ ଲାଗଇ । ଏଥିରୁ ଏପରି ଅଠା ବାହାରେ ଯେ ଯଦ୍ୟପି ଏହାର ଲେପ ଲଗାଯାଏ ତେବେ ତାହା ସହଜରେ ଛଡ଼େ ନାହିଁ ।

ଉକ୍ତ ବୃକ୍ଷ ଏପରି ସ୍ଥୂଳ ଓ ବିସ୍ତୃତ ହୁଏ ଯେ ଶୁଣିଲେ ମନରେ ଆଶ୍ଚର୍ଯ୍ୟ ଜାତ ହୁଏ । ନର୍ମ୍ମଦା ନଦୀ ତୀରରେ ଗୋଟିଏ ବଟ ବୃକ୍ଷ ଅଛି । ତାହାର ୩୫୦ ଗୋଟି ଗଣ୍ଡି ଅଛି ଆଉ ମଧ୍ୟ ନୂତନ୨ ଓହଳ ବାହାରୁ ଅଛି । ଏହାର ପରିଧି ଫୁ ୨୦୦୦ ଟ ଅଟେ । ତାହାର ସହସ୍ର ସହସ୍ର ଶାଖା ଅଛି ଏବଂ ତହିଁର ଛାୟାରେ ପାଞ୍ଚ ସହସ୍ର ଲୋକ ସ୍ୱଚ୍ଛନ୍ଦଭାବରେ ରହି ପାରନ୍ତି । ଦୂରରୁ ଦେଖିଲେ ତାହା ଗୋଟିଏ ସାମାନ୍ୟ ଅରଣ୍ୟବତ ପ୍ରତୀୟମାନ ହୁଏ । କି ଆଶ୍ଚର୍ଯ୍ୟ! ଏପରି ଅତି କ୍ଷୁଦ୍ର ବୀଜରୁ କେଡ଼େ ପ୍ରକାଣ୍ଡ ତରୁ ଉତ୍ପନ୍ନ ହେଉଅଛି । ଦୟାଶୀଳ ପରମେଶ୍ୱର ପରମ ଏହି ଉଷ୍ଣ ପ୍ରଦେଶସ୍ଥ ମନୁଷ୍ୟ ଏବଂ ପଶୁମାନଙ୍କ ଉପକାରାର୍ଥେ ଏବମ୍ଭୂତ ବୃକ୍ଷ ଛାୟା ଦାନ ପାଇଁ ଉତ୍ପାଦନ କରିଦେ ଦେଇଅଛନ୍ତି । ଏହାର କାଷ୍ଠ ବଢ଼ାଇମାନଙ୍କର କୌଣସି କାର୍ଯ୍ୟରେ ଆସୁ ନ ଥିବାରୁ ତାହା ସ୍ଥୂଳ ହୋଇ ଅନେକ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହୁଅଛି ।

ଏହି ମଧ୍ୟପ୍ରଦେଶସ୍ଥ ଛିନ୍ଦୁଆଡ଼ା ଜିଲ୍ଲାର ଚିଞ୍ଚୋଲି ନାମକ ଗୋଟିଏ ଗ୍ରାମରେ ଏକ ବୃହଦାକୃତିର ବଟ ବୃକ୍ଷ ଅଛି । ତାହାର ତଳରେ ଏକ ବୃହତ ବାଉଲି କୂପ ଅଛି; ଉକ୍ତ ବୃକ୍ଷ କେତେକ ବଡ଼ା ଭୂମିକୁ ଆବୃତ କରିଅଛି ଓ ତାହାର ଛାୟାରେ ନିର୍ବିଘ୍ନରେ ୫୦୦ ଘୋଡ଼ା ବନ୍ଧା ହୋଇ ପାରିବାର ସ୍ଥାନ ଅଛି । ସେଠାରେ ଜଣେ ଫକୀର ବାସ କରନ୍ତି ଏବଂ ସେ ସରକାର ପକ୍ଷରୁ କିଛି ବେତନ ପାଇ ସେ ସ୍ଥାନକୁ ପରିଷ୍କାର ରଖିଥାନ୍ତି ।

## ପାଠ ୭୨ ।

# ଭାରତବର୍ଷରେ ଇଂରାଜ ରାଜ୍ୟ ଶାସନ ।

ଇଂରାଜମାନଙ୍କ ଏଠାରେ ସେମାନଙ୍କ ରାଜ୍ୟ ଦୃଢ କରିବା, ଧୀରେ୨ ସମସ୍ତ ସତ୍ରୁଙ୍କୁ ପରାସ୍ତ କରିବା ଏବଂ ଶେଷରେ ସମଗ୍ର ଭାରତବର୍ଷ ଓ ବ୍ରହ୍ମା ମଧ୍ୟ ଆପଣାର ଅଧୀନସ୍ଥ କରି ନେବା ବିଷୟ ପୂର୍ବ ପାଠମାନଙ୍କରେ ଲେଖି ଆସିଅଛୁଁ । ବର୍ତ୍ତମାନ କେବଳ ଏହା ଲେଖିବାକୁ ବାକି ଅଛି ଯେ ଏଡେ ବିଶାଳ ଦେଶରେ ସରକାର ଇଂରାଜ ବାହାଦୂର କେଡେ ସହଜରେ ଓ ସଫଳତା ସହିତ ରାଜ୍ୟ ଶାସନ କରୁଅଛନ୍ତି ।

ଏ ସମୟରେ ହିନ୍ଦୁସ୍ଥାନର ରାଜ୍ୟ ଶାସନ ଇଂଲଣ୍ଡର ମହାରାଣୀ ଓ ପାର୍ଲିୟାମେଣ୍ଟର ଅଧୀନରେ ଅଛି ପରନ୍ତୁ ପ୍ରକୃତରେ ସମସ୍ତ କାର୍ଯ୍ୟ ଏଠାରେ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ହେଉଅଛି । ଏହି ଗଭର୍ଣ୍ଣମେଣ୍ଟର ମଧ୍ୟ ଦୁଇ ବିଭାଗ ଅଛି ।

(୧) ମୁଖ୍ୟ ଅର୍ଥାତ୍ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ।

(୨) ଲୋକାଲ ଅର୍ଥାତ୍ ସ୍ଥାନୀୟ ଗଭର୍ଣ୍ଣମେଣ୍ଟ ।

ଗଭର୍ଣ୍ଣର ଜେନେରେଲ ସାହେବ ବାହାଦୁର ଏଠାରେ ଶ୍ରୀମତୀ ମହାରାଣୀଙ୍କର ପ୍ରତିନିଧି ଅଟନ୍ତି । ସେ, ତାଙ୍କର ଦୁଇ କାଉନ୍ସିଲ ଓ କେତେକ ସେକ୍ରେଟେରୀ ଏ ସମସ୍ତ ମିଳିତ ହୋଇ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ବୋଲାଯାନ୍ତି । ସମଗ୍ର ଦେଶ ନିମନ୍ତେ ବ୍ୟବସ୍ଥାବିଧାନ କରିବା, କର ଧାର୍ଯ୍ୟ ବା କ୍ଷମା କରିବା, ଯୁଦ୍ଧ କରିବା ଆଦି ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆର ଅଧିକାରରେ ଅଛି, କିନ୍ତୁ ଗଭର୍ଣ୍ଣର ଜେନେରେଲ ସାହେବଙ୍କର ମଧ୍ୟ ଏପରି କାର୍ଯ୍ୟମାନଙ୍କରେ ପୂର୍ଣ୍ଣ ଅଧିକାର ନାହିଁ । ତାହାଙ୍କୁ ପ୍ରତ୍ୟେକ ମହତ୍ କାର୍ଯ୍ୟରେ ମହାରାଣୀଙ୍କର ଅନୁମତି ନେବାକୁ ପଡେ ଏବଂ ଶ୍ରୀମତୀ ମହାରାଣୀ ମଧ୍ୟ ଆପଣା ମନ୍ତ୍ରୀ ଉପାଧିଧାରୀ ସେକ୍ରେଟେରୀ ଅଫ୍‌ଷ୍ଟେଟ୍ ଓ ପାର୍ଲିଆମେଣ୍ଟର ମତ ବିନା

ଏପରି ଅନୁମତ ଦଅନ୍ତି ନାହିଁ । ସମସ୍ତଙ୍କ ମତ ଐକ୍ୟ ହେଲାରୁ ମହାରାଣୀ ପ୍ରତ୍ୟେକ ନୂତନ ଆଇନ ଆଦର ମଞ୍ଜୁରି ଦଅନ୍ତି ଆଉ ତହିଁରୁ ତାହା ଦେଶରେ ପ୍ରଚଳିତ କରାଯାଏ । କେବେ୨ ବଡ଼୨ ଲର୍ଡ ସାହେବମାନଙ୍କର ମତ ଖଣ୍ଡନ କରି ଦଆଯାଏ ଏବଂ କେବେ୨ କିଛି ପରିବର୍ତ୍ତନ ସହିତ ମଞ୍ଜୁର କରାଯାଏ ।

ପ୍ରତ୍ୟେକ ପ୍ରଦେଶର ପ୍ରଧାନ କର୍ମଚାରିଙ୍କୁ ଲୋକଲ ଗଭର୍ଣ୍ଣମେଣ୍ଟ କହନ୍ତି । ମାତ୍ର ଭିନ୍ନ ଭିନ୍ନ ପ୍ରଦେଶର ପ୍ରଧାନ କର୍ମଚାରିମାନେ ଭିନ୍ନ ଭିନ୍ନ ନାମରେ ଅଭିହିତ ହୁଅନ୍ତି । ମାନ୍ଦ୍ରାଜ, ବୋମ୍ବାଇର ଶାସନ-କର୍ତ୍ତାମାନେ ଗଭର୍ଣ୍ଣର ; ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ, ପଞ୍ଜାବ ପ୍ରଭୃତର ପ୍ରଧାନ କର୍ମଚାରିମାନେ ଲେଫ୍ଟନେଣ୍ଟ ଗଭର୍ଣ୍ଣର ; ଆଉ ମଧ୍ୟପ୍ରଦେଶ, ଆସାମ, ବ୍ରହ୍ମଦେଶ ଓ ଆଣ୍ଡେମାନ୍ ଓ ନିକୋବର ଦ୍ୱୀପର ପ୍ରଧାନ କର୍ମଚାରିମାନେ ଚୀଫ୍ କମିଶନର ବୋଲାନ୍ତି ।

କୌଣସି୨ ପ୍ରଦେଶରେ ସେଠାର ପ୍ରଧାନ କର୍ମଚାରିଙ୍କ ସାହାଯ୍ୟ ନିମନ୍ତେ କାଉନ୍ସିଲ ବା ସଭା ମଧ୍ୟ ନିଯୁକ୍ତ କରା ଯାଇଅଛି । ଯଥା, ବୋମ୍ବାଇ, ମାନ୍ଦ୍ରାଜ, ବଙ୍ଗ, ଉତ୍ତର ପଶ୍ଚିମ ପ୍ରଦେଶ ପ୍ରଭୃତି । ମାନ୍ଦ୍ରାଜ ହତାରେ କମିଶନର ନାହାନ୍ତି । ସେଠାରେ କଲେକ୍ଟର ସାହେବଙ୍କ ଅଧୀନରେ ରାଜସ୍ୱ ବିଭାଗର ତତ୍ତ୍ୱାବଧାରଣ ଓ ପରିଦର୍ଶନ ନିମନ୍ତେ ବୋର୍ଡ ନାମକ ଗୋଟିଏ ସଭା ଅଛି । ଅନ୍ୟ ସମସ୍ତ ପ୍ରଦେଶରେ କଲେକ୍ଟର ବା ଡେପୁଟି କମିଶନର ସାହେବଙ୍କ ଉପରସ୍ଥ କର୍ମଚାରୀ କମିଶନର ନିଯୁକ୍ତ ଅଛନ୍ତି । ଅନ୍ୟାନ୍ୟ ବନ୍ଦୋବସ୍ତ ସମସ୍ତ ପ୍ରଦେଶରେ ଏକ ପ୍ରକାର ଅଟେ । ପ୍ରତ୍ୟେକ ପ୍ରଦେଶ କେତେକ ଜିଲ୍ଲାରେ ବିଭକ୍ତ ହୋଇଅଛି । ଏବଂ ପ୍ରତ୍ୟେକ ଜିଲ୍ଲାରେ କଲେକ୍ଟର ବା ଡେପୁଟି କମିଶନର ନିଯୁକ୍ତ ଅଛନ୍ତି । ସେମାନେ ଇଂରେଜ ଏବଂ ହିନ୍ଦୁ କର୍ମଚାରି-ମାନଙ୍କର ମତ ଏବଂ ସାହାଯ୍ୟରେ ଆପଣା୨ର ଜିଲ୍ଲାମାନ ଶାସନ କରନ୍ତି । ସେ ସମସ୍ତ ବିଷୟ ନିମନ୍ତେ ଦାୟୀ ଅଟନ୍ତି । ମନେ କର ମଧ୍ୟପ୍ରଦେଶରେ ଜିଲ୍ଲା ସାହେବଙ୍କୁ ଡେପୁଟୀ କମିଶନର ବୋଲନ୍ତି । ସେ ସମସ୍ତ ବିଭାଗ

ତତ୍ତ୍ୱାବଧାରଣ ଓ ପରିଦର୍ଶନ କରନ୍ତି । ମାତ୍ର ସେ ଯେତେ ସୁନିପୁଣ ହୋଇନ୍ତୁ ନା କାହିଁକି ସମସ୍ତ କାର୍ଯ୍ୟ ସେ ଏକାକୀ କରି ପାରନ୍ତି ନାହିଁ । ଏଥିପାଇଁ ସରକାରୀ ରାଜସ୍ୱ ଆଦାୟ ନିମନ୍ତେ, ଦେବାନୀ ଫୌଜଦାରୀ ଓ ରାଜସ୍ୱର ବିବାଦ ନିଷ୍ପତ୍ତି କରିବାରେ ସାହାଯ୍ୟ ଦେବା ନିମନ୍ତେ ଆସିଷ୍ଟାଣ୍ଟ କମିଶନର, ଏକଷ୍ଟ୍ରା ଆସିଷ୍ଟାଣ୍ଟ କମିଶନର ଏବଂ ତହସିଲଦାର ନିଯୁକ୍ତ କରା ଯାଇଅଛନ୍ତି । ଚୋର, ଡକାଏତ ଓ ଦୁଷ୍ଟମାନଙ୍କର ଦମନ ଏବଂ ପ୍ରଜାମାନଙ୍କର ଜୀବନ ସମ୍ପତ୍ତି ରକ୍ଷା ନିମନ୍ତେ ଜିଲ୍ଲା ପରିଦର୍ଶକ ବା ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ, ପୋଲିସ ଇନସ୍ପେକ୍ଟର ଆଦି ନିଯୁକ୍ତ ଅଛନ୍ତି । ବିଦ୍ୟା ବୃଦ୍ଧି ଓ ବିଦ୍ୟାଳୟମାନଙ୍କର ପରିଦର୍ଶନ ନିମନ୍ତେ ଶିକ୍ଷକ, ଡେପୁଟୀ ଇନସ୍ପେକ୍ଟର ଆଉ ସେମାନଙ୍କ ଉପରେ ସର୍କଲ ଇନସ୍ପେକ୍ଟର ଓ ସମସ୍ତଙ୍କ ଉପରେ ଇନସ୍ପେକ୍ଟର ଜେନେରଲ ନିଯୁକ୍ତ ଅଛନ୍ତି । ସଫାଇ, ରୋଗ ଚିକିତ୍ସା ଏବଂ ଉପଚାର ନିମନ୍ତେ ହାସପାତାଲ ଡାକ୍ତର ଏବଂ ସିଭିଲ ସର୍ଜନ ନିଯୁକ୍ତ ଅଛନ୍ତି ।

ସମସ୍ତ ବିଭାଗର ଶାସନ ନିମନ୍ତେ ପୃଥକ୍ ୨ କର୍ମଚାରୀ ଅଛନ୍ତି । ମାତ୍ର ସମସ୍ତେ ଜିଲ୍ଲାର ହାକିମଙ୍କ ଅଧୀନରେ ରହନ୍ତି; ଆଉ ତାହାଙ୍କର ସମ୍ମତି ଏବଂ ଆଦେଶଦ୍ୱାରା ଆପଣା ୨ କାର୍ଯ୍ୟ କରନ୍ତି । ଜିଲ୍ଲା ହାକିମଙ୍କୁ ବଡ ଭାରି କର୍ମଚାରୀ ଜ୍ଞାନ କରିବା ଉଚିତ । ତାହାଙ୍କୁ ଆପଣା ଜିଲ୍ଲାର ରାଜା ବୋଲି ବିଚାର କରିବାକୁ ହେବ । ମାତ୍ର ଅନେକ କାର୍ଯ୍ୟରେ ତାହାଙ୍କର କ୍ଷମତାର ସୀମା ନିର୍ଦ୍ଦିଷ୍ଟ ଅଛି ଏବଂ ତାହାଙ୍କୁ ଆପଣା ଉପରସ୍ଥ କର୍ମଚାରୀ କମିଶନର ଏବଂ ତାଙ୍କଦ୍ୱାରା ସ୍ଥାନୀୟ ଗଭର୍ଣ୍ଣମେଣ୍ଟଙ୍କର ଅନୁମତି ନେବାକୁ ପଡଇ । ଦୁର୍ଭିକ୍ଷ, ରୋଗ, ଡକାଇତି ପ୍ରଭୃତି ବୃଦ୍ଧି ପାଇବା ସମୟରେ ଏପରି କରିବାକୁ ପଡଇ । ଏଥିର ସାରାଂଶ ଏହି ଯେ ପ୍ରାଚୀନ ସମୟାପେକ୍ଷା ବର୍ତ୍ତମାନ ସମୟର ଶାସନ ପ୍ରଣାଳୀ ଅତ୍ୟୁତ୍ତମ ଅଟେ, ଏବଂ ପ୍ରଜାମାନେ ଏ ସମୟରେ ସନ୍ତୁଷ୍ଟ ଓ ସୁଖୀ ଅଛନ୍ତି ।

## ପାଠ ୮୩ ।

## ପତ୍ର ଲେଖନ ।

ପତ୍ର ସ୍ଥୂଳତଃ ତିନି ପ୍ରକାରରେ ଲେଖା ହୋଇ ଥାଏ । ପ୍ରଥମ ଗୁରୁଜନମାନଙ୍କଠାରୁ ଲଘୁଜନମାନଙ୍କର; ଦ୍ୱିତୀୟ ଲଘୁଜନମାନଙ୍କଠାରୁ ଗୁରୁଜନମାନଙ୍କର; ତୃତୀୟ ସମସ୍ତାନ ଲୋକମାନଙ୍କ ମଧ୍ୟରେ । ଏହି ଗୁରୁତା, ଲଘୁତା ଓ ସମତାଭାବ ଅବସ୍ଥା ଭେଦରେ ଦ୍ୱିବିଧ ଅଟେ । ପତ୍ର ଲେଖକ ଓ ଲେଖ୍ୟ ମଧ୍ୟରେ ସମ୍ବନ୍ଧ ଥିଲେ ତାହା ଏକ ପ୍ରକାର ଏବଂ ମିତ୍ରତା ଓ ପରିଚୟ ଥିଲେ ତାହା ଅନ୍ୟ ପ୍ରକାର ଅଟେ; ପୁନଶ୍ଚ ସମ୍ବନ୍ଧ ଥିବା ସ୍ଥଳେ ଜ୍ୟେଷ୍ଠ, କନିଷ୍ଠ ଓ ସମବୟସ୍କ ଏହି ତ୍ରିବିଧ ଅବସ୍ଥା ଭେଦରେ ପତ୍ର ମଧ୍ୟ ଭିନ୍ନ ପ୍ରକାରରେ ଲିଖିତ ହୋଇ ଥାଏ । ମିତ୍ରତା ଓ ପରିଚୟ ସ୍ଥଳରେ ପ୍ରଭୁତ୍ୱ, ଧନ ଓ ଗୁଣ ଭେଦରେ ପାର୍ଥକ୍ୟ ମଧ୍ୟ ଦ୍ରଷ୍ଟବ୍ୟ ଅଟେ । ପତ୍ର ଲେଖକ ଯେତେଦୂର ଧନୀ, ଅଧିକାର ସମ୍ପନ୍ନ, ବିଦ୍ୱାନ୍ ବା ଜ୍ଞାନବାନ୍ ହୋଇନ୍ଥିନା କାହିଁକି ସେ ଯଦି ଆପଣାଠାରୁ କୌଣସି ବୟୋଜ୍ୟେଷ୍ଠ ଜ୍ଞାତିଙ୍କଠାକୁ ପତ୍ର ଲେଖନ୍ତି ତେବେ ସେହି ଜ୍ଞାତିଙ୍କୁ ଅବଶ୍ୟ ବଡ଼ ଓ ମାନ୍ୟପାତ୍ର ବିଚାର କରି ପତ୍ର ଲେଖିବାକୁ ହେବ । ଏହିପରି ମିତ୍ରତା, ପରିଚୟ ସ୍ଥଳେ ଦେଖାଯାଏ ଯେ ଓ ଯାହାଙ୍କଠାକୁ ପତ୍ର ଲେଖାଯାଏ ସେ ବୟସରେ କନିଷ୍ଠ ହେଲେହେଁ ପ୍ରଭୁତ୍ୱ ଧନ ବା ବିଦ୍ୟାରେ ଲେଖକଙ୍କଠାରୁ ଶ୍ରେଷ୍ଠ ଥିଲେ ତାହାଙ୍କୁ ବଡ଼ କରି ଲେଖିବାକୁ ପଡ଼େ । ପତ୍ର ଲେଖିବା ସମୟରେ ଯେଉଁ ୨ ବିଷୟ ପ୍ରତି ଦୃଷ୍ଟି ଦେବା ଉଚିତ ତାହା ନିମ୍ନରେ ଲେଖା ଯାଉଅଛି ।

(୧) ପତ୍ର ମଧ୍ୟରେ କୌଣସି ପ୍ରକାର ବ୍ୟର୍ଥ ଶବ୍ଦ ଥିବ ନାହିଁ ।

(୨) ଓଡ଼ିଆ ସଂସ୍କୃତ ବା ହିନ୍ଦି ଯେଉଁ କୌଣସି ଭାଷାରେ ପତ୍ର ଲେଖନା କାହିଁକି ତହିଁରେ ସମସ୍ତଙ୍କ କହିବା ବୁଝିବା ଭଳି ସୁଗମ ଶବ୍ଦ ବ୍ୟବହାର ହୋଇଥିବ ।

(୩) ବର୍ଣ୍ଣନ ବହୁତ ସଂକ୍ଷେପ ଓ ଯଥାର୍ଥ ଥିବ ; କୌଣସି କଥା ଆପଣା-ଠାରୁ ବଢ଼ା ନ ଥିବ ।

(୪) "ଆପଣଙ୍କର ବଡ଼ କୃପା ହେବ" ଅଥବା "ମୁଁ କୃତଜ୍ଞ ହେବି" ଏପରି ବାକ୍ୟ ମାତା ପିତାଙ୍କଠାରୁ ଲେଖା ଯିବ ନାହିଁ ; କାରଣ ଏପରି ବାକ୍ୟରୁ ଏକ ପ୍ରକାର ଭିନ୍ନତା ଓ ଅମାନ୍ୟ ଜଣାଯାଏ ।

(୫) ପ୍ରାର୍ଥନା ପତ୍ର, ପରବାନାଆଦି ସରକାରୀ କାଗଜରେ କୌଣସି ପ୍ରକାର କଠିଣ ଶବ୍ଦ ବ୍ୟବହାର କରିବା କି ବନାଇ ବା ସଜାଡ଼ି ଲେଖିବା ଉଚିତ ନୁହେ ; କେବଳ ସ୍ପଷ୍ଟ ଅଭିପ୍ରାୟ ମାତ୍ର ଥିବ ।

ଓଡ଼ିଆ ଭାଷାରେ ଜ୍ୟେଷ୍ଠମାନଙ୍କଠାକୁ ଲେଖିଲେ "ଶ୍ରୀଲ ଶ୍ରୀଯୁକ୍ତ" ଓ କନିଷ୍ଠମାନଙ୍କଠାକୁ ଲେଖିଲେ "ଶ୍ରୀମାନ୍" ନାମ ପୂର୍ବରେ ବସାଇ ଲେଖିବାକୁ ହୁଏ । ବ୍ରାହ୍ମଣମାନଙ୍କ ମଧ୍ୟରେ ବୟୋଧିକଙ୍କୁ "ନମସ୍କାର" ଅଳ୍ପ ବୟସ୍କଙ୍କୁ ଅଥବା ଅନ୍ୟ ବର୍ଣ୍ଣର ଶ୍ରେଷ୍ଠ, ବଡ଼ ଓ ସମବୟସ୍କଙ୍କୁ "ଆଶୀର୍ବାଦ" କରି ଲେଖିବାକୁ ହୁଏ । ଆଉ ଯଦ୍ୟପି କ୍ଷତ୍ରିୟ, ବୈଶ୍ୟ ଅଥବା ଶୂଦ୍ର, ବ୍ରାହ୍ମଣମାନଙ୍କୁ ଲେଖନ୍ତି ତେବେ "ପ୍ରଣାମ, ଦଣ୍ଡବତ୍" ଲେଖିବେ । ପରସ୍ପରରେ ଲେଖିଲେ କେହି୨ "ରାମ ରାମ" "ସୀତାରାମ" "ଜୁହାର" ଓ ଜୟଗୋପାଳ ଆଦି ଲେଖନ୍ତି ।

ଗୁରୁଜନମାନଙ୍କୁ ଅର୍ଥାତ୍ ପିତା, ଗୁରୁ, ଶିକ୍ଷକ ଶ୍ୱଶୁର, ପିତୃବ୍ୟ ଓ ଜ୍ୟେଷ୍ଠ ଭ୍ରାତା ଆଦିଙ୍କୁ ଲେଖିବାକୁ ହେଲେ "ପରମାର୍ଚ୍ଚନୀୟ" "ଶ୍ରଦ୍ଧାସ୍ପଦ" "ଭକ୍ତିଭାଜନ", ବା "ବହୁମାନ୍ୟାସ୍ପଦ" ଲେଖିଲା ପରେ ନାମ ପୂର୍ବରେ "ଶ୍ରୀଲ ଶ୍ରୀଯୁକ୍ତ" ଲେଖିବାକୁ ହେବ । ପତ୍ର ଆରମ୍ଭ ପୂର୍ବରୁ "ମହାଶୟ" ଆଦି୍ୟ ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ ।

ପତ୍ର ଶେଷରେ ସ୍ୱନାମ ଉପରେ ସେବକ "ଆଜ୍ଞାକାରୀ" ଲେଖିବା ଉଚିତ । ଗୁରୁଜନ ଯଦ୍ୟପି ପୁତ୍ର, ଶିଷ୍ୟ ଆଦିଙ୍କୁ ଲେଖନ୍ତି ତେବେ "ପ୍ରାଣାଧିକ, ପରମ କଲ୍ୟାଣୀୟ" ଲେଖିଲା ପରେ ଶ୍ରୀମାନ୍ ବାବୁ ନାମ

ପୂର୍ବରେ ଲେଖି ଓ ବନ୍ଧୁ ! ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ, ଆଉ ପତ୍ର ଶେଷରେ ସ୍ୱନାମ ଉପରେ ମଙ୍ଗଳାକାଂକ୍ଷୀ ଲେଖିବା ଉଚିତ । ବନ୍ଧୁଠାକୁ ପତ୍ର ଲେଖିବାକୁ ଗଲେ "ପ୍ରଣୟାସ୍ପଦ" ଲେଖିଲା ପରେ "ଶ୍ରୀଯୁକ୍ତ ବାବୁ" ନାମ ପୂର୍ବରେ ବସାଇ "ବନ୍ଧୋ" ସମ୍ବୋଧନ ପରେ ପତ୍ର ଆରମ୍ଭ କରିବାକୁ ହେବ । ପତ୍ର ଶେଷରେ ସ୍ୱନାମ ଉପରେ ଭବଦୀୟ ପ୍ରଣୟାଧୀନ, ଲଗାଇବାକୁ ହେବ ।

ମାତା, ଗୁରୁମାତା ଓ ଶାଶୁଙ୍କୁ ପତ୍ର ଲେଖିଲେ "ପରମାର୍ଚ୍ଚନୀୟା, ପରମାରାଧ୍ୟା" ଲେଖିଲା ପରେ ମାତଃ ! ଆର୍ଯ୍ୟେ ! ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ । ପତ୍ର ଶେଷରେ ସ୍ୱନାମ ଉପରେ ପୁରୁଷ ଲେଖିଲେ "ଆଜ୍ଞାକାରୀ ସେବକ" ଓ ସ୍ତ୍ରୀ ଲେଖିଲେ "ଆଜ୍ଞାକାରିଣୀ ସେବିକା" ଲେଖିବା ଉଚିତ ।

ସ୍ୱାମୀ ଯଦ୍ୟପି ଆପଣା ପତ୍ନୀଠାକୁ ପତ୍ର ଲେଖେ ତେବେ ପ୍ରଥମରେ "ସ୍ୱଧର୍ମ୍ମପରାୟଣା" ଲେଖିଲା ପରେ ନାମ ପୂର୍ବରେ "ଶ୍ରୀମତୀ" ଲଗାଇବାକୁ ହେବ, ଆଉ "ପ୍ରିୟତମେ" ! ସମ୍ବୋଧନ ପଦ ଲଗାଇ ପତ୍ର ଆରମ୍ଭ କରିବାକୁ ହେବ ଓ ପତ୍ର ଶେଷରେ ସ୍ୱନାମ ଉପରେ "ପ୍ରଣୟାକାଂକ୍ଷୀ" ଲେଖିବା ଉଚିତ ।

ସେହିପରି ସ୍ତ୍ରୀ ଯଦ୍ୟପି ଆପଣା ସ୍ୱାମୀଠାକୁ ପତ୍ର ଲେଖେ ତେବେ ପରମାର୍ଚ୍ଚନୀୟ ଲେଖିଲା ପରେ "ଶ୍ରୀଲ ଶ୍ରୀଯୁକ୍ତ ବାବୁ" ନାମ ପୂର୍ବରେ ଲଗାଇ ଓ "ପ୍ରାଣନାଥ" ! ସମ୍ବୋଧନ ପଦ ବସାଇ ପତ୍ର ଆରମ୍ଭ କରିବାକୁ ହେବ, ପତ୍ର ଶେଷରେ ସ୍ୱନାମ ଉପରେ "ପ୍ରଣୟାଧୀନୀ ବା ସେବିକା" ଲେଖିବାକୁ ହେବ ।

ଶିରୋନାମା ।

ପତ୍ରକୁ ବନ୍ଦ କରି ଲଫାପା ମଧ୍ୟରେ ରଖିଲା ପରେ ତାହା ଉପରେ ନିମ୍ନଲିଖିତ ରୀତିରେ ଶିରୋନାମା ଲେଖିବ, ଯଥା, ଯାହାଠାକୁ ପତ୍ର ଲେଖିବାକୁ

ହେବ ତାହାର ନାମ ପ୍ରଥମ ଧାଡୀରେ, ଯେଉଁ ପଡ଼ାରେ ଦେବାକୁ ହେବ ତାହାର ନାମ ଦ୍ୱିତୀୟ ଧାଡୀରେ ଓ ଯେଉଁ ନଗରରେ ଦେବାକୁ ହେବ ତାହାର ନାମ ତୃତୀୟ ଧାଡୀରେ ଲେଖିବା ଉଚିତ । ଆଉ ଯଦ୍ୟପି ଯେଉଁ ସ୍ଥାନକୁ ପଠାଯିବ ତାହା ପ୍ରସିଦ୍ଧ ନ ଥାଏ ତେବେ ପ୍ରଥମ ଧାଡୀରେ ବ୍ୟକ୍ତିର ନାମ, ଦ୍ୱିତୀୟରେ ସ୍ଥାନର ନାମ, ତୃତୀୟରେ ପରଗଣା, ଚତୁର୍ଥରେ ଜିଲ୍ଲା, ପଞ୍ଚମରେ ଦେଶର ନାମ ଲେଖିବା ଉଚିତ ।

ଟିକଟ ଲଗାଇବାକୁ ହେଲେ ଲଫାପାର ଦକ୍ଷିଣ ପାଖକୁ ଲଗାଇବା ବିଧେୟ । ପତ୍ର, ପ୍ରାର୍ଥନା ପତ୍ର, ପରବାନା, ତମସୁକ, ବୈନାମା, ଇସ୍ତଫା-ନାମା, ପଟ୍ଟା, କବୁଲିୟତ, ଜାମିନନାମା, ରସିଦ, ବସୀୟତନାମା, ବନ୍ଧକ-ନାମା ଇତ୍ୟାଦି କେତେ ଗୁଡ଼ଏ ବ୍ୟବହାରିକ ପତ୍ରରୁ କେତେକ ଉଦାହରଣ ମଧ୍ୟ ପରେ ଲେଖା ଯାଉଅଛି ।

ଶିରୋନାମାର ଆଦର୍ଶ ।

(୧) ବ୍ୟକ୍ତିର ନାମ ପ୍ରସିଦ୍ଧ ଥିଲେ ଏହିପରି ଲେଖିବାକୁ ହେବ ।

| | |
|---|---|
| | ଟିକଟ |
| ଶ୍ରୀଯୁକ୍ତ ବାବୁ ଜାନକଚନ୍ଦ | |
| ହେଡ଼ ମାଷ୍ଟର ହାଇ ସ୍କୁଲ | |
| ସାଗର । | |

(୨) ବ୍ୟକ୍ତିର ନାମ ପ୍ରସିଦ୍ଧ ନ ଥିଲେ ଏହିପରି ଲେଖିବାକୁ ହେବ ।

ଟିକଲ୍ ।

ପଣ୍ଡିତ ଶ୍ରୀ ହରିହରନନ୍ଦ ସର୍ମ୍ମା

କୋଷ୍ଠାପଡ଼ା ବରପାଲି

ଜିଲ୍ଲା ସମ୍ବଲପୁର ।

(୩) ସ୍ଥାନ ପ୍ରସିଦ୍ଧ ନ ଥିଲେ ଏହିପରି ।

ରାୟ ଗୋବର୍ଦ୍ଧନ ଦାସ ବାହାଦୂର ।

ବ୍ରହ୍ମପୁର

ଖେଜୁରି

ବାଲେଶ୍ୱର

ଓଡ଼ିଶା ।

## ପାଠ ୬୪ ।

## ଆଦର୍ଶ ପତ୍ରମାନ ।

### (୧) ଗୁରୁଙ୍କଠାକୁ ଶିଷ୍ୟର ପତ୍ର ।

ମଧୁବନପୁର ।

ତା ୫ । ୧ । ୧୬

ବହୁମାନ୍ୟାସ୍ପଦ

ଶ୍ରୀଲ ଶ୍ରୀଯୁତ ହେଃ ମାଷ୍ଟର ।

ମହାଶୟ ସମୀପେଷୁ ।

ସାନୁନୟ ନିବେଦନ,

ଗୁରୋ!

ଆଜି ଦିନଠାରୁ ଅଷ୍ଟମ ଦିନରେ ମୋର ଭ୍ରାତାର ବିବାହ ହେବ । ଉକ୍ତ ବିବାହ ଉପଲକ୍ଷରେ ବରଯାତ୍ରୀ ମହାନଦୀର ଉତ୍ତର ପାର୍ଶ୍ୱସ୍ଥ ରମ୍ଭୋଇ ନାମକ ସ୍ଥାନକୁ ଯିବ । ଆଜିକାଲି ମୋର ଘରେ ଏହି ସବୁ ବିଷୟ ସମାଧା କରିବାକୁ ମୋ ଭିନ୍ନ ଅନ୍ୟ କେହି ନାହିଁ । ମଧ୍ୟ କାର୍ଯ୍ୟଟି ଆବଶ୍ୟକୀୟ ଥିବାରୁ ପ୍ରାର୍ଥନା କରୁଅଛି ଯେ ଅନୁଗ୍ରହ ପୂର୍ବକ ୧୫ ଦିନର ବିଦାୟ ଦେବା ପ୍ରତି ଆଜ୍ଞା କରିବା ହେବେ । ଇତି ମଧ୍ୟରେ କାର୍ଯ୍ୟ ଶେଷ କରି ଯେତେ ଶୀଘ୍ର ପାରେଁ ସ୍କୁଲରେ ଉପସ୍ଥିତ ହେବି । ଏଥିରେ ଶିକ୍ଷାର ବିଶେଷ କ୍ଷତି ହେବ ଏବଂ ମୋର ସମ୍ପାଠିମାନେ ଆଗକୁ ପଡି ପକାଇବେ, ଏହା ମୁଁ ଜାଣୁଅଛି, ମାତ୍ର କଣ କରେଁ? ବାଧ୍ୟ ହୋଇ ରହିବାକୁ ପଡୁଅଛି । ତଥାପି ଆଶା ଅଛି ଦୃଢ଼ ପରିଶ୍ରମ କରି ଶୀଘ୍ର ସେମାନଙ୍କ ସହିତ ସମତା ଲାଭ କରିବି । ଇତି ।

ଆଜ୍ଞାକାରୀ,

ଶ୍ରୀ———

## (୨) ପିତାଙ୍କଠାକୁ ପୁତ୍ରର ପତ୍ର ।

ଭକ୍ତି ଭାଜନ

ଶ୍ରୀଲ ଶ୍ରୀଯୁକ୍ତ ପିତା ଗୋସାଇଁ

ଶ୍ରୀଚରଣେଷୁ ।

ପ୍ରଣତି ପୂର୍ବକ ନିବେଦନ,

ପିତଃ!

ବହୁତ ଦିନରୁ ଆପଣଙ୍କର କୌଣସି କୃପା ପତ୍ର ଆସି ନାହିଁ; ଆସିଲା ସମୟରେ ଆପଣ କହିଥିଲେ କି ତୋଠାକୁ ସପ୍ତାହକୁ ସପ୍ତାହ ପତ୍ର ଲେଖୁଥିବ; ମାତ୍ର କେଉଁ କାରଣରୁ ଆଜି ପର୍ଯ୍ୟନ୍ତ କୌଣସି ପତ୍ର ନ ଆସିଲା ଜଣାଯାଉ ନାହିଁ । ଇଚ୍ଛା କରେଁ ଯେ ଅଧୀନ ଆଡ଼ୁରୁ କୌଣସି ଦୋଷ ହୋଇଥିଲେ ତାହା କ୍ଷମା କରିବେ । ଆପଣଙ୍କ ଆଦେଶାନୁସାରେ ବୈଶାଖ କୃଷ୍ଣ ଦ୍ୱିତୀୟା ଦିନରୁ କିଛି ସଂସ୍କୃତ ପଠନ କରିବାକୁ ଆରମ୍ଭ କରିଅଛି । ଆଜି କାଲି ହିତୋପଦେଶ ପଢୁଅଛି; ମୁଁ ନିଶ୍ଚୟ କରି କହୁଅଛି ଯେ ଏହି ପ୍ରକାର ଏହି ବର୍ଷର ଶେଷ ପର୍ଯ୍ୟନ୍ତ ପଢି ପାରିଲେ ଓଡ଼ିଆ ବହୁତ ଭଲ ବା ଶୁଦ୍ଧ ହୋଇଯିବ । ମାତ୍ର ମୁଁ ମନ ଦେଇ ପରିଶ୍ରମ କରୁଅଛି ।

ଭବିଷ୍ୟତରେ ଯାହା କିଛି ଫଳ ମିଳିବ ତାହା ମୁଖ୍ୟ କଥା ଅଟେ । ଇତି । ମାଘ ଶୁକ୍ଳ ଦ୍ୱିତୀୟା, ସମ୍ବତ ୧୯୨୭ ସାଲ ବା ତା ୫ ରିଖ ଜାନୁଏରି ମାସ ସନ ୧୮୭୧ ଇଃ ।

ସେବକାନୁସେବକ ।

ରାମଦୀନ ।

(୩) ମିତ୍ରଙ୍କଠାକୁ ପତ୍ର ।

ପ୍ରଣୟାସ୍ପଦ

ଶ୍ରୀଯୁକ୍ତ ବାବୁ ରଘୁବର ପ୍ରସାଦ

ମହାଶୟ ମିତ୍ରବରେଷୁ ।

ବନ୍ଧୋ !

ଆପଣଙ୍କ ପତ୍ର ପାଠ କରି ଚିତ୍ତ ତୃପ୍ତ ହେଲା । ମାତ୍ର କେବଳ କଲେଜ କ୍ଲାସର ପରୀକ୍ଷାରେ ପାସ କଲେ ଯଥୋଚିତ ବିଦ୍ୟାଭ୍ୟାସ ହୁଏ ନାହିଁ ଆଉ କୌଣସି ଉଚ୍ଚ ପଦ ମଧ୍ୟ ପ୍ରାପ୍ତ ହୋଇ ପାରେ ନାହିଁ । ଏଥିପାଇଁ ମୋହୋର ବିଚାର ଅଛି ଯେ ଆଉ ଏକ ବର୍ଷ ପରିଶ୍ରମ କରି ଟାଉନ କ୍ଲାସର ସାର୍ଟିଫିକଟ ପାଇଲେ ଭଲ ହେବ । ମାତ୍ର ଏହା ମଧ୍ୟ ମନେ ଥିବ ଯେ ବିଦ୍ୟାଭ୍ୟାସର ସଙ୍ଗେ୨ ବ୍ୟାୟାମ ଅବଶ୍ୟ କରୁଥିବେ ନଚେତ୍ ଶରୀର କ୍ଷୀଣ ହୋଇଯିବ । ଏଠାରେ ଆପଣଙ୍କ ଗୃହଲୋକେ କୁଶଳରେ ଅଛନ୍ତି ।

ଆପଣଙ୍କ ପିତା ଗଙ୍ଗାସ୍ନାନ କରିବାକୁ ଯାଇଅଛନ୍ତି । ଫେରିଲା ସମୟରେ ଆପଣଙ୍କ ସଙ୍ଗେ ସାକ୍ଷାତ୍ ହେବାର ତାଙ୍କର ବିଚାର ଅଛି । କୃଷି ଭଲ ହୋଇଅଛି ଆଉ ଗ୍ରାମରେ କୌଣସି ପ୍ରକାରର ରୋଗ ନାହିଁ । ଶ୍ରୀ ସେଠ ଜେଠ ମଲଜୀଙ୍କୁ ମୋର "ଜୟ ଗୋପାଲ" କହି ଦେବେ । ଇତି ୧୪ ତାରଖ ଫେବୃଏରି ସନ୍ ୧୮୧୬ ଇଃ ।

ଭବଦୀୟ ପ୍ରଣୟାଧୀନ

ଶ୍ରୀ ଗୟାଦୀନ ।

---

(୪) ରସୀଦ ।

ଶ୍ରୀଯୁକ୍ତ ହେଡ଼ ମାଷ୍ଟର ସାହେବ ଜିଲ୍ଲା ସ୍କୁଲ ମୁଡ଼ବାରଙ୍କୁ ଘନ୍ସୋ କୁମ୍ଭାର ପୁତ୍ର ଭକ୍ସୋ କୁମ୍ଭାର, ନିଃ ମୁଡ଼ବାରପଡ଼ା ରଘୁନାଥ ଗଞ୍ଜଙ୍କର ରସୀଦ

ଲେଖି ଦେବାର ଏମନ୍ତ କି ଯାହା ବୋର୍ଡିଙ୍ଗ ହାଉସର ଛୁଟବାର ଆଉ ଖଟ ମରାମତି ମୁଁ ଠିକାରେ କରଅଛି, ତହିଁର ମୂଲ୍ୟ ୧୦ ଟଙ୍କା ଅକ୍ଷରରେ ଦଶ ଟଙ୍କା ଭରି ପାଇ ଏ ରସୀଦ ଲେଖି ଦେଲି ଯେ ଦରକାରବେଳେ କାର୍ଯ୍ୟରେ ଆସିବ । ଇତି ୧୫ ତାରଖ ଜାନୁଏରି ସ୍ନ ୧୮୯୭ ଇଃ ।

ଦଃ ଘମ୍ପୋ କୁମ୍ଭାର ।

---

## ପାଠ ୭୫ ।

## ପତ୍ରଆଦିର ଆଦର୍ଶ (୭)

### (୫) ପ୍ରାର୍ଥନା ପତ୍ର ବା ଦରଖାସ୍ତ ।

ଧର୍ମ୍ମପ୍ରଚତ୍ତି,

ନିବେଦନ କରିବାର ଏମନ୍ତ କି ମୁସମ୍ମୀ କାଲୁରାମ ପୁତ୍ର ଶୀତଲ ଜାତି ଭଣ୍ଡାରି ନିବାସୀ ଅସୀରଗଡ଼ଙ୍କୁ ପ୍ରାର୍ଥୀ ୧୦୦ ଟଙ୍କା ଏକଶତ ଟଙ୍କା ନଗଦ ଶତକଡ଼ା ୧ ଟଙ୍କା ସୁଦରେ ଋଣ ଦେଇ ଷ୍ଟାମ୍ପ ଉପରେ ତମସୁକ ଲେଖାଇ ନେଇଥିଲି । ବର୍ତ୍ତମାନ ମୁଦାଲା ଟଙ୍କା ମାଗିବାରେ ଗାଳି ଦିଏ । ଉପରୋକ୍ତ ମୁଦାଲାକୁ ପ୍ରାର୍ଥୀ ବଥିମତେ ନୋଟିସ ଦେଇ ସାରିଅଛି ଆଉ କିଣ୍ଟି ମଧ୍ୟ ଗତ ହେଲାଣି ଏଣୁ ଏବେ ଏହି ପ୍ରାର୍ଥନା ପତ୍ର ଦାଖଲ କରି ପ୍ରାର୍ଥନା କରୁ-ଅଛି ଯେ ମୁଦାଲାକୁ ତଲବ ହୋଇ ସୁଦ ସହିତ ଟଙ୍କା ଅସୁଲ ଦେବାକୁ ଆଦେଶ ହେଉ, ଅଗେ ହୁଯୁରମାଲିକ । ଇତି ତା ୧୫ । ୧ । ୯୭ ଇଃ ।

ପ୍ରାର୍ଥୀ

ବେନିରାମ

ନିଃ ଅସିର ଗଡ଼ ।

## ଦସ୍ତାବିଜ ।

ଶ୍ରୀମାନ୍ ସୋମନାଥ ବାବୁ ନିଃ ସମ୍ବଲପୁର ବ୍ରାହ୍ମଣପଡ଼ାଙ୍କୁ ନିର୍ଲୋଚନ ପୁତ୍ର ନରହରି, ଜାତି ଦର୍ଜି, ନିଃ ସମ୍ବଲପୁର ବଡ଼ହାଟପଡ଼ାଙ୍କର ଏହି ତମସୁକ ଲେଖି ଦେବାର ଏମନ୍ତ କି ମେଶିନ ଅର୍ଥାତ୍ ସିଲାଇ କଲ କ୍ରୟ କରିବାର ଆବଶ୍ୟକ ଥିବାରୁ ନଗଦ ୫୧ ଟଙ୍କା (ଅକ୍ଷରରେ ଏକାବନ ଟଙ୍କା) କଲଦାର ଆପଣଙ୍କଠାରୁ ଋଣ ନେଲି ଏହି ଟଙ୍କାର ସୁଧ ମାସକୁ ୧॥ ଟଙ୍କା (ଦେଢ଼ ଟଙ୍କା) ଦରେ ଦେବି ।

ଆଉ ମଧ୍ୟ ଏଥିରେ ଏପରି କରାର କରୁଅଛି ଯେ ସୁଧ ସହିତ ସମସ୍ତ ଟଙ୍କା ଛ ମାସରେ ଅସୁଲ ଦେବି । ଆଉ ଯଦ୍ୟପି ଏପରି କରି ନ ପାରିବି ତେବେ ସୁଧ ଦେଉଥିବି । ଏଣୁ ଏହି ଦସ୍ତାବିଜ ଲେଖି ଦେଉଅଛି ଏହା ସନନ୍ଦ ହୋଇ ରହିବ ଏବଂ ଦରକାରବେଳେ କାର୍ଯ୍ୟରେ ଆସିବ । ଇତି ନବେମ୍ବର ୧୫ ତାରିଖ ୧୮୯୭ ଇଃ ।

## ୮ । ବନ୍ଧକନାମା ବା ରହଣନାମା ।

ଶ୍ରୀଯୁକ୍ତ ରାଜା ଗୋକୁଳ ଦାସ ଓ ରାୟବାହାଦୁର ବଲ୍ଲଭ ଦାସ ନିଃ ଜବଲପୁରଙ୍କୁ ରାମଗୋବିନ୍ଦ ଦାସ ପୁତ୍ର ହରପ୍ରସାଦ ଜାତିରେ ବ୍ରାହ୍ମଣ ନି: ମୌ: ରେମଣ୍ଡା ତହସିଲ ବରଗଡ଼ ଜିଲ୍ଲା ସମ୍ବଲପୁରଙ୍କର ଏହି ବନ୍ଧକନାମା ଲେଖି ଦେବାର ଏପରି କି ସରକାରୀ କିସ୍ତ ଅଦାୟ କରିବାକୁ ଅଜି ତାରିଖରେ ଆମ୍ଭେ ନେଇଥିବା ଆପଣଙ୍କ ଟ ୩୨୫ଙ୍କା ଅକ୍ଷରାଙ୍କିତ ତିନିଶ ପଚିଶ ଟଙ୍କାର ସୁଧ ଶତକଡ଼ା ମାସିକ ଟ ୦।୰ ବାର ଅଣା ଦରେ ଦେବୁଁ । ଏହି ଟଙ୍କାର ପରିବର୍ତ୍ତରେ ଆପଣଙ୍କ ପ୍ରତ୍ୟୟ ପାଇଁ ଖାସ ସମ୍ବଲପୁର ନଗରସ୍ଥ ଦଲାଇ ପଡ଼ାରେ ଥିବା ନିମ୍ନଲିଖିତ ଚୌହଦୀ ଅନୁସାର ମୋର ନିଜର ଏକ କଚା ଗୃହ ଆପଣଙ୍କ ପାଖରେ ବନ୍ଧକ ରଖିଦେଲୁଁ । ଯେବେ ଆପଣଙ୍କ ସମସ୍ତ ଟଙ୍କା ସୁଧ ସହିତ ଅଦାୟ କରିଦେବୁଁ

ତେବେ 'ଆପଣାର ଉପରୋକ୍ତ ଗୃହ, ବନ୍ଧକରୁ ମୁକ୍ତ କରିବୁଁ । ଏହି ବନ୍ଧକନାମା ଲେଖି ଦେବାର ଆମ୍ଭର ସମ୍ମତ ଅଛୁ । ଇତି ତା ।'

## କବୁଲ୍ୟତନାମା ବା ଭଡ଼ାନାମା ।

ଶ୍ରୀଯୁକ୍ତ ବଳଭଦ୍ର ସୁଆର ମହାଜନ ନିବାସି ସମ୍ବଲପୁର ମୌଜେ ଆପଢ଼ାଙ୍କୁ ଲୋକନାଥ ପୁତ୍ର ଶ୍ରୀପତି ମହାଜନ ନି: ସମ୍ବଲପୁର ଭୁଲ୍ୟାପଢ଼ାଙ୍କର ଏହି କବୁଲ୍ୟତନାମା ଲେଖି ଦେବାର ଏମନ୍ତ କି ଆପଣଙ୍କ ଦୁଇ ମହଲା ବନ୍ଧ ଦଲାନଯୁକ୍ତ ଏକ କତା ହବେଲୀ ନମ୍ବର ୫୭ କୁ ଆମ୍ଭେ ତା ୧ ରଖ ଏପ୍ରେଲ ସ୍ନ ୧୮୯୪ ଠାରୁ ତା ୩୧ ରଖ ମାର୍ଚ୍ଚ ସ୍ନ ୧୮୯୫ ସାଲ ପର୍ଯ୍ୟନ୍ତ ଏକ ବର୍ଷ ପାଇଁ ବାର୍ଷିକ ଟ ୬୦ ଙ୍କା ଷାଠିଏ ଟଙ୍କାରେ ଭଡ଼ା ନେଲୁଁ । ସେହି ଭଡ଼ା ତାରିଖ ଶେଷ ପରେ ବିନା ଓଜରାରରେ ଦେବୁଁ । ଆଉ ମରାମତି ଆଦି ସମୟରେ ତୁମ୍ଭେ ନ କଲେ ଆମ୍ଭେ ନିଜେ କରାଇ ଯାହା ଖର୍ଚ୍ଚ ହେବ ତାହା ଭଡ଼ାରୁ କାଟିବୁଁ । ସରକାରୀ ଟିକସ ଆଦି ଯାହା ପଡିବ ସେହି ସବୁ ଭଡ଼ାରେ ମଜୁରା ଦେବୁଁ । ଏହି ଭଡ଼ାନାମା ଆପଣା ଖୁସି ରାଜରେ ଲେଖି ଦେଇ ଥିବାର ସମ୍ମତ । ଇତି ତା ।

ଦ: ଶ୍ରୀ

## ମୁକ୍ତାରନାମା ।

କ ମୁଦାଇ

ଖ ମୁଦାଲା

ଦାବୀ ଟଙ୍କା ।

ଆମ୍ଭେ ପଦ୍ମଲୋଚନ ଗୌଣ୍ଡିଆ ସମ୍ବଲପୁର ଜିଲ୍ଲାର ରଙ୍ଗେଲା ଗ୍ରାମର ନିବାସୀ ଅଟୁଁ । ନିଜର କୌଣସି ଜରୁର କାର୍ଯ୍ୟ ଥିବାରୁ ଉପରୋକ୍ତ ମୋକ-ଦ୍ଦମାରେ ନିଜେ ହାଜର ହୋଇ ନ ପାରୁଁ । ଏହିହେତୁ ମୁସମ୍ମୀ 'ସୋମନାଥ ପଟ୍ଟନାୟକଙ୍କୁ ଆପଣା ଖାସ ମୁକ୍ତାର ନିଯୁକ୍ତ କରୁଅଛୁଁ କି

ଉପରୋକ୍ତ ମୁକ୍ତାର ଏହି ମୋକଦ୍ଦମାରେ ଆମ୍ଭ ତରଫରୁ ଯାହା କିଛି କାରବାର କରିବେ ତହିଁରେ ସର୍ବ ପ୍ରକାରରେ ଆମ୍ଭର ମଞ୍ଜୁର ଅଛି । ଏଥିପାଇଁ ଏହି କେତେକ ଧାଡ଼ୀ ମୁକ୍ତାରନାମା ଲେଖିଦେଲୁଁ କି ଦରକାରବେଳେ କାର୍ଯ୍ୟରେ ଆସିବ । ଇତି ତା ।

ଦः ପଦ୍ମଲୋଚନ ଗୌନ୍ତିଆ ।

ରଖ୍ମେଲ୍ ।

ନ ୧ ସାକ୍ଷୀ

ନ ୨ ସାକ୍ଷୀ

---

## ପାଠ ୨୭ ।

## ବେଦ, ଏବଂ ଭାରତବର୍ଷ ଇତିହାସର ବୈଦିକ ସମୟ ।

ତୁମ୍ଭେମାନେ ତୃତୀୟ ପୁସ୍ତକରେ ପଢି ସାରିଅଛ ଯେ ଭାରତବର୍ଷର ଅଧିବାସିମାନେ ଗୋଟିଏ ଜାତିର ନୁହନ୍ତି ; ଏବେ ବର୍ତ୍ତମାନ ଯଦ୍ୟପି ତୁମ୍ଭେମାନେ ଆପଣାର ନିକଟବର୍ତ୍ତୀ ବ୍ୟକ୍ତିମାନଙ୍କୁ ଦେଖିବ ତେବେ ତୁମ୍ଭେମାନେ ନିଶ୍ଚୟ କରି ପାରିବ ଯେ ଯାହା କିଛି ତୁମ୍ଭେମାନେ ପଢି ଆସିଅଛ ବାସ୍ତବରେ ସେହି ସବୁ ଯଥାର୍ଥ ଅଟେ । ଇଂରେଜମାନଙ୍କ ପରି ଇଉରୋପର ଲୋକମାନଙ୍କ ଛଡ଼ା ଆଜିକାଲି ଭାରତବର୍ଷରେ ଚାରି ଜାତିର ଲୋକ ବାସ କରୁଅଛନ୍ତି ; ଅର୍ଥାତ୍ ଆଦିମନିବାସୀ ଆର୍ଯ୍ୟ ଓ ଆଦିମନିବାସିମାନଙ୍କ ମିଳନରେ ଜାତ ହୋଇଥିବା ଲୋକ ଏବଂ ମୁସଲମାନ । ସେମାନଙ୍କ ଭାରତବର୍ଷକୁ ଆସି ବସତି କରିବାର ସମୟ ଉପରଲିଖିତ କ୍ରମ ଅନୁସାରେ ଅଟେ । ଆଦିମନିବାସିମାନଙ୍କ ମଧ୍ୟରେ ଅନେକ ଭିନ୍ନ ଜାତିର ଲୋକ ମିଳିତ ହୋଇଅଛନ୍ତି ; ସେ ସମସ୍ତଙ୍କର ନାମ ଆଦିମନିବାସୀ

ରଖା ଯାଇଅଛୁ ; କାରଣ କି, ଇତିହାସର ଅଭାବରୁ ଏଠାରେ ଏମାନଙ୍କର ପୂର୍ବରେ କେଉଁ ଜାତିର ଲୋକ ବାସ କରୁଥିଲେ ଏହା କାହାରିକୁ ଜଣା ନାହିଁ; ପରନ୍ତୁ ଶେଷରେ ଆଦିମନିବାସିମାନେହିଁ ଭାରତବର୍ଷରେ ସର୍ବାପେକ୍ଷା ପ୍ରାଚୀନ ଅଧିବାସି ବୋଲି ଜଣା ଯାଇଅଛନ୍ତି । ତୁମ୍ଭେମାନେ ତୃତୀୟ ପୁସ୍ତକରେ ପଢି ସାରିଅଛ ଯେ ତିନ କିମ୍ବା ଚାରି ସହସ୍ର ବର୍ଷ ହେଲା ଏମାନଙ୍କ ଉତ୍ତରରୁ ଆର୍ଯ୍ୟମାନେ ହିମାଳୟ ପର୍ବତର ଘାଟିମାନଙ୍କର ମାର୍ଗ ଦେଇ ମଧ୍ୟ-ଆଶିଆରୁ ଭାରତବର୍ଷରେ ଆସି ଉପଗତ ହେଲେ ; ଯେପରି ସେମାନେ ଆଗକୁ୨ ବଢିବାକୁ ଲାଗିଲେ ସେହିପରି ଆଦିମନିବାସିମାନଙ୍କୁ ଭାରତବର୍ଷର ଦକ୍ଷିଣ ଓ ମଧ୍ୟଭାଗସ୍ଥିତ ଅରଣ୍ୟ ଓ ପର୍ବତ ସମୂହାଭିମୁଖେ ଯିବାକୁ ପଡିଲା । କିନ୍ତୁ କେତେକ ଆର୍ଯ୍ୟ ଓ ମୂଳ ନିବାସିମାନଙ୍କର ପରସ୍ପରରେ ବିବାହ ସମ୍ବନ୍ଧ ଘଟିବାରୁ ଏକ ନୂତନ ପ୍ରକାରର ମିଶ୍ରିତ ଜାତି ସୃଷ୍ଟି ହେଲା । ଆଜିକାଲି ଭାରତବର୍ଷରେ ଅନେକ ଅଧିବାସୀ ସେମାନଙ୍କ ବଂଶଧର ଅଟନ୍ତି । ଭାରତବର୍ଷର ଇଂରେଜ ସାମ୍ରାଜ୍ୟର ଲୋକସଂଖ୍ୟା ୨୦ କୋଟିରୁ ଅଧିକ ଅଟେ ; ଗଣନା ଦ୍ୱାରା ଦେଖା ଯାଇଅଛି ଯେ ସେମାନଙ୍କ ମଧ୍ୟରୁ ଆଦିମ-ନିବାସି କୋଟି୨ରୁ ଊଣା ଅଛନ୍ତି ; ଆର୍ଯ୍ୟ ଏଥିରୁ ମଧ୍ୟ ଅଳ୍ପ ; ଆର୍ଯ୍ୟ ଆଉ ଆଦିମନିବାସିମାନଙ୍କ ସମ୍ବନ୍ଧରୁ ଉତ୍ପନ୍ନ ହୋଇଥିବା ଲୋକସଂଖ୍ୟା ୧୬ କୋଟିରୁ ଅଧିକ ଅଟେ । ଅବଶିଷ୍ଟ ୪ । ୫ କୋଟି ଲୋକ ମୁସଲମାନ ଅଟନ୍ତି । ଏହି ଲୋକମାନେ ମଧ୍ୟ ଆର୍ଯ୍ୟମାନଙ୍କ ତୁଲ୍ୟ ଭାରତବର୍ଷକୁ ବାହା-ରରୁ ଆସିଅଛନ୍ତି । ଏମାନଙ୍କର ଆସିବାର ବାସ୍ତବରେ ସହସ୍ର ବର୍ଷରୁ ମଧ୍ୟ ଅଳ୍ପ ଅଟେ । ଏହି ପାଠରେ ଆର୍ଯ୍ୟ ଜାତି ଓ ସେମାନଙ୍କର ଧର୍ମ, ସଭ୍ୟତା ଏବଂ ସ୍ୱଭାବର ବର୍ଣ୍ଣନ ଅଛି ।

ଆର୍ଯ୍ୟମାନଙ୍କ ଆଗମନ ହେତୁରୁ ଭାରତବର୍ଷର ଯେଉଁ୨ ଲାଭ ହେଲା ତାହା ପ୍ରଶଂସାତୀତ ଅଟେ । ଆଦିମନିବାସିମାନଙ୍କ ସଭ୍ୟତା ଅତିଶୟ ହୀନ ଅବସ୍ଥାରେ ଥିଲା । କେତେକ ସାଧାରଣ କଦର୍ଯ୍ୟ ବିଷୟ ଛଡ଼ା ସେମାନଙ୍କୁ

କୃଷିର କିଛିମାତ୍ର ଜ୍ଞାନ ନ ଥିଲା । ସେମାନେ ଲେଖା ପଢ଼ା ମଧ୍ୟ ଜାଣୁ ନ ଥିଲେ । ଯଦ୍ୟପି ଏହି ସମସ୍ତ ବିଷୟ ସେମାନଙ୍କ ଉପରେ ନିର୍ଭର କରି ଛାଡ଼ି ଦିଆ ଯାଇଥାନ୍ତା, କେଜାଣି କିରୂପେ ଭାରତବର୍ଷ ସଭ୍ୟତାର ଅବସ୍ଥାକୁ ପାଇ ପାରି ଥାନ୍ତା ! ଆର୍ଯ୍ୟମାନେ ସର୍ବ ପ୍ରଥମେ ସେମାନଙ୍କର ବିପକ୍ଷପକ୍ଷୀୟ ମଧ୍ୟଆସିଆର ଅଧିବାସୀ ବୋଲି ବୁଝାଯାନ୍ତି । ପୃଥିବୀର ସୁବିଖ୍ୟାତ ଜାତିର ଲୋକ ଅର୍ଥାତ୍ ୟୁରୋପ ଆଉ ଭାରତବର୍ଷର ନିବାସିମାନେ ଆପଣା୨ ଉତ୍ପତ୍ତି ସେମାନଙ୍କ ବଂଶରୁ ହୋଇ ଥିବାର ପ୍ରକାଶ କରନ୍ତି । ସେମାନଙ୍କ ଶାରୀରିକ ଓ ମାନସିକ ଶକ୍ତି ଉନ୍ନତ ପରିମାଣରେ ଥିଲା । ସେମାନେ ଆପଣା୨ ଭାଷାରେ ସ୍ୱୀୟ୨ ମନୋଭାବ ସୁସ୍ପଷ୍ଟରୂପେ ବ୍ୟକ୍ତ କରି ପାରୁଥିଲେ । ପରିଶେଷରେ ସେମାନଙ୍କର ସେହି ଭାଷାରେ ଏକ ଉତ୍କୃଷ୍ଟ ସାହିତ୍ୟ ହୋଇଗଲା ।

ଆର୍ଯ୍ୟମାନେ ହିମାଳୟର ମାର୍ଗ ଦେଇ ଭାରତବର୍ଷକୁ କିରୂପେ ଆସିଲେ, ସେମାନେ ଭାରତବର୍ଷର ଆଦିମନିବାସିମାନଙ୍କୁ କିପରି ପରାଜୟ କଲେ, ସେମାନେ କେଉଁ ପ୍ରକାରେ ପଞ୍ଜାବର ମଇଦାନମାନଙ୍କରେ ବସତି କଲେ, ଏବଂ ସେଠାରୁ ପୂର୍ବ ଓ ଦକ୍ଷିଣ ଦିଗ ଦେଇ ଶେଷରେ କିପରି ଭାରତ-ବର୍ଷର ଅନେକ ଅଂଶରେ ବ୍ୟାପ୍ତ ହୋଇଗଲେ ତୃତୀୟ ପୁସ୍ତକ ପାଠରୁ ତୁମ୍ଭମାନଙ୍କର ଏଥିର ସାଧାରଣ ଜ୍ଞାନ ହୋଇ ଯାଇଅଛି ।

ସମ୍ଭବତଃ, କେହି ଏହା ସଂଶୟ କରିପାରେ ଯେ ସହସ୍ରାଧିକ ବର୍ଷର ଏହି ଘଟଣାର ସଭ୍ୟତା ଉପରେ ଆମ୍ଭେମାନେ କିରୂପେ ବିଶ୍ୱାସ କରିପାରୁଁ ? ଏଥିର ଉତ୍ତର ଏହା ଅଟେ ଯେ ଆମ୍ଭେମାନେ ଏସବୁ ବିଷୟ ବେଦ ମହାଭାରତ ଏବଂ ରାମାୟଣରୁ ଜ୍ଞାତ ହୋଇଅଛୁଁ । ମହାଭାରତ ଓ ରାମାୟଣ ବେଦର ଅନେକ ପରବର୍ତ୍ତୀ କାବ୍ୟ ଅଟେ ; ତେବେ ମଧ୍ୟ ଏହି କାବ୍ୟ ଦ୍ୱୟ ଅତି ପ୍ରାଚୀନ ଅଟେ । ଏହି ପାଠରେ ବେଦ ଆଉ ତହିଁରୁ ଆମ୍ଭମାନଙ୍କୁ ଯାହା୨ ଜଣାଅଛି ତହିଁର ବର୍ଣ୍ଣନ କରାଯିବ ।

ବେଦ ଅର୍ଥାତ୍ ପ୍ରାର୍ଥନାସଂଗ୍ରହ ଗ୍ରନ୍ଥ ଗୋଟି ଅଟେ ; ଏବଂ ଏଥିର କର୍ତ୍ତା ଆର୍ଯ୍ୟମାନେ ଅଟନ୍ତି । ଏଥିମଧ୍ୟରୁ ଋଗ୍ବେଦ ସର୍ବାପେକ୍ଷା ପ୍ରଥମ ଓ ମୁଖ୍ୟ ଅଟେ । ଏହି ବେଦ ଏଥିନିମନ୍ତେ ମୁଖ୍ୟ ବୋଲି ଜ୍ଞାନ କରାଯାଏ ଯେ ଏତଦ୍ଦ୍ୱାରା ଆମ୍ଭମାନଙ୍କୁ ଆର୍ଯ୍ୟମାନଙ୍କର ସର୍ବ ପ୍ରଥମ ସ୍ପଷ୍ଟ ଜ୍ଞାନ, ସେମାନଙ୍କର ସଭ୍ୟତା, ଆଚାର, ବ୍ୟବହାର, ରୀତିନୀତି, ଗତି ପଦ୍ଧତି, ଯୁଦ୍ଧର ରୀତି ଓ ସେମାନଙ୍କ ଧର୍ମ୍ମ ଏବଂ ପ୍ରାରମ୍ଭର ଇତିହାସ ଜଣାଯାଏ ।

ଋଗ୍ବେଦ ୧୦୧୭ ଗୋଟି କ୍ଷୁଦ୍ର ୨ ସ୍ତବର ଏକ ଅତ୍ୟନ୍ତ ପୁରାତନ ସଂଗ୍ରହ ଅଟେ । ଏଥିରେ ବିଶେଷତଃ ଦେବତାମାନଙ୍କର ସ୍ତୁତି ଅଛି ଏବଂ ଏଥିରେ ଦଶ ସହସ୍ରରୁ ଅଧିକ ଶ୍ଳୋକ ଅଛି । ଏହି ବେଦ କେଉଁ ସମୟରେ ରଚିତ ହୋଇଅଛି ନିଶ୍ଚୟପୂର୍ବକ କହି ନ ପାରୁଁ ; ହିନ୍ଦୁମାନେ ବୋଧ କରନ୍ତି ଏହାର ରଚନା ୫୦୦୦ ବର୍ଷ ପୂର୍ବେ ହୋଇଥିବ ମାତ୍ର ବାସ୍ତବରେ ଏହା ତିନି ସହସ୍ରରୁ ଅଧିକ ବର୍ଷ ହେଲା ରଚିତ ହୋଇଅଛି ।

ଋଗ୍ବେଦର ୧୦୧୭ ସ୍ତବ ମଧ୍ୟରୁ ପ୍ରାରମ୍ଭରେ ଥିବା ସ୍ତବମାନଙ୍କରୁ ପ୍ରକାଶ ହୁଏ ଯେ ଆର୍ଯ୍ୟମାନେ ଏ ସମୟ ପର୍ଯ୍ୟନ୍ତ ଖୈବରଘାଟିର ଉତ୍ତର ଭାଗରେ, କାବୁଲର ଗ୍ରନ୍ଥ ଆଡ଼ରେ ଥିବା ଦେଶରେ (ଯାହାକୁ କି ବର୍ତ୍ତମାନ ଅଫଗାନସ୍ଥାନ ବୋଲାଯାଏ) ବାସ କରୁଥିଲେ । ଶେଷରେ ଥିବା ସ୍ତବମାନଙ୍କରୁ ପ୍ରମାଣିତ ହେଉଅଛି ଯେ ସେମାନେ ବଢି ୨ ଦକ୍ଷିଣ ଏବଂ ପୂର୍ବରେ ଗଙ୍ଗା ପର୍ଯ୍ୟନ୍ତ ପହୁଞ୍ଚି ଯାଇଥିଲେ ; ମଧ୍ୟସ୍ଥିତ ପ୍ରାର୍ଥନାମାନଙ୍କରୁ ସେମାନଙ୍କର କାବୁଲରୁ ଗଙ୍ଗା ପର୍ଯ୍ୟନ୍ତ ପ୍ରବାସର ପରିଚୟ କ୍ରମେ ୨ ମିଳିପାରେ । ଋଗ୍ବେଦର ଗୋଟିଏ ଋକ୍ରେ ଈଶ୍ୱରଙ୍କ ସ୍ତୁତି ଏହିରୂପେ ଅଛି । "ସେହି ଈଶ୍ୱର ଯାହାଙ୍କ ପ୍ରଭୁତା ତୁଷାରାବୃତ ପର୍ବତମାନଙ୍କରୁ ପ୍ରକଟିତ ହେଉଅଛି;" ଏଥିରୁ ଅମ୍ଭେ ଏହି ଭାବ ଗ୍ରହଣ କରୁଅଛୁଁ ଯେ ଆର୍ଯ୍ୟମାନେ ଏହି ସମୟକୁ ହିମାଳୟ ପର୍ବତ ପର୍ଯ୍ୟନ୍ତ ପହୁଞ୍ଚିଥିଲେ, ଅଉ ଏହା ପାର ହେଉଥିଲେ । ଅନ୍ୟ କୌଣସି ଋକ୍ରେ ସିନ୍ଧୁ ନଦୀ ମହିମାର ଏରୂପ ବର୍ଣ୍ଣନ

କରା ହୋଇଅଛି, "ଆଗୋ ମାତଃ ସିନ୍ଧୋ, ବିଖ୍ୟାତ ଧନ ଦାତ୍ରି ! ଆମ୍ଭର ପ୍ରାର୍ଥନା ଗ୍ରହଣ କର ଏବଂ ଆମ୍ଭର ବିସ୍ତୀର୍ଣ୍ଣ କ୍ଷେତ୍ରମାନଙ୍କୁ ଆପଣା ଜଳଦ୍ୱାରା ଉର୍ବରା କର ।" ଏଥିରୁ ଜଣା ଯାଉଅଛି ଯେ ଆର୍ଯ୍ୟମାନେ ଏହି ସମୟରେ ହିମାଳୟ ପାର ହୋଇ ସିନ୍ଧୁନଦୀ ଶଯ୍ୟାରେ ଆସି ବାସ କରିଥିଲେ ଆଉ ଭୂମି କର୍ଷଣ ଓ ବୀଜ ବପନ କରୁଥିଲେ । ଶେଷ ପର୍ଯ୍ୟନ୍ତ ଆର୍ଯ୍ୟମାନେ ସର୍ବଦା ନଦୀ ଏବଂ ପର୍ବତମାନଙ୍କର ମହିମା ପ୍ରତି ମାନ୍ୟ କରୁଥିଲେ ଓ ସେମାନଙ୍କୁ ଆପଣା ଦେବତାମାନଙ୍କର ନିବାସ ସ୍ଥାନ ପ୍ରସ୍ତୁତ କଲେ । ଏହିରୂପେ ମହାଭାରତରୁ, ଯାହା କି ନିତାନ୍ତ ପରେ ଲେଖା ହୋଇଅଛି ଓ ଯହିଁର ବେଦ ସଙ୍ଗେ କିଛିମାତ୍ର ସମ୍ବନ୍ଧ ନାହିଁ, ଜଣାପଡେ ଆର୍ଯ୍ୟମାନେ କିରୂପେ ପଞ୍ଜାବରେ ରହୁଥିଲେ । ସେମାନଙ୍କ ଅଯୋଧ୍ୟାରେ ରହିବା ଆଉ ସେଠାରୁ ଦକ୍ଷିଣକୁ ବ୍ୟାପ୍ତ ହେବା ରାମାୟଣରୁ ପ୍ରମାଣିତ ହୁଏ । ବର୍ତ୍ତମାନ ତୁମ୍ଭେମାନେ ଜାଣି ପାରିଥିବ ଯେ ଯାହା କିଛି ଆମ୍ଭମାନଙ୍କୁ ଆର୍ଯ୍ୟମାନଙ୍କର ନିଃସନ୍ଦେହ ପ୍ରାଥମିକ ଇତିହାସ ମିଳିଅଛି ତାହା କେବଳ ବେଦ ଓ ଅନ୍ୟାନ୍ୟ କାବ୍ୟ ସମୂହରୁ ସଂଗୃହୀତ କରା ଯାଇଅଛି ।

କେବଳ ଏହା ନୁହେ ଯେ ସେଥିରୁ ଆମ୍ଭମାନଙ୍କୁ ଆର୍ଯ୍ୟମାନଙ୍କର ଇତିହାସ ମାତ୍ର ଜଣାଯାଏ; ମାତ୍ର ସେମାନଙ୍କର ଧର୍ମ ଆଉ ସଭ୍ୟତାର ବିବରଣ ମଧ୍ୟ ଜଣାପଡେ । ପ୍ରଥମରେ କହିଅଛୁଁ ଯେ ଋଗ୍ବେଦ ଋକ୍ର ଏକ ସମୂହ ଅଟେ, ଯାହା କି ଆର୍ଯ୍ୟମାନେ ଆପଣା ଦେବତାମାନଙ୍କର ପ୍ରଶଂସାରେ କହି ଯାଇଅଛନ୍ତି ; ଏଥିନିମନ୍ତେ ସେମାନଙ୍କର ଦେବତା କିଏ ଏହା ଆମ୍ଭେ ଋଗ୍ବେଦରୁ ଜାଣି ପାରିଅଛୁଁ । ଋଗ୍ବେଦର ଗୋଟିଏ କବିତା ଯୁପିଟର ବା ସ୍ୱର୍ଗଦେବଙ୍କ, ଦ୍ୱିତୀୟ ବରୁଣ ଅବା ଆକାଶ ଦେବଙ୍କ, ତୃତୀୟ ଇନ୍ଦ୍ର ଅର୍ଥାତ୍ ଜଳ ବର୍ଷାଇବାର ଦେବତାଙ୍କର, ଚତୁର୍ଥ ଅଗ୍ନି ଦେବତାଙ୍କ ପ୍ରଶଂସାରେ ଲେଖା ଯାଇଅଛି ; ଏହି ପ୍ରକାର ଆଉ ୨ କବିତାମାନ ଅନ୍ୟ ୨ ଦେବତାମାନଙ୍କର ସ୍ତୁତିରେ ଲେଖା ଯାଇଅଛି । ସୂର୍ଯ୍ୟ, ବାୟୁ, ମିତ୍ର, ତେଜ,

ଓ ଚନ୍ଦ୍ରଙ୍କର ପ୍ରାର୍ଥନାରେ ମଧ୍ୟ ବର୍ତ୍ତମାନ ଅଛି । ଏଥିରୁ ସିଦ୍ଧ ହେଉଅଛି ଯେ ଆର୍ଯ୍ୟମାନେ ଆଦମ ସ୍ୱାଭାବିକ ଶକ୍ତିପୂଜକ ଥିଲେ ଓ ସ୍ୱାଭାବିକ ତତ୍ତ୍ୱ ସବୁର ପୂଜା କରୁଥିଲେ । ବେଦରେ କେବଳ ୩୩ଟି ଦେବତାର ଉଲ୍ଲେଖ ଅଛି ; ଏଥି ମଧ୍ୟରୁ ୧୧ ଟି ଆକାଶରେ, ୧୧ ଟି ପୃଥିବୀରେ ଅଉ ଗୋ ୧୧ ଟି ବାୟୁ ମଣ୍ଡଳରେ ବାସ କରନ୍ତି ।

ଋଗ୍ବେଦରୁ ଆର୍ଯ୍ୟମାନଙ୍କର ସଭ୍ୟତାର ରହସ୍ୟ ପ୍ରକାଶ ପାଇଅଛି । ପ୍ରଥମରୁ ଜଣାପଡେ ଯେ ସେମାନଙ୍କ ମଧ୍ୟରେ ପ୍ରବଳ ଜାତିଭେଦ ନ ଥିଲା । ତଥାପି, ସେମାନଙ୍କ ମଧ୍ୟରେ ସର୍ବଦା ଏପରି ବ୍ୟକ୍ତି ରହି ଆସୁ- ଥିଲେ ଯେଉଁମାନଙ୍କଠାରୁ ଲୁହର ବଢାଇ, ସୁନାରି ପ୍ରଭୃତିଙ୍କ କାର୍ଯ୍ୟ ନିଆ ଯାଉଥିଲା । ପ୍ରଥମରେ ସ୍ୱୟଂ ଗୃହ ସ୍ୱାମୀ ପୂଜକ, ସିପାହୀ ଓ କୃଷକର କାର୍ଯ୍ୟ କରୁଥିଲେ ; ଏବଂ ପରାଜିତ ଆଦମ ନିବାସିଙ୍କଠାରୁ ଦାସତ୍ୱର କାର୍ଯ୍ୟ ନିଆ ଯାଉଥିଲା । ମାତ୍ର କ୍ରମଶଃ ଯେଉଁପରି ଧର୍ମ୍ମସମ୍ବନ୍ଧୀୟ ଆଚାର, ବ୍ୟବ- ହାରର ବିରୋଧ ଅଧିକ୨ ବଢିବାକୁ ଲାଗିଲା ଆଉ ଯୁଦ୍ଧ ଓ କୃଷିକାର୍ଯ୍ୟ ସମ୍ବନ୍ଧିକ ଶାସ୍ତ୍ରସଙ୍ଗତ ଭାବରେ କରା ଯିବାକୁ ଲାଗିଲା ସେହିପରି ଆପେ୨ ଲୋକମାନେ ଭିନ୍ନ୨ ଜାତିରେ ବିଭକ୍ତ ହୋଇଗଲେ ଏବଂ ପୃଥକ୍୨ ବ୍ୟବସାୟ କରିବାକୁ ଲାଗିଲେ । ଏହିରୂପେ ବ୍ରାହ୍ମଣମାନଙ୍କର ଗୋଟିଏ ଜାତି ପୃଥକ୍ ସୃଷ୍ଟି ହେଲା, ଯେଉଁମାନଙ୍କର କାର୍ଯ୍ୟ ଧର୍ମସମ୍ବନ୍ଧୀୟ ନିୟମାନୁ- ଯାୟୀ ଚଳିବାର ଓ ଚଳାଇବାର ହେଲା । କ୍ଷତ୍ରିୟମାନଙ୍କର ଯୁଦ୍ଧ କରିବା ଓ ବୈଶ୍ୟମାନଙ୍କର ଜମି ଜୋତିବା ଓ ବୁଣିବା ଥିଲା । ଆଦମନିବାସୀ ଓ ମିଶ୍ରିତ ଜାତି ଶୂଦ୍ର ଅବା ସାଧାରଣ ପ୍ରକାର ପରିଶ୍ରମଜୀବୀ କୁହାଗଲେ । ଏହି ଜାତିଭେଦ କିଛି କ୍ଷଣକରେ ହୋଇ ନ ଥିଲା ; ମାତ୍ର ଏହା ସୃଷ୍ଟି ହେବାରେ ଶତ୨ ବର୍ଷ ଲାଗିଥିଲା । ଋଗ୍ବେଦରୁ ଆମ୍ଭମାନଙ୍କୁ ଏହା ମଧ୍ୟ ଜଣା ଯାଉଅଛି ଯେ ଆର୍ଯ୍ୟମାନେ ରଥ ଉପରେ ଆରୋହଣ କରି ଯୁଦ୍ଧ କରୁଥିଲେ ଓ ହସ୍ତି ଘୋଟକର ବ୍ୟବହାର ଉତ୍ତମରୂପେ ଅବଗତ ଥିଲେ ।

ସେମାନେ ଗ୍ରାମମାନଙ୍କରେ କୃଷକ ହୋଇ ରହୁଥିଲେ, ଆଉ ହଳ, ଲଙ୍ଗଳ ଦ୍ୱାରା କ୍ଷେତ୍ର ଯୋଡୁଥିଲେ ଓ ବୁଣୁଥିଲେ । ସେମାନଙ୍କଠାରେ ନଗଦ୍ ଟଙ୍କା ନ ଥିଲା ; ମାତ୍ର ଗୋମେଷାଦି ସେମାନଙ୍କର ସମ୍ପତ୍ତିରୂପେ ବିବେଚିତ ହେଉଥିଲା । ସେମାନେ ସର୍ବଦା ଶବଦାହ କରୁଥିଲେ । ହିନ୍ଦୁମାନେ ଆର୍ଯ୍ୟ ଏବଂ ଆର୍ଯ୍ୟ ମିଶ୍ରିତ ଜାତିର ମିଳନରୁ ଉତ୍ପନ୍ନ ହୋଇଅଛନ୍ତି । ସେମାନେ କୌଣସି୨ ପ୍ରଧାନ୨ ବିଷୟରେ ଭିନ୍ନ ମଧ୍ୟ ଥାଇପାରନ୍ତି । ଆମ୍ଭେ ପ୍ରଥମେ ଲେଖିଅଛୁଁ ଯେ ପୂର୍ବରେ ଆର୍ଯ୍ୟମାନଙ୍କ ମଧ୍ୟରେ ଜାତି ଭେଦ ନ ଥିଲା, କିନ୍ତୁ ଆଜିକାଲିର ହିନ୍ଦୁମାନଙ୍କ ମଧ୍ୟରେ ବର୍ତ୍ତମାନ ଅନେକାନେକ ଭେଦ ହୋଇ ଯାଇଅଛି । ଆର୍ଯ୍ୟମାନେ ଗୋମାଂସ ଭକ୍ଷଣ କରୁଥିଲେ ଏବଂ ଈଶ୍ୱରଙ୍କୁ ଅର୍ପଣ କରି ସୋମରସ ମଧ୍ୟ ପାନ କରୁଥିଲେ ; ମାତ୍ର ବର୍ତ୍ତମାନ ହିନ୍ଦୁମାନେ ଏହି ଦୁଇ ବ୍ୟବହାରକୁ ଘୃଣ୍ୟ ବୋଧ କରନ୍ତି ।

ହେଲେହେଁ ପ୍ରାଚୀନ ଆର୍ଯ୍ୟ ଜାତି ଓ ଆଧୁନିକ ହିନ୍ଦୁ ଏବଂ ଉଭୟରୁ ଉକ୍ତ ଆର୍ଯ୍ୟବଂଶସମ୍ଭୂତ କୁଳୀନ ଲୋକମାନଙ୍କର ଜୀବନାବସ୍ଥା, ଆଚାର, ବ୍ୟବହାର ପ୍ରଭୃତି ପର୍ଯ୍ୟାଲୋଚନା କରି ଦେଖିଲେ ବିଶେଷ ପାର୍ଥକ୍ୟ ଦୃଷ୍ଟି ଗୋଚର ହୁଏ ନାହିଁ ।

# ପାଠ ୭୨ ।

## ମିତ୍ରଲାଭ । ଭୂମିକା ।

ଶସ୍ତ୍ରବିଦ୍ୟା ଓ ଶାସ୍ତ୍ରବିଦ୍ୟା ଏହି ଉଭୟ ବିଦ୍ୟା ମନୁଷ୍ୟର ଉତ୍କର୍ଷ ହେତୁ ଅଟେ; ତଥାପି ଶସ୍ତ୍ରବିଦ୍ୟା ବୃଦ୍ଧ କାଳରେ କେବଳ ହାସ୍ୟର କାରଣ ହୁଏ, ମାତ୍ର ଶାସ୍ତ୍ରବିଦ୍ୟା ସର୍ବଦା ଆଦରଣୀୟ । ଏଣୁକରି ବାଳକମାନଙ୍କୁ ଏହି ଗ୍ରନ୍ଥରେ ଗଳ୍ପଚ୍ଛଳରେ ନୀତି ଶିକ୍ଷା ଦିଆ ଯାଉଅଛି ।

ଭାଗିରଥୀ ତୀରରେ ପାଟଳିପୁତ୍ର ନାମଧେୟ ନଗର ଅଛି । ସେଠାରେ ସର୍ବ-ରାଜଗୁଣ-ବିଶିଷ୍ଟ ସୁଦର୍ଶନ ନାମରେ ରାଜା ବାସ କରନ୍ତି । ସେ ରାଜା କୌଣସି ସମୟରେ କାହାରିକୁ ଶ୍ଲୋକଦ୍ୱୟ ପାଠ କରିବାର ଶୁଣିଲେ । ସେହି ଶ୍ଲୋକର ଅର୍ଥ ଏହି; ଅନେକ ସଂଶୟ ଛେଦୀ ଆଉ ଗୁପ୍ତ ବିଷୟରେ ଦର୍ଶକ ଯେଉଁ ଶାସ୍ତ୍ର, ସେ ସମସ୍ତଙ୍କର ଚକ୍ଷୁ ତୁଲ୍ୟ, ଯାହାଠାରେ ତାହା ନାହିଁ ସେ ଅନ୍ଧ । ପୁଣି ଯୌବନ, ଧନ ସମ୍ପତ୍ତି, ପ୍ରଭୁତ୍ୱ, ଅବିବେକତା, ଏହି ଚାରିଙ୍କ ମଧ୍ୟରୁ ପ୍ରତ୍ୟେକେହିଁ ଅନର୍ଥର କାରଣ, ତେବେ ଯେଉଁ ସ୍ଥଳରେ ଏ ଚତୁଷ୍ଟୟ ମିଳନ୍ତି ସେହି ସ୍ଥଳରେ ସୁତରାଂ ଅନର୍ଥ ହୋଇ ପାରେ ।

ଏହି ଶ୍ଲୋକ ଶୁଣି ସେ ରାଜା ଅଜ୍ଞାତ-ଶାସ୍ତ୍ର ଆଉ ସର୍ବଦା ବିପଥଗାମୀ ଆପଣା ପୁତ୍ରମାନଙ୍କୁ ଶାସ୍ତ୍ର ଶିକ୍ଷା କରାଇବା ବିଷୟରେ ଉଦ୍‌ବିଗ୍ନ ଚିତ୍ତରେ ଏହି ପ୍ରକାର ଚିନ୍ତା କଲେ କି ଯେଉଁ ପୁତ୍ର ବିଦ୍ୱାନ୍ ନୁହେ ଆଉ ଧାର୍ମିକ ନୁହେ ଏତାଦୃଶ ପୁତ୍ରରେ କି ଶ୍ରେୟଃ? ଯେରୂପେ କାଣ ବ୍ୟକ୍ତିର ଚକ୍ଷୁ ନିଷ୍ପ୍ରୟୋଜନୀୟ ଓ କେବଳ ପୀଡ଼ାର କାରଣ ହୁଏ ସେ ପୁତ୍ର ମଧ୍ୟ ତଦ୍ରୂପ ଅଟେ ।

ଅଜାତ, ମୃତ ଓ ମୂର୍ଖ ଏମାନଙ୍କ ମଧ୍ୟରୁ ଆଦ୍ୟଦ୍ୱୟ ଭଲ, ମାତ୍ର ଅନ୍ତିମଟି ନୁହେ; କାରଣ କି ଆଦ୍ୟଦ୍ୱୟ କେବଳ ଥରେମାତ୍ର ଦୁଃଖଦାୟକ

ହୁଅନ୍ତି, କିନ୍ତୁ ଅନ୍ତ୍ୟମତି ପଦେ୨ ଦୁଃଖ ଦେଏ । ବରଂ ଏକ ଗୁଣିପୁତ୍ର ଶତ୨ ମୂର୍ଖ ପୁତ୍ରଙ୍କଠାରୁ ଅଧିକ ଭଲ, ଯଦ୍ରୂପ ଏକମାତ୍ର ଚନ୍ଦ୍ର ଅନ୍ଧକାର ନାଶ କରେ ମାତ୍ର ଅନେକ ତାରା ତାହା କରି ପାରନ୍ତି ନାହିଁ ।

ଉଦ୍ଯୋଗୀ ପୁରୁଷକୁ ଲକ୍ଷ୍ମୀ ମିଳେ; "ଅଦୃଷ୍ଟ ହେତୁରୁ ହୁଏ" ଏହା ଅନୁଦ୍ଯୋଗୀ ଲୋକେ କହନ୍ତି । ଅତଏବ ଅଦୃଷ୍ଟକୁ ନ ମାନି ଆପଣା ଶକ୍ତ୍ୟନୁସାରେ ପୁରୁଷାର୍ଥ ପ୍ରକାଶ କର । ଯତ୍ନ କଲେ ଯଦ୍ୟପି କାର୍ଯ୍ୟ ସିଦ୍ଧ ନ ହୁଏ ତେବେ କି ଦୋଷ ?

ପୁନର୍ବାର କଥିତ ଅଛି କି ଯେ ପିତା ମାତା ଆପଣା ବାଳକଙ୍କୁ ନ ପଢ଼ାନ୍ତି ସେ ପିତା ବୈରୀ ଓ ସେ ମାତା ଶତ୍ରୁ; ଯେପରି ହଂସ ମଧ୍ୟରେ ବକ ଶୋଭା ପାଏ ନାହିଁ ସେହିପରି ସେହି ବାଳକ ସଭା ମଧ୍ୟରେ ଶୋଭା ପାଏ ନାହିଁ ।

ଏତାଦୃଶ ଚିନ୍ତା କରି ଉକ୍ତ ରାଜା ପଣ୍ଡିତ-ସଭା କରାଇଲେ । ଅନନ୍ତର ରାଜା କହିଲେ, "ଭୋ ପଣ୍ଡିତମାନେ ! ଆମ୍ଭ ବାକ୍ୟ ଶ୍ରବଣ କରନ୍ତୁ; ନିତ୍ୟ ଉତ୍ପଥଗାମୀ ଓ ଅଜ୍ଞାତ ଶାସ୍ତ୍ର ଆମ୍ଭର ପୁତ୍ରମାନଙ୍କୁ ବର୍ତ୍ତମାନ ନୀତିଶାସ୍ତ୍ରୋପଦେଶ ଦେଇ ପୁନର୍ଜନ୍ମ କରାଇବାକୁ ସମର୍ଥ କେହି ପଣ୍ଡିତ ଅଛନ୍ତି ?" ଏହା ଶୁଣି ବୃହସ୍ପତି ତୁଲ୍ୟ ସକଳ ନୀତିଶାସ୍ତ୍ରଜ୍ଞାତା ବିଷ୍ଣୁଶର୍ମା ନାମରେ ଜଣେ ପଣ୍ଡିତ କହିଲେ, ହେ ମହାରାଜ ! ଏହି ରାଜପୁତ୍ରମାନେ ସତ୍କୁଳ ଜାତ, ଏ ହେତୁରୁ ଆମ୍ଭେ ସେମାନଙ୍କ ନୀତି-ଶାସ୍ତ୍ରଶିକ୍ଷା ଷଣ୍ମାସ ମଧ୍ୟରେ କରାଇବୁଁ ।

ରାଜା ପୁନର୍ବାର ବିନୟପୂର୍ବକ କହିଲେ, ଆମ୍ଭର ଏହି ପୁତ୍ରମାନଙ୍କୁ ନୀତିଶାସ୍ତ୍ର ଉପଦେଶ ନିମନ୍ତେ ଆପଣ ପ୍ରମାଣ ହେଉନ୍ତୁ; ଏହା କହି ରାଜା ବିଷ୍ଣୁଶର୍ମାଙ୍କୁ ବହୁତ ସମ୍ମାନ କରି ସ୍ୱପୁତ୍ରମାନଙ୍କୁ ତାଙ୍କ ନିକଟରେ ସମର୍ପଣ କଲେ ।

ଅନନ୍ତର ଅଟ୍ଟାଳିକା ଉପରେ ସୁଖରେ ଉପବିଷ୍ଟ ରାଜପୁତ୍ରମାନଙ୍କୁ ପ୍ରସ୍ତାବକ୍ରମରେ ଉକ୍ତ ପଣ୍ଡିତ କହିଲେ; ଭୋ ରାଜପୁତ୍ରମାନେ ! କାବ୍ୟଶାସ୍ତ୍ର ଆମୋଦରେ ଜ୍ଞାନି ଲୋକଙ୍କର କାଳକ୍ଷେପ ହୁଏ; ବ୍ୟସନ, ନିଦ୍ରା ଓ କଳ-

ସ୍ଵାଦରେ ମୂର୍ଖମାନେ କାଳଯାପନ କରନ୍ତି । ଅତଏବ ତୁମ୍ଭମାନଙ୍କ ମନୋ-ରଞ୍ଜନ ସକାଶେ କାକ କୂର୍ମାଦିଙ୍କର ବିଚିତ୍ର କଥା କହିବୁଁ । ରାଜପୁତ୍ରମାନେ କହିଲେ, କହିବା ହେଉନ୍ତୁ । ବିଷ୍ଣୁଶର୍ମା କହୁଅଛନ୍ତି ହେ ରାଜପୁତ୍ରମାନେ ଶ୍ରବଣ କର, ପ୍ରଥମ ମିତ୍ରଲାଭର ପ୍ରସ୍ତାବ କରିବୁଁ ।

---

# ପାଠ ୨୮ ।

## ମିତ୍ରଲାଭ, ୧ମ ଭାଗ ।

ଗୋଦାବରୀ ତୀରରେ ଗୋଟିଏ ବୃହତ୍ ଶାଲ୍ମଲୀ ବୃକ୍ଷ ଥାଏ ଏବଂ ପକ୍ଷିମାନେ ନାନାଦିଗ୍-ଦେଶରୁ ଆସି ରାତ୍ରିକାଳରେ ସେହି ବୃକ୍ଷରେ ବାସ କରନ୍ତି । ଅନନ୍ତର କଦାଚିତ୍ ରାତ୍ରି ଅବସନ୍ନା ହୁଅନ୍ତେ କୁମୁଦିନୀ-ନାୟକ ଚନ୍ଦ୍ର ଅସ୍ତ ହେଲାଉତ୍ତାରୁ ଲଘୁପତନକ ନାମରେ ଗୋଟିଏ କାକ ଜାଗ୍ରତ ହୋଇ ଦେଖିଲା, ଦ୍ଵିତୀୟ ଯମତୁଲ୍ୟ ଜଣେ ବ୍ୟାଧ ଭ୍ରମଣ କରୁ-ଅଛି । ସେ ତାହାକୁ ଦେଖି ଏହି ପ୍ରକାର ଚିନ୍ତା କଲା, ଆଜ ପ୍ରାତଃ-କାଳରେ ଅମଙ୍ଗଳ ଦର୍ଶନ ହୋଇଅଛି ; ନ ଜାଣୁଁ କି ଅନିଷ୍ଟ ଘଟିବ । ଏହା କହି ବ୍ୟାକୁଳ ଚିତ୍ତରେ ବ୍ୟାଧର ପଶ୍ଚାତ୍‌ଗମନ କଲା ।

ତହିଁରେ ସେହି ବ୍ୟାଧ ତଣ୍ଡୁଲ କଣା ବୁଣି ଜାଲ ବିସ୍ତୀର୍ଣ୍ଣ କରି ଅପେ-କ୍ଷା କରି ରହିଲା । ଏହି ସମୟରେ ଆପଣା ପରିବାର ସହିତ ଚିତ୍ରଗ୍ରୀବ ନାମକ କପୋତରାଜ ଆକାଶରେ ବିହରଣ କରୁଁ ସେହି ତଣ୍ଡୁଲ କଣା ଦେଖିଲା । ତଦନନ୍ତର କପୋତରାଜ ତଣ୍ଡୁଲକଣା ଲୋଭୀ କପୋତମାନଙ୍କୁ କହିଲା ; ଏହି ନିର୍ଜ୍ଜନ ବନରେ ତଣ୍ଡୁଲ କିରୂପେ ପଡ଼ିଅଛି ଏହା ପ୍ରଥମେ ନିରୂପଣ

କର; ଏ ସ୍ଥଳରେ ମଙ୍ଗଳ ଦେଖୁ ନାହୁଁ । ଏହି ତଣ୍ଡୁଳ ଲୋଭରେ ଆମ୍ଭମାନଙ୍କର ପ୍ରାୟ ସେପରି ହେବ, ଯେପରି କଙ୍କଣ ଲୋଭରେ ସୁଦୁସ୍ତର ପଙ୍କରେ ମଗ୍ନ ପଥିକ ବୃଦ୍ଧ ବ୍ୟାଘ୍ରଦ୍ୱାରା ଭକ୍ଷିତ ହେଲା । କପୋତମାନେ କହିଲେ ସେ କିପ୍ରକାର ? ତଦୁତ୍ତରରେ ଚିତ୍ରଗ୍ରୀବ କହୁଅଛି ।

ଆମ୍ଭେ ଏକ ସମୟରେ ଦକ୍ଷିଣାରଣ୍ୟରେ ଭ୍ରମଣ କରୁଁ ୨ ଦେଖିଲୁଁ, ଏକ ପୁଷ୍କରିଣୀ ତୀରରେ ଗୋଟାଏ ବୃଦ୍ଧ ବ୍ୟାଘ୍ର ସ୍ନାନ କରି କୁଶହସ୍ତ ହୋଇ କହୁଅଛି, ହେ ପଥିକମାନେ ! ଏହି ସୁବର୍ଣ୍ଣ କଙ୍କଣ ଗ୍ରହଣ କର । ତାହାର କଥା ଶୁଣି ଭୟରେ ତାହା ନିକଟକୁ କେହି ଯାଉ ନାହାନ୍ତି । ତହିଁ ଉତ୍ତାରୁ କୌଣସି ଲୋଭୀ ପଥିକ ମନରେ ବିଚାରିଲା, ଭାଗ୍ୟରେ ଥିଲେ ଏତାଦୃଶ ଲାଭ ହୁଏ; ମାତ୍ର ଏ ପ୍ରାଣର ସନ୍ଦେହସ୍ଥଳ ଅଟେ, ଅତଏବ ଏଥିରେ ପ୍ରବୃତ୍ତ ହେବା ଉଚିତ ନୁହେ । କାରଣ କି ଅନିଷ୍ଟରୁ ଇଷ୍ଟଲାଭରେ ସୁଦ୍ଧା ମଙ୍ଗଳ ଜନ୍ମେ ନାହିଁ ।

କିନ୍ତୁ ଧନ ଉପାର୍ଜ୍ଜନ ବିଷୟରେ ପ୍ରବୃତ୍ତି ସର୍ବତ୍ର ସନ୍ଦେହଯୁକ୍ତ; କଥିତ ଅଛି ଯେ ମନୁଷ୍ୟ ସଂଶୟଯୁକ୍ତ ନୋହିଲେ ମଙ୍ଗଳ ଦେଖେ ନାହିଁ, ମାତ୍ର ସଂଶୟାପନ୍ନ ଲୋକ ଯେବେ ବଞ୍ଚେ ତେବେ ମଙ୍ଗଳ ଦେଖଇ; ଅତଏବ ତାହା ପ୍ରଥମେ ସ୍ଥିର କରିବା । ତଦନନ୍ତର ପଥିକ ପ୍ରକାଶ କରି କହୁଅଛି, ତୁମ୍ଭର କଙ୍କଣ କାହିଁ? ବ୍ୟାଘ୍ର ହସ୍ତ ଟେକି କରି ଦେଖାଇଲା । ତହିଁରେ ପଥିକ କହିଲା, ତୁ ହିଂସ୍ରଜନ୍ତୁ, ତୋଠାରେ କିରୂପେ ବିଶ୍ୱାସ ହେବ? ବ୍ୟାଘ୍ର କହିଲା ଶୁଣରେ ପଥିକ, ପୂର୍ବ କାଳରେ ଯୌବନାବସ୍ଥାରେ ମୁଁ ଅତି ଦୁର୍ବୃତ୍ତ ଥିଲି; ଅନେକ ଗୋରୁ, ମନୁଷ୍ୟ ମାରିବାରେ ମୋହୋ ସ୍ତ୍ରୀ ପୁତ୍ରମାନେ ମରିଗଲେ, ଅତଏବ ବଂଶହୀନ ହୋଇଅଛି । ତହୁଁରେ ଜଣେ ଧାର୍ମିକ ଲୋକ ମୋତେ କହିଲେ, ତୁ ଦାନଧର୍ମାଦି ଆଚରଣ କର । ସେହି ଉପଦେଶ ହେତୁରୁ ଏବେ ମୁଁ ପ୍ରାତଃସ୍ନାୟୀ ଏବଂ ଦାତା ହୋଇଅଛି । ବୃଦ୍ଧ, ଗଳିତନଖଦନ୍ତ, ମୁଁ କାହିଁ ପାଇଁ ବିଶ୍ୱାସପାତ୍ର ହେବି ନାହିଁ ?

ମୁଁ ଏମନ୍ତ ନିର୍ଲୋଭୀ ହୋଇଅଛି ଯେ ଆପଣା ହସ୍ତସ୍ଥିତ ସୁବର୍ଣ୍ଣ କଙ୍କଣ ଅନ୍ୟ ଲୋକଙ୍କୁ ଦେବାକୁ ଇଚ୍ଛା କରୁଅଛି। ତଥାପି ବ୍ୟାଘ୍ର ମନୁଷ୍ୟ ଖାଏ, ଏହି ଅପବାଦ ମନୁଷ୍ୟମାନଙ୍କ ମଧ୍ୟରେ ଅଛି, ତାହା ନିବାରଣ କରା ଯାଇ ନ ପାରେ । ମୁଁ ମଧ୍ୟ ଧର୍ମଶାସ୍ତ୍ର ପଢ଼ିଅଛି, ଶୁଣ, ଯେମନ୍ତ ଆପଣା ପ୍ରାଣ ଇଷ୍ଟ, ତେମନ୍ତ ସକଳ ଜୀବଙ୍କର ପ୍ରାଣ ଇଷ୍ଟ ଅଟେ । ଏହି କାରଣରୁ ସାଧୁମାନେ ସକଳ ଜୀବଠାରେ ଆତ୍ମବତ୍ ଦୟା କରନ୍ତି, ଏବଂ ଯେଉଁ ଲୋକ ପରସ୍ତ୍ରୀକୁ ମାତୃତୁଲ୍ୟ ପରଦ୍ରବ୍ୟକୁ ମୃତ୍ପିଣ୍ଡ ସମାନ, ସକଳ ଜୀବଙ୍କୁ ଆପଣା-ପରି ଦେଖେ ସେହିଁ ପଣ୍ଡିତ ଅଟେ । ତୁମ୍ଭେ ଅତି ଦରିଦ୍ର, ଏ ହେତୁରୁ ତୁମ୍ଭଙ୍କୁ ଦେବା ଲାଗି ମୁଁ ଉତ୍ସୁକ ଅଛି, ଅତଏବ ତୁମ୍ଭେ ଏହି ସରୋବରରେ ସ୍ନାନ କରି ସୁବର୍ଣ୍ଣ କଙ୍କଣ ଗ୍ରହଣ କର । ଅନନ୍ତର ପଥିକ ତାହା ବାକ୍ୟରେ ପ୍ରତ୍ୟୟ କରି ଲୋଭାସକ୍ତ ହୋଇ ସ୍ନାନ କରିବା ଲାଗି ସରୋବରକୁ ଗଲାରୁ ମହାପଙ୍କରେ ମଗ୍ନ ହୋଇ ପଳାଇବାକୁ ଅସମର୍ଥ ହେଲା । ତେତେବେଳେ ବ୍ୟାଘ୍ର ତାକୁ ପଙ୍କରେ ପଡ଼ିବାର ଦେଖି କହିଲା, ହାୟ, ହାୟ !! ମହା-ପଙ୍କରେ ପଡ଼ିଗଲ, ମୁଁ ତୁମ୍ଭଙ୍କୁ ଉଠାଇ ଆଣିବି । ଏହା କହି ସେ ବ୍ୟାଘ୍ର ମନ୍ଦ ମନ୍ଦ ହୋଇ ନିକଟକୁ ଯାଇ ତାକୁ ଧରିଲା, ତେତେବେଳେ ସେହି ପଥିକ ଏହି ପ୍ରକାର ଚିନ୍ତା କଲା; ଦୁରାତ୍ମାର ଧର୍ମଶାସ୍ତ୍ର ପାଠ ଓ ବେଦାଧ୍ୟୟନ ଧାର୍ମିଷ୍ଠ ହେବାର କାରଣ ନୁହେ, କିନ୍ତୁ ଏହି ବିଷୟରେ ସ୍ୱଭାବ ପ୍ରବଳ ହୁଏ, ଯେରୂପ ଗୋଦୁଗ୍ଧ ସ୍ୱଭାବରେ ମଧୁର ଅଟେ ।

ଏବଂ ଯାହାର ମନ ଓ ଇନ୍ଦ୍ରିୟ ଅବଶୀଭୂତ ସେମାନଙ୍କ କ୍ରିୟା ହସ୍ତିର ସ୍ନାନ ସଦୃଶ, ପୁଣି କୁରୂପା ସ୍ତ୍ରୀର ଅଳଙ୍କାର ତୁଲ୍ୟ ଧର୍ମାନୁଷ୍ଠାନ ବ୍ୟତିରେକେ ଜ୍ଞାନ କେବଳ ଭାର ଅଟେ, ଅତଏବ ମାରାତ୍ମକ ବ୍ୟାଘ୍ରଠାରେ ବିଶ୍ୱାସ କରି ଭଲ କାର୍ଯ୍ୟ କରି ନାହିଁ । ଅନ୍ୟତ୍ର ମଧ୍ୟ କଥିତ ଅଛି :—

ଶୃଙ୍ଗଧାରୀ, ନଦୀ, ନଖଧାରୀ, ଶସ୍ତ୍ରଧାରୀ ଓ ରାଜକୁଳ ଏହି ସମସ୍ତଙ୍କ-ଠାରେ ବିଶ୍ୱାସ କର୍ତ୍ତବ୍ୟ ନୁହେ । ପୁନଶ୍ଚ ସମସ୍ତଙ୍କର ସ୍ୱଭାବ ଅବଶ୍ୟ

ପରୀକ୍ଷା କରିବ, ଅନ୍ୟ ଗୁଣ ପରୀକ୍ଷା କରିବ ନାହିଁ ; କାରଣ ସ୍ୱଭାବ ସକଳ ଗୁଣକୁ ଅତିକ୍ରମ କରି ମସ୍ତକରେ ଥାଏ ; ଏହି ପ୍ରକାର ଚିନ୍ତା କରୁଁ ସେହି ପଥିକ ବ୍ୟାଘ୍ରଦ୍ୱାରା ଧୃତ ଓ ଭକ୍ଷିତ ହେଲା । ଅତଏବ ସର୍ବଦା ଅବିମୃଶିତ କର୍ମ କରିବାର ଉଚିତ ନୁହେ । ଏହା ଶୁଣି କୌଣସି କପୋତ ଦର୍ପ କରି କହିଲା, ଆଃ ଏ କି କହୁଅଛୁ ? ବିପତ୍କାଳ ଉପସ୍ଥିତ ହେଲେ ବୃଦ୍ଧ ଲୋକଙ୍କ ପରାମର୍ଶ ଗ୍ରାହ୍ୟ ହୁଏ, ମାଏ ଭୋଜନାଦି ବିଷୟରେ ଗ୍ରାହ୍ୟ ନୁହେ, ଏହା ଶୁଣି ସବୁ କପୋତ ସେ ସ୍ଥାନରେ ଉପବିଷ୍ଟ ହେଲେ ।

ଏଥିଉତ୍ତାରୁ ସମସ୍ତ କପୋତ ଜାଲରେ ଧରାଯାନ୍ତେ ଯାହା ବାକ୍ୟରେ ସେଠାରେ ପହୁଞ୍ଚି ଥିଲେ ତାକୁ ସମସ୍ତେ ତିରସ୍କାର କଲେ । ଏଣୁ କଥିତ ଅଛି "ବିମୃଶି କରି କାର୍ଯ୍ୟ ନ କଲେ ପରେ ଅନୁତାପ କରିବାକୁ ପଡେ ।"

---

## ୨୯ ପାଠ ।

## ମିତ୍ରଲାଭ, ୨ୟ ଭାଗ ।

ଚିତ୍ରଗ୍ରୀବ କହିଲା, ଏ ଦୋଷ ଏହାରି ନୁହେ । କାରଣ ମାତୃଜଙ୍ଘା ବତ୍ସର ବନ୍ଧନ ସ୍ତମ୍ଭ ହେଲା ପ୍ରାୟେ ଆପଦ ପଡିଲାବେଳେ ହିତକାରୀ ସୁଦ୍ଧା ଆପଦର ହେତୁ ହୋଇ ଉଠେ । ପୁନର୍ବାର ବିପଦ୍ଗ୍ରସ୍ତ ଲୋକଙ୍କୁ ଆପଦରୁ ଉଦ୍ଧାର କରିବାକୁ ଯେ ଯୋଗ୍ୟ ସେହିଁ ବନ୍ଧୁ, ମାଏ ଯେ ଭୀତ ଲୋକର ପରିତ୍ରାଣ ଉପାୟ ନ କରି ତାହାକୁ ତିରସ୍କାର କରିବାରେ ପଣ୍ଡିତ ସେ ବନ୍ଧୁ ନୁହେ ।

ବିପତ୍କାଳରେ ଭୀତ ହେବା କାପୁରୁଷର ଲକ୍ଷଣ ଅଟେ, ଅତଏବ

ଏତେବେଳେ ଧୈର୍ଯ୍ୟଶୀଳ ହୋଇ ଉପାୟ ଚିନ୍ତା କର । ଯେହେତୁ ଆପତ୍କାଳରେ ଧୈର୍ଯ୍ୟ, ବୃଦ୍ଧି କାଳରେ କ୍ଷମା, ସଭାରେ ବାକ୍ୟର ନିପୁଣତା, ଯୁଦ୍ଧରେ ବଳ, ଯଶଃରେ ଅଭିରୁଚି, ଶାସ୍ତ୍ର ପାଠରେ ଆସକ୍ତି, ଏହି ସକଳ ଲକ୍ଷଣ ଉତ୍ତମ ଲୋକଙ୍କର ପ୍ରକୃତିସିଦ୍ଧ ଅଟେ । ଯେ ସମ୍ପଦ୍ କାଳରେ ଆହ୍ଲାଦିତ ହୁଏ ନାହିଁ ବା ଆପଦ୍ କାଳରେ ଦୁଃଖିତ ହୁଏ ନାହିଁ ଓ ଯୁଦ୍ଧରେ ଧୈର୍ଯ୍ୟ ପ୍ରକାଶ କରେ ଏତାଦୃଶ ତ୍ରିଭୁବନଶ୍ରେଷ୍ଠ ପୁଅକୁ ଯେ ଜନ୍ମାଇ ଥାଏ, ଏପ୍ରକାର ସ୍ତ୍ରୀ ମିଳେ ନାହିଁ । ବରଂ ନିଦ୍ରା, ତନ୍ଦ୍ରା, ଭୟ, କ୍ରୋଧ, ଆଳସ୍ୟ, ଦୀର୍ଘସୂତ୍ରତା (ଅର୍ଥାତ୍ ଅଳ୍ପକାଳ ସାଧ୍ୟକ୍ରିୟା ବହୁକାଳରେ କରିବାର) ଏ ଛଅ ଦୋଷକୁ ଐଶ୍ୱର୍ଯ୍ୟାଭିଳାଷୀ ଅବଶ୍ୟ ପରିତ୍ୟାଗ କରିବେ । ଅତଏବ ଏହିକ୍ଷଣି ଏହା କର, ସମସ୍ତେ ଏକମନା ହୋଇ ଜାଲ ଘେନି ଉଡ଼; ଯେହେତୁ ଲଘୁ ବସ୍ତୁର ମିଳନରେ କାର୍ଯ୍ୟ ସିଦ୍ଧ ହୋଇପାରେ । କାରଣ ତୃଣକୁ ରଜ୍ଜୁ କଲେ ତହିଁରେ ମତ୍ତହସ୍ତୀ ମଧ୍ୟ ବନ୍ଧା ଯାଇ ପାରନ୍ତି ।

ଏହି ପ୍ରକାର ବଚନର କରି ସମସ୍ତ ପକ୍ଷିମାନେ ଜାଲ ଘେନି ଊର୍ଦ୍ଧ୍ୱକୁ ଉଡ଼ିଲେ । ତହିଁରେ ସେ ବ୍ୟାଧ ଅତି ଦୂରରୁ ଜାଲର ଅପହାରକ କପୋତମାନଙ୍କୁ ଦେଖି ସେମାନଙ୍କ ପଶ୍ଚାତ୍ ଧାବମାନ ହୋଇ ଏହି ଭାବନା କଲା, ଏହି କପୋତମାନେ ଏକମେଳ ହୋଇ ଆମ୍ଭ ଜାଲ ହରଣ କରୁଅଛନ୍ତି; କଲେହେଁ ଯେତେବେଳେ ଭୂମିରେ ଓହ୍ଲାଇବେ ତେତେବେଳେ ଆମ୍ଭର ଆୟତ୍ତ ହେବେ । ମାତ୍ର କିଛି କାଳାନ୍ତର କପୋତମାନେ ବ୍ୟାଧ ଚକ୍ଷୁରୁ ଅଦୃଶ୍ୟ ହୋଇ ଗଲାରୁ ବ୍ୟାଧ ଧାଇଁବାରୁ ନିବୃତ୍ତ ହେଲା ।

ତତ୍ପରେ ବ୍ୟାଧକୁ ନିବୃତ୍ତ ଦେଖି କପୋତମାନେ କହିଲେ, ଏତେବେଳେ କି କର୍ତ୍ତବ୍ୟ ? ଚିତ୍ରଗ୍ରୀବ କହିଲା, ମାତା, ପିତା, ମିତ୍ର ଏହି ତିନି ଜଣ ସ୍ୱଭାବରେ ହିତକାଂକ୍ଷୀ ହୁଅନ୍ତି ଏବଂ କାର୍ଯ୍ୟ କାରଣ ଦ୍ୱାରା ଅନ୍ୟ ଲୋକ ମଧ୍ୟ ହିତକାଂକ୍ଷୀ ହୁଅନ୍ତି । ଅତଏବ ଆମ୍ଭମାନଙ୍କର ମିତ୍ର ହିରଣ୍ୟକ ମୂଷିକମାନଙ୍କ

ଘଟା । ସେ ଚିତ୍ରବନରେ ଗ୍ରନ୍ଥୀ ନଦୀ ତୀରରେ ବାସ କରେ । ସେ ଆମ୍ଭମାନଙ୍କ ପାଶଚ୍ଛେଦନ କରିବ । ଏହି ଅଭିପ୍ରାୟରେ ସମସ୍ତେ ହିରଣ୍ୟକର ଗର୍ତ୍ତ ସମୀପରେ ଉପସ୍ଥିତ ହେଲେ । ସେ ହିରଣ୍ୟକ ସର୍ବଦା ଉପଦ୍ରବ ଭୟରେ ଶତ ଦ୍ୱାରବିଶିଷ୍ଟ ଗର୍ତ୍ତ କରି ତନ୍ମଧ୍ୟରେ ବାସ କରୁଥାଏ । ଅନନ୍ତର ହିରଣ୍ୟକ କପୋତମାନଙ୍କ ଉହ୍ଲାଇବା ଶବ୍ଦଦ୍ୱାରା ଭୀତ ହେବାରୁ ସ୍ଥଗିତ ହୋଇ ରହିଲା । ତହିଁରେ ଚିତ୍ରଗ୍ରୀବ କହିଲା, ହେ ମିତ୍ର ହିରଣ୍ୟକ, କିଆଁ ଆମ୍ଭମାନଙ୍କ ସଙ୍ଗେ କଥାବାର୍ତ୍ତା କରୁନାହିଁ ? ତଦୁତ୍ତରରେ ହିରଣ୍ୟକ ବନ୍ଧୁର ବାକ୍ୟ ବୁଝି ଶୀଘ୍ର ବାହାର ହୋଇ ବୋଇଲା, ଆଃ ଆମ୍ଭର କି ଭାଗ୍ୟ ଯେ ଆମ୍ଭର ଅଭିପ୍ରିୟ ଚିତ୍ରଗ୍ରୀବ ଆସିଅଛନ୍ତି । କିଅଁା କି ବନ୍ଧୁ ସଙ୍ଗେ ଯାହାର ସମ୍ଭାଷଣ, ସଂସ୍ଥିତି ଆଉ ଆଳାପ ହୁଏ ତାହାଠାରୁ ପୃଥିବୀରେ ଅଧିକ ଭାଗ୍ୟବାନ୍ ଲୋକ ଆଉ କେହି ନାହିଁ । ତଦନନ୍ତର କପୋତମାନଙ୍କୁ ଜାଲରେ ବଦ୍ଧ ଦେଖି ବିସ୍ମୟଯୁକ୍ତ ହୋଇ କ୍ଷଣମାତ୍ର ସ୍ଥଗିତ ହୋଇ କହିଲା ସଖେ! ଏ କି ? ଚିତ୍ର-ଗ୍ରୀବ କହିଲା ହେ ମିତ୍ର, ଏହା ଆମ୍ଭ ପୂର୍ବଜନ୍ମ କୃତ କର୍ମର ଫଳ ଅଟେ ; ରୋଗ, ଶୋକ, ତାପ, ବନ୍ଧନ, ବ୍ୟସନ, ଏମାନେ ଆମ୍ଭମାନଙ୍କର ନିଜକୃତ ଅପରାଧବୃକ୍ଷର ଫଳ ଅଟନ୍ତି । ତହିଁରେ ମୂଷା ଚିତ୍ର-ଗ୍ରୀବର ବନ୍ଧନ କାଟିବାକୁ ଶୀଘ୍ର ଯିବାରୁ ଚିତ୍ର-ଗ୍ରୀବ କହିଲା, ହେ ମିତ୍ର, ସେପରି କର ନାହିଁ, ଆମ୍ଭର ଆଶ୍ରିତ ଏହି କପୋତ-ମାନଙ୍କ ବନ୍ଧନ ଆଗେ ଛେଦନ କର, ପଶ୍ଚାତ୍ ଆମ୍ଭର ଛେଦନ କରିବ । ହିରଣ୍ୟକ କହିଲା, ଆମ୍ଭର ଶକ୍ତି ଅଳ୍ପମାତ୍ର ଆଉ ଦନ୍ତ କୋମଳ, ଏ ହେତୁରୁ ଏ ସମସ୍ତଙ୍କ ବନ୍ଧନ କିରୂପେ ଛେଦନ କରିବୁଁ, ଏଣୁ ଆମ୍ଭ ଦନ୍ତ ଭଗ୍ନ ନୋହୁଣୁ ତୁମ୍ଭ ପାଶଚ୍ଛେଦନ କରୁଁ ତହିଁରେ ଶକ୍ତି ଥିବା ପର୍ଯ୍ୟନ୍ତ ଏ ସମସ୍ତଙ୍କର ଛେଦନ କରିବୁଁ । ଚିତ୍ର-ଗ୍ରୀବ ଉତ୍ତର କଲା ତାହା ହେଉ, ତଥାପି ଯଥାଶକ୍ତି ଏମାନଙ୍କ ବନ୍ଧନ କାଟ । ହିରଣ୍ୟକ କହିଲା, ଆପଣାକୁ

ପରିତ୍ୟାଗ କରି ଆଶ୍ରିତ ଲୋକଙ୍କୁ ରକ୍ଷା କରିବାର ନୀତିଜ୍ଞ ଲୋକଙ୍କ ସମ୍ମତ ନୁହଇ ।

ଚିତ୍ର-ଗ୍ରୀବ କହିଲା, ହେ ମିତ୍ର ହିରଣ୍ୟକ, ନୀତିଶାସ୍ତ୍ର ଏହିରୂପେ ପ୍ରମାଣ, ତଥାପି ଆମ୍ଭେ ଆପଣା ଆଶ୍ରିତ ଲୋକଙ୍କ ଦୁଃଖ କୌଣସି ପ୍ରକାରେ ସହି ନ ପାରୁଁ, ସେହି ହେତୁରୁ ତାହା କହିଲୁଁ । ଅଧିକ ଏହି ଅସାମାନ୍ୟ କାରଣ, ଆମ୍ଭ ସଙ୍ଗେ ଏମାନଙ୍କ ଜାତି, ଦ୍ରବ୍ୟ, ବଳଗୁଣ ଅଛି, ଅତଏବ ଆମ୍ଭ ପ୍ରଭୁତ୍ୱରୁ କେତେବେଳେ କି ଫଳ ହେବ ତାହା ବୋଲ ? ଅପର ଦେଖ ଅନିତ୍ୟ ଓ ମଳବାହୀ ଶରୀରରେ ନିତ୍ୟ ଓ ନିର୍ମଳ ଯଶଃ ଯେବେ ଲବ୍ଧ ହୁଏ ତେବେ କି ପ୍ରାପ୍ତ ନ ହୁଏ ? ଶରୀର ଆଉ ଗୁଣ ଏହି ଉଭୟ ମଧ୍ୟରେ ବିଶେଷ ଅନ୍ତର ଅଛି, ହେତୁ କି ଶରୀର କ୍ଷଣକାଳସ୍ଥାୟୀ ମାତ୍ର ଗୁଣ କଳ୍ପାନ୍ତସ୍ଥାୟୀ ଅଟେ ।

ଏ କଥା ଶୁଣି ହିରଣ୍ୟକ ହୃଷ୍ଟଚିତ୍ତ ଆଉ ପୁଲକିତ ହୋଇ କହିଲା, ସାଧୁ ମିତ୍ର, ସାଧୁ, ଏତାଦୃଶ ଆଶ୍ରିତ ଲୋକଙ୍କ ପ୍ରତି ସ୍ନେହ ହେତୁରୁ ତୁମ୍ଭେ ତ୍ରୈଲୋକ୍ୟ ପ୍ରଭୁ ହେବାର ଯୋଗ୍ୟ । ଏହା କହି ହିରଣ୍ୟକ ସମସ୍ତ କପୋତର ପାଶଚ୍ଛେଦନ କରି ଆଉ ସେମାନଙ୍କୁ ସମ୍ମାନ କରି କହିଲା, ହେ ସଖେ ଚିତ୍ର-ଗ୍ରୀବ, ଏହି ଜାଲରେ ବଦ୍ଧ ହେବାରୁ ଦୋଷ ଆଶଙ୍କା କରି ଆପଣାକୁ ଅବଜ୍ଞା କରିବାର ଉଚିତ ନୁହେ ; କାରଣ ଯେଉଁ ପକ୍ଷୀ ଶତ ଯୋଜନରୁ ଅଧିକ ଦୂରରୁ ଆହାର ଦେଖି ପାରେ ସେହି ପକ୍ଷିର କାଳ ସମ୍ପୂର୍ଣ୍ଣ ହେଲେ ପାଶ ବନ୍ଧନ ସୁଦ୍ଧା ଦେଖି ପାରେ ନାହିଁ ।

ଏହିରୂପେ ହିରଣ୍ୟକ କପୋତମାନଙ୍କୁ ପ୍ରବୋଧ ଦେଇ ଅତିଥିସେବା କଲାପରେ ଚିତ୍ର-ଗ୍ରୀବ ତାଙ୍କୁ ଆଲିଙ୍ଗନ କରି ବିଦାୟ ହୋଇ ସପରି-ବାରରେ ଆପଣା ଇଷ୍ଟ ଦେଶକୁ ଗଲା ଏବଂ ହିରଣ୍ୟକ ଆପଣା ଗର୍ତ୍ତରେ ପ୍ରବେଶ କଲା । ଅତଏବ ଲୋକେ ଶତ ୨ ମିତ୍ର କରିବେ ; ଦେଖ, ମୂଷିକ ମିତ୍ରତାରେ କପୋତମାନେ ବନ୍ଧନରୁ ମୁକ୍ତ ହେଲେ ।

# ପାଠ ୭୦ ।

## ମିତ୍ରଲାଭର ୩ୟ ଭାଗ ।

### କପଟୀ ଓ ସତ୍ୟପରାୟଣ ମିତ୍ର ।

ଭକ୍ଷ୍ୟ ଆଉ ଭକ୍ଷକର ପ୍ରୀତି ବିପଦର କାରଣ ଅଟେ । ଶୃଗାଳ ମନ୍ତ୍ରଣାରେ, ପାଶରେ ବଦ୍ଧ ମୃଗ କାକଦ୍ୱାରା ଉଦ୍ଧୃତ ହେଲା । କାକ ପ୍ରଶ୍ନ କଲା, ସେ କି ପ୍ରକାର ? ହିରଣ୍ୟକ କହିଲା ।

ମଗଧ ଦେଶରେ ଚମ୍ପକବତୀ ନାମରେ ଏକ ବନ ଅଛି, ତହିଁରେ ମୃଗ ଏବଂ କାକ ଦୁଇ ଜଣ ଚିରକାଳରୁ ଅତି ସ୍ନେହରେ ବାସ କରୁଥିଲେ । ସେ ମୃଗ ସ୍ୱେଚ୍ଛାରେ ଭ୍ରମଣ କରୁଥିବା ସମୟରେ ତାଙ୍କୁ କୌଣସି ଶୃଗାଳ ହୃଷ୍ଟପୁଷ୍ଟାଙ୍ଗ ଦେଖି ଏହି ପ୍ରକାରେ ଚିନ୍ତା କଲା, ଆଃ କିପରି ଏହି ସୁଲ-ଲିତ ମାଂସ ଖାଇ ପାରିବି? ଯାହା ହେଉ, ଏହି ମୃଗ ଅନ୍ତଃକରଣରେ ବିଶ୍ୱାସ ଜନ୍ମାଇବି । ଏହି ପରାମର୍ଶ କରି ନିକଟକୁ ଯାଇ କହିଲା, ହେ ମିତ୍ର ମୃଗ! ତୁମ୍ଭର ମଙ୍ଗଳ ହେଉ । ମୃଗ କହିଲା ତୁମ୍ଭେ କିଏ ? ଶୃଗାଳ ତଦୁତ୍ତରରେ କହୁଅଛି, ମୁଁ କ୍ଷୁଦ୍ରବୁଦ୍ଧି ନାମକ ଶୃଗାଳ ଅଟେଁ । ଏହି ବନରେ ବନ୍ଧୁହୀନ ଆଉ ମୃତ ସମାନ ହୋଇ ବାସ କରୁଅଛି, ଏବେ ମୁଁ ସର୍ବଦା ତୁମ୍ଭର ଅନୁଚର ହୋଇ ରହିବି । ମୃଗ କହିଲା, ଉତ୍ତମ; ତାହାହିଁ ହେଉ । ତଦନନ୍ତର ସୂର୍ଯ୍ୟ ଅସ୍ତ ହେଲାଉତ୍ତାରେ ସେ ଦୁହେଁ ମୃଗର ବାସସ୍ଥାନକୁ ଗଲେ । ସେଠାରେ ଚମ୍ପକ ବୃକ୍ଷ ଶାଖାରେ ମୃଗର ଚିରମିତ୍ର ସୁବୁଦ୍ଧି ନାମକ କାକ ରହୁଥାଏ । ମୃଗ ଜମ୍ବୁକ ଏ ଦୁହିଙ୍କି ଦେଖି କାକ କହିଲା, ହେ ମିତ୍ର ! ଏହି ଦ୍ୱିତୀୟ ବ୍ୟକ୍ତି କିଏ ? ମୃଗ ଉତ୍ତର କଲା, ଏ ଜମ୍ବୁକ ଅଟେ, ଆମ୍ଭ ସଙ୍ଗେ ମିତ୍ରତା ବାଞ୍ଛାକରି ଆସିଅଛି । କାକ କହିଲା, ହେ ବନ୍ଧୋ ! ଅକସ୍ମାତ ଆଗନ୍ତୁକ ସଙ୍ଗେ ମିତ୍ରତା କରିବା ଯୁକ୍ତିଯୁକ୍ତ ନୁହେ ।

ଶୃଗାଲ ଏହି କଥା ଶୁଣି କ୍ରୋଧରେ କହିଲା, ଆପଣ ମଧ୍ୟ ମୃଗର ପ୍ରଥମ ଦର୍ଶନ ଦିନ ଅଜ୍ଞାତ କୁଳଶୀଳ ଥିଲେ, ତେବେ କି ପ୍ରକାରେ ଆପଣ ଓ ମୃଗ ଦୁହିଙ୍କର ପରସ୍ପର ପ୍ରୀତିବୃଦ୍ଧି ହୋଇଅଛି । ଏହି ମୃଗ ଯେପରି ଆମ୍ଭର ସଖା, ଆପଣ ସେହିପରି ଆମ୍ଭର ସଖା । ମୃଗ କହିଲା, ଏହି ଉତ୍ତର ପ୍ରତ୍ୟୁତ୍ତରରେ ପ୍ରୟୋଜନ କି? ସମସ୍ତେ ଏକତ୍ର ପ୍ରେମାଳାପରେ ବାସ କରିବା, ହେତୁ କି ସ୍ୱଭାବାନୁସାରେ କେହି କାହାର ଶତ୍ରୁ ନୁହେ; ମାତ୍ର, ଆଚରଣ ଦ୍ୱାରା ମିତ୍ର ଶତ୍ରୁ ହୁଅନ୍ତି । ତହିଁରେ କାକ ସମ୍ମତ ହେଲା ।

ଅନନ୍ତର ପ୍ରଭାତରେ ସମସ୍ତେ ସ୍ୱ ସ୍ୱ ଇଷ୍ଟ ଦେଶକୁ ଗଲେ । ତହିଁରେ ଦିନକରେ ଜମ୍ବୁକ ମୃଗକୁ ଗୋପନରେ କହୁଅଛି, ହେ ମିତ୍ର ମୃଗ! ଏହି ବନ ମଧ୍ୟରେ କୌଣସିଠାରେ ଶସ୍ୟପୂର୍ଣ୍ଣ ଗୋଟାଏ କ୍ଷେତ୍ର ଅଛି, ତାହା ଆମ୍ଭେ ତୁମ୍ଭଙ୍କୁ ଦେଖାଇବୁଁ ; ଏହା କହି ମୃଗକୁ ସେହି କ୍ଷେତ୍ର ଦେଖାଇଲା । ତହୁଁରେ ମୃଗ ପ୍ରତିଦିନ ସେଠାକୁ ଯାଇ ଶସ୍ୟ ଖାଉଥାଏ । ଅନନ୍ତର କ୍ଷେତ୍ରସ୍ୱାମୀ ଆପଣା କ୍ଷେତ୍ର ଦେଖି ପାଶ ବସାଇଲା । ତହିଁଉତ୍ତାରେ ମୃଗ ପୁନର୍ବାର ଆସି ସେହି ପାଶରେ ବଦ୍ଧ ହୋଇ ଏହି ପ୍ରକାରେ ଚିନ୍ତା କଲା କି, ଆମ୍ଭର ଯମପାଶତୁଲ୍ୟ ଏହି ବ୍ୟାଧର ପାଶରୁ ଉଦ୍ଧାର କରିବାପାଇଁ ମିତ୍ର ବ୍ୟତିରେକେ କେହି ସମର୍ଥ ଅଛି? ତହୁଁରେ ଜମ୍ବୁକ ସେଠାରେ ଉପସ୍ଥିତ ହୋଇ ଭାବନା କଲା କି ଏତେ ଦିନରେ ଆମ୍ଭ କପଟଦ୍ୱାରା ମନୋରଥ ସିଦ୍ଧ ହୋଇଅଛି । କାରଣ କି ଯେତେବେଳେ ଏହି ମୃଗର ମାଂସ-ଚ୍ଛେଦନ ହେବ ତେତେବେଳେ ରକ୍ତଲିପ୍ତ ଅସ୍ଥି ଅବଶ୍ୟ ଆମ୍ଭଙ୍କୁ ମିଳିବ । ମୃଗ ଜମ୍ବୁକକୁ ଦେଖି ଅହ୍ଲାଦିତ ହୋଇ କହୁଅଛି, ସଖେ ଶୃଗାଳ, ଆମ୍ଭ ବନ୍ଧନଚ୍ଛେଦନ କରି ଶୀଘ୍ର ରକ୍ଷା କର । କାରଣ ଆପଦ୍ କାଳରେ ମିତ୍ର ଚିହ୍ନା ଯାଏ, ଯୁଦ୍ଧରେ ବୀର, ଋଣରେ ଶୁଚି, ନିର୍ଦ୍ଧନୀ ହେଲେ ଭାର୍ଯ୍ୟା, ଆଉ ବ୍ୟସନରେ ବନ୍ଧୁ ଚିହ୍ନା ଯାଏ । ଶୃଗାଲ ପାଶ ଦେଖି ପୁନଃ ପୁନଃ ଏହି ପ୍ରକାର ଚିନ୍ତା କରୁଥିଲା ଯେ "ଏହି ବନ୍ଧନ ଦୃଢ଼" । ଆଉ ପ୍ରକାଶ୍ୟରେ କହିଲା

ହେ ମିତ୍ର ! ଏହି ପାଶ ଚର୍ମ୍ମରଚିତ, ଅଦ୍ୟରବିବାରରେ କିରୂପେ ତାହା ଦନ୍ତରେ ଛୁଇଁବି ? ସଖେ ! ଯଦ୍ୟପି ଅନ୍ତଃକରଣରେ ଅନ୍ୟଥା ବିଚାର ନ କର ତେବେ କାଲି ସକାଳେ ତୁମ୍ଭେ ଯାହା କହିବ ତାହା ମୁଁ କରିବି । ଅନନ୍ତର ସୁବୁଦ୍ଧି ନାମକ କାକ ସନ୍ଧ୍ୟା ସମୟରେ ମୃଗର ଆଗମନ ନ ଦେଖି ତାକୁ ଇତସ୍ତତଃ ଅନ୍ୱେଷଣ କଲା, ଏବଂ ତାହାକୁ ପାଶରେ ବଦ୍ଧ ଦେଖି କହିଲା, ସଖେ ଏ କି ? ମୃଗ ଉତ୍ତର କଲା ହେ ମିତ୍ର, ବନ୍ଧୁ ବାକ୍ୟ ଅବଜ୍ଞା କରିବାର ଫଳ ଏହି । ଉକ୍ତ ଅଛି, ହିତାଭିଳାଷୀ ମିତ୍ରର ବାକ୍ୟ ଯେ ନ ଶୁଣେ ତାହାର ବିପଦ ଅତି ନିକଟ, ଆଉ ସେ ଲୋକ ଶତ୍ରୁର ଆନନ୍ଦ ଜନ୍ମାଏ । କାକ କହିଲା, ସେ ପ୍ରବଞ୍ଚକ ଶୃଗାଳ କେଉଁଠାରେ ? ମୃଗ କହିଲା, ସେ ଆମ୍ଭ ମାଂସ ଭୋଜନ କରିବା ଅଭିପ୍ରାୟରେ ଏଠାରେ ଲୁଚି ରହିଅଛି । କାକ କହିଲା ଆମ୍ଭେ ପୂର୍ବରୁ କହିଥିଲୁଁ ; ସେ ବିଶ୍ୱାସର ପାତ୍ର ନ ଥିଲା, ହେତୁ କି ଖଳଠାରୁ ଗୁଣବାନ୍ ଲୋକଙ୍କର ମଧ୍ୟ ଭୟ ଥାଏ ।

କାକ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା, ଆରେ ବଞ୍ଚକ ଶୃଗାଳ, ତୁ ପାପିଷ୍ଠ କି କର୍ମ କରିଅଛୁ ? ମଶା ଯେରୂପେ ପ୍ରଥମେ ପାଦତଳେ ପଡ଼େ ପଶ୍ଚାତ୍ ପୃଷ୍ଠ ମାଂସ ଖାଏ, ପରେ କର୍ଣ୍ଣରେ ମନ୍ଦ ୨ ଆଶ୍ଚର୍ଯ୍ୟ ଶବ୍ଦ କରେ ଓ ତହିଁରେ ଛିଦ୍ର ନିରୂପଣ କରି ନିର୍ଭୟ ରୂପେ ଅକସ୍ମାତ୍ ପ୍ରବେଶ କରେ, ଶଠ ଲୋକମାନେ ଠିକ୍ ସେହିପରି କରିଥାନ୍ତି । ଶଠମାନଙ୍କର ସ୍ୱଭାବ ମଶକଠାରେ ପୂର୍ଣ୍ଣରୂପେ ଦେଖା ପଡ଼େ । ଏଥିଉତ୍ତାରେ ପ୍ରାତଃକାଳରେ କ୍ଷେତ୍ରପତି ହାତରେ ଲଗୁଡ଼ ଘେନି ସେ ସ୍ଥାନକୁ ଆସୁଅଛି, ଏହା ଦେଖି କାକ କହିଲା, ହେ ମିତ୍ର ମୃଗ, ତୁମ୍ଭେ ନିଃଶ୍ୱାସ ରୁଦ୍ଧ କରି ପେଟ ଫୁଲାଇ ପାଦ ସ୍ତବ୍ଧ କରି ମୃତ ଶରୀର ପ୍ରାୟ ହୋଇ ରହ, ଆମ୍ଭେ ତୁମ୍ଭ ଚକ୍ଷୁକୁ ଥଣ୍ଟରେ ଆଘାତ କରୁଥିବୁଁ ତହିଁରେ ଯେତେବେଳେ ଆମ୍ଭେ ଶବ୍ଦ କରିବୁଁ ସେତେବେଳେ ତୁମ୍ଭେ ଉଠି ବେଗେ ପଳାଇ ଯିବ । ତହିଁରେ କାକ କଥାନୁସାରେ ମୃଗ ସେହି ପ୍ରକାର କଲା । ତହିଁରେ ଆନନ୍ଦରେ ପ୍ରଫୁଲ୍ଲିତ ନୟନ ହୋଇ କ୍ଷେତ୍ରସ୍ୱାମୀ ମୃଗକୁ

ସେପ୍ରକାର ଦେଖି ଅଃ ଅପେ ମର ଯାଉଅଛୁ ଏହା କହି ବନ୍ଧନ ଫିଟାଇ ପ୍ରାଣ ଛୋଲିବା ନିମନ୍ତେ ସତ୍ୱର ହୁଅନ୍ତେ ମୃଗ କାକର ଶବ୍ଦ ଶୁଣି ହଠାତ୍ ଉଠି ପଳାଇ ଗଲା, ଏବଂ କ୍ଷେତ୍ରପତ୍ତି ମୃଗ ଉଦ୍ଦେଶରେ ବାଡ଼ି ଫୋପାଡ଼ନ୍ତେ ତଦ୍ୱାରା ଶୃଗାଳ ନଷ୍ଟ ହେଲା । ପଣ୍ଡିତ ଲୋକମାନେ କହନ୍ତି କି ଅତ୍ୟନ୍ତ ବଡ଼ ପାପ କିମ୍ବା ପୁଣ୍ୟର ଫଳ ତିନି ଦିନ କିମ୍ବା ତିନି ପକ୍ଷ କିମ୍ବା ତିନି ମାସରେ ନହୁବା ତିନି ବର୍ଷ ମଧ୍ୟରେ ଅବଶ୍ୟ ଇହଲୋକରେ ଭୋଗ କରାଯାଏ ।

---

## ପାଠ ୭୯ ।

## ପୁରାତନ ବୈଦିକ ଓ ବ୍ରାହ୍ମଣିକ ଯୁଗ ।

ପୂର୍ବବର୍ତ୍ତୀ ପାଠରେ ସର୍ବ ପ୍ରାଚୀନ ଓ ମୁଖ୍ୟ ବେଦ ଋଗ୍ବେଦ ବିଷୟ ପାଠ କରିଅଛ ଓ ତହିଁରୁ ଆର୍ଯ୍ୟମାନଙ୍କର ପ୍ରାଚୀନ ଇତିହାସର ବିବରଣ ଯାହା ଯାହା ଆମ୍ଭଙ୍କୁ ମିଳିଅଛି ତାହା ମଧ୍ୟ ତୁମ୍ଭେମାନେ ଅବଗତ ହୋଇଅଛ । ଏତଦ୍ଭିନ୍ନ ଅନ୍ୟାନ୍ୟ ବେଦମାନ ମଧ୍ୟ ଅଛି; ଏବଂ ସେହି ବେଦର ପରେ କେତେକ ଗଦ୍ୟ ଗ୍ରନ୍ଥ ମଧ୍ୟ ଲିଖିତ ହୋଇ ଯାଇଅଛି । ଏହି ପାଠରେ ଉକ୍ତ ଗ୍ରନ୍ଥମାନ ଓ ତହିଁରୁ ଭାରତବାସିମାନଙ୍କର ଗତି ସ୍ଥିତି, ନୀତି ପଦ୍ଧତିର ବିବରଣ ସମ୍ବନ୍ଧରେ ଯାହା ଯାହା ଜଣା ପଡ଼ିଅଛି ସେ ସମସ୍ତ ଲିଖିତ ହେବ ।

ବେଦ ଶବ୍ଦର ଅର୍ଥ ଜ୍ଞାନ ଅଟେ ଏବଂ ବେଦକୁ ହିନ୍ଦୁମାନେ ଈଶ୍ୱରଙ୍କ ବକ୍ତତା ବୋଲି ବୋଧ କରନ୍ତି । ସହସ୍ରାଧିକ ସ୍ତୋତ୍ରବିଶିଷ୍ଟ ଋଗ୍ବେଦ ଭିନ୍ନ ସାମ, ଯଜୁଃ, ଅଥର୍ବ ବେଦ ମଧ୍ୟ ଅଛି । ଋଗ୍ବେଦର ଯେଉଁ ସମସ୍ତ ଋଙ୍

ସୋମ ଯଜ୍ଞ ସମୟ୍ଗରେ ପଠିତ ହେଉଥିଲା ସେହି ସମସ୍ତ ସଂଗୃହିତ ହୋଇ ସାମବେଦ ଗଠିତ ହୋଇଅଛି । ତୁମ୍ଭେମାନେ ପାଠ କରିଅଛ ଯେ ସୋମରସ ଏକପ୍ରକାର ଈଶ୍ୱର-ଦତ୍ତ ମଦିରା ଅଟେ ଏବଂ ଏହାକୁ ହିନ୍ଦୁମାନେ ପବିତ୍ର ଜ୍ଞାନ କରି ପାନ କରୁଥିଲେ । ଋଗ୍ବେଦର ଯେଉଁ ୨ ସ୍ତୋତ୍ରମାନ ବିଶେଷ୨ ଯଜ୍ଞରେ ପଠିତ ହେଉଥିଲା କେବଳ ସେହି ସ୍ତୋତ୍ରମାନ ଯେ ଯଜୁର୍ବେଦରେ ଅଛି ଏମନ୍ତ ନୁହେ ; ବରଂ ତହିଁରେ କେତେକ ଗଦ୍ୟ ବାକ୍ୟ ମଧ୍ୟ ମିଶ୍ରିତ କରା ଯାଇଅଛି । ଅଥର୍ବ ବେଦ, ଋଗ୍ବେଦର ଶେଷାଂଶର ଅପେକ୍ଷାକୃତ ଅଳ୍ପ ପୁରାତନ ସ୍ତୋତ୍ରରେ ସଂଗଠିତ । ଏଥିରେ ପ୍ରାଚୀନ ରୀତିର କେତେକ ମନ୍ତ୍ର ମଧ୍ୟ ସନ୍ନିବିଷ୍ଟ ଅଛି । ବେଦମାନଙ୍କ ମଧ୍ୟରେ ଏହାହିଁ ଅନ୍ତିମ ବେଦ ଅଟେ । ପ୍ରତ୍ୟେକ ବେଦ ସଙ୍ଗରେ ବ୍ରାହ୍ମଣ ନାମକ ଅନ୍ୟ ଗୋଟିଏ ଗ୍ରନ୍ଥ ମଧ୍ୟ ସମ୍ମିଳିତ ଅଛି । ଲୌକିକ ବିଶ୍ୱାସରେ ବେଦପରି ଏହି ଗ୍ରନ୍ଥମାନ ମଧ୍ୟ ସ୍ୱୟଂ ଈଶ୍ୱରଙ୍କଠାରୁ ଆସିଅଛି । ବେଦ ଓ ବ୍ରାହ୍ମଣ ଉଭୟ ସ୍ଥଳରେ ଶ୍ରୁତିର ବ୍ୟବହାର ଅଛି । ଶ୍ରୁତି ଶବ୍ଦର ଅର୍ଥ ଈଶ୍ୱରଙ୍କଠାରୁ ଶ୍ରୁତ ହୋଇଥିବା ବାକ୍ୟ ଅଟେ । ବେଦ ଓ ବ୍ରାହ୍ମଣ ମଧ୍ୟରେ ଏତିକି ପ୍ରଭେଦ ଅଛି ଯେ ବେଦ ଶ୍ଳୋକରେ ଓ ବ୍ରାହ୍ମଣ ଗଦ୍ୟରେ ଲିଖିତ । ଯଜ୍ଞବିଧି ବୁଝାଇବା ଓ ପୁରୋହିତମାନଙ୍କର କର୍ତ୍ତବ୍ୟ କର୍ମ ଦେଖାଇବା ଉଦ୍ଦେଶ୍ୟରେ ଏହି ଗ୍ରନ୍ଥମାନ ରଚିତ ହୋଇଥିଲା । ଏହି ବ୍ରାହ୍ମଣମାନଙ୍କ ସଙ୍ଗରେ ପରେ ସୂତ୍ରମାନ ମଧ୍ୟ ସମ୍ମିଳିତ କରାଗଲା । ଏହାର ଅର୍ଥ ଗୂଢ ବାକ୍ୟମାନଙ୍କର ସୂତ୍ର ବା ଡୋର । ଏହି ସୂତ୍ରମାନଙ୍କରେ ରୀତି ଓ ପଦ୍ଧତିର ବିବରଣ ଲିଖିତ ହୋଇଅଛି । ଏହାର ପରେ ଉପନିଷଦ୍ ଓ ଆରଣ୍ୟକ ଓ ତାହାର ବହୁଦିନ ପରେ ପୁରାଣ ଲିଖିତ ହୋଇଅଛି । ଉପନିଷଦରେ ଜୀବାତ୍ମା ଓ ପରମାତ୍ମା ବିଷୟ, ଆରଣ୍ୟକରେ ବନଯୋଗିମାନଙ୍କ ନିମନ୍ତେ ଅଜ୍ଞାବଳି ଏବଂ ପୁରାଣରେ ପ୍ରାଚୀନ ଗଳ୍ପମାନ ବର୍ଣ୍ଣିତ ହୋଇଅଛି । ମାତ୍ର ଏହି ସୂତ୍ର ପ୍ରଭୃତି ବେଦ ଓ ବ୍ରାହ୍ମଣଠାରୁ ଭିନ୍ନ ଭିତ୍ତି ଉପରେ ଲିଖିତ । ବେଦ

ଓ ବ୍ରାହ୍ମଣକୁ ଶ୍ରୁତ ଅର୍ଥାତ୍ ଈଶ୍ୱର-ଶ୍ରୁତ-ବାକ୍ୟ କହନ୍ତି ; ମାତ୍ର ସୂତ୍ର ପ୍ରଭୃତି ସ୍ମୃତି ନାମରେ ଅଭିହିତ । ସ୍ମୃତି ଶବ୍ଦର ଅର୍ଥ ସ୍ମରଣ ଥିବା ବିଷୟମାନ ଅଟେ । ବେଦ ଓ ବ୍ରାହ୍ମଣ ଯେପରି ବ୍ରହ୍ମବାଣୀ ବୋଲି ଗୃହୀତ ହୁଅନ୍ତି ସୂତ୍ରାଦି ସେପରି ଭାବରେ ପରିଗଣିତ ହୁଅନ୍ତି ନାହିଁ ; ବରଂ ମନୁଷ୍ୟବାଣୀ ବୋଲି ପରିଗଣିତ । ବର୍ତ୍ତମାନ ତୁମ୍ଭେମାନେ ଅବଗତ ହୋଇ ପାରିଥିବ ଯେ ବେଦରୁ ଯେ କେବଳ ପ୍ରାଥମିକ ଆର୍ଯ୍ୟମାନଙ୍କର ଇତିହାସ ଜଣା ପଡ଼ଇ ଏମନ୍ତ ନୁହେ ବରଂ ତହିଁରୁ ସେମାନଙ୍କର ସଭ୍ୟତା, ଧର୍ମ, ରୀତି, ନୀତି ମଧ୍ୟ ଜଣା ପଡଇ । ସେହି ପରି ବ୍ରାହ୍ମଣ ଓ ତତ୍ପରବର୍ତ୍ତୀ ପଦ୍ୟ ଗ୍ରନ୍ଥମାନଙ୍କରୁ ଆର୍ଯ୍ୟମାନେ ପରେ ଯେଉଁ ଉନ୍ନତି ଲାଭ କରିଥିଲେ ତାହା ଅବଗତ ହୋଇପାରୁଁ ।

ଆର୍ଯ୍ୟମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରି ଜାତିରେ ବିଭକ୍ତ ହୋଇଯିବା ଗୋଟିଏ ମହାନ୍ ପରିବର୍ତ୍ତନ ଅଟେ । ଭିନ୍ନ ୨ ଜାତିକୁ ଭିନ୍ନ ୨ କାର୍ଯ୍ୟ କରିବାକୁ ହେଉଥିଲେହେଁ ସର୍ବାଦୌ ଆର୍ଯ୍ୟମାନଙ୍କ ମଧ୍ୟରେ ଜାତି ଭେଦ ନ ଥିଲା । ଗୃହସ୍ୱାମୀ ଏକାକୀହିଁ ପୁରୋହିତ, ସୈନିକ ଓ କୃଷକର କାର୍ଯ୍ୟ କରୁଥିଲେ । ଏହି ପ୍ରଥା ମଧ୍ୟ ରହିତ ହୋଇଗଲା ; ଓ ତତ୍ପରବର୍ତ୍ତିରେ ଅନ୍ୟ ଗୋଟିଏ ବିଶେଷ ବିଧି ପ୍ରଚଳିତ ହେଲା । ଏହି ବିଧି ଅନୁସାରେ ଧର୍ମ-କାର୍ଯ୍ୟ ବ୍ରାହ୍ମଣମାନଙ୍କ ପାଇଁ, ଯୁଦ୍ଧ-କାର୍ଯ୍ୟ କ୍ଷତ୍ରିୟମାନଙ୍କ ପାଇଁ, କୃଷି-କାର୍ଯ୍ୟ ବୈଶ୍ୟମାନଙ୍କ ପାଇଁ ଏବଂ ନୀଚ-କାର୍ଯ୍ୟମାନ ଶୂଦ୍ରମାନଙ୍କ ପାଇଁ ସଂରକ୍ଷିତ ହେଲା । ଏବମ୍ବିଧ ଜାତିଭେଦରୁ କେବଳ ବ୍ରାହ୍ମଣମାନେହିଁ ଶ୍ରେଷ୍ଠତା ପ୍ରାପ୍ତ ହେଲେ ଏବଂ ତାହା ଅଦ୍ୟାବଧି ଚଳି ଆସୁଅଛି । ବ୍ରାହ୍ମଣିକ ଯୁଗର ପ୍ରାରମ୍ଭରେ ଭାରତବର୍ଷର ଅବସ୍ଥା କିପରି ଥିଲା, ବର୍ତ୍ତମାନ ଏହି ପାଠରେ ବର୍ଣ୍ଣିତ ହେବ ।

ବ୍ରାହ୍ମଣମାନେ କହନ୍ତି ସର୍ବ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କଠାରୁ ବ୍ରାହ୍ମଣାଦି ଜାତି ଚତୁଷ୍ଟୟ ନିର୍ଗତ ହୋଇଅଛି ; ବ୍ରାହ୍ମଣ ତାଙ୍କ ମୁଖରୁ, କ୍ଷତ୍ରିୟ କରତଳରୁ,

ବୈଶ୍ୟ ଉଦରରୁ ଓ ଶୂଦ୍ର ଚରଣରୁ ଉଦ୍ଭୂତ । ବ୍ରାହ୍ମଣମାନଙ୍କର ଏହି ଉପଦେଶ ଏକ ପ୍ରକାର ସତ୍ୟ ଅଟେ ଏବଂ ଏହା କେବଳ କବିମାନଙ୍କର କହିବା ବୃତ୍ତିର ଅଟେ । ପ୍ରକୃତରେ ସେମାନଙ୍କ ଉପଦେଶରେ ଏହି କଥା ସାର ଥିଲା ଯେ ବ୍ରାହ୍ମଣମାନେ ବୁଦ୍ଧିମାନ, କ୍ଷତ୍ରିୟମାନେ ଶୂର, ବୈଶ୍ୟମାନେ ଖାଦ୍ୟ-ଉପାର୍ଜନକାରୀ ଓ ଶୂଦ୍ରମାନେ ଆର୍ଯ୍ୟ-ସେବକ ଥିଲେ । ବ୍ରାହ୍ମଣମାନଙ୍କର ଜୀବନ ଚାରି ଶ୍ରେଣୀରେ ବିଭକ୍ତ ଥିଲା; (ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଏବଂ ସନ୍ୟାସ) । ପ୍ରଥମ ବାଲ୍ୟ ଓ ପ୍ରାଗ୍‌ଗୃହସ୍ଥାଶ୍ରମ; ଏଥିରେ ଗୁରୁଙ୍କ ସେବା କରି ବେଦପଠନ କରିବାକୁ ହେଉଥିଲା ଏବଂ ତାହାଙ୍କଠାରୁ ଶିକ୍ଷା ଗ୍ରହଣ କରି ଈଶ୍ୱରଙ୍କ ପବିତ୍ର ମର୍ମ ଗ୍ରହଣ କରିବା ବ୍ରାହ୍ମଣମାନଙ୍କର କାର୍ଯ୍ୟ ଥିଲା । ୨ୟ ଗୃହସ୍ଥାଶ୍ରମ ଅର୍ଥାତ୍ ସ୍ତ୍ରୀସହ ନିବାସ ଓ ଗୃହସ୍ଥ କାର୍ଯ୍ୟ କରଣ । ୩ୟ ଗୃହସ୍ଥାଶ୍ରମ ପରିତ୍ୟାଗ ପୂର୍ବକ ଜଙ୍ଗଲରେ ଯୋଗୀରୂପେ ବାସ ଏବଂ ଚତୁର୍ଥ ସନ୍ୟାସ ଅର୍ଥାତ୍ ସନ୍ୟାସୀରୂପେ ବାସକରଣ ।

ବ୍ରାହ୍ମଣ ଯୁଗର ପ୍ରାରମ୍ଭରେ ଏବଂ ସେମାନଙ୍କର ଧର୍ମ ଜୀର୍ଣ୍ଣ ଓ ବିକୃତ ହେବା ପୂର୍ବରେ ଭାରତ ଇତିହାସର ଗୋଟିଏ ବିଖ୍ୟାତ ଯୁଗଥିଲା । ଏହା ପ୍ରାୟ ଆଠଶତ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥିଲା ଏବଂ ଏହି ସମୟ ମଧ୍ୟରେ ବେଦାନ୍ତ, ତତ୍ତ୍ୱଜ୍ଞାନ, ଜ୍ୟୋତିଷ, ବୈଦ୍ୟଶାସ୍ତ୍ର ଓ ସଙ୍ଗୀତ ଶାସ୍ତ୍ରର ପୂର୍ଣ୍ଣ ବିସ୍ତାର ହେଲା ଓ ଗୋଟିଏ ବୃହତ୍ ସାହିତ୍ୟ ମଧ୍ୟ ଉତ୍ପନ୍ନ ହେଲା ।

ବେଦାନ୍ତ ଧର୍ମଶାସ୍ତ୍ରରେ ବ୍ରାହ୍ମଣମାନେ ପ୍ରାଚୀନ ଆର୍ଯ୍ୟମାନଙ୍କର କାରଣ ବିଶେଷରୁ ଅପଭ୍ରଷ୍ଟ ହୋଇଥିବା ବିଧିମାନ ସଂଶୋଧନ କଲେ । ସେମାନେ ଉତ୍ତମରୂପେ ନିଶ୍ଚିତ ହୋଇଥିଲେ ଯେ ପ୍ରାଥମିକ ସମୟର ତ୍ରୟସ୍ତ୍ରିଂଶ ଦେବତାଗୁଡ଼ିକ ସ୍ୱାଭାବିକ ଶକ୍ତି ସମୂହମାତ୍ର ଏବଂ ଏହାମଧ୍ୟ ହୃଦବୋଧ କଲେ ଯେ ଅନ୍ୟ ଗୋଟିଏ ମହାପୁରୁଷ ଏମାନଙ୍କର କର୍ତ୍ତାସ୍ୱରୂପ ଅଛନ୍ତି । ଏଣୁକରି ସେମାନେ ଏକେଶ୍ୱର ଉପାସନା କରିବାକୁ ସକ୍ଷମ ହେଲେ ଏବଂ ତାହାଙ୍କୁ ସେମାନେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏହି ତ୍ରିବିଧରୂପରେ ମାନିଲେ ; ଅର୍ଥାତ୍

ବ୍ରହ୍ମା ସୃଷ୍ଟିକର୍ତ୍ତା, ବିଷ୍ଣୁ ପାଳନକର୍ତ୍ତା, ମହେଶ ନାଶକର୍ତ୍ତା ଓ ପୁନର୍ଜନ୍ମ ଦାତା । ହେଲେହେଁ ସାଧାରଣ ଅଶିକ୍ଷିତ ଲୋକମାନେ ଯେ ଏକେଶ୍ୱରଙ୍କୁ ଉକ୍ତ ତ୍ରିବିଧରୂପରେ ଭାବନା କରୁଥିଲେ ଏପରି ବିଚାର କରିବା କେବଳ ଭ୍ରମାତ୍ମକ ଅଟେ । କାରଣ ସେମାନେ ପୂର୍ବପରି ଅନେକାନେକ ଦେବତାଙ୍କୁ ପୂଜା କରୁଥିଲେ ଏବଂ ଦିନକୁଦିନ ସ୍ଥାନୀୟ ଦେବତା ଓ ନୂତନ ଅବତାରମାନଙ୍କ ସଂଖ୍ୟା ବଢାଇ ଯାଉଥିଲେ । ତଥାପି ଏଥିରେ ବ୍ରାହ୍ମଣମାନଙ୍କ ବେଦାନ୍ତର ମହିମା କିଞ୍ଚିନ୍ମାତ୍ର ହ୍ରାସ ହେଲା ନାହିଁ ।

ବ୍ରାହ୍ମଣମାନେ ତତ୍ତ୍ୱଜ୍ଞାନକୁ ଷଡ଼୍‌ଦର୍ଶନ ଅର୍ଥାତ୍ ଛଅ ଗୋଟି ବିଦ୍ୟା ଦର୍ପଣରେ ବିଭକ୍ତ କଲେ । ସେମାନେ ଖ୍ରୀଷ୍ଟ ପୂର୍ବ ୩୫୦ ଅବ୍ଦରେ ଗୋଟିଏ ସଂସ୍କୃତ ବ୍ୟାକରଣ ମଧ୍ୟ ରଚନା କଲେ; ବୈଦିକ ଭାଷା ଛଡ଼ା ସଂସ୍କୃତ ନାମକ ଗୋଟିଏ ବିଶୁଦ୍ଧ ଭାଷାକୁ କାର୍ଯ୍ୟରେ ଲଗାଇଲେ । ମାତ୍ର ସାଧାରଣ ଲୋକମାନେ ପ୍ରାକୃତନାମକ ଅନ୍ୟ ଏକ ପ୍ରକାର ସରଳ ସଂସ୍କୃତ ବୋଲୁଥିଲେ । ଏହି ପ୍ରାକୃତ ଭାଷାରୁ ଉତ୍ତର ଭାରତବର୍ଷର ତାବତୀୟ ଭାଷାମାନ (ଏବଂ ଆମ୍ଭମାନଙ୍କର ଏହି ଉତ୍କଳ ଭାଷା ମଧ୍ୟ) ଉତ୍ପନ୍ନ ହୋଇଅଛି ।

ବ୍ରାହ୍ମଣମାନଙ୍କ ପୁସ୍ତକମାନ ସଂସ୍କୃତ ଭାଷାରେ ଲିଖିତ ହୋଇଥିଲା ଏବଂ ସେମାନେ କେବଳ ଧର୍ମ୍ମବିଧିମାନଙ୍କର ଅନୁଷ୍ଠାନ ସମୟରେ ଏହି ଭାଷାର ବ୍ୟବହାର କରୁଥିଲେ; ଏଣୁକରି ସଂସ୍କୃତ ଭାଷା ଶୀଘ୍ର ଅପ୍ରଚଳିତ ହୋଇଗଲା ।

ଜ୍ୟୋତିଷ ବିଦ୍ୟାରେ ବ୍ରାହ୍ମଣମାନେ ଇଉରୋପୀୟ ଜାତିମାନଙ୍କଠାରୁ ଶ୍ରେଷ୍ଠଥିଲେ । ପ୍ରାୟ ତ୍ରିସହସ୍ରାଧିକ ବର୍ଷ ପୂର୍ବରୁ ସେମାନେ ସୌର ବର୍ଷକୁ ସାଧାରଣ ଖାତରେ ଓ ବିଶୁଦ୍ଧ ଭାବରେ ୩୬୦ ଦିନରେ ବିଭକ୍ତ କରିଥିଲେ । ଏତଦ୍ୱାରା କେବଳ ପାଞ୍ଚ ଦିନର ପ୍ରଭେଦ ପଡୁଥିଲା । ଏଣୁକରି ସେମାନେ ପ୍ରତ୍ୟେକ ପଞ୍ଚମ ବର୍ଷକୁ ଅଧିବର୍ଷ ଜ୍ଞାନ କରି ପୂରଣ କଲେ ।

ବ୍ରାହ୍ମଣମାନେ ପଦାର୍ଥବିଜ୍ଞାନଠାରୁ ବୈଦ୍ୟ ବିଦ୍ୟାକୁ ଶ୍ରେଷ୍ଠତର ମଣୁଥିଲେ । ଏହା ଉପବେଦ ବା ପରବର୍ତ୍ତୀ ଈଶ୍ୱରବାଣୀ ବୋଲି କଥିତ । ଯେତେବେଳେ ସେମାନେ ଯଜ୍ଞ ସମୟରେ ଜୀବ ହତ୍ୟାକରି ନିଜ ନିଜ ଦେବତାମାନଙ୍କ ନିକଟରେ ଅର୍ପଣ କରୁଥିଲେ, ତେତେବେଳେ ସେମାନଙ୍କୁ ପ୍ରାଣିଶରୀରର ଭିନ୍ନ ଭିନ୍ନ ଅଂଶ ଅଧ୍ୟାପନ କରିବାକୁ ବିଶେଷ ସୁବିଧା ମିଳୁଥିଲା । ଏଥିରୁ ଜଣା ଯାଉଅଛି ଯେ ବ୍ରାହ୍ମଣମାନେ ଜୀବ ହତ୍ୟା କରିବାରେ ବା ମୃତ ଶରୀର ସ୍ପର୍ଶ କରିବାରେ ଘୃଣା କରୁ ନ ଥିଲେ ।

ହିନ୍ଦୁ ସଙ୍ଗୀତ ବିଦ୍ୟା ସମ୍ବନ୍ଧରେ କିଛିମାତ୍ର ବକ୍ତବ୍ୟ ନାହିଁ । ମୁସଲମାନମାନଙ୍କ ସମୟରେ ଏହି ବିଦ୍ୟା ପ୍ରାୟ ନଷ୍ଟପ୍ରାପ୍ତ ହୋଇଥିଲା । ମାତ୍ର ସମ୍ପ୍ରତି ପୁଣି ତାହାର ଚର୍ଚ୍ଚା ବିସ୍ତୃତ ହୋଇଅଛି ।

ବ୍ରାହ୍ମଣ ଯୁଗର ସାହିତ୍ୟ, ରାମାୟଣ ଓ ମହାଭାରତ ନାମକ ଦୁଇଗୋଟି ମହାକାବ୍ୟଦ୍ୱାରା ପ୍ରସିଦ୍ଧ ହୋଇଅଛି ; ଏହି ରାମାୟଣ ଓ ମହାଭାରତ ବିଷୟ ଅନେକ ବାର ଉଲ୍ଲେଖ ହୋଇଅଛି । ପୃଥିବୀ ମଧ୍ୟରେ ମହାଭାରତ ବୃହତ୍ତମ କାବ୍ୟ-ସମୂହ ଅଟେ । ଏଥିରେ ୨୨୦,୦୦୦ ଦୁଇଲକ୍ଷ କୋଡ଼ିଏ ହଜାର ପଂକ୍ତି ଅଛି । ଏବଂ ତହିଁରେ ହିନ୍ଦୁସ୍ଥାନର ବିଭିନ୍ନ ସମୟର କଥାମାନ ସନ୍ନିବିଷ୍ଟ ଅଛି ; ତହିଁ ମଧ୍ୟରୁ କୌଣସି କୌଣସିଟା ବୈଦିକ ସମୟର ଏବଂ କୌଣସି କୌଣସିଟା ବହୁ ପରବର୍ତ୍ତୀ ସମୟର ଅଟେ । ଏହି କାବ୍ୟରେ ୩୦୦୦ ତିନି ହଜାର ବର୍ଷ ପୂର୍ବର ଘଟଣାମାନ ବର୍ଣ୍ଣିତ ହୋଇଅଛି । ତହିଁରେ ଦିଲ୍ଲୀ ନଗର ସମୀପରେ ଦୁଇଗୋଟି ରାଜବଂଶର ଯୁଦ୍ଧ ବିଷୟ ଲିଖିତ ହୋଇଅଛି । ରାଜା ପାଣ୍ଡୁ ସ୍ୱଭ୍ରାତାଙ୍କ ହସ୍ତରେ ନିଜ ରାଜ୍ୟ ସମର୍ପଣ କରି ଦେଇଥିଲେ । ପାଣ୍ଡୁଙ୍କର ପାଞ୍ଚଗୋଟି ପୁତ୍ର ହେଲେ ; ସେମାନଙ୍କର ନାମ ପାଣ୍ଡବ ହେଲା । ପାଣ୍ଡୁଙ୍କ ଭ୍ରାତାଙ୍କର ଏକ ଶତ ପୁତ୍ର ଥିଲେ ; ସେମାନେ କୌରବ ନାମରେ ବିଦିତ । ମହାଭାରତରେ ଏହି ପାଞ୍ଚ ପାଣ୍ଡବ ଓ ଶତ ସଂଖ୍ୟକ କୌରବଙ୍କର ଯୁଦ୍ଧ ବିଷୟ ଲିଖିତ ହୋଇ-

ଅଛି । ମହାଭାରତକୁ ମୁଖ୍ୟ କାବ୍ୟ ବୋଲିବାର କାରଣ ଏହି ଯେ ଇହିଁରୁ ତିନ ସହସ୍ର ବର୍ଷ ପୂର୍ବର ଆର୍ଯ୍ୟମାନଙ୍କର ଜୀବନ ଚରିତ ଉତ୍ତମରୂପେ ଜଣାଯାଏ । ରାମାୟଣ ମହାଭାରତଠାରୁ କ୍ଷୁଦ୍ରତର କାବ୍ୟ ଅଟେ । ମାତ୍ର ଏଥିରେ ୪୮,୦୦୦ ପଂକ୍ତି ଥିବା ସ୍ଥଳେ ତାହାକୁ କ୍ଷୁଦ୍ର କାବ୍ୟ ବୋଲିଯାଇ ନ ପାରେ । ମହାଭାରତରେ ଯେପରି ଦିଲ୍ଲୀରାଜାମାନଙ୍କର ବର୍ଣ୍ଣନ ଅଛି ସେହିପରି ରାମାୟଣରେ ଅଯୋଧ୍ୟା ରାଜାମାନଙ୍କର ବିଷୟ ବର୍ଣ୍ଣିତ ହୋଇଅଛି । ଏହି ଉଭୟ ଗ୍ରନ୍ଥ ପାଠ କଲେ ଜଣା ପଡ଼ଇ ଯେ ଆର୍ଯ୍ୟମାନେ ସେହି ସମୟରେ ପଞ୍ଜାବଠାରୁ ଗଙ୍ଗା ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲେ । ରାମାୟଣରେ ୧ ଶ୍ରୀ ରାମଚନ୍ଦ୍ରଙ୍କର ଜନ୍ମ, ୨ ସ୍ୱୟଂବରରେ ଶିବ-ଧନୁ-ଭଙ୍ଗ ଓ ରାମଚନ୍ଦ୍ରଙ୍କ ସହିତ ସୀତାଙ୍କ ବିବାହ, ୩ ତାହାଙ୍କର ଅଯୋଧ୍ୟା ଦେଶରୁ ବନଗମନ ଓ ବନବାସ, ୪ ଅରଣ୍ୟରେ ରାବଣଦ୍ୱାରା ଲଙ୍କାକୁ ସୀତାହରଣ ଓ ରାମଚନ୍ଦ୍ରଙ୍କର ସୀତାଙ୍କୁ ଅନୁସନ୍ଧାନ କରି ଲଙ୍କାରୁ ଅଯୋଧ୍ୟାକୁ ପୁନରାନୟନ ବିଷୟ ବର୍ଣ୍ଣିତ ହୋଇଅଛି । ମହାଭାରତ ପରି ରାମାୟଣକୁ ମଧ୍ୟ ଏଥିପାଇଁ ମୁଖ୍ୟ କାବ୍ୟ କହନ୍ତି ଯେ ସେଥିରୁ ରାମଚନ୍ଦ୍ରଙ୍କର ଲଙ୍କାକ୍ରମଣ ପ୍ରଭୃତି ଘଟଣାମାନଙ୍କରୁ ଆର୍ଯ୍ୟମାନଙ୍କର ଦକ୍ଷିଣରେ ବିସ୍ତାର ହେବା ବିଷୟ ପ୍ରମାଣୀକୃତ ହେଉଅଛି ।

ବର୍ତ୍ତମାନ ତୁମ୍ଭେମାନେ ଭାରତ ଇତିହାସରେ ବ୍ରାହ୍ମଣ ଯୁଗର ବିଷୟ ପାଠ କଲ । ପରବର୍ତ୍ତୀ ପାଠରେ ବୌଦ୍ଧମତର ବର୍ଣ୍ଣନ କରାଯିବ । ଏହି ଧର୍ମ୍ମରୁ ଏକ ସମୟରେ ବ୍ରାହ୍ମଣ ଧର୍ମ୍ମରେ ବାଧା ପଡ଼ିଥିବାର ଭୟ ହୋଇଥିଲା ; ମାତ୍ର ତାହା ବ୍ରାହ୍ମଣ ଧର୍ମ୍ମରେ କେବେହେଁ ବ୍ୟାଘାତ ଘଟାଇ ପାରିଲା ନାହିଁ ।

# ପାଠ ୭୧ ।

## ବୌଦ୍ଧ ଧର୍ମ ।

ତୁମ୍ଭେମାନେ ପୂର୍ବୋକ୍ତ ପାଠର ଶେଷରେ ପଢ଼ିଅଛ ଯେ ବ୍ରାହ୍ମଣ ଧର୍ମ ମଧ୍ୟରେ ବୌଦ୍ଧ ଧର୍ମ ପ୍ରବେଶ କରିବାରୁ ମହାନ୍ ବିଶୃଙ୍ଖଳା ଘଟିଥିଲା । ବର୍ତ୍ତମାନ ବୁଦ୍ଧ ଦେବ କିଏ ଥିଲେ ଓ ସେ କେଉଁ ଧର୍ମ ସଂସ୍ଥାପନ କରିଥିଲେ ତାହା ତୁମ୍ଭମାନଙ୍କର ଜାଣିବା ଉଚିତ ।

ଖ୍ରୀଷ୍ଟ ଜନ୍ମର ଷଷ୍ଠ ଶତାବ୍ଦୀର ପୂର୍ବରେ ଶୁଦ୍ଧୋଦନ କପିଳବସ୍ତୁ ନାମ୍ନୀ ନଗରୀର ରାଜା ଥିଲେ । ଉକ୍ତ ନଗରୀ କାଶୀରୁ ଏକଶତ ମାଇଲ ଉତ୍ତରରେ ଅବସ୍ଥିତ । ସେହି ନଗରୀରୁ ତୁଷାରାବୃତ ହିମାଳୟ ପର୍ବତ ଦୃଷ୍ଟିଗୋଚର ହୁଏ । ଏହି ରାଜାଙ୍କର ପୁତ୍ରର ନାମ ଗୌତମ ଥିଲା । ଗୌତମ ଶୈଶବାବସ୍ଥାରୁ ନିଜ ସହଚରମାନଙ୍କ ସଙ୍ଗରେ କ୍ରୀଡ଼ା କୌତୁକରେ ଆସକ୍ତ ନ ଥାଇ ଅହରହ ଧ୍ୟାନମଗ୍ନ ରହୁଥିଲେ । ସେ ଯେଉଁପରି ଯୌବନାବସ୍ଥାରେ ପଦାର୍ପଣ କଲେ ସେହିପରି ତାହାଙ୍କର ବାଲ୍ୟକାଳୀନ ଧର୍ମଭାବ ହ୍ରାସ ହେବାକୁ ଲାଗିଲା; ଏବଂ ଯୌବନକାଳୀନ କ୍ରୀଡ଼ା ଓ ବ୍ୟାୟାମାଦି ଶାରୀରିକ ଶିକ୍ଷାରେ ମନୋନିବେଶ କରିବାରୁ ତହିଁରେ ପ୍ରବୀଣତା ଲାଭ କରି ନିଜର ସୁକୀର୍ତ୍ତି ବିସ୍ତାର କଲେ ଓ ଅନ୍ୟାନ୍ୟ ଭୂପାଳଗଣଙ୍କୁ ଶସ୍ତ୍ର-ବିଦ୍ୟାରେ ପରାସ୍ତ କରି ଏକ ରୂପବତୀ କନ୍ୟାର ପାଣିଗ୍ରହଣ କଲେ । ସେ ପ୍ରାୟ ଦଶ ବର୍ଷ ପର୍ଯ୍ୟନ୍ତ ନିଜ ସ୍ତ୍ରୀ ସଙ୍ଗରେ ଗୃହସ୍ଥାଶ୍ରମରେ ବାସ କରି କାଳକ୍ରମରେ ଗୋଟିଏ ପୁତ୍ର ସନ୍ତାନ ଲାଭ କଲେ । ବର୍ତ୍ତମାନ ତାହାଙ୍କର ସେହି ପୂର୍ବ ଧର୍ମଭାବ ବାଲ୍ୟାବସ୍ଥାରୁ ଅଙ୍କୁରିତ ହୋଇ ଆସି ଥିବାରୁ ଓ ସଦାବେଳେ ତାଙ୍କ ମନରେ ନ୍ୟୂନାଧିକ ପରିମାଣରେ ଜାଗ୍ରତ ଥିବାରୁ ବର୍ତ୍ତମାନ ବେଳକୁବେଳ ଦୃଢ଼ତର ହେବାକୁ ଲାଗିଲା । ତେଣୁକରି ଗୌତମ ନିଜର ସ୍ତ୍ରୀ, ନବ ପ୍ରସୂତ ବାଳକ, ଧନ

ସମ୍ପତ୍ତି ଓ ସୁଖଭୋଗାଦି ପରିତ୍ୟାଗ ପୂର୍ବକ ଯୋଗିବେଶ ଧାରଣ କରି ଘୋର ଅରଣ୍ୟାନୀ ମଧ୍ୟରେ ପ୍ରବେଶ କଲେ ଓ ତପସ୍ୟାଚରଣରେ ପ୍ରବୃତ୍ତ ହେଲେ । ଏହାକୁ ମହାତ୍ୟାଗ ବୋଲନ୍ତି । ସେ ଛଅ ବର୍ଷ ପର୍ଯ୍ୟନ୍ତ ଗୟା ନିକଟବର୍ତ୍ତୀ ଜଙ୍ଗଲ ମଧ୍ୟରେ କଠିନ ତପସ୍ୟା ସାଧନ କରିଥିଲେ । ଏଠାରେ ଗୋଟିଏ ପ୍ରସିଦ୍ଧ ବୌଦ୍ଧ ମନ୍ଦିର ଅଦ୍ୟାବଧି ବିଦ୍ୟ-ମାନ ଅଛି । ତପସ୍ୟା ସାଧନରେ ସମଧିକ ଦୁର୍ବଳ ହୋଇ ଯିବାରୁ ଦିନ-କରେ ତାହାଙ୍କର ଶିରୋଘୂର୍ଣ୍ଣନ ହେଲା କିୟତ୍‌କାଳ ପରେ ଚେତନା ଲାଭ କରି ସେ କହିଲେ କି ଆମ୍ଭଙ୍କୁ ମୁକ୍ତି ପଥ ମିଳିଅଛି । ବୌଦ୍ଧ ମତାନୁ-ମୋଦିତ ମୁକ୍ତିପଥ, ମୂର୍ଖଭାବଲମ୍ବନ ପୂର୍ବକ ଯୋଗାଭ୍ୟାସ କଲେ ପ୍ରାପ୍ତ ହୁଏ ନାହିଁ; ମାତ୍ର ସଦାଚରଣରେ ଏବଂ ଜନସାଧାରଣଙ୍କୁ ଏହି ନୂତନ ଧର୍ମ ଉପଦେଶ ଦେବାରେହିଁ ପ୍ରାପ୍ତ ହୋଇପାରେ । ତେଣୁକରି ଗୌତମ ଜଙ୍ଗଲରେ ଅବସ୍ଥାନ ଓ ତପଶ୍ଚରଣ ପରିତ୍ୟାଗ ପୂର୍ବକ ଲୋକମାନଙ୍କୁ ନିଜମତ ଶିକ୍ଷା ଦେବାକୁ ଲାଗିଲେ । ସେହି ଦିନଠାରୁ ସେ ଗୌତମ ନାମରେ ଅଭିହିତ ନ ହୋଇ ବୁଦ୍ଧ ଅର୍ଥାତ୍ ବୁଦ୍ଧିମାନ ବୋଲି ପ୍ରଖ୍ୟାତ ହେଲେ ।

ବୁଦ୍ଧଦେବ କାଶୀ ନିକଟରେ ପ୍ରକାଶ୍ୟଭାବରେ ଲୋକମାନଙ୍କୁ ଶିକ୍ଷା ଦେବାକୁ ଆରମ୍ଭ କଲେ । ବ୍ରାହ୍ମଣମାନଙ୍କପରି ତାହାଙ୍କର ଶିକ୍ଷା କେବଳ ଗୋଟିଏ ଜାତି ପ୍ରତି ଲକ୍ଷ୍ୟ ନ ଥିଲା; ସେ ସମଗ୍ର ଲୋକମାନଙ୍କୁ ଶିକ୍ଷା ଦାନ କରୁଥିଲେ । ପ୍ରାରମ୍ଭରେ ଯେଉଁ ଲୋକମାନେ ତାହାଙ୍କର ଧର୍ମରେ ଦୀକ୍ଷିତ ହେଉଥିଲେ ସେମାନେ ସାଧାରଣତଃ ହୀନହୀନ ଲୋକଥିଲେ ଓ ସେମାନଙ୍କ ମଧ୍ୟରେ ଅନେକ ଟିକିଏ ସ୍ତ୍ରୀ ମଧ୍ୟ ଥିଲେ । ବର୍ଷ ମଧ୍ୟରେ ସେ ଆଠ ମାସ ପର୍ଯ୍ୟନ୍ତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ, ଧର୍ମୋପଦେଶ ଦାନ କରି୍ ଭ୍ରମଣ କରୁଥିଲେ । ବର୍ଷା ଚାରିମାସ ମଧ୍ୟରେ କୌଣସି ଏକ ସ୍ଥାନରେ ଅବସ୍ଥାନ କରୁଥିଲେ । ସେଠାରେ ମଧ୍ୟ ଲୋକମାନଙ୍କର ବିଶେଷ ଜନତା ହୋଇ ଯାଉଥିଲା । ଅତ୍ୟଳ୍ପ ସମୟ ମଧ୍ୟରେ ତାହାଙ୍କ ଧର୍ମରେ ଅନେକ

ଶିଷ୍ୟ ଦୀକ୍ଷିତ ହୋଇଥିଲେ ଓ ଅନେକେ ତାହାଙ୍କ ଧର୍ମରେ ବିଶ୍ୱାସ ସ୍ଥାପନ କରିବାକୁ ଲାଗିଲେ । ସେମାନଙ୍କୁ ମଧ୍ୟ ଏହି ଆଦେଶ ଦେଲେ କି ତୁମ୍ଭେମାନେ ଆମ୍ଭପରି ଦେଶ ଦେଶାନ୍ତରରେ ବିଚରଣ ପୂର୍ବକ ଲୋକ-ମାନଙ୍କୁ ଉପଦେଶ ପ୍ରଦାନ କର । ଏହିରୂପେ ତାଙ୍କର ମତ ଶୀଘ୍ର ଦୂରଦୂର ଦେଶମାନଙ୍କରେ ବିସ୍ତୃତ ହୋଇଗଲା । ସେ ଏହି ପ୍ରକାରରେ ଜୀବନ ଯାପନ କରି ଅଶୀତି ବର୍ଷ ବୟଃକ୍ରମ କାଳରେ ଗୋଟିଏ ଶାଲ୍ମଳୀ ବୃକ୍ଷ ତଳରେ କାଳପ୍ରାପ୍ତ ହେଲେ । ଏହି ବୃକ୍ଷ ତଳରେ ସେ ସବୁଦିନେ ବାସ କରୁଥିଲେ । ତାହାଙ୍କ ଉପଦେଶାନୁସାରେ ସେ ନିର୍ବାଣ ଦଶା ପ୍ରାପ୍ତ ହେଲେ ।

ବୌଦ୍ଧଧର୍ମ, ହିନ୍ଦୁସ୍ଥାନର ଧର୍ମମାନଙ୍କ ମଧ୍ୟରେ ବ୍ରାହ୍ମଣ ଧର୍ମ ଉପରେ ଆଧିପତ୍ୟ ସଂସ୍ଥାପନ କରିବାପାଇଁ ପ୍ରାୟ ଏକ ହଜାର ବର୍ଷରୁ ଅଧିକ କାଳ ପର୍ଯ୍ୟନ୍ତ ପ୍ରତିଦ୍ୱନ୍ଦୀ ହୋଇଥିଲା । ପରଶେଷରେ ବୌଦ୍ଧମତର ପରା-ଜୟ ହେଲା । ବର୍ତ୍ତମାନ ହିନ୍ଦୁସ୍ଥାନରେ ପ୍ରାୟ ଦେଢ ଲକ୍ଷ ବୌଦ୍ଧ ଧର୍ମା-ବଲମ୍ବୀ ଲୋକ ଦେଖାଯିବା କଠିନ । ପ୍ରକୃତ କହିବାକୁ ଗଲେ, ଯେଉଁ ଭାରତବର୍ଷରେ ଏହି ଧର୍ମ ପ୍ରତିଷ୍ଠିତ ହୋଇଥିଲା, ସେହି ଦେଶରୁ ଏହାର ଭିତ୍ତି ସମୂଳରେ ଉତ୍ପାଟିତ ହେଲା । ମାତ୍ର ଏହି ଧର୍ମ ଅନ୍ୟାନ୍ୟ ଦେଶରେ ଯେତେଦୂର ଉନ୍ନତି ଲାଭ କରିଅଛି, ଭାରତବର୍ଷରେ, ବୌଦ୍ଧଧର୍ମ ଅତ୍ୟୁଚ୍ଚ ସୋପାନରେ ଆସୀନ ଥିଲାବେଳେ ସୁଦ୍ଧା ତେତେଦୂର-ଉନ୍ନତି ଲଭି ନାହିଁ । ଗଣନାଦ୍ୱାରା ଦେଖା ଯାଇଅଛି ଯେ ଆଜି କାଲି ପଞ୍ଚାଶ କୋଟି ମନୁଷ୍ୟ ବୌଦ୍ଧଧର୍ମାବଲମ୍ବୀ ଅଟନ୍ତି । ଏହି ସଂଖ୍ୟାଟି ହିନ୍ଦୁ ଲୋକ ସଂଖ୍ୟାର ଦୁଇଗୁଣ ଓ ସମଗ୍ର ପୃଥିବୀସ୍ଥ ଲୋକ ସଂଖ୍ୟାର ୍ଠ ଅଂଶ ଅଟେ । ଖ୍ରୀଷ୍ଟୀୟ ଓ ମୁସଲମାନ ଧର୍ମ ସଙ୍ଗରେ ଏହି ଧର୍ମକୁ ମିଶାଇଲେ ପୃଥିବୀ ମଧ୍ୟରେ ତିନିଗୋଟି ପ୍ରଧାନ ଧର୍ମ ପ୍ରତିଷ୍ଠିତ ହୋଇଅଛି । ମାତ୍ର ପ୍ରତ୍ୟେକ ମତରେ ଅବଲମ୍ବନକାରିମାନଙ୍କର ସଂଖ୍ୟା ବିଚାର କରି ଦେଖିଲେ ଜଣାଯାଏ

ଯେ ପ୍ରଥମୋକ୍ତ ଉଭୟ ସମ୍ପ୍ରଦାୟ ଭୁକ୍ତ ଲୋକ ସଂଖ୍ୟାଠାରୁ ବୌଦ୍ଧ-ମତାବଲମ୍ବିମାନଙ୍କ ସଂଖ୍ୟା ଅଧିକ ଅଟେ ।

ଉଲ୍ଲିଖିତ ଇତିହାସ ପଠନ କରି ବିଚାର କଲେ ତୁମ୍ଭମାନଙ୍କ ହୃଦୟରେ ଦୁଇଗୋଟି ଭାବ ଉତ୍ପନ୍ନ ହେବ କି ଏପରି ଜଣେ ସାମାନ୍ୟ ଲୋକର ଉପଦେଶରୁ କିପରି ଏଡ଼େ ବଡ଼ ଧର୍ମ ପ୍ରତିଷ୍ଠିତ ହେଲା? ଓ ସେହି ଧର୍ମରେ କି କି ବିଶେଷତ୍ୱ ଓ ଆଦେଶ ଅଛି? ଏହି ଉଭୟ ପ୍ରଶ୍ନର ଉତ୍ତର ଗୋଟିଏ୨ କରି ପରେ ପର୍ଯ୍ୟାଲୋଚନା କରାଯିବ ।

ସମସ୍ତଙ୍କୁ ବିଦିତ ଅଛି ଯେ, ଧର୍ମସମ୍ବନ୍ଧୀୟ ଶିକ୍ଷା ହେଉ ବା ନ ହେଉ ଯଦି କୌଣସି ଶିକ୍ଷାରେ ଅଧିକ ସଂଖ୍ୟକ ବିଶ୍ୱାସକାରୀ ଉପସ୍ଥିତ ହୁଅନ୍ତି, ତେବେ ଏହା ଅବଶ୍ୟ ହୃଦ୍‌ବୋଧ କରିବାକୁ ହେବ କି ଉପରୋକ୍ତ ଶିକ୍ଷା ସେମାନଙ୍କ ଇଚ୍ଛାନୁରୂପ ହୋଇଅଛି ଓ ସେ ଶିକ୍ଷାରେ ଏପରି କିଛି କଥା ଅଛି ଯାହା କି ସେମାନେ ଇଚ୍ଛା କରୁଅଛନ୍ତି ଓ ଯାହାକି ସେମାନେ ବିଶେଷତଃ ଅନେକକାଳରୁ ଆଶା କରୁଥିଲେ ।

ଭୂମି ଯେପର୍ଯ୍ୟନ୍ତ ହଳଲଙ୍ଗଳଦ୍ୱାରା କର୍ଷିତ ନ ହୁଏ ବା ତହିଁରେ ଜଳଦାନ କରା ନ ଯାଏ ସେ ପର୍ଯ୍ୟନ୍ତ ତହିଁରେ ବପନ କଲେ ବୀଜ ଅଙ୍କୁରିତ ହୁଏ ନାହିଁ ଓ ବୃକ୍ଷ ଭଲରୂପେ ଉଠଇ ନାହିଁ । ଭୂମି ସ୍ୱଭାବତଃ ବୀଜର ଅନୁକୂଳ ନ ହେଲେ ଫଳବତୀ ହୁଅଇ ନାହିଁ । ସେହିପରି ମନୁଷ୍ୟର ହୃଦୟ ସ୍ୱଭାବତଃ ଶିକ୍ଷା ଗ୍ରହଣ ତତ୍ପର ନ ହେଲେ ବା ପ୍ରଥମରୁ ଶ୍ରୋତାମାନଙ୍କର ହୃଦୟକୁ ଶିକ୍ଷା ଗ୍ରହଣୋପଯୋଗୀ କରା ନ ଗଲେ ଉପଦେଶ ସେମାନଙ୍କ ହୃଦୟପଟରେ ପ୍ରବେଶ କରି ନ ପାରେ । ଖ୍ରୀଷ୍ଟ ଜନ୍ମର ୬୦୦ ବର୍ଷ ପୂର୍ବେ ଲୋକମାନଙ୍କର ମନ ସ୍ୱଭାବତଃ ବୌଦ୍ଧଧର୍ମ ଶିକ୍ଷା ଗ୍ରହଣ କରିବାର ଅନୁକୂଳ ଥିଲା ।

ବ୍ରାହ୍ମଣମାନଙ୍କ ଧର୍ମରେ ଅତ୍ୟୁତ୍ତମ ବିଷୟମାନ ଥିଲା । ମାତ୍ର ସାଧାରଣ ଲୋକମାନଙ୍କୁ ତାହା ଶିକ୍ଷା ଦିଆଯାଉ ନ ଥିଲା । ସେମାନଙ୍କ ଉପଦେଶ

କେବଳ ଏକ ଜାତିର ପ୍ରତି ଲକ୍ଷ୍ୟ କରା ଯାଉଥିଲା । ତହିଁର ନିୟମ ଗୁଡ଼ିକ ରୀତିନୀତି ପ୍ରତିପାଳନ ପାଇଁ ଥିଲା; ମାତ୍ର ସଦାଚରଣର ଅନୁବର୍ତ୍ତୀ ହେବାକୁ ନୁହେ । ବୁଦ୍ଧଦେବ ଓ ତାହାଙ୍କ ଶିଷ୍ୟଗଣର ଶିକ୍ଷା ତହିଁରୁ ଭିନ୍ନ ଥିଲା । ଏହାଙ୍କ ଶିକ୍ଷା ଉଚ୍ଚ, ନୀଚ, ଜାତିଭ୍ରଷ୍ଟ ସମଗ୍ର ଲୋକଙ୍କ ପାଇଁ ହୋଇଥିଲା । ଏହି ଧର୍ମର ଉଦ୍ଦେଶ୍ୟ ଏହି କି, କେବଳ ସଦାଚରଣ ଅବଲମ୍ବନ କଲେ ମୋକ୍ଷପଦ ଲାଭ ହୁଏ; ମାତ୍ର ଯଜ୍ଞାଦି କର୍ମ୍ମ ସାଂସାରିକ ରୀତିନୀତି ଆଦି ଅନୁସରଣ କଲେ ପ୍ରାପ୍ତ ହୁଏ ନାହିଁ । ଏହି ଧର୍ମ ଏହି ସବୁ କାରଣ ହେତୁରୁ ଏକ ଜାତୀୟ ଲୋକଙ୍କୁ ମାନିବାର ସୁଯୋଗ ହୋଇ ପାଉ ନାହିଁ; ବରଂ ସମଗ୍ର ଜାତୀୟ ଲୋକମାନଙ୍କୁ ଅବଲମ୍ବନ କରି-ବାକୁ ପଡ଼ିଲା । ତହିଁରେ ପୂଜକମାନଙ୍କର କେବଳ ରୀତିନୀତିର କଥା ଉଲ୍ଲେଖ ହୋଇନାହିଁ । ସମଗ୍ର ଲୋକମାନଙ୍କର କର୍ତ୍ତବ୍ୟ କର୍ମ ଏବଂ ସେମାନଙ୍କର ନିତ୍ୟ ନୈମିତ୍ତିକ କ୍ରିୟାନୁଷ୍ଠାନର ନିୟମ ଗୁଡ଼ିକ ଉଲ୍ଲେଖ କରା ଯାଇଅଛି । ପୂର୍ବୋକ୍ତ ବିଷୟମାନଙ୍କରୁ ସହଜରେ ଅନୁମିତ ହେବ ଯେ କିପରି ଏହି ଧର୍ମ, ସମସ୍ତ ଲୋକମାନଙ୍କ ମଧ୍ୟରେ ବିସ୍ତାରିତ ହୋଇ-ଗଲା ।

ବୁଦ୍ଧଦେବଙ୍କ ଶିକ୍ଷାନୁସାରେ କର୍ମରୁ ସୁଖ-ଦୁଃଖ ପ୍ରାପ୍ତ ହୁଏ । ସେ କହନ୍ତି କି ପୂର୍ବ ଜନ୍ମରେ ଦୁଷ୍କର୍ମ କରିଥିଲେ ଇହ ଜନ୍ମରେ ଦୁଃଖ ଲାଭ ହୁଏ । ଯଦି ଆମ୍ଭେମାନେ ଏହି ସଂସାରରେ ସୁଖ ଭୋଗ କରୁଁ ତେବେ ଏହା ଅବଶ୍ୟ ବିଶ୍ୱାସ କରିବାକୁ ହେବ କି ପୂର୍ବ ଜନ୍ମକୃତ ଶୁଭକାର୍ଯ୍ୟ ହେତୁରୁ ଏପରି ଫଳମାନ ଘଟିଅଛି । ମରଣାନ୍ତେ ଲୋକମାନେ ସେମାନଙ୍କର ସ୍ୱସ୍ୱ ଅନୁଷ୍ଠିତ କାର୍ଯ୍ୟକଳାପର ଫଳସ୍ୱରୂପ ଭଲମନ୍ଦ ଜନ୍ମ ଲାଭ କରନ୍ତି । [illegible] ମନୁଷ୍ୟର ପୂର୍ବ ଜନ୍ମର ଦୁଃଖରେ ନ ପଡ଼ିବା ଓ ମରଣାନ୍ତେ ପୁନର୍ଜନ୍ମ ନ ଲଭିବା ବାଞ୍ଛନୀୟ ଅଟେ । କୌଣସି୨ ପଣ୍ଡିତମାନେ, ମରଣାନ୍ତେ ପୁନର୍ଜନ୍ମ ନ ହେବାକୁ ପ୍ରଦୀପର ନିର୍ବାଣ ଦଶା ସହିତରେ ତୁଳନା କରନ୍ତି । ଏତଦ୍ପୂର-

ବର୍ତ୍ତିରେ ସମୁଦ୍ର ସହିତ ନଦୀର ସମ୍ମିଳନ ଓ ତାହାର ଜାତ ନାଶ ସହିତ ଏହାର ତୁଳନା କଲେ ବରଂ ଭଲ ହୁଏ। ଯେପରି ସମୁଦ୍ର ସହିତ ମିଳିତ ହେଲେ ନଦୀର ନାମ ନଷ୍ଟ ହୋଇଥାଏ, ସେହିପରି ଉତ୍ତମ ସଦାଶୟ ଲୋକମାନଙ୍କର ଆତ୍ମା ନିତ୍ୟ ପରମାତ୍ମାରେ ପ୍ରବେଶ କରେ ଓ ତହିଁର ଗମନାଗମନ ଲୋପପ୍ରାପ୍ତ ହୁଏ। ଏହାକୁ ନିର୍ବାଣ କହନ୍ତି। ଏହା ଲଭିବାକୁ ସମସ୍ତଙ୍କର ସର୍ବତୋଭାବରେ ଚେଷ୍ଟା କରିବାର ବିଧେୟ।

ସମୁଦାୟ ଧର୍ମରୁ ବୌଦ୍ଧଧର୍ମ ଅଧିକ ଉପଦେଶଗର୍ଭ ଧର୍ମ ଅଟେ। ବୌଦ୍ଧ ଧର୍ମୋପଦେଶକମାନେ, ସେମାନଙ୍କୁ ଯେଉଁ୨ ଦେଶମାନ ଜଣାଥିଲା ସେହି୨ ଦେଶମାନଙ୍କରେ ଭ୍ରମଣ କରି ଶିକ୍ଷା ଦେଉଥିଲେ; ମାତ୍ର ଦୁଷ୍ଟତା ବା ବଳହାର ପୂର୍ବକ ଧର୍ମ ପ୍ରଚାର କରିବାକୁ ଚାହୁଁ ନ ଥିଲେ। ଏହା ସେମାନଙ୍କ ଧର୍ମର ଗୋଟିଏ ବଡ଼ ପ୍ରଶଂସାର କଥା। ଏହି ଧର୍ମରେ ପୂର୍ବୋକ୍ତ ଧର୍ମମାନଙ୍କ ପରି ଧର୍ମୋତ୍ସାହ ବା ଚିତ୍ତଚାଞ୍ଚଲ୍ୟ ଦେଖାଯାଏ ନାହିଁ। ବୌଦ୍ଧମତର ଶିକ୍ଷା-ପାଇଁ, ଖ୍ରୀଷ୍ଟ ଧର୍ମର ପରି ସାମୟିକ ସଭା ସଂସ୍ଥାପିତ ହେଉଥିଲା। ତହିଁରେ ଉପଦେଶ ଗୁଡ଼ିକର ସମାଲୋଚନା କରାଯାଇ ସଦସଦ୍ ଶିକ୍ଷାର ଭିନ୍ନତା ପ୍ରତିପାଦିତ ହେଉଥିଲା। ଏପ୍ରକାର ସଭାରେ ଆନ୍ଦୋଳିତ ଓ ବିବେଚିତ ହୋଇ ବୌଦ୍ଧମତ ଗୁଡ଼ିକ ସର୍ବଦା ପବିତ୍ର ହୋଇ ରହିଲା। ତହିଁର ଗୋଟିଏ ମହାସଭା ବୁଦ୍ଧଦେବଙ୍କ ମୃତ୍ୟୁର ପାଞ୍ଚବର୍ଷ ପରେ ଖ୍ରୀଷ୍ଟ ଜନ୍ମର ୫୪୩ ବର୍ଷ ପୂର୍ବେ, ସଂସ୍ଥାପିତ ହୋଇଥିଲା ଓ ଅନ୍ୟଟି ୪୪୩ ବର୍ଷ ପୂର୍ବେ। ତୃତୀୟଟି ମଗଧ ବା ବିହାର ଦେଶର ସୁବିଖ୍ୟାତ ଓ ବୁଦ୍ଧିମାନ ଅଶୋକ-ରାଜା, ଖ୍ରୀଷ୍ଟ ଜନ୍ମର ୨୪୪ ବର୍ଷ ପୂର୍ବେ ସଂସ୍ଥାପନ କରିଥିଲେ। ଅଶୋକ ମହାରାଜା ବୌଦ୍ଧଧର୍ମର ଗୋଟିଏ ପ୍ରକାଣ୍ଡ ସ୍ତମ୍ଭ ଥିଲେ। ସେ ଉକ୍ତ ଧର୍ମର ଶିକ୍ଷା ଦେବା ସକାଶେ ଦୂରଦୂର ଦେଶକୁ ଉପଦେଶକ ପ୍ରେରଣ କରି-ଥିଲେ। ଅଦ୍ୟପର୍ଯ୍ୟନ୍ତ ଅଶୋକ ମହାରାଜାଙ୍କର ଉପଦେଶ, ଏହି ପ୍ରଦେଶ ଓ ମଗଧ ଦେଶରେ, କ୍ଷୁଦ୍ର୨ ପର୍ବତ ଓ ପ୍ରସ୍ତରମାନଙ୍କରେ ଖୋଦିତ ହୋଇ

ପ୍ରଚାର ପ୍ରାପ୍ତ ହୁଏ। ଏପରି କଥିତ ଅଛି କି ଅଶୋକ ମହାରାଜା ୬୪୦୦୦ ବୌଦ୍ଧଧର୍ମର ପୂଜକମାନଙ୍କୁ ପାଳନ କରୁଥିଲେ । ଏହି କାରଣରୁ ମଗଧ-ଦେଶର ନାମ ବିହାର ହେଲା; ଏହାର ଅର୍ଥ ମଠର ଦେଶ ଅଟେ । ଉତ୍ତର ପଶ୍ଚିମ ହିନ୍ଦୁସ୍ଥାନରେ ସନ ୪୦ ଖ୍ରୀଷ୍ଟାବ୍ଦରେ ସିଦ୍ଧିଆ ଜାତିର ରାଜା କନିଷ୍କ, ଚତୁର୍ଥ ଓ ଶେଷ ସମିତି ସଂସ୍ଥାପନ କରିଥିଲେ । ସେ ସେମାନଙ୍କର ଧର୍ମପୁସ୍ତକ ସଂଶୋଧନ କରିଥିଲେ । ଏହି ଧର୍ମଗ୍ରନ୍ଥ ଗୁଡ଼ିକ ତିବ୍ବତ ତୁର୍କିସ୍ଥାନ ଓ ଚୀନ ଦେଶରେ ଏପର୍ଯ୍ୟନ୍ତ ପ୍ରଚଳିତ ଅଛି । ଏପରି କଥିତ ଅଛି କି ବ୍ରାହ୍ମଣମାନଙ୍କ ଧର୍ମର ପ୍ରାଧାନ୍ୟ ହେତୁରୁ ବୌଦ୍ଧଧର୍ମ ହିନ୍ଦୁସ୍ଥାନରେ ଚଳି ପାରିଲା ନାହିଁ; ମାଏ ବୌଦ୍ଧମତ ବ୍ରାହ୍ମଣଧର୍ମରେ ବଡ଼ ବିଶୃଙ୍ଖଳା ଘଟାଇ-ଥିଲା । ଏଣୁ ବ୍ରାହ୍ମଣମାନଙ୍କୁ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କର ନବମ ଅବତାର ବୋଲି ବିଶ୍ୱାସ କରିବାକୁ ପଡ଼ିଲା । ହିନ୍ଦୁସ୍ଥାନରେ ଏପର୍ଯ୍ୟନ୍ତ ଏପରି ଗୋଟିଏ ସମ୍ପ୍ରଦାୟ ବିଦ୍ୟମାନ ଅଛି କି ଯହିଁରେ ଏହି ଦୁଇ ଧର୍ମର ଅନେକ ସାର କଥା ଦେଖାଯାଏ । ଏହି ସମ୍ପ୍ରଦାୟ ଜୈନନାମରେ ଅଭିହିତ । ବୌଦ୍ଧମତାବଲମ୍ବୀମାନଙ୍କ ପରି ସେମାନଙ୍କର ମଧ୍ୟ ବିଶ୍ୱାସ ଅଛି କି ମୋକ୍ଷ କର୍ମର ଅଧୀନ ଅଟେ ଓ ସେମାନେ ବୌଦ୍ଧମାନଙ୍କ ପରି ଜୀବମାନଙ୍କୁ କ୍ଳେଶ ଦେବାକୁ ଅଧର୍ମ ବୋଲି ଜ୍ଞାନ କରନ୍ତି । ସେମାନେ ଜୀବମାନଙ୍କ ହିତାର୍ଥେ ଔଷଧାଳୟ ସଂସ୍ଥାପନ କରିଥିଲେ ଏବଂ ସେ ସବୁ ପଶ୍ଚିମାଞ୍ଚଳରେ ଅଦ୍ୟାବଧି ଦେଖାଯାଏ । ଜୀବମାନଙ୍କ ପ୍ରତି ଦୟା, ଏବଂ ଯେଉଁ ବ୍ରାହ୍ମଣ-ପ୍ରଭୃତି ହିନ୍ଦୁମାନେ ମୂକ ଜନ୍ତୁମାନଙ୍କ ଉପରେ ନିର୍ଦ୍ଦୟତା ପ୍ରକାଶ କରିବାର ଉଦାହରଣ ସ୍ଥଳ ହୋଇଅଛନ୍ତି ସେହି ହିନ୍ଦୁମାନଙ୍କର କାର୍ଯ୍ୟର ନିନ୍ଦାବାଦ କରିବା ସେମାନଙ୍କ ଧର୍ମର ପ୍ରଶଂସାର ବିଷୟ ଅଟେ ।